

◀ ଆଜିର 'ସକାଳ' ସହ 'ସିନ୍ଦୂରା' ପଢ଼ନ୍ତୁ


RNI REGD NO: 42041/83
www.sakalaepaper.com
/sakalanews
/sakalanews
www.thesakala.in

# ସକାଳ
THE SAKALA

PRINTED AT BHUBANESWAR ■ JEYPORE ■ SAMBALPUR ■ PANIKOILI

◆VOLUME- 43 ◆ISSUE-353 ◆SUNDAY ◆21 JUNE 2026 ◆PAGE-12+4 ◆₹ 7.00 | BHUBANESWAR | ◆ବର୍ଷ-୪୩ ◆ସଂଖ୍ୟା-୩୫୩ ◆ରବିବାର ◆୨୧ ଜୁନ୍ ୨୦୨୬ ◆ପୃଷ୍ଠା-୧୨+୪ (ସିନ୍ଦୂରା) ◆ଟ.୭.୦୦


# ନିର୍ମାଣାଧୀନ ମନ୍ଦିର ଛାତ ଭୁଶୁଡ଼ି ୭ ମୃତ, ୩୦ ଆହତ

■ ପରଭଣୀ, ୨୦।୬ (ଏଜେନ୍ସି): ମହାରାଷ୍ଟ୍ରର ପରଭଣୀ ଜିଲ୍ଲାର ୟଶୱାଡିଠାରେ ଆଜି ଏକ ନିର୍ମାଣାଧୀନ ହନୁମାନ ମନ୍ଦିରର ଛାତ ଭୁଶୁଡ଼ି ପଡ଼ିବା ଫଳରେ ଅତିକମରେ ୭ ଜଣ ଶ୍ରଦ୍ଧାଳୁ ପ୍ରାଣ ହରାଇଛନ୍ତି। ଏଥିରେ ଅନ୍ୟ ୩୦ ଜଣ ଗୁରୁତର ଭାବେ ଆହତ ହୋଇଛନ୍ତି। ୪୦ ଜଣ ଶ୍ରଦ୍ଧାଳୁ ଭଗ୍ନାବଶେଷ ତଳେ ଚାପିହୋଇ ରହିଥିବା କୁହାଯାଉଛି। ମନ୍ଦିର ପରିସରରେ ଏକ ଧାର୍ମିକ କାର୍ଯ୍ୟକ୍ରମ ଚାଲିଥିବା ସମୟରେ ଏହି ଅଭାବନୀୟ ଘଟଣା ସ୍ଥାନୀୟ ଅଞ୍ଚଳରେ ଶୋକାକୁଳ ପରିବେଶ ସୃଷ୍ଟି କରିଛି।

**ଫସି ରହିଛନ୍ତି ୪୦ ଶ୍ରଦ୍ଧାଳୁ**

ମିଳିଥିବା ସୂଚନା ଅନୁଯାୟୀ, ଶନିବାର ଅପରାହ୍ନରେ ୟଶୱାଡି ଗ୍ରାମର ଏହି ନିର୍ମାଣାଧୀନ ହନୁମାନ ମନ୍ଦିରରେ ବହୁ ସଂଖ୍ୟାରେ ଶ୍ରଦ୍ଧାଳୁ ଏକତ୍ରିତ ହୋଇ ଧାର୍ମିକ ଉତ୍ସବ ପାଳନ କରୁଥିଲେ। ଏହି ସମୟରେ ହଠାତ୍ ମନ୍ଦିରର କଂକ୍ରିଟ୍ ଛାତଟି ଭୁଶୁଡ଼ି ପଡ଼ିଥିଲା, ଯାହାଫଳରେ ସେଠାରେ ଉପସ୍ଥିତ ଥିବା ଲୋକମାନେ ଧ୍ୱଂସାବଶେଷ ତଳେ ଚାପି ହୋଇଯାଇଥିଲେ। ଖବର ପାଇ ସ୍ଥାନୀୟ ପ୍ରଶାସନ ଏବଂ ଉଦ୍ଧାରକାରୀ ଦଳ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲେ। ଦୁର୍ଘଟଣାରେ ଆହତ ହୋଇଥିବା ୩୦ ଜଣ ବ୍ୟକ୍ତିଙ୍କୁ ତୁରନ୍ତ ଉଦ୍ଧାର କରାଯାଇ ବିଭିନ୍ନ ନିକଟସ୍ଥ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଛି। ଆହତମାନଙ୍କ ମଧ୍ୟରୁ ପ୍ରାୟ ୬ ଜଣ ଶ୍ରଦ୍ଧାଳୁଙ୍କ ସ୍ଥିତି ଅତ୍ୟନ୍ତ ସଙ୍କଟାପନ୍ନ ରହିଛି। ନିର୍ମାଣ କାର୍ଯ୍ୟରେ କୌଣସି ଅବହେଳା କିମ୍ବା ନିମ୍ନମାନର ସାମଗ୍ରୀର ବ୍ୟବହାର ଯୋଗୁଁ ଏହି ଛାତଟି ଭୁଶୁଡ଼ିଛି କି ନାହିଁ, ସେ ନେଇ ଅନୁସନ୍ଧାନ କରାଯାଉଛି।



## ରାଷ୍ଟ୍ରପତିଙ୍କ ଜନ୍ମଦିନରେ ଓଡ଼ିଶାକୁ ପ୍ରଧାନମନ୍ତ୍ରୀଙ୍କ ୪୭,୬୦୦ କୋଟିର ପ୍ରକଳ୍ପ ଭେଟି

# ଓଡ଼ିଶା ପୂର୍ବୋଦୟର ପ୍ରବେଶ ଦ୍ୱାର

■ ବାରିପଦା, ୨୦।୬ (ସମିସ): ରାଜ୍ୟରେ ବିଜେପି ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଅବସରରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ରାଜ୍ୟର ବିଭିନ୍ନ ପ୍ରକଳ୍ପର ଉଦଘାଟନ ଓ ଶିଳାନ୍ୟାସ କରିଛନ୍ତି। ବିଜେପି ନେତୃତ୍ୱାଧୀନ କେନ୍ଦ୍ରରେ ୧୨ ବର୍ଷ ଶାସନ ଓ ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତିକୁ ନେଇ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ ଯୋଗ ଦେଇଛନ୍ତି। ଆଜି ରାଇରଙ୍ଗପୁରର ଦାଣ୍ଡବୋଷ ବିମାନ ବନ୍ଦର ନିକଟରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ରହି ସେମାନେ ରାଜ୍ୟବାସୀଙ୍କ ଉଦ୍ଦେଶ୍ୟରେ ୪୭ ହଜାର ୬୦୦ କୋଟି ଟଙ୍କାରୁ ଅଧିକ ବ୍ୟୟ ଅଟକଳର ବିଭିନ୍ନ ଉନ୍ନୟନମୂଳକ ପ୍ରକଳ୍ପର ଲୋକାର୍ପଣ ଓ ଶିଳାନ୍ୟାସ କରିଛନ୍ତି।

ଶକ୍ତି, ଗମନାଗମନ, ଶିଳ୍ପ, ଜଳସେଚନ, ସ୍ୱାସ୍ଥ୍ୟ, ଶିକ୍ଷା, ପର୍ଯ୍ୟଟନ ଓ ନଗର ଉନ୍ନୟନ କ୍ଷେତ୍ରର ମୋଟ ୭୨ଟି ପ୍ରକଳ୍ପର ମିଳିତ ଭାବେ ଉନ୍ମୋଚନ କରିଛନ୍ତି ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀ। ଏଥିରେ ମୁଖ୍ୟତଃ ୬୦୦ ମେଗାୱାଟ୍ କ୍ଷମତା ବିଶିଷ୍ଟ ଅପର ଇନ୍ଦ୍ରାବତୀ ପମ୍ପଡ୍ ଷ୍ଟୋରେଜ୍ ପ୍ରକଳ୍ପ, ଇବ୍ ଥର୍ମାଲ୍ ପାୱାର୍ ଷ୍ଟେସନର ଦ୍ୱିତୀୟ ପର୍ଯ୍ୟାୟ ସମ୍ପ୍ରସାରଣ (ଦୁଇଟି ୬୬୦ ମେଗାୱାଟ୍ ୟୁନିଟ୍) ଓ ଝାରସୁଗୁଡ଼ାରେ ଭାରତ କୋଇଲା ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ ପ୍ରକଳ୍ପ ସାମିଲ ରହିଛି। ଭୁବନେଶ୍ୱରରେ ଏକ କମ୍ପ୍ରେସଡ୍ ବାୟୋଗ୍ୟାସ୍ ପ୍ଲାଣ୍ଟ ଓ କଟକ-ଭୁବନେଶ୍ୱରକୁ ଯୋଡୁଥିବା କାଠଯୋଡ଼ି ନଦୀ ଉପରେ ନୂତନ ସେତୁ ନିର୍ମାଣ କାର୍ଯ୍ୟ ମଧ୍ୟ ଏହି ପ୍ରକଳ୍ପର ଅଂଶବିଶେଷ। ନୂଆପଡ଼ାରୁ ଘାଟିପଡ଼ା ପର୍ଯ୍ୟନ୍ତ ୩୫୩ ନମ୍ବର ଜାତୀୟ ରାଜପଥର ୪-ଲେନ୍ ବିଶିଷ୍ଟ ରାସ୍ତା ନିର୍ମାଣ, କୁସୁମଡିହି ମେଗାଲିଫ୍ଟ ଜଳସେଚନ ପ୍ରକଳ୍ପ, ରାଇରଙ୍ଗପୁରରେ ଇଗ୍ନୋ ଆଞ୍ଚଳିକ କେନ୍ଦ୍ର ଓ ଇଣ୍ଡୋର ବ୍ୟାଡମିଣ୍ଟନ୍ କମ୍ପ୍ଲେକ୍ସର ମଧ୍ୟ ଶୁଭାରମ୍ଭ ହୋଇଛି। ଏଥିସହ ବୌଦ୍ଧରେ ୩୦୦ ଶଯ୍ୟା ବିଶିଷ୍ଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ, ୨୪ଟି ଅଟଳ ବସ୍‌ଷ୍ଟାଣ୍ଡ, ଓଡ଼ିଶାର ବିଭିନ୍ନ ଜିଲ୍ଲାରେ ୯ଟି ସ୍ୱୟଂଚାଳିତ ପରୀକ୍ଷଣ କେନ୍ଦ୍ର, ନୟାଗଡ଼ ଟାଉନ୍ ବାଇପାସ୍, ରାଇରଙ୍ଗପୁରରେ ଆଦିବାସୀ ଗବେଷଣା କେନ୍ଦ୍ରର ଉଦ୍‌ଘାଟନ କରାଯାଇଛି। ▶ପୃଷ୍ଠା-୭



## 'ସୌର ଗ୍ରାମ' ହେବ ପାହାଡ଼ପୁର

■ ବାରିପଦା, ୨୦।୬(ସମିସ): ଆଦିବାସୀ ବହୁଳ ଅଞ୍ଚଳର ବିକାଶ ଉପରେ ଆଲୋକପାତ କରି ପ୍ରଧାନମନ୍ତ୍ରୀ ଏକ ବଡ଼ ଘୋଷଣା କରିଛନ୍ତି। ସୁପରିଚିତ ପାହାଡ଼ପୁର ଗାଁକୁ ଏବେ 'ସୋଲାର ଭିଲେଜ' ବା ସୌର ଗ୍ରାମରେ ପରିଣତ କରାଯିବ। ପାହାଡ଼ପୁରର ସମସ୍ତ ଗ୍ରାମବାସୀଙ୍କୁ ସମ୍ପୂର୍ଣ୍ଣ ମାଗଣାରେ ବିଜୁଳି ଯୋଗାଇ ଦିଆଯିବ, ଯାହା ସେମାନଙ୍କ ଜୀବନଶୈଳୀରେ ବଡ଼ ପରିବର୍ତ୍ତନ ଆଣିବ। ଏଥିସହ ଆଦିବାସୀ ଛାତ୍ରଛାତ୍ରୀଙ୍କ ଉଚ୍ଚଶିକ୍ଷା ଓ ଉନ୍ନତି ପାଇଁ ସରକାର ସଦାସର୍ବଦା ଯତ୍ନବାନ ଅଛନ୍ତି ବୋଲି ସେ ଦୋହରାଇଛନ୍ତି। ସୂର୍ଯ୍ୟ ମନ୍ଦିର କୋଣାର୍କ ଭଳି ସୋଲାର ଗ୍ରାମ ପାହାଡପୁର ପ୍ରସିଦ୍ଧି ଲାଭ କରିବ ବୋଲି ଶ୍ରୀ ମୋଦୀ କହିଛନ୍ତି।

## ମମତାଙ୍କୁ ବିଦ୍ରୋହୀଙ୍କ ଆଉ ଏକ ଝଟ୍‌କା

# ଟିଏମ୍‌ସିର ୪୪୦ କୋଟିର ଆକାଉଣ୍ଟ ଅଚଳ

■ କୋଲକାତା, ୨୦।୬ (ଏଜେନ୍ସି): ରାଜ୍ୟ ବିଧାନସଭା ନିର୍ବାଚନରେ ପରାଜୟ ପରେ ମମତା ବାନାର୍ଜୀଙ୍କ ଟିଏମ୍‌ସି ପାଇଁ ବିପଦ ବଢ଼ିବାରେ ଲାଗିଛି। ପ୍ରଥମେ ବିଧାନସଭାରେ ଟିଏମ୍‌ସି ବିଧାୟକ ଦଳ ଦୁଇ ଭାଗ ହେଲା। ପୁଣି ଲୋକସଭାରେ ମଧ୍ୟ ୨୦ ଜଣ ଟିଏମ୍‌ସି ସାଂସଦ ବିଦ୍ରୋହ କରିଛନ୍ତି। ଏହାକୁ ନେଇ ଟିଏମ୍‌ସି ଗଭୀର ସଙ୍କଟ ଦେଇ ଗତି କରୁଥିବା ବେଳେ ଆଜି ଏହାର ବ୍ୟାଙ୍କ ଆକାଉଣ୍ଟକୁ ଅଚଳ (ଫ୍ରିଜ୍) କରିଦେଇଛି ପୁଲିସ। ତିନିଟି ଘରୋଇ ବ୍ୟାଙ୍କରେ ରହିଥିବା ଏହି ଆକାଉଣ୍ଟରେ ୪୪୦ କୋଟି ଟଙ୍କା ରହିଛି। ଟିଏମ୍‌ସି ଏହି ଆକାଉଣ୍ଟରୁ ଅର୍ଥ ଉଠାଇ ପାରିବ ନାହିଁ ବୋଲି ନିର୍ଦ୍ଦେଶ ଦିଆଯାଇଛି। ଏହି ପାଣ୍ଠିକୁ ବେଆଇନ ସୂତ୍ରରୁ ଅର୍ଥ ଆସିଛି ବୋଲି କେତେକ ବିଦ୍ରୋହୀ ବିଧାୟକ ଅଭିଯୋଗ ଆଣିବା ପରେ ପୁଲିସ ଏଭଳି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିଛି।

ବ୍ୟାଙ୍କ ଆକାଉଣ୍ଟଗୁଡ଼ିକରେ ଜମା ହୋଇଥିବା ବିପୁଳ ପରିମାଣର ଅର୍ଥର ଉତ୍ସ ଉପରେ ପ୍ରଶ୍ନ ଉଠାଇଛନ୍ତି ଟିଏମ୍‌ସିର ବିଦ୍ରୋହୀ ବିଧାୟକ। ସେମାନେ ପୁଲିସରେ କରିଥିବା ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଏହି ଆର୍ଥିକ କାରବାରଗୁଡ଼ିକର ପୁଙ୍ଖାନୁପୁଙ୍ଖ ତଦନ୍ତ ଆବଶ୍ୟକ। ବିଶେଷକରି ଏହି ଅର୍ଥ ବୈଧ ଉତ୍ସରୁ ଆସିଛି ନା କୌଣସି ବେଆଇନ କାର୍ଯ୍ୟକଳାପ, ଯଥା ସନ୍ଦେହଜନକ କଟ୍-ମନି, ସରକାରୀ ପାଣ୍ଠିର ହେରଫେର କିମ୍ବା ବିଭିନ୍ନ ଦୁର୍ନୀତିରୁ ଆସିଛି, ତାହାର ଯାଞ୍ଚ କରିବାକୁ ସେମାନେ ଅନୁରୋଧ କରିଛନ୍ତି। କ୍ଷମତାର ଅପବ୍ୟବହାର, ଅସାଧୁ ଆର୍ଥିକ କାରବାର ଏବଂ ବେଆଇନ ଅର୍ଥ ସଂଗ୍ରହ ମାଧ୍ୟମରେ ଏହି ପାଣ୍ଠି ସବୁ ସଂଗ୍ରହ ହୋଇଛି ବୋଲି ବିଦ୍ରୋହୀ ବିଧାୟକ ସନ୍ଦେହ ପ୍ରକଟ କରିଛନ୍ତି। ଏହି ଅଭିଯୋଗ ପରେ ୪୪୦ କୋଟି ଟଙ୍କାର ଏହି ପାଣ୍ଠି ଏବେ ତଦନ୍ତ ପରିସରଭୁକ୍ତ ହୋଇଛି। ତଦନ୍ତକାରୀ ଅଧିକାରୀମାନେ ଏହି ଅର୍ଥର ପ୍ରକୃତ ଉତ୍ସ ଏବଂ ସମ୍ପୃକ୍ତ ଆକାଉଣ୍ଟ ମାଧ୍ୟମରେ ହୋଇଥିବା ସମସ୍ତ ଆର୍ଥିକ କାରବାରର ସତ୍ୟତା ଜାଣିବାକୁ ଚେଷ୍ଟା କରୁଛନ୍ତି।

ତେବେ ଏହି ଘଟଣାରେ ଟିଏମ୍‌ସି ପକ୍ଷରୁ ଏପର୍ଯ୍ୟନ୍ତ କୌଣସି ସ୍ପଷ୍ଟ ପ୍ରତିକ୍ରିୟା ମିଳିନାହିଁ। କିନ୍ତୁ ମମତା ବାନାର୍ଜୀଙ୍କ ଜଣେ ବିଶ୍ୱସ୍ତ ବିଧାୟକ କହିଛନ୍ତି ଯେ ପୁଲିସ କାର୍ଯ୍ୟାନୁଷ୍ଠାନ ବିଷୟରେ ସୂଚନା ମିଳିଛି; ତେବେ ଆନୁଷ୍ଠାନିକ ଖବରକୁ ଅପେକ୍ଷା କରିଛୁ। 'ଆମେ ଶୁଣିଛୁ ଯେ ୩ଟି ଆକାଉଣ୍ଟକୁ ଫ୍ରିଜ୍ କରାଯାଇଛି।' ବରିଷ୍ଠ ଟିଏମ୍‌ସି ନେତା ଅରୂପ ବିଶ୍ୱାସ ଆକାଉଣ୍ଟଗୁଡ଼ିକର ସୁରକ୍ଷା ଏବଂ କାରବାର ସ୍ଥଗିତ ରଖିବା ପାଇଁ ବ୍ୟାଙ୍କକୁ ଚିଠି ଲେଖିବା ପରେ ଏହି କାର୍ଯ୍ୟାନୁଷ୍ଠାନ ହୋଇଛି। ଦଳ ମଧ୍ୟରେ ନେତୃତ୍ୱ ବିବାଦର ସମାଧାନ ନ ▶ପୃଷ୍ଠା-୭



**ବିଦ୍ରୋହୀଙ୍କ ଦାବି ପରେ ପୁଲିସ କାର୍ଯ୍ୟାନୁଷ୍ଠାନ**

**ପାଣ୍ଠିର ଉତ୍ସ ସଂପର୍କରେ ହେବ ଯାଞ୍ଚ**

## ରାୟଗଡ଼ା ଲଜ୍ଜା

## ଗଭୀର କ୍ଷୋଭ ପ୍ରକାଶ କଲେ ନବୀନ

# ଓଡ଼ିଶା ବିଚଳିତ, ଲଜ୍ଜିତ, ଚିନ୍ତିତ

■ ଭୁବନେଶ୍ୱର, ୨୦।୬ (ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁରରେ ଜଣେ ଯୁବତୀଙ୍କ ସହ ଘଟିଥିବା ବର୍ବୋରଚିତ କାଣ୍ଡକୁ ନେଇ ସାରାଦେଶରେ ଆଲୋଡ଼ନ ସୃଷ୍ଟି ହୋଇଛି। ଗତ ଦୁଇବର୍ଷ ଧରି ମହିଳା ହିଂସା, ଆକ୍ରମଣକୁ ନେଇ ଓଡ଼ିଶା ବିଶ୍ୱ ଦରବାରରେ ନିନ୍ଦିତ ହୋଇ ଆସୁଥିବା ବେଳେ ପୁଣିଥରେ ସମାନ ଧରଣର ଘଟଣା ରାଜ୍ୟକୁ ଦୋହଲାଇ ଦେଇଛି। ଏପରି ସ୍ପର୍ଶକାତର ଘଟଣାକୁ ନେଇ ଗଭୀର ଉଦ୍‌ବେଗ ପ୍ରକାଶ କରିଛନ୍ତି ବିଜେଡି ସଭାପତି ତଥା ବିରୋଧୀ ଦଳ ନେତା ନବୀନ ପଟ୍ଟନାୟକ।

ସାମାଜିକ ଗଣମାଧ୍ୟମ ଏକ୍ସରେ ପୋଷ୍ଟ କରି ନବୀନ କହିଛନ୍ତି ଯେ ରାୟଗଡ଼ା, କଲ୍ୟାଣସିଂହପୁରରେ ଦିଲ୍ଲୀର ଛାତ୍ରୀଙ୍କ ସହ ଘଟିଥିବା ଜଘନ୍ୟ, ବର୍ବରୋଚିତ କାଣ୍ଡ ସମଗ୍ର ଓଡ଼ିଶାକୁ ବିଚଳିତ, ଲଜ୍ଜିତ ଓ ▶ପୃଷ୍ଠା-୭



> ଏ ସରକାର, ଏ ପୁଲିସ ପ୍ରଶାସନ ଏତେ ଅସହାୟ କ'ଣ ପାଇଁ
>
> କେଉଁ ମୁହଁରେ 'ବିକାଶର ଧାରା ଓଡ଼ିଶା ସାରା' କହି ଉତ୍ସବରେ ମାତିଛନ୍ତି

## ରେଡ୍ ଫ୍ଲାଗ୍ ଘୋଷଣା ପାଇଁ ଏସ୍‌ପିଙ୍କ ସୁପାରିସ

■ରାୟଗଡ଼ା, ୨୦।୬ (ସମିସ): ରାୟଗଡ଼ାରେ ଦିଲ୍ଲୀର ଜଣେ ଗବେଷିକା ଯୁବତୀ ସ୍ଥାନୀୟ ଯୁବକଙ୍କ ଅଶାଳୀନ ଆଚରଣର ଶିକାର ହେବା ଘଟଣାରେ କଲ୍ୟାଣସିଂହପୁର ଥାନାରେ ମୋଟ ଚାରିଟି ମାମଲା ରୁଜୁ ହୋଇଥିବା ବେଳେ ପ୍ରାରମ୍ଭିକ ତଦନ୍ତରୁ ୪୦ରୁ ୫୦ ଜଣ ବ୍ୟକ୍ତି ଏହି ଆକ୍ରମଣରେ ସମ୍ପୃକ୍ତ ଥିବା ଜଣାପଡ଼ିଛି। ସିସିଟିଭି ଫୁଟେଜ, ଭିଡିଓ ଏବଂ ଅନ୍ୟାନ୍ୟ ପ୍ରମାଣ ଆଧାରରେ ପୁଲିସ ପୂର୍ବରୁ ୧୬ ଜଣଙ୍କୁ ଗିରଫ କରିଥିବା ବେଳେ ଗତକାଲି ଶୁକ୍ରବାର ଏହି ମାମଲାରେ ସମ୍ପୃକ୍ତ ଆଉ ୪ ଜଣ ଅଭିଯୁକ୍ତଙ୍କୁ ▶ପୃଷ୍ଠା-୭

## ମିଳିଲାନି ରକ୍ତ

# ଚାଲିଗଲା ଶିଶୁପୁତ୍ରର ଜୀବନ

■ଧର୍ମଗଡ଼, ୨୦।୬ (ସମିସ): ରକ୍ତ ଭଣ୍ଡାରରେ ରକ୍ତ ଅଭାବ ଯୋଗୁଁ ଏକ ୩ ବର୍ଷର ଶିଶୁପୁତ୍ରର ଜୀବନ ଚାଲିଯାଇଛି। କଳାହାଣ୍ଡି ଜିଲ୍ଲା ଧର୍ମଗଡ଼ରୁ ଆସିଛି ଏହି ଦୁଃଖଦ ଖବର। ମୃତ ଶିଶୁ ହେଉଛନ୍ତି କୋକସରା ଥାନା ଛତାଗୋହିଲା ଗ୍ରାମର ପ୍ରିୟାଂଶୁ ଦୁର୍ଗା (୩)। ସୂଚନା ଅନୁସାରେ, ଧର୍ମଗଡ଼ ମେଡିକାଲରେ ଚିକିତ୍ସା ସମୟରେ ରକ୍ତର ଆବଶ୍ୟକତା ପଡ଼ିଥିଲା। କିନ୍ତୁ ଗତ କିଛିଦିନ ହେବ ରକ୍ତଭଣ୍ଡାର ସମ୍ପୂର୍ଣ୍ଣ ବନ୍ଦ ହୋଇଯାଇଛି। ଧର୍ମଗଡ଼ ରକ୍ତଭଣ୍ଡାରରେ ରକ୍ତ ନ ଥିବାରୁ ଡାକ୍ତର ତାଙ୍କୁ ଭବାନୀପାଟଣା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରିଥିଲେ। ସେଠାରେ ଚିକିତ୍ସାଧୀନ ଅବସ୍ଥାରେ ଶିଶୁର ମୃତ୍ୟୁ ଘଟିଛି। ଏହି ଘଟଣା ପରେ ଉତ୍ୟକ୍ତ ପରିବାର ଲୋକ ଓ ସ୍ଥାନୀୟ ବାସିନ୍ଦା ଧର୍ମଗଡ଼ ମେଡିକାଲ ଛକରେ ଶବ ରଖି ଜାତୀୟ ରାଜପଥ ଅବରୋଧ କରିଥିଲେ। ଯାହାଫଳରେ ରାସ୍ତାର ଦୁଇ ପାର୍ଶ୍ୱରେ ଗାଡ଼ି ମୋଟର ଅଟକି ରହିବା ସହ ଯାତାୟାତ ସମ୍ପୂର୍ଣ୍ଣ ଠପ୍ ହୋଇଯାଇଥିଲା। ମୃତକଙ୍କ ▶ପୃଷ୍ଠା-୭

**ପରିବାର ଓ ସ୍ଥାନୀୟ ଲୋକଙ୍କ ରାସ୍ତା ଅବରୋଧ**






# ପାଗ ଭିଡୁଛି ମୌସୁମୀ

## ୨୪ ବେଳକୁ ବଢ଼ିବ ବର୍ଷା ପରିମାଣ

■ ଭୁବନେଶ୍ୱର, ୨୦।୬ (ସମିସ): ଚଳିତ ମୌସୁମୀ ଋତୁରେ ଏପର୍ଯ୍ୟନ୍ତ ପ୍ରଥମ ଲଘୁଚାପ ସୃଷ୍ଟି ହୋଇନାହିଁ। ସାଧାରଣତଃ ମୌସୁମୀ ଛୁଇଁବା ପରେ ଉତ୍ତର ପଶ୍ଚିମ ଓଡ଼ିଶା ଉପକୂଳରେ ଲଘୁଚାପ ସୃଷ୍ଟି ହୋଇ ମୌସୁମୀକୁ ଅଧିକ ଶକ୍ତିଶାଳୀ କରିଥାଏ ଓ ବର୍ଷା ପରିମାଣ ମଧ୍ୟ ବଢ଼ିଥାଏ। ମାତ୍ର ଚଳିତ ବର୍ଷ ଏପର୍ଯ୍ୟନ୍ତ ଏଭଳି ସ୍ଥିତି ସୃଷ୍ଟି ହୋଇ ନ ଥିବାରୁ ମୌସୁମୀ ଅଧିକ ସକ୍ରିୟ ହୋଇପାରିନାହିଁ। ଯାହାଫଳରେ ବର୍ତ୍ତମାନ ପର୍ଯ୍ୟନ୍ତ ରାଜ୍ୟରେ ମୌସୁମୀ ବର୍ଷାର ସ୍ୱାଭାବିକ ରୂପ ଦେଖିବାକୁ ମିଳିନାହିଁ। ମାତ୍ର ୨୩ ତାରିଖ ପରେ ଏହି ସ୍ଥିତିରେ ପରିବର୍ତ୍ତନ ଆସିବା ସହ ୨୪ରୁ ରାଜ୍ୟରେ ବର୍ଷା ପରିମାଣ ବଢ଼ିବାର ସମ୍ଭାବନା ରହିଛି। ଏମିତି କି ଏହି ସମୟରେ ମୌସୁମୀ ସକ୍ରିୟ ହେବା ସହ ବାକି ଥିବା ଜିଲ୍ଲାଗୁଡ଼ିକୁ ମଧ୍ୟ ମୌସୁମୀ ଅଗ୍ରସର ▶ପୃଷ୍ଠା-୭

# ପୁଣି ହର୍ମୁଜ ବନ୍ଦ କଲା ଇରାନ

■ ତେହେରାନ, ୨୦।୬ (ଏଜେନ୍ସି): ଇରାନ ଏବଂ ଆମେରିକା ମଧ୍ୟରେ ଶାନ୍ତି ବୁଝାମଣା ପରେ ସାରା ବିଶ୍ୱ ଆଶ୍ୱସ୍ତ ହୋଇଥିବା ବେଳେ ଏଥିରେ ପ୍ରତିବନ୍ଧକ ସାଜିଛି ଇସ୍ରାଏଲ। ବୁଝାମଣାରେ ରହିଥିବା ସର୍ତ୍ତର ଉଲ୍ଲଂଘନ କରି ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ ଜାରି ରଖିଥିବାରୁ ଏଥିରେ କ୍ଷୁବ୍ଧ ହୋଇ ପୁଣି ହର୍ମୁଜ ସମୁଦ୍ର ପଥକୁ ବନ୍ଦ କରିବାକୁ ଘୋଷଣା କରିଛି ଇରାନ। ଇରାନର ମିଳିତ ସାମରିକ କମାଣ୍ଡ ପକ୍ଷରୁ ଆଜି କୁହାଯାଇଛି ଯେ ଲେବାନନ ଉପରେ ଇସ୍ରାଏଲ ଆକ୍ରମଣ କରିବ ନାହିଁ ବୋଲି ଶାନ୍ତି ବୁଝାମଣାରେ ଆମେରିକା ଗ୍ୟାରେଣ୍ଟି ଦେଇଥିଲା। ମାତ୍ର ଏହାକୁ ପାଳନ କରିବାରେ ଆମେରିକା ସଂପୂର୍ଣ୍ଣ ରୂପେ ବିଫଳ ରହିଛି। ତେଣୁ ଏହାର ପ୍ରତିବାଦ ଜଣାଇ ହର୍ମୁଜ ସମୁଦ୍ର ପଥକୁ ସମସ୍ତ ଜାହାଜ ଚଳାଚଳ ପାଇଁ ବନ୍ଦ କରିଦିଆଯାଇଛି। ସାମରିକ କମାଣ୍ଡ ପକ୍ଷରୁ କୁହାଯାଇଛି ଶାନ୍ତି ଚୁକ୍ତି ସତ୍ତ୍ୱେ ଲେବାନନରୁ ହଟୁନି ଇସ୍ରାଏଲ। ଏହାସହିତ ଆକ୍ରମଣ ମଧ୍ୟ ଜାରି ରଖିଛି, ଯାହାଦ୍ୱାରା ହଜାର ହଜାର ନିରୀହ ଲୋକ ପ୍ରାଣ ହରାଉଛନ୍ତି। ଗତକାଲି ଇସ୍ରାଏଲ ଆକ୍ରମଣରେ ଲେବାନନରେ ୧୬ ଜଣ ପ୍ରାଣ ହରାଇଛନ୍ତି।




ସୂଚନାଯୋଗ୍ୟ ଯେ ମଧ୍ୟପ୍ରାଚ୍ୟରେ ୧୧୧ ଧରି ଦିନ ଧରି ଚାଲିଥିବା ଯୁଦ୍ଧ ଓ ଉତ୍ତେଜନା ବନ୍ଦ ଲାଗି ତିନି ଦିନ ତଳେ ଇରାନ ଏବଂ ଆମେରିକା ଶାନ୍ତି ରାଜିନାମାରେ ସ୍ୱାକ୍ଷର କରିଥିଲେ। ଏହାସହିତ ବନ୍ଦ ପଡ଼ିଥିବା ହର୍ମୁଜ ସମୁଦ୍ର ପଥ ଖୋଲିଯାଇଥିଲା। ହର୍ମୁଜ ଦେଇ ବିଶ୍ୱର ୨୦ ପ୍ରତିଶତ ତୈଳ ଓ ଗ୍ୟାସ ପରିବହନ ହୋଇଥାଏ। ଇରାନର ଏଭଳି ପଦକ୍ଷେପ ଫଳରେ ତୈଳ ଦରରେ ପୁଣି ବୃଦ୍ଧି ଘଟିବା ନେଇ ଆଶଙ୍କା ପ୍ରକାଶ ପାଇଲାଣି।

# ରେଙ୍ଗାଲି ସ୍କୁଲକୁ ଭରସା ଡେପୁଟେସନ ଶିକ୍ଷକ

ବଲାଙ୍ଗିର,୨୦।୬(ସମିସ)



୨ ଜଣ ଶିକ୍ଷକଙ୍କ ଭରସାରେ ୨ ଶହ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ। ଆଜି ବି ବଲାଙ୍ଗିର ଜିଲ୍ଲାରେ ଏମିତି ସ୍କୁଲ ରହିଛି। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ବଲାଙ୍ଗିର ଜିଲ୍ଲା ଲୋଇସିଂହା ବ୍ଲକ୍ ରେଙ୍ଗାଲି ପଞ୍ଚାୟତ ରେଙ୍ଗାଲି ଗାଁରେ ଥିବା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟର ଏହି ଅବସ୍ଥା। ଏହି ବିଦ୍ୟାଳୟ ୧୯୯୧ରେ ପ୍ରତିଷ୍ଠା ହୋଇଥିଲା। ରେଙ୍ଗାଲି, କପିଳବାହାଲ, ବାଘଡୁଙ୍ଗୁରି, ବୁଢ଼ାବାହାଲ ଓ ଅନ୍ତପାଲି ଗାଁର ଛାତ୍ରଛାତ୍ରୀ ଏଠାରେ ୬ଷ୍ଠରୁ ୧୦ମ ପର୍ଯ୍ୟନ୍ତ ଅଧ୍ୟୟନ କରୁଛନ୍ତି। ୬ଷ୍ଠ ଓ ୭ମ ଶ୍ରେଣୀ ପାଇଁ ଶ୍ରେଣୀଗୃହ ନ ଥିବାରୁ ପ୍ରାୟ ୭୫ଜଣ ଛାତ୍ରଛାତ୍ରୀ ଉଚ୍ଚ ବିଦ୍ୟାଳୟ ବାରଣ୍ଡାରେ ପାଠ ପଢୁଛନ୍ତି। ସେହିପରି ୮ମରୁ ୧୦ମ ପର୍ଯ୍ୟନ୍ତ ୧୨୫ଜଣ ଛାତ୍ରଛାତ୍ରୀ ରହିଛନ୍ତି। ୬ଷ୍ଠ ଓ ୭ମ ଛାତ୍ରଛାତ୍ରୀଙ୍କୁ ପାଠ ପଢ଼ାଇବା ପାଇଁ ଜଣେ ମାତ୍ର ଶିକ୍ଷକ ରହିଛନ୍ତି। ୮ମରୁ ୧୦ମ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କୁ ୨ଜଣ ଶିକ୍ଷକ ଶିକ୍ଷାଦାନ କରୁଛନ୍ତି। ଏମାନଙ୍କ ମଧ୍ୟରୁ ଜଣେ ଶିକ୍ଷକ ନିକଟସ୍ଥ ଗଡ଼ଶଙ୍କର ଡୁଙ୍ଗୁରିପାଲି ପଞ୍ଚାୟତ ଗେର୍ଡି ହାଇସ୍କୁଲରୁ ଡେପୁଟେସନରେ ସପ୍ତାହରେ ୩ଦିନ ଆସୁଛନ୍ତି। ଶିକ୍ଷକ ସମସ୍ୟା ଲାଗି ରହିଥିବାରୁ ଛାତ୍ରଛାତ୍ରୀ ଗୁଣାତ୍ମକ ଶିକ୍ଷା ପାଇବାରୁ ବଞ୍ଚିତ ହେଉଥିବା ଅଭିଯୋଗ ହୋଇଛି। ୨ଜଣ ଡେପୁଟେସନ ଶିକ୍ଷକଙ୍କ ଭରସାରେ ବିଦ୍ୟାଳୟ ଚାଲିଛି। ଏପରିକି ସ୍ଥାନୀୟ ପ୍ରଶାସନ ଓ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ କଲା ପରେ ବି ସମସ୍ୟା ଲାଗି ରହିଛି। ଜିଲ୍ଲା ଶିକ୍ଷା ବିଭାଗ ପକ୍ଷରୁ ଡେପୁଟେସନରେ ନିଯୁକ୍ତ ଜଣେ ଶିକ୍ଷକ ଗତ ବର୍ଷ ନଭେମ୍ବରରେ ଅବସର ନେଇଛନ୍ତି।

- ୨ ଶହ ଛାତ୍ରଛାତ୍ରୀଙ୍କୁ ୩ ଜଣ ଶିକ୍ଷକ
- ୩୦ ସୁଦ୍ଧା ଶିକ୍ଷକ ନିଯୁକ୍ତି ନ ଦେଲେ ପଞ୍ଚାୟତରେ ତାଲା ଚେତାବନୀ
- ବାରଣ୍ଡାରେ ବସୁଛନ୍ତି ୬ଷ୍ଠ, ୭ମ ଶ୍ରେଣୀରର ୭୫ ଛାତ୍ରଛାତ୍ରୀ

ଆଜି ପର୍ଯ୍ୟନ୍ତ ତାଙ୍କ ସ୍ଥାନରେ କାହାରିକୁ ନିଯୁକ୍ତି ଦିଆଯାଇ ନ ଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ବିଦ୍ୟାଳୟରେ ଲାଗି ରହିଥିବା ଶିକ୍ଷକ ଅଭାବ ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ରେଙ୍ଗାଲି ପଞ୍ଚାୟତବାସୀଙ୍କ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଆସନ୍ତା ଜୁନ୍ ୩୦ ସୁଦ୍ଧା ପଞ୍ଚାୟତ ଉଚ୍ଚ ବିଦ୍ୟାଳୟରେ ଅତି କମରେ ୪ଜଣ ଓ ଉଚ୍ଚ ପ୍ରାଥମିକ ସ୍କୁଲରେ ୨ଜଣ ଶିକ୍ଷକଙ୍କୁ ନିଯୁକ୍ତି ଦିଆ ନ ଗଲେ ଜୁଲାଇ ୧ରୁ ପଞ୍ଚାୟତ କାର୍ଯ୍ୟାଳୟରେ ତାଲା ପକାଯିବା ସହ କାର୍ଯ୍ୟାଳୟ ସମ୍ମୁଖରେ ଅନିର୍ଦ୍ଦିଷ୍ଟ କାଳ ପର୍ଯ୍ୟନ୍ତ ଆନ୍ଦୋଳନ କରାଯିବ ବୋଲି ପରିଚାଳନା କମିଟି ସଭାପତି ବେଣୁଧର ପଧାନ, ଶିକ୍ଷା ବିକାଶ କମିଟି ସମ୍ପାଦକ ହୃଷିକେଶ ସାହୁ ଓ ସଭାପତି ଉଦୟ ସିଂ ଠାକୁରଙ୍କ ସହ ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ୩ ମାସ ହେଲା ମିଳୁନି ଭତ୍ତା
# ବ୍ଲକ୍ ଅଫିସ ଘେରିଲେ ଶହ ଶହ ହିତାଧିକାରୀ



ପାଟଣାଗଡ଼,୨୦।୬(ସମିସ): ବିଜେପି ସରକାର ଆସିଲା ପରେ ବୃଦ୍ଧବୃଦ୍ଧାଙ୍କୁ ପ୍ରତିମାସ ୩ ହଜାର ଟଙ୍କା ଲେଖାଏଁ ଭତ୍ତା ମିଳିବ। ଏହି ନାରା ଦେଇ ବିଜେପି ସରକାରକୁ ଆସିଛି। ଆମକୁ ଭଣ୍ଡେଇ ଭୋଟ ନେଇଛି; କିନ୍ତୁ ୩ ମାସ ହେବ ଭତ୍ତା ମିଳିନାହିଁ। ପାଟଣାଗଡ଼ ବ୍ଲକ୍ ଅଞ୍ଚଳର ୨ ଶହରୁ ଅଧିକ ବୃଦ୍ଧବୃଦ୍ଧା ଏଭଳି ଅଭିଯୋଗ ଆଣି ଶନିବାର ପାଟଣାଗଡ଼ ବ୍ଲକ୍ ଅଫିସ ଘେରିଛନ୍ତି। ଏନେଇ ବିଡ଼ିଓଙ୍କ ପାଖରେ ମଧ୍ୟ ଠିକ୍ ଉତ୍ତର ନାହିଁ। ଧୀରେ ଧୀରେ ସମସ୍ତଙ୍କ ଆକାଉଣ୍ଟରେ ଭତ୍ତା ଟଙ୍କା ପଡିବ ବୋଲି ପ୍ରତିଶ୍ରୁତି ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

ବଲାଙ୍ଗିର ଜିଲ୍ଲା ପାଟଣାଗଡ଼ ବ୍ଲକ୍ ଅଞ୍ଚଳର ବିଭିନ୍ନ ପଞ୍ଚାୟତର ଶହ ଶହ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀ ପ୍ରଥମେ ସ୍ଥାନୀୟ ପାଟଖଣ୍ଡା ମନ୍ଦିରଠାରେ ଏକତ୍ରିତ ହୋଇଥିଲେ। ସେଠାରୁ ଏକ ଶୋଭାଯାତ୍ରାରେ ବାହାରି ବିଭିନ୍ନ ସରକାର ବିରୋଧୀ ନାରାଦେଇ ବ୍ଲକ୍ ଅଫିସରେ ପହଞ୍ଚିଥିଲେ। ସେଠାରେ ବିକ୍ଷୋଭ ପ୍ରଦର୍ଶନ ସହ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା।

ଗତ ୩ ମାସ ହେଲା ସେମାନେ ଭତ୍ତା ପାଉନାହାନ୍ତି। ଏହା ଫଳରେ ସେମାନଙ୍କ ଚଳିବା କଷ୍ଟକର ହୋଇପଡିଛି। ଭତ୍ତା ମିଳିବା ଆଶାରେ ଧାର କରଜ କରି ଚଳୁଛନ୍ତି। ଭତ୍ତା ମିଳିଲେ କରଜ ସୁଝିବେ ବୋଲି ଆଶା ରଖିଥିଲେ; କିନ୍ତୁ ୩ ମାସ ହେଲା ଭତ୍ତା ନ ମିଳୁ ନ ଥିବାରୁ ବୃଦ୍ଧବୃଦ୍ଧା, ବିଧବା ଓ ଭିନ୍ନକ୍ଷମ ହିତାଧିକାରୀଙ୍କ ମଧ୍ୟରେ ଘୋର ଅସନ୍ତୋଷ ପ୍ରକାଶ ପାଇଥିଲା। ସରକାରକୁ ଆସିଲେ ବିଜେପି ୩ ହଜାର ଟଙ୍କା ଭତ୍ତା ଦେବ ବୋଲି ଗତ ନିର୍ବାଚନ ସମୟରେ ପ୍ରତିଶ୍ରୁତି ଦେଇଥିଲା। ଏହି ଲୋଭ ଦେଖାଇ ଆମମାନଙ୍କ ଭୋଟ ହାତେଇ ସରକାର ଆସନରେ ବସିଛି; କିନ୍ତୁ ୩ ମାସ ହେଲା ଭତ୍ତା ନ ମିଳିବା ଯୋଗୁଁ ଆମ୍ଭେ ବହୁତ କଷ୍ଟରେ ଚଳୁଛୁ। ଏହା ଭଣ୍ଡ ସରକାର। ତୁରନ୍ତ ସରକାର ଭତ୍ତା ପ୍ରଦାନ କରୁ। ନ ଚେତ ଭୋଟ ସମୟରେ ଉଚିତ ଜବାବ ଦେବୁ ବୋଲି ଉପସ୍ଥିତ ହିତାଧିକାରୀ କହିଥିଲେ। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡ଼ିଓ ସୁମନ ମିଞ୍ଜଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଭୟାବହ ଆନ୍ଦୋଳନ କରାଯିବ ବୋଲି ଚେତାବନୀ ଦେଇଛନ୍ତି।

**୭ ଦିନ ମଧ୍ୟରେ ଦାବି ପୂରଣ ନ ହେଲେ ଭୟାବହ ଆନ୍ଦୋଳନ ଚେତାବନୀ**

# କୋଇଲା ବାଷ୍ପୀକରଣ ପ୍ରକଳ୍ପର ଶିଳାନ୍ୟାସ

ଇବଥର୍ମାଲ,୨୦।୬(ସମିସ): ଝାରସୁଗୁଡ଼ା ଜିଲ୍ଲା ଲଖନପୁର ବ୍ଲକ୍ କୁଶ୍ରାଲୋଇ ପଞ୍ଚାୟତରେ କୋଲ ଗେସିଫିକେସନ ଆମୋନିୟମ ନାଇଟ୍ରେଟ ପ୍ରକଳ୍ପକୁ ଆଭାସୀ ମାଧ୍ୟମରେ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଶିଳାନ୍ୟାସ କରିଛନ୍ତି। ୨୫ ହଜାର କୋଟିରୁ ଉର୍ଦ୍ଧ ଟଙ୍କା ବିନିଯୋଗରେ ଭାରତ କୋଲ ଗେସିଫିକେସନ ଆଣ୍ଡ କେମିକାଲ୍ସ ଲିମିଟେଡ଼ (ବିସିଜିସିଏଲ୍) ପକ୍ଷରୁ ଏହି କାର୍ଯ୍ୟକ୍ରମରେ ଆଭାସୀ ମାଧମରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ମଧ୍ୟ ଯୋଗ ଦେଇଥିଲେ। ପ୍ରକଳ୍ପର ଶିଳାନ୍ୟାସ ସ୍ଥଳରେ କେନ୍ଦ୍ର କୋଇଲା ମନ୍ତ୍ରୀ ଜି କିସନ ରେଡ୍ଡୀ, କୋଇଲା ରାଜ୍ୟ ମନ୍ତ୍ରୀ ସତିଶ ଚନ୍ଦ୍ର ଦୁବେ, ବରଗଡ଼ ସାଂସଦ ପ୍ରଦୀପ ପୁରୋହିତ, ଅତିରିକ୍ତ କୋଇଲା ସଚିବ ସରୋଜ କୁମାର ଝା, ସିଆଇଏଲ୍ ଅଧ୍ୟକ୍ଷ ବି ଶ୍ରୀରାମ, ଭାରତ କୋଲ୍ ଗେସିଫିକେସନ ଆଣ୍ଡ କେମିକାଲ୍ସ ଲିମିଟେଡ଼ର ଚେୟାରମ୍ୟାନ ଆସିଷ କୁମାର, ଏମସିଏଲ ସିଏମଡି ଉଦୟ ଅନନ୍ତ କାଉଲେ, ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଝାରସୁଗୁଡା ଜିଲ୍ଲାପାଳ କୁନାଲ ମୋତିରାମ ଚୌହାନ, ଝାରସୁଗୁଡା ଏସ୍‌ପି ଗୁଣ୍ଡାଲା ରାଘବେନ୍ଦ୍ର ରେଡ୍ଡି ପ୍ରମୁଖ ମଞ୍ଚାସୀନ ଥିଲେ। ସେହିଭଳି ଏମସିଏଲ ଡାଇରେକ୍ଟର (ଏଚ୍ ଆର୍) କେଶବ ରାଓ, ଡାଇରେକ୍ଟର (ଫାଇନାନ୍ସ) ଅଜିତ କୁମାର ବେହୁରା, ଭାରତ ସେମି ଇଲେକ୍ଟ୍ରିକାଲ ଲିମିଟେଡର ଡାଇରେକ୍ଟର ରାଜେଶ କୁମାର ଦ୍ୱିବେଦୀ, ଲଖନପୁର ମହାପ୍ରବନ୍ଧକ ଅଓ୍ୱଦ କିଶୋର ପାଣ୍ଡେ, ଏମ୍ ଡି ବିସିଜିସିଏଲ୍ ଡ. ପିୟୁଷ କୁମାର ପ୍ରମୁଖଙ୍କ ସହ କୋଲ୍ ଇଣ୍ଡିଆର ଅନେକ ଅଧିକାରୀ, ଜିଲ୍ଲା ପ୍ରଶାସନର ଅଧିକାରୀ, ରାଜନୈତିକ ପଦାଧିକାରୀ ଉପସ୍ଥିତ ଥିଲେ। ଏହି ଅବସରରେ ପ୍ଲାଣ୍ଟ ପରିସରରେ ଅତିଥିମାନଙ୍କ ଦ୍ୱାରା ଚାରା ରୋପଣ କରା ଯାଇଥିଲା। ଏହି ପ୍ରକଳ୍ପ ଦ୍ୱାରା ପ୍ରାୟ ୪ରୁ ୫ ହଜାର ସ୍ଥାନୀୟ ନିଯୁକ୍ତି ପ୍ରଦାନ କରାଯିବ। ପ୍ରାୟ ୩୫୦ ଏକର ଜମିରେ ଏହି ପ୍ରକଳ୍ପ ନିର୍ମାଣ ହେବ। ଦେଶର ଉର୍ଜା ସୁରକ୍ଷା ପାଇଁ ଏହି ପ୍ରକଳ୍ପ ଦ୍ୱାରା କୋଇଲାରୁ ଆମୋନିଅମ୍ ନାଇଟ୍ରେଟ୍ ଓ ଫର୍ଟିଲାଇଜର୍ ଉତ୍ପାଦନ କରାଯିବ। ଏହା ହେଉଛି ଭାରତର ପ୍ରଥମ ବାଣିଜ୍ୟିକ ଭିତ୍ତିକ କୋଇଲାରୁ ଆମୋନିଅମ୍ ନାଇଟ୍ରେଡ୍ ପ୍ରକଳ୍ପ। ଭାରତ ହେଭି ଇଲେକ୍ଟ୍ରିକାଲ୍ସ ଲିମିଟେଡ୍ (ଭେଲ୍) ଓ କୋଲ୍ ଇଣ୍ଡିଆ ଲିମିଟେଡ୍ (ସିଆଇଏଲ୍) ର ମିଳିତ ଉଦ୍ୟମରେ ଗଠନ କରାଯାଇଥିବା ଯୌଥ ଉଦ୍ୟୋଗ ଭାରତ କୋଲ୍ ଗ୍ୟାସିଫିକେସନ୍ ଆଣ୍ଡ କେମିକାଲ୍ସ ଲିମିଟେଡ୍ (ବିସିଜିସିଏଲ୍) ପକ୍ଷରୁ ପ୍ରକଳ୍ପ ସ୍ଥାପନ କରାଯିବ। ଏହି କାରଖାନାରୁ ଦୈନିକ ୨୦୦୦ଟନ୍ ଆମୋନିଅମ୍ ନାଇଟ୍ରେଟ୍ ଉତ୍ପାଦନ କରିବାକୁ ଲକ୍ଷ୍ୟ ରଖାଯାଇଛି। ଏହି ପ୍ରକଳ୍ପରେ ଭେଲ୍ ଦ୍ୱାରା ବିକାଶ କରାଯାଇଥିବା ସ୍ୱଦେଶୀ ଜ୍ଞାନ କୌଶଳ ବ୍ୟବହାର କରାଯିବ। ଗତ ଏପ୍ରିଲ୍‌ରେ ଏହି ପ୍ରକଳ୍ପ ପାଇଁ ମହାନଦୀ କୋଲ୍‌ଫିଲ୍ଡସ୍ ଲିମିଟେଡ୍ (ଏମ୍‌ସିଏଲ୍) ଓ ବିସିଜିସିଏଲ୍ ମଧ୍ୟରେ ଜମି ଲିଜ୍ ବୁଝାମଣା ସ୍ୱାକ୍ଷରିତ ହୋଇଥିଲା। କୋଇଲା ମନ୍ତ୍ରଣାଳୟ ପକ୍ଷରୁ ଏହି ପ୍ରକଳ୍ପ ପାଇଁ ୧୩୫୦ କୋଟି ଟଙ୍କାର ଆର୍ଥିକ ସହାୟତା ମଞ୍ଜୁର କରାଯାଇଛି। ଏହି ପ୍ରକଳ୍ପ ଦେଶରେ କୋଲ୍ ଗ୍ୟାସିଫିକେସନ୍ ପ୍ରକଳ୍ପ ପାଇଁ ୨୫ ହଜାର କୋଟି ନିବେଶ, ଦୈନିକ ଉତ୍ପାଦନ କ୍ଷମତା ୨୦୦୦ ଟନ୍ ଏକ ମଡେଲ୍ ଭାବେ କାର୍ଯ୍ୟ କରିବ। ଦେଶରେ କୋଲ୍ ଗ୍ୟାସିଫିକେସନ କ୍ଷମତା ବଢ଼ିଲେ ପ୍ରାକୃତିକ ଗ୍ୟାସ, ମିଥାନଲ, ଆମୋନିଆ ଓ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ରାସାୟନିକରେ ଦେଶ ଆତ୍ମ ନିର୍ଭର ହେବ। ଏହି ପ୍ରକଳ୍ପ ସକାଶେ ହୀରାକୁଦର ନଦୀବନ୍ଧରୁ ଜଳ ଅଣାଯିବ। ଏମସିଏଲ ଇବ୍ ଭ୍ୟାଲି କୋଲ୍ ଓ୍ୱାସେରୀରୁ ୨୫ବର୍ଷ ପାଇଁ କୋଇଲା ଯୋଗାଇଦେବାକୁ ଚୁକ୍ତି ହୋଇଛି।



# ନିୟମ ମାନୁନାହାନ୍ତି ଘରୋଇ ଶିକ୍ଷାନୁଷ୍ଠାନ

ବଲାଙ୍ଗିର,୨୦।୬(ସମିସ): ବଲାଙ୍ଗିର ଜିଲ୍ଲାରେ ଘରୋଇ ବିଦ୍ୟାଳୟ ଅଗ୍ନି ନିରାପତ୍ତା ଆଇନ ମାନୁନାହାନ୍ତି। ଘରୋଇ ସ୍କୁଲରେ ଅଗ୍ନି ନିରାପତ୍ତା ବ୍ୟବସ୍ଥା କରିବା ସହ ଅଗ୍ନିଶମ ବିଭାଗର ପ୍ରମାଣପତ୍ର ନିହାତି ଆବଶ୍ୟକତା ରହିଛି; କିନ୍ତୁ ଜିଲ୍ଲାର ଘରୋଇ ସ୍କୁଲଗୁଡ଼ିକ ନା ଏଥିପାଇଁ ଆବେଦନ କରୁଛନ୍ତି ନା ପ୍ରମାଣପତ୍ର ନେଉଛନ୍ତି। ତଥାପି ଶିକ୍ଷା ବିଭାଗର କିଛି ଅସାଧୁ କର୍ମଚାରୀଙ୍କୁ ହାତକରି ସିଓଆର ହାତେଇ ନେଉଛନ୍ତି। ଦେଶରେ ଅନେକ ସମୟରେ ଶିକ୍ଷାନୁଷ୍ଠାନଗୁଡ଼ିକରେ ଅଗ୍ନିକାଣ୍ଡ ଘଟୁଛି। ବିଶେଷ କରି ମନଇଚ୍ଛା ବିଭିନ୍ନ ସ୍ଥାନରେ ଘରୋଇ ସ୍କୁଲ ଖୋଲି ବ୍ୟବସାୟ ଚାଲିଛି। ମୋଟା ଅଙ୍କର ଟଙ୍କା ନେଉଛନ୍ତି; କିନ୍ତୁ ଛାତ୍ରଛାତ୍ରୀଙ୍କ ସୁରକ୍ଷା ପ୍ରତି ଆଖି ବନ୍ଦ କରି ଦେଉଛନ୍ତି। ବଲାଙ୍ଗିର ଜିଲ୍ଲାରେ ଅନେକ ସ୍କୁଲ ପାଖରେ ଆବଶ୍ୟକ ଅନୁସାରେ ଭିତ୍ତିଭୂମି ନ ଥିଲେ ମଧ୍ୟ ବେଶ୍ ସହଜରେ ସ୍କୁଲ ପରିଚାଳିତ ହେଉଛି। ତେବେ ଛାତ୍ରଛାତ୍ରୀଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଇ ଘରୋଇ ସ୍କୁଲକୁ ଅନୁମତି ଦେବା ପୂର୍ବରୁ ଆବଶ୍ୟକ ଭିତ୍ତିଭୂମି ଯାଞ୍ଚ ଓ ଆନୁସାଙ୍ଗିକ ବ୍ୟବସ୍ଥା କରିବା ପାଇଁ ସରକାରୀ ନିର୍ଦ୍ଦେଶ ରହିଛି। ଏହାରି ଭିତରେ ଅଗ୍ନି ନିରାପତ୍ତାକୁ ମଧ୍ୟ ଗୁରୁତ୍ୱ ଦିଆଯାଇଛି। ଅର୍ଥାତ ଘରୋଇ ସ୍କୁଲକୁ ଅନୁମତି ଦେବା ପୂର୍ବରୁ ଶିକ୍ଷା ବିଭାଗ ଅଗ୍ନି ନିରାପତ୍ତା ପ୍ରମାଣ ପତ୍ର ଦେଖିବା କଥା। ଏହି ପ୍ରମାଣପତ୍ର ଲାଗି ସ୍କୁଲ କର୍ତ୍ତୃପକ୍ଷ ଅଗ୍ନିଶମ ବିଭାଗ ପାଖରେ ଆବେଦନ କରିବା ପରେ ନିୟମ ଅନୁସାରେ ଅଗ୍ନି ସୁରକ୍ଷା ବ୍ୟବସ୍ଥା କରିବ। ଯାଞ୍ଚ କରିବା ପରେ ଅଗ୍ନିଶମ ବିଭାଗ ପ୍ରମାଣପତ୍ର ଦେବ; କିନ୍ତୁ ଦୁର୍ଭାଗ୍ୟ ବଲାଙ୍ଗିର ଜିଲ୍ଲାରେ ଏହାକୁ ଅନେକ ଘରୋଇ ସ୍କୁଲ ଫାଙ୍କି ଦେଇଛନ୍ତି। ସବୁଠାରୁ ଗୁରୁତ୍ୱପୂର୍ଣ୍ଣ ବିଷୟ ହେଉଛି ଶିକ୍ଷା ବିଭାଗ ମଧ୍ୟ ଏହାକୁ ଧ୍ୟାନ ନ ଦେଇ ଘରୋଇ ସ୍କୁଲକୁ ଅନୁମତି ପ୍ରଦାନ କରୁଛି। ଜିଲ୍ଲାରେ ପ୍ରାୟ ୪୦ରୁ ୫୦ଟି ଘରୋଇ ସ୍କୁଲ ରହିଛି। ତେବେ ଏମାନଙ୍କ ଭିତରେ କାହା କାହା ପାଖରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ରହିଛି ସେନେଇ ଜାଣିବା ପାଇଁ ସୂଚନା ଅଧିକାର କର୍ମୀ ଶମ୍ଭୁ ଶତପଥୀ ବଲାଙ୍ଗିର ଅଗ୍ନିଶମ କାର୍ଯ୍ୟାଳୟରେ ଆବେଦନ କରିଥିଲେ। ବଲାଙ୍ଗିରରେ ଏହାର କୌଣସି ସୂଚନା ନ ଥିବା ଦର୍ଶାଇ ବଲାଙ୍ଗିରରୁ ତାଙ୍କ ଆବେଦନ ପତ୍ରକୁ ସମ୍ବଲପୁର ଓ କଟକ ଅଗ୍ନିଶମ ରେଞ୍ଜ କାର୍ଯ୍ୟାଳୟକୁ ପଠାଇ ଦିଆଯାଇଥିଲା। ତେବେ ଶ୍ରୀ ଶତପଥୀଙ୍କୁ ସମ୍ବଲପୁର ଅଗ୍ନିଶମ ରେଞ୍ଜ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ଜିଲ୍ଲାରେ ୨୦୨୫ ମାର୍ଚ୍ଚ ସୁଦ୍ଧା କେବଳ ୧୨ଟି ଘରୋଇ ସ୍କୁଲ ପାଖରେ ଅଗ୍ନି ନିରାପତ୍ତା ପ୍ରମାଣପତ୍ର ରହିଥିଲା। ଏହି ସୂଚନା ଅନୁସାରେ ଟିଟିଲାଗଡ଼ ଏସ୍‌ଡିଏମ୍‌ଟି ପାର୍ବତୀ ପବ୍ଲିକ ସ୍କୁଲ, କଣ୍ଟାବାଞ୍ଜି ଜେଏମ୍‌ଜେ ପବ୍ଲିକ ସ୍କୁଲ, ଗଇଁତଲା ରୋଶନୀ ପବ୍ଲିକ ସ୍କୁଲ, ଓରିଏଣ୍ଟାଲ ପବ୍ଲିକ ସ୍କୁଲ, ବଲାଙ୍ଗିର ପବ୍ଲିକ ସ୍କୁଲ, ସେଞ୍ଚୁରିଆନ ପବ୍ଲିକ ସ୍କୁଲ, ରୋସାଲିଆ ନର୍ସି ସ୍କୁଲ, କଣ୍ଟାବାଞ୍ଜି ଲାୟନ୍ସ ପବ୍ଲିକ ସ୍କୁଲ, ପାଟଣାଗଡ ଓମ୍ ଇଣ୍ଟରନାସନାଲ ସିନିଅର ସେକେଣ୍ଡାରୀ ସ୍କୁଲ, କିସ୍ ରେସିଡେନସିଆଲ ସ୍କୁଲ ପାଖରେ ଏହି ପ୍ରମାଣପତ୍ର ରହିଛି। ଅନ୍ୟ ଅଗ୍ନିଶମ କାର୍ଯ୍ୟାଳୟରୁ ଯଦିଓ ସୂଚନା ମିଳିନାହିଁ ତଥାପି ପ୍ରମାଣପତ୍ର ଥିବା ଘରୋଇ ସ୍କୁଲ ସଂଖ୍ୟା ଖୁବ କମ୍ ବୋଲି ଜଣାପଡିଛି। ଏହାରି ଭିତରେ କିଛି ଘରୋଇ ସ୍କୁଲ ଅଗ୍ନିଶମ ପ୍ରମାଣପତ୍ର ପାଇଁ ଆବେଦନ କରିଛନ୍ତି। କାହାକୁ ମିଳିଛି ଆଉ କାହାକୁ ମିଳିନାହିଁ ସେନେଇ ବଲାଙ୍ଗିର ଅଗ୍ନିଶମ ବିଭାଗ ପକ୍ଷରୁ କୌଣସି ସୂଚନା ପ୍ରଦାନ କରାଯାଉନାହିଁ। କେବଳ ସୂଚନା ପ୍ରଦାନ କରାଯାଉନାହିଁ ତାହା ନୁହଁ; ବିଭାଗ ପକ୍ଷରୁ କୌଣସି ବି ଘରୋଇ ସ୍କୁଲକୁ ଯାଇ ସେଠାକାର ଅଗ୍ନି ନିରାପତ୍ତା ବ୍ୟବସ୍ଥା ନା ଯାଞ୍ଚ କରାଯାଉଛି ନା ଖିଲାପ କରୁଥିବା କର୍ତ୍ତୃପକ୍ଷଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି। ଏପରିକି ଘରୋଇ ସ୍କୁଲକୁ ସୁରକ୍ଷା ଓ ନିଜ ଦୋଷକୁ ଲୁଚାଇବା ପାଇଁ ଅଗ୍ନିଶମ ବିଭାଗ ଏହି ତଥ୍ୟକୁ ଲୁଚାଇ ରଖୁଛି। ଜିଲ୍ଲାରେ ଅନେକ ବଡ ବଡ ଘରୋଇ ସ୍କୁଲ ଓ କଲେଜ କିଛି ବର୍ଷ ଭିତରେ ଆରମ୍ଭ ହୋଇଛି। ଯେଉଁ ଘରୋଇ ସ୍କୁଲ ହୋଷ୍ଟେଲରେ ଶହ ଶହ ସଂଖ୍ୟାରେ ଛାତ୍ରଛାତ୍ରୀ ରହି ପାଠ ପଢୁଛନ୍ତି; କିନ୍ତୁ ତାଙ୍କ ସୁରକ୍ଷାକୁ ଗୁରୁତ୍ୱ ଦିଆଯାଉନି।

- ଅନେକ ଘରୋଇ ଶିକ୍ଷାନୁଷ୍ଠାନର ଅଗ୍ନି ନିରାପତ୍ତା ପ୍ରମାଣପତ୍ର ନାହିଁ
- ପ୍ରମାଣପତ୍ର ନ ଥିବା ବି ଶିକ୍ଷା ବିଭାଗର ଅନୁମତି ମିଳୁଛି
- ସବୁ ଜାଣି ମଧ୍ୟ ଅଜଣା ଅଗ୍ନିଶମ ବିଭାଗ

# କୁକୁରଖାଇ ପ୍ରାଥମିକ ବିଦ୍ୟାଳୟରୁ ଚୋରି

ଦେଓଗାଁ,୨୦।୬(ସମିସ): ବଲାଙ୍ଗିର ଜିଲ୍ଲା ଦେଓଗାଁ ବ୍ଲକ୍ ମହଲାଇ ପଞ୍ଚାୟତ କୁକୁରଖାଇ ସରକାରୀ ପ୍ରାଥମିକ ବିଦ୍ୟାଳୟରୁ ଚାଉଳ ଓ କିଛି ସମାଗ୍ରୀ ଚୋରି ହୋଇଥିବା ନେଇ ଦେଓଗାଁ ଥାନାରେ ଶନିବାର ଅଭିଯୋଗ ହୋଇଛି। ପ୍ରଧାନ ଶିକ୍ଷକ ମାର୍କଣ୍ଡ ପଧାନଙ୍କ ଲିଖିତ ଅଭିଯୋଗ ପରେ ପୁଲିସ ଏକ ଚୋରି ମାମଲା ରୁଜୁ କରି ଘଟଣାସ୍ଥଳକୁ ଯାଇ ତଦନ୍ତ ଆରମ୍ଭ କରିଛି। ଶୁକ୍ରବାର ବିଳମ୍ବିତ ରାତିରେ ବିଦ୍ୟାଳୟର ପଛପଟ କବାଟ ତାଲା ଭାଙ୍ଗି କୋଠରୀ ମଧ୍ୟରେ ମଧ୍ୟାହ୍ନ ଭୋଜନ ପାଇଁ ଥିବା ୮ ପ୍ୟାକେଟ ଚାଉଳ ମଧ୍ୟରୁ ୫ ପ୍ୟାକେଟ ଚାଉଳ, ଗୋଟିଏ ସାଉଣ୍ଡ ସିଷ୍ଟମ ଓ ୨ଟି ଟାବଲେଟ (ମୋବାଇଲ) ଚୋରି ହୋଇଛି। ଶନିବାର ସକାଳେ ସ୍କୁଲରେ ମଧ୍ୟାହ୍ନ ଭୋଜନ ରାନ୍ଧୁଥିବା କର୍ମଚାରୀ ଗଛରେ ପାଣି ଦେବା ପାଇଁ ଗଲାବେଳକୁ କବାଟ ତାଲା ଭଙ୍ଗାଯାଇଥିବା ଦେଖି ପ୍ରଧାନ ଶିକ୍ଷକଙ୍କୁ ଖବର ଦେଇଥିଲେ। ପ୍ରଧାନ ଶିକ୍ଷକ ପହଞ୍ଚି ଦେଓଗାଁ ଥାନାରେ ଅଭିଯୋଗ କରିଥିଲେ।

# ଜିଲ୍ଲାପାଳଙ୍କ ବିଭିନ୍ନ ବନ୍ଧ ପୁନରୁଦ୍ଧାର କାର୍ଯ୍ୟ ପରିଦର୍ଶନ

ବଲାଙ୍ଗିର,୨୦।୬(ସମିସ): ବଲାଙ୍ଗିର ଜିଲ୍ଲାପାଳ ଗୌରବ ଶିବାଜୀ ଇସଲଓ୍ୱାର ବଲାଙ୍ଗୀର ସହରର ବେହେରାପାଲି ବନ୍ଧ, କରଙ୍ଗାକଟା ବନ୍ଧ ଏବଂ ନରସିଂ ବନ୍ଧରେ ଚାଲିଥିବା ପୁନରୁଦ୍ଧାର କାର୍ଯ୍ୟସ୍ଥଳ ପରିଦର୍ଶନ କରି କାର୍ଯ୍ୟର ଅଗ୍ରଗତି ତଦାରଖ କରିଛନ୍ତି। ଏହି ଅବସରରେ ପୌରାଧ୍ୟକ୍ଷା ଲିକା ସାହୁ, ସ୍ଥାନୀୟ କାଉନସିଲର, ବଲାଙ୍ଗିର ପୌରପାଳିକାର ନିର୍ବାହୀ ଅଧିକାରୀ ଏବଂ କନିଷ୍ଠ ଯନ୍ତ୍ରୀ ଉପସ୍ଥିତ ଥିଲେ।

## ଚିକଲବାହାଲରେ ଶିବ-ପାର୍ବତୀ ବିବାହ ଉତ୍ସବ



ବଲାଙ୍ଗିର,୨୦।୬(ସମିସ): ବଲାଙ୍ଗିର ସଦର ବ୍ଲକ୍ ଚିକଲବାହାଲରେ ଶିବ ପାର୍ବତୀ ବିବାହ ଉତ୍ସବ ଆୟୋଜିତ ହୋଇଯାଇଛି। ଏହି ଅବସରରେ ଅନୁଷ୍ଠିତ ରାବଣ ଦରବାରରେ ପୂର୍ବତନ ଆଇନମନ୍ତ୍ରୀ ନରସିଂହ ମିଶ୍ର ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସକମା ସରପଞ୍ଚ ଉଗ୍ରସେନ ବରାଡ, କୁଡାସିଂହା ସମିତି ସଭ୍ୟ କମଳିନୀ ପୁଟେଲ, ବରକାନି ପଞ୍ଚାୟତ ସରପଞ୍ଚ ବଳଦେବ ସାହୁ, କଂଗ୍ରେସ ନେତା ବୁଲୁ ଦାନି, ଜୁଲୁ ପଟ୍ଟନାୟକ, କୃଷ୍ଣ ରାଉତ, ପ୍ରହ୍ଲାଦ ପ୍ରଧାନ, ଜଗ ପ୍ରଧାନ ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଉପସ୍ଥିତ ଥିଲେ।

## ଏବିଏସ୍‌ଏସ୍ ପକ୍ଷରୁ ଶୀତଳଷଷ୍ଠୀ ସମାରୋହ

ବଲାଙ୍ଗିର,୨୦।୬(ସମିସ): ବଲାଙ୍ଗିର ଏବିଏସ୍‌ଏସ୍ ପକ୍ଷରୁ ୩୮ତମ ଶୀତଳ ଷଷ୍ଠୀ ଯାତ୍ରା ପାଳିତ ହୋଇଛି। ମହାସମାରୋହରେ ଶ୍ରୀ ଶ୍ରୀ ସିଦ୍ଧେଶ୍ୱର ବାବା ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ଶେଷ ହୋଇଛି। ଯାତ୍ରାରେ କୋଲକତାର ଡ୍ୟାନ୍ସ ଗ୍ରୁପ, .ର୍ଲି .ପଲିନ, ମୟୁରୀ ନୃତ୍ୟ, ନୃସିଂହ ଅବତାର, ହନୁମାନ ମେଢ, ଜଗନ୍ନାଥ ମେଢ, ଘଣ୍ଟବାଦ୍ୟ ସାମିଲ ହୋଇଥିଲା। ଏଥର ମହାଦେବ ଏବଂ ଦେବୀ ପାବର୍ତୀଙ୍କ ଚାନ୍ଦି ମେଢ ବିଶେଷ ଆକର୍ଷଣ ପାଲଟିଥିଲା।



# ରାଜ୍ୟ ବାହାର ଗଞ୍ଜେଇ ମାମଲାରେ ବଲାଙ୍ଗିର ଲିଙ୍କ୍

**ବଲାଙ୍ଗିର ଛାଡ଼ି ରାଜ୍ୟ ବାହାରେ ସାମ୍ରାଜ୍ୟ** | **ଜିଲ୍ଲା ପୁଲିସ ଆଖିରୁ ଦୂରେଇ କାରବାର**

ବଲାଙ୍ଗିର,୨୦।୬(ସମିସ)

ଗଞ୍ଜେଇ ଚାଲାଣ କ୍ଷେତ୍ରରେ ବଲାଙ୍ଗିର ଅପଯଶ ଅର୍ଜୁଛି। ଜିଲ୍ଲା ଦେଇ ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ହେଉଛି। ଗତ ବର୍ଷ ଭିତରେ ହୋଇଥିବା ଚଢଉରୁ ଏହା ସ୍ପଷ୍ଟ ହୋଇଛି। ଏହା ଭିତରେ ବାହାର ରାଜ୍ୟର ଗଞ୍ଜେଇ ଚାଲାଣ ମାମଲାରେ ବଲାଙ୍ଗିର ଲିଙ୍କ୍ ବାହାରିଛି। ବାହାର ରାଜ୍ୟର ପୁଲିସ, ଏସ୍‌ଟିଏଫ, ଏନ୍‌ସିବି ଆସି ବଲାଙ୍ଗିରରେ ତନାଘନା କରିଛନ୍ତି। ଗଞ୍ଜେଇ ଡିଲରଙ୍କୁ ଗିରଫ କରିବା ପାଇଁ ଉଦ୍ୟମ ଚଳାଇଛନ୍ତି। ଏହି ବେଆଇନ ଗଞ୍ଜେଇ ନେଟଓ୍ୱର୍କରେ ବଲାଙ୍ଗିର ଲିଙ୍କ୍ ସାମ୍ନାକୁ ଆସିଛି। ଜିଲ୍ଲାରେ ଏହିଭଳି ଅନେକ ଡିଲର ରହିଛନ୍ତି ଯେଉଁମାନେ ରାଜ୍ୟ ଭିତରେ କାରବାର କରିବା ବଦଳରେ ରାଜ୍ୟ ବାହାରକୁ ଯାଇ ନିଜ କାରବାର ଚଳାଇଛନ୍ତି।

ବୌଦ୍ଧ, କନ୍ଧମାଳ ଅଞ୍ଚଳରୁ ରାଜ୍ୟ ବାହାରକୁ ଗଞ୍ଜେଇ ଚାଲାଣ କରିବା ପାଇଁ ବଲାଙ୍ଗିର ଦେଇ ହିଁ ଯିବାକୁ ପଡିଥାଏ। ଏପରିକି ଏହି ବେଆଇନ ଚାଲାଣ ପାଇଁ ଗୁଡଭେଲା ଓ ବଲାଙ୍ଗିର ଦେଇ ରାଜ୍ୟ ବାହାରକୁ ଚାଲାଣ କରିବା ଏକ ସୁରକ୍ଷିତ ପଥ କୁହାଯାଏ। ସେହିପରି କୋରାପୁଟ, ନବରଙ୍ଗପୁର ଦେଇ ଚାଲାଣ ହେଉଥିବା ଗଞ୍ଜେଇ ମଧ୍ୟ ବଲାଙ୍ଗିର ଦେଇ ହିଁ ଚାଲାଣ କରାଯାଇଥାଏ। ଗତ କିଛି ବର୍ଷ ଭିତରେ ପୁଲିସ ଓ ଅବକାରୀ ବିଭାଗ ଦ୍ୱାରା କରାଯାଇଥିବା ଚଢଉରେ ଏହା ସ୍ପଷ୍ଟ ହୋଇଛି ଯେ ବଲାଙ୍ଗିର ଦେଇ ଛତିଶଗଡ, ବିହାର, ଝାରଖଣ୍ଡ, ମଧ୍ୟପ୍ରଦେଶ, ଉତ୍ତରପ୍ରଦେଶ, ପଶ୍ଚିମବଙ୍ଗ ଓ ମହାରାଷ୍ଟ୍ର ଭଳି ଜିଲ୍ଲାକୁ ଚାଲାଣ କରାଯାଉଛି। ଯେତେ ବି ଗଞ୍ଜେଇ ଗାଡି ଧରାପଡିଛି ତାହା ବାହାର ରାଜ୍ୟର ହେଉଥିବା ବେଳେ ପ୍ରାୟତଃ ଅଭିଯୁକ୍ତମାନେ ମଧ୍ୟ ବାହାର ରାଜ୍ୟର ହୋଇଥାନ୍ତି। ଗତ କିଛି ଦିନ ତଳେ ଏକ ଥାର୍ ଗାଡିରୁ ପ୍ରାୟ ୩ କ୍ୱିଣ୍ଟାଲ ୭୦ କେଜି ଗଞ୍ଜେଇ ଅବକାରୀ ବିଭାଗ ଧରିଥିଲା। ଝାଡ଼ଖଣ୍ଡର ୨ ଜଣ ଯୁବକଙ୍କୁ ଗିରଫ କରିଥିଲା। ସେମାନେ ଏହି ଗଞ୍ଜେଇ ମହାରାଷ୍ଟ୍ର ଚାଲାଣ ପାଇଁ ନେଉଥିବା କହିଥିଲେ। ଏହିଭଳି ଅନେକ ଉଦାହରଣ ରହିଛି; ଯେଉଁ ଘଟଣାରେ ସ୍ଥାନୀୟ ଗଞ୍ଜେଇ ଡିଲରଙ୍କ ସଂପୃକ୍ତି ନାହିଁ ବୋଲି ଆଲୋଚନା ହୋଇଥାଏ; କିନ୍ତୁ ବଲାଙ୍ଗିରରେ ଥିବା ଅନେକ ବେଆଇନ ଗଞ୍ଜେଇ ବ୍ୟବସାୟୀ ତଥା ଡିଲର ସ୍ଥାନୀୟ ଅଞ୍ଚଳକୁ ଟାର୍ଗେଟ ନ କରି ରାଜ୍ୟ ବାହାରେ ସେମାନଙ୍କ କାରବାର ଚଳାଇଛନ୍ତି। କିଛି ମାସ ତଳେ ଛତିଶଗଡ ପୁଲିସର ଏକ ଟିମ୍ ବଲାଙ୍ଗିର ଜିଲ୍ଲା ଲୋଇସିଂହା ଥାନାର ସଦରଗାଁ ଲୋଇସିଂହାର ଏକ ଘରେ ଚଢଉ କରିଥିଲା। ରାୟପୁର ଅଞ୍ଚଳରେ ହୋଇଥିବା ଏକ ଗଞ୍ଜେଇ ଚାଲାଣ ଘଟଣା ଲିଙ୍କ୍‌ରେ ଏହି ଚଢଉ କରାଯାଇଥଲା। ସଂପୃକ୍ତ ଘର ମାଲିକ ଏଥିରେ ସଂପୃକ୍ତ ଥିବା ଜଣାପଡିଥିଲା। ଅବଶ୍ୟ ସଂପୃକ୍ତ ଯୁବକ ଜଣକ ଫେରାର ଥିଲେ। ପୁଲିସ ଟିମ୍ ଘରେ ଚଢଉ କରି ପରିବାର ଲୋକଙ୍କୁ ପଚରାଉଚୁରା କରିବା ପରେ ଚାଲି ଯାଇଥିଲା; କିନ୍ତୁ ରାଜ୍ୟ ବାହାର ଲିଙ୍କରେ ସ୍ଥାନୀୟ ଗଞ୍ଜେଇ ବେପାରୀ ଥିବା ଜଣାପଡିଥିଲା। ସେହିପରି ମହାରାଷ୍ଟ୍ରର ଏକ ସ୍ୱତନ୍ତ୍ର ସ୍କ୍ୱାଡ୍ ବଲାଙ୍ଗିରରେ ଗଞ୍ଜେଇ ଚାଲାଣ ଘଟଣା ଲିଙ୍କ୍‌ରେ ଖୋଳତାଡ ଚଳାଇଥିବା ଆଲୋଚନା ହେଉଛି। ଏହି ଟିମ୍ ସେଠାରେ ହୋଇଥିବା ଏକ ବଡ ଧରଣର ଗଞ୍ଜେଇ ର୍‌ୟାକେଟକୁ ଧରିଛି। ଏହି ମାମଲାରେ ବଲାଙ୍ଗିରର ଗଞ୍ଜେଇ ବେପାରୀଙ୍କ ସଂପୃକ୍ତି ଥିବାରୁ ବଲାଙ୍ଗିରରେ ଟିମ୍ ତନାଘନା ଚଳାଇଥିବା ଚର୍ଚ୍ଚା ହେଉଛି। ସେହିପରି କିଛି ମାସ ପୂର୍ବରୁ ମଧ୍ୟପ୍ରଦେଶ ପୁଲିସର ଟିମ୍ ମଧ୍ୟ ଗଞ୍ଜେଇ ମାମଲାରେ ଖୋଳତାଡ କରିଥଲା। ସହରର ଜଣେ ଯୁବକଙ୍କୁ ମଧ୍ୟ ଏକ ସ୍ୱତନ୍ତ୍ର ଟିମ୍ ଗଞ୍ଜେଇ ମାମଲାରେ ଉଠାଇ ନେଇଛି। ତାଙ୍କ ଲିଙ୍କ୍ ଦେଶ ବାହାରକୁ ମଧ୍ୟ ଲମ୍ବିଛି। ଯଦିଓ ଏନେଇ କୌଣସି ସ୍ପଷ୍ଟ ସୂଚନା ମିଳିନାହିଁ; କିନ୍ତୁ ଜିଲ୍ଲା ବାହାରର ପୁଲିସ ଏହି ଯୁବକଙ୍କୁ ଅଟକ ରଖିଛି। ଗତ କିଛି ବର୍ଷ ଭିତରେ ଏହିଭଳି ଅନେକ ସମୟରେ ରାଜ୍ୟ ବାହାର ପୁଲିସ ବଲାଙ୍ଗିର ଆସି ଗଞ୍ଜେଇ ମାମଲାରେ ଅଭିଯୁକ୍ତଙ୍କୁ ଉଠାଇ ନେଇ ଗିରଫ କରିବା ରାଜ୍ୟ ବାହାର ମାମଲାରେ ରହିଥିବା ବଲାଙ୍ଗିର ଲିଙ୍କ୍ ଆଲୋଚନାକୁ ସ୍ପଷ୍ଟ କରିଛି। ଜିଲ୍ଲା ଭିତରେ ଏହି ବେଆଇନ କାରବାର କରିବା ବଦଳରେ ରାଜ୍ୟ ବାହାରକୁ ଯାଇ ସେଠାରେ କାରବାର କରିବା ଓ କିଛି ହେଲେ ପୁଣି ବଲାଙ୍ଗିର ଆସି କିଛି ଦିନ ଲୁଚିଯିବା ଏହି ଗଞ୍ଜେଇ ବେପାରୀ କାମରେ ଲଗାଇଛନ୍ତି। ଏହାଫଳରେ ବଲାଙ୍ଗିରରେ ଗଞ୍ଜେଇ ଧରାପଡିଲେ ସ୍ଥାନୀୟ ଚାଲାଣକାରୀଙ୍କ ନାମ ସାମ୍ନାକୁ ଆସୁନି। ଜିଲ୍ଲାରେ ଏମିତି ଅନେକ ବଡ ବଡ ବେପାରୀ ରହିଛନ୍ତି ଯେଉଁମାନେ ବେ ରାଜ୍ୟ ବାହାର ମାର୍କେଟକୁ ନିୟନ୍ତ୍ରଣ କରୁଛନ୍ତି।

# ଟିଟିଲାଗଡ଼ରେ ୨୬ତମ ଶୀତଳ ଷଷ୍ଠୀ ଯାତ୍ରା

ଟିଟିଲାଗଡ଼,୨୦।୬(ସମିସ): ଟିଟିଲାଗଡରେ ୨୬ତମ ଶୀତଳଷଷ୍ଠୀ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଚଳିତ ବର୍ଷ କନ୍ୟା ପିତାମାତା ଭାବେ ହାଟପଦାପଡ଼ାର ସୀତାରାମ ବେହେରା ଓ ରେଣୁକା ବେହେରା ଦାୟିତ୍ୱ ତୁଲାଇଥିଲେ। ସେହିଭଳି ବର ପିତାମାତା ଭାବେ ଶିରଭଟାପଡ଼ାର ମହେନ୍ଦ୍ର ରାଉତ ଓ ମେନକା ରାଉତ ସୌଭାଗ୍ୟ ଅର୍ଜନ କରିଥିଲେ। ଶିରଭଟାପଡ଼ାରୁ ବାରାନୁଗମନ ହୋଇଥିଲା। ପଡ଼ାର ଆବାଳ ବୃଦ୍ଧ ବନିତା ଶିବଙ୍କୁ ଧରି ବିଭିନ୍ନ ବାଜାର ତାଳେ ତାଳେ ହାଟପଦା ପଡ଼ାର ଭାଗବତ ମନ୍ଦିରଠାରେ ପହଞ୍ଚିଥିଲେ। ଏହାପରେ ରୀତିନୀତି ଅନୁସାରେ ବିବାହ ସମ୍ପନ୍ନ ହୋଇଥିଲା। ଏହାପରେ ଦେବ ଦେବ ମହାଦେବ ମା' ପାର୍ବତୀକୁ ଧରି ମନ୍ଦିର ପ୍ରବେଶ କରିଥିଲେ।

ଏହି ଶୀତଳ ଷଷ୍ଠୀ ଯାତ୍ରାରେ କମିଟିର ଆବାହକ ଶୁଭ୍ରାଂଶୁ ଦାଶ, ସଭାପତି ଶ୍ରୀପତି ସାହୁ, ସମ୍ପାଦକ ସୁଧୀର ଘଡେଇ, କମିଟିର ଲିଙ୍ଗରାଜ ସାହୁ, ପ୍ରଭାକର ସରାଫ, ପ୍ରଦୀପ ସାହୁ, ପ୍ରମୋଦ ସରାଫ, ଧଳାକାହ୍ନୁ ବୁଡେକ୍, ଗୋବିନ୍ଦ ସାହୁ, ସୂରଜ ବେହେରା, ରାଜା ବରର୍ତ୍ତୀ, ସିବୁନ ବାଗ, ବିଷ୍ଣୁ ଦୀପ ପ୍ରମୁଖ ସହଯୋଗ କରିଥିଲେ।

## ଯୁଗାପଦର ଗ୍ରାମରେ ଚାଷୀଙ୍କ ପାଇଁ କୃଷି ଯାତ୍ରା



ଚନ୍ଦ୍ରପୁର, ୨୦।୬(ସମିସ): ରାଜ୍ୟ ସରକାରଙ୍କ ଦ୍ୱିତୀୟ ବର୍ଷ ପୂର୍ତ୍ତି ଅବସରରେଚନ୍ଦ୍ରପୁର ବ୍ଲକ ଡ଼ାଙ୍ଗସରଡ଼ା ଗ୍ରାମ ପଞ୍ଚାୟତର ଯୁଗାପଦର ଗ୍ରାମଠାରେ ବ୍ଲକ କୃଷକ ମୋର୍ଚ୍ଚା ସଂଯୋଜକ ପ୍ରିୟରଞ୍ଜନ ସାହୁକାରଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ପଞ୍ଚାୟତସମିତି ଅଧ୍ୟକ୍ଷ କୋଇନ କିମ୍ବାକା ଗୋଷ୍ଠୀ ଉନ୍ନୟନ ଅଧିକାରୀ ସମ୍ୟକାନ୍ତ ବୋଙ୍ଗାଲ ଜିଲ୍ଲା କୃଷି ଅଧିକାରୀ ମୁନିଗୁଡା ପ୍ରକାଶଚନ୍ଦ୍ର ବେହେରା, ମଣ୍ଡଳ କୃଷି ଅଧିକାରୀ କାଳନ୍ଦୀ ପରିଡ଼ା, ଚନ୍ଦ୍ରପୁର କୃଷି ଅଧିକାରୀ ସୁଶ୍ରୀ ଅର୍ପିତା ବେହେରା ମାଝୀ, ସହକାରୀ କୃଷି ଅଧିକାରୀ ସୁଶ୍ରୀ ଗାୟତ୍ରୀ ମୁଣ୍ଡା, ଉଦ୍ୟାନ ସମ୍ପ୍ରସାରଣ ଅଧିକାରୀ ମନସ୍ୱିତା ଶବର, ପଶୁସମ୍ପଦ ଅଧିକାରୀ ଓପ୍ରକାସ ସାହୁ, ରାୟଗଡ଼ା ଜିଲ୍ଲା କୃଷି ବୈଜ୍ଞାନିକ ରାଜୀବ ଟୁଡୁ, ଶିବିରରେ ଶତାଧିକ ଚାଷୀ ଯୋଗ ଦେଇଛନ୍ତି। ରସାୟନିକ ସାର ବଦଳରେ ଜୈବିକ ଉପାୟରେ ମାଟିର ଉର୍ବରତା ବଢ଼ାଇ ଉତ୍ପାଦନ ବୃଦ୍ଧି କରିବା ଏହି 'ନୂତନ କୃଷି ଯାତ୍ରା'ର ମୁଖ୍ୟ ଲକ୍ଷ୍ୟ। କାର୍ଯ୍ୟକ୍ରମରେ ଚାଷୀଙ୍କୁ ଜୈବିକ ପଦ୍ଧତିରେ ଚାଷ କରିବା ନିମନ୍ତେ ମତ ବ୍ୟକ୍ତ କରିଥିଲେ। ମୁନିଗୁଡା କୃଷି ବୈଶିକ ସହାୟକ ଉତ୍ତମ କୁମାର ଦାସ, ମଞ୍ଚ ସଞ୍ଚାଳନା ଶ୍ରୀଧର ପଟ୍ଟନାୟକ କରିଥିଲେ ଆଜିର କାର୍ଯ୍ୟକ୍ରମରେ ମଣ୍ଡଳ ସଭାପତି ଫକିର ମୋହନ ଗୁମିଟାଙ୍ଗା, ମଣ୍ଡଳ ପ୍ରଭାରୀ ରୁଦ୍ର ମୃଗୁଲି, ସରପଞ୍ଚ ଅନିତା ଶବର, ଟୁରିଗୁଡା ସରପଞ୍ଚ ସୁନିତା ମୁଣ୍ଡିକା ଉପସ୍ଥିତ ଥିଲେ। କୃଷି ଅଧିଦର୍ଶକ ରଞ୍ଜିତ ଗୋମାଙ୍ଗ, ଜଗନ୍ନାଥ ମହାପାତ୍ର ସୁଧାକର ନାୟକ ମଞ୍ଚ ପରିଚାଳନା କରିଥିବା ବେଳେ ଆଦିବାସୀ ଅନୁସୂଚିତ ଜନଜାତି ସଭାପତି ପ୍ରଶାନ୍ତ ଗୋଗେରେଙ୍ଗା ଓ ପ୍ରସାଦ ଗୋଗେରେଙ୍ଗା ଉପସ୍ଥିତ ଥିଲେ।

# ଟାଉନଥାନା ପୁଲିସ ପଞ୍ଝାରେ ୩ ନାବାଳକ ସହ ୬ ଅଭିଯୁକ୍ତ

ଜୟପୁର, ୨୦।୬(ସମିସ)



**୪ଟି ଚୋରି ମାମଲାରୁ ୩ ଲକ୍ଷ ଟଙ୍କା ଉଦ୍ଧାର**

ଜୟପୁର ସହରର ଚୋର ମାନଙ୍କ ପ୍ରାଦୁର୍ଭାବ ବୃଦ୍ଧି ପାଇଛି। ଏଥିନେଇ ପୁଲିସ ଉପରେ ଚାପ ସୃଷ୍ଟି ହେଉଛି। ପୁଲିସ ଚୋର ମାନଙ୍କୁ ଧରୁଛି କିଛି ଚୋରି ସାମଗ୍ରୀ, ଟଙ୍କା ଉଦ୍ଧାର କରିବା ସହିତ ଜେଲ ହାଜତକୁ ପଠାଉଛି; କିନ୍ତୁ ଚୋରମାନଙ୍କ ପ୍ରାଦୁର୍ଭାବ କମ ହେଉନାହିଁ। ପୁଣି ଚୋରି ହେଉଛି। ଏହିପରି ଚୋର ଓ ପୁଲିସର ଖେଳ ଜୟପର ସହରରେ ଲାଗି ରହିଛି। ଏହିପରି ଆଜି ଟାଉନଥାନା ପୁଲିସ ଗତ ୨ ମାସରେ ସହରରେ ସମୁଦାୟ ୪ଟି ଚୋରି ମାମଲାରେ ୩ ଜଣ ନାବାଳକଙ୍କ ସମେତ ସମୁଦାୟ ୬ ଜଣ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରଛନ୍ତି। ଗିରଫ ୩ ଅଭିଯୁକ୍ତମାନେ ହେଲେ ଜୟପୁର ସହରର ଓଡିଆ ମେଦ୍ରୀ ସାହିର ରିଙ୍କୁ ବାଗ (୨୦), ଗୋପବନ୍ଧୁ ନଗରର ରବୀନ୍ଦ୍ର ବାଗ (୩୨) ଏବଂ ହାଟପଦାର ରାଖେଲ ଖରା (୧୯)। ଏହି ୪ଟି ଚୋରି ମାମଲାରେ ପୁଲିସ ପ୍ରାୟ ୩ ଲକ୍ଷ ଟଙ୍କା, ରୁପା ସାମଗ୍ରୀ, ଗୋଟିଏ ଅଟୋ (ଓଡି ୧୦ ଏଚ- ୨୮୪୫) ସମେତ ଚୋରିରେ ବ୍ୟବହୃତ ଲୁହା ଛଡ, ଶାବଳ ପ୍ରଭୃତି ଜବତ କରିଥିବା ନେଇ ଅପରାହ୍ନରେ ଜୟପୁର ଟାଉନଥାନାରେ ଏକ ସାମ୍ବାଦିକ ସମ୍ମିଳନୀରେ ଜୟପୁର ଏସଡିପିଓ ଅର୍ଚ୍ଚିତା ମିଓଲ ଏବଂ ଥାନାଧିକାରୀ ଉଲ୍ଲାସ ଚନ୍ଦ୍ର ରାଉତ ସୂଚନା ଦେଇଛନ୍ତି।

ଗତ ଜୁନ ୧୩ ତାରିଖରେ ବିକ୍ରମଦେବ ବିଶ୍ୱବିଦ୍ୟାଳୟର ସହରର ମୁଖ୍ୟରାସ୍ତାରେ ରହିଥିବା ବିକ୍ରମଦେବ ଛାତ୍ରାବାସ ଭିତରେ କୌଣସି ଅଜଣା ଯୁବକ ଝରକା ଭାଙ୍ଗି ପ୍ରବେଶ କରିବା ସହ କିଛି ଚେୟାର ଚୋରି କରିଥିବା ନେଇ ଟାଉନଥାନାରେ ବିଶ୍ୱବିଦ୍ୟାଳୟର ଭାରପ୍ରାପ୍ତ ରେଜିଷ୍ଟ୍ରାର ରଞ୍ଜନ କୁମାର ପ୍ରଧାନ ଲିଖିତ ଭାବେ ଅଭିଯୋଗ କରିଥିଲେ। ଏନେଇ ତଦନ୍ତକାରୀ ଅଧିକାରୀ ଏଏସଆଇ କାର୍ତ୍ତିକ ମିଶ୍ର ତଦନ୍ତ କରିବା ସହିତ ଓଡିଆ ମେଦ୍ରୀ ସାହିର ଦୁର୍ଦ୍ଦାନ୍ତ ଚୋର ରିଙ୍କୁ ବାଗକୁ ଗିରଫ କରିଥିଲେ।ଅଭିଯୁକ୍ତନିକଟରୁ ଦୁଇଟି ପ୍ଲାଷ୍ଟିକ ଚେୟାର, ଗୋଟିଏ କାଠ ଚେୟାର, ଗୋଟିଏ ଲୁହା ଛଡ ଜବତ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ଟାଉନଥାନାରେ ୯ଟି ଚୋରି ଓ ଲୁଟ ମାମଲା ରହିଛି। ସେହିପରି ଗତ ୧୬ ତାରିଖରେ ଦେବଡୋର ବିଭାଗର ବାଙ୍କମଠ ପରିସରରେ ରହିଥିବା ଗୋପୀନାଥ ଏବଂ ବାଙ୍କେଶ୍ୱର ମହାଦେବ ମନ୍ଦିରର ହୁଣ୍ଡିରୁ ପ୍ରାୟ ୧୦ ହଜାର ଟଙ୍କା ଏବଂ ଭଗବାନଙ୍କ ଦୁଇଟି ରୁପା ଛୋଟ ମୁକୁଟ ଚୋରି ହୋଇଥିବା ନେଇ ଥାନାରେ ଦେବଡୋର ବିଭାଗର କନିଷ୍ଠ କିରାଣି ଶୁଭମ ମିଶ୍ର ଲିଖିତ ଅଭିଯୋଗ କରିଥିଲେ। ଥାନାରେ ଏକ ମାମଲା ରୁଜୁ କରିବା ସହିତ ଏସ.ଆଇ ସିଦ୍ଧାନ୍ତ ବେହେରା ତଦନ୍ତକାରୀ ଅଧିକାରୀ ଭାବେ ତଦନ୍ତ ବେଳେ ସ୍ଥାନୀୟ ଗୋପବନ୍ଧୁ ନଗରର ଦୁର୍ଦ୍ଦାନ୍ତ ଅପରାଧୀ ରବୀନ୍ଦ୍ର ବାଗକୁ ଥାନାକୁ ଆଣି ପଚରାଉଚରା ବେଳେ ଚୋରି କରିଥିବା ନେଇ ସ୍ୱୀକାର କରିଥିଲା। ଅଭିଯୁକ୍ତଙ୍କ ନିକଟରୁ ୨୩୫୦ ଟଙ୍କାର କୋଏନ ଓ ଦୁଇଟି ଛୋଟ ରୁପା ମୁକୁଟ ଜବତ କରିଥିଲେ। ଅଭିଯୁକ୍ତଙ୍କ ବିରୋଧରେ ପୂର୍ବରୁ ୭ଟି ମାମଲା ଟାଉନଥାନାରେ ରହିଛି। ତୃତୀୟ ଘଟଣାରେ ଗତ ମେ ୨୬ ତାରିଖରେ ଗାନ୍ଧିଛକ ନିକଟରେ ଏଲ.ଏନ .ଷ୍ଟୋର୍ସ ନାମକ ଏବଂ ମଟର ଯାନ ଯନ୍ତ୍ରାଂଶ ବିକ୍ରି ଦୋକାନରେ ଚୋରି ହୋଇଥିବା ନେଇ ମାଲିକ ଅନିଲ କୁମାର ମହାନ୍ତି ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଏନେଇ ଥାନାରେ ମାମଲା ରୁଜୁ ହେବା ସହିତ ଏ.ଏସ.ଆଇ ଡି.ବି. ପ୍ରଭୁସହାୟ ତଦନ୍ତ କରିଥିଲେ ଏବଂ ଦୁଇଜଣ ନାବାଳକଙ୍କୁ ଥାନାକୁ ଆଣି ପଚରାଉଚରା କରିଥିଲେ ଏବଂ ଅଭିଯୁକ୍ତଙ୍କ ନିକଟରୁ ୨୫୦୦ ଟଙ୍କା ଏବଂ ୨ହଜାର ୩ ଶହ ଟଙ୍କାର କମ୍ପାନୀ ଗୁଡିକର କ୍ୟାସ ଟୋକେନ ଏବଂ ତାଲା ଭାଙ୍ଗିବା ଲୁହାଛଡ ଜବତ କରିଥିଲେ। ସେହିପରି ୪ର୍ଥ ମାମଲାରେ ଗତ ଜୁନ ୬ ତାରିଖ ରାତିରେ ପୁରୁଣାଗଡ଼ଛକ ଠାରୁ ପାୱାର ହାଉସ ଛକକୁ ସଂଯୋଗ କରୁଥିବା ୩୨୬ ନମ୍ବର ଜାତୀୟ ରାଜପଥ ପାର୍ଶ୍ୱରେ ଏକ ସମେଣ୍ଟ ଓ ଲୁହାଛଡ ଦୋକାନର ପଛପଟେ ସିନ୍ଧି ଖୋଳାଯାଇ ଦୁର୍ବୃତ ଭାବେ ଭିତରେ ପ୍ରବେଶ କରିଥିବା ବେଳେ କାଉଣ୍ଟରେ ରହିଥିବା ବ୍ୟାଗରୁ ୬ ଲକ୍ଷ ୮୫ ହଜାର ଟଙ୍କା ଚୋରି ହୋଇଥିବା ନେଇ ଦୋକାନର ମାଲିକ ହିତେଶ ଜୈନ ଲିଖିତ ଅଭିଯୋଗ କରିଥିଲେ। ଏନେଇ ମାମଲା ରୁଜୁ କରାଯିବା ସହିତ ତଦନ୍ତକାରୀ ଅଧିକାରୀ ଭାବେ ଏଏସଆଇ ଡି.ବି. ପ୍ରଭୁସହାୟତ ତଦନ୍ତ କରିଥିଲେ ଏବଂ ଏହି ମାମଲାରେ ପୂର୍ବରୁ ୩ଟି ଲୁଟ ଓ ଚୋରି ମାମଲାରେ ସାମିଲ ରହିଥିବା ହାଟପଦା ଅଞ୍ଚଳର ରାଖେଲ ଖରା ଏବଂ ଅନ୍ୟଜଣେ ନାବାଳାକକୁ ଆଣି ପଚରାଉଚରା ବେଳେ ଚୋରି କରିଥିବା ସ୍ୱିକାର କରିଥଲା ଏବଂ ଅଭିଯୁକ୍ତଙ୍କ ନିକଟରୁ ଚୋରି ଟଙ୍କା ମଧ୍ୟରୁ ମାତ୍ର ୨ଲକ୍ଷ ୭୫ହଜାର ୫ଶହ ଟଙ୍କା ସମେତ ସିନ୍ଧି ଖୋଳିବାରେ ବ୍ୟବହୃତ ଶାବଳକୁ ପୁଲିସ ଜବତ କରିଛି। ସମସ୍ତ ଅଭିଯୁକ୍ତ ମାନଙ୍କୁ ପୁଲିସ ଆଜି ଅପରାହ୍ନରେ କୋର୍ଟ ଚାଲାଣ କରିଥିବା ନେଇ ଏସଡିପିଓ କୁମାରୀ ମିଓଲ ସୂଚନା ଦେଇଛନ୍ତି।

**ସାମାନ୍ୟ ବଚସାକୁ ନେଇ ପରିବାରକୁ ବାସନ୍ଦ**

## ପୀଡ଼ିତ ପରିବାରକୁ ଭେଟିଲା ଜିଲ୍ଲା ପ୍ରଶାସନ



ବୈପାରୀଗୁଡ଼ା, ୨୦।୬(ସମିସ): ଗ୍ରାମ କମିଟି ନେଇଥିବା ନିଷ୍ପତ୍ତି ନମାନିବାରୁ ଗୋଟିଏ ପରିବାର ଗାଁରୁ ବାସନ୍ଦ ହୋଇଛନ୍ତି। ପରିବାର ଲୋକଙ୍କୁ ଗାଁ ପର୍ବପର୍ବାଣିରେ ସାମିଲ କରାଯାଇନାହିଁ କି ସୁଖ ଦୁଃଖରେ କେହି ଆସିଲେ ନାହିଁ। ଏମିତିକି ପାଣି ମଧ ଦିଆ ଯାଉନାହିଁ। ଏଭଳି ଅଭିଯୋଗ ନେଇ ପରିବାର ଲୋକେ ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ପରେ ଗାଁରେ ଆଜି ପହଞ୍ଚିଛି ପ୍ରଶାସନ। ଏଭଳି ଘଟଣା କୋରାପୁଟ ଜିଲ୍ଲା ବୈପାରୀଗୁଡା ବ୍ଲକ ଖିଲଗୁଡାରେ ଦେଖିବାକୁ ମିଳିଛି।

କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଜୟପୁର ଉପଜିଲ୍ଲାପାଳ ଯଦୁମଣି ନାୟକ, ଜୟପୁର ଏସଡିପିଓ ଅର୍ଚ୍ଚିତା ମିଓଲ, ଏବଂ ବ୍ଲକ ପ୍ରଶାସନ ତରଫରୁ ବିଡ଼ିଓ ସୁବ୍ରତ ସାହୁ, ଅତିରିକ୍ତ ତହସିଲଦାର ଝାଡେଶ୍ୱର ସଉରା, ସରପଞ୍ଚ ସୂର୍ଯ୍ୟମଣି ନାୟକ, ବୈପାରିଗୁଡା ଥାନା ଓଆଇସି ଡମ୍ବରୁଧର ବାତ୍ରିଆ ପ୍ରମୁଖ ଖିଲଗୁଡାରେ ପହଞ୍ଚି ସ୍ଥିତି ଅନୁଧ୍ୟାନ କରି ଫେରିଛନ୍ତି। ବୈପାରୀଗୁଡା ବ୍ଲକ ଖିଲଗୁଡା ଗାଁରେ ମୋଟ ୬୦ଟି ପରିବାର ବସବାସ କରନ୍ତି। ହେଲେ ସାମାନ୍ୟ ବଚସାକୁ ନେଇ ଗୋଟିଏ ପରିବାରକୁ ବାସନ୍ଦ କରାଯାଇଛି। ସାମାଜିକ ଓ ପାରିବାରିକ ସମସ୍ୟାକୁ କେନ୍ଦ୍ରକରି ଆରମ୍ଭ ହେଲା ଝଗଡ଼ା। ପରେ ଗାଁ କମିଟି ବୈଠକ ଡକାଇଲା। ହେଲେ ଉକ୍ତ ପରିବାର ଲୋକେ ଗାଁ ଲୋକଙ୍କୁ ସହଯୋଗ କଲେ ନାହିଁ। ଶେଷରେ ଗ୍ରାମ କମିଟି ନେଇଥିବା ନିଷ୍ପତ୍ତି ନମାନିବାରୁ ପରିବାରକୁ ବାସନ୍ଦ କରାଯାଇଛି। ପୀଡିତ ପରିବାର ଲୋକଙ୍କ ସୁଖ ଦୁଃଖରେ ଗାଁ ଲୋକେ କେହି ଗଲେ ନାହିଁ। ଏପରିକି ଛୋଟ ଛୁଆଙ୍କ ସହ ମଧ କଥା ବାର୍ତ୍ତା ହେଉନାହାନ୍ତି। ଫଳରେ ସମ୍ପୃକ୍ତ ପରିବାର ଅନେକ ଅସୁବିଧାର ସମ୍ମୁଖୀନ ହେଲେ। ଦୀର୍ଘ ମାସ ଧରି ଏକଘରିଆ କରିଦିଆଯାଇଛି ବୋଲି ପୀଡିତ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। ଏହାକୁ ନେଇ ପରିବାର ସମସ୍ତ ସଦସ୍ୟ କୋରାପୁଟ ଜିଲ୍ଲାପାଳଙ୍କ ନିକଟରେ ଫେରାଦ ହୋଇଥିଲେ। ଅଭିଯୋଗକୁ ଆଧାର କରି କୋରାପୁଟ ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଖିଲଗୁଡା ଗାଁରେ ପ୍ରଶାସନ ପହଞ୍ଚି ସ୍ଥିତି ଅନୁଧ୍ୟାନ କରିଛି। ସାମାଜିକ ଓ ପାରିବାରିକ ସମସ୍ୟାକୁ କେନ୍ଦ୍ର କରି ଗାଁ ଝଗଡ଼ା ହୋଇଥିବା ଜାଣିବାକୁ ପାଇଲେ। ଗ୍ରାମବାସୀ, ସମ୍ପୃକ୍ତ ପରିବାର ଏବଂ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ରହି ଆଲୋଚନା କରିଥିଲେ। ଆଲୋଚନା ପରେ ଉଭୟ ପକ୍ଷ ମଧ୍ୟରେ ବୁଝାମଣା ସୃଷ୍ଟି ହୋଇଥିଲା। ବାସନ୍ଦ କରାଯାଇଥିବା ପରିବାରକୁ ପୁଣିଥରେ ଗ୍ରାମ ସମାଜ ସହ ମିଶାଇ ଦିଆଯାଇଥିଲା। ପ୍ରଶାସନର ମଧ୍ୟସ୍ଥତା ଏବଂ ଉଭୟ ପକ୍ଷର ସହଯୋଗ ଫଳରେ ଖିଲଗୁଡା ଗ୍ରାମର ଏହି ବିବାଦର ସୁଖଦ ସମାପ୍ତି ଘଟିଛି। ଆଗାମୀ ଦିନରେ ଗ୍ରାମରେ ଶାନ୍ତି ଓ ସାମାଜିକ ସମ୍ପ୍ରୀତି ବଜାୟ ରହିବ ବୋଲି ଆଶା କରାଯାଉଛି। ଆଜିକା ଡିଜିଟାଲ ଯୁଗରେ ଏଭଳି ମାନସିକତାକୁ ନେଇ ବୁଦ୍ଧିଜୀବୀ ମହଲରେ ନ ପସନ୍ଦ କରାଯାଇଛି।

## ଭାଲୁ ମୃତ୍ୟୁ ଘଟଣାରେ ୫ କୋର୍ଟ ଚାଲାଣ



ମାଲକାନଗିରି, ୨୦।୬(ସମିସ): ମାଲକାନଗିରି ଜିଲ୍ଲାର ମାଥିଲି ବନାଞ୍ଚଳ ଅଧୀନ ଡାଇଗୁଡ଼ା ଗ୍ରାମରେ ଗତ ଜୁନ୍ ୧୭ ତାରିଖରେ ଏକ ଭାଲୁ ରାସ୍ତା ଉପରକୁ ଚାଲି ଆସିଥିଲା। ପରଦିନ ଅର୍ଥାତ୍ ଜୁନ୍ ୧୮ ତାରିଖରେ ଭାଲୁଟିର ମୃତ୍ୟୁ ଘଟିଥିଲା। ଘଟଣା ପରେ ବନ ବିଭାଗ ପକ୍ଷରୁ ମୃତ ଭାଲୁର ବ୍ୟବଚ୍ଛେଦ କରାଯିବା ସହ ଘଟଣାର ତଦନ୍ତ ଆରମ୍ଭ ହୋଇଥିଲା। ତଦନ୍ତ ଓ ବ୍ୟବଚ୍ଛେଦ ରିପୋର୍ଟରୁ ଜଣାପଡ଼ିଥିଲା ଯେ, କିଛି ବ୍ୟକ୍ତି ଭାଲୁଟି ଉପରେ ପଥର ମାଡ଼ କରିଥିଲେ। ଏହି ଆକ୍ରମଣରେ ଭାଲୁଟି ଗୁରୁତର ଆହତ ହୋଇଥିବା ବେଳେ ପରବର୍ତ୍ତୀ ସମୟରେ ତାହାର ମୃତ୍ୟୁ ଘଟିଥିଲା। ଘଟଣାସ୍ଥଳରୁ ସଂଗୃହୀତ ଭିଡିଓ ଫୁଟେଜ ଓ ଅନ୍ୟାନ୍ୟ ପ୍ରମାଣକୁ ଆଧାର କରି ବନ ବିଭାଗ ଆଜି ୫ ଜଣ ଅଭିଯୁକ୍ତଙ୍କୁ ଗିରଫ କରିଛି। ସମସ୍ତଙ୍କୁ ଆଜି କୋର୍ଟ ଚାଲାଣ କରାଯାଇଥିବା ନେଇ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଖଣ୍ଡୀୟ ବନ ଅଧିକାରୀ ସାଇ କିରଣ ଡି.ଏନ୍. ସୂଚନା ଦେଇଛନ୍ତି।

## ଅଟୋ-ପିକଅପ୍ ଦୁର୍ଘଟଣାରେ ଚିକିତ୍ସାଧୀନ ବ୍ୟକ୍ତିଙ୍କ ମୃତ୍ୟୁ

ନନ୍ଦପୁର, ୨୦।୬(ସମିସ): ଗତ ୧୫ ତାରିଖରେ ନନ୍ଦପୁର ଅଗ୍ନିଶମ କେନ୍ଦ୍ର ନିକଟରେ ଏକ ଅଟୋ ଓ ପିକଅପ୍ ଗାଡ଼ି ମଧ୍ୟରେ ମୁହାଁମୁହିଁ ଧକ୍କାରେ ଗୁରୁତର ହୋଇ ଆନ୍ଧ୍ରପ୍ରଦେଶର ଏକ ଘରୋଇ ମେଡିକାଲରେ ଚିକିତ୍ସାଧୀନ ଥିବା ଯୁବକଙ୍କ ଆଜି ସକାଳେ ମୃତ୍ୟୁ ହୋଇଯାଇଛି। ଶୋକାକୁଳ ପରିବେଶରେ ସନ୍ଧ୍ୟାରେ ଅନ୍ତିମ ସଂସ୍କାର କରାଯାଇଛି। ମୃତକ ହେଲେ ଡମ୍ବୁରୁ ହିଙ୍ଗୋଇ। ସୂଚିତ ଯେ ଗତ ୧୫ ତାରିଖ ବିଳମ୍ବିତ ରାତିରେ ଅଟୋ ସହ ପିକଅପ୍ ଦୁର୍ଘଟଣା ଘଟିଥିବା ୧୪ ଜଣଙ୍କ ମଧ୍ୟରୁ ୮ ଜଣ ଗୁରୁତର ଆହତଙ୍କୁ କୋରାପୁଟ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ସ୍ଥାନାନ୍ତର କରାଯାଇଥିଲା। ଆହତମାନଙ୍କ ମଧ୍ୟରୁ ଦୁଇ ଜଣଙ୍କ ସ୍ୱାସ୍ଥ୍ୟାବସ୍ଥା ଅତ୍ୟନ୍ତ ସଙ୍କଟାପନ୍ନ ଥିବାରୁ ସେମାନଙ୍କୁ ଉନ୍ନତ ଚିକିତ୍ସା ପାଇଁ ଅନ୍ୟତ୍ର ସ୍ଥାନାନ୍ତର କରାଯାଇଥିଲା। ସେଥିମଧ୍ୟରୁ ନନ୍ଦପୁର ଥାନା ଅନ୍ତର୍ଗତ ଗେରୁପୁଟ ଗ୍ରାମର ଡମ୍ବୁରୁ ହିଙ୍ଗୋଇଙ୍କୁ ବିଶାଖାପାଟନମସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ଭର୍ତ୍ତି କରାଯାଇଥିଲା। ତେବେ ଦୀର୍ଘ ଦିନ ଧରି ଚିକିତ୍ସା ସତ୍ତ୍ୱେ ତାଙ୍କ ସ୍ୱାସ୍ଥ୍ୟରେ ବିଶେଷ ଉନ୍ନତି ନ ହେବାରୁ ଡାକ୍ତରମାନେ ପରିବାର ଲୋକଙ୍କୁ ତାଙ୍କୁ ଘରକୁ ନେଇଯିବା ପାଇଁ ପରାମର୍ଶ ଦେଇଥିଲେ। ପରେ ତାଙ୍କୁ ଲମତାପୁଟସ୍ଥିତ ଆଶାକିରଣ ନିଦାନ କେନ୍ଦ୍ରକୁ ଆଣି ଚିକିତ୍ସାଧୀନ ଅବସ୍ଥାରେ ରଖାଯାଇଥିଲା। କିନ୍ତୁ ଶନିବାର ସକାଳେ ସେଠାରେ ତାଙ୍କର ମୃତ୍ୟୁ ଘଟିଥିଲା ଜଣାପଡ଼ିଛି। ଡମ୍ବୁରୁ ହିଙ୍ଗୋଇଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବା ପରେ ଗେରୁପୁଟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି।

## ରାୟଗଡ଼ ପୌର ପରିଷଦ ପକ୍ଷରୁ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ



ରାୟଗଡ଼, ୨୦।୬(ସମିସ): ରାୟଗଡ଼ ପୌର ପରିଷଦ ଦ୍ୱାରା ଅଡିଟୋରିୟମ୍‌ରେ ସହରାଞ୍ଚଳ ଜନସମ୍ପର୍କ ଏବଂ ନାଗରିକ ଭାଗୀଦାରୀ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ମୂଳ ଉଦ୍ଦେଶ୍ୟ ଥିଲା ନାଗରିକମାନଙ୍କୁ ପୌରପରିଷଦ ଦ୍ୱାରା ପରିଚାଳିତ ବିଭିନ୍ନ ଜନକଲ୍ୟାଣମୂଳକ ଯୋଜନା ସମ୍ପର୍କରେ ସଚେତନ କରିବା, ସେମାନଙ୍କର ଅଭିଯୋଗ ଓ ସମସ୍ୟାର ସମାଧାନ କରିବା। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନା (ସହରୀ)-୨.୦, ଗୃହ କର, ବାଣିଜ୍ୟିକ ଲାଇସେନ୍ସ, ବିଲ୍ଡିଂ ପ୍ଲାନ୍ ଅନୁମୋଦନ, ସହଯୋଗ ଯୋଜନା ଆଦି ସମ୍ପର୍କରେ ନାଗରିକମାନଙ୍କୁ ବିସ୍ତୃତ ସୂଚନା ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ରାୟଗଡ଼ ପୌରପରିଷଦ ଅଧୀନରେ କାର୍ଯ୍ୟରତ ସଫେଇ ମିତ୍ରମାନଙ୍କ ପାଇଁ ଏକ ସ୍ୱତନ୍ତ୍ର ସ୍ୱାସ୍ଥ୍ୟ ଶିବିରର ଆୟୋଜନ କରାଯାଇଥିଲା। ଏହି ଶିବିରରେ ସଫେଇ ମିତ୍ରମାନଙ୍କର ସ୍ୱାସ୍ଥ୍ୟ ପରୀକ୍ଷା କରାଯିବା ସହ ସ୍ୱାସ୍ଥ୍ୟ ସମ୍ବନ୍ଧୀୟ ପରାମର୍ଶ ମଧ୍ୟ ପ୍ରଦାନ କରାଯାଇଥିଲା। ଏହି ଅବସରରେ ଯୋଗ୍ୟ ହିତାଧିକାରୀମାନଙ୍କୁ ରାସନ କାର୍ଡ ବଣ୍ଟନ କରାଯାଇଥିଲା ଏଥିସହିତ ବିଭିନ୍ନ ଯୋଜନାରେ ଯୋଗ୍ୟ ଥିବା ନାଗରିକମାନଙ୍କୁ ସ୍ଥଳ ବିଶେଷରେ ଆବେଦନ କରିବା ପାଇଁ ସହାୟତା ଯୋଗାଇ ଦିଆଯାଇଥିଲା। କାର୍ଯ୍ୟକ୍ରମଟି ରାୟଗଡ଼ ପୌର ପରିଷଦର ଅଧକ୍ଷ ପି. ମହେଶ ପଟ୍ଟନାୟକଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ପୌରପରିଷଦର ସମସ୍ତ କାଉନସିଲରମାନେ ଏହି କାର୍ଯ୍ୟକ୍ରମରେ ଜନସାଧାରଣଙ୍କ ସହ ସିଧାସଳଖ ଆଲୋଚନା କରିଥିଲେ। ରାୟଗଡ଼ ପୌରପରିଷଦର ନିର୍ବାହୀ ଅଧିକାରୀ କୁଳଦୀପ କୁମାର କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଜିଲ୍ଲା ନଗର ଉନ୍ନୟନ ସଂସ୍ଥାର ଟିମ ଲିଡ ଏବଂ ଅନ୍ୟ କର୍ମକର୍ତ୍ତାମାନେ ଯୋଗଦାନ କରିଥିଲେ। ଜିଲ୍ଲା ମିଶନ ମ୍ୟାନେଜର, ସ୍ୱଚ୍ଛତା ବିଶେଷଜ୍ଞ, କମ୍ୟୁନିଟି ଅର୍ଗାନାଇଜର ଏବଂ ପୌରପରିଷଦର ବିଭିନ୍ନ ଶାଖାର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ରହି ନାଗରିକମାନଙ୍କ ସନ୍ଦେହ ଦୂର କରିବା ସହ ବିଭିନ୍ନ ଯୋଜନାର ସୁବିଧା ପ୍ରାପ୍ତି ନିମନ୍ତେ ଆବଶ୍ୟକ ସହଯୋଗ ପ୍ରଦାନ କରିଥିଲେ।

# ବାଲିମେଳା ଏନ୍‌ଏସିରେ ଶୋଚନୀୟ ସ୍ଥିତି

**ସହକାରୀ ଯନ୍ତ୍ରୀଙ୍କୁ ଧମକ ପରେ କାର୍ଯ୍ୟାଳୟ ଖାଁ ଖାଁ**

ମାଲକାନଗିରି/କୋରୁକୋଣ୍ଡା, ୨୦।୬ (ସମିସ)



ମାଲକାନଗିରି ଜିଲ୍ଲାର ବାଲିମେଳା ଏନଏସିରେ ଠିକା କାର୍ଯ୍ୟକୁ କେନ୍ଦ୍ର କରି ସୃଷ୍ଟି ହୋଇଥିବା ବିବାଦ ପରେ ସହକାରୀ ଯନ୍ତ୍ରୀଙ୍କୁ ଧମକ ଦିଆଯାଇଥିବା ଅଭିଯୋଗ ଉଠିଛି। ଏହାର ପ୍ରତିବାଦରେ ଶନିବାର ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ, ଯନ୍ତ୍ରୀ ଓ ଅନ୍ୟାନ୍ୟ କର୍ମଚାରୀ କାର୍ଯ୍ୟାଳୟରେ ଯୋଗ ନ ଦେଇଥିବା ଜଣାପଡ଼ିଛି। କାର୍ଯ୍ୟାଳୟଟି ଖାଁ ଖାଁ ଲାଗୁଛି। ସୂଚନାନୁସାରେ, ବାଲିମେଳା ଏନଏସି ପକ୍ଷରୁ ପତ୍ର ସଂଖ୍ୟା–୪୭୪ ଅନୁଯାୟୀ ଗତ ୨୬ ମାର୍ଚ୍ଚ ୨୦୨୬ ତାରିଖରେ ଏନଏସିର ବିକାଶମୂଳକ କାର୍ଯ୍ୟ ପାଇଁ ୧୬ଟି ପ୍ରକଳ୍ପର ଲକ୍ଷାଧିକ ଟଙ୍କାର ଟେଣ୍ଡର ଆହ୍ୱାନ କରାଯାଇଥିଲା। ଏହି ଟେଣ୍ଡର ପ୍ରକ୍ରିୟାରେ ଅନେକ ଠିକାଦାର ଶିଡ୍ୟୁଲ ରେଟରେ ଦରପତ୍ର ଦାଖଲ କରିଥିବାବେଳେ ଲମତାପୁଟ ଅଞ୍ଚଳର ଠିକାଦାର ପ୍ରଶାନ୍ତ କୁମାର ବଡନାୟକ କିଛି ଶତକଡ଼ା କମ୍ ଦର ଦେଇ ଉକ୍ତ କାର୍ଯ୍ୟଗୁଡ଼ିକ ହାସଲ କରିଥିଲେ। ଗତ ଶୁକ୍ରବାର ଉକ୍ତ କାର୍ଯ୍ୟଗୁଡ଼ିକର ଚୁକ୍ତିନାମା ସମ୍ପାଦନ ପାଇଁ ଶ୍ରୀ ବଡନାୟକ ବାଲିମେଳା ଏନଏସି କାର୍ଯ୍ୟାଳୟକୁ ଆସିଥିବା ବେଳେ କିଛି ବ୍ୟକ୍ତି ଏହାକୁ ବିରୋଧ କରି କାର୍ଯ୍ୟାଳୟରେ ପ୍ରବେଶ କରିଥିଲେ। ସେମାନେ ଯନ୍ତ୍ରୀ କୁମୁଦିନୀ ସେଠୀ ଓ ସହକାରୀ ଯନ୍ତ୍ରୀ ପଦ୍ମନାଭ ବେଟିଙ୍କ କକ୍ଷକୁ ଯାଇ ସହକାରୀ ଯନ୍ତ୍ରୀ ଶ୍ରୀ ବେଟିଙ୍କ ସହ ଅସଭ୍ୟ ବ୍ୟବହାର କରିବା ସହ ଧମକ ଦେଇଥିବା ଅଭିଯୋଗ ହୋଇଛି। ଏହି ଘଟଣା ପରେ ଶ୍ରୀ ବେଟି ଓ ଅନ୍ୟ କର୍ମଚାରୀମାନେ ନିଜକୁ ଅସୁରକ୍ଷିତ ମନେ କରି ଏନଏସିର କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରାଙ୍କୁ ଅବଗତ କରାଇଥିଲେ। ଏହାର ପ୍ରତିବାଦରେ ଶନିବାର କୌଣସି ଅଧିକାରୀ କିମ୍ବା କର୍ମଚାରୀ କାର୍ଯ୍ୟାଳୟରେ ଯୋଗ ଦେଇନଥିବା ଜଣାପଡ଼ିଛି। ଘଟଣାକୁ ନେଇ ବିଭିନ୍ନ ମହଲରେ ପ୍ରଶ୍ନ ଉଠିଛି ଯେ, ଯେଉଁ ବ୍ୟକ୍ତିମାନେ ନ ଲାଇସେନ୍ସପ୍ରାପ୍ତ ଠିକାଦାର, ନ ସ୍ଥାନୀୟ ଜନପ୍ରତିନିଧି, ସେମାନେ କିପରି ଏବଂ କାହାର ଇଙ୍ଗିତରେ ସରକାରୀ କାର୍ଯ୍ୟାଳୟ ଭିତରକୁ ପ୍ରବେଶ କରି ସହକାରୀ ଯନ୍ତ୍ରୀଙ୍କୁ ଧମକ ଦେଲେ। ଏନଏସି କର୍ମଚାରୀମାନେ ଏହି ଘଟଣାର ଉଚ୍ଚସ୍ତରୀୟ ତଦନ୍ତ ଦାବି କରିବା ସହିତ ଟେଣ୍ଡର ପ୍ରକ୍ରିୟାରେ କାର୍ଯ୍ୟ ପାଇଥିବା ଠିକାଦାର ପ୍ରଶାନ୍ତ କୁମାର ବଡନାୟକଙ୍କ ସହ ତୁରନ୍ତ ଚୁକ୍ତିନାମା ସମ୍ପାଦନ ଏବଂ ସହକାରୀ ଯନ୍ତ୍ରୀଙ୍କୁ ଧମକ ଦେଇଥିବା ଅଭିଯୁକ୍ତଙ୍କ ବିରୋଧରେ କଠୋର ଆଇନଗତ କାର୍ଯ୍ୟାନୁଷ୍ଠାନ ନେବାକୁ ଦାବି କରିଛନ୍ତି। ଏନେଇ କାର୍ଯ୍ୟନିର୍ବାହୀ ଅଧିକାରୀ ଦେବୀ ପ୍ରସାଦ ଦୋରା କହିଛନ୍ତି ଯେ, କିଛି ବ୍ୟକ୍ତିଙ୍କ ଅସଭ୍ୟ ବ୍ୟବହାର ଓ ଧମକ ଯୋଗୁଁ କର୍ମଚାରୀମାନେ ମାନସିକ ଭାବେ ଆଘାତପ୍ରାପ୍ତ ହୋଇ ନିଜକୁ ଅସୁରକ୍ଷିତ ମନେ କରୁଛନ୍ତି। ସେହି କାରଣରୁ ସେମାନେ କାର୍ଯ୍ୟରେ ଯୋଗ ଦେଇନାହାନ୍ତି। ଘଟଣା ସମ୍ପର୍କରେ ଉଚ୍ଚ କର୍ତ୍ତୃପକ୍ଷଙ୍କୁ ଅବଗତ କରାଯାଇଥିବା ସହ ଶୀଘ୍ର ସମାଧାନ ପାଇଁ ପଦକ୍ଷେପ ନିଆଯାଉଥିବା ସେ ପ୍ରକାଶ କରିଛନ୍ତି।

**ମଦ ଦୋକାନ ସ୍ଥାନାନ୍ତର ଦାବି**

## ଜିଲ୍ଲାପାଳଙ୍କୁ ଭେଟିଲା ଜିଲ୍ଲା କଂଗ୍ରେସ କମିଟି



ମାଲକାନଗିରି, ୨୦।୬(ସମିସ): ମାଲକାନଗିରି ଜିଲ୍ଲା ସଦରରେ ଥିବା ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟବର୍ତ୍ତୀ ଏବଂ ସୁକୁମାକୁ ସଂଯୋଗ କରୁଥିବା ବାଇପାସ୍ ରାସ୍ତା ପାର୍ଶ୍ୱସ୍ଥିତ ମଦ ଦୋକାନଗୁଡ଼ିକୁ ଅନ୍ୟତ୍ର ସ୍ଥାନାନ୍ତର କରିବା ଦାବିରେ ଜିଲ୍ଲା କଂଗ୍ରେସ କମିଟି ପକ୍ଷରୁ ଜିଲ୍ଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଛି। କଂଗ୍ରେସ ନେତୃବୃନ୍ଦଙ୍କ କହିବାନୁସାରେ, ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ନିକଟରେ ଥିବା ମଦ ଦୋକାନ ଯୋଗୁଁ ରୋଗୀ, ସେମାନଙ୍କ ସମ୍ପର୍କୀୟ ଏବଂ ସାଧାରଣ ଲୋକ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ମଦ୍ୟପାନ କରି ଅନେକ ସମୟରେ ମଦ୍ୟପ ବ୍ୟକ୍ତି ଚିକିତ୍ସାଳୟ ପରିସରକୁ ଯାଇ ଡାକ୍ତର ଓ ସ୍ୱାସ୍ଥ୍ୟକର୍ମୀଙ୍କ ସହ ଅସଦାଚରଣ କରୁଥିବା ଅଭିଯୋଗ ମଧ୍ୟ ରହିଛି। ଏହାଫଳରେ ଚିକିତ୍ସା ସେବା ବାଧାପ୍ରାପ୍ତ ହେବା ସହ ହସ୍ପିଟାଲ ପରିବେଶ ମଧ୍ୟ ପ୍ରଭାବିତ ହେଉଛି। ଏହା ସେହି ମଦ ଦୋକାନଟି ଜାତୀୟ ରାଜପଥ କଡରେ ଥିବା ବେଳେ ଅନେକ ଦୁର୍ଘଟଣା ମଧ୍ୟ ଏହି ମଦ ଦୋକାନ ପାଇଁ ହେଉଛି।

ସେହିପରି ସୁକୁମାକୁ ସଂଯୋଗକାରୀ ବାଇପାସ୍ ରାସ୍ତା ନିକଟରେ ଥିବା ମଦ ଦୋକାନ ଯୋଗୁଁ ଯାତାୟାତରେ ବାଧା ସୃଷ୍ଟି ହେବା ସହ ଦୁର୍ଘଟଣା ଆଶଙ୍କା ବଢୁଥିବା ଦାବି କରିଛି କଂଗ୍ରେସ। ଏହା ସହ ସେହି ଅଞ୍ଚଳରେ ଅନେକ ବସ୍ତି ଓ ସାହି ରହିଥିବା ବେଳେ ଏକ କେନାଲ ମଧ୍ୟ ରହିଛି। କେନାଲ ମଧ୍ୟରେ ମଦ୍ୟପ ମାନେ ବୋତଲ ପକାଇବା ଫଳରେ ଲୋକେ ଆହତ ହେଉଛନ୍ତି। ନିକଟରେ ନୂତନ ଟେଣ୍ଡର ପ୍ରକ୍ରିୟା ପରେ ପୁନର୍ବାର ଏହି ସ୍ଥାନଗୁଡ଼ିକରେ ମଦ ଦୋକାନ ଖୋଲିବାର ଯୋଜନା ଥିବାରୁ ଜିଲ୍ଲା କଂଗ୍ରେସ ପକ୍ଷରୁ ଏହାକୁ ବିରୋଧ କରାଯାଇଛି। ଦାବିପତ୍ର ମାଧ୍ୟମରେ କଂଗ୍ରେସ ପକ୍ଷରୁ ମଦ ଦୋକାନଗୁଡ଼ିକୁ ଜନବସତି, ଶିକ୍ଷାନୁଷ୍ଠାନ ଓ ଚିକିତ୍ସାଳୟ ପରିସରଠାରୁ ଦୂରରେ ଅନ୍ୟ ଉପଯୁକ୍ତ ସ୍ଥାନକୁ ସ୍ଥାନାନ୍ତର କରିବାକୁ ଦାବି କରାଯାଇଛି। ଦାବି ପୂରଣ ନ ହେଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତୀବ୍ର କରାଯିବ ବୋଲି ଜିଲ୍ଲା କଂଗ୍ରେସ କମିଟି ଚେତାବନୀ ଦେଇଛି। ଏହି ଦାବିପତ୍ର ପ୍ରଦାନ ସମୟରେ ଜିଲ୍ଲା କଂଗ୍ରେସ କମିଟି ସଭାପତି ଜି ଶ୍ରୀନିବାସ ରାଓ, କେଶୁ ରାଓ, କୃଷ୍ଣଚନ୍ଦ୍ର ଅନୁଗୁ, ପ୍ରାଣକୃଷ୍ଣ ମଣ୍ଡଳ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।

# ମନରେଗା କାମରେ ବାପାମା'ଙ୍କ ବଦଳରେ ନାବାଳକର ଫଟୋ

● ଶ୍ରମ ବାବଦକୁ ଦିଆଯାଉଛି ଟଙ୍କା
● ଏନଏମଏମଏସରେ ଦର୍ଶାଯାଉଛି ଫଟୋ



କୋରୁକୋଣ୍ଡା, ୨୦।୬(ସମିସ): ମାଲକାନଗିରି ଜିଲ୍ଲା କୋରୁକୋଣ୍ଡା ବ୍ଲକ ଅଧୀନ ନକାମାମୁଡି ଗ୍ରାମପଞ୍ଚାୟତରେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମାଧ୍ୟମରେ ୨୦୨୪ ଆର୍ଥିକ ବର୍ଷରେ ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମନିଯୁକ୍ତି ଯୋଜନାରେ ନିଲାପାରି ଗ୍ରାମରେ ଆମ୍ବ ବଗିଚା ନିମନ୍ତେ ଅର୍ଥ ଅନୁମୋଦନ କରାଯାଇଥିଲା। ଗତ ଜାନୁଆରୀ ୨୨ ତାରିଖଠାରୁ ଫେବୃୟାରୀ ୪ ତାରିଖ ପର୍ଯ୍ୟନ୍ତ ଉକ୍ତ କାର୍ଯ୍ୟର ସରକାରୀ ତଥ୍ୟ ଏନଏମଏମଏସରେ ବିଭିନ୍ନ କାର୍ଯ୍ୟ ଦିବସରେ ବିଭିନ୍ନ ନାବାଳକର ଫଟୋ ଦର୍ଶାଯାଇଥିଲା। ଏହାକୁ ନେଇ ସେହି ସମୟରେ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରୋଜେକ୍ଟ ମ୍ୟାନେଜର ବିଶ୍ୱନାଥ ମିଶ୍ରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଥିଲେ ଯେ ଏପରି କରିବା ନିୟମ ବିରୁଦ୍ଧ; ଯଦି ଏମିତି କିଛି ହୋଇଛି ତେବେ ତଦନ୍ତ କରିବା ସହିତ ଦୋଷୀଙ୍କ ବିରୁଦ୍ଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଫେବୃୟାରୀ ୨ ତାରିଖରେ ଦୈନିକ ଖବର କାଗଜ ସକାଳ ଖବରରେ ପ୍ରକାଶ ପାଇଥିଲା; କିନ୍ତୁ ଅଧିକାରୀ ଏହାକୁ ନେଇ ଅବଗତ ଥିଲେ ମଧ୍ୟ ସେହି କାର୍ଯ୍ୟକୁ ସେହି ସମୟରେ ଶ୍ରମିକମାନେ କରିଥିବା ଦର୍ଶାଇ ଶ୍ରମ ବାବଦକୁ ଟଙ୍କା ପଇଠ କରିଦେଲେ। ଏହାକୁ ନେଇ ଆମେ ବର୍ତ୍ତମାନ ପ୍ରୋଜେକ୍ଟ ମ୍ୟାନେଜରଙ୍କୁ ପଚାରିବାରୁ ସେ କହିଲେକି, ନାବାଳକମାନେ କାମ କରିନାହାନ୍ତି ସେମାନଙ୍କ ବାପା ମା' କାମ କରିଥିବା ବେଳେ ପିଲାଙ୍କର ଫୋଟ ଦିଆଯାଇଥିଲା। ପ୍ରଥମ ଥର ମହାତ୍ମା ଗାନ୍ଧୀ ଜାତୀୟ ଗ୍ରାମୀଣ ନିଶ୍ଚିତ କର୍ମ ନିଯୁକ୍ତି ଯୋଜନାରେ ବାପା ମା' କାମ କରିଥିଲେ ପିଲାଙ୍କ ଫଟୋ ସରକାରୀ ତଥ୍ୟରେ ଦର୍ଶାଅ ଯାଇପାରିବ ବୋଲି ଜଣାପଡ଼ିଥିବାରୁ ଏହା ଆଶ୍ଚର୍ଯ୍ୟାନ୍ୱିତ କରିଛି। ଏହାକୁ ନେଇ ଜିଲ୍ଲା ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା ମୁଖ୍ୟ ହଲଧର ସବରଙ୍କ ଦୃଷ୍ଟି ଆକର୍ଷଣ କରିବାରୁ ସେ କହିଲେକି, ସେମିତିତ ହେବା କଥା ନୁହଁ ଏମିତି କେମିତି ହେଲା ସେନେଇ ଅନୁଧ୍ୟାନ କରି ଜଣାଇବି। ପୂର୍ବ ଦିନରେ ମଧ୍ୟ ଏହିପରି ଭାବେ ବିଭାଗୀୟ ପ୍ରୋଜେକ୍ଟ ମ୍ୟାନେଜର ଶ୍ରୀ ମିଶ୍ର କହିଥିଲେ ଏବଂ ପର ମୁହୂର୍ତ୍ତରେ ସେହି କାର୍ଯ୍ୟର ଶ୍ରମ ବାବଦକୁ ଟଙ୍କା ପଇଠ ହୋଇଗଲା। ଏବେ ଆଗକୁ ଦେଖିବାର ବାକି ରହିଲା ସଂସ୍ଥା ମୁଖ୍ୟ କିପରି ପଦକ୍ଷେପ ନେଉଛନ୍ତି ନା ଏପରି କାର୍ଯ୍ୟ କରିବାକୁ ପ୍ରୋତ୍ସାହନ ଯୋଗାଉଛନ୍ତି।

## ପିଲାଚୋର ସନ୍ଦେହରେ ଆକ୍ରମଣ ପ୍ରସଙ୍ଗ

# ମହିଳାଙ୍କ ମର୍ଯ୍ୟାଦାହାନି ନିନ୍ଦନୀୟ ଓ ଅତ୍ୟନ୍ତ ସମ୍ବେଦନଶୀଳ: ଏସ୍‌ପି

ରାୟଗଡ଼, ୨୦।୬ (ସମିସ)

ରାୟଗଡ଼ ଜିଲ୍ଲାର କଲ୍ୟାଣସିଙ୍ଗପୁର ଥାନା ଅଞ୍ଚଳରେ ଗତ ୧୬ ତାରିଖ ରାତିରେ ପିଲାଚୋର ସନ୍ଦେହରେ ଦୁଇଜଣ ଅଣଓଡ଼ିଆ ସ୍ୱେଚ୍ଛାସେବୀ ଯୁବକ-ଯୁବତୀଙ୍କୁ ଆକ୍ରମଣ କରାଯିବା ସହ ଯୁବତୀଙ୍କ ସହ ଅସଦାଚରଣ ଏବଂ ମର୍ଯ୍ୟାଦାହାନି ଘଟଣାକୁ ଜିଲ୍ଲା ପୋଲିସ ଗୁରୁତର ଭାବେ ନେଇଛି। ଏହି ଘଟଣାକୁ ନିନ୍ଦନୀୟ ଓ ଅତ୍ୟନ୍ତ ସମ୍ବେଦନଶୀଳ ବୋଲି କହିଛନ୍ତି ଜିଲ୍ଲା ଆରକ୍ଷୀ ଅଧୀକ୍ଷକ (ଏସପି) ରାଜ ପ୍ରସାଦ। ଶୁକ୍ରବାର ଜିଲ୍ଲା ପୁଲିସ କାର୍ଯ୍ୟାଳୟରେ ଆୟୋଜିତ ସାମ୍ବାଦିକ ସମ୍ମିଳନୀରେ ଏସପି ସୂଚନା ଦେଇ କହିଥିଲେ ଯେ ଘଟଣା ଘଟିବା ପରେ ପୋଲିସ ତୁରନ୍ତ ପଦକ୍ଷେପ ଗ୍ରହଣ କରି ମାତ୍ର ଚାରି ଦିନ ମଧ୍ୟରେ ମାମଲାରେ ସମ୍ପୃକ୍ତ ୨୦ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ଗିରଫ ହୋଇଥିବାମାନଙ୍କ ମଧ୍ୟରେ ମୁଖ୍ୟ ଅଭିଯୁକ୍ତମାନେ ମଧ୍ୟ ରହିଛନ୍ତି। ସେ କହିଛନ୍ତି ଯେ ଘଟଣାରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତମାନଙ୍କ ପରିଚୟ ଓ ଭୂମିକା ନେଇ ତଦନ୍ତ ଜାରି ରହିଛି।



ଗିରଫ ଭୟରେ ଲୁଚି ରହିଥିବା ଅଭିଯୁକ୍ତମାନଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢ଼ାଉ ଚାଲିଛି। ମାମଲାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ପୋଲିସ ପକ୍ଷରୁ ଏକାଧିକ ଟିମ୍ ଗଠନ କରାଯାଇ ତଦନ୍ତକୁ ତ୍ୱରାନ୍ୱିତ କରାଯାଇଛି। ଏସପି ଆହୁରି କହିଛନ୍ତି ଯେ ମାମଲାଟିକୁ ଉଚ୍ଚ ସ୍ତରରେ ଗୁରୁତ୍ୱ ଦିଆଯାଇଥିବା ବେଳେ କ୍ରାଇମ ବ୍ରାଞ୍ଚର ପରାମର୍ଶ ମଧ୍ୟ ନିଆଯାଉଛି। ସେ ନିଜେ ଏହି ମାମଲାର ମନିଟରିଂ ଓ ସୁପରଭିଜନ୍ କରୁଥିବା ବେଳେ ଦକ୍ଷିଣ-ପଶ୍ଚିମାଞ୍ଚଳ ଡିଆଇଜି ମଧ୍ୟ ତଦନ୍ତକାରୀ ଟିମ୍‌କୁ ମାର୍ଗଦର୍ଶନ ଦେଉଛନ୍ତି।

ଅଭିଯୁକ୍ତମାନଙ୍କ ବିରୋଧରେ କଡ଼ା ଆଇନଗତ କାର୍ଯ୍ୟାନୁଷ୍ଠାନ ପାଇଁ ଏକ ସ୍ୱତନ୍ତ୍ର ଲିଗାଲ୍ ସେଲ୍‌ଫ ଗଠନ କରାଯାଇଥିବା ବେଳେ ଆଇନ ଅନୁଯାୟୀ ସମସ୍ତ ପ୍ରଯୁଜ୍ୟ ଧାରା ଲାଗୁ କରାଯିବ ବୋଲି ଏସପି ସ୍ପଷ୍ଟ କରିଛନ୍ତି। ଘଟଣାରେ ଜଣେ ମହିଳାଙ୍କ ମର୍ଯ୍ୟାଦାହାନି ହୋଇଥିବାରୁ ମାମଲାଟି ଅତ୍ୟନ୍ତ ସମ୍ବେଦନଶୀଳ ବୋଲି ଉଲ୍ଲେଖ କରି ଏସପି କହିଛନ୍ତି ଯେ, ଘଟଣା ସମ୍ବଳିତ ଭିଡିଓ ଉତ୍ତୋଳନ ଓ ସୋସିଆଲ୍ ମିଡିଆରେ ପ୍ରସାରଣ କରିବା ଆଇଟି ଆକ୍ଟର ଉଲ୍ଲଙ୍ଘନ ସହ ପୀଡ଼ିତାଙ୍କ ଗୋପନୀୟତାକୁ କ୍ଷୁଣ୍ଣ କରୁଛି। ତେଣୁ ଏପରି ଭିଡିଓ କେହି ଶେୟାର କିମ୍ବା ଭାଇରାଲ୍ ନ କରିବାକୁ ସେ ସାଧାରଣ ଲୋକଙ୍କୁ ଅନୁରୋଧ କରିଛନ୍ତି। ପୁଲିସର ସାଇବର ଟିମ୍ ଭାଇରାଲ୍ ଭିଡିଓର ଉତ୍ସ ଖୋଜୁଥିବା ବେଳେ ଏହାକୁ ପ୍ରସାର କରିଥିବା ବ୍ୟକ୍ତିଙ୍କ ବିରୋଧରେ ମଧ୍ୟ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ସେ କହିଛନ୍ତି। ଏହି ଘଟଣାକୁ ନେଇ କଲ୍ୟାଣସିଙ୍ଗପୁର ଥାନାରେ ପୁଲିସ ପକ୍ଷରୁ ତିନୋଟି ମାମଲା ରୁଜୁ ହୋଇଛି। ପୀଡ଼ିତ ଯୁବକ ଓ ଯୁବତୀ ବର୍ତ୍ତମାନ ନିଜ ଘରକୁ ଫେରିଯାଇଥିବା ବେଳେ ସେମାନଙ୍କ ସ୍ୱାସ୍ଥ୍ୟ ଅବସ୍ଥା ସ୍ଥିର ହେବା ପରେ ସେମାନଙ୍କ ଅଭିଯୋଗ ଆଧାରରେ ଆହୁରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଏସପି ରାଜ ପ୍ରସାଦ ସୂଚନା ଦେଇଛନ୍ତି।

## ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ବିଭିନ୍ନ ନମୁନାର ଯାଞ୍ଚ

# ଅତ୍ୟାଧୁନିକ ଡ୍ରାଏ କେମିଷ୍ଟ୍ରି ମେସିନ୍‌ର ଉଦ୍‌ଘାଟନ

ଜୟପୁର, ୨୦।୬(ସମିସ): ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ରକ୍ତ ସମେତ ପରୀକ୍ଷା କରୁଥିବା ଅତ୍ୟାଧୁନିକ ଡ୍ରାଏ କେମିଷ୍ଟ ଯାଞ୍ଚ ମେସିନକୁ ମୁଖ୍ୟଅତିଥି ଭାବେ ଜୟପୁର ବିଧାୟକ ତାରାପ୍ରସାଦ ବାହିନୀପତି ଉଦ୍‌ଘାଟନ କରିଥିଲେ। ଏହି ଅତ୍ୟାଧୁନିକ ମେସିନ ମାଧ୍ୟମରେ ଗୋଟିଏ ନମୁନା ସଂଗ୍ରହରୁ ପ୍ରାୟ ୧୭୦୦ ପ୍ରକାରର ପରୀକ୍ଷା କରାଯାଇପାରିବ। ଏହାଦ୍ୱାରା ରୋଗ ନିରୂପଣ ପ୍ରକ୍ରିୟା ଶୀଘ୍ର, ନିର୍ଭୁଲ ଓ ସୁବିଧାଜନକ ଭାବେ ହୋଇପାରିବ। ଏହି ପରୀକ୍ଷା ୫ରୁ ୧୦ ମିନିଟ୍ ମଧ୍ୟରେ ରୋଗୀଙ୍କ ପଞ୍ଜିକୃତ ମୋବାଇଲ୍ ନମ୍ବରକୁ ଏସଏମଏସ ମାଧ୍ୟମରେ ରିପୋର୍ଟ ପାଇପାରିବେ। ଏହି କାର୍ଯ୍ୟକ୍ରମରେ କୋରାପୁଟ ଜିଲ୍ଲାପାଳ ମନୋଜ ସତ୍ୟବାନ ମହାଜନ, ସିଡିଏମଓ ଡା.ଗୁରୁପ୍ରସାଦ ମହନ୍ତ, ଜିଲ୍ଲା ଚିକିତ୍ସାଳୟର ଅଧୀକ୍ଷକ ଡା ଅକ୍ଷୟ ରଥ, ଜିଲ୍ଲା ଚିକିତ୍ସାଳୟ ମ୍ୟାନେଜର ରୂପସି ମଧୁମିତା ନାୟକ, ତଥାଗତ ଦାସ ଏବଂ ବରିଷ୍ଠ ଡାକ୍ତରବୃନ୍ଦ, ସେବିକା ଓ କର୍ମଚାରୀ ଉପସ୍ଥିତ ଥିଲେ। ଏହି ଅବସରରେ ବିଧାୟକ ଶ୍ରୀ ବାହିନୀପତି କହଛନ୍ତି ଯେ ଜିଲ୍ଲା ଚିକିତ୍ସାଳୟରେ ଆବଶ୍ୟକ ବିଭିନ୍ନ ଯନ୍ତ୍ରପାତି ସମେତ ଖାଲି ପଡ଼ିଥିବା ବିଶେଷଜ୍ଞ ଡାକ୍ତର, କର୍ମଚାରୀ ଓ ସେବିକାଙ୍କୁ ଶୀଘ୍ର ନିଯୁକ୍ତି ନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗକୁ ଚିଠି ମାଧ୍ୟମରେ ଗତ ୩ତାରିଖରେ ଦାବି କରିଛନ୍ତି। ଏଥିନେଇ ରାଜ୍ୟ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସରକାରଙ୍କ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ପକ୍ଷରୁ ଗତ ୮ ତାରିଖରେ ସ୍ୱାସ୍ଥ୍ୟ ବିଭାଗର ୩ଟି ଶାଖାକୁ ତୁରନ୍ତ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବା ପାଇଁ ନିର୍ଦ୍ଦେଶ ଜାରି କରାଯାଇଛି। ଅତିଶୀଘ୍ର ଆବଶ୍ୟକ ଡାକ୍ତର, ବୈଷୟିକ କର୍ମଚାରୀ ସମେତ ଅନ୍ୟାନ୍ୟ କର୍ମଚାରୀ ଓ ସେବିକା ପଦ ପୂରଣ କରାଯିବ ବୋଲି ଆଶା ବ୍ୟକ୍ତ କରିଛନ୍ତି।



# କୋଟପାଡ଼ ଠିକାଦାର ସଂଘର ବୈଠକ

କୋଟପାଡ଼, ୨୦।୬(ସମିସ): କୋଟପାଡ଼ ଠିକାଦାର ସଂଘର ଏକ ବୈଠକ ସଭାପତି ପ୍ରଶାନ୍ତ ପଟ୍ଟନାୟକଙ୍କ ସଭାପତିତ୍ୱରେ ଅଞ୍ଚଳର ସମସ୍ତ ଠିକାଦାରଙ୍କୁ ନେଇ ଅନୁଷ୍ଠିତ ହୋଇଯାଇଛି। ସଂଘ ଗଠନର ୬ ମାସ ପୂରିବା, ତଥା ଆୟ ଓ ବ୍ୟୟର ହିସାବ, ଟେଣ୍ଡର ନୀତିରେ ପରିବର୍ତ୍ତନ ଏବଂ ଭିତ୍ତିଭୂମି ଗୁଣବତ୍ତା ଉପରେ ସହ ଅନ୍ୟାନ୍ୟ ସମସ୍ୟାଗୁଡ଼ିକ ବିଷୟରେ ଆଲୋଚନା ହୋଇଥିଲା। ବୈଠକରେ ଠିକାଦାର ସଂଘର ଉନ୍ନତି ପାଇଁ ଚେଷ୍ଟିତ ବରିଷ୍ଠ ଠିକାଦାରଙ୍କୁ ସମ୍ମାନିତ ଓ ପୁରସ୍କୃତ କରାଯାଇଥିଲା। ଭବିଷ୍ୟତରେ ନୂତନ ଟେଣ୍ଡର ପ୍ରକ୍ରିୟା ରେ ସଂଘର ସମସ୍ତ ସଦସ୍ୟ ଭାଗ ନେଇପାରିବେ, ତାହାସହ ନିଜ ଅଞ୍ଚଳର ବିକାଶ ପାଇଁ ନିଜ ଭାଗୀଦାରୀ ଦେଇ କାମର ମାନକୁ ଉନ୍ନତ କରିବା ପାଇଁ ନିଷ୍ପତ୍ତି ହୋଇଥିବା ବେଳେ ବାହାର ଠିକାଦାରଙ୍କୁ ଅଞ୍ଚଳରେ କାମ କରିବା ପାଇଁ ସୁଯୋଗ ଦିଆଯିବ ନାହିଁ ବୋଲି ନିଷ୍ପତ୍ତି ନିଆଯାଇଛି। ବରିଷ୍ଠ ଠିକାଦାର ଉମେଶ ବ୍ରହ୍ମା, ତପନ ମହାପାତ୍ର ଉପଦେଷ୍ଟା ଭାବେ ଉପସ୍ଥିତ ରହିଥିବା ବେଳେ ଉପସଭାପତି ସୁରେନ ମହାନ୍ତି, ଆଇନଜୀବୀ ଶ୍ରୀମନ୍ତ କୁମାର ପଣ୍ଡା ସହ ବିକାଶ ପଟ୍ଟନାୟକ, କିରଣ ପଟ୍ଟନାୟକ, ବିଜୟ ମାଦଳା ସହ ସଂଘର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।




# ଚାରି ଦିନ ପରେ ବି ମୃତ ଯୁବତୀଙ୍କ ପରିଚୟ ରହସ୍ୟାବୃତ୍ତ

ରାୟଗଡ଼, ୨୦।୬(ସମିସ): ରାୟଗଡ଼ ଜିଲ୍ଲା ଚାନ୍ଦିଲି ଥାନାଞ୍ଚଳରେ ବ୍ୟାଗ ଭିତରୁ ଅଜଣା ଯୁବତୀଙ୍କ ମୃତଦେହ ଉଦ୍ଧାର ଘଟଣାକୁ ଚାରି ଦିନ ବିତିଯାଇଥିଲେ ମଧ୍ୟ ପୁଲିସ ଏପର୍ଯ୍ୟନ୍ତ ମୃତକଙ୍କ ପରିଚୟ କିମ୍ବା ଘଟଣାରେ ସମ୍ପୃକ୍ତ ଅଭିଯୁକ୍ତଙ୍କ ସନ୍ଧାନ ପାଇବାରେ ସଫଳ ହୋଇପାରିନାହିଁ। ଘଟଣାର ଗୁରୁତ୍ୱକୁ ଦୃଷ୍ଟିରେ ରଖି ଚାନ୍ଦିଲି ପୁଲିସ ବିଭିନ୍ନ ଦିଗରୁ ତଦନ୍ତ ଚଳାଇଥିବା ବେଳେ ମାମଲାର ରହସ୍ୟ ଏପର୍ଯ୍ୟନ୍ତ ଅନାବୃତ ହୋଇପାରିନାହିଁ। ଗତ ୧୭ ତାରିଖରେ ରାୟଗଡ଼ା-ଜେକେପୁର ମଧ୍ୟବର୍ତ୍ତୀ ଖଲିଗୁଡ଼ା ନିକଟ ଜାତୀୟ ରାଜପଥ-୩୨୬ କଡ଼ରୁ ଏକ କଳା ରଙ୍ଗର ବ୍ୟାଗ ଭିତରୁ ଜଣେ ଅଜଣା ଯୁବତୀଙ୍କ ପଚାସଢ଼ା ମୃତଦେହ ଉଦ୍ଧାର କରାଯାଇଥିଲା। ମୃତଦେହର ହାତ ଗୋଡ଼ ବନ୍ଧା ଥିବାରୁ ଏହା ଏକ ହତ୍ୟାକାଣ୍ଡ ବୋଲି ସନ୍ଦେହ କରାଯାଉଛି। ପୁଲିସ ପକ୍ଷରୁ ମୃତ ଯୁବତୀଙ୍କ ବୟସ ପ୍ରାୟ ୨୦ରୁ ୨୫ ବର୍ଷ ଏବଂ ଉଚ୍ଚତା ପ୍ରାୟ ୧୬୦ ସେଣ୍ଟିମିଟର ବୋଲି ସୂଚନା ଦିଆଯାଇଛି। ଯୁବତୀ ଜଣକ ଲାଲ ଓ ସବୁଜ ଚେକ୍ ଡିଜାଇନ୍‌ର ନାଇଟ ସୁଟ ପିନ୍ଧିଥିବା ବେଳେ ମୃତ୍ୟୁ ପ୍ରାୟ ୭ରୁ ୧୦ ଦିନ ପୂର୍ବରୁ ଘଟିଥିବା ଅନୁମାନ କରାଯାଇଛି। ମୃତକଙ୍କ ପରିଚୟ ମିଳି ନଥିବାରୁ ତଦନ୍ତରେ ଅଡୁଆ ସୃଷ୍ଟି ହୋଇଥିବା ବେଳେ ଜିଲ୍ଲା ତଥା ପଡ଼ୋଶୀ ଜିଲ୍ଲାଗୁଡ଼ିକର ନିଖୋଜ ମହିଳାଙ୍କ ତଥ୍ୟ ଯାଞ୍ଚ କରୁଛି ପୁଲିସ। ଏଥିସହ ଘଟଣାସ୍ଥଳ ଓ ଆଖପାଖ ଅଞ୍ଚଳର ସିସିଟିଭି ଫୁଟେଜ ମଧ୍ୟ ଖତିଆନ କରାଯାଉଛି। ଏହି ରହସ୍ୟମୟ ହତ୍ୟାକାଣ୍ଡ ଜିଲ୍ଲାରେ ଚର୍ଚ୍ଚାର ବିଷୟ ପାଲଟିଛି। ପୁଲିସ ସାଧାରଣ ଲୋକଙ୍କୁ ସହଯୋଗ ପାଇଁ ଆହ୍ୱାନ କରିଥିବା ବେଳେ ମାମଲାର ଶୀଘ୍ର ପର୍ଦ୍ଦାଫାସ ପାଇଁ ତଦନ୍ତ ଜୋରଦାର କରିଛି ଚାନ୍ଦିଲି ପୁଲିସ।


ଅଭିଯୁକ୍ତଙ୍କ ସନ୍ଧାନରେ ଚାନ୍ଦିଲି ପୁଲିସ

# ବାଘ ଛାଲ ଜବତ; ଜଣେ ଗିରଫ

ଡାବୁଗାଁ, ୨୦।୬(ସମିସ): ଡାବୁଗାଁ ବନ ବିଭାଗ ଆଜି ଅପରାହ୍ଣ ସମୟରେ ଚଢ଼ଉ କରି ବାଘ ଛାଲ ଜବତ କରିବା ସହ ଅଭିଯୁକ୍ତକୁ ଗିରଫ କରିଛି। ରେଞ୍ଜର ରାମଚନ୍ଦ୍ର ଭତ୍ରା, କାର୍ତ୍ତିକ ମାଝି, ଜଗନ୍ନାଥ ପୂଜାରୀ, ତାପସ ପଟ୍ଟନାୟକ, ଉମାକାନ୍ତ ପଟ୍ଟନାୟକ ପ୍ରମୁଖ ବନ କର୍ମଚାରୀ ଏହି ଚଢ଼ଉ ଦଳରେ ସାମିଲ ଥିଲେ।ଏନେଇ ଏକ ମାମଲା ରୁଜୁ କରାଯାଇ ଅଭିଯୁକ୍ତକୁ କୋର୍ଟ ଚାଲାଣ କରାଯାଇଥିବା ଡିଏଫଓ ଉଦାୟନ ସୁବୁଦ୍ଧି ସୂଚନା ଦେଇଛନ୍ତି। ବାଘ ଛାଲର ମୂଲ୍ୟ ୧୦ରୁ ୧୫ ଲକ୍ଷ ହେଇପାରେ ବୋଲି ଅନୁମାନ କରାଯାଉଛି।



# ଆଧାରରେ ମୃତ; ସରକାରୀ ସୁବିଧାରୁ ବଞ୍ଚିତ ଦିବ୍ୟାଙ୍ଗ ମହିଳା

● ଅଭିଯୋଗ ପରେ ମଧ୍ୟ ସମାଧାନ ହୋଇନି ସମସ୍ୟା



ଏମଭି ୭୯, (ସମିସ) ୨୦।୬: ମାଲକାନଗିରି ଜିଲ୍ଲା କାଲିମେଲା ବ୍ଲକ ଅନ୍ତର୍ଗତ ଏମ୍.ଭି.-୭୯ ଗ୍ରାମର ବାସିନ୍ଦା ସୁମିତ୍ରା ମଣ୍ଡଳ (ବୟସ ୫୪ ବର୍ଷ), ସ୍ୱାମୀ ହରିପଦ ମଣ୍ଡଳ, ଆଧାର କାର୍ଡରେ ଭୁଲବଶତଃ 'ମୃତ' ଭାବେ ଦର୍ଶାଯାଇଥିବାରୁ ବିଭିନ୍ନ ସରକାରୀ ସୁବିଧାରୁ ବଞ୍ଚିତ ହୋଇ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସୁମିତ୍ରା ମଣ୍ଡଳ ଶାରୀରିକ ଭାବେ ଦିବ୍ୟାଙ୍ଗ। ତାଙ୍କ ଗୋଟିଏ ଗୋଡ଼ ଖରାପ ଥିବାରୁ ସେ ଠିକ୍ ଭାବେ ଚାଲିପାରୁ ନାହାନ୍ତି। ଏପରି ସ୍ଥିତିରେ ସେ ସୁଭଦ୍ରା ଯୋଜନା, ଭତ୍ତା, ରାସନ ଚାଉଳ, ସିଏମ୍ କିସାନ, ପ୍ରଧାନମନ୍ତ୍ରୀ କିସାନ ସମ୍ମାନ ନିଧି ସମେତ ଅନ୍ୟାନ୍ୟ ସରକାରୀ ଯୋଜନାର ଲାଭ ପାଇପାରୁ ନାହାନ୍ତି। ପରିବାର ପକ୍ଷରୁ ଅନଲାଇନରେ ଆଧାର ସମ୍ବନ୍ଧୀୟ ଅଭିଯୋଗ କରାଯାଇଥିଲା। ଏବେ ମଧ୍ୟ ତାଙ୍କ ଆଧାର ରେକର୍ଡରେ ମୃତ ଦର୍ଶାଯାଉଛି। ଫଳରେ ଯେକୌଣସି ଯୋଜନା ପାଇଁ ଆବେଦନ କଲେ ତାହା ବାତିଲ ହୋଇଯାଉଛି। ଗ୍ରାମାଞ୍ଚଳରେ ଏଭଳି ତ୍ରୁଟିପୂର୍ଣ୍ଣ ଆଧାର ତଥ୍ୟ ଯୋଗୁଁ ଅନେକ ଲୋକ ସରକାରୀ ସୁବିଧା ପାଇବାରେ ସମସ୍ୟା ଭୋଗୁଥିବା ବେଳେ, ସୁମିତ୍ରା ମଣ୍ଡଳଙ୍କ ଘଟଣା ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛି। ତୁରନ୍ତ ତାଙ୍କ ଆଧାର ସ୍ଥିତି ସଂଶୋଧନ କରି ସମସ୍ତ ସରକାରୀ ସୁବିଧା ପ୍ରଦାନ କରିବାକୁ ସ୍ଥାନୀୟ ଲୋକମାନେ ଦାବି କରିଛନ୍ତି।

# ମେଲେରିଆ, ଡେଙ୍ଗୁ ଓ ଡାଇରିଆ ରୋଗରୁ ବର୍ତ୍ତିବା ପାଇଁ ଆଶା କର୍ମୀଙ୍କ ପ୍ରୟାସ

ପୋଡ଼ାଗଡ଼, ୨୦।୬(ସମିସ): ମେଲେରିଆ, ଡେଙ୍ଗୁ ଓ ଡାଇରିଆ ଦାଉରୁ କିପରି ନିଜକୁ ସୁରକ୍ଷିତ ରଖାଯାଇପାରିବ ସେ ଦିଗରେ ବଙ୍ଗଳାଗୁଡା ଗ୍ରାମର ଆଶାକର୍ମୀ ତପସି ପାଣି ପ୍ରୟାସ ଚଳାଇଛନ୍ତି। ସନ୍ଧ୍ୟା ହେଇଗଲେ ହାତରେ ଏକ କଲମ ଓ ଖାତା ଧରି ସାହି ସାହି ବୁଲି ଗାଁର ପ୍ରତ୍ୟେକ ଘର ଯାଇ ମଶାରୀ ଟାଙ୍ଗୀବା ନିମନ୍ତେ ପରାମର୍ଶ ଦେଇଥାନ୍ତି। ପୁଣି ସମସ୍ତେ ଖାଇ ସରିବା ପରେ ୯ .୩୦ ମିନିଟ ସମୟରେ ପୁଣି ଘର ଘର ଦାଣ୍ଡରେ ଯାଇ ହାତରେ ଘଣ୍ଟା ଧରି ମଶାରୀ ବାନ୍ଧିବା ଓ ଡେଙ୍ଗୁ ରୋଗରୁ ଦୂରେଇ ରୁହନ୍ତୁ ବୋଲି ଘଣ୍ଟା ବାଡେଇ ସଚେତନ କରିଥାନ୍ତି। ଏହିପରି ଗୋଟିଏ ଦିନ କି ଦିନ ନୁହେଁ ବର୍ଷ ବର୍ଷ ଧରି ଗ୍ରାମବାସୀଙ୍କୁ ସଚେତନ କରିଥାନ୍ତି। ସକାଳ ଜଳଖିଆ ସମୟରେ ହାତରେ ବାଲ୍ଟି ମଗ ଓ ସାବୁନ ଧରି ଘର ଘର ବୁଲି ହାତ ଧୋଇବା ପାଇଁ ପରାମର୍ଶ ଦେବା ସହ କିପରି ନିଜକୁ ସଫାସୁତୁରା ରିଖିବା ଓ ଡାଇରିଆରୁ ରକ୍ଷା ପାଇବା ସେହି ବିଷୟରେ ଲୋକଙ୍କୁ ସଚେତନ କରୁଥିବା ଦେଖାଦେଇଛି। ଆଶାକର୍ମୀ କହନ୍ତି କି, ନିଜ ଗାଁରେ ସେ ସରକାରଙ୍କ ତରଫରୁ ପ୍ରଶିକ୍ଷଣ ନେଇ ସ୍ୱାସ୍ଥ୍ୟ ସମ୍ପର୍କରେ ସଚେତନତା ସୃଷ୍ଟି କରୁଛନ୍ତି। ଏହା ତାଙ୍କର ଦାୟିତ୍ୱ। ଏକଟାଗୁଡ଼ା ଓ ବଙ୍ଗଳା ଗୁଡାର ଲୋକେ ମେଲେରିଆ ଡେଙ୍ଗୁ କିମ୍ବା ଡାଇରିଆରେ ଜୀବନ ଯେପରି ନ ହାରନ୍ତି ସେଥିନିମନ୍ତେ ପ୍ରତି ଦିନ ସକାଳୁ ସନ୍ଧ୍ୟା ଲୋକଙ୍କ ଦୁଆର ମୁହଁରେ ଯାଉଛି ବୋଲି କହିଛନ୍ତି।

# ପିଏମ୍ କିଷାନ ଯୋଜନାର ୨୩ତମ କିସ୍ତି ପ୍ରଦାନ ଉତ୍ସବ





କୋରାପୁଟ, ୨୦।୬(ସମିସ)

ସଂସ୍କୃତି ଭବନଠାରେ ପିଏମ କିଷାନ ଉତ୍ସବ ପାଳିତ ହୋଇଛି।ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ଦ୍ୱାରା ୭୧୩୯୧ ଚାଷୀଙ୍କୁ ପିଏମ କିଷାନ ସମ୍ମାନ ନିଧି ଯୋଜନାର ୨୩ତମ କିସ୍ତିରେ ୧୪କୋଟି ୨୭ ଲକ୍ଷ ୮୨ ହଜାର ଟଙ୍କା ଡିବିଟି ମାଧ୍ୟମରେ ପୈଠ କରାଯାଇଛି। କୋରାପୁଟଠାରେ ଆୟୋଜିତ କାର୍ଯ୍ୟକ୍ରମରେ କୋରାପୁଟ ବିଧାୟକ ତଥା ଜିଲ୍ଲା ଯୋଜନା କମିଟି ଅଧ୍ୟକ୍ଷ ରଘୁରାମ ମାଛ ମୁଖ୍ୟଅତିଥି ଭାବରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀଙ୍କ ଅଭିଭାଷଣର ସିଧା ପ୍ରସାରଣ ଏଲ୍ଇଡି ସ୍କ୍ରିନ୍‌ରେ କରାଯାଇଥିଲା। ମୁଖ୍ୟଅତିଥି କେନ୍ଦ୍ର ସରକାରଙ୍କ ୨ ବର୍ଷର ଚାଷୀ କଲ୍ୟାଣ ଉପଲବ୍ଧି ଏବଂ କୋରାପୁଟରେ କଫି ଓ ଜୈବିକ କୃଷିର ସମ୍ଭାବନା ଉପରେ ଆଲୋକପାତ କରିଥିଲେ।କାର୍ଯ୍ୟକ୍ରମରେ ଜିଲ୍ଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ବେଣୁଧର ଶବର, ମୁଖ୍ୟ ଜିଲ୍ଲା କୃଷି ଅଧିକାରୀ ଭବାନୀ ଶଙ୍କର ମହାପାତ୍ର, କୋରାପୁଟ କୃଷି ଜିଲ୍ଲା ଅଧିକାରୀ ହେମନ୍ତ କୁମାର ପଢ଼ିହାରୀ ପ୍ରମୁଖଙ୍କ ସହ ଅନ୍ୟାନ୍ୟ ଅଧିକାରୀ ଏବଂ ପ୍ରାୟ ୧୦୦ ଜଣ ଚାଷୀ ଉପସ୍ଥିତ ଥିଲେ।

ରାୟଗଡ଼: ରାୟଗଡ଼ ଜିଲ୍ଲାରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ଏହେସନ ଶେଖଙ୍କ ଅଧ୍ୟକ୍ଷତାରେ ଏକ ବିଶେଷ କାର୍ଯ୍ୟକ୍ରମରେ ହିତାଧିକାରୀଙ୍କୁ ସହାୟତା ରାଶି ବଣ୍ଟନ କରାଯାଇଛି। ବର୍ଷକୁ ୩ଟି କିସ୍ତିରେ ୨ ହଜାର ଟଙ୍କା ଲେଖାଁଏ ୬ହଜାର ଟଙ୍କା ପ୍ରତି ୪ ମାସ ବ୍ୟବଧାନରେ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ଏହି କାର୍ଯ୍ୟକ୍ରମରେ ଜିଲ୍ଲାର ବିଭିନ୍ନ ବ୍ଲକରୁ ୧୦୦ଜଣ ପିଏମ କିସାନ ହିତାଧିକାରୀମାନେ ଅଂଶଗ୍ରହଣ କରିଥିବା ବେଳେ ଉପକୃତ ହୋଇଛନ୍ତି। ଜିଲ୍ଲାର ସର୍ବମୋଟ ୪୯୪୪୩ଜଣ ପିଏମ କିସାନ ହିତାଧିକାରୀଙ୍କୁ ଆଜି ପିଏମ କିସାନ ସମ୍ମାନ ନିଧିର ୨୩ତମ କିସ୍ତି ୨ହଜାର ଟଙ୍କା ଲେଖାଁଏ ଡିବିଟି ମାଧ୍ୟମରେ ସେମାନଙ୍କ ବ୍ୟାଙ୍କ ଖାତାରେ ଜମା କରାଯାଇଛି। ମୁଖ୍ୟ ଜିଲ୍ଲା ପ୍ରାଣୀ ଚିକିତ୍ସାଧିକାରୀ, ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ, ଜିଲ୍ଲା ମତ୍ସ୍ୟ ଅଧିକାରୀ, ବରିଷ୍ଠ ବୈଜ୍ଞାନିକ, ଏସିଏସଓ, ବିଏଓ, ଏଏଓ ଏବଂ ଅନ୍ୟ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

# ବିଭିନ୍ନ ଯୋଜନାରେ ହିତାଧିକାରୀଙ୍କୁ ସହାୟତା ବଣ୍ଟନ

ରାୟଗଡ଼, ୨୦।୬(ସମିସ): ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ରାୟଗଡ଼ ଜିଲ୍ଲା ସଦର ବ୍ଲକ ପରିସରରେ ଚାରିଦିନ ବ୍ୟାପୀ ଆୟୋଜିତ ହୋଇଛି ଅନେକ କାର୍ଯ୍ୟକ୍ରମ। ଚତୁର୍ଥ ଦିବସରେ ବିଭିନାଣିଭାଗ ତରଫରୁ ସରକାରୀ ପ୍ରୋତ୍ସାହନ ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଉପାଧକ୍ଷା ଶ୍ରୀମତୀ ମଞ୍ଜୁଳା ମିଣିୟାକା, ବ୍ଲକ ଉପାଧକ୍ଷ ହର ପ୍ରସାଦ ହେପ୍ରୁକା, ପୂର୍ବତନ ଜିଲ୍ଲା ସଭାପତି ଶିବ ପଟ୍ଟନାୟକ, ବିଡ଼ିଓ ସୁଜିତ୍ କୁମାର ମିଶ୍ର, ଏବିଡ଼ିଓ କାଳୁଚରଣ ନାୟକ, ଜେମାଦେଇପେଣ୍ଠ ଗୋଷ୍ଠୀ ଜନସ୍ୱାସ୍ଥ୍ୟ ଅଧିକାରୀ ଡ. ବି ସନ୍ତୋଷ କୁମାର, ସିଡ଼ିପିଓ ପାନମଣି ହାଁସଦା, ପ୍ରାଣୀ ସମ୍ପଦ ଅଧିକାରୀ ସୁବ୍ରତ ଦାସ, ସହକାରୀ ଶ୍ରମ ଅଧିକାରୀ ନିରଞ୍ଜନ ଭୂୟାଁ, ଅତିରିକ୍ତ ତହସିଲଦାର ଦେବାଶିଷ ବିଶ୍ୱାସ, ସମିତି ସଭ୍ୟ, ସଭ୍ୟା, ସରପଞ୍ଚ ନିର୍ବାଚିତ ପ୍ରତିନିଧି, ବିଭିନ୍ନ ବିଭାଗୀୟ ହିତାଧିକାରୀ ଉପସ୍ଥିତ ଥିଲେ। ସରକାରଙ୍କ ଦ୍ୱାରା ଅଙ୍ଗନବାଡି କର୍ମୀଙ୍କୁ ମୋବାଇଲ ବଣ୍ଟନ କରାଯାଇଥିଲା। ଯୋଗାଣ ବିଭାଗ ତରଫରୁ ୩୯ ଜଣଙ୍କୁ ଅନ୍ତୋଦୟ ଅନ୍ନ ଯୋଜନାରେ ନୂତନ ପଡ଼ି କାର୍ଡ ବଣ୍ଟନ କରାଯାଇଥିଲା। ପିପଲଗୁଡ଼ାର ଜଣେ ଲକ୍ଷପତି ଦିଦିଙ୍କୁ ଏକ ଲକ୍ଷ ଟଙ୍କାର ଛେଳି ଚାଷ ପାଇଁ ଋଣ, ଚାରିଟି ସ୍ୱୟଂ ସହାୟକ ଗୋଷ୍ଠୀଙ୍କୁ ୧୭ ଲକ୍ଷ ଟଙ୍କାର ସ୍ୱାବଲମ୍ବୀ ଋଣ ପ୍ରଦାନ କରାଯାଇଥିଲା। ୭୦ ବର୍ଷରୁ ଅଧିକ ତିନିଜଣଙ୍କୁ ବୟୋ ବନ୍ଦନା କାର୍ଡ, ତିନି ଜଣଙ୍କୁ ପିଏମ୍ ଜନ ଆରୋଗ୍ୟ ଯୋଜନା କାର୍ଡ, ଜନ ସୁରକ୍ଷା ଯୋଜନାରେ ତିନିଜଣଙ୍କୁ, ଏବଂ ତିନି ଜଣଙ୍କୁ ଯକ୍ଷ୍ମା ଖାଦ୍ୟ ପ୍ୟାକେଟ ବଣ୍ଟନ କରାଯାଇଥିଲା। ସେହିପରି ପ୍ରାଣୀସମ୍ପଦ ବିକାଶ ବିଭାଗ ତରଫରୁ ୧୧ ଜଣଙ୍କୁ କୁକୁଡ଼ା ପାଳନ, ଛେଳି ଓ ଗୋପାଳନ ଆଦି ଯୋଜନାରେ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ କରାଯାଇଥିଲା। ଗାନ୍ଧୀନଗର ଉଚ୍ଚ ବିଦ୍ୟାଳୟର ଶିକ୍ଷାର୍ଥୀ ପ୍ରାରମ୍ଭିକ ସଙ୍ଗୀତ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ଶିକ୍ଷକ ନିଳାଞ୍ଚଳ ମିଶ୍ର ମଞ୍ଚ ପରିଚାଳନା କରିଥିଲେ ଏବଂ ଏବିଡ଼ିଓ କାଳୀଚରଣ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ। ବିଭାଗୀୟ ଅଧିକାରୀ ରାଜକିଶୋର ଦାଶ ସମେତ ସମସ୍ତ କର୍ମକର୍ତ୍ତା ସହଯୋଗ କରିଥିଲେ। ମଧ୍ୟାହ୍ନ ଭୋଜନ ପରେ ଅପରାହ୍ନରେ ରାଷ୍ଟ୍ରପତି, ପ୍ରଧାନମନ୍ତ୍ରୀ ଓ ମୁଖ୍ୟମନ୍ତ୍ରୀଙ୍କ ଲାଇଭ ଟେଲିକାଷ୍ଟ କାର୍ଯ୍ୟକ୍ରମର ଦେଖିଥିଲେ।



## ପୌର ପ୍ରଶାସନର ନିଦ ଭାଙ୍ଗୁନି

# ସ୍କୁଲ ରାସ୍ତାରେ ଭାସୁଛି ଆବର୍ଜନା ପାଣି

ଜଗତସିଂହପୁର,୨୦।୬(ସମିସ)



ପ୍ରାୟ ଦେଢ଼ ମାସର ଗ୍ରୀଷ୍ମ ଛୁଟି ପରେ ସ୍କୁଲ ଖୋଲିଛି। ହେଲେ ଜଗତସିଂହପୁର ସହରର ବଡ଼ ବଜାର ଠାରେ ଥିବା ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତାରେ ଲହଡ଼ି ଭାଙ୍ଗୁଥିବା ଆବର୍ଜନା ପାଣି ବନ୍ଦ ହୋଇପାରୁନି। ଯାହା ଫଳରେ ଏହି ରାସ୍ତାରେ ଯାତାୟାତ କରୁଥିବା ଛାତ୍ରଛାତ୍ରୀ, ଅଭିଭାବକ ଓ ସାଧାରଣ ଲୋକେ ହଇରାଣ ହେଉଛନ୍ତି। ଏଠାରେ ସୂଚନାଯୋଗ୍ୟ ଯେ, ଜଗତସିଂହପୁର ପୌରାଞ୍ଚଳ ଅନ୍ତର୍ଗତ ବଡବଜାର ସ୍ଥିତ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ସମ୍ମୁଖ ରାସ୍ତା ପାଶ୍ୱର୍ରେ ଥିବା ଏକ ତିନି ମହଲା କୋଠା ଘରର ପରିତ୍ୟକ୍ତ ଏବଂ ଆବର୍ଜନା ପାଣି ନିୟମିତ ଭାବରେ ରାସ୍ତାକୁ ଛଡା ଯାଉଥିବାରୁ ସେଠାରେ ପୁତିଗନ୍ଧମୟ ପରିବେଶ ସୃଷ୍ଟି ହେଉଛି। ଫଳରେ ଉକ୍ତ ବିଦ୍ୟାଳୟରେ ପାଠ ପଢୁଥିବା ସହସ୍ରାଧିକ ଛାତ୍ରଛାତ୍ରୀ ଏବଂ ସେମାନଙ୍କର ଅଭିଭାବକ ମାନେ ଅକଥନୀୟ ଦୁର୍ଦ୍ଦଶାର ସମ୍ମୁଖୀନ ହେଉଛନ୍ତି। ଏ ସମ୍ପର୍କରେ ବିଦ୍ୟାଳୟ ପକ୍ଷରୁ ଜଗତସିଂହପୁର ପୌରପ୍ରଶାସନକୁ ଅଭିଯୋଗ ପରେ ମଧ୍ୟ କୌଣସି ସୁଫଳ ମିଳିନାହିଁ। ସମ୍ପୃକ୍ତ ଘର ମାଲିକଙ୍କୁ ନୋଟିସ ଏବଂ ୧୦ ହଜାର ଟଙ୍କା ଜରିମାନା ପାଇଁ ପୌର ପ୍ରଶାସନ ଚିଠି କରିଥିଲେ ମଧ୍ୟ ଆବର୍ଜନା ପାଣି ଛାଡିବାରେ ରୋକ ଲାଗିବା ସମ୍ଭବ ହେଉନାହିଁ। ଗତ ଏପ୍ରିଲ ମାସରେ ଜଗତସିଂହପୁର ପୌର ପ୍ରଶାସନ ପକ୍ଷରୁ ଉକ୍ତ ଘର ସମ୍ମୁଖରେ ଥିବା ଟାଙ୍କିରୁ ଆବର୍ଜନା ପାଣି ସଫା କରାଯାଇଥିଲା। ଏହାପରେ ପ୍ରାୟ ସପ୍ତାହେ ଧରି ଏହି ରାସ୍ତାଟି ଆବର୍ଜନା ମୁକ୍ତ ରହିଥିଲା। ଟାଙ୍କି ପୁଣି ପୂର୍ଣ୍ଣ ହୋଇଯିବାରୁ ପୂର୍ବଭଳି ଏହି ରାସ୍ତାରେ ଅଳିଆ ଆବର୍ଜନା ମିଶ୍ରିତ ପାଣି ଲହଡ଼ି ମାରୁଛି। ଯାହାଦ୍ୱାରା ବିଦ୍ୟାଳୟର ଶହ ଶହ ଛାତ୍ରଛାତ୍ରୀ ବାଧହୋଇ ଏହି ଆବର୍ଜନାମୟ ପାଣି ଉପରେ ଯାତାୟାତ କରୁଛନ୍ତି। ଏଭଳି ଘଟଣା ଅଭିଭାବକ ଓ ସ୍ଥାନୀୟ ଜନ ସାଧାରଣଙ୍କ ମନରେ ତୀବ୍ର ଅସନ୍ତୋଷ ସୃଷ୍ଟି କରିଛି। ସ୍ଥାନୀୟ ବିଧାୟକ, ପୌର ପରିଷଦ ଅଧ୍ୟକ୍ଷା, ନିର୍ବାହୀ ଅଧିକାରୀ ଏବଂ ସର୍ବୋପରି ଜିଲ୍ଲାପାଳ ଏହି ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି କରାଯାଇଛି।

# ଶୀତଳଷଷ୍ଠୀ ଉତ୍ସବରେ ସାମ୍ବାଦିକ ସମ୍ବର୍ଦ୍ଧିତ



ଏରସମା,୨୦।୬(ସମିସ): ଶୀତଳଷଷ୍ଠୀ ମହୋତ୍ସବ ଅବସରରେ ବରିଷ୍ଠ ସାମ୍ବାଦିକ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କୁ ସମ୍ବର୍ଦ୍ଧିତ କରାଯାଇଛି। ଏରସମା ଓ ବାଲିକୁଦା ଅଞ୍ଚଳରେ ଦୀର୍ଘ ବର୍ଷ ଧରି ସାମ୍ବାଦିକତା କ୍ଷେତ୍ରରେ ନିଷ୍ଠା, ସାହସିକତା ଓ ଜନସମସ୍ୟାକୁ ଲୋକଲୋଚନକୁ ଆଣିବାରେ ତାଙ୍କର ଉଲ୍ଲେଖନୀୟ ଅବଦାନ ପାଇଁ ତାଙ୍କୁ ଏହି ସମ୍ମାନ ପ୍ରଦାନ କରାଯାଇଥିଲା। ଶୀତଳଷଷ୍ଠୀ ଉତ୍ସବ କମିଟି ପକ୍ଷରୁ ଆୟୋଜିତ ସଭାରେ ଅତିଥିମାନେ କାର୍ତ୍ତିକ ଚନ୍ଦ୍ର ବେହେରାଙ୍କ ସାମ୍ବାଦିକତା ଜୀବନ ଓ ସମାଜ ପ୍ରତି ତାଙ୍କର ଅବଦାନକୁ ପ୍ରଶଂସା କରିଥିଲେ। ସେ ଦୀର୍ଘଦିନ ଧରି ଗ୍ରାମାଞ୍ଚଳର ବିଭିନ୍ନ ସମସ୍ୟା, ଉନ୍ନୟନମୂଳକ କାର୍ଯ୍ୟ, ସାମାଜିକ ଓ ସାଂସ୍କୃତିକ ଘଟଣାବଳୀକୁ ଗଣମାଧ୍ୟମ ମାଧ୍ୟମରେ ପ୍ରସାରିତ କରି ଜନସାଧାରଣଙ୍କ ସ୍ୱର ଭାବେ କାର୍ଯ୍ୟ କରିଆସୁଛନ୍ତି ବୋଲି ବକ୍ତାମାନେ କହିଥିଲେ। ଏହି ଅବସରରେ ତାଙ୍କୁ ଉତ୍ତରୀୟ, ପୁଷ୍ପଗୁଚ୍ଛ ଓ ମାନପତ୍ର ପ୍ରଦାନ କରି ସମ୍ମାନିତ କରାଯାଇଥିଲା। ସମ୍ବର୍ଦ୍ଧନା ଗ୍ରହଣ କରି ଶ୍ରୀ ବେହେରା କହିଥିଲେ ଯେ, ଏହି ସମ୍ମାନ ତାଙ୍କୁ ଆଗାମୀ ଦିନରେ ଅଧିକ ନିଷ୍ଠା ଓ ଦାୟିତ୍ୱବୋଧ ସହ କାର୍ଯ୍ୟ କରିବା ପାଇଁ ପ୍ରେରଣା ଯୋଗାଇବ। ଶୀତଳଷଷ୍ଠୀ ଉତ୍ସବ ଅବସରରେ ହୋଇଥିବା ଏହି ସମ୍ବର୍ଦ୍ଧନା କାର୍ଯ୍ୟକ୍ରମକୁ ସ୍ଥାନୀୟ ବୁଦ୍ଧିଜୀବୀ, ସାମାଜିକ କର୍ମୀ ଓ ବହୁ ଶ୍ରଦ୍ଧାଳୁ ଉପସ୍ଥିତ ରହି ସଫଳ କରିଥିଲେ।

# ରେଡିଓ ଆଉଟରିଚ୍ ପକ୍ଷରୁ ଚକ୍ଷୁ ପରୀକ୍ଷା ଶିବିର



ଏରସମା,୨୦।୬(ସମିସ): ଶ୍ରୀରାମପୁର ଗ୍ରାମରେ ଅବସ୍ଥିତ କମ୍ୟୁନିଟି ରେଡିଓ ଷ୍ଟେସନ ରେଡିଓ ଆଉଟରିଚ୍ ୯୦.୮ ଏଫ୍ଏମ୍‌ର ତୃତୀୟ ପ୍ରତିଷ୍ଠା ଦିବସ ଅବସରରେ ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହେଉଛି। ଏହି ପରିପ୍ରେକ୍ଷୀରେ ନେତ୍ରମ ସଂସ୍ଥାର ସହଯୋଗରେ ଶ୍ରୀରାମପୁର ୟୁପି ସ୍କୁଲ ପରିସରରେ ଏକ ମାଗଣା ଚକ୍ଷୁ ପରୀକ୍ଷା ଶିବିର ଆୟୋଜନ କରାଯାଇଥିଲା। ଏହି ଶିବିର ସମ୍ପର୍କରେ ରେଡିଓ ଆଉଟରିଚ୍ ପକ୍ଷରୁ ପୂର୍ବରୁ ପ୍ରଚାର କରାଯାଇଥିଲା ଏବଂ ଆଗ୍ରହୀ ଶ୍ରୋତାମାନେ ରେଡିଓ ଷ୍ଟେସନର ଯୋଗାଯୋଗ ନମ୍ବରରେ ଫୋନ୍ କରି ନାମ ପଞ୍ଜୀକରଣ କରିଥିଲେ। ମୋଟ ୪୫ ଜଣ ଶ୍ରୋତା ଏହି ଶିବିରରେ ଯୋଗଦେଇ ନିଜ ଚକ୍ଷୁ ପରୀକ୍ଷା କରାଇଥିଲେ। ନେତ୍ରମର ଅଭିଜ୍ଞ ଚିକିତ୍ସା କର୍ମୀମାନେ ଚକ୍ଷୁ ପରୀକ୍ଷା କରିବା ସହ ଚକ୍ଷୁର ଯତ୍ନ ଓ ସୁରକ୍ଷା ସମ୍ପର୍କରେ ପରାମର୍ଶ ଦେଇଥିଲେ। ଏହି ଅବସରରେ ରେଡିଓ ଆଉଟରିଚ ଷ୍ଟେସନ ଡାଇରେକ୍ଟର ସୁବ୍ରତ କୁମାର ପତି କହିଥିଲେ ଯେ, ରେଡିଓ ଆଉଟରିଚ ପ୍ରତିଦିନ ସ୍ୱାସ୍ଥ୍ୟ ସଚେତନତା ସମ୍ବନ୍ଧୀୟ କାର୍ଯ୍ୟକ୍ରମ ପ୍ରସାରଣ କରି ଲୋକଙ୍କୁ ସଚେତନ କରୁଛି। ଆଖି ମଣିଷ ଶରୀରର ଏକ ଅତ୍ୟନ୍ତ ସମ୍ବେଦନଶୀଳ ଅଙ୍ଗ ହୋଇଥିବାରୁ ଏହାର ଯଥେଷ୍ଟ ଯତ୍ନ ନେବା ଆବଶ୍ୟକ। ଏଭଳି ଶିବିର ଲୋକଙ୍କ ମଧ୍ୟରେ ଚକ୍ଷୁ ସ୍ୱାସ୍ଥ୍ୟ ପ୍ରତି ସଚେତନତା ବୃଦ୍ଧି କରିବାରେ ସହାୟକ ହୋଇଥାଏ। ଷ୍ଟେସନ ମ୍ୟାନେଜର ସତ୍ୟବ୍ରତ ପତି ଓ କମ୍ୟୁନିଟି ରିପୋର୍ଟର ତୃପ୍ତି ରଞ୍ଜନ ମହାନ୍ତି ଏହି କାର୍ଯ୍ୟକ୍ରମର ସମନ୍ୱୟ କରିଥିଲେ। ଶ୍ରୋତାମାନେ ଏହି ପଦକ୍ଷେପକୁ ସ୍ୱାଗତ କରିବା ସହ ରେଡିଓ ଆଉଟରିଚ୍ ଓ ନେତ୍ରମକୁ କୃତଜ୍ଞତା ଜଣାଇଥିଲେ।

# କମ୍ପାନୀ ଅଧ୍ୟକ୍ଷଙ୍କ ଜନ୍ମ ଦିନରେ ରକ୍ତଦାନ ଶିବିର

ପାରାଦୀପ,୨୦।୬(ସମିସ): ଚେନ୍ନାଇ ରାଧା କମ୍ପାନୀ ମାଲିକଙ୍କ ଦୀର୍ଘାୟୁ କାମନା କରି କର୍ମଚାରୀ ମାନଙ୍କ ପକ୍ଷରୁ ଆଜି ଏକ ମେଗା ରକ୍ତଦାନ ଶିବିର ଆୟୋଜିତ ହୋଇଯାଇଛି। ପାରାଦୀପ ଜେସି କଲୋନୀ ସ୍ଥିତ କଲ୍ୟାଣ ମଣ୍ଡପ ପରିସରରେ ଆୟୋଜିତ ଏହି ଶିବିରରେ ୨୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ବନ୍ଦର ନିଷିଦ୍ଧାଞ୍ଚଳରେ କାମ କରୁଥିବା ଚେନ୍ନାଇ ରାଧା କମ୍ପାନୀର ଅଧ୍ୟକ୍ଷ ଏସ୍ ଭେଙ୍କଟେସନଙ୍କ ୮୧ତମ ଜନ୍ମତିଥି ପାଳନ ଅବସରରେ ଏହି ରକ୍ତଦାନ ଶିବିର ଆୟୋଜିତ ହୋଇଥିବା ବେଳେ ଏଥିରେ କମ୍ପାନୀର



**୨୩୯ ୟୁନିଟ୍ ରକ୍ତ ସଂଗୃହୀତ**

କର୍ମଚାରୀ ଓ ଶ୍ରମିକ ସାମିଲ ହୋଇ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ସେହିପରି ବିଭିନ୍ନ ମନ୍ଦିରରେ ପୂଜାର୍ଚ୍ଚନା ଓ ଅନ୍ନଦାନର ମଧ୍ୟ ଆୟୋଜନ କରାଯାଇଥିଲା। କମ୍ପାନୀ କର୍ମଚାରୀ ମାନଙ୍କ ପକ୍ଷରୁ ପ୍ରତ୍ୟେକ ବର୍ଷ ଏହିପରି କାର୍ଯ୍ୟକ୍ରମ କରାଯାଉଥିବା ବେଳେ ଗତ ଦୁଇ ବର୍ଷ ହେଲା ରକ୍ତଦାନ ଶିବିରର ଆୟୋଜନ କରାଯାଉଛି। ଗତବର୍ଷ ୧୫୦ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିବା ବେଳେ ଚଳିତ ବର୍ଷ ୨୩୯ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଛି। କମ୍ପାନୀ ପ୍ରତିଷ୍ଠାତା ତଥା ଅଧ୍ୟକ୍ଷ ଏସ୍ ଭେଙ୍କଟେସନଙ୍କ ଦୂରଦୃଷ୍ଟି ସମ୍ପର୍ଣ୍ଣ ପଦକ୍ଷେପ ଏବଂ କର୍ମଚାରୀ ଓ ସେମାନଙ୍କ ପରିବାରକୁ ନିଜ ପରିବାର ଭଳି ସମସ୍ତ ଦାୟିତ୍ୱ ତୁଲାଇଥାନ୍ତି। ତାଙ୍କର ସୁସ୍ଥ ଓ ଦୀର୍ଘାୟୁ ଜୀବନ କାମନା କରୁଛୁ ବୋଲି ପାରାଦୀପ ବ୍ରାଞ୍ଚ ମୁଖ୍ୟ ଏ ରମେଶ ପ୍ରକାଶ କରିଛନ୍ତି। ତେବେ ଏହି ମେଗା ରକ୍ତଦାନ ଶିବିରକୁ କମ୍ପାନୀ ପକ୍ଷରୁ ହୃଷିକେଶ ମଣ୍ଡଳ, ବଳଭଦ୍ର ସାହୁ, ଅମରେଶ ସ୍ୱାଇଁ ଓ ପ୍ରଣବ ଜେନା ପ୍ରମୁଖ ପରିଚାଳନା କରିଥିଲେ।

# ବାଇକ୍ ସହିତ ୬୨୦ ଗ୍ରାମ ଗଞ୍ଜେଇ ଜବତ; ଜଣେ ଗିରଫ



ଜଗତସିଂହପୁର,୨୦।୬(ସମିସ): ଜଗତସିଂହପୁର ଅବକାରୀ ରେଞ୍ଜ ନିରୀକ୍ଷକ ଶ୍ରୀକାନ୍ତ କୁମାର ପଟ୍ଟନାୟକ ସଦଳବଳେ ନାଉଗାଁ ଥାନା ଅନ୍ତର୍ଗତ ଭାତପଡା ଗ୍ରାମରେ ଚଢ଼ଉ କରି ଦୁବାଳ ପଡିଆରୁ ଜଣେ ଅଭିଯୁକ୍ତକୁ ଗିରଫ କରିବା ସହ ତାଙ୍କ ନିକଟରୁ ୬୨୦ ଗ୍ରାମର ଗଞ୍ଜେଇ, ଅଭିଯୁକ୍ତ ବ୍ୟବହାର କରୁଥିବା ଏକ ମଟରସାଇକଲ ଏବଂ ନଗଦ ୪,୫୦୦ ଟଙ୍କା ଜବତ କରିଛନ୍ତି। ଗିରଫ ଅଭିଯୁକ୍ତ ଜଣକ ହେଲେ ଭାତପଡା ଗ୍ରାମର ଶ୍ରୀଧର ଜେନାଙ୍କ ପୁଅ ପିୟୁଷ ରଞ୍ଜନ ଜେନା। ଅଭିଯୁକ୍ତଙ୍କ ବିରୋଧରେ କେସ୍ ନଂ- ୨୨/୨୬ରେ ମାମଲା ରୁଜୁ କରାଯାଇ କୋର୍ଟଚାଲାଣ କରାଯାଇଥିବା ବେଳେ ଅଭିଯୁକ୍ତଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ୧୪ ଦିନିଆ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

## ଜିଲ୍ଲାସ୍ତରୀୟ କିସାନ ସମ୍ମାନ ସମାରୋହ

# ମୋଟ ୧,୨୦,୪୩୪ ଚାଷୀ ହେଲେ ଲାଭାନ୍ୱିତ



ଜଗତସିଂହପୁର,୨୦।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ପଶ୍ଚିମବଙ୍ଗ ରାଜ୍ୟର ହୁଗୁଳି ଜିଲ୍ଲା ।ରକେଶ୍ୱର ଠାରେ ଆୟୋଜିତ ପିଏମ କିସାନ ସମ୍ମାନ ନିଧିର ୨୩ ତମ କିସ୍ତି ପ୍ରଦାନ ସମାରୋହରେ ଦେଶର ଚାଷୀଙ୍କୁ ୬୯୩ କୋଟି ଟଙ୍କା ହସ୍ତାନ୍ତର କରିଛନ୍ତି। ଏହି ପରିପ୍ରେକ୍ଷୀରେ ଜଗତସିଂହପୁର ସହରର ଆଦିକବି ସାରଳା ଦାସ ସଂସ୍କୃତି ଭବନ ଠାରେ ଜିଲ୍ଲାସ୍ତରୀୟ କିସାନ ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଅତିରିକ୍ତ ଜିଲ୍ଲାପାଳ ସମ୍ବିତ କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ଜଗତସିଂହପୁର ସାଂସଦ ବିଭୁ ପ୍ରସାଦ ତରାଇ, ସମ୍ମାନିତ ଅତିଥି ଭାବେ ଜିଲ୍ଲା ପରିଷଦ ସଭାପତି ମନୋଜ କୁମାର ଭୋଇ ଏବଂ ଜଗତସିଂହପୁର ପୌର ପରିଷଦ ଅଧ୍ୟକ୍ଷା ଅର୍ଚ୍ଚନା ସିଂହ ପ୍ରମୁଖ ଯୋଗଦେଇ କୃଷି ଓ କୃଷକର ଉନ୍ନତି ପାଇଁ ପ୍ରଚଳିତ ଯୋଜନା ସମ୍ପର୍କରେ ବକ୍ତବ୍ୟ ରଖିଥିଲେ। ଏହି ଅବସରରେ ଉପସ୍ଥିତ ସମସ୍ତ ଅତିଥିବୃନ୍ଦ ଏବଂ ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା ଚାଷୀମାନେ ପଶ୍ଚିମବଙ୍ଗ ଠାରୁ ଆଭାସୀ ମାଧ୍ୟମରେ ସିଧା ପ୍ରସାରଣ ହେଉଥିବା ପ୍ରଧାନମନ୍ତ୍ରୀଙ୍କ କାର୍ଯ୍ୟକ୍ରମ ଦେଖିଥିଲେ। ସେହିପରି ଜଗତସିଂହପୁର ଜିଲ୍ଲାର ମୋଟ ୧,୨୦,୪୩୪ ଜଣ ଚାଷୀଙ୍କ ବ୍ୟାଙ୍କ ଖାତାକୁ ଟଙ୍କା ହସ୍ତାନ୍ତର ହୋଇଛି ବୋଲି କୃଷି ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି। ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ବିଭୁଦତ୍ତ ସାହୁ, କେଭିକେ ବୈଜ୍ଞାନିକ, କୃଷି ଜିଲ୍ଲା ଅଧିକାରୀ ଜଗତସିଂହପୁର, ତିର୍ତ୍ତୋଲ ବ୍ଲକ୍ କୃଷି ଅଧିକାରୀ ତଥା ଚାଷୀ ଭାଇ ମାନେ ଉପସ୍ଥିତ ଥିଲେ।

# ଡ. ଅଭୟ ନାୟକଙ୍କୁ 'ଜିଲ୍ଲା ଗୌରବ ସମ୍ମାନ'

ଜଗତସିଂହପୁର,୨୦।୬(ସମିସ): ଜଗତସିଂହପୁର ଜିଲ୍ଲା ଏରସମା ବ୍ଲକ ଅନ୍ତର୍ଗତ ଅନନ୍ୟ ଶୈବପୀଠ ପଞ୍ଚପଲ୍ଲୀ ସ୍ଥିତ ଗ୍ରାମେଶ୍ୱର ପୀଠରେ ଶୀତଳ ଷଷ୍ଠି ଉତ୍ସବ ମହା ସମାରୋହରେ ପାଳିତ ହୋଇଯାଇଛି। ଏହି ଉତ୍ସବର ପ୍ରଥମ ସନ୍ଧ୍ୟାରେ ଶ୍ରୀଗ୍ରାମେଶ୍ୱର ମହାଦେବ ଶୀତଳ ଷଷ୍ଠି ପରିଚାଳନା କମିଟି ତରଫରୁ ଡ. ଅଭୟ କୁମାର ନାୟକଙ୍କୁ 'ଜିଲ୍ଲାଗୌରବ ସମ୍ମାନ'ରେ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ସମ୍ମାନ ପ୍ରଦାନ ଉତ୍ସବରେ ମୁଖ୍ୟଅତିଥି ଭାବେ ବାଲିକୁଦା-ଏରସମାର ବିଧାୟକ ସାରଦା ପ୍ରସନ୍ନ ଜେନା ଯୋଗଦେଇଥିଲେ। ସଭାପତିତ୍ୱ କରିଥିଲେ ଶିଶିର କୁମାର ବିଶ୍ୱାଳ। ପ୍ରକାଶ ଥାଉକି ଡ. ନାୟକ ନାଇଜରର ପ୍ରଥମ କୁଳସଚିବ ଭାବେ ଦୀର୍ଘ ୧୬ ବର୍ଷ ଧରି କାମ କରି ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିଛନ୍ତି। ବଟଶ୍ରୀକ୍ଷେତ୍ର ଚାରିଟେବଲ ଟ୍ରଷ୍ଟର ସଭାପତି, ଅମୃତା ଫାଉଣ୍ଡେସନର ଅଧ୍ୟକ୍ଷ, ପୂର୍ଣ୍ଣିମା ଜରାଶ୍ରମର ଅଧ୍ୟକ୍ଷ ଭାବରେ କାମକରି ଜିଲ୍ଲା ପାଇଁ ଅନେକ ସମାଜ ଉନ୍ନତି ମୂଳକ କାମରେ ନିଜକୁ ନିୟୋଜିତ କରି ଆସୁଛନ୍ତି। ଜଣେ ପ୍ରତିଷ୍ଠିତ ଲେଖକ ହିସାବରେ ଏ ପର୍ଯ୍ୟନ୍ତ ୩୨ ଖଣ୍ଡ ଆଧ୍ୟାତ୍ମିକ ପୁସ୍ତକ ରଚନା କରି ଓଡିଆ ବାଣୀ ଭଣ୍ଡାରକୁ କରିଛନ୍ତି ସମୃଦ୍ଧ। ଏକାଧାରରେ ସେ ଜଣେ ପ୍ରଶାସକ, ସାହିତ୍ୟିକ, ସମାଜସେବୀ, ସ୍ତମ୍ଭକାର, ଆଧ୍ୟାତ୍ମିକ ବ୍ୟକ୍ତିତ୍ୱ ଭାବରେ ନିଜର ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରି ପାରିଛନ୍ତି ବୋଲି ଅତିଥି ମାନେ ମତବ୍ୟକ୍ତ କରିଥିଲେ।



# ଉମାକାନ୍ତେଶ୍ୱରଙ୍କ ପୀଠରେ ଯଜ୍ଞ



ପଞ୍ଚୁପାଣ୍ଡବ,୨୦।୬(ସମିସ): ରଘୁଦେଇପୁର ପଞ୍ଚାୟତ ଅନ୍ତର୍ଗତ ରାଜନଗର ଗ୍ରାମରେ ଥିବା ଉମାକାନ୍ତେଶ୍ୱର ମନ୍ଦିର ପ୍ରାଙ୍ଗଣରେ ଯଜ୍ଞ ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ଯଜ୍ଞ କର୍ମ ଆରମ୍ଭ ହୋଇ ଆଜି ପୂର୍ଣ୍ଣାହୁତି ହୋଇଛି। ଏଥିରେ ରଘୁଦେଇପୁର, ବଜାର, ରାଜନଗର, ନୋଳସାହି ଓ ବେଲାରପୁର ଗ୍ରାମବାସୀ ସହଯୋଗ କରିଥିଲେ। ଏଥିସହ ଶୁକ୍ରବାର ଶିବ-ପାର୍ବତୀଙ୍କ ବିବାହ କରାଯାଇଥଇଲା। ଏହି ବିବାହ ଶୋଭାଯାତ୍ରାରେ ଶତାଧିକ ଭକ୍ତ ଯୋଗ ଦେଇଥିଲେ।

# ସଂଶୋଧିତ ପାଠ୍ୟପୁସ୍ତକ ଦାବି କଲା ଇସ୍କଫ୍



କେନ୍ଦ୍ରାପଡ଼ା, ୨୦।୬(ସମିସ): ଏସ୍‌ସିଇଆରଟି ପକ୍ଷରୁ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ବଣ୍ଟନ କରାଯାଇଥିବା ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ଶିକ୍ଷକମାନେ ସଂଶୋଧନ କରି ପଢ଼ାଇବାକୁ ଶିକ୍ଷା ବିଭାଗ ଦେଇଥିବା ନିର୍ଦ୍ଦେଶକୁ ଭାରତୀୟ ସାଂସ୍କୃତିକ ସହଯୋଗ ଓ ମୈତ୍ରୀ ସଂଘ (ଇସ୍କଫ) ତୀବ୍ର ନିନ୍ଦା କରିଛି। ଏହାକୁ ଶିକ୍ଷା ଅଧିକାର ଆଇନ-୨୦୦୯ର ଉଲ୍ଲଂଘନ ବୋଲି ଦର୍ଶାଇ ସଂଘ ପକ୍ଷରୁ ତ୍ରୁଟିପୂର୍ଣ୍ଣ ପୁସ୍ତକ ଫେରାଇ ନେଇ ତୁରନ୍ତ ସଂଶୋଧିତ ପାଠ୍ୟପୁସ୍ତକ ଯୋଗାଇ ଦେବାକୁ ଦାବି କରାଯାଇଛି। ଏ ନେଇ ୪ ଦଫା ସମ୍ବଳିତ ଏକ ଦାବିପତ୍ର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନାଙ୍କ ମାଧ୍ୟମରେ ପ୍ରଦାନ କରାଯାଇଛି। ଏ ଅବସରରେ ସଂଘର ଜିଲ୍ଲା ସଭାପତି ଡ. ବାସୁଦେବ ଦାସ, ସମ୍ପାଦକ ଆଦିକନ୍ଦ ରାଉଳ, ଅଧ୍ୟାପକ ଅଜୟ ସାମଲ, ଅବନ୍ତୀ ବେହେରା, ଶୈଳବାଳା ସାମଲ, ରମଣୀରଞ୍ଜନ ରାଉତରାୟ, ଗୟାଧର ଧଳ, ମହେନ୍ଦ୍ର ପଟ୍ଟନାୟକ, ରଣଧୀର ଜେନା ଓ ପ୍ରତାପ ଚନ୍ଦ୍ର ପରିଡ଼ା ପ୍ରମୁଖ ଉପସ୍ଥିତ ଥିଲେ। ସଂଘ ପକ୍ଷରୁ କୁହାଯାଇଛି ଯେ, କୋମଳମତି ଛାତ୍ରଛାତ୍ରୀଙ୍କ ଗୁଣାତ୍ମକ ଶିକ୍ଷାକୁ ଦୃଷ୍ଟିରେ ରଖି ସରକାର ଶୀଘ୍ର ନୂତନ ଓ ତ୍ରୁଟିମୁକ୍ତ ପାଠ୍ୟପୁସ୍ତକ ଯୋଗାଇ ଦେବା ଆବଶ୍ୟକ।

## ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନା ଅନୀୟମିତତା

# ଭଙ୍ଗା ଶୋଠ ତଳେ ରାସ୍ତାର ଭବିଷ୍ୟତ

ବାଲିକୁଦା,୨୦।୬(ସମିସ)



ଦୀର୍ଘ ବର୍ଷ ଦାବି ପରେ ରାଜ୍ୟ ସରକାରଙ୍କ ଗ୍ରାମ ଉନ୍ନୟନ ବିଭାଗ ପକ୍ଷରୁ ୨୦୨୨ ମସିହାରେ ମୁଖ୍ୟମନ୍ତ୍ରୀ ଗ୍ରାମ୍ୟ ସଡ଼କ ଯୋଜନାରେ ଟାଇଁକୂଳ ଦରବା ଭାୟା ବିରିଦୁଆ ସାରଣା ରାସ୍ତା ନିର୍ମାଣ ପାଇଁ ୩ କୋଟି ୩୩ ଲକ୍ଷ ୫୬ ହଜାର ଟଙ୍କାର ଢଳେଇ ଓ ପିଚୁ ରାସ୍ତା ନିର୍ମାଣ ପାଇଁ କାର୍ଯ୍ୟାଦେଶ ଆସିଥିଲା। ଯାହାକୁ ଟେଣ୍ଡର ପାଇଥିବା ଠିକାଦାର ସଂସ୍ଥା ୨୯-୪-୨୦୨୨ରେ ଆରମ୍ଭ କରିବା ସହ ନିର୍ମାଣ କାର୍ଯ୍ୟ ଶେଷ ତାରିଖ ୨୮-୧-୨୦୨୩ ପର୍ଯ୍ୟନ୍ତ ଧାର୍ଯ୍ୟ ହୋଇଥିଲା। ଏପରିକି ଏହି ରାସ୍ତାର ୫ ବର୍ଷ ରକ୍ଷଣା ବେକ୍ଷଣ ପାଇଁ ୧୬. ୬୬ ଲକ୍ଷ ଟଙ୍କା ବିଭାଗ ନିକଟରେ ଜମା ରହିଥିଲା। ହେଲେ ରାସ୍ତା ନିର୍ମାଣରେ ଅନିୟମିତତା ହୋଇଥିବା ବେଳେ ସାରଣା ମଠ ସାହି ଓ ବୁର୍ଦ୍ଧା ମଝି ସ୍ଥାନରେ ଚାଷ ଜମିରୁ ଉଦ୍‌ବୃତ୍ତ ଜଳ ନିଷ୍କାସନ ପାଇଁ ଏକ ପୋଲ ନିର୍ମାଣ ବ୍ୟବସ୍ଥା ଥିବା ବେଳେ ଠିକାଦାର ସଂସ୍ଥା ପକ୍ଷରୁ ଉକ୍ତ ସ୍ଥାନରେ କେବଳ ଗୋଟିଏ ଶୋଠ ପକାଇ ତା ଉପରେ ମାଟି ବିଛାଇ ଦେଇ କାର୍ଯ୍ୟସ୍ଥଳୀ ଛାଡ଼ି ଚାଲି ଯାଇଥିଲେ। ଯେଉଁ କାରଣରୁ ଉକ୍ତ ଶୋଠ ସ୍ଥାନର ଏପଟରୁ ଢଳେଇ ରାସ୍ତା ଥିବା ବେଳେ ଆର ପଟରେ ପିଚୁ ରାସ୍ତା ରହିଛି। କିନ୍ତୁ ଅସରାଏ ବର୍ଷା ହେବା ମାତ୍ରକେ ଶୋଠ ଉପରେ ପଡ଼ିଥିବା ମାଟି ଧୋଇ ଯାଉଥିବା ବେଳେ କାଦୁଅ ପଚର ପଚର ହୋଇ ରାସ୍ତାରେ ଯାତାୟାତ ଏକ ପ୍ରକାର ଠପ୍ ହୋଇଯାଉଛି। ଏପରିକି ଏହି ଅଞ୍ଚଳ ବୁଡ଼ି ଅଞ୍ଚଳ ଭାବେ ପରିଚିତ ହୋଇଥିବା ବେଳେ ବର୍ଷା ଦିନର ଉଦ୍‌ବୃତ୍ତ ଜଳ ଏହି ଶୋଠ ଜରିଆରେ ସଠିକ ନିଷ୍କାସନ ହେଉ ନଥିବାରୁ ଅନେକ ଚାଷୀ କ୍ଷତି ସହୁଥିବା ଅଭିଯୋଗ ହୋଇଛି। ଯାହାକୁ ନେଇ ଲୋକେ ନାନାଦି ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ଏନେଇ ନବ ନିର୍ମାଣ କୃଷକ ସଂଗଠନ ନେତା ବୈକୁଣ୍ଠ ବିଶ୍ୱାଳ ବାରମ୍ବାର ବିଭାଗୀୟ ଅଧିକାରୀଙ୍କ ନିକଟରେ ଅଭିଯୋଗ କରିଥିଲେ ମଧ୍ୟ ପୋଲ ନିର୍ମାଣର ପ୍ରତିଶ୍ରୁତି ଦେଇ ବିଭାଗ ଠକି ଚାଲିଛି। ଏପରିକି ରାସ୍ତାର ରକ୍ଷଣା ବେକ୍ଷଣ ଅର୍ଥ ଥାଇ ସୁଦ୍ଧା ରାସ୍ତା ମରାମତି ହେଉନାହିଁ କିମ୍ବା ରାସ୍ତାର ଉଭୟ ପାଶ୍ୱର୍ରେ ବେଣା ବୁଦା ଉଠି ରାସ୍ତା ଉପରକୁ ମାଡି ଆସିଥିବା ବେଳେ ଏହାର ସଫେଇ କରାଯାଉ ନଥିବାରୁ ଗୋଟିଏ ସମୟରେ ଚାରି ଚକିଆ ଯାନଟିଏ ଆସିଲେ ବାଇକ୍‌ଟିଏ ମଧ୍ୟ ଯିବା ସମ୍ଭବ ହେଉ ନଥିବା ଅଭିଯୋଗ କରିଛନ୍ତି ଶ୍ରୀ ବିଶ୍ୱାଳ। ଏଣୁ ପୋଲ ନିର୍ମାଣ ବାବଦ ଅର୍ଥ ଓ ରକ୍ଷଣା ବେକ୍ଷଣ ବାବଦ ଅର୍ଥ ବିଭାଗ ଚଳୁ କରି ଦେଇଥିବା ଅଭିଯୋଗ କରିଛନ୍ତି। ଅନ୍ୟପକ୍ଷାରେ ନିମ୍ନମାନର କାର୍ଯ୍ୟ ବିରୋଧରେ ଭିଜିଲାନ୍ସ ତଦନ୍ତ ପାଇଁ ଦାବି କରିଛନ୍ତି ଗ୍ରାମର ଚାଷୀ ବିଚିତ୍ରାନନ୍ଦ ସାମଲ, ଗୌରାଙ୍ଗ ମହାନ୍ତି, ବଟକୃଷ୍ଣ ପରିଡା, ପୀତବାସ ପରିଡା, ସୁଧାକର ପରିଡା, ବୈଷ୍ଣବ ରାଉତ, ମାୟାଧର ପରିଡା।

ସୂଚନା ଅନୁଯାୟୀ ଏହି ରାସ୍ତା ଉପରେ ଉଭୟ ବାଲିକୁଦା ଓ ତିର୍ତ୍ତୋଲ ବ୍ଲକର ମୁଲୁଗାଁ, ତଣ୍ଡିକୁଳ, ବାହାରଣା, ବାଲିକୁଦା, କୃଷ୍ଣଦାସପୁର, କଟରା, ଗରାମ, ତୁଳଙ୍ଗ ଆଦି ପଞ୍ଚାୟତର ଟାଇଁକୂଳ, ଖଣ୍ଡି ଅରିଲୋ, ଦେଉଳି, ବିରିଦୁଆ ସାରଣା, ଅସାରଣା, ଶଙ୍କର ସାହି, ତିହୁଡି, ଦୁର୍ଦ୍ଧା, ମର୍ଦ୍ଦଳ, ପୁରୁଆ, ରଙ୍କେଇ, ବଡ଼ିଜଙ୍ଗା, ରତାମୂଳ, କଟରା ସମେତ ଅନେକ ଗ୍ରାମର ଗ୍ରାମବାସୀ ଯାତାୟାତ ପାଇଁ ନିର୍ଭର କରୁଥିବା ବେଳେ ମା' ଶାରଳା ଓ ଗୋରେଖନାଥ ପୀଠକୁ ଯିବା ପାଇଁ ଏହା ଏକ ସହଜ ରାସ୍ତା ହୋଇଥିବା କାରଣରୁ ଦୈନନ୍ଦିନ ହଜାର ହଜାର ଶ୍ରଦ୍ଧାଳୁ ପ୍ରଭୁଙ୍କ ଦର୍ଶନ ପାଇଁ ଯାଇଥାନ୍ତି। କିନ୍ତୁ ବର୍ଷା ଦିନ ହେବା ମାତ୍ରକେ ଏହି ପୋଲ ନିର୍ମାଣ ହୋଇ ନଥିବା କାରଣରୁ ଯାତାୟାତ ଏକ ପ୍ରକାର ଠପ ହୋଇଯିବା ସହ ହଜାର ହଜାର ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହୋଇଥାନ୍ତି।

# ଶଙ୍ଖାରି ସେବା ସମବାୟ ସମିତିରେ ତାଲା ପକାଇ ଚାଷୀଙ୍କ ଧାରଣା

ଚନ୍ଦନେଶ୍ୱର, ୨୦।୬ (ସମିସ)



ଚଳିତ ରବି ଧାନ ସଂଗ୍ରହ ଋତୁରେ ଧାନ ବିକ୍ରିକୁ ନେଇ ବାଲେଶ୍ୱର ଜିଲ୍ଲାର ଭୋଗରାଇ ବ୍ଲକ ଅନ୍ତର୍ଗତ ହୁଗୁଳି ଗ୍ରାମପଞ୍ଚାୟତର ଗାଜିପୁରସ୍ଥିତ ଶଙ୍ଖାରି ସେବା ସମବାୟ ସମିତିରେ ଚାଷୀଙ୍କ ଅସନ୍ତୋଷ ତୀବ୍ର ରୂପ ଧାରଣ କରିଛି। ଧାନ ବିକ୍ରି ପାଇଁ ପଞ୍ଜୀକରଣ କରିଥିଲେ ମଧ୍ୟ ଅଧିକାଂଶ ଚାଷୀ ନିଜର ଉତ୍ପାଦିତ ଧାନ ବିକ୍ରି କରିପାରି ନଥିବାରୁ ଶୁକ୍ରବାର ସେମାନେ ସମିତିର ମୁଖ୍ୟ ଫାଟକରେ ତାଲା ପକାଇ ଧାରଣାରେ ବସିଥିଲେ। ଏହି ଘଟଣା ଅଞ୍ଚଳରେ ବେଶ ଚର୍ଚ୍ଚାର ବିଷୟ ପାଲଟିଛି।

ସୂଚନା ଅନୁଯାୟୀ, ଶଙ୍ଖାରି ସେବା ସମବାୟ ସମିତି ଅଧୀନରେ ଚଳିତ ବର୍ଷ ରବି ଧାନ ବିକ୍ରି ପାଇଁ ମୋଟ ୨୯୮ ଜଣ ଚାଷୀ ପଞ୍ଜୀକରଣ କରିଥିଲେ। ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇ ୩୫ ଦିନରୁ ଅଧିକ ସମୟ ବିତିଥିଲେ ମଧ୍ୟ ଏପର୍ଯ୍ୟନ୍ତ ମାତ୍ର ୪୫ ଜଣ ଚାଷୀଙ୍କ ଠାରୁ ଧାନ ସଂଗ୍ରହ କରାଯାଇଛି। ଫଳରେ ଶତାଧିକ ଚାଷୀ ନିଜ ଘରେ ଧାନ ଗଚ୍ଛିତ ରଖିବାକୁ ବାଧ୍ୟ ହୋଇଛନ୍ତି। ଚାଷୀମାନଙ୍କ ଅଭିଯୋଗ ହେଉଛି, ଅନେକେ ଧାନ ବିକ୍ରି ପାଇଁ ଟୋକନ ପାଇଥିଲେ ମଧ୍ୟ ନିର୍ଦ୍ଧାରିତ ସମୟ ମଧ୍ୟରେ ଧାନ ବିକ୍ରି କରିବାର ସୁଯୋଗ ପାଇନାହାନ୍ତି। ଏପରିକି କିଛି ଟୋକନର ଅବଧି ଶେଷ ହେବାକୁ ବସିଥିବାରୁ ଚାଷୀମାନଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ବର୍ଷା ଋତୁ ଆରମ୍ଭ ହୋଇଥିବାରୁ ଖୋଲା ସ୍ଥାନରେ ରହିଥିବା ଧାନ ନଷ୍ଟ ହେବାର ଆଶଙ୍କା ମଧ୍ୟ ଦେଖାଦେଇଛି। ଏହାକୁ ନେଇ କ୍ଷୁବ୍ଧ ଚାଷୀମାନେ ସମିତି କାର୍ଯ୍ୟାଳୟ ଫାଟକରେ ତାଲା ପକାଇ ଧାରଣା ଦେଇଥିଲେ। ଧାରଣାରତ ଚାଷୀମାନେ ସରକାର ଓ ପ୍ରଶାସନଙ୍କ ନିକଟରେ ତୁରନ୍ତ ଧାନ କିଣା ବ୍ୟବସ୍ଥା ସୁଚାରୁରୂପେ କରିବା, ଟୋକନର ଅବଧି ବୃଦ୍ଧି କରିବା ଏବଂ ଅଧିକ ସଂଖ୍ୟକ ମିଲର ନିଯୁକ୍ତି କରି ଶୀଘ୍ର ଧାନ ସଂଗ୍ରହ କରିବା ପାଇଁ ଦାବି କରିଥିଲେ। ଚାଷୀମାନଙ୍କ କହିବା ଅନୁଯାୟୀ, ସରକାର ଘୋଷଣା କରିଥିବା ସହାୟକ ମୂଲ୍ୟରେ ଧାନ ବିକ୍ରି କରିବା ଉଦ୍ଦେଶ୍ୟରେ ସେମାନେ ପଞ୍ଜୀକରଣ କରିଥିଲେ। କିନ୍ତୁ ଧାନ

## ତୁରନ୍ତ ଧାନ କିଣା ନ ହେଲେ ଆତ୍ମାହୁତି ଚେତାବନୀ

କିଣା ପ୍ରକ୍ରିୟାର ମନ୍ଥର ଗତି ଯୋଗୁଁ ସେମାନେ ଆର୍ଥିକ ସଙ୍କଟରେ ପଡ଼ିଛନ୍ତି। ଖବର ପାଇ ଶଙ୍ଖାରି ସେବା ସମବାୟ ସମିତିର ସଭାପତି ତପନ କୁମାର ପଣ୍ଡା ଓ ସମ୍ପାଦକ ସୁବ୍ରତ କୁମାର ଜେନା ପ୍ରମୁଖ ଘଟଣାସ୍ଥଳରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା କରିଥିଲେ। ସେମାନେ ଚାଷୀମାନଙ୍କୁ ବୁଝାସୁଝା କରିବା ସହିତ ସମସ୍ୟାର ସମାଧାନ ପାଇଁ ବାଲେଶ୍ୱର ଜିଲ୍ଲାପାଳ ଓ ସମ୍ପୃକ୍ତ ବିଭାଗୀୟ ଅଧିକାରୀଙ୍କ ସହ ଆଲୋଚନା କରାଯିବ ବୋଲି ଆଶ୍ୱାସନ ଦେଇଥିଲେ। ଅତିଶୀଘ୍ର ଅଧିକ ମିଲର ଯୋଗାଣ ଏବଂ ଧାନ ସଂଗ୍ରହ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପଦକ୍ଷେପ ନିଆଯିବ ବୋଲି ସଭାପତି ଶ୍ରୀ ପଣ୍ଡା ପ୍ରକାଶ କରିଥିଲେ। ଧାରଣାରେ ସାମିଲ ହୋଇଥିବା ଚାଷୀମାନଙ୍କ ମଧ୍ୟରେ ଅନନ୍ତ ସେଠି, ଦେବବ୍ରତ ପ୍ରଧାନ, ସୁଶାନ୍ତ ଭଞ୍ଜ, ଶକ୍ତିପଦ ସେନ, ସନ୍ତୋଷ ବାରିକ, ଜୟନାରାୟଣ ପ୍ରଧାନ, ବେନୁ ନାୟକ, ରମେଶ ଚନ୍ଦ୍ର ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଚାଷୀମାନେ ଚେତାବନୀ ଦେଇ କହିଛନ୍ତି ଯେ, ଆସନ୍ତା ୭ ଦିନ ମଧ୍ୟରେ ଧାନ କିଣା ପ୍ରକ୍ରିୟା ସୁଚାରୁରୂପେ ଆରମ୍ଭ ନ ହେଲେ ସେମାନେ ପୁଣିଥରେ ବୃହତ୍ତର ଆନ୍ଦୋଳନ କରିବେ। ଏପରିକି ସମିତି କାର୍ଯ୍ୟାଳୟ ସମ୍ମୁଖରେ ଆମରଣ ଧାରଣା ସହ ଆତ୍ମାହୁତି ଦେବାକୁ ମଧ୍ୟ ବାଧ୍ୟ ହେବେ ବୋଲି ସେମାନେ କହିଛନ୍ତି। ଏହାକୁ ନେଇ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଥିବା ବେଳେ ପ୍ରଶାସନ କିପରି ଏହି ସମସ୍ୟାର ସମାଧାନ କରୁଛି, ତାହା ଉପରେ ସମସ୍ତଙ୍କ ନଜର ରହିଛି।

# ବ୍ଲକସ୍ତରୀୟ ଜାତି-ଜନଜାତି ସମ୍ବାଦ ବୈଠକ

ଜଳେଶ୍ୱର, ୨୦।୬ (ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ପୂର୍ତ୍ତି ଉପଲକ୍ଷେ ଜନସମ୍ପର୍କ କାର୍ଯ୍ୟକ୍ରମ-୨୦୨୬ ଜଳେଶ୍ୱର ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ଅନୁସୂଚିତ ଜାତି ଅନୁସୂଚିତ ଜନଜାତି, ସଂଖ୍ୟାଲଘୁ ଏବଂ ପଛୁଆବର୍ଗ କଲ୍ୟାଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ବ୍ଲକ ସ୍ତରୀୟ ଜାତି-ଜନଜାତି ସମ୍ବାଦ ବୈଠକରେ ଜଳେଶ୍ୱର ଗୋଷ୍ଠି ଉନ୍ନୟନ ଅଧିକାରୀ ଗୌରାଙ୍ଗ ଚରଣ ଘୋଷ ଅଧ୍ୟକ୍ଷତା କରିଥିଲେ। ମୁଖ୍ୟ ଅତିଥି ଭାବେ ଜଳେଶ୍ୱର ପଂଚାୟତ ସମିତି ଅଧ୍ୟକ୍ଷ ମାନସ କୁମାର ଜେନା ଯୋଗଦେଇ ସରକାରଙ୍କ ଅନୁସୂଚିତ ଜାତି ଓ ଜନଜାତି ଏବଂ ପଛୁଆ ବର୍ଗ କଲ୍ୟାଣ ପାଇଁ କରାଯାଉଥିବା ଜନହିତକର ପ୍ରକଳ୍ପ ଗୁଡିକ ବିଷୟରେ ସୂଚନା ଦେବା ସହିତ ପ୍ରକଳ୍ପ ଗୁଡିକର ସଠିକ ପରିଚାଳନା କରିବାକୁ ସମିତି ସଭ୍ୟ ଓ ଜନପ୍ରତିନିଧି ମାନଙ୍କୁ ଆହ୍ୱାନ ଦେଇଥିଲେ। ସମ୍ମାନିତ ଅତିଥି ଭାବେ ସର୍ଦ୍ଦାରବନ୍ଧ ଗ୍ରାମ ପଂଚାୟତର ସମିତି ସଦସ୍ୟ ଗଣେଶ ସୋରେନ, ପର୍ଣ୍ଣିବାଡ ଗ୍ରାମ ପଂଚାୟତର ସମିତି ସଦସ୍ୟ ହରାଶ ଚନ୍ଦ୍ର ମହାଲିକ, ବ୍ଲକ ଉଦ୍ଭାବନ ଅନୁପମ ସଲ୍ଲ, ବ୍ଲକ ସହକାରୀ ନିର୍ବାହୀ ଯକ୍ଷୀ ସନ୍ଧ୍ୟାରାଣୀ ପାତ୍ର ପ୍ରମୁଖ ଯୋଗଦେଇ ସରକାରଙ୍କ ବିଭିନ୍ନ ପ୍ରକଳ୍ପ ବିଷୟରେ ଆଲୋଚନା କରିବା ସହିତ ଲୋକମାନଙ୍କୁ ସଚେତନ କରାଇଥିଲେ। କାର୍ଯ୍ୟକ୍ରମକୁ ଏବିଓ ସୁଧୀର କୁମାର ସାହୁ ସଂଯୋଜନା କରିବା ସହିତ ଶେଷରେ ଧନ୍ୟବାଦ ଅର୍ପଣ କରିଥିଲେ।

# ଖଣି ଚଢ଼ଉରେ 'ହ୍ୱାଟ୍ସଆପ୍ ନେଟୱର୍କ'ର ବାଧା

ରାଜଘାଟ, ୨୦।୬ (ସମିସ): ବସ୍ତା ବ୍ଲକରେ ବେଆଇନ ବାଲି, ମୋରମ ଓ ମାଟି ଚାଲାଣ ରୋକିବାକୁ ଖଣି ବିଭାଗର ଚଢ଼ାଉ ବାରମ୍ବାର ବିଫଳ ହେବାର ମୁଖ୍ୟ କାରଣ ପାଲଟିଛି ବିଭିନ୍ନ ହ୍ୱାଟସଆପ୍ ଗ୍ରୁପ। ଖଣି ଅଧିକାରୀଙ୍କ ଗାଡି ନମ୍ବର ଠାରୁ ଆରମ୍ଭ କରି କେଉଁ ରାସ୍ତାରେ କେତେବେଳେ ଯାଉଛନ୍ତି, ସବୁ ତଥ୍ୟ କିଛି ଗ୍ରୁପରେ ମୁହୂର୍ତ୍ତକ ମଧ୍ୟରେ ପହଞ୍ଚିଯାଉଥିବା ନିଜେ ବସ୍ତା ଖଣି ଅଧିକାରୀ ସ୍ୱୀକାର କରୁଛନ୍ତି। ବସ୍ତା ଅଞ୍ଚଳରେ ଗାଡି ମାଲିକ ତରଫରୁ 'ହାଇୱା ମାଇନିଙ୍ଗ' "ଡ୍ରାଇଭର ଭାଇ ଗ୍ରୁପ' 'ମାଇନିଙ୍ଗ ବସ୍ତା', 'ଚୋର ପୋଲିସ' 'ଛୁଆଧରା' 'ସିଣ୍ଡିକେଟ' ଭଳି ଏକାଧିକ ହ୍ୱାଟସଆପ୍ ଗ୍ରୁପରେ ୨ଶହରୁ ଅଧିକ ସଦସ୍ୟ ଅଛନ୍ତି। ଏଥିରେ ଗାଡି ମାଲିକ, ଡ୍ରାଇଭର, ଜେସିବି ଅପରେଟର, ବାଲି ମାଟି ମାଫିଆ ଓ କିଛି ସ୍ଥାନୀୟ ଲୋକ ସଦସ୍ୟ ଅଛନ୍ତି। ଖଣି ବିଭାଗର ବୋଲେରୋ କିମ୍ବା ଅନ୍ୟ କୌଣସି ଗାଡି ଅଫିସରୁ ବାହାରିବା ମାତ୍ରେ ଗ୍ରୁପରେ ଫଟୋ ସହ ମାଇନିଙ୍ଗ ଗାଡି ବାହାରିଲା, ଜାତୀୟ ରାଜପଥ ୧୬ରେ ଅଛି, ବାଲିଆପାଳ ଆଡକୁ ଯାଉଛି, ଦେଭୋଗ ଛକ ପାରିଲା ଭଳି ଭଏସ ମେସେଜ ଛାଡି ଦିଆଯାଉଛି। ବସ୍ତା ଖଣି ଅଧିକାରୀଙ୍କ ଭଡାଘର ବାହାରେ ମାଫିଆ ମାନେ ଜଗି ରହି ଅଧିକାରୀଙ୍କ ଗତିବିଧିର ସମସ୍ତ ନଜର ରଖୁଛନ୍ତି। ଗାଡି ବାହାରିବା ମାତ୍ରେ ରାସ୍ତା କଡ ଚା' ଦୋକାନ, ପେଟ୍ରୋଲ ପମ୍ପ, ବିଭିନ୍ନ ଛକ ନିକଟରେ ଜଗିଥିବା କିଛି ଲୋକ ଅଧିକାରୀଙ୍କ ଗାଡି ଦେଖିବା ମାତ୍ରେ ଗ୍ରୁପରେ ଲାଇଭ ଲୋକେସନ, ଭଏସ ମେସେଜ ସେୟାର କରୁଛନ୍ତି। ଫଳରେ ଖାଦାନରେ ଥିବା ଜେସିବି, ହାଇୱା ଓ ଟ୍ରାକ୍ଟର ୧୦-୧୫ ମିନିଟ ଭିତରେ ଗାଏବ ହୋଇଯାଉଛି, ବିଭାଗ ପହଞ୍ଚିବା ଆଗରୁ ଖାଦାନ ଖାଲି ହୋଇଯାଉଛି ଫଳରେ ଅଧିକାରୀ ଖାଲି ହାତରେ ଫେରିବା ସହ ନାକେଦମ ହେଉଥିବା ଦେଖିବାକୁ ମିଳୁଛି। ଏଠି ପ୍ରଶ୍ନ ଉଠୁଛି ଯଦି ଖଣି ଅଧିକାରୀ ଜାଣିପାରୁଛନ୍ତି ହ୍ୱାଟ୍ସଆପ ଗ୍ରୁପରେ ତାଙ୍କର ଗତିବିଧିର ଖବର ପ୍ରଘଟ ହେଉଛି, ଯାହାର ସମସ୍ତ ପ୍ରମାଣ ତାଙ୍କ ପାଖରେ ଅଛି, ତାହାଲେ କାହିଁକି ସାଇବର ଥାନାରେ ଅଭିଯୋଗ କରୁନାହାନ୍ତି? ବୁଦ୍ଧିଜୀବୀ ମତ ଦେଇଛନ୍ତି ଯଦି ବିଭାଗ ଏବେ ଡ୍ରୋନ ସର୍ଭେଲାନ୍ସ, ରାତ୍ରିକାଳୀନ ଗୁପ୍ତ କ୍ୟାମେରା ଓ ଅନ୍ୟ ଜିଲ୍ଲାର ଟିମ ଡକାଇ ସରପ୍ରାଇଜ ଚଢଉ ସହ ବ୍ୟବହାର କରୁଥିବା ଗାଡିକୁ ବଦଳାଇ ଅନ୍ୟ ଗାଡି ବ୍ୟବହାର କଲେ ହୁଏତ ଗାଡି ଜବତ ସହ ମାଫିଆ ସାବାଡ଼ ହୁଅନ୍ତେ ଏବଂ ବିଭାଗ ଭିତରେ ଥିବା "କଳା ମେଣ୍ଢା' ଙ୍କୁ ଚିହ୍ନଟ କରି ନ ଧରିଲେ କୌଣସି ସମସ୍ୟା ସମାଧାନ ହେବନି।

# ଭାବକ୍ଷେତ୍ର ରେମୁଣାରେ ଶିବ ବିବାହ ଉତ୍ସବ

ରେମୁଣା,୨୦।୬ (ସମିସ): ରେମୁଣା ଚରଣାପାଳସ୍ଥିତ ଭାବ କ୍ଷେତ୍ରରେ ଯେଉଁଠି ମହାପ୍ରଭୁ ସ୍ୱପ୍ନ ଜ୍ୟୋତି ଜଗନ୍ନାଥ ବିରାଜିତ ସେହି ପୀଠରେ ପ୍ରତିଷ୍ଠିତ ବାବା ଚରଣେଶ୍ୱର



ମହାଦେବଙ୍କ ବିବାହ ଉତ୍ସବ ଆଡମ୍ବର ସହକାରେ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ କର୍ତ୍ତା ଭାବେ ଶ୍ରୀପତୀ ସେନାପତି ଓ କର୍ତ୍ତୀ ଭାବେ ଜୟଶ୍ରୀ ସେନାପତି ପ୍ରତିବର୍ଷ ଭଳି ଏବର୍ଷ ମଧ୍ୟ ଶିବ ପାର୍ବତୀଙ୍କ ବିବାହ ସମ୍ପନ୍ନ କରିଥିଲେ। ପୁରହିତ ଭାବେ ପ୍ରଦୀପ ମିଶ୍ର, ମନ୍ମଥ ମିଶ୍ର, ବିବାହ କାର୍ଯ୍ୟ ବୈଦିକ ରୀତିରେ କରିଥିଲେ। ଦିଅମଙ୍ଗଳା, ପଥକରଣ, ବନ୍ଧାଧୀବାସ, ଆଦି କର୍ମ ସହ ହାତଗଣ୍ଠି, ଲାଜାହୋମ ପରେ ଉପସ୍ଥିତ ଭକ୍ତମାନେ ଆନନ୍ଦରେ ଜଉ କଉଡ଼ି ଖେଳାଇବା ସହ ମୁହଁ ଛୁଆ ଦେଇ ପ୍ରଭୁଙ୍କୁ ଦର୍ଶନ କରିଥିଲେ। ଏହା ପରେ ବର କନିଆଙ୍କୁ ନଗର ପରିକ୍ରମା କରାଇଥିଲେ ଶତାଧିକ ଭକ୍ତ। ଏହି ପରିକ୍ରମାରେ ଗଜେନ୍ଦ୍ର ଦାଶ, ସୁନାମଣି ଜେନା, ଶାନ୍ତିଲତା ବିଶି, କୁମୁଦିନି ରଣା, ସତ୍ୟନାରାୟଣ ମହାରଣା, ଶକୁନ୍ତଳା ମହାପାତ୍ର, ଡ଼. ଭାଗବତ ପ୍ରସାଦ ଦାସ, ନିରଞ୍ଜନ ସାହୁ, ଅସିତ କୁମାର ମଙ୍ଗରାଜ ପ୍ରମୁଖଙ୍କ ସମେତ ରେମୁଣାର ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଉପସ୍ଥିତ ହୋଇ ଶିବ ପାର୍ବତୀଙ୍କ ବିବାହକୁ ଉତ୍ସବ ମୁଖର କରିଥିବାବେଳେ ମନ୍ଦିର ପରିଚାଳନା କମିଟିର ସମସ୍ତ ସଭ୍ୟ ସଭ୍ୟା ମାନେ ପରିଚାଳନାରେ ସହଯୋଗ କରିଥିଲେ। ପ୍ରସାଦ ସେବନରେ ସମସ୍ତ ବରଯାତ୍ରୀ ଓ କନ୍ୟା ଯାତ୍ରୀ ମାନେ ଆପ୍ୟାୟିତ ହୋଇଥିଲେ। ରେମୁଣା ଅଞ୍ଚଳରେ ଶିବ ବିବାହ ଉତ୍ସବ ଲୋକମାନଙ୍କ ମନରେ ଭକ୍ତି ଓ ଆନନ୍ଦର ଲହରୀ ଖେଳାଇ ଦେଇଛି।

# ନୀଳଗିରି କଂଗ୍ରେସର ସାମ୍ବାଦିକ ସମ୍ମିଳନୀ

ନୀଳଗିରି, ୨୦।୬ (ସମିସ): କେନ୍ଦ୍ର ଏନଡିଏ ସରକାର ବାର ବର୍ଷର ପୂର୍ତ୍ତି ଓ ଓଡ଼ିଶାରେ ବିଜେପି ସରକାରଙ୍କର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଓଡ଼ିଶା ଓ ନୀଳଗିରିର ବିକାଶରେ ସମ୍ପୂର୍ଣ୍ଣ ରୂପେ ବିଫଳତା ପ୍ରକାଶ ପାଇଛି। ଜନସାଧାରଣ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗମନାଗମନ, ପରିବହନ, ଶିକ୍ଷା, ସ୍ୱାସ୍ଥ୍ୟ, ପରିମଳ, ଖଣି ଓ ଜଙ୍ଗଲ ସମ୍ପଦ, କୃଷି, ଶିଳ୍ପ, ନାରୀ ସଶକ୍ତିକରଣ, ନିଶା ନିବାରଣ, ଶୃଙ୍ଖଳା ଓ ନିରାପତ୍ତା ସମସ୍ତ ସେବା ବିଫଳତାର ଚରମ ସୀମାରେ ପହଞ୍ଚିଲାଣି। ଶିକ୍ଷା କ୍ଷେତ୍ରକୁ ଯଦି ଆମେ ବିଷୟକୁ ନେବା ବିଦ୍ୟାଳୟରେ ଆବଶ୍ୟକ ମୁତାବକ ଶିକ୍ଷା ଯୋଗାଇ ପାରୁ ନାହାଁନ୍ତି ରାଜ୍ୟ ସରକାର। ଭୁଲ୍ ତଥ୍ୟ ପାଠ୍ୟ ପୁସ୍ତକରେ ମୁଦ୍ରଣ ଯୋଗୁଁ ଓଡ଼ିଶାର ଆଗମୀ ପାଠ୍ୟ କ୍ରମରେ ବ୍ୟାଘାତ ସୃଷ୍ଟି ହେବ। ସ୍ୱାସ୍ଥ୍ୟ କ୍ଷେତ୍ରରେ ନୀଳଗିରି ରେ ଯକ୍ଷ୍ମା ରୋଗୀଙ୍କୁ ଔଷଧ ଯୋଗାଇ ନପାରିବାରୁ ପାଖା ପାଖି ୭୦ରୁ ଅଧିକ ଯକ୍ଷ୍ମା ରୋଗୀ ମୃତ୍ୟୁ ବରଣ କରିଛନ୍ତି। ଓଡ଼ିଶାର କୃଷି କ୍ଷେତ୍ରରେ ଧାନ ଚାଷ ବ୍ୟତୀତ ଅନ୍ୟ ଚାଷ ସଫଳ ନୁହେଁ




କାରଣ ରାଜ୍ୟ ସରକାରଙ୍କ ଅନିଚ୍ଛା ଶକ୍ତି। ଏହା ସହ ଛୋଟ ଚାଷୀ ସରକାରୀ ମୂଲ୍ୟରେ ଧାନ ବିକ୍ରି କରିବାରେ ବଞ୍ଚିତ ହେବା ସହିତ କଟନି ଛଟନୀରେ ଚାଷୀଙ୍କୁ ଷସଣ କରାଯାଉଛି। ଯଦି ଆମେ ନୀଳଗିରି କଥା ଆମେ ଚିନ୍ତା କରିବା ନୀଳଗିରି ରେ ଏକମାତ୍ର ଜଳ ଉତ୍ସ ରିଶିଆ ପ୍ରକଳ୍ପ ପୁନରୁଦ୍ଧାର ହୋଇ ପାରୁନି ଏବଂ ଉଠା ଜଳ ସେଚନ ପ୍ରକଳ୍ପରେ ନୀଳଗିରି ଅଞ୍ଚଳରେ ହୋଇଥିବା ସେଲୋ ଓ ବୋରୱେଲ କାର୍ଯ୍ୟକ୍ଷମ ହେଉ ନାହିଁ। ଚାଷୀଙ୍କ ମନୋବଳକୁ ବୃଦ୍ଧି କରିବା ପାଇଁ ନୀଳଗିରି ରେ ଶୀତଳ ଭଣ୍ଡାର ଟିଏ ନାହିଁ। ନିର୍ବାଚନ ଇସ୍ତାହାର ରେ ପ୍ରତ୍ୟେକ ମହିଳାଙ୍କୁ ୫୦ହଜାର ଟଙ୍କା ଦେବା କଥା ମାତ୍ର ୫ହଜାର ଟଙ୍କାରେ ଭୁଲାଇଛନ୍ତି ରାଜ୍ୟ ସରକାର। ସେହିପରି ୩୦୦ ୟୁନିଟ ବିଜୁଳି ସମ୍ପୂର୍ଣ୍ଣ ମାଗଣା ଦେବେ ବୋଲି କହି ଠକି ଛନ୍ତି ଓଡ଼ିଶା ବାସୀଙ୍କୁ ତେବେ ଏହି ସବୁ ପ୍ରସଙ୍ଗକୁ ନେଇ ନୀଳଗିରି ବଡ଼ ଦାଣ୍ଡରେ ଥିବା କଂଗ୍ରେସ୍ ଭବନ ଠାରେ ଶନିବାର ଅପରାହ୍ନରେ ଏକ ସାମ୍ବାଦିକ ସମ୍ମିଳନୀ କରି ସୂଚନା ଦେଇଛନ୍ତି ନୀଳଗିରି ବ୍ଲକ୍ କଂଗ୍ରେସ୍ ସଭାପତି ତପନ କୁମାର ରାଉତ। ତେବେ ଏହି ସାମ୍ବାଦିକ ସମ୍ମିଳନୀ ରେ ଜାତୀୟ କଂଗ୍ରେସ୍ କୃଷକ ସେଲ ରାଜ୍ୟ ସମ୍ପାଦକ ଯସଦା ନନ୍ଦନ ସିଂ, ବାଲେଶ୍ୱର ଜିଲ୍ଲା ସାଧାରଣ ସମ୍ପାଦକ ଯୋଗେଶ୍ୱର ବେହେରା, ନୀଳଗିରି ଏନ୍ଏସି ସଭାପତି ଉପେନ୍ଦ୍ର ବେହେରା, ଜିଲ୍ଲା ଉପ ସଭାପତି ରାମ ଜେନା, ଯୋଶଦା ନାୟକ, ଅଶ୍ୱିନୀ ପାତ୍ର, ସୁରେନ୍ଦ୍ର ଦାସ ଙ୍କ ସମେତ ନୀଳଗିରି କଂଗ୍ରେସର କାର୍ଯ୍ୟକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ।

# ଜଳେଶ୍ୱର-ଚନ୍ଦନେଶ୍ୱର ପୂର୍ତ୍ତ ବିଭାଗ ରାସ୍ତା ମରଣଯନ୍ତା

ଜଳେଶ୍ୱର,୨୦।୬ (ସମିସ): ବ୍ୟସ୍ତବହୁଳ ଜଳେଶ୍ୱର-ଚନ୍ଦନେଶ୍ୱର ୫୭ ନଂ ରାଜ୍ୟ ରାଜପଥ ଦୀର୍ଘଦିନ ଧରି ମରଣଯନ୍ତା ପାଲଟିଛି। ପ୍ରତ୍ୟେହ ଏହି ଚଳ ଚଞ୍ଚଳ ସଡକରେ ହଜାର ହଜାର ଲୋକେ ଜଳେଶ୍ୱର ସହରକୁ ବିଭିନ୍ନ ଅତ୍ୟାବଶ୍ୟକ କାର୍ଯ୍ୟ ପାଇଁ ଯାତାୟାତ କରିଥାଆନ୍ତି। ସମଗ୍ର ଦେଶରୁ ଭୁଷଣ୍ଡେଶ୍ୱର, ଚନ୍ଦନେଶ୍ୱର,ବାସୁଳୀ ପିଠ ସହିତ, ଦୀଘା, ଉଦୟପୁର, ସୁବର୍ଣ୍ଣ ଦୀପ, ତାଳସାରି, କୀର୍ତ୍ତନିଆ ମତ୍ସ୍ୟ କେନ୍ଦ୍ର କୁ ଆସୁଥିବା ପର୍ଯ୍ୟଟକ ଲୋକେ



ସଡକର ଦୁରବସ୍ଥା ଦେଖି ନାକ ଟେକୁଛନ୍ତି। ବିଶେଷ ଗୁରୁତ୍ୱ ବହନ କରୁଥିବା ଉକ୍ତ ସଡ଼କ, ସମ୍ପ୍ରସାରଣ ହେବାକୁ ସରକାର ଘୋଷଣା କରିଥିବା ବେଳେ ରାସ୍ତା ମରାମତି ନହୋଇ ମରଣଯନ୍ତା ପାଲଟିଛି। ବାଘପୁଞ୍ଜି ହାଇସ୍କୁଲ ଠାରୁ ଡେମୁରିଆ ବସ୍‌ଷ୍ଟାଣ୍ଡ ପର୍ଯ୍ୟନ୍ତ ଏବଂ ନାମ୍ପୋ ଠାରୁ ସୁଗୋ ଛକ ପର୍ଯ୍ୟନ୍ତ ଛୋଟ ବଡ଼ ଖାଲ ଖମରେ ସଡ଼କ ବିପଦପୂର୍ଣ୍ଣ ହୋଇ ପଡ଼ିଛି। ବର୍ଷାଋତୁ ନ ଆସୁଣୁ ସୁଗୋ ଛକ ଠାରେ ବୃହତ୍ ଗର୍ତ୍ତ ସୃଷ୍ଟି ହୋଇଥିବା ବେଳେ ନାମ୍ପୋ ନିକଟ ତାଳବଣିଆ ଠାରେ ସଡକର ଅବସ୍ଥା ଅତ୍ୟନ୍ତ ଶୋଚନୀୟ ରହିଛି। ସେଠାରେ ଦୀର୍ଘବର୍ଷ ଧରି ସଡ଼କ ମଧ୍ୟ ସ୍ଥଳ ସ୍ଥାନରେ ଲମ୍ବା ଲମ୍ବା ଫାଠ ଓ ଗର୍ତ୍ତ ସୃଷ୍ଟି ହୋଇ ମରଣକୁ ଆମନ୍ତ୍ରଣ କରୁଛି। ବୁଧବାର ସନ୍ଧ୍ୟାରେ ଭୋଗରାଗ ନିଜାମପୁର ଅଞ୍ଚଳର ଦୁଇ ବାଇକ ଆରୋହୀ ଜଳେଶ୍ୱର ଅଭିମୁଖେ ଯାଉଥିବା ବେଳେ ଫାଟ ମଧ୍ୟରେ ବାଇକ୍ ଚକ ଫସିଯିବା ଫଳରେ ଦୁର୍ଘଟଣା

## ସଡ଼କ ଫାଟ ଯୋଗୁଁ ଘଟୁଛି ଦୁର୍ଘଟଣା

ର ଶୀକାର ହୋଇ ଗୋଡ଼ ଭାଙ୍ଗି ଯାଇଛି। ସମ୍ପୃକ୍ତିଆ ସରପଂଚ ସୁଶାନ୍ତ ପ୍ରଧାନ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟ କରୁଥିବା ବେଳେ ଅନ୍ୟ ଦୁଇଟି ବାଇକ୍ ମଧ୍ୟ ଅନୁରୂପ ଭାବେ ସଡ଼କ ଫାଟରେ ଫସିଥିଲା। ଦୁର୍ଘଟଣାଗ୍ରସ୍ତ ଅଳ୍ପକେ ଆସୁଥିବା ଟ୍ରକ ମୁହଁରୁ ବର୍ତ୍ତି ଯାଇଥିବା ବେଳେ ସେମାନଙ୍କୁ ଜଳେଶ୍ୱର ଜିକେ ଭଟ୍ଟର ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସିରିଜ ଦୁର୍ଘଟଣା ଯୋଗୁଁ ଦୀର୍ଘ ସମୟ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା। ସ୍ଥାନୀୟ ଲୋକେ ଜମା ହୋଇ କ୍ଷୋଭ ପ୍ରକାଶ କରିବା ସହିତ ତୁରନ୍ତ ସଡ଼କ ମରାମତି ଲାଗି ପ୍ରଶାସନର ଦୃଷ୍ଟି ଆକର୍ଷଣ କରିଛନ୍ତି।

# 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମ ଉଦ୍‌ଯାପିତ




ସୋର, ୨୦।୬ (ସମିସ): ସୋର ବ୍ଲକ ପରିସରରେ ସରକାରଙ୍କ ୨ବର୍ଷ ପୂର୍ତ୍ତି ଅବସରରେ ଚାରିଦିନ ଧରି ଚାଲିଥିବା ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଉଦଯାପିତ ହୋଇଯାଇଛି। ବ୍ଲକ ଅଧକ୍ଷା ଅନୁସୂୟା ମଲିକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ମୁଖ୍ୟଅତିଥି ଭାବେ ସୋର ବ୍ଲକ ଗୋଷ୍ଠି ଉନ୍ନୟନ ଅଧିକାରୀ ସୁବ୍ରତ ବେହେରା, ଜିଲ୍ଲା ପରିଷଦ ସଭ୍ୟ ଜୟରାମ ଦାସ, ଜୟନ୍ତ କୁମାର ସ୍ୱାଇଁ, ବିଧାୟକ ପ୍ରତିନିଧି ଫକୀର ମୋହନ ଦାସ, ସାଂସଦଙ୍କ ପ୍ରତିନିଧି ଦୀପ୍ତିକାନ୍ତ ପଣ୍ଡା,ସିଡିପିଓ ହାରାମଣି ନାୟକ,ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୀୟ କୁମାର ନାଥ ପ୍ରମୁଖ ଯୋଗଦେଇ ସରକାରଙ୍କ ତରଫରୁ ଦୁଇ ବର୍ଷ ମଧ୍ୟରେ କରାଯାଇଥିବା ବିଭିନ୍ନ ଉନ୍ନୟନ ମୂଳକ ଯୋଜନା ବାବଦରେ ଆଲୋଚନା କରିଥିଲେ। ଏହି ଅବସରରେ ପ୍ରଧାନମନ୍ତ୍ରୀ ଆବାସ ଯୋଜନାରେ ଯୋଗ୍ୟ ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ,ଠିକ ସମୟରେ ଘର କରିଥିବା ହିତାଧିକାରୀଙ୍କୁ ଇନସେନଟିଭ ପ୍ରଦାନ, ନୂତନ ପାଇଖାନା ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ବଣ୍ଟନ,୨୭ ଜଣ ଭତ୍ତା ହିତାଧିକାରୀଙ୍କୁ ଭତ୍ତା ବଣ୍ଟନ, ଖାଦ୍ୟ ସୁରକ୍ଷା ଯୋଜନାରେ ୧୫ ଜଣ ହିତାଧିକାରୀଙ୍କୁ ରାସନ କାର୍ଡ ବଣ୍ଟନ, ବ୍ଲକରେ ଦୁଇ ଜଣ ସଫଳ ମତ୍ସ୍ୟ ଚାଷୀଙ୍କୁ ଇନସେଣ୍ଟିଭ ପ୍ରଦାନ, ୟୁକୋ ବ୍ୟାଙ୍କ ପକ୍ଷରୁ ସଫଳ ସ୍ୱୟଂ ସହାୟକ ଗୋଷ୍ଠିକୁ ଦଶ ଲକ୍ଷ ଟଙ୍କାର ଋଣ ପ୍ରଦାନ, ଦିବ୍ୟାଙ୍ଗ ବ୍ୟକ୍ତିଙ୍କୁ ଟ୍ରାଇ ସାଇକେଲ ବଣ୍ଟନ କରାଯାଇଥିଲା। ଏଥିରେ ବିଭିନ୍ନ ଏସଏଚଜି ଗ୍ରୁପ ମାନଙ୍କ ଦ୍ୱାରା ବିଭିନ୍ନ ସାମଗ୍ରୀ ପ୍ରଦର୍ଶନ କରାଯାଇଥିଲା। ଶେଷରେ ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ଅମୀୟ କୁମାର ନାଥ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମ କୁ ବ୍ଲକର ସମସ୍ତ ଅଧିକାରୀ ମାନେ ପରିଚାଳନା କରିଥିବା ବେଳେ ଏଥିରେ ବ୍ଲକର ୨୪ ଗୋଟି ପଞ୍ଚାୟତରୁ ଏକ ହଜାରରୁ ଉର୍ଦ୍ଧ୍ୱ ଏସଏଚଜି ଗ୍ରୁପମହିଳା, ବିଭିନ୍ନ ହିତାଧିକାରୀଙ୍କ ସମେତ ସରପଞ୍ଚ, ସମିତି ସଭ୍ୟ ସଭ୍ୟା ମାନେ ଅଂଶଗ୍ରହଣ କରିଥିଲେ।

# ବ୍ୟସ୍ତବହୁଳ ରାସ୍ତା ପାଲଟିଛି ଘରୋଇ ବସ୍‌ର ପାର୍କିଂ ସ୍ଥଳ

ବାଲେଶ୍ୱର,୨୦।୬(ସମିସ): ମୋଟର ଯାନ ଆଇନ କ'ଣ କେବଳ ସାଧାରଣ ଲୋକଙ୍କ ପାଇଁ ? ବାଲେଶ୍ୱରରେ ଏବେ ଏହି ପ୍ରଶ୍ନ ବଡ଼ ପ୍ରଶ୍ନ ଭାବେ ଉଭା ହୋଇଛି। ରାସ୍ତା ପାର୍ଶ୍ୱରେ ଗାଡ଼ି ଛିଡ଼ା କଲେ ସାଧାରଣ ଜନତାଙ୍କ ଉପରେ ହଜାର ହଜାର ଟଙ୍କାର ଚାଲାଣ କାଟୁଥିବା ଆଞ୍ଚଳିକ ପରିବହନ ବିଭାଗ (ଆରଟିଓ) ଘରୋଇ ବସ ମାଲିକଙ୍କ କ୍ଷେତ୍ରରେ କିନ୍ତୁ ଆଖି ବୁଜି ଦେଇଥିବା ଭଳି ଦେଖାଯାଉଛି। ଷ୍ଟେସନ ଛକରୁ ପୁଲିସ ଲାଇନ ଜନଗହଳିପୂର୍ଣ୍ଣ ଓଟି ରୋଡ଼ରେ ଦିନ ରାତି ଧରି ଧାଡ଼ି ଧାଡ଼ି ବସ୍ ରଖାଯାଇ ରାସ୍ତାକୁ




ଏକ ପ୍ରକାର ଘରୋଇ ବସ ଷ୍ଟାଣ୍ଡରେ ପରିଣତ କରାଯାଇଥିଲେ ମଧ୍ୟ ବିଭାଗର ନିରବତା ଅନେକ ପ୍ରଶ୍ନ ସୃଷ୍ଟି କରିଛି। ସହରର ସବୁଠାରୁ ବ୍ୟସ୍ତ ରାସ୍ତା ମଧ୍ୟରୁ ଅନ୍ୟତମ ଓଟି ରୋଡ଼ର ଏକ ବଡ଼ ଅଂଶକୁ ଦଖଲ କରି ରଖିଛି ଘରୋଇ ବସ୍। ଫଳରେ ରାସ୍ତା ସଂକୀର୍ଣ୍ଣ ହେବା ସହ ଯାତାୟାତ ବ୍ୟବସ୍ଥା ବିପର୍ଯ୍ୟସ୍ତ ହେଉଛି। ପ୍ରତିଦିନ ହଜାର ହଜାର ଲୋକ ଯାତାୟାତ କରୁଥିବା ଏହି ଅଞ୍ଚଳରେ ଯେକୌଣସି ସମୟରେ ବଡ଼ ଧରଣର ଦୁର୍ଘଟଣା ଘଟିପାରେ। କିନ୍ତୁ ନିୟମ ଉଲ୍ଲଂଘନର ଏହି ସ୍ପଷ୍ଟ ଚିତ୍ର ସତ୍ତ୍ୱେ କାହିଁକି କୌଣସି କାର୍ଯ୍ୟାନୁଷ୍ଠାନ ହେଉନାହିଁ, ତାହା ଏବେ ଚର୍ଚ୍ଚାର ବିଷୟ ପାଲଟିଛି। ସହରବାସୀଙ୍କ ଅଭିଯୋଗ, ଗୋଟିଏ ବାଇକ୍ କିମ୍ବା କାର୍ ରାସ୍ତା କଡ଼ରେ ଦେଖିଲେ ଚାଲାଣ କାଟିବାକୁ ତତ୍ପର ହୋଇପଡୁଥିବା ବିଭାଗ, ରାସ୍ତାର ଅଧା ଭାଗ ଦଖଲ କରି ରଖିଥିବା ବସଗୁଡ଼ିକ ବିରୋଧରେ ନିରବ ରହୁଛି। ଏଥିରୁ ପରିବହନ ବିଭାଗ ଉପରେ ପକ୍ଷପାତିତାର ଅଭିଯୋଗ ମଧ୍ୟ ବଢ଼ିବାରେ ଲାଗିଛି। ଏ ନେଇ ବାଲେଶ୍ୱର ଆଞ୍ଚଳିକ ପରିବହନ ଅଧିକାରୀ ଶ୍ୟାମଳେନ୍ଦୁ ରାଉତଙ୍କୁ ପଚାରିବାରୁ ପୂର୍ବରୁ ସେଠାରେ ଅବୈଧ ପାର୍କିଂ କରୁଥିବା ବସ ଗୁଡ଼ିକର ଚାଲାଣ କରାଯାଇଥିଲା। ହେଲେ ପୂର୍ବପରି ସେମାନେ ଅବୈଧ ପାର୍କିଂ କରୁଥିବାରୁ ପୁଣିଥରେ ଖୁବଶୀଘ୍ର ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରକାଶ କରିଛନ୍ତି।

# ତେଜରାତି ଦୋକାନରୁ ଚୋରି

ସୋର,୨୦।୬ (ସମିସ): ସୋର ଥାନା ଶିଙ୍ଗାଖୁଣ୍ଟା ପଞ୍ଚାୟତ ନୂଆଗାଁ ଛକ ନିକଟରେ ଗତକାଲି ବିଳମ୍ବିତ ରାତିରେ ଏକ ତେଜରାତି ଦୋକାନରୁ ଚୋରି ହୋଇଥିବା ନେଇ ଥାନାରେ ଅଭିଯୋଗ ହୋଇଛି। ଅଭିଯୋଗ ଅନୁସାରେ ଶିଙ୍ଗାଖୁଣ୍ଟା ପଞ୍ଚାୟତ କୁମ୍ଭୀ ଗ୍ରାମର ବିଜୟ କୁମାର ସାହୁ ନୂଆଗାଁ ଛକରେ ଏକ ତେଜରାତି ଦୋକାନ କରିଛନ୍ତି। ବିଜୟ ଗତକାଲି ରାତିରେ ଦୋକାନ ବନ୍ଦ କରି ଘରକୁ ଯାଇଥିବା ବେଳେ ଆଜି ସକାଳେ ଦୋକାନ ଖୋଲିବାକୁ ଆସି ଦୋକାନର ଚାବି ଭଙ୍ଗାଯାଇ ୩୦ ହଜାରରୁ ଅଧିକ ଟଙ୍କାର ସାମଗ୍ରୀ ଚୋରି ହୋଇଥିବା ଜାଣିବାକୁ ପାଇଥିଲେ। ଏନେଇ ବିଜୟ ସୋର ଥାନାରେ ଲିଖିତ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା ରୁଜୁ କରି ଘଟଣା ସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଥିବା ଜଣାପଡିଛି।ତେବେ ସୋରରେ ଦିନକୁ ଦିନ ଚୋରି ବଢୁଥିବା ବେଳେ ଜଣେ ଦକ୍ଷ ଥାନା ଅଧିକାରୀଙ୍କୁ ନିଯୁକ୍ତ କରିବା ସାଧାରଣରେ ଦାବି ହେଉଛି।

# ଶିକ୍ଷୟିତ୍ରୀଙ୍କ ଘରୁ ଚୋରି

ସିମୁଳିଆ, ୨୦।୬ (ସମିସ): ସ୍ୱାମୀ ସ୍ତ୍ରୀ ଖାଇ ପିଇ ଶୋଇଥିବା ଅବସ୍ଥାରେ ଝରକା କବାଟ ଭାଙ୍ଗି ଲକ୍ଷ୍ୟ ଧିକ ଟଙ୍କାରେ ସୁନା ଅଳଙ୍କାର ସହିତ ଲକ୍ଷାଧିକ ଟଙ୍କାରୁ ଉର୍ଦ୍ଧ ଚୋରି। ସୂଚନାରୁ ପ୍ରକାଶ ସିମୁଳିଆ ବ୍ଲକ ରିଆ ଗ୍ରମର ସନ୍ଧ୍ୟାରାଣୀ ପାଣିଗ୍ରାହୀ ଓ ତାଙ୍କର ସ୍ୱାମୀ, ପିଲା ଛୁଆ. ଖାଇ ପିଇ ଶୋଇଯିବା ବେଳେ ମଧ୍ୟରାତ୍ରିରେ କେହି ଦୁର୍ବୃତ୍ତ ଝରକା କବାଟ ଭାଙ୍ଗି ଘରେ ଗଡ଼ରେଜରେ ତାଲା ଭାଙ୍ଗି ସୁନା ଗହଣା ସହିତ ଲକ୍ଷାଧିକ ଟଙ୍କା ନେଇଯାଇଛନ୍ତି। ଏ ବିଷୟରେ ସନ୍ଧ୍ୟାରାଣୀ ସିମୁଳିଆ ଥାନାରେ ଲିଖିତ ଅଭିଯୋଗ କରିଥିଲେ।

# ଡିସେମ୍ବର ୧୭ରୁ ଉତ୍ତର ଓଡ଼ିଶାର ସର୍ବବୃହତ୍ ଶିଳ୍ପ ଓ ଅଟୋମୋବାଇଲ୍ ପ୍ରଦର୍ଶନୀ

ରେମୁଣା, ୨୦।୬ (ସମିସ)



ନର୍ଥ ଓଡିଶା ଚେମ୍ବର ଅଫ୍ କମର୍ସ ଆଣ୍ଡ ଇଣ୍ଡଷ୍ଟ୍ରି (ନୋସି) ପକ୍ଷରୁ ୬ଷ୍ଠ ସଂସ୍କରଣ ନୋସି ଏକ୍ସପୋ ୨୦୨୬ ପାଇଁ ଆନୁଷ୍ଠାନିକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଯାଇଛି। ବାଲେଶ୍ୱରରେ ଉତ୍ତର ଓଡ଼ିଶାର ସର୍ବବୃହତ ଶିଳ୍ପ ଓ ଅଟୋମୋବାଇଲ୍ ପ୍ରଦର୍ଶନୀ ଯାହା ଶିଳ୍ପ, ଉପଭୋକ୍ତା ସାମଗ୍ରୀ ଓ ଅଟୋମୋବାଇଲ୍ ପ୍ରଦର୍ଶନୀ ଡିସେମ୍ବର ୧୭ ରୁ ୨୧ ଡିସେମ୍ବର ୨୦୨୬ ପର୍ଯ୍ୟନ୍ତ ବାଲେଶ୍ୱରସ୍ଥିତ ବାଲେଶ୍ୱର ଇଣ୍ଟରନ୍ୟାସନାଲ୍ ଏକ୍ସପୋ ସେଣ୍ଟର (ବିଆଇଇକ୍ସ), ନୋସି ବିଜନେସ୍ ପାର୍କ ଠାରେ ଅନୁଷ୍ଠିତ ହେବ। ଗତ କିଛି ବର୍ଷ ଧରି ନୋସି ଏକ୍ସପୋ ଓଡ଼ିଶାର ଏକ ପ୍ରମୁଖ ଶିଳ୍ପ ଓ ବ୍ୟବସାୟିକ ମେଳା ଭାବେ ପରିଚିତ ହୋଇଛି ଓ ଏହା ଶିଳ୍ପ ପ୍ରତିଷ୍ଠାନ, ଏମଏସଏମଇ, ଉଦ୍ୟୋଗୀ, ଷ୍ଟାର୍ଟଅପ୍, ନିବେଶକ, ସରକାରୀ ସଂସ୍ଥା ଓ ଉପଭୋକ୍ତାଙ୍କୁ ଏକାଠି କରି ବ୍ୟବସାୟିକ ସୁଯୋଗ ସୃଷ୍ଟି କରିବାର ମଞ୍ଚ ପ୍ରଦାନ କରୁଛି। ଚଳିତ ବର୍ଷର ପ୍ରଦର୍ଶନୀରେ ଦେଶର ବିଭିନ୍ନ ରାଜ୍ୟରୁ ୧୫୦ରୁ ଅଧିକ ପ୍ରଦର୍ଶକ ଅଂଶଗ୍ରହଣ କରିବେ ଏବଂ ୨୫ ହଜାରରୁ ୩୦ ହଜାର ଦର୍ଶକ ଯୋଗଦେବେ ବୋଲି ଆଶା କରାଯାଉଛି। ଏଠାରେ ଶିଳ୍ପ ଉତ୍ପାଦ, ଉପଭୋକ୍ତା ସାମଗ୍ରୀ, ଅଟୋମୋବାଇଲ୍, ନୂତନ ପ୍ରଯୁକ୍ତି, ଷ୍ଟାର୍ଟଅପ୍ ଉଦ୍ଭାବନ ଏବଂ ବ୍ୟବସାୟିକ ସୁଯୋଗ ପ୍ରଦର୍ଶିତ ହେବ। ଏବର୍ଷ ରସାୟନ, ପ୍ଲାଷ୍ଟିକ୍ ଓ ସମ୍ବନ୍ଧିତ ପ୍ରକ୍ରିୟାକରଣ ଶିଳ୍ପ ଉପରେ ବିଶେଷ ଗୁରୁତ୍ୱ ଦିଆଯିବ, ଯାହା ଉତ୍ତର ଓଡ଼ିଶାର ଶିଳ୍ପ ବିକାଶରେ ନୂତନ ଦିଗ ଖୋଲିବ ବୋଲି ଆଶା କରାଯାଉଛି। ନୋସିର ସଭାପତି ପି କେ ଦାବେ ନୋସି ଏକ୍ସପୋ କେବଳ ଏକ ପ୍ରଦର୍ଶନୀ ନୁହେଁ, ବରଂ ଶିଳ୍ପ ବିକାଶ, ଉଦ୍ୟୋଗିତା, ବ୍ୟବସାୟିକ ନେଟୱାର୍କିଂ ଓ ନବସୃଜନର ଏକ ପ୍ରଭାବଶାଳୀ ମଞ୍ଚ। ଏହା ଉତ୍ତର ଓଡ଼ିଶାର ଶିଳ୍ପ ଓ ଆର୍ଥିକ ସମ୍ଭାବନାକୁ ଦେଶ ସମ୍ମୁଖରେ ଉପସ୍ଥାପନ କରିବ ବୋଲି ପ୍ରକାଶ କରିଛନ୍ତି। ଇଭେଣ୍ଟ ଚେୟାରମ୍ୟାନ୍ ସି ପି ଭାଟିଆ ନୋସି ଏକ୍ସପୋକୁ ପୂର୍ବ ଭାରତର ଅଗ୍ରଣୀ ଶିଳ୍ପ ଓ ବ୍ୟବସାୟିକ ପ୍ରଦର୍ଶନୀରେ ପରିଣତ କରିବା ଲକ୍ଷ୍ୟ ରହିଛି। ଏହା ନିବେଶ, ବ୍ୟବସାୟିକ ସହଯୋଗ ଓ ନିଯୁକ୍ତି ସୃଷ୍ଟିରେ ସହାୟକ ହେବ ବୋଲି କହିଛନ୍ତି। କାର୍ଯ୍ୟନିର୍ବାହୀ କମିଟି ସଦସ୍ୟ ଶିବ କୁମାର ପଦ୍ଧାର କହିଛନ୍ତି ଯେ, ଅଟୋମୋବାଇଲ୍ ଏକ୍ସପୋରେ ବିଶେଷ ଭାବେ ବୈଦ୍ୟୁତିକ ଯାନ (ଇଠ) ଓ ଚାର୍ଜି ଭିତ୍ତିଭୂମିକୁ ଗୁରୁତ୍ୱ ଦିଆଯିବ ଓ ସେ କହିଛନ୍ତି ଯେ, ମାନ୍ୟବର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତ ସରକାର ସ୍ୱଚ୍ଛ ଓ ବୈଦ୍ୟୁତିକ ପରିବହନକୁ ପ୍ରୋତ୍ସାହନ ଦେଉଛନ୍ତି ଓ ପଶ୍ଚିମ ଏସିଆର ଅସ୍ଥିର ପରିସ୍ଥିତି ଯୋଗୁଁ ବିଶ୍ୱ ଇନ୍ଧନ ବଜାରରେ ଅନିଶ୍ଚିତତା ଦେଖାଦେଇଥିବା ବେଳେ ଇଭି କାର ଓ ସ୍କୁଟରର ବ୍ୟାପକ ବ୍ୟବହାର ଦେଶର ଇନ୍ଧନ ବ୍ୟବ୍‌ହାର କମାଇବା ସହ ଶକ୍ତି ସୁରକ୍ଷାକୁ ମଜବୁତ କରିପାରିବ। ଏହି କାର୍ଯ୍ୟକ୍ରମରେ ନୋସିର ଯୁଗ୍ମ ସଚିବ ଆଦିତ୍ୟ ବେହେରା ଯୋଗଦେଇ ନିଜର ବକ୍ତବ୍ୟ ରଖିଥିଲେ। ଏହାସହ ଏହି କାର୍ଯ୍ୟକ୍ରମରେ ବାଲେଶ୍ୱର ସମେତ ଉତ୍ତର ଓଡ଼ିଶାର ବହୁ ଶିଳ୍ପପତି ଓ ଶିଳ୍ପସଂସ୍ଥାର ଅଧିକାରୀମାନେ ଯୋଗ ଦେଇଥିଲେ। ଉକ୍ତ ୫ ଦିନିଆ ଶିଳ୍ପ, ଉପଭୋକ୍ତା ସାମଗ୍ରୀ ଓ ଅଟୋମୋବାଇଲ୍ ପ୍ରଦର୍ଶନୀରେ ୧୫୦ରୁ ଅଧିକ ପ୍ରଦର୍ଶକ, ଏମଏସଏମଇ ଓ ଷ୍ଟାର୍ଟଅପ୍ ପାଭିଲିୟନ୍, ପ୍ରମୁଖ ଅଟୋମୋବାଇଲ୍ ବ୍ରାଣ୍ଡମାନଙ୍କର ଅଂଶଗ୍ରହଣ, ବୈଷୟିକ ସେମିନାର ଓ ଶିଳ୍ପ ଆଲୋଚନା, ବି ଟୁ ବି ଓ ବି ଟୁ ଜି ବ୍ୟବସାୟିକ ବୈଠକ, ସ୍ଥାନୀୟ ହସ୍ତଶିଳ୍ପ ଓ ପାରମ୍ପରିକ ଉତ୍ପାଦ ପ୍ରଦର୍ଶନ, ସାଂସ୍କୃତିକ ଓ ମନୋରଞ୍ଜନ କାର୍ଯ୍ୟକ୍ରମ ସମେତ ବିଭିନ୍ନ ଜାତୀୟ ଓ ରାଜ୍ୟସ୍ତରୀୟ ଶିଳ୍ପ ସଂଗଠନଙ୍କ ସହଯୋଗରେ ଏହି ଆୟୋଜନ ଅନୁଷ୍ଠିତ ହେବ। ଏହି ଏକ୍ସପୋ ବାଲେଶ୍ୱର ଓ ଉତ୍ତର ଓଡ଼ିଶାର ଶିଳ୍ପ ଏବଂ ବାଣିଜ୍ୟିକ ସମ୍ଭାବନାକୁ ଅଧିକ ସୁଦୃଢ଼ କରିବା ସହ ନିବେଶ ଓ ରୋଜଗାର ସୃଷ୍ଟିରେ ସହାୟକ ହେବ ବୋଲି ଆୟୋଜକମାନେ ଆଶା ପ୍ରକାଶ କରିଛନ୍ତି। ନୋସି ଏକ୍ସପୋର ଉପାଧ୍ୟକ୍ଷ ଡ. ନିନା ସିଂ ସମସ୍ତଙ୍କୁ କୃତଜ୍ଞତା ଜଣାଇଥିଲେ।

## ବମକୁରା ସେବା ସମବାୟ ସମିତି
# ତହସିଲ୍‌ଦାରଙ୍କ ଉପସ୍ଥିତିରେ ଖୋଲିଲା ତାଲା



ଧାମନଗର,୨୦।୬(ସମିସ): ଧାମନଗର ବ୍ଲକ୍ ଅନ୍ତର୍ଗତ ବମକୁରା ସୋସାଇଟିରେ ଗତ ଗୁରୁବାର ଜଣେ ଚାଷୀଙ୍କ ଆତ୍ମହତ୍ୟା ଉଦ୍ୟମ ଘଟଣା ପରେ ସମବାୟ ସମିତିରେ ପଡ଼ିଥିଲା ତାଲା। ଜିଲ୍ଲାପାଳଙ୍କ ନିର୍ଦ୍ଦେଶକ୍ରମେ ଶୁକ୍ରବାର ଧାମନଗର ତହସିଲ୍‌ଦାର ଜ୍ଞାନରଞ୍ଜନ ସାହୁ, ଯୋଗାଣ ଇନ୍ସପେକ୍ଟର ସୁବ୍ରତ ଶତପଥୀ, ଧୂଷୁରୀ ଥାନା ଅଧିକାରୀ ଅଜୟ ବେଜ, ଧାମନଗର ବ୍ଲକ୍ ଯୋଗାଣ ଅଧିକାରୀ ପ୍ରୀତିଶ ରଞ୍ଜନ ସାମଲ ପ୍ରମୁଖ ସମବାୟ ସମିତିରେ ପହଞ୍ଚି ଚାଷୀମାନଙ୍କ ସହ ଆଲୋଚନା ବୁଝାସୁଝା ପରେ ପଡ଼ିଥିବା ଚାବି ଖୋଲାଯାଇଥିଲା। ଚାଷୀଙ୍କ ଧାନ ବିକ୍ରି ସମସ୍ୟାର ସମାଧାନ ଲାଗି ପ୍ରଶାସନ ପକ୍ଷରୁ ଏକ ନୂତନ ପିପି ରାଇସ୍ ମିଲ୍‌କୁ ଏହି ସୋସାଇଟି ସହ ଅଟାଚ୍ କରାଯାଇଛି। ଯେଉଁ ଚାଷୀମାନଙ୍କର ଟୋକନ ଲାପ୍ସ ହୋଇଯାଇଥିଲା, ସେମାନଙ୍କ ନାମକୁ ଆସନ୍ତା ୩୦ ତାରିଖ ପର୍ଯ୍ୟନ୍ତ ପୁଣିଥରେ ଯୋଡ଼ାଯାଇଛି ଏବଂ ଏଥିଲାଗି ଦୁଇ ହଜାର କ୍ୱିଣ୍ଟାଲ ଟାର୍ଗେଟ୍ ମଧ୍ୟ ଧାର୍ଯ୍ୟ କରାଯାଇଛି। ଅନ୍ୟପକ୍ଷରେ, ସୋସାଇଟିର କର୍ମଚାରୀମାନେ ଅନୁପସ୍ଥିତ ରହିବା ଏବଂ କାର୍ଯ୍ୟରେ ଅବହେଳା କରୁଥିବା ନେଇ ଚାଷୀମାନେ ଅଭିଯୋଗ କରିଥିଲେ। ଏହାକୁ ଗମ୍ଭୀରତାର ସହ ନେଇ ସମ୍ପୃକ୍ତ କର୍ମଚାରୀମାନଙ୍କ ବିରୋଧରେ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି। ଆଗକୁ ଯଦି କୌଣସି ଅନିୟମିତତା କିମ୍ବା ଭୁଲ୍ ଦେଖାଯାଏ, ତେବେ ସେମାନଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପ୍ରଶାସନ ପକ୍ଷରୁ ତାଗିଦ୍ କରାଯାଇଛି। ଅବହେଳା ଲାଗି କର୍ମଚାରୀଙ୍କୁ କାରଣ ଦର୍ଶାଅ ନୋଟିସ ଜାରି କରାଯାଇଛି।

## ଆସୁଛି ବର୍ଷା ଋତୁ
# ମୁକୁଳା ପଡ଼ିଛି ବୈତରଣୀ ଓ କୋଚିଲା ନଦୀ ବନ୍ଧ

ଅସୁରାଳି,୨୦।୬(ସମିସ)

ଆଉ ମାତ୍ର ୧ ମାସ ପରେ ଆରମ୍ଭ ହେବ ବର୍ଷା ଋତୁ। କିନ୍ତୁ ଏବେ ବି ଧାମନଗର ବ୍ଲକ୍‌ର ବିଭିନ୍ନ ଅଞ୍ଚଳରେ ନଦୀ ବନ୍ଧ ସୁରକ୍ଷିତ ନ ଥିବାରୁ ସ୍ଥାନୀୟ ବାସିନ୍ଦାଙ୍କ ମଧ୍ୟରେ ଭୟ ଓ ଅସନ୍ତୋଷ ପ୍ରକାଶ ପାଇଛି। ବିଶେଷ କରି ହସନାବାଦ ପଞ୍ଚାୟତ ଦେଇ ପ୍ରବାହିତ ବୈତରଣୀ ଓ କୋଚିଲା ନଦୀର ମୁକୁଳା ବନ୍ଧ ଯୋଗୁଁ ଚଳିତ ବର୍ଷ ପୁଣି ବନ୍ୟା ପରିସ୍ଥିତି ସୃଷ୍ଟି ହେବାର ଆଶଙ୍କା ଦେଖାଦେଇଛି। ଏହି ପରିପ୍ରେକ୍ଷୀରେ ତୁରନ୍ତ ଘେରି ବନ୍ଧ ନିର୍ମାଣ ପାଇଁ ଅଞ୍ଚଳବାସୀ ଦୃଢ଼ ଦାବି କରିଛନ୍ତି।

ସମସ୍ୟାର ମୂଳ କାରଣ ଭାବେ ଗାନ୍ଧୀ ଘାଟ ନିକଟରେ ବୈତରଣୀ ନଦୀର ପ୍ରାୟ ୨୦୦ ମିଟର ଅଞ୍ଚଳ ସମ୍ପୂର୍ଣ୍ଣ ମୁକୁଳା ପଡ଼ିଛି। କୌଣସି ସ୍ଥାୟୀ ବନ୍ଧ କିମ୍ବା ଆନିକଟ ନ ଥିବାରୁ ବନ୍ୟା ଜଳ ସହଜରେ ହସନାବାଦ ପଞ୍ଚାୟତ ମଧ୍ୟକୁ ପ୍ରବେଶ କରୁଛି।



ତୁରନ୍ତ ଘେରି ବନ୍ଧ ନିର୍ମାଣ ପାଇଁ ବଢ଼ୁଛି ଦାବି

ବନ୍ୟା ଜଳ ପ୍ରବେଶ କରିବା ଫଳରେ ହସନାବାଦ ପଞ୍ଚାୟତର ତଳ ଅସ୍ତକ, ଉପର ଅସ୍ତକ, ଗୋପବନ୍ଧୁ ନଗର, ବନବାଗ, ମଠସାହି ସମେତ ଅର୍ଜୁନପୁର ପଞ୍ଚାୟତର ବାଲିପାଟଣା, ତରେକ ସାହି ଓ ମମାଦୁଲା ଆଦି ଗ୍ରାମ ପ୍ରତିବର୍ଷ ଜଳମଗ୍ନ ହେଉଛି। ହସନାବାଦ ଏକ କୃଷି ପ୍ରଧାନ ଅଞ୍ଚଳ। ଖରିଫ୍ ଫସଲ ସହ ପନିପରିବା ଓ ମୁଗ ଚାଷ ଉପରେ ଏଠାକାର ଲୋକେ ନିର୍ଭର କରନ୍ତି। ବନ୍ୟା ଯୋଗୁଁ ଚାଷ ଜମିରେ ବାଲି ଚରିଯିବା ସହ ଫସଲ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଉଛି। ଗତ ବର୍ଷ ବୈତରଣୀରେ ୨ଟି ବଡ଼ ବନ୍ୟା ଓ ୩-୪ଟି ଛୋଟ ବନ୍ୟା ଆସି ଅଞ୍ଚଳର ବ୍ୟାପକ କ୍ଷତି କରିଥିଲା। ପ୍ରଶାସନ ପକ୍ଷରୁ ସ୍ଥାୟୀ ପ୍ରତିକାର ପାଇଁ କେବଳ ପ୍ରତିଶ୍ରୁତି ମିଳୁଥିଲେ ହେଁ କ୍ଷେତ୍ରସ୍ତରରେ କୌଣସି କାର୍ଯ୍ୟ ହେଉନାହିଁ। ଏହି ସମସ୍ୟାର ସମାଧାନ ପାଇଁ ଧୂଷୁରୀ ଜୋନ୍ ଜିଲ୍ଲା ପରିଷଦ ସଭ୍ୟ ପ୍ରଦୀପ ମଲ୍ଲିକ, ସାମ୍ୟବାଦୀ ନେତା ଚନ୍ଦ୍ରଶେଖର ନାୟକ, ସରପଞ୍ଚ ଅଜୟ ମଲ୍ଲିକ, ସନ୍ତୋଷ ରାଏଙ୍କ ସମେତ ଶତାଧିକ ଅଞ୍ଚଳବାସୀ ଏକତ୍ରିତ ହୋଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି କରିଛନ୍ତି। ଯଦି ବର୍ଷା ଦିନ ପୂର୍ବରୁ ଘେରି ବନ୍ଧ କାର୍ଯ୍ୟ ଆରମ୍ଭ ନ ହୁଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ବଡ଼ ଧରଣର ଆନ୍ଦୋଳନ କରିବେ ବୋଲି ଚେତାବନୀ ଦେଇଛନ୍ତି।

# ସ୍କୁଲ୍ ଛାତରୁ ଫ୍ୟାନ୍ ଖସି ଛାତ୍ର ଆହତ



ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ କହରାପୋଖରୀସ୍ଥିତ ପ୍ରଭାକର ମହାନ୍ତି ଉଚ୍ଚ ବିଦ୍ୟାଳୟରେ ଫ୍ୟାନ୍ ଖସି ପଡ଼ିବାରୁ ଜଣେ ଛାତ୍ର ଆହତ ହୋଇଛନ୍ତି। ମିଳିଥିବା ସୂଚନା ମୁତାବକ, ପ୍ରାର୍ଥନା ପରେ ପିଲାମାନେ ଶ୍ରେଣୀ ଗୃହରେ ଥିବାବେଳେ ଏଭଳି ଦୁର୍ଘଟଣା ଘଟିଛି। ହଠାତ୍ ସ୍କୁଲ ଛାତରୁ ଫ୍ୟାନ୍‌ଟି ଜଣେ ଛାତ୍ରଙ୍କ ଉପରେ ପଡ଼ିଯାଇଥିଲା। ଅନ୍ୟମାନେ ଏଥିରୁ ଅଳ୍ପକେ ବର୍ତ୍ତି ଯାଇଥିଲେ। ଆହତ ଅବସ୍ଥାରେ ସ୍କୁଲ୍ କର୍ତ୍ତୃପକ୍ଷ ଛାତ୍ର ଜଣଙ୍କୁ ପ୍ରଥମେ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ର ଓ ପରେ ଭଦ୍ରକ ମେଡିକାଲ ନେଇଥିଲେ। ସେଠାରେ ତାଙ୍କର ଚିକିତ୍ସା ହୋଇଥିବା ଜଣାପଡ଼ିଛି। ଛାତ୍ର ଜଣଙ୍କର ନାକ ଓ ମୁହଁରେ ଗଭୀର କ୍ଷତ ହୋଇଥିବା ଜଣାଯାଇଛି। କେଉଁ ପରିସ୍ଥିତିରେ ଛାତରୁ ଫ୍ୟାନ୍‌ଟି ଖସି ପଡ଼ିଛି ତାହା ସଠିକ୍ ଭାବେ ଜଣାପଡ଼ିନାହିଁ।

# ସାନମାଳଦାଠାରୁ ନାଗ ସାପ ଉଦ୍ଧାର



ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସାନମାଳଦାଠାରୁ ଶନିବାର ଏକ ନାଗସାପ ଉଦ୍ଧାର ହୋଇଛି। ସକାଳେ ଗ୍ରାମର ସନ୍ତୋଷ ଦାସଙ୍କ ବାଡ଼ି ଅଗଣାରୁ ସାପଟି ହଠାତ୍ ବାସଗୃହକୁ ପ୍ରବେଶ କରିଥିଲା। ଏଥିଯୋଗୁଁ ପରିବାର ଲୋକେ ଭୟଭୀତ ହୋଇଥିଲେ। ଏନେଇ ବାରିକପୁରସ୍ଥିତ ବେଲମଳା ଗାଁର ସାପ ଧରାଳି ପ୍ରଶାନ୍ତ ନାଥଙ୍କୁ ଖବର ଦିଆଯାଇଥିଲା। ଖବର ପାଇ ସାପ ଧରାଳି ଜଣଙ୍କ ଗ୍ରାମରେ ପହଞ୍ଚି ଅକ୍ଷୁଣ୍ଣ ଅବସ୍ଥାରେ ନାଗକୁ ଉଦ୍ଧାର କରି ପାଖ ଜଙ୍ଗଲରେ ଛାଡ଼ିଥିବା ସୂଚନା ମିଳିଛି। ସମ୍ପ୍ରତି ବିଭିନ୍ନ ସରୀସୃପଙ୍କ ପ୍ରଜନନ ସମୟ ହୋଇଥିବାବେଳେ ସେମାନେ ଏବେ ବିଭିନ୍ନ ସ୍ଥାନରେ ଦେଖାଯିବା ସ୍ୱାଭାବିକ ଅଟେ। ତେଣୁ ଜନସାଧାରଣ ଏଥିପ୍ରତି ସତର୍କତା ଅବଲମ୍ବନ କରିବାକୁ କୁହାଯାଇଛି।

## ■ ଏକାଦଶାହ ଅବସରରେ ଶ୍ରଦ୍ଧାଞ୍ଜଳି ସଭା
# ବାଣୀକଲ୍ୟାଣ ଥିଲେ ଦରଦୀ, ହୃଦୟବାନ୍ ଓ ପରୋପକାରୀ




ତିହିଡ଼ି,୨୦।୬(ସମିସ): ସେ ଜଣେ ଦରଦୀ, ହୃଦୟବାନ ଓ ପରୋପକାରୀ ମଣିଷ ଥିଲେ। ତାଙ୍କ ଭିତରେ ଥିବା ଆପଣାପଣ ଓ ବନ୍ଧୁବତ୍ସଳତା ଗୁଣ ଯୋଗୁଁ ସେ ସମସ୍ତଙ୍କର ପ୍ରିୟପାତ୍ର ହେବା ସହିତ ବେଶ୍ ଲୋକପ୍ରିୟତା ଅର୍ଜନ କରିପାରିଥିଲେ ବୋଲି ବକ୍ତାମାନେ ମତ ପ୍ରକାଶ କରିବା ସହିତ ତାଙ୍କ ପରି ଜଣେ ସହିଷ୍ଣୁ, ନୀତିନିଷ୍ଠ ଓ ସଂସ୍କୃତିସମ୍ପନ୍ନ ମଣିଷ ଏ ମାଟିରେ ଜନ୍ମ ନେବା ଏତେ ସହଜ ନୁହେଁ ବୋଲି ମତବ୍ୟକ୍ତ କରିଥିଲେ। ଜନ୍ମମାଟି ତିହିଡ଼ି ବ୍ଲକ୍ ଅନ୍ତର୍ଗତ ତାଳପଦାରେ ସ୍ୱର୍ଗତ ବାଣୀକଲ୍ୟାଣ ମହାପାତ୍ର(ଗୁଟୁ ଭାଇ)ଙ୍କ ଏକାଦଶାହ ଉପଲକ୍ଷେ ଆୟୋଜିତ ଶ୍ରଦ୍ଧାଞ୍ଜଳି ସଭାରେ ବହୁ ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ତାଙ୍କୁ ଗଭୀର ଶ୍ରଦ୍ଧାଞ୍ଜଳି ଜଣାଇବା ସହିତ ଉକ୍ତ ମତବ୍ୟକ୍ତ କରିଥିଲେ। କବି ତଥା ବରିଷ୍ଠ ରାଜନେତା ଦୀନବନ୍ଧୁ ପତିଙ୍କ ଅଧ୍ୟକ୍ଷତା ଓ ସାହିତ୍ୟିକ ଯଦୁମଣି ପାଣିଗ୍ରାହୀଙ୍କ ସଞ୍ଚାଳନାରେ ଅନୁଷ୍ଠିତ ଏହି ଶ୍ରଦ୍ଧାଞ୍ଜଳି ସଭାରେ ପ୍ରାକ୍ତନ ମନ୍ତ୍ରୀ ପ୍ରଫୁଲ୍ଲ ସାମଲ, ପ୍ରାକ୍ତନ ସାଂସଦ ମଞ୍ଜୁଲତା ମଣ୍ଡଳ, ପ୍ରାକ୍ତନ ବିଧାୟକ ମୁକ୍ତିକାନ୍ତ ମଣ୍ଡଳ, ରାଜେନ୍ଦ୍ର କୁମାର ଦାସ, ବିଷ୍ଣୁବ୍ରତ ରାଉତରାୟ, ସମାଜସେବୀ ଅଜୟ କୁମାର ନାୟକ, ପ୍ରାକ୍ତନ ପ୍ରାଧ୍ୟାପକ କବି ହୃଦାନନ୍ଦ ପାଣିଗ୍ରାହୀ, ବରିଷ୍ଠ ନେତା ସୁରେନ୍ଦ୍ର ନାୟକ ଓ ଅଧ୍ୟାପକ ଡ.ବିଶ୍ୱରଞ୍ଜନ ଦାସ, ପ୍ରାକ୍ତନ ଅବକାରୀ ଅଧୀକ୍ଷକ ଶ୍ରୀହର୍ଷ ସ୍ୱାଇଁ ପ୍ରମୁଖ ଯୋଗଦେଇ କାନ୍ତକବିଙ୍କ ଦାୟାଦ ଭାବରେ ସ୍ୱର୍ଗତ ମହାପାତ୍ରଙ୍କ ଦୃଷ୍ଟିଭଙ୍ଗୀ ସର୍ବଦା ସକାରାତ୍ମକ ଓ ସମାଜ ଉପଯୋଗୀ ଥିଲା ବୋଲି କହିବା ସହିତ କାନ୍ତମାଟି ଆଉ କାନ୍ତମାଟିର ମଣିଷଙ୍କ ପ୍ରତି ତାଙ୍କ ହୃଦୟରେ ଗଭୀର ଦରଦ ଓ ଭଲପାଇବା ଥିଲା ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ତିହିଡ଼ି କଲେଜର ପ୍ରାକ୍ତନ ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ତ୍ରିପାଠୀ, ବରିଷ୍ଠ ନେତା ଚିନ୍ତାମଣି ଦାସ, ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ପ୍ରାକ୍ତନ ସରପଞ୍ଚ କୀର୍ତ୍ତନ ରାଉତ, ସମାଜସେବୀ ଗଣେଶ ନାୟକ, ହିମାଦ୍ରୀ ରାଉତରାୟ, ଯୁବନେତା ରାଜେନ୍ଦ୍ର ଯେନା, ସୁଧାଂଶୁ ନାୟକ, ମନୋଜ ତ୍ରିପାଠୀ, ରତିକାନ୍ତ ଦାସ, ଶିକ୍ଷାବିତ୍ ପ୍ରଫୁଲ୍ଲ ରାଉତ, ଦୀନରଞ୍ଜନ ପାଢ଼ୀ, କାନ୍ତ ସ୍ମୃତି ପରିଷଦର ସମ୍ପାଦକ ବିଶ୍ୱନାଥ କିଙ୍କର ରାଉତ, ନିର୍ମଳ ନାୟକ, ସମାଜସେବୀ ନୀଳମାଧବ ସେନାପତି ଓ ହରିଶ୍ଚନ୍ଦ୍ର ମିଶ୍ର ପ୍ରମୁଖ ଯୋଗଦେଇ ମହାପାତ୍ର ପରିବାରର ସୁଯୋଗ୍ୟ ଦାୟାଦ ଭାବରେ ସ୍ୱର୍ଗତ ମହାପାତ୍ର ନିଜ ପଞ୍ଚାୟତର ସର୍ବାଙ୍ଗୀଣ ବିକାଶଠାରୁ ଆରମ୍ଭ କରି କୃଷି ଓ କୃଷକର ଉନ୍ନତି, କାନ୍ତକବିଙ୍କ ସ୍ମୃତିରକ୍ଷା, ଐତିହାସିକ କାଳିମେଘା ମେଳଣର ମର୍ଯ୍ୟାଦା ବୃଦ୍ଧି ଆଦି ଦିଗରେ ବହୁ କାର୍ଯ୍ୟ କରିଯାଇଛନ୍ତି ବୋଲି ମତବ୍ୟକ୍ତ କରିଥିଲେ। ଶେଷରେ ସ୍ୱର୍ଗତ ମହାପାତ୍ରଙ୍କ ଜ୍ୟେଷ୍ଠଭ୍ରାତା ତଥା ବରିଷ୍ଠ ସାମ୍ବାଦିକ ଗୁରୁକଲ୍ୟାଣ ମହାପାତ୍ର ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।

# ବାଇକ୍‌କୁ ଧକ୍କା ଦେଲା ବସ୍; ଜଣେ ମୃତ

ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ଆଖୁଆପଦା ନିକଟରେ ଏକ ବାଇକ୍‌କୁ ଗୋଟିଏ ଦ୍ରୁତଗାମୀ ବସ୍ ଧକ୍କା ଦେବାରୁ ଜଣେ ଯୁବକଙ୍କର ଶୋଚନୀୟ ମୃତ୍ୟୁ ଘଟିଛି। ମୃତକ ଜଣକ ହେଲେ ପାଟୁଳି ପଞ୍ଚାୟତ ଲୁଣପଦୀ ଗାଁର ନିରାକାର ସ୍ୱାଇଁ(୪୨)। ସୂଚନା ମୁତାବକ, ଗତ ଶୁକ୍ରବାର ଦିନ ପ୍ରାୟ ୩ଟା ବେଳେ ନିରାକାର ଏକ ମୋଟର ସାଇକଲରେ ଦୁଇ ସାଙ୍ଗଙ୍କୁ ଧରି ଯାଜପୁରରୁ ଘରକୁ ଫେରୁଥିଲେ। ଏହି ସମୟରେ ଭୁବନେଶ୍ୱରରୁ ବାରିପଦା ବାଲେଶ୍ୱର ଯାଉଥିବା ଏକ ଦ୍ରୁତଗାମୀ ଯାତ୍ରୀବାହୀ ବସ୍ ବାଇକ୍‌ଟିକୁ ଶକ୍ତ ଧକ୍କା ଦେଇଥିଲା। ପ୍ରତ୍ୟକ୍ଷଦର୍ଶୀଙ୍କ କହିବା ମୁତାବକ, ବସ୍‌ଟି ମୋଟର ସାଇକଲଟିକୁ କିଛି ବାଟ ଘୋଷାରି ନେଇଥିଲା। ଫଳରେ ବାଇକ୍‌ରେ ଯାଉଥିବା ତିନିଜଣ ଯୁବକ ଆହତ ହୋଇଥିଲେ। ସମସ୍ତଙ୍କୁ ମେଡିକାଲ ନିଆଯାଇଥିବା ବେଳେ ସେଠାରେ ନିରାକାରଙ୍କର ମୃତ୍ୟୁ ହୋଇଥିବା ସୂଚନା ମିଳିଛି। ବସ୍‌ଟି ଫେରାର୍ ଥିବାବେଳେ ଏନେଇ ଥାନାରେ ଅଭିଯୋଗ ହୋଇଛି।

# ଟ୍ରେନ୍‌ରେ କଟିଗଲା ଯୁବକଙ୍କ ଗୋଡ଼



ବାରିକପୁର,୨୦।୬(ସମିସ): ଭଣ୍ଡାରିପୋଖରୀ ବ୍ଲକ୍ ସାନଶାସନ ପଞ୍ଚାୟତ ବଡ଼ କଣ୍ଟାପଡ଼ା ଗ୍ରାମର ଜଣେ ଯୁବକ ଟ୍ରେନ୍‌ଲାଇନ୍‌ରେ ପଡ଼ି ତାଙ୍କ ଗୋଡ଼ କଟିଯାଇଥିବା ସୂଚନା ମିଳିଛି। ପ୍ରାପ୍ତ ସୂଚନା ମୁତାବକ, ଗ୍ରାମର ପ୍ରଦ୍ୟୁମ୍ନ ଘୋଷ ଗତ ବୁଧବାର ନିଜ ସମ୍ପର୍କୀୟଙ୍କୁ ଟ୍ରେନ୍‌ରେ ବସାଇବା ପାଇଁ ଚରମ୍ପା ଷ୍ଟେସନ ଯାଇଥିଲେ। ବନ୍ଧୁଙ୍କୁ ଟ୍ରେନ୍‌ରେ ବସାଇବା ପରେ ତଳକୁ ଓହ୍ଲେଇବା ବେଳେ ପ୍ରଦ୍ୟୁମ୍ନ ହଠାତ୍ ଖସି ପଡ଼ିଥିଲେ। ଏହି ସମୟରେ ଟ୍ରେନ୍ ଗତି ଆରମ୍ଭ କରୁଥିବାବେଳେ ପ୍ରଦ୍ୟୁମ୍ନଙ୍କ ଗୋଡ଼ ଲାଇନ୍‌ରେ ପଡ଼ିଥିଲା। ଫଳରେ ଆଣ୍ଠୁ ତଳକୁ ଗୋଟିଏ ଗୋଡ଼ କଟି ଯାଇଥିବା ସୂଚନା ମିଳିଛି। ସେ ଏବେ କଟକ ମେଡିକାଲରେ ଚିକିତ୍ସିତ ହେଉଛନ୍ତି। ଟିକିଏ ଅସାବଧାନତା ଯେ କେତେ ଭୟଙ୍କର ହୋଇପାରେ ତାହା ଉକ୍ତ ଘଟଣାରୁ ଜଣାପଡ଼ିଛି।

# ଚାନ୍ଦବାଲି ବ୍ଲକ୍‌ରେ ୨ ବର୍ଷର ଜନସମ୍ପର୍କ କାର୍ଯ୍ୟକ୍ରମ ଉଦ୍‌ଯାପିତ



ଭଦ୍ରକ,୨୦।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷର ସଫଳତା ଓ ଜନସମ୍ପର୍କ କାର୍ଯ୍ୟକ୍ରମ ଚାନ୍ଦବାଲି ବ୍ଲକ୍ ପକ୍ଷରୁ ଜୁନ୍ ୧୨ ତାରିଖରୁ ଆରମ୍ଭ ହୋଇ ଶନିବାର ଉଦ୍‌ଯାପନୀ ଉତ୍ସବ ସହ ସମାପ୍ତ ହୋଇଛି। ଚାନ୍ଦବାଲି ବିଜୁ ସ୍ମୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଚାନ୍ଦବାଲି ବିଡିଓ ସଞ୍ଜୀବ କୁମାର ମହାପାତ୍ର ସଭାପତିତ୍ୱ କରିଥିଲେ। ବ୍ଲକ୍ ଅଧ୍ୟକ୍ଷା ମିନତୀ ସୁତାର ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ବେଳେ ଓକିଲ ସଂଘ ସଭାପତି ଉପେନ୍ଦ୍ର ରାଉଳ ମୁଖ୍ୟବକ୍ତା ଭାବେ ଉପସ୍ଥିତ ଥିଲେ। ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଉପାଧ୍ୟକ୍ଷ ସରୋଜ ବଳ, ସିଡିପିଓ-୨ ମନସ୍ୱିନୀ ବେହେରା, ଏବିଡିଓ ଲକ୍ଷ୍ମୀକାନ୍ତ ମହାରଣା, ବିଏସ୍ଏସ୍ଓ ରାଜକିଶୋର ଦାସ, ବିଇଓ ଧନେଶ୍ୱର ନାୟକ, ପ୍ରୋଗ୍ରାମ ଆସିଷ୍ଟାଣ୍ଟ ମାନସ ରଞ୍ଜନ ନାୟକ ଓ ଜିପିଇଓ କମଳାକାନ୍ତ କର ମଞ୍ଚାସୀନ ଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟବକ୍ତା ଉପେନ୍ଦ୍ର ରାଉଳ ରାଜ୍ୟ ସରକାରଙ୍କ ବିଭିନ୍ନ ଜନହିତକର ଯୋଜନା ଓ ସଫଳତା ସମ୍ପର୍କରେ ବିସ୍ତୃତ ଆଲୋଚନା କରିଥିଲେ। ଏହି ଅବସରରେ ବିଭିନ୍ନ ଯୋଜନାର ହିତାଧିକାରୀଙ୍କୁ ସହାୟତା ବଣ୍ଟନ କରାଯାଇଥିଲା। ଦିବ୍ୟାଙ୍ଗ, ଭିନ୍ନକ୍ଷମ, ବୃଦ୍ଧବୃଦ୍ଧା ଓ ବିଧବାମାନଙ୍କୁ ମଧୁବାବୁ ପେନସନ ଯୋଜନାର ସୁବିଧା ପ୍ରଦାନ କରାଯାଇଥିବା ବେଳେ ଅନ୍ତ୍ୟୋଦୟ ଗୃହ ଯୋଜନାରେ କାର୍ଯ୍ୟାଦେଶ ବଣ୍ଟନ, ଅଙ୍ଗନବାଡ଼ି କର୍ମୀମାନଙ୍କୁ ମୋବାଇଲ୍ ଫୋନ୍, ଅନ୍ନପୂର୍ଣ୍ଣା ଯୋଜନା କାର୍ଡ ଏବଂ ଆନ୍ତଃଜାତି ବିବାହ କରିଥିବା ଦମ୍ପତିଙ୍କୁ ପ୍ରୋତ୍ସାହନ ରାଶି ପ୍ରଦାନ କରାଯାଇଥିଲା। କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ହିତାଧିକାରୀ ଓ ସାଧାରଣ ଜନତା ଉପସ୍ଥିତ ଥିଲେ। ଶେଷରେ ବିପିସି ବନଜ ବାରିକ ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ।

## ଭଦ୍ରକ ଇନ୍‌ଟାକ୍ ଶାଖାର ବୈଠକ
# ୮ ଆଜୀବନ ସଦସ୍ୟଙ୍କୁ ପରିଚୟପତ୍ର ବଣ୍ଟନ

ଭଦ୍ରକ,୨୦।୬(ସମିସ)




ଭଦ୍ରକ ଇନ୍‌ଟାକ୍ ଚାପ୍ଟରର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ କନ୍‌ଭେନର ଦିଗମ୍ବର ମହାନ୍ତିଙ୍କ ସଭାପତିତ୍ୱରେ ଭଦ୍ରକ କୁଆଁସସ୍ଥିତ ନିତ୍ୟାନନ୍ଦ ଭବନଠାରେ ଅନୁଷ୍ଠିତ ହୋଇଥିଲା। ବରିଷ୍ଠ ସଭ୍ୟ ହରମୋହନ କୁଅଁର, ଡ. ଗୋଲକ ବିହାରୀ ସାହୁ, ଡ. ଭାଗବତ ପ୍ରସାଦ ତ୍ରିପାଠୀ, ଅଜିତ୍ କୁମାର ନାୟକ ଓ ମୁକ୍ତିକାନ୍ତ ମହାପାତ୍ର ମଞ୍ଚାସୀନ ହୋଇଥିଲେ। ବୈଠକ ଆରମ୍ଭରେ ଦିବଂଗତ ସଭ୍ୟ ଅଚ୍ୟୁତାନନ୍ଦ ସାମଲ, ଡ. ମାନସ ରଞ୍ଜନ ଲେଙ୍କା, ଡ. ପ୍ରଭାତ ନଳିନୀ ମହାପାତ୍ର ଓ ଅନାଦି ଚରଣ ଦାସଙ୍କ ବିୟୋଗରେ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇ ସେମାନଙ୍କ ଗୁଣାବଳୀ ଆଲୋଚିତ ହୋଇଥିଲା ଏବଂ ନୂଆ ସଭ୍ୟ ଅକ୍ଷୟ କୁମାର ହୋତା, ରବୀନ୍ଦ୍ର କୁମାର ମହାରଣା ଓ ଦିଲ୍ଲୀପ କୁମାର ନାୟକଙ୍କୁ ସ୍ୱାଗତ କରାଯାଇଥିଲା। ଇନ୍‌ଟାକ୍ ଶାଖାର ୮ ଜଣ ଆଜୀବନ ସଭ୍ୟ ହରମୋହନ କୁଅଁର, ଗୟାଧର ପଣ୍ଡା, ଆଦିତ୍ୟ କୁମାର ନାୟକ, ପ୍ରଦୀପ୍ତ କୁମାର ଦାସ, ସଂଗ୍ରାମ କେଶରୀ ସାହୁ, ସତ୍ୟବ୍ରତ ମହାନ୍ତି, ଜଗନ୍ନାଥ ନାୟକ ଓ ଲକ୍ଷ୍ମଣ କୁମାର ମହାନ୍ତିଙ୍କୁ ଲୋଗୋ ଓ ପରିଚୟପତ୍ର ବଣ୍ଟନ କରାଯାଇଥିଲା। ଇନ୍‌ଟାକ୍ ସଂଗଠନର ପ୍ରକୃତ ଉଦ୍ଦେଶ୍ୟ ଆମ ଜାତୀୟ ସମ୍ପତ୍ତିର ସୁରକ୍ଷା ତଥା ଐତିହାସିକ ସ୍ଥଳୀଗୁଡ଼ିକର ପୁନରୁଦ୍ଧାର ସକାଶେ ଦୃଷ୍ଟିପାତ କରିବା ସହିତ ଏହାର ସଂରକ୍ଷଣ ପାଇଁ ୧୩ ଜଣ ବିଶିଷ୍ଟ ସବ୍‌କମିଟି ଗଢ଼ାଯାଇଥିଲା ଏବଂ ଏହାର ଆବାହକ ମନୋନୀତ ହୋଇଥିଲେ ଡ. ଭାଗବତ ତ୍ରିପାଠୀ। ଅନ୍ୟ ସଦସ୍ୟମାନେ ହେଲେ ଡ. ମନୀନ୍ଦ୍ର ମହାନ୍ତି, ଡ. ଗୋଲକ ବିହାରୀ ସାହୁ, ଡ. କ୍ଷୀରୋଦ କୁମାର ସାମଲ, ଲକ୍ଷ୍ମଣ କୁମାର ମହାନ୍ତି, ବାବୁଲାଲ୍ ଦାସ, ମୁକ୍ତିକାନ୍ତ ମହାପାତ୍ର, ଅଜିତ୍ କୁମାର ନାୟକ, ହରମୋହନ କୁଅଁର, ଆଦିତ୍ୟ କୁମାର ଗୋସ୍ୱାମୀ, ବିଜୟ କୁମାର ମହାନ୍ତି, ଗୟାଧର ପଣ୍ଡା ଓ ମଦନ ମୋହନ ନାୟକ। ସବ୍‌କମିଟିର କାର୍ଯ୍ୟାନୁଷ୍ଠାନ ପାଇଁ ୫ ହଜାର ଟଙ୍କା ଇନ୍‌ଟାକ୍ ଫଣ୍ଡରୁ ଅଗ୍ରୀମ ପ୍ରଦାନ ପାଇଁ ପ୍ରସ୍ତାବ ଅନୁମୋଦନ କରାଗଲା।

ଆଗାମୀ ବାର୍ଷିକ ଉତ୍ସବ ଡିସେମ୍ବର ମାସରେ କରାଯିବା ସହିତ ବିଶ୍ୱ ହେରିଟେଜ୍ ଦିବସ ପ୍ରତିବର୍ଷ ଏପ୍ରିଲ୍ ୧୮ ତାରିଖରେ ପାଳନ କରାଯିବା ପାଇଁ ସ୍ଥିର କରାଗଲା। ସମ୍ପ୍ରତି ଭଦ୍ରକ ଗାନ୍ଧୀ ଓଡ଼ିଶା ବାଳାଶ୍ରମ, ଚାନ୍ଦବାଲିଠାରେ ମେରିଟାଇମ୍ ମ୍ୟୁଜିୟମ୍, ଐତିହାସିକସ୍ଥଳ ଗୋହିରାଟିକିରୀର ପୁନରୁଦ୍ଧାର ଓ ଆଗରପଡ଼ାଠାରେ ହରେକୃଷ୍ଣ ମହତାବଙ୍କ ସ୍ମାରକୀ ଗୃହର ନିର୍ମାଣ କାର୍ଯ୍ୟ ଚାଲୁଥିବାରୁ ଭଦ୍ରକ ଇନ୍‌ଟାକ୍ ଶାଖା ସନ୍ତୋଷ ପ୍ରକାଶ କରିଥିଲା। ଉପସ୍ଥିତ ସଭ୍ୟମାନଙ୍କୁ ପ୍ରସାଦସେବନରେ ଆପ୍ୟାୟିତ କରିଥିଲେ ମଦନ ମୋହନ ନାୟକ ଓ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ ବରିଷ୍ଠ ସଭ୍ୟ କୈଳାସ ଚନ୍ଦ୍ର ପଣ୍ଡା। ସଭା କାର୍ଯ୍ୟ ପରିଚାଳନାରେ ସହାୟତା କରିଥିଲେ ଅଜିତ କୁମାର ଦାସ, ଶାନ୍ତନୁ କୁମାର ରାଉତ, ସ୍ନେହଲତା ବେହେରା, ଯୁଧିଷ୍ଠିର ବାରିକ୍, ଚନ୍ଦ୍ରମୋହନ ମହାନ୍ତି, ଅଶୋକ କୁମାର ଦାସ, ଉଦୟନାଥ ମହାନ୍ତି, ସୁରେଶ କୁମାର ସାହୁ, ରତିକାନ୍ତ ମହାନ୍ତି, କଳ୍ପନା ବେହେରା, ବାଦଲ କିଶୋର ମହାପାତ୍ର, ଏସ୍.କାମିଲା ଓ ହୃଷୀକେଶ ମହାନ୍ତି ପ୍ରମୁଖ।

# ବନ୍ଧୁବତ୍ସଳ ବାଣୀକଲ୍ୟାଣ



ଓଡ଼ିଶାର ଯଶସ୍ୱୀ କବି କାନ୍ତକବି ଲକ୍ଷ୍ମୀକାନ୍ତ ମହାପାତ୍ରଙ୍କ ନାତି ତଥା ଶିକ୍ଷକ, ସାହିତ୍ୟିକ ଓ ସ୍ୱାଧୀନତା ସଂଗ୍ରାମୀ ଗୌରଚନ୍ଦ୍ର ମହାପାତ୍ରଙ୍କ ପୁଅ ସମାଜସେବୀ ସ୍ୱର୍ଗତ ବାଣୀକଲ୍ୟାଣ ମହାପାତ୍ର ଜଣେ ଦରଦୀ, ନିଷ୍କପଟ ଓ ପରୋପକାରୀ ମଣିଷ ଭାବେ ସମସ୍ତଙ୍କ ହୃଦୟକୁ ଜିଣିପାରିଥିଲେ। କେବଳ ନିଜ ଅଞ୍ଚଳରେ କାହିଁକି ବନ୍ଧୁତା ଆଧାରରେ ସମଗ୍ର ଭଦ୍ରକ ଜିଲ୍ଲାରେ ତାଙ୍କର ଗୋଟେ ସ୍ୱତନ୍ତ୍ର ପରିଚୟ ରହିଥିଲା। ଯେକୌଣସି ସମସ୍ୟାର ସହଜ ସମାଧାନ କରିବାରେ ସେ ସର୍ବଦା ସୂତ୍ରଧର ସାଜିଥିଲେ। ତାଙ୍କ ଚେହେରା, କଥାବାର୍ତ୍ତା ଓ ବ୍ୟବହାର ଅନ୍ୟମାନଙ୍କୁ ଆପଣାଛାଏଁ ଆକୃଷ୍ଟ କରୁଥିଲା। ତାଙ୍କ ଭିତରେ ଥିବା ଆପଣାପଣ ଗୁଣ ତାଙ୍କୁ ଅନ୍ୟମାନଙ୍କ ନିକଟତର ହେବାରେ ସହାୟକ ହେଉଥିଲା। ଯୁବକ ଅବସ୍ଥାରେ ସେ ଥିଲେ ଯେମିତି ସାହସୀ ସେମିତି ପରାକ୍ରମୀ। ଯେକୌଣସି ପରିସ୍ଥିତି ସହିତ ଏକାକୀ ଲଢ଼ିବାର ଦୁର୍ବାର ସାହସ ଓ ପରାକ୍ରମ ତାଙ୍କ ଭିତରେ ଭରପୂର ହୋଇ ରହିଥିଲା। ନିଜ ଜୀବନରେ ସେ କେବେ କୌଣସି କ୍ଷେତ୍ରରେ ହାର୍ ମାନି ନାହାନ୍ତି କି ହାରି ବି ଯାଇ ନାହାନ୍ତି। ସ୍ଥାନୀୟ ଅଞ୍ଚଳରେ ସମସ୍ତଙ୍କର ସେ ଥିଲେ ଅତି ପ୍ରିୟ ମଣିଷ। ଗୁଟୁ ମହାପାତ୍ର ନାମରେ ସବୁଠି ବେଶ୍ ପରିଚିତ। ଅତ୍ୟନ୍ତ ସ୍ନେହୀ, ନିଷ୍କପଟ, ଶ୍ରଦ୍ଧାଶୀଳ ଓ ବନ୍ଧୁବତ୍ସଳ ମଣିଷଟେ। ସେ ଯେମିତି ଦରଦୀ ଥିଲେ ସେମିତି ହୃଦୟବାନ ଆଉ ପରୋପକାରୀ ମଧ୍ୟ। ନିଜ ଗାଁଠାରୁ ପୁଣି ପଞ୍ଚାୟତ ପର୍ଯ୍ୟନ୍ତ ସୁବିଧା ଅସୁବିଧାରେ ଯିଏ ତାଙ୍କ ସହଯୋଗ ଲୋଡ଼ିଛି ତାକୁ କେବେ ବି ନିରାଶ ହେବାକୁ ପଡ଼ିନି। କିଏ କ'ଣ ଚାହୁଁଛି, କାହାକୁ କେମିତି ସନ୍ତୁଷ୍ଟ କରିବାକୁ ପଡ଼ିବ ସେ କଥା ସେ ଭଲ ଭାବେ ଜାଣିଥିଲେ।

ସେହି ଅନୁସାରେ ମନ ଜାଣି ନିଜର କର୍ତ୍ତବ୍ୟ ନିର୍ବାହ କରୁଥିଲେ। ତାଙ୍କ ମନରେ କେବେ ବି ସାମାନ୍ୟ ଗର୍ବ କି ଅହଙ୍କାରର ଚିହ୍ନବର୍ଣ୍ଣ ଦେଖିବାକୁ ମିଳୁ ନ ଥିଲା। ତାଙ୍କଠାରେ ଥିବା ସବୁଠୁ ଭଲ ଗୁଣଟି ହେଉଛି ଅନ୍ୟର ପେଟକୁ ଚିହ୍ନିବା। ମାର୍ଜିତ ଓ ରୁଚିପୂର୍ଣ୍ଣ ବ୍ୟବହାରରେ ଅନ୍ୟଙ୍କୁ ନିଜ ପ୍ରତି ଆକୃଷ୍ଟ କରିବାକୁ ସକ୍ଷମ ହୋଇଥିଲେ। କାନ୍ତକବିଙ୍କ ପରି ଛାତ୍ର ଅବସ୍ଥାରେ ସେ ଥିଲେ ଖୁବ୍ ଖେଳ ପ୍ରିୟ। କୁସ୍ତି କସରତରେ ବି ଖୁବ୍ ଅଧିକ ରୁଚି ରଖୁଥିଲେ। ଶିକ୍ଷା ସମାପ୍ତି ପରେ ଚାକିରି ନ କରି ଗାଁରେ ରହି ଚାଷବାସ କଥା ବୁଝିବା ସହିତ କୁଳଦେବତା ଗୋପୀନାଥଙ୍କ ସେବକ ଭାବରେ ତାଙ୍କର ନୀତିକାନ୍ତି ସଠିକ୍ ଭାବେ ପରିଚାଳନା କରୁଥିଲେ। ସେହିପରି ତାଙ୍କ ପରିବାର ପକ୍ଷରୁ ପ୍ରତି ବର୍ଷ ଅନୁଷ୍ଠିତ ଦୁର୍ଗାପୂଜାକୁ ବି ସେ ଅତ୍ୟନ୍ତ ନିଷ୍ଠାର ସହିତ ଓ ଯଥାବିଧି ସମ୍ପନ୍ନ କରାଉଥିଲେ। ପାଣି ପଞ୍ଚାୟତର ସଭାପତି ଭାବେ କୃଷି ଓ କୃଷକର ଉନ୍ନତି ଲାଗି ହେଉ ଅଥବା କାନ୍ତ ସ୍ମୃତି କମିଟିର ସଭାପତି ଭାବେ ତାଙ୍କ ଜୟନ୍ତୀ ଓ ଶ୍ରାଦ୍ଧ ଉତ୍ସବ ପାଳନ ସାଙ୍ଗକୁ ତାଙ୍କ ସ୍ମୃତିକୁ ସୁରକ୍ଷିତ ଓ ଉଜ୍ଜୀବିତ କରି ରଖିବା ଦିଗରେ ସେ ସଦାସର୍ବଦା ପ୍ରୟାସ ଜାରି ରଖିଥିଲେ। ସେହିପରି ଗତ ୨୬ ବର୍ଷ ଧରି ସେ ନିରବଚ୍ଛିନ୍ନ ଭାବେ ଇତିହାସ ପ୍ରସିଦ୍ଧ କାଳିମେଘା ମେଳଣ କମିଟିର ସଭାପତି ରହି ପ୍ରତିବର୍ଷ ମେଳଣଟିକୁ ଶାନ୍ତିଶୃଙ୍ଖଳାର ସହିତ ସମ୍ପନ୍ନ କରାଇ ଆସୁଥିଲେ। ତାଙ୍କ ଉଦ୍ୟମରେ ତାଙ୍କ ଗାଁ ତଥା ତାଳପଦା ପଞ୍ଚାୟତରେ ଅନେକ ବିକାଶମୂଳକ କାର୍ଯ୍ୟ ସାଧିତ ହୋଇପାରିଥିଲା। ସେ ସର୍ବଦା ବିଭିନ୍ନ ସାମାଜିକ ଓ ସାଂସ୍କୃତିକ କାର୍ଯ୍ୟକ୍ରମ ସହିତ ନିଜକୁ ଜଡ଼ିତ ରଖିଥିଲେ। ନିଜ ପରିବାର ଲୋକ ହୁଅନ୍ତୁ କି ବାହାରର ଲୋକ ସମସ୍ତଙ୍କ ଲାଗି ସେ ଥିଲେ ଏକ ଖୋଲାବହି ସଦୃଶ। ଛନ୍ଦ କି କପଟ ତାଙ୍କୁ ସ୍ପର୍ଶ କରି ନ ଥିଲା। ଜୀବନ ତମାମ କାହାରି କ୍ଷତି ଚାହୁଁ ନ ଥିବା ଅଥଚ ସମସ୍ତଙ୍କ ଖୁସିରେ ଖୁସି ବ୍ୟକ୍ତ କରିବା ଥିଲା ତାଙ୍କ ଜନ୍ମଗତ ସ୍ୱଭାବ। ତାଙ୍କ ସକାରାତ୍ମକ ଦୃଷ୍ଟିଭଙ୍ଗୀ ଓ ସାର୍ବଜନୀନ ବିଚାରଧାରା ତାଙ୍କୁ ଅନନ୍ୟ କରି ଗଢ଼ି ତୋଳିଥିଲା। ସତରେ ତାଙ୍କ ପରି ମଣିଷଟେ ଆଉ ସଂସାରରେ ଜନ୍ମନେବା ସହଜ ନୁହେଁ। ତାଙ୍କ ଅମର ଆତ୍ମାର ସଦ୍‌ଗତି ପ୍ରାପ୍ତ ହେଉ ଏତିକି ଜଗନ୍ନାଥଙ୍କ ନିକଟରେ ପ୍ରାର୍ଥନା।

**ଯଦୁମଣି ପାଣିଗ୍ରାହୀ, ତିହିଡ଼ି, ଭଦ୍ରକ**

# ଭୁବନେଶ୍ୱର ସିଟି



## ପରକୀୟା ପ୍ରୀତି ସନ୍ଦେହ | ପଡ଼ୋଶୀଙ୍କୁ ଛୁରିଭୁସି ହତ୍ୟା

ଭୁବନେଶ୍ୱର, ୨୦।୬ (ସମିସ)

ରାଜଧାନୀରେ ପରକୀୟା ପ୍ରୀତି ସନ୍ଦେହର କରୁଣ କାହାଣୀ ପୁଣି ସାମ୍ନାକୁ ଆସିଛି। ଜଣେ ଅଟୋ ଚାଳକ ତାଙ୍କ ପଡ଼ୋଶୀଙ୍କ ବେକରେ ଛୁରି ଭୁସି ହତ୍ୟା କରିଛି। ମନ୍ଦିରରୁ ଫେରୁଥିଲା ବେଳେ ତାଙ୍କୁ ବାଟରେ ଅଟକାଇ ଅଚାନକ ବେକରେ ଛୁରୀ ଭୁସି ଦେଇଥିଲା। ଯାହାଫଳରେ ପଡୋଶୀଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଛି। ଏହାଦ୍ୱାରା ଦୁଇ ପରିବାର ଏବେ ଉଜୁଡି ଯାଇଛି। ଜଣେ ପ୍ରାଣ ହରାଇଥିଲା ବେଳେ ଆଉ ଜଣେ ଏବେ ଜେଲରେ ସଜା କାଟିବାକୁ ଯାଉଛନ୍ତି।

ମଞ୍ଚେଶ୍ୱର ଥାନା ଅନ୍ତର୍ଗତ ଗାଡ଼କଣ ଓମ୍ ସାଇ ବିହାରରେ ଶନିବାର ଜଣେ ଠିକାଦାରଙ୍କୁ ଛୁରି ଭୁସି ହତ୍ୟା କରିଛି ଅଟୋ ଚାଳକ। ମୃତକ ହେଲେ ସୁଶୀଲ ସିଂ (୫୫)। ଅଭିଯୁକ୍ତ ଅଟୋ ଚାଳକ ନୀଳକଣ୍ଠ ମହାନ୍ତି (୪୫)କୁ ମଞ୍ଚେଶ୍ୱର ଥାନା ପୁଲିସ ଅଟକ ରଖି ପଚରାଉଚରା କରୁଛି। ଏନେଇ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ତଦନ୍ତ କରୁଛି। ତେବେ ପରକିୟା ପ୍ରୀତି ସନ୍ଦେହରୁ ଏହି ହତ୍ୟାକାଣ୍ଡ ଘଟିଛି ବୋଲି ପ୍ରାଥମିକ ତଦନ୍ତରୁ ଜଣାପଡ଼ିଥିବା ପୁଲିସ ପକ୍ଷରୁ ସୂଚନା ଦିଆଯାଇଛି।

ଆକ୍ରମଣରେ ସୁଶୀଲଙ୍କ ବେକରେ ଗଭୀର ଆଘାତ ଲାଗିଥିଲା। ତାଙ୍କୁ ତୁରନ୍ତ ଇନଫୋସିଟି ଥାନା ଅନ୍ତର୍ଗତ ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ଡାକ୍ତର ସୁଶୀଲଙ୍କୁ ମୃତ ଘୋଷଣା କରିଥିଲେ। ପରେ ତାଙ୍କ ମୃତଦେହକୁ କ୍ୟାପିଟାଲ ହସ୍ପିଟାଲ ନିଆଯାଇ ଶବ ସଂରକ୍ଷଣ ଗୃହରେ ରଖାଯାଇଛି। ମୃତଦେହକୁ ସେଠାରେ ବ୍ୟବଚ୍ଛେଦ କରାଯାଇଛି। ଘଟଣା ପରେ ସାଇଣ୍ଟିଫିକ୍ ଟିମ୍ ଘଟଣାସ୍ଥଳରେ ପହଞ୍ଚି ତନ୍ନତନ୍ନ ଯାଞ୍ଚ କରିଥିଲା। ସେଠାରୁ ରକ୍ତ ନମୁନା ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରମାଣ ହାସଲ କରିଥିଲା। ଘଟଣାସ୍ଥଳରୁ ଟିମ୍ ବିଭିନ୍ନ ନମୁନା ସଂଗ୍ରହ କରିବା ସହ ଅଭିଯୁକ୍ତର




ଘରକୁ ଯାଇ ମଧ୍ୟ ଯାଞ୍ଚ କରିଥିଲା। ଏସମ୍ପର୍କରେ ଜୋନ-୫ ଏସିପି ବିଶ୍ୱରଜନ ସେନାପତି କହିଛନ୍ତି, ସ୍ତ୍ରୀଙ୍କ ସହ ସୁଶୀଲଙ୍କ ସମ୍ପର୍କ ଥିଲା ବୋଲି ନୀଳକଣ୍ଠ ସବୁବେଳେ ସନ୍ଦେହ କରୁଥିଲେ। ଆଜି ପୂର୍ବାହ୍ନରେ ମନ୍ଦିରରୁ ମଟରସାଇକଲ ଯୋଗେ ସୁଶୀଲ ଫେରୁଥିବା ବେଳେ ନୀଳକଣ୍ଠ ତାଙ୍କୁ ଅଟକାଇ ଛୁରୀରେ ଆକ୍ରମଣ କରିଥିଲା। ନୀଳକଣ୍ଠକୁ ଅଟକ ରଖାଯିବା ସହ ହତ୍ୟାରେ ବ୍ୟବହୃତ ଛୁରି ଜବତ କରାଯାଇଛି। ଏଥିସହ ତା ପୋଷାକ ମଧ୍ୟ ଜବତ କରିଛୁ। ଏଯାଏ ହତ୍ୟାର ପ୍ରକୃତ କାରଣ ପରକୀୟା ପ୍ରୀତି ବୋଲି ଜଣାପଡ଼ିଛି। ଏନେଇ ଅଧିକ ପଚରାଉଚରା କରିଲେ ଆଉ କିଛି ଜଣାପଡ଼ିପାରେ ବୋଲି ବୋଲି ଏସିପି କହିଛନ୍ତି।

ତଦନ୍ତରୁ ଜଣାପଡ଼ିଛି ଯେ, ନୀଳକଣ୍ଠ ବିରୋଧରେ ତା ସ୍ତ୍ରୀ ଭୁବନେଶ୍ୱର ମହିଳା ଥାନାରେ ରିପୋର୍ଟ କରିଥିଲେ। ଉଭୟଙ୍କ ମଧ୍ୟରେ ଝଗଡ଼ା ହେଉଥିଲା। ଏହି ମାମଲାରେ ନୀଳକଣ୍ଠ ଗିରଫ ହୋଇ ଜେଲ ଯାଇଥିଲା। କିଛିଦିନ ତଳେ ସେ ଜେଲରୁ ଫେରିଥିଲା। ଅଭିଯୁକ୍ତ ନୀଳକଣ୍ଠ ଅଟୋ ଚଳାଏ। ସେ ଓମ୍ ସାଇ ବିହାରରେ ସରକାରଙ୍କ ଦ୍ୱାରା ସୁଲଭ ଆବାସ ଯୋଜନାରେ ଯୋଗାଇ ଦିଆଯାଇଥିବା ଆପାର୍ଟମେଣ୍ଟର ବ୍ଲକ -୧୧ ର ୧୧/୫ ଫ୍ଲାଟରେ ରୁହେ। ତାର ଗୋଟିଏ ପୁଅ ମଧ୍ୟ ଅଛି। ସେହିପରି ମୃତ ସୁଶୀଲ ଠିକାଦାର ଭାବେ ସ୍ଥାନୀୟ ଅଞ୍ଚଳରେ କାମ କରୁଥିଲେ। ଏପରିକି ସ୍ଥାନୀୟ ଓମ୍ ସାଇ ବିହାର ବିକାଶ ମଞ୍ଚର ସଭାପତି ମଧ୍ୟ ଥିଲେ। ତାଙ୍କର ସ୍ତ୍ରୀ ଓ ଗୋଟିଏ ପୁଅ ଚନ୍ଦ୍ରଶେଖରପୁର ହଉସିଂବୋର୍ଡ କଲୋନିରେ ରୁହନ୍ତି। ସୁଶୀଲ ମୃତ ଶଳାଙ୍କ ସ୍ତ୍ରୀ ଓ ତାଙ୍କ ଦୁଇ ଝିଅ ଓ ଗୋଟିଏ ପୁଅଙ୍କ ସହ ଆପାର୍ଟମେଣ୍ଟର ବ୍ଲକ - ୧୨ରେ ଏକ ଫ୍ଲାଟରେ ରହୁଥିଲା ବୋଲି ସ୍ଥାନୀୟ ଲୋକେ କହିଛନ୍ତି।

### ରକ୍ତାକ୍ତ ଅବସ୍ଥାରେ ଦୌଡ଼ିଥିଲେ ସୁଶୀଲ

ସ୍ଥାନୀୟ ଲୋକଙ୍କ କହିବା ଅନୁଯାୟୀ, ଶନିବାର ସୁଶୀଲ ଘର ଠାରୁ ୨୦୦ ମିଟର ଦୂରରେ ଥିବା ସାଇ, ମଙ୍ଗଳା ଓ ଶିବ ମନ୍ଦିରକୁ ଯାଇଥିଲେ। ପୂର୍ବରୁ ନୀଳକଣ୍ଠ ଉକ୍ତ ମନ୍ଦିର ନିକଟରେ ଲୁଚି ରହିଥିଲା। ସୁଶୀଲ ମନ୍ଦିରରୁ ଫେରି ନିଜ ବାଇକରେ ଘରକୁ ଫେରୁଥିବା ବେଳେ ନୀଳକଣ୍ଠ ତାଙ୍କୁ ଡାକିଥିଲା। ରାସ୍ତା ଉପରେ ଉଭୟଙ୍କ ମଧ୍ୟରେ ଯୁକ୍ତିତର୍କ ହୋଇଥିଲା। ସେହି ସମୟରେ ହଠାତ୍ ନୀଳକଣ୍ଠ ଏକ ବଡ଼ ଛୁରୀରେ ସୁଶୀଲଙ୍କ ବେକକୁ ଆକ୍ରମଣ କରିଥିଲା। ସୁଶୀଲ ବାଇକରୁ ପଡ଼ିଯାଇ ରକ୍ତ ଜୁଡୁବୁଡୁ ଅବସ୍ଥାରେ ଜୀବନ ବଞ୍ଚାଇବାକୁ ଘର ଆଡ଼କୁ ଦଉଡି ପଳାଇଥିଲେ। ସ୍ଥାନୀୟ ଲୋକମାନେ ତାଙ୍କୁ ଆମ୍ବୁଲାନ୍ସ ଦ୍ୱାରା ଘରୋଇ ହସ୍ପିଟାଲକୁ ପଠାଇଥିଲେ।

### ପୁରୁଣା ଫଟୋ : ପୁରୁଣା ସ୍ମୃତି



ଭୁବନେଶ୍ୱର, ୨୦।୬(ସମିସ): ମନ୍ଦିରମାନଙ୍କର ସମୂହ ରାଜଧାନୀରେ ରହିଛି ଶତାବ୍ଦୀ ଶତାବ୍ଦୀର ପୁରାତନ ମନ୍ଦିର। ଯାହା ବର୍ତ୍ତମାନ ପିଢ଼ି ପାଇଁ ଐତିହ୍ୟ କୀର୍ତ୍ତିରାଜିର ମୂକସାକ୍ଷୀ। ଯେଉଁ ସମୟରେ ରାଜଧାନୀ ଭୁବନେଶ୍ୱରରେ ଛୁଇଁନଥିଲା ପରିବର୍ତ୍ତନର ସୁଅ ନା ଉନ୍ନତିକରଣ। ସରଳ ଜୀବନଯାପନ କରୁଥିବା ମଣିଷଙ୍କ କୋଳାହଳ ଭିତରେ ସିମୀତ ଥିଲା ଏହି ସହର। ଗାଡି ମଟର, ବଡ ବଡ ବିଲ୍ଡିଂ ବଦଳରେ ଏଠାରେ ଚାଲିଥିଲା ଶଗଡ଼ ଏବଂ ସବୁଜ ପରିବେଶ ମନକୁ ଶାନ୍ତି ଦେଉଥିଲା। ରାଜଧାନୀର ସର୍ବପ୍ରାଚୀନ ଲିଙ୍ଗରାଜ ମନ୍ଦିର ସମେତ ସାଇତା ହୋଇ ରହିଛି ଅନେକ ଶତାବ୍ଦୀ ପୁରାତନ ମନ୍ଦିର। ସେଥିମଧ୍ୟରୁ ଅନ୍ୟତମ ହେଉଛି ସିଦ୍ଧେଶ୍ୱର ମନ୍ଦିର।

ସାମଜିକ ଗଣମାଧ୍ୟମରେ ଦେଖିବାକୁ ମିଳିଥିଲା ସେହି ମନ୍ଦିରର ଅନେକ ବର୍ଷ ପୁରୁଣା ଏକ ଫଟୋଚିତ୍ର। ଯେଉଁଥିରେ ପୁରୁଣା ସମୟରେ ସେହି ପରିସରରେ ଥିବା ପର୍ଶୁରାମେଶ୍ୱର ମନ୍ଦିର ଦିଗରୁ ସିଦ୍ଧେଶ୍ୱର ମନ୍ଦିରର ପଛପାର୍ଶ୍ୱର ଏକ ଝଲକ ପରିଲକ୍ଷିତ ହେଉଛି। ଫଟୋଚିତ୍ରରେ ଦର୍ଶାଯାଇଥିବା ଦୃଶ୍ୟଟି ୫୦ ବର୍ଷ ପୁରୁଣା ଫଟୋ ବୋଲି ଜଣାପଡ଼ିଛି। ଏହି ଫଟୋରୁ ଅନୁମାନ କରି ହେଉଛି କି ସେତେବେଳେ ଉନ୍ନତିକରଣ ଏବଂ ସୌନ୍ଦର୍ଯୀକରଣ ଦୁହେଁ ସେତେ ଦ୍ରୁତ ଗତିରେ ଆଗେଇ ନଥିଲା। ଫଳରେ ଚାରିପାଖ ପରିବେଶ ସବୁଜମୟ ଥିଲା।

## ପାହାଳ ହତ୍ୟାକାଣ୍ଡ ମାମଲାରେ ୨ ଗିରଫ



ହଂସପାଳ, ୨୦।୬(ସମିସ): ଅନନ୍ତପୁର ପ୍ରଭାତ ବେହେରା ଓରଫ୍ ଜଗା ହତ୍ୟାକାଣ୍ଡ ଘଟଣାରେ କଟକ ସଦର ଥାନା ଅଧିନ ନାଗବାଲି ଗ୍ରାମର ଆଦିତ୍ୟ ନାରାୟଣ ନାୟକ(୨୧)ଓ ନଛିପୁର ଗ୍ରାମର ବିଶ୍ୱଜିତ୍ ବେହେରା(୨୧)ଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି ପାହାଳ ଥାନା ପୋଲିସ। ସୂଚନା ଅନୁସାରେ ଗତ ୧୬ ତାରିଖ ରାତିରେ ପ୍ରଭାତ କୁନୁ ଭୋଇ ସାଙ୍ଗରେ ରାତି ୧୧ ଟା ସମୟରେ ଅନନ୍ତପୁର ମଦ କାଉଣ୍ଟର କୁ ଯାଇଥିଲେ। ସେଠାରେ ଅଭିଯୁକ୍ତ ଆଦିତ୍ୟ, ବିଶ୍ୱଜିତ୍ ଓ ଆଉ ୨ ଜଣଙ୍କ ସଙ୍ଗେ ଦେଖା ହୋଇଥିଲା। ତାପରେ ସମସ୍ତେ ମିଶିକି ମଦ ପିଇବା ପାଇଁ ପ୍ଲାନିଂ କରିଥିଲେ। ଆଦିତ୍ୟ ଏଥିପାଇଁ ମିଶିକି ମଦ ପିଇବା ପାଇଁ ପ୍ଲାନ୍ କରିଥିଲେ କାରଣ ଗତ ୮ ତାରିଖରେ ଆଦିତ୍ୟ ଓ ପ୍ରଭାତଙ୍କ ସେହି କାଉଣ୍ଟର ଆଗରେ ଝଗଡ଼ା ହୋଇଥିଲା ଓ ପ୍ରଭାତ ଆଦିତ୍ୟଙ୍କୁ ବହୁ ଗାଳି କରିବା ସହ ପାଟିତୁଣ୍ଡ କରିଥିଲେ। ସେହି ରାଗକୁ ମନରେ ରଖି ୧୬ ତାରିଖ ରାତିରେ ଭୀମପୁର ପେଟ୍ରୋଲ ପମ୍ପ ସାମ୍ନା କେନାଲ ବନ୍ଧରେ ବସି ମିଶିକି ମଦ ପିଇଥିଲେ। ସେହି କାଚ ମଦ ବୋତଲରେ ପ୍ରଭାତଙ୍କ ମୁଣ୍ଡକୁ ଆଦିତ୍ୟ ପ୍ରହାର କରିବା ସହ ଅନ୍ୟ ୩ ଜଣ ପ୍ରଭାତକୁ ଗୋଇଠା ମାରି ଫୋପାଡ଼ି ଘଟଣା ସ୍ଥଳରୁ ଫେରାର ହୋଇଯାଇଥିଲେ। ଅଭିଯୁକ୍ତଙ୍କୁ ଧରିବା ପାଇଁ ଜୋନ୍ ୪ ଏସିପିଙ୍କ ନେତୃତ୍ୱରେ ପାହାଳ ଥାନା ଅଧିକାରୀ ଅଶ୍ୱିନୀ ଜେନା, ବାଲିଅନ୍ତା ଥାନା ଅଧିକାରୀ ରଶ୍ମିତା ବେହେରା, ଧଉଳି ଥାନା ଅଧିକାରୀ ସ୍ମୃତି ରଞ୍ଜନ ମହାନ୍ତିଙ୍କୁ ନେଇ ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇଥିଲା। ବିଭିନ୍ନ ସ୍ଥାନରେ ଲାଗିଥିବା ସିସିଟିଭି ଆଧାରରେ ପୁରୀ ଚନ୍ଦନ ପୁରରେ ଚଢାଉ କରି ଆଦିତ୍ୟକୁ ଧରିଥିବା ବେଳେ କଟକ ସଦର ଥାନା ଅଞ୍ଚଳରୁ ବିଶ୍ୱଜିତ୍‌ଙ୍କୁ ଧରିଥିଲେ। ଉଭୟଙ୍କ ନିକଟରୁ ଏକ ବୁଲେଟ ଓ ହୋଣ୍ଡା ସାଇନ୍ ବାଇକ୍ ଜବତ ହୋଇଛି। ଅନ୍ୟ ୨ ଜଣଙ୍କୁ ଧରିବା ପାଇଁ ବିଭିନ୍ନ ସ୍ଥାନରେ ଚଢାଉ ଜାରି ରହିଛି।

● ପେଟ୍ରୋଲିୟମ ସାମଗ୍ରୀ କିଣି ୩.୫ କୋଟିର ଠକେଇ

## ବୌଦ୍ଧରୁ ଧରାପଡ଼ିଲେ ଦୁଇ ଠିକାଦାର ଭାଇ

ଭୁବନେଶ୍ୱର, ୨୦।୬ (ସମିସ): ପେଟ୍ରୋଲିୟମ ସାମଗ୍ରୀ କିଣି ଟଙ୍କା ନଦେବା ଠିକାଦାରଙ୍କ ପାଇଁ ମହଙ୍ଗା ପଡ଼ିଛି। ୩.୫ କୋଟି ଟଙ୍କା ଠକେଇ ଅଭିଯୋଗରେ ବୌଦ୍ଧର ଦୁଇ ଠିକାଦାର ଭାଇଙ୍କୁ ଗିରଫ କରିଛି ଲକ୍ଷ୍ମୀସାଗର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛନ୍ତି, ବୌଦ୍ଧ ପିଡବ୍ଲ୍ୟୁଡି ରୋଡର ଅଶ୍ୱିନୀ କୁମାର ମହାପାତ୍ର (୪୮) ଓ ଅବନୀ କୁମାର ମହାପାତ୍ର (୪୬)।



ପୁଲିସ ସୂଚନାନୁସାରେ, ପେଟ୍ରୋଲିୟମ ଓ ବାଣିଜ୍ୟକ ଉପକରଣ ବ୍ୟବସାୟ କରୁଥିବା ମହତାବ ରୋଡର ଆଦିତ୍ୟ ମହାପାତ୍ର ଲକ୍ଷ୍ମୀସାଗର ଅଞ୍ଚଳରେ ଅଫିସ୍ କରିଛନ୍ତି। ୨୦୨୧ ମସିହାରେ ଠିକାଦାର ଅଶ୍ୱିନୀ ଓ ଅବନୀ ତାଙ୍କ ଠାରୁ ପିଚୁ ଓ ତତ୍ ସମ୍ବନ୍ଧୀୟ ଉପକରଣ କିଣିଥିଲେ। କିଛିଦିନ ଧରି ଜିନିଷ କିଣି ବିଶ୍ୱାସ ଜିଣିବା ସହ ବାକିରେ ସାମଗ୍ରୀ ଦେବାକୁ ଅନୁରୋଧ କରିଥିଲେ। ଆଦିତ୍ୟ ମଧ୍ୟ ସେମାନଙ୍କ କଥାକୁ ବିଶ୍ୱାସ କରି ବାକି ଦେଇଥିବା ବେଳେ ଅଶ୍ୱିନୀ ଓ ଅବନୀ କିଛିକିଛି ଟଙ୍କା ଦେଉଥିଲେ। ଏହାରି ଭିତରେ ୩ କୋଟି ୫୦ ଲକ୍ଷ ଟଙ୍କା ବାକି ହୋଇଯିବାରୁ ଆଦିତ୍ୟ ଟଙ୍କା ମାଗିଥିଲେ। ଅଶ୍ୱିନୀ ଓ ଅବନୀ ମଧ୍ୟ ଧିରେ ଧିରେ ଟଙ୍କା ଦେବାକୁ ପ୍ରତିଶ୍ରୁତି ଦେବା ସହ ଉପକରଣ ଯୋଗାଣ ବନ୍ଦ ନ କରିବାକୁ ଅନୁରୋଧ କରିଥିଲେ।

ଗତ ମାର୍ଚ୍ଚ ୨୫ ତାରିଖ ସନ୍ଧ୍ୟାରେ ଅଶ୍ୱିନୀ ଓ ଅବନୀ ଫୋନ୍ କରି ଆଦିତ୍ୟଙ୍କୁ ଡକାଇଥିଲେ। ସେମାନଙ୍କ କହିବା ମୁତାବକ ଆଦିତ୍ୟ ଓ ତାଙ୍କ ଭଉଣୀ ଲକ୍ଷ୍ମୀସାଗର ଓଭରବ୍ରିଜ ନିକଟକୁ ଯାଇଥିଲେ। ସେଠାରେ ପହଞ୍ଚି ବାକି ଟଙ୍କା ଆଦାୟ ବିଷୟରେ କଥା ହେଉଥିବା ବେଳେ ଅଶ୍ୱିନୀ ଓ ଅବନୀ ମିଶି ତାଙ୍କୁ ଧସ୍ତାଧସ୍ତି କରିବା ସହ ଆକ୍ରମଣ କରିଥିଲେ। ସାଙ୍ଗରେ ଥିବା ଭଉଣୀଙ୍କୁ ମଧ୍ୟ ଅସଦାଚରଣ କରିବାକୁ ଉଦ୍ୟମ କରିଥିଲେ। ଏହାପରେ ବାକି ଟଙ୍କା ଦେବାକୁ ମନା କରିବା ସହ ଜୀବନରେ ମାରିଦେବାକୁ ଧମକ ଦେଇଥିଲେ। ଏନେଇ ଆଦିତ୍ୟ ଲକ୍ଷ୍ମୀସାଗର ଥାନାରେ ଅଭିଯୋଗ କରିବା ପରେ ପୁଲିସ ମାମଲା ରୁଜୁ କରିଥିଲା। ଶୁକ୍ରବାର ବୌଦ୍ଧରେ ଚଢ଼ଉ କରି ଦୁଇ ଭାଇଙ୍କୁ ଗିରଫ କରିଥିଲା ବେଳେ ଆଜି କୋର୍ଟ ଚାଲାଣ କରିଛି।

## ଭରତପୁରରେ ଖପୁରିକୁ ନେଇ ଆତଙ୍କ

ଭୁବନେଶ୍ୱର, ୨୦।୬ (ସମିସ): ଭରତପୁର ଥାନା ଅଞ୍ଚଳରେ ରାସ୍ତା କଡ଼ରେ ମଣିଷ ଖପୁରି ପଡ଼ିଥିବା ଦେଖିବାକୁ ମିଳିଛି। ଖବର ପ୍ରଚାରିତ ହେବା ପରେ ସ୍ଥାନୀୟ ଅଞ୍ଚଳରେ ଭୟର ବାତାବରଣ ସୃଷ୍ଟି ହୋଇଛି। ପୁଲିସ ପହଞ୍ଚିବା ବେଳକୁ ସେହି ସ୍ଥାନରୁ ଖପୁରି ଗାଏବ ହୋଇଯିବା ଘଟଣାକୁ ଆହୁରି ରୋଚକ କରିଛି।



ଖବର ଅନୁସାରେ, ଶନିବାର ସକାଳେ ଜିଏ କଲୋନି ଓ ଦାସପୁର ଜଙ୍ଗଲ ମଝିରେ ଥିବା ଏକ ରାସ୍ତା କଡ଼ରେ ଖପୁରୀ ପଡ଼ିଥିବା ସ୍ଥାନୀୟ ଲୋକେ ଦେଖିବାକୁ ପାଇଥିଲେ। କ୍ଷଣିକ ମଧ୍ୟରେ ଖବର ଚାରିଆଡ଼େ ବ୍ୟାପି ଯାଇଥିଲା। କିଛି ସମୟ ପରେ ଖବରପାଇ ଭରତପୁର ଥାନା ପୁଲିସ ଘଟଣାସ୍ଥଳରେ ପହଞ୍ଚିଥିଲା। ହେଲେ ସେତେବେଳକୁ ଖପୁରି ଗାଏବ ହୋଇ ଯାଇଥିଲା। ଜଙ୍ଗଲରେ ପଡ଼ିଥିବା ଏହି ଖପୁରି କାହାର? କିପରି ଏଠାକୁ ଆସିଲା? କିଏ ଆଣିଲା? ଏପରି ଅନେକ ପ୍ରଶ୍ନ ସମସ୍ତଙ୍କ ମନରେ ଉଙ୍କି ମାରୁଛି। ତେବେ କୁକୁର ଓ ବିଲୁଆ ଖପୁରୀକୁ ନେଇଯାଇଥିବା ପୁଲିସ ସନ୍ଦେହ କରୁଛି।

## ମୃତକଙ୍କ ନାମରେ ଦୁଷ୍କର୍ମ ଅଭିଯୋଗ

ଭୁବନେଶ୍ୱର, ୨୦।୬ (ସମିସ): ପରକୀୟା ପ୍ରୀତି ନୁହେଁ। ମୃତକ ଠିକାଦାର ସୁଶୀଲ ସିଂ ମୋତେ ଦୁଷ୍କର୍ମ କରିଥିଲେ। ନୀଳାଦ୍ରି ବିହାରସ୍ଥିତ ଏକ କୋଚିଂ ସେଣ୍ଟରକୁ ନେଇ ଦୁଷ୍କର୍ମ କରିଥିଲେ। ୬ ମାସ ତଳେ ଏଭଳି ଘଟଣା ଘଟିଥିଲା। ହେଲେ ଏନେଇ ଥାନାରେ କୌଣସି ଅଭିଯୋଗ କରି ନ ଥିଲି। ସେଥିପାଇଁ ମୋର ଏବଂ ସ୍ୱାମୀଙ୍କ ଭିତରେ ସବୁବେଳେ ଗଣ୍ଡଗୋଳ ହେଉଥିଲା। ଘରେ ପାଟିତୁଣ୍ଡ ହେଉଥିଲା। ଏଣୁ ମୋ ସ୍ୱାମୀ ନୀଳକଣ୍ଠ ମହାନ୍ତି ପ୍ରତିଶୋଧ ପରାୟଣ ହୋଇ ଏଭଳି କାଣ୍ଡ ଭିଆଇଛନ୍ତି ବୋଲି ଗଣମାଧ୍ୟମ ସାମ୍ନାରେ କହିଛନ୍ତି। ଅନ୍ୟପକ୍ଷରେ ନୀଳକଣ୍ଠଙ୍କ ପତ୍ନୀ ମଧ୍ୟ ପରକୀୟା ପ୍ରୀତିକୁ ମାମଲାକୁ ଅସ୍ୱୀକାର କରିଛନ୍ତି।

## ବୁଦ୍ଧନଗରରେ ମୃତ୍ୟୁଞ୍ଜୟ ବାବାଙ୍କ ବିବାହ ଉତ୍ସବ



ଭୁବନେଶ୍ୱର, ୨୦।୬(ସମିସ): ଭୁବନେଶ୍ୱର ବୁଦ୍ଧନଗରସ୍ଥିତ ମୃତ୍ୟୁଞ୍ଜୟ ବାବା ଏବଂ ମା' ପାର୍ବତୀଙ୍କ ବିବାହ ଉତ୍ସବ ଖୁବ ଧୁମଧାମରେ ଅନୁଷ୍ଠିତ ହୋଇଯାଇଛି। ଗୁରବାର ଏହି ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିବା ବେଳେ ବର ପିତା ଓ ମାତା ରୂପେ ପି. ଶ୍ରୀନିବାସ ଓ ପି ତନୁଶ୍ରୀ ଏବଂ କନ୍ୟା ପିତା ଓ ମାତା ରୂପେ ଜିତେନ୍ଦ୍ର ମହାନ୍ତି ଓ ବନ୍ଦନା ତ୍ରିପାଠୀ କାର୍ଯ୍ୟ ସମ୍ପାଦନ କରିଥିଲେ। ଶୁକ୍ରବାର ଦିନ ସନ୍ଧ୍ୟାରେ ଘଣ୍ଟ, ବାଜା, ବାଣ ସହ ବିମାନରେ ଶିବ, ପାର୍ବତୀ ଯୁଗଳ ମୂର୍ତ୍ତି ନଗର ପରିକ୍ରମା କରିଥିଲେ। ସ୍ଥାନୀୟ ଅଞ୍ଚଳର ଶତାଧିକ ଲୋକ ଶିବ, ପାର୍ବତୀଙ୍କ ବିବାହ କାର୍ଯ୍ୟ ସହ ପରିକ୍ରମାରେ ସାମିଲ ହେବା ସହ ପ୍ରସାଦ ସେବନ କରି ପ୍ରଭୁଙ୍କ କୃପା ଲଭା କରିଥିଲେ। ମନ୍ଦିର କମିଟି ପକ୍ଷରୁ ସଭାପତି ଦେବଦତ୍ତ ପଣ୍ଡା, ସୁଚିତ ତ୍ରିପାଠୀ, ସୂର୍ଯ୍ୟ ନାରାୟଣ ମହାନ୍ତି ପ୍ରମୁଖ ଏହି ଶୀତଳଷଷ୍ଠୀ ଉତ୍ସବ ସୁପରିଚାଳନାରେ ନିଜର ଗୁରୁତ୍ୱପୂର୍ଣ୍ଣ ଦାୟିତ୍ୱ ସମ୍ପାଦନ କରିଥିଲେ।

### ଆଜି ବିଶ୍ୱ ସଙ୍ଗୀତ ଦିବସ

## ନୃତ୍ୟକୁ ମିଳିଛି; ସଙ୍ଗୀତକୁ କେବେ

ଭୁବନେଶ୍ୱର, ୨୦।୬(ସମିସ): ଓଡ଼ିଶୀ ଶାସ୍ତ୍ରୀୟ ମାନ୍ୟତା ପାଇଛି। ଏହାର ଲୋକପ୍ରିୟତା ମଧ୍ୟ ଦିନକୁ ଦିନ ବଢ଼ିବାରେ ଲାଗିଛି। ବୃତ୍ତି ଭାବରେ ଗ୍ରହଣ କରିବାକୁ ମଧ୍ୟ ଯୁବ ନୃତ୍ୟଶିଳ୍ପୀ ଆଗେଇ ଆସିଲେଣି। ଓଡ଼ିଶାରୁ ଆରମ୍ଭ ହୋଇଥିବା ଏହି କଳା ଏବେ ଆଉ ଓଡ଼ିଶା କିମ୍ବା ଭାରତ ଭିତରେ ସୀମିତ ହୋଇ ନାହିଁ। ହେଲେ ଓଡ଼ିଶୀ ସଙ୍ଗୀତକୁ ଏହି ଶାସ୍ତ୍ରୀୟ ମାନ୍ୟତା ଏଯାଏଁ ମିଳିପାରି ନାହିଁ। ଏନେଇ ରାଜ୍ୟର ଅନେକ ସଙ୍ଗୀତଜ୍ଞ, କଳାକାର, ନୃତ୍ୟଶିଳ୍ପୀ, ଶିକ୍ଷାବିତ୍ ଓ ବୁଦ୍ଧିଜୀବୀମାନେ ଦାବି ହୋଇଆସୁଛି।

■ ଓଡ଼ିଶୀ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ପାଇଁ ଦାବି



ଓଡ଼ିଶୀ ନୃତ୍ୟର ପ୍ରମୁଖ ଉପାଦାନ ହେଉଛି ଓଡ଼ିଶୀ ସଙ୍ଗୀତ। ବହୁ ଭାଷାର ସଙ୍ଗୀତ ତୁଳନାରେ ଓଡିଶୀ ସଙ୍ଗୀତ ଢେର ପୁରୁଣା ଏବଂ ଏହାର ସ୍ୱତନ୍ତ୍ର ମର୍ଯ୍ୟାଦା ଓ ଆଦର ମଧ୍ୟ ରହିଆସିଛି। ଯେଉଁଥିରେ ରାଗ ସଙ୍ଗୀତ, ଛାନ୍ଦ, ଚମ୍ପୁ, ଭଜନ, ଜଣାଣ, ନାଟ୍ୟାଙ୍ଗ, ଧ୍ରୁବ ପଦାଙ୍ଗ ଆଦି ଅନର୍ଭୁକ୍ତ। ଅନ୍ତର୍ଜାତୀୟସ୍ତରରେ ଓଡିଶୀ ନୃତ୍ୟ ପ୍ରଶଂସିତ ହେଉଥିବାବେଳେ ଓଡିଶୀ ସଙ୍ଗୀତକୁ ଏବେ ଶାସ୍ତ୍ରୀୟମାନ୍ୟତା ଦେବ ପାଇଁ ବର୍ଷ ବର୍ଷ ଧରି ଦାବି ହୋଇ ଆସୁଛି। ଅନ୍ୟପଟେ ଯୁବପିଢୀଙ୍କ ମଧ୍ୟରେ ଏହି ନୃତ୍ୟ ସହ ସଙ୍ଗୀତ ପ୍ରତି ମଧ୍ୟ ଆଗ୍ରହ ବଢୁଥିବା ଦେଖିବାକୁ ମିଳୁଛି। ପୂର୍ବ ଅପେକ୍ଷା ଓଡ଼ିଶୀ ସଙ୍ଗୀତ ପାଠ୍ୟକ୍ରମରେ ପିଲାଙ୍କ ସଂଖ୍ୟା ବଢ଼ିବା ସହ ଯୁବ ପିଢି ମଧ୍ୟ ଏ କ୍ଷେତ୍ରରେ ଭଲ ପ୍ରଦର୍ଶନ କରୁଥିବା ନଜରକୁ ଆସୁଛି। ସେ ନେଇ ରାଜଧାନୀରେ ବିଭିନ୍ନ ଘରୋଇ ପ୍ରଶିକ୍ଷଣ କେନ୍ଦ୍ର ମଧ୍ୟ ଖୋଲିଲାଣି। ସେହପରି ସରକାରୀସ୍ତରରେ ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ ରହିଛି। ବାହାର ଦେଶରେ ମଧ୍ୟ ବିଭିନ୍ନ କାର୍ଯ୍ୟକ୍ରମରେ ଓଡ଼ିଶୀ ନୃତ୍ୟ ଓ ସଙ୍ଗୀତ ପରିବେଷଣ ଯୁବଗୋଷ୍ଠୀକୁ ଏ ଦିଗରେ ଆସିବାକୁ ପ୍ରେରଣା ଦେଉଛି।

### କାହା ମୁହଁରେ କେଉଁ କଥା

ଓଡ଼ିଶୀ ସଙ୍ଗୀତକୁ ଏଯାଏଁ ସ୍ୱତନ୍ତ୍ର ଭାବେ ମାନ୍ୟତା ମିଳିନାହିଁ। କିନ୍ତୁ ଓଡ଼ିଶୀ ନୃତ୍ୟକୁ ସଙ୍ଗୀତ ସହିତ ଯେହେତୁ ଏହାକୁ ପରିବେଷଣ କରାଯାଉଛି ଏବଂ ଓଡିଶୀ ନୃତ୍ୟକୁ ମାନ୍ୟତା ମିଳିଛି, ତେଣୁ ଏହା ଲୋକାଦୃତ ହେବା ସହ ଆମମାନଙ୍କ ପାଇଁ ସଙ୍ଗୀତକୁ ମଧ୍ୟ ମାନ୍ୟତା ମିଳିଛି ବୋଲି ମାନିଆସିଛୁ। କିନ୍ତୁ ଓଡ଼ିଶୀ ସଙ୍ଗୀତକୁ ନିଶ୍ଚିତ ରୂପେ ବିଧିବଦ୍ଧ ଭାବରେ ମାନ୍ୟତା ମିଳିବା ଉଚିତ୍। ଆମ ଏହି ଓଡ଼ିଶୀ ସଙ୍ଗୀତ ଶାସ୍ତ୍ରୀୟମାନ୍ୟତା ପାଇବା ପାଇଁ ପରିପୂର୍ଣ୍ଣ ଅଟେ। ତେଣୁ ଏହାର ବହୁଳ ପ୍ରଚାର ପ୍ରସାର ଆବଶ୍ୟକ ଅଛି। କେବଳ ରାଜ୍ୟ କି ଦେଶ ନୁହଁ ବରଂ ଦେଶ ବାହାରେ ବି ଏହାର ପ୍ରଚାରପ୍ରସାର ହେବା ଜରୁରୀ। ମାନ୍ୟତା ମିଳିବା ପରେ ଏସବୁ ଅଧିକ ସହଜ ହୋଇପାରିବ।

ଓଡ଼ିଶୀ ଗୁରୁ ସିକତା ଦାସ

- ଓଡ଼ିଶୀ ନୃତ୍ୟକୁ ଶାସ୍ତ୍ରୀୟମାନ୍ୟତା ମିଳିଲା, ହେଲେ ଦୁଃଖର କଥା ସଙ୍ଗୀତକୁ ଏଯାଏଁ ମିଳିପାରିଲା ନାହିଁ। ସଙ୍ଗୀତର ସବୁ କ୍ଷେତ୍ରରେ ତାର ବ୍ୟାପକ ପରିଧି ଥିଲେ ମଧ୍ୟ ମିଳିପାରୁନି। ମାନ୍ୟତା ଦାବିରେ ଆମର ସବୁ ଗୁରୁମାନେ ତାଙ୍କ ପ୍ରୟାସ ଜାରି ରଖିଛନ୍ତି। ଏନେଇ ଜାତୀୟ ଏବଂ ଅନ୍ତର୍ଜାତୀୟସ୍ତରରେ ଆମର ବିଭିନ୍ନ ସ୍ଥାନରେ ଅଧିକ କର୍ମଶାଳା, ଆଲୋଚନା ଚକ୍ର ଆଦି ଅନୁଷ୍ଠିତ ହେବା ଦରକାର। ଫଳରେ ଏହାର ପ୍ରଚାର ପ୍ରସାର ଅଧିକ ହୋଇପାରିବ। ସରକାରଙ୍କ ମଧ୍ୟ ଏଥିରେ କିଛି ଭୂମିକା ରହୁଛି। ପ୍ରୟାସ ଅଧିକ ହେଲେ ନିଶ୍ଚିତ ସଙ୍ଗୀତକୁ ଶାସ୍ତ୍ରୀୟ ମାନ୍ୟତା ମିଳିବ।

ଅଧ୍ୟାପକ ପ୍ରମୋଦ ସାହୁ, ଉତ୍କଳ ସଙ୍ଗୀତ ମହାବିଦ୍ୟାଳୟ

## ରାୟଗଡ଼ା ଘଟଣାର ପ୍ରତିବାଦ: ରାଜଧାନୀରେ ବିକ୍ଷୋଭ




ଭୁବନେଶ୍ୱର, ୨୦।୬(ସମିସ): ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର, ଇନ୍ତାଲିଗୁଡ଼ା ଗ୍ରାମରେ ରାଜ୍ୟବାହାରର ଯୁବତୀ ଓ ଯୁବକଙ୍କ ଉପରେ ହୋଇଥିବା ଅମାନବୀୟ, ନୃଶଂସ ସଙ୍ଘବଦ୍ଧ ଆକ୍ରମଣ, ବିଶେଷ କରି ଯୁବତୀଙ୍କ ଉପରେ କରାଯାଇଥିବା ବର୍ବର ଯୌନ ନିର୍ଯାତନା ପ୍ରତିବାଦରେ ଆଜି ମାଷ୍ଟରକ୍ୟାଣ୍ଟିନ୍ ଠାରେ ବିକ୍ଷୋଭ ପ୍ରଦର୍ଶନ କରିଛି ଅଲ୍ ଇଣ୍ଡିଆ ମହିଳା ସାଂସ୍କୃତିକ ସଂଗଠନ। ସଂଗଠନର ସର୍ବଭାରତୀୟ ସାଧାରଣ ସମ୍ପାଦିକା କମ୍ରେଡ ଛବି ମହାନ୍ତି କହିଛନ୍ତି, ରାଜ୍ୟରେ ବିଜେପି ସରକାରର ଶାସନରେ ବ୍ୟାପକ ଭାବେ ବୃଦ୍ଧି ପାଇଥିବା ଭିଡ଼ ହିଂସା, ନାରୀ ନିର୍ଯାତନା ଏବଂ ସେ କ୍ଷେତ୍ରରେ ପୋଲିସ ପ୍ରଶାସନର ନିଷ୍କ୍ରିୟତା, ଅପରାଧୀଙ୍କୁ ପ୍ରଶୟ ଦିଆଯିବା ଯୋଗୁଁ ରାଜ୍ୟର ପରିସ୍ଥିତି ଅତ୍ୟନ୍ତ ଉଦ୍‌ବେଗଜନକ ହୋଇପଡ଼ିଛି। ରାଜ୍ୟର ବିଭିନ୍ନ ଅଞ୍ଚଳରେ କେତେକ ଗୋଷ୍ଠୀ ଆଇନକୁ ହାତକୁ ନେଇ ଅତ୍ୟନ୍ତ ବର୍ବର ଅମାନୁଷିକ କର୍ମକାଣ୍ଡ ଘଟାଇ ଚାଲିଛନ୍ତି। ତେବେ ରାୟଗଡ଼ା ଘଟଣାରେ ଯୁବତୀଙ୍କ ସହ ଯେଉଁଭଳି ଦୁର୍ବ୍ୟବହାର କରାଯାଇଛି ତାହା ସମଗ୍ର ଦେଶରେ ଓଡ଼ିଶାର ଗୌରବଜ୍ଜ୍ୱଳ ଐତିହକୁ କାଳିମାଲିପ୍ତ କରିଛି। ତୁରନ୍ତ ସମସ୍ତ ଅପରାଧୀଙ୍କ ବିରୁଦ୍ଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ସହ ରାଜ୍ୟରେ ଭିଡ଼ ହିଂସା ବନ୍ଦ କରିବା ଏବଂ ନାରୀ ଓ ଶିଶୁଙ୍କ ନିରାପତ୍ତା ସୁନିଶ୍ଚିତ କରିବା ତଥା ବିପର୍ଯ୍ୟସ୍ତ ଆଇନ୍ ଶୃଙ୍ଖଳା ପରିସ୍ଥିତିର ସୁଧାର ଆଣିବା ପାଇଁ ସରକାର କାର୍ଯ୍ୟକାରୀ ପଦକ୍ଷେପ ଗ୍ରହଣ କରିବାକୁ ସଂଗଠନ ଦାବି କରିଛି। କେନ୍ଦ୍ର ଓ ରାଜ୍ୟ ସରକାର ମହିଳା ସମ୍ମାନ ସ୍ଲୋଗାନ୍ ଦେଉଥିବା ବେଳେ ସମଗ୍ର ଦେଶ ତଥା ରାଜ୍ୟର କୋଣେ କୋଣେ ମହିଳାଙ୍କ ଉପରେ ଆକ୍ରମଣ, ଧର୍ଷଣ, ଗଣଧର୍ଷଣ, ହତ୍ୟା ଆଦି ଘଟଣା କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ନାରୀ ସୁରକ୍ଷା କ୍ଷେତ୍ରରେ ଅପାରଗତା କୁ ପ୍ରମାଣ କରୁଥିବା ରାଜ୍ୟ ସଭାନେତ୍ରୀ ସ୍ୱର୍ଣ୍ଣପ୍ରଭା ନାୟକ, ସମ୍ପାଦିକା ସରୋଜିନୀ ନାୟକ କହିଛନ୍ତି। ଭିଡ଼ ହିଂସା ରୋକିବା ଏବଂ ମହିଳା ମାନଙ୍କ ସୁରକ୍ଷା ପାଇଁ ଏକ ଶକ୍ତିଶାଳୀ ସର୍ବବ୍ୟାପୀ ଗଣଆନ୍ଦୋଳନ ଗଢ଼ି ତୋଳିବାକୁ ବିକ୍ଷୋଭକାରୀମାନେ ଆହ୍ୱାନ ଦେଇଛନ୍ତି। ସଂଗଠନର ରାଜ୍ୟ ସଭାପତି ସ୍ୱର୍ଣ୍ଣପ୍ରଭା ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଏହି ବିକ୍ଷୋଭ ସମାବେଶରେ ପ୍ରଭା ମଞ୍ଜୁଳା ବ୍ରହ୍ମ, ବିଜୟଲକ୍ଷ୍ମୀ ପାତ୍ର, ପ୍ରଭାସିନୀ ରାଉଳ, ସଙ୍ଘମିତ୍ରା ମହାପାତ୍ର ପ୍ରମୁଖ ନାରୀ ନେତ୍ରୀ ମାନେ ସାମିଲ ହୋଇଥିଲେ।





**ଆଜି ବିଶ୍ୱ ଯୋଗ ଦିବସ**

# ସବୁ ବ୍ୟାଧିମୁକ୍ତିର ମୂଳମନ୍ତ୍ର 'ଯୋଗ'

ଭୁବନେଶ୍ୱର, ୨୦।୬(ସମିସ)

ଦିନକୁଦିନ ଲୋକମାନଙ୍କ ଜୀବନଶୈଳୀରେ ପରିବର୍ତ୍ତନ ଘଟିବା ସହ ଖାଦ୍ୟପେୟରେ ପରିବର୍ତ୍ତନ ଘଟୁଛି। ଯାହାର ଫଳ ସ୍ୱରୂପ ଅନେକ ବ୍ୟାଧିର ଶିକାର ହେଉଛନ୍ତି ସବୁ ବର୍ଗର ଲୋକମାନେ। ଫଳରେ ଯୋଗ, ପ୍ରାଣାୟମ ଧ୍ୟାନ ଆଡ଼କୁ ମୁହାଁଉଛନ୍ତି। ବର୍ତ୍ତମାନ ସାଧାରଣ ଲୋକ ନିଜ

**■ ସାଧାରଣ ଲୋକଙ୍କ ଜୀବନଶୈଳୀରେ ଯୋଡ଼ି ହେଉଛି ଯୋଗ**

ଜୀବନଶୈଳୀରେ ଯୋଗକୁ ସାମିଲ କରୁଥିବାର ନଜୀର ରହିଛି। କରୋନା କାଳରେ ସାରା ଦେଶରେ ଅମ୍ଳଯାନ ଅଭାବରୁ ଅନେକ ଜୀବନ ଯାଇଥିଲା। ପ୍ରାଣାୟମ ଦ୍ୱାରା ଶରୀରରେ ଅମ୍ଳଯାନ ସ୍ତର ବୃଦ୍ଧି ହେଉଥିବା ବିଶ୍ୱାସରେ ପ୍ରାୟ ୮୦ ପ୍ରତିଶତ ଲୋକେ ଯୋଗ କରୁଥିବା ଦେଖିବାକୁ ମିଳିଥିଲା। ଏହାପରେ ଧିରେ ଧିରେ ଯୋଗର ଉପାଦେୟତା ଓ ଯୋଗପ୍ରତି ଲୋକଙ୍କ ଆଗ୍ରହ ବଢ଼ିଥିବା ଦେଖିବାକୁ ମିଳିଛି। ବର୍ତ୍ତମାନ ଉଭୟ ଅନଲାଇନ୍ ଓ ଅଫ୍‌ଲାଇନ୍‌ସମେତ ପାର୍କଗୁଡ଼ିକରେ ମଧ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ଯୋଗାଭ୍ୟାସ କରାଯାଉଥିବା ଦେଖିବାକୁ ମିଳିଛି।

ବର୍ତ୍ତମାନ ସମୟରେ ସୁସ୍ଥ ଜୀବନଶୈଳୀ, ଋତୁଚକ୍ରରେ ପରିବର୍ତ୍ତନ କାରଣରୁ କେବଳ ବୟସ୍କ ବ୍ୟକ୍ତି ନୁହଁନ୍ତି ବରଂ ଛୋଟ ପିଲାମାନେ ମଧ ବିଭିନ୍ନ ବ୍ୟାଧିର ଶିକାର ହେଉଛନ୍ତି। ବିଶେଷ କରି ଆଜିର ଯୁବପିଢ଼ୀ ମେଦବହୁଳତା, ଉଚ୍ଚ ରକ୍ତଚାପ, ହୃଦ୍‌ଘାତ, ଆଣ୍ଠୁଗଣ୍ଠି ଯନ୍ତ୍ରଣା ସମେତ ବିଭିନ୍ନ ରୋଗର ସମ୍ମୁଖୀନ ହେଉଛନ୍ତି। ଏଥିରୁ ଉପଶମ ପାଇଁ ଯୋଗ ହିଁ ସମାଧାନ ବୋଲି



ସ୍ୱାସ୍ଥ୍ୟ ବିଶେଷଜ୍ଞମାନେ ମଧ ପରାମର୍ଶ ଦେଉଛନ୍ତି। ସୁସ୍ଥ ରହିବାକୁ ଶାରୀରିକ ପ୍ରରିଶ୍ରମ ବା ବ୍ୟାୟାମ୍ ଅତ୍ୟନ୍ତ ଜରୁରୀ ହୋଇଥିବାରୁ ବିଭିନ୍ନ ପାର୍କରେ ଯୋଗ ମଣ୍ଡପ ସାଙ୍ଗକୁ ଓପନ୍ ଜିମ୍ ବ୍ୟବସ୍ଥା କରାଯାଉଛି। ଏହାସହ ଜିମ୍ ଗୁଡ଼ିକରେ ମଧ ସ୍ୱତନ୍ତ୍ର ଯୋଗ ପ୍ରଶିକ୍ଷଣ ନେବାକୁ ମହିଳା ଓ ବରିଷ୍ଠ ନାଗରିକମାନଙ୍କ ସଂଖ୍ୟା ବୃଦ୍ଧି ପାଉଥିବା ଦେଖିବାକୁ ମିଳିଛି। ଏମିତିକି ଅନଲାଇନ୍‌ରେ ବହୁ ସଂଖ୍ୟାରେ ଲୋକ ଯୋଗ କ୍ଲାସ କରୁଛନ୍ତି। ଯୋଗ କୌଣସି ଏକ ଧର୍ମ ନୁହେଁ, ଏହା ଏକ ଜୀବନଯାପନ ପଦ୍ଧତି। ଏନେଇ ଆନ୍ତର୍ଜାତୀୟ ଯୋଗ ପ୍ରଶିକ୍ଷକ ଗଣେଶ୍ୱର ଗୋଚ୍ଛିକାର କହିଛନ୍ତି, ସମସ୍ତେ ଯୋଗ କରିବା ନିହାତି ଆବଶ୍ୟକ। ପ୍ରାଣାୟମ ଓ ଧ୍ୟାନ ମଣିଷକୁ ନକାରତ୍ମକ ଚିନ୍ତାଧାରା ଠାରୁ ଦୂରରେ ରଖେ। କାରଣ ଯୋଗ ହେଉଛି ଏକ ବିଜ୍ଞାନ। ପୁରାତନ କାଳରେ ମୁନିଋଷିମାନେ ଯୋଗକୁ ଔଷଧ ଭାବେ ଗ୍ରହଣ କରୁଥିଲେ। ନିୟମିତ ଯୋଗାଭ୍ୟାସ ଦ୍ୱାରା ଶରୀରର ରୋଗ ପ୍ରତିକ୍ଷେଧକ ଶକ୍ତି ବୃଦ୍ଧି ପାଉଥିବାରୁ କୌଣସି ରୋଗ ଆକ୍ରାନ୍ତ କରିପାରେ ନାହିଁ। ବର୍ତ୍ତମାନ ପରିସ୍ଥିତି ଏଭଳି ହୋଇଛି ଯେ, ସାରା ବିଶ୍ୱରେ ଛୋଟ ପିଲାଙ୍କ ଠାରୁ ବୟସ୍କଙ୍କ ପର୍ଯ୍ୟନ୍ତ ସମସ୍ତେ ଭିନ୍ନ ଭିନ୍ନ ମାନସିକ ଚିନ୍ତାରେ ରହୁଛନ୍ତି। ଏଥିରୁ ମୁକ୍ତି ପାଇବାକୁ ହେଲ ଯୋଗ କରିବା ଉଚିତ୍। ଯୋଗ ଓ ପ୍ରାଣାୟମ ଦ୍ୱାରା ଅସାଧ ରୋଗରୁ ମୁକ୍ତି ପାଇପାରିବେ। ଆଜିକାଲି ଘରେ ଘରେ ଅଣ୍ଟା, ଆଣ୍ଠୁ ଓ ମେରୁଦଣ୍ଡ ବିନ୍ଧା ସମସ୍ୟା ଦେଖାଦେଇଛି। କର୍ମଜୀବୀମାନେ କାମ କରିବା ସମୟରେ କାମ ଉପରେ ଧ୍ୟାନ ଦେଉଥିବାରୁ ଶରୀର ପ୍ରତି ଧ୍ୟାନ ଦେଇପାରନ୍ତିନି। ଏହାଦ୍ୱାରା ମେରୁଦଣ୍ଡ ସମସ୍ୟା ବାହାରିଥାଏ। ସେହିପରି ବରିଷ୍ଠ ନାଗରିକମାନେ କାଲସିୟମ୍ ଅଭାବରୁ ଅନେକ ଆଣ୍ଠୁଗଣ୍ଠି ଯନ୍ତ୍ରଣାର ଶିକାର ହେବା ସହ କ୍ରୀଡ଼ାବିତ୍ ଟେନିସ୍‌ସେଲଭୋର୍ ରୋଗର ଶିକାର ହେଉଛନ୍ତି। ଏସବୁରୁ ମୁକ୍ତି ପାଇବାକୁ ଯୋଗର ଆବଶ୍ୟକତା ରହିଛି। ସେହିପରି ଯୋଗଗୁରୁ ରଞ୍ଜନ କୁମାର ପାତ୍ର କହିଛନ୍ତି, ମହର୍ଷି ପତଞ୍ଜଳିଙ୍କ ଅନୁଶାସିତ ବିଭିନ୍ନ ଆସନ ଓ ପ୍ରାଣାୟମ ଚୟନରେ ଉପଯୋଗିତା ଓ ସାର୍ବତ୍ରିକତାକୁ ଧ୍ୟାନରେ ରଖି ସାଧାରଣ ଭାବରେ ମନକୁ ଏକାଗ୍ର କରିବା ଯୋଗର ଅନ୍ୟତମ ପ୍ରଥମ କାମ। ଏହାଛଡ଼ା ନେତ୍ର ସଞ୍ଚାଳନ, ବଜ୍ରାସନ, ସିଂହାସନ, ହାସ୍ୟାସନ, ପଦ୍ମାସନ, ଶବାସନ, ସୁଖାସନ, ଅନୁଲୋମ ବିଲୋମ, କପାଳଭାତି ଇତ୍ୟାଦି ଦୈନିକ କରିବା ଦ୍ୱାରା ନିରୋଗାନ ଓ ସକରାତ୍ମକ ରହିପାରିବେ।

# ଖାଁ ଖାଁ ଭିଏସ୍ଏସ୍ ନଗରରେ ଯୋଗ ମଣ୍ଡପ

**■ ୬ ମାସ ହେଲା ଆସୁନାହାନ୍ତି ପ୍ରଶିକ୍ଷକ**
**■ ଆଜି ଉନ୍ନୟନ ପରିଷଦ ପକ୍ଷରୁ ଗଣଧାରଣା**




ଭୁବନେଶ୍ୱର, ୨୦।୬(ସମିସ): ଦିନଥିଲା ଯେଉଁ ଯୋଗମଣ୍ଡପରେ ପ୍ରତିଦିନ ସକାଳୁ ସ୍ଥାନୀୟ ଲୋକଙ୍କ ଭିଡ଼ ଜମୁଥିଲା ଦିର୍ଘ ୬ମାସ ହେବ ଖାଁ ଖାଁ ପାଲଟିଛି ଉକ୍ତ ଯୋଗ ମଣ୍ଡପ। ପୂର୍ବଭଳି ବଡ଼ି ଭୋରୁ ସେଠାରେ ବରିଷ୍ଠନାଗରିକଙ୍କ ଭିଡ଼ ଜମୁନି। ଏଭଳି ସ୍ଥିତ ଦେଖିବାକୁ ମିଳିଛି ସ୍ଥାନୀୟ ଭିଏସ୍ଏସ୍‌ନଗର ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ। ସୂଚନା ଅନୁସାରେ, ବହୁ ଚେଷ୍ଟାପରେ ୨୦୧୯ ମସିହା ମାର୍ଚ୍ଚ ମାସ ୧୦ ତାରିଖ ଦିନରୁ ଏଠାରେ ଡାକ୍ତରଖାନା ଆରମ୍ଭ ହୋଇଥିଲା। ଏହା ଠିକ୍ ଭାବରେ କାର୍ଯ୍ୟକ୍ଷମ ହୋଇପାରୁ ନଥିବାରୁ ଉନ୍ନୟନ ପରିଷଦର ପ୍ରୟାସରେ ଏହି ସ୍ୱାସ୍ଥ୍ୟ କେନ୍ଦ୍ରଟି ୨୦୨୨ ମସିହା ସେପ୍ଟେମ୍ବର ମାସ ୨୩ ତାରିଖରୁ ଭୁବନେଶ୍ୱରର ପ୍ରଥମ ସହରାଞ୍ଚଳ ସ୍ୱାସ୍ଥ୍ୟ ଓ ଆରୋଗ୍ୟ କେନ୍ଦ୍ରରେ ପରିଣତ ହେଲା। ସେହିଦିନରୁ ଏଠାରୁ ଡାକ୍ତର, ନର୍ସ ଓ ଫାର୍ମାସିଷ୍ଟ ଙ୍କ ସହିତ ରକ୍ତ ପରୀକ୍ଷା ପାଇଁ ଲାବରେଟୋରୀ, ସବୁ ଦିନିଆ ଯୋଗ ଓ ସବୁ ଦିନିଆ ଫିଜିଓଥେରାପି ଆରମ୍ଭ କରାଗଲା। ଏଥିପାଇଁ କର୍ମଚାରୀ ନିଯୁକ୍ତି ମଧ ପାଇଲେ। କିଛିଦିନ ସବୁ ଠିକଠାକ ଚାଲିବା ପରେ ପ୍ରାୟେ ଦେଢ଼ବର୍ଷ ହେଲା ପ୍ରଥମେ ଏଠାରୁ ଦୁଇ ଜଣ କର୍ମଚାରୀଙ୍କୁ ଛଟାଇ କରାଗଲା। ଫଳରେ ସବୁଦିନ ପାଇଁ ରକ୍ତପରୀକ୍ଷା ଓ ଲାବରେଟୋରୀ ବନ୍ଦ କରାଗଲା। ତେବେ ଚଳିତ ବର୍ଷ ଜାନୁଆରୀ ୧୦ ତାରିଖରୁ ଏଠାରେ ଯୋଗ କେନ୍ଦ୍ର ମଧ ବନ୍ଦ କରାଯାଇଛି। ଫଳରେ ଗତ ୬ମାସ ହେଲା ଯୋଗ ମଣ୍ଡପ ଖାଁ ଖାଁ ପାଲଟିଛି। ଏହାର ପ୍ରତିବାଦରେ ବୀରସୁରେନ୍ଦ୍ର ସାଏ ନଗର ବାସୀଙ୍କ ପକ୍ଷରୁ ଯୋଗ ଦିବସ ଅବସରରେ ଏକ ଗଣଧାରଣା ଅନୁଷ୍ଠିତ ହେବ ବୋଲି ଉନ୍ନୟନ ପରିଷଦର ସାଧାରଣ ସମ୍ପାଦକ ଦିଲ୍ଲୀପ ଦାଶଶର୍ମା କହିଛନ୍ତି।

# ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ଯୋଗ ଦିବସ



ଭୁବନେଶ୍ୱର, ୨୦।୬(ସମିସ): ପାତ୍ରପଡ଼ା ଭଗବାନପୁର ସରକାରୀ ଉଚ୍ଚ ବିଦ୍ୟାଳୟରେ ୧୨ତମ ଆନ୍ତର୍ଜାତିକ ଯୋଗ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ସେଠ ମାଝୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପାତ୍ରପଡ଼ା ଯୋଗ ସାଧନା କେନ୍ଦ୍ରର ସାଧକ ସାଧିକାମାନଙ୍କ ଦ୍ୱାରା ଛାତ୍ରଛାତ୍ରୀ ମାନଙ୍କୁ ବିଭିନ୍ନ ପ୍ରକାରର ସୂକ୍ଷ୍ମ କ୍ରିୟା, ଆସନ ଓ ପ୍ରାଣାୟାମ କରିବାର ଶୈଳୀ ପ୍ରଦର୍ଶିତ ହୋଇଥିଲା। ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ପଞ୍ଚସଖା ଶିକ୍ଷା ସେତୁ ସଭାପତି ରବୀନ୍ଦ୍ର ନାଥ ସାହୁ, ମୁଖ୍ୟବକ୍ତା ଭାବେ ପାତ୍ରପଡ଼ା ଯୋଗ ସାଧନା କେନ୍ଦ୍ରର ଯୋଗ ଗୁରୁ ପ୍ରତାପ ଚନ୍ଦ୍ର ମହାପାତ୍ର, ଶରତ ଚନ୍ଦ୍ର ପଣ୍ଡାଙ୍କ ବ୍ୟତୀତ ବହୁ ସାଧକ ସାଧିକା ଓ ବିଦ୍ୟାଳୟର ଶିକ୍ଷକ ଶିକ୍ଷୟତ୍ରୀ ମାନେ ଉପସ୍ଥିତ ଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ଅଲିଭା ତ୍ରିପାଠୀ ଧନ୍ୟବାଦ୍ ଦେଇଥିଲେ।

# ମାଡ଼ ମାରି ମୋବାଇଲ୍ ଲୁଟ୍; ଜଣେ ଗିରଫ

ଭୁବନେଶ୍ୱର, ୨୦।୬ (ସମିସ): ମାଡ଼ ମାରି ମୋବାଇଲ୍ ଲୁଟ୍ କରିଥିବା ଅଭିଯୋଗରେ ଜଣଙ୍କୁ ଗିରଫ କରିଛି ମୈତ୍ରୀ ବିହାର ଥାନା ପୁଲିସ। ଗିରଫ ଅଭିଯୁକ୍ତ ହେଉଛି ସାଲିଆ ସାହିର ତପୁ ଓରଫ୍ ରାଜେଶ ବେହେରା (୨୮)। ପୁଲିସ ସୂଚନା ଅନୁଯାୟୀ, ଶ୍ରୀରାମ ନଗରର ଟୁକୁନା ମଲ୍ଲିକ ଗତକାଲି ସନ୍ଧ୍ୟାରେ ଖାଇବା ଆଣିବା ଲାଗି ମୁଣ୍ଡାସାହି ଛକ ଅଭିମୁଖେ ଯାଉଥିଲେ। ସେ ଦାଶରଥି ଆପାର୍ଟମେଣ୍ଟ ନିକଟରେ ପାଇଥିବା ବେଳେ ତପୁ ହଠାତ୍ ତାଙ୍କୁ ଅଟକାଇବା ସହ ପଛ ପାଖରୁ ତାଙ୍କ ବେକକୁ ଚିପି ଧରି ପାଖରେ ଥିବା ଟଙ୍କା ଦେଇ ଦେବାକୁ କହିଥିଲା। ଟୁକୁନା ତାଙ୍କ କଥାରେ ରାଜି ନହେବାରୁ ତପୁ ତାଙ୍କୁ ମାଡ ମାରି ମୋବାଇଲ ଫୋନ ଛଡାଇ ନେବା ସହ ଜୀବନରୁ ମାରିଦେବାକୁ ଧମକ ଦେଇଥିଲା। ଟୁକୁନା ଏନେଇ ମୈତ୍ରୀ ବିହାର ଥାନାରେ ଏତଲା ଦେବାପରେ ପୁଲିସ ମାମଲା ରୁଜୁ କରିଥିଲା। ଆଜି ସାଲିଆ ସାହି ସ୍ଥିତ ବଲ୍ ପଡ଼ିଆ ନିକଟରୁ କାବୁ କରିବା ସହ ତା' ଠାରୁ ଲୁଟ୍ ମୋବାଇଲ ଫୋନକୁ ଜବତ କରିଥିଲା।

# ୨୯୧ତମ 'ମିଟ୍ ଦ ଆର୍ଟିଷ୍ଟ'



ଭୁବନେଶ୍ୱର, ୨୦।୬(ସମିସ): ଜେଡିସିଏ ବହୁବର୍ଷ ଧରି କଳା ଓ କଳାକାରମାନଙ୍କ ପାଇଁ ବର୍ଷର ବିଭିନ୍ନ ସମୟରେ କାର୍ଯ୍ୟକ୍ରମମାନ ଆୟୋଜନ କରିଥାଏ। ଏହି ବିଭିନ୍ନ କାର୍ଯ୍ୟକ୍ରମ ମାନଙ୍କ ମଧ୍ୟରୁ 'ମିଟ୍ ଦ ଆର୍ଟିଷ୍ଟ' କାର୍ଯ୍ୟକ୍ରମ ଅନ୍ୟତମ। କଳାକାରମାନଙ୍କ ସଙ୍ଗେ 'ମିଟ୍ ଦ ଆର୍ଟିଷ୍ଟ' ୨୯୧ତମ କାର୍ଯ୍ୟକ୍ରମ ଶନିବାର ଏହାର କାର୍ଯ୍ୟାଳୟ ଏ୭୦ ଭି.ଆଇ.ପି କଲୋନୀ ନୟାପଲ୍ଲୀଠାରେ ଅନୁଷ୍ଠିତ ହୋଇଛି। ଏହାର ବିଷୟବସ୍ତୁ 'ଜଣେ କଳାକାର ଭାବେ ମୋର ଯାତ୍ରା' ରହିଥିଲା। ଏଥିରେ କଳାକାର ଡ. ଚକ୍ରଧର ବେହେରା ତାଙ୍କର କଳାକାର ଜୀବନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଆଲୋଚନାରେ ତାଙ୍କର ଆରମ୍ଭରୁ ଆଜି ପର୍ଯ୍ୟନ୍ତ କଳାକାର ଜୀବନର ଯାତ୍ରା ସମ୍ପର୍କରେ ପାୱାର ପଏଣ୍ଟ ମାଧ୍ୟମରେ କଳାକୃତିକୁ ଲୋକମାନଙ୍କ ଆଗରେ ପ୍ରସ୍ତୁତ କରିଥିଲେ। କାର୍ଯ୍ୟକ୍ରମରେ ଜେ.ଡି.ସି.ଏ ତରଫରୁ ଟ୍ରଷ୍ଟି ରାମହରି ଜେନା ତାଙ୍କୁ ସ୍ୱାଗତ କରିଥିଲେ ଏବଂ ଅତିଥିଙ୍କ ସଂକ୍ଷିପ୍ତ ପରିଚୟ ପ୍ରଦାନ କରିଥିଲେ। ପ୍ରସନ୍ନ କୁମାର ପଣ୍ଡା, ବିଶ୍ୱଜିତ ରାଉତ, ବିକାଶ କୁମାର ଡାକୁଆ ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।

# ଶତାବ୍ଦୀର କଳାକାର ପକ୍ଷରୁ 'ଅନ୍ତରଙ୍ଗ'

ଭୁବନେଶ୍ୱର, ୨୦।୬(ସମିସ): ଅଗ୍ରଣୀ ନାଟ୍ୟ ଅନୁଷ୍ଠାନ ଶତାବ୍ଦୀର କଳାକାର ପକ୍ଷରୁ ଏକ 'ଅନ୍ତରଙ୍ଗ'କାର୍ଯ୍ୟକ୍ରମ ଶନିବାର ବିଜୁ ନାଟ୍ୟ କେନ୍ଦ୍ରଠାରେ ଅନୁଷ୍ଠିତ ହୋଇଯାଇଛି। ସଂସ୍କାର ସଭାପତି ଗୌରହରି ଦାସଙ୍କ ସଭାପତିତ୍ୱରେ ଏହି କାର୍ଯ୍ୟକ୍ରମରେ ସାହିତ୍ୟିକ ଡ଼ା. ବିଜୟାନନ୍ଦ ସିଂହ ଯୋଗଦେଇ ତାଙ୍କର ଆମେରିକା ଭ୍ରମଣର ଅନୁଭୂତି ବର୍ଣ୍ଣନା କରିଥିଲେ। ବର୍ତ୍ତମାନ ଆମେରିକାର ଅର୍ଥ, ଶିକ୍ଷା, ସ୍ୱାସ୍ଥ୍ୟ, ପରିବେଶ ସମେତ ଇରାନ୍ ଆମେରିକା ଯୁଦ୍ଧର ପ୍ରଭାବ ଉପରେ ତାଙ୍କର ଅନୁଭୂତି ବଖାଣିଥିଲେ। ଏହି ସଭାରେ ସମ୍ପାଦକ ଧିର ମଲ୍ଲିକ୍, ଓ କାର୍ଯ୍ୟକାରୀ ସଭାପତି ବିଘ୍ନରାଜ ଜେନା ପ୍ରମୁଖ ଡ଼ା. ସିଂହଙ୍କ ସାହିତ୍ୟକ ଗୁଣାବଳୀର ପ୍ରଶଂସା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶିଷ୍ଟ ପ୍ରକାଶକ ବିନୋଦ ତ୍ରିପାଠୀ, ସାହିତ୍ୟକ ଅମିତାଭ ଖିଲାର, ନାଟ୍ୟବିତ୍ ଶତ୍ରୁଘ୍ନ ସାମଲ, ରଞ୍ଜନ ଦାସ, ଡ଼ା ପ୍ରଶାନ୍ତ ବିଶ୍ୱାଳ ଓ ବହୁ ଜଣାଶୁଣା ବକ୍ତିତ୍ୱ ଉପସ୍ଥିତ ରହିଥିଲେ।

# 'ସୁରେନ୍ଦ୍ର ମହାନ୍ତି ଥିଲେ ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିର ତ୍ରିବେଣୀ ସଙ୍ଗମ'



ଭୁବନେଶ୍ୱର, ୨୦।୬(ସମିସ): ସୁରେନ୍ଦ୍ର ମହାନ୍ତି ହେଉଛନ୍ତି ସାହିତ୍ୟ, ସାମ୍ବାଦିକତା ଓ ରାଜନୀତିର ତ୍ରିବେଣୀ ସଙ୍ଗମ। 'ଓଡ଼ିଶା ଲେଖକ ସମବାୟ ସମିତି'ର ମାସିକ ଆଲୋଚନାଚକ୍ରରେ ସୁରେନ୍ଦ୍ର ମହାନ୍ତିଙ୍କ ୧୦୫ତମ ଜନ୍ମତିଥି ଉପଲକ୍ଷେ ସଭାପତି ପୀତବାସ ରାଉତରାୟଙ୍କ ଆୟୋଜିତ ସଭାରେ ବକ୍ତାମାନେ ସୁରେନ୍ଦ୍ର ମହାନ୍ତିଙ୍କ ସାହିତ୍ୟ ଉପରେ ଆଲୋକପାତ କରିଥିଲେ। ସଭାରେ ପଦ୍ମଶ୍ରୀ ଅଶୋକ କୁମାର ମହାପାତ୍ର, ପ୍ରଫେସର ପ୍ରଭାତ କୁମାର ପାଢ଼ୀ, ନିଶାକର ରାଉତ, ମିନତୀ ଷଡ଼ଙ୍ଗୀ, ଡ. ସିଦ୍ଧାର୍ଥ କାନୁନ୍‌ଗୋ, ଗଣେଶ ଚନ୍ଦ୍ର ପଣ୍ଡା, ମନୋଜ କୁମାର ଜେନା, ଅଶୋକ କୁମାର ଦାଶ, ସୁନୀଲ କୁମାର ମହାପାତ୍ର, ଡ. ଆରତି କର, ବିରଜା ଶତପଥୀ, ବୈରାଗୀ ପଟ୍ଟନାୟକ ଓ ସମିତି କୁମାର ରାଉତ ଆଦି ଅଂଶଗ୍ରହଣ କରିଥିଲେ। ସଭା ଆରମ୍ଭରେ ସ୍ୱାଗତ ଭାଷଣ ଦେଇଥିଲେ ପରିଚାଳକ ରମାକାନ୍ତ ମିଶ୍ର ଓ ଧନ୍ୟବାଦ ଅର୍ପଣ କରିଥିଲେ ସମ୍ପାଦକ ସୁକାନ୍ତ ପ୍ରଧାନ। ସଭା ଆରମ୍ଭରୁ ନିଶାକର ରାଉତ ଓ ରମାକାନ୍ତ ମିଶ୍ର ଭକ୍ତି ସଙ୍ଗୀତ ପରିବେଷଣ କରିଥିଲେ।

**● ଜାତୀୟ କଳାକାର ସମ୍ମାନ ୨୦୨୬ ପ୍ରଦାନ ଉତ୍ସବ**

# ଚିନ୍ମୟ କୁମାରଙ୍କୁ 'ନାଟ୍ୟଶାସ୍ତ୍ର ସମ୍ମାନ'



ଭୁବନେଶ୍ୱର, ୨୦।୬(ସମିସ):ଅଖିଳ ଭାରତୀୟ କଳା ଏବଂ ସାଂସ୍କୃତିକ କମିଟି ଅନୁଷ୍ଠାନ ଦ୍ୱାରା ଆୟୋଜିତ 'ଜାତୀୟ କଳାକାର ସମ୍ମାନ ୨୦୨୬' ସ୍ଥାନୀୟ ଜୟଦେବ ଭବନରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଯୁବ କଳାକାର ଚିନ୍ମୟ କୁମାରଙ୍କୁ 'ଜାତୀୟ ନାଟ୍ୟଶାସ୍ତ୍ର ସମ୍ମାନ' ରେ ସମ୍ମାନିତ କରାଯାଇଛି। ଚନ୍ମୟ ଅନେକ ମ୍ୟୁଜିକ ଭିଡିଓ ଯଥା: ତୁ କହିଦେ, ପରୀ ନା ଅପ୍ସରୀ, କାନ୍ଦୁଛି ଆଜି ତୋ କଣ୍ଢେଇ ରାଜା ଇତ୍ୟାଦିରେ ଅଭିନୟ କରିଥିବା ବେଳେ ବିଭିନ୍ନ ମେଗା ଧରବାହିକରେ ଅଭିନୟ କରି ବେଶ ଲୋକପ୍ରିୟତା ହାସଲ କରିଛନ୍ତି।

# ସୋଆ ଆଭିଏସ୍ଏଏଚ୍ ପକ୍ଷରୁ କର୍ମାଭିମୁଖୀ ଆଲୋଚନାଚକ୍ର

ଭୁବନେଶ୍ୱର, ୨୦।୬(ସମିସ): ଶିକ୍ଷା ଅନୁସନ୍ଧାନ (ସୋଆ) ପରିଚାଳିତ ଇନଷ୍ଟିଚ୍ୟୁଟ୍ ଅଫ ଭେଟେରିନାରୀ ସାଇନସେସ୍ ଆଣ୍ଡ ଆନିମଲ ହଜବାଂଡ୍ରି(ଆଭିଏସ୍ଏଏଚ୍)ରେ ପ୍ରାଣୀ ଚିକିତ୍ସା ବିଜ୍ଞାନ ଓ ପ୍ରାଣୀ ପାଳନ ପ୍ରତିଷ୍ଠାନ ବିଭାଗ ପକ୍ଷରୁ ପ୍ରାଣୀ ଚିକିତ୍ସା ସ୍ନାତକ ଛାତ୍ରଛାତ୍ରୀଙ୍କ ନିମନ୍ତେ ଭାରତର କୁକ୍କୁଟ ଏବଂ ଡ଼ାଇରୀ ଶିଳ୍ପରେ ନିଜକୁ ନିୟୋଜିତ କରିବା ନେଇ ରହିଥିବା ବିଭିନ୍ନ ସୁବିଧାସୁଯୋଗ ଉପରେ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବିଶେଷଜ୍ଞ ଭାବେ ମହାରାଷ୍ଟ୍ରର ପୁନେସ୍ଥିତ ଗ୍ରୀନମାଇକ୍ରୋର ସିଇଓ ଡ଼ା. ପ୍ରଦୀପ ପି. ଲିଙ୍ଗେ ପିପିଟି ମାଧ୍ୟମରେ ବିଭିଏସସି ଆଣ୍ଡ ଏଏଚର ସ୍ନାତକ ଡାକ୍ତର ଛାତ୍ରଛାତ୍ରୀଙ୍କ ପାଇଁ ପ୍ରାଇଭେଟ ପ୍ରାକ୍ଟିସ, ଉଦ୍ୟୋଗ ସ୍ଥାପନ, ସରକାରୀ ଚାକିରି, ବ୍ୟବସାୟିକ ଭିତିରେ କୁକୁଟ ଓ ଡ଼ାଇରୀ ଫାର୍ମ ପ୍ରତିଷ୍ଠା, ଦୁଗ୍ଧ ଓ ଦୁଗ୍ଧ ଜାତୀୟ ଏବଂ କୁକ୍କୁଟ ଓ କୁକ୍କୁଟ ଜାତୀୟ ଦ୍ରବ୍ୟର ପ୍ରସ୍ତୁତି ସହିତ ନିରପେକ୍ଷ ବିତରଣ ଆଦି ଦିଗରେ ଆତ୍ମନିର୍ଭରଶୀଳ ହେବା ପାଇଁ ଆଲୋଚନା କରିଥିଲେ। ଏହି କାର୍ଯ୍ୟକ୍ରମରେ ଆଭିଏସ୍ଏଏଚ୍‌ର ଡିନ ପ୍ରଫେସର ଡ଼ା. ସୁଶାନ୍ତ କୁମାର ଦାସ ସଭାପତିତ୍ୱ କରି ଏହି ଆଲୋଚନାଚକ୍ର ଆୟୋଜନର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ଉପରେ ଆଲୋକପାତ କରିଥିଲେ। କୁକ୍କୁଟ ଉତ୍ପାଦନ



ବିଭାଗର ମୁଖ୍ୟ ତଥା ପ୍ରଫେସର ଡ଼ା. ନବ କିଶୋର ପ୍ରହରାଜ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଏହି କାର୍ଯ୍ୟକ୍ରମରେ ଉଭୟ ଛାତ୍ରଛାତ୍ରୀ ଏବଂ ଅଧ୍ୟାପକମାନଙ୍କ ମଧ୍ୟରେ ପାରସ୍ପରିକ ମତ ବିନିମୟ ହୋଇଥିଲା। ସର୍ବଶେଷରେ ଅଣୁ ଜୀବତତ୍ୱ ବିଭାଗର ସହକାରୀ ଅଧ୍ୟାପକ ଡ଼ା. ବୀର କିଶୋର ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ।

# ପିଏମ୍ କିଷାନର ସିଧା ପ୍ରସାରଣ

ଭୁବନେଶ୍ୱର, ୨୦।୬(ସମିସ): ଭାରତୀୟ କୃଷି ଅନୁସନ୍ଧାନ ପରିଷଦ ଅନ୍ତର୍ଗତ ଭାରତୀୟ ଜଳ ପରିଚାଳନା ପ୍ରତିଷ୍ଠାନ ଠାରେ କୃଷକ ମାନଙ୍କ ପାଇଁ ପିଏମ କିଷାନର ୨୩ ତମ କିସ୍ତି ଆବଣ୍ଟନ କାର୍ଯ୍ୟକ୍ରମର ସିଧା ପ୍ରସାରଣ ଆୟୋଜିତ ହୋଇଯାଇଛି। କାର୍ଯ୍ୟକ୍ରମର ଆରମ୍ଭରେ ପ୍ରତିଷ୍ଠାନର କାର୍ଯ୍ୟକାରୀ ନିର୍ଦ୍ଦେଶକ ଡ. ରବୀନ୍ଦ୍ର କୁମାର ପଣ୍ଡା କୃଷକ ମାନଙ୍କୁ ସମ୍ବୋଧନ କରିଥିଲେ। ଏଥି ସହିତ ପ୍ରତିଷ୍ଠାନର ବୈଜ୍ଞାନିକ ଡା. ସଚିନକାନ୍ତ ରାଉତରାୟ, ଡା. କାଳି କିଂକର ବନ୍ଦୋପାଧ୍ୟାୟ, ଡା. ରାଜୀବ କୁମାର ମହାନ୍ତି, ଡା. ସନାତନ ପ୍ରଧାନ ଓ ଡା. ଦେବବ୍ରତ ସେଠୀ କୃଷକମାନଙ୍କୁ ବର୍ତ୍ତମାନର ସାର ଅଭାବ ତଥା ଏଲ ନିନୋ ଜନିତ ମୌସୁମୀ ବର୍ଷାର ଅଭାବକୁ ସମ୍ମୁଖୀନ ହେବା ପାଇଁ କୃଷି ପଦ୍ଧତିର ବିଭିନ୍ନ ଦିଗ ସମ୍ବନ୍ଧରେ ଆଲୋଚନା କରିଥିଲେ। କ୍ଷେତ ବଞ୍ଚାଅ ଅଭିଯାନ ସମ୍ବନ୍ଧରେ ଅବଗତ କରାଇ ଚାଷ ଜମିର ଉର୍ବରତାର ପୁନରୁଦ୍ଧାର କରିବା ପାଇଁ ବିଭିନ୍ନ ପଦ୍ଧତି ଉପରେ ବିସ୍ତୃତ ବର୍ଣ୍ଣନା କରିଥିଲେ। ଧଣିଚା ଚାଷ ଓ ଜୈବିକ ଖତ ବ୍ୟବହାର ସହିତ ପ୍ରାକୃତିକ କୃଷି ଏବଂ ଜୈବିକ କୃଷିକୁ ଅଧିକରୁ ଅଧିକ ଆପଣାଇବାକୁ ଆହ୍ୱାନ ଦେଇଥିଲେ। ଉପସ୍ଥିତ କୃଷକ ମାନେ କୃଷି କ୍ଷେତ୍ରରେ ସମ୍ମୁଖିନ ହେଉଥିବା ବିଭିନ୍ନ ସମସ୍ୟା ଉପରେ ଆଲୋଚନା କରି ସେଗୁଡିକର ନିରାକରଣ ପାଇଁ ଉଦ୍ଦିଷ୍ଟ ବୈଜ୍ଞାନିକ ପଦ୍ଧତି ବିଷୟରେ ଅବଗତ ହୋଇଥିଲେ। ଡା. ସୁମନ୍ତ କୁମାର ମିଶ୍ର, ଡା. ହେମନ୍ତ କୁମର ଦାଶ ଏବଂ ଡା. ଓମ ପ୍ରକାଶ ବର୍ମା ପ୍ରମୁଖ ଏହି କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ।

# ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ବଣ୍ଟନ ଓ ମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକ୍ଷୋଭ

ଭୁବନେଶ୍ୱର, ୨୦।୬(ସମିସ)

ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଶହଶହ କୋଟି ଟଙ୍କା ଖର୍ଚ୍ଚ କରି ବାହାର ରାଜ୍ୟରେ ପିଲାଙ୍କ ବହି ଛପାଗଲା। ବହିରେ ହଜାର ହଜାର ଭୁଲ୍ ମୁଦ୍ରଣ ଓ ଭୁଲ୍ ବହିକୁ ପୁନଃ ମୁଦ୍ରଣ ନ କରି ପିଲାଙ୍କୁ ଓ ଶିକ୍ଷକଙ୍କୁ ନିଜେ ସଂଶୋଧନ କରି ପାଠ ପଢ଼ିବାକୁ ଓ ପଢ଼େଇବାକୁ କହିବା ଗୋଟିଏ ଦାୟିତ୍ୱହୀନ ଅପାରଗତା। ଏହି କ୍ରମରେ ଶିକ୍ଷାମନ୍ତ୍ରୀଙ୍କ ବହିଷ୍କାର ଦାବିରେ ବିକେଏମ୍ୟୁ ପକ୍ଷରୁ ରାଜ୍ୟ ସମ୍ପାଦକ ସୁର ଜେନାଙ୍କ ନେତୃତ୍ୱରେ ମାଷ୍ଟରକ୍ୟାଣ୍ଟିନ୍ ଠାରେ ରାସ୍ତାରୋକୋ ଓ ବିକ୍ଷୋଭ ଅନୁଷ୍ଠିତ ହୋଇଯାଇଛି। ଭଗବତୀ ଭବନଠାରୁ ଶତାଧିକ ଭାରତୀୟ କ୍ଷେତ ମଜଦୂର ୟୁନିୟନ (ବିକେଏମ୍ୟୁ) କର୍ମୀ ହାତରେ ପ୍ଲାକାର୍ଡ, ବ୍ୟାନର ସହ ବିଭିନ୍ନ ସ୍ଲୋଗାନ ଦେଇ ରାଜମହଲ ଛକଠାରେ ପହଞ୍ଚି ରାସ୍ତାରୋକୋ ଓ ବିକ୍ଷୋଭ କରିଥିଲେ। ଉପସ୍ଥିତ ଜନସାଧାରଣ ଓ ବିକ୍ଷୋଭକାରୀଙ୍କୁ ଉଦ୍‌ବୋଧନ ଦେଇ ବିକେଏମ୍ୟୁ ରାଜ୍ୟ ସମ୍ପାଦକ ସୁର ଜେନା କହିଲେ ଯେ ଆମ ରାଜ୍ୟରେ ସରକାରୀ ପ୍ରେସ୍ ଥିବାବେଳେ ଶହଶହ କୋଟି ଟଙ୍କା ଖର୍ଚ୍ଚ କରି ବାହାର ରାଜ୍ୟରେ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ମୁଦ୍ରଣ କରି ଦୁଇ ହଜାରରୁ ଉର୍ଦ୍ଧ୍ୱ ଶବ୍ଦ, ଭାଷା ଓ ଚିତ୍ର ଭୁଲ ମୁଦ୍ରଣ କରି ପିଲାଙ୍କୁ ଓ ଶିକ୍ଷକଙ୍କୁ ନିଜେ ସଂଶୋଧନ କରି ପଢ଼ିବା




ଓ ପଢ଼ାଇବା କହି ସରକାର ନିଜ ଦାୟିତ୍ୱରୁ ଖସିଯିବା ସହ ପିଲା, ଅଭିଭାବକ ସହ ସମଗ୍ର ଶିକ୍ଷକ ସମାଜ ଓ ରାଜ୍ୟ ଚିନ୍ତାରେ ଥିବାବେଳେ ମୁଖ୍ୟମନ୍ତ୍ରୀ ଓ ପ୍ରଶାସନ ମଉଜରେ ବ୍ୟସ୍ତ ଅଛନ୍ତି। ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ପରିଷଦ ଏହି ଭୁଲ୍ ବହିକୁ କାର୍ଯ୍ୟକାରୀ କରିବା ପାଇଁ ଶିକ୍ଷା ଅଧିକାରୀଙ୍କୁ ନିର୍ଦ୍ଦେଶ ଦେବା ତାଲିବାନୀ ଶିକ୍ଷା ବ୍ୟବସ୍ଥା ସହ ତୁଳନା କରି ତୀବ୍ର ସମାଲୋଚନା କରିଥିଲେ। ଓଡ଼ିଶାର ଐତିହ୍ୟ, ଇତିହାସ, ପରମ୍ପରାକୁ ବିଶ୍ୱ ଦରବାରରୁ ବହୁ ଗୁଣି, ବୁଦ୍ଧିଜୀବୀ, ଜ୍ଞାନୀ ଗବେଷକ ଗବେଷଣା ପାଇଁ ଆମ ରାଜ୍ୟକୁ ଆସୁଥିବାବେଳେ ରାଜ୍ୟ ସରକାରଙ୍କ ଏଭଳି ମୁଦ୍ରଣ ରାଜ୍ୟର ସମ୍ମାନକୁ କ୍ଷୁଣ୍ଣ କରିଛି। ତୁରନ୍ତ ରାଜ୍ୟ ସରକାର ରାଜ୍ୟ ଶିକ୍ଷା ଗବେଷଣା ଓ ପ୍ରଶିକ୍ଷଣ ବୋର୍ଡରେ ଶିକ୍ଷିତ, ଜ୍ଞାନି ଓ ବୁଦ୍ଧିଜୀବୀମାନଙ୍କୁ ନେବା, ତ୍ରୁଟିଥିବା ବହିକୁ ବାତିଲ୍ କରି ନୂତନ ବହି ମୁଦ୍ରଣ କରି ପିଲାଙ୍କୁ ବାଣ୍ଟିବା, ଦାୟୀ ବ୍ୟକ୍ତିବିଶେଷଙ୍କୁ ଦଣ୍ଡଦେବା ସହ ଖର୍ଚ୍ଚ ହୋଇଥିବା ଶହଶହ କୋଟି ଟଙ୍କାକୁ ସେମାନଙ୍କଠାରୁ ଭରଣା କରି, ଏଭଳି ଜଣେ ଦାୟିତ୍ୱହୀନ ଦୁର୍ବଳ ସମ୍ପନ୍ନ ଶିକ୍ଷା ମନ୍ତ୍ରୀଙ୍କୁ ତୁରନ୍ତ ବହିଷ୍କାର କରିବା, କୋମଳମତି ପିଲାଙ୍କ ଭବିଷ୍ୟତ ସହ ନଖେଳିବା ପାଇଁ ଆହ୍ୱାନ ଦେଇଥିଲେ। ଏହି ବିକ୍ଷୋଭ ଓ ରାସ୍ତାରୋକୋରେ ଅନ୍ୟମାନଙ୍କ ମଧ୍ୟରେ ସିପିଆଇ ରାଜ୍ୟ ସହ ସମ୍ପାଦକ ଜୟନ୍ତ ଦାସ, ବିଜେଏମ୍ୟୁ ରାଜ୍ୟ ସହ ସମ୍ପାଦକ ଶଙ୍କର୍ଷଣ ବାରିକ, ଜୋନ୍ ସମ୍ପାଦକ କୈଳାସ ପୁହାଣ, ସର୍ବେଶ୍ୱର ମାର୍ଥା, ଶରତ ସ୍ୱାଇଁ, ଅଭୟ ବାରିକ, ରଘୁନାଥ ନାୟକ, ଅଶୋକ ବାରିକ ପ୍ରମୁଖ ଅଂଶଗ୍ରହଣ କରିଥିଲେ।

# କଟକ ସିଟି





## ■ ଚାକିରିର ଶେଷ ସମୟରେ ବଦଳି ଆଦେଶକୁ ଚ୍ୟାଲେଞ୍ଜ
## ସ୍ଥିତାବସ୍ଥା ବଜାୟ ରଖିବାକୁ ହାଇକୋର୍ଟଙ୍କ ନିର୍ଦ୍ଦେଶ

କଟକ, ୨୦।୬(ସମିସ): ଚାକିରିରୁ ଅବସର ସମୟ ନିକଟତର ହୋଇଥିବା ବେଳେ ଜଣେ ସରକାରୀ କର୍ମଚାରୀଙ୍କ ବଦଳି ଆଦେଶ ଉପରେ ଓଡ଼ିଶା ହାଇକୋର୍ଟ ସ୍ଥିତାବସ୍ଥା ବଜାୟ ରଖିବାକୁ ଗୁରୁତ୍ୱପୂର୍ଣ୍ଣ ନିର୍ଦ୍ଦେଶ ଦେଇଛନ୍ତି। ସମବାୟ ସମିତିର ମୁଖ୍ୟ ନିବନ୍ଧକଙ୍କୁ ଆବେଦନକାରୀଙ୍କ ଆପତ୍ତି ଅଭିଯୋଗ ଉପରେ ଆସନ୍ତା ୩ସପ୍ତାହ ମଧ୍ୟରେ ଆଇନଗତ ନିଷ୍ପତ୍ତି ନେବାକୁ ନିର୍ଦ୍ଦେଶ ଦିଆଯାଇଛି। ଏହି ସମୟ ମଧ୍ୟରେ ବଦଳି ଆଦେଶ ଉପରେ ସ୍ଥିତାବସ୍ଥା ବଜାୟ ରହିବ, ଯଦ୍ୱାରା ଆବେଦନକାରୀ ନିଜ ବର୍ତ୍ତମାନର ପଦରେ କାର୍ଯ୍ୟ ଜାରି ରଖିପାରିବେ ବୋଲି ହାଇକୋର୍ଟ ସ୍ପଷ୍ଟ କରିଛନ୍ତି। କୈଳାସଚନ୍ଦ୍ର ନାୟକଙ୍କ ଆବେଦନର ଶୁଣାଣି କରି ଜଷ୍ଟିସ ବିରଜା ପ୍ରସନ୍ନ ଶତପଥୀ ଏପରି ନିର୍ଦ୍ଦେଶ ପ୍ରଦାନ କରିଛନ୍ତି। ମାମଲାରୁ ପ୍ରକାଶ ଯେ କେନ୍ଦୁଝର ଜିଲ୍ଲା ଆନନ୍ଦପୁର ସମବାୟ ସମିତି ଉପସହକାରୀ ନିବନ୍ଧକ ଭାବେ କାର୍ଯ୍ୟରତ କୈଳାସଚନ୍ଦ୍ର ନାୟକଙ୍କୁ ଗତ ଜୁନ ୧୨ ତାରିଖରେ ଆନନ୍ଦପୁର କାର୍ଯ୍ୟାଳୟରୁ ରାଇରଙ୍ଗପୁରକୁ ବଦଳି କରାଯାଇଥିଲା। ଶ୍ରୀ ନାୟକ ଆସନ୍ତା ୨୦୨୭ ମେ ୩୧ରେ ଚାକିରିରୁ ଅବସର ଗ୍ରହଣ କରିବାକୁ ଥିବାରୁ ଶେଷ ସମୟରେ ତାଙ୍କୁ ଦୂର ସ୍ଥାନକୁ ବଦଳି କରାଯିବା ନିୟମ ବିରୋଧୀ ବୋଲି ଦର୍ଶାଯାଇଥିଲା। ସାଧାରଣ ପ୍ରଶାସନ ଓ ଅଭିଯୋଗ ବିଭାଗର ନିୟମାବଳୀକୁ ଉଲ୍ଲଂଘନ କରି କରାଯାଇଥିବା ଏହି ବଦଳି ଆଦେଶକୁ ଚ୍ୟାଲେଞ୍ଜ କରି ଶ୍ରୀ ନାୟକ ହାଇକୋର୍ଟଙ୍କ ଦ୍ୱାରସ୍ଥ ହୋଇଥିଲେ।

## ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ




କଟକ,୨୦।୬(ସମିସ): ବାରବାଟୀ-କଟକ ବିଧାନସଭା ନିର୍ବାଚନମଣ୍ଡଳୀ ଉନ୍ନୟନ କମିଟି ବୈଠକ ଆଜି ପୂର୍ବାହ୍ନରେ ବିଧାୟିକା ଇଂ ସୋଫିଆ ଫିରଦୋସଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ପୂର୍ବ ଅନୁମୋଦିତ କାର୍ଯ୍ୟ ସମ୍ପର୍କରେ ଗ୍ରହଣ କରାଯାଇଥିବା କାର୍ଯ୍ୟାନୁଷ୍ଠାନର ସମୀକ୍ଷା କରାଯାଇଥିଲା। କଟକ ରିଙ୍ଗ ରୋଡ, ଚଣ୍ଡୀ ମନ୍ଦିର, ଚହଟାଠାରୁ ମଧୁସୂଦନ ସେତୁ, ରେଭେନ୍ସା ବାଳିକା ବିଦ୍ୟାଳୟ, ରୂପା ତାରକସି ହବ୍ ଭଳି ଗୁରୁତ୍ୱପୂର୍ଣ୍ଣ ପ୍ରକଳ୍ପ ସମ୍ପର୍କରେ ଆଲୋଚନା କରାଯାଇଥିଲା। ଶିଶୁଭବନର ଉନ୍ନତୀକରଣ, ଅଗ୍ନି ନିରାପତ୍ତା ବ୍ୟବସ୍ଥା ସୁଦୃଢ଼ କରିବା, ଡାକ୍ତରଖାନାରେ ଛୁଟିଦିନଗୁଡିକରେ କିଭଳି ରୋଗୀସେବା ବାଧାପ୍ରାପ୍ତ ନ ହେବ ଏବଂ ବେଆଇନ କାର୍ଯ୍ୟ କରୁଥିବା ବ୍ୟକ୍ତିଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଉପସ୍ଥିତ ସ୍ୱାସ୍ଥ୍ୟ ଅଧିକାରୀଙ୍କୁ କହିଥିଲେ ବିଧାୟିକା। ଡ୍ରେନେଜ ନବୀକରଣ ଓ ଡ୍ରେନେଜ ଅବ୍ୟବସ୍ଥା ଯୋଗୁଁ ସୃଷ୍ଟି ହେଉଥିବା କୃତ୍ରିମ ବନ୍ୟାର କିଭଳି ତୁରନ୍ତ ସମାଧାନ ହୋଇପାରିବ ସେ ଦିଗରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ସେ ସମ୍ପୃକ୍ତ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ବୈଠକରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ, ଜିଲ୍ଲା ପରିଷଦ ପ୍ରଶାନ୍ତ କୁମାର ନାୟକ, ଅତିରିକ୍ତ ଜିଲ୍ଲାପାଳ ଡଃ ଇପ୍ସିତା ପ୍ରିୟଦର୍ଶିନୀ ମିଶ୍ର, କଟକ ମହାନଗର ନିଗମ ଅତିରିକ୍ତ ଆୟୁକ୍ତ ସୋନା ଟୁଡୁ, ଯୋଜନା ଓ ସଂଯୋଜନା ବିଭାଗର ଅତିରିକ୍ତ ନିର୍ଦ୍ଦେଶକ ସଂଗୀତା ସାହୁ ଏବଂ ଉପନିର୍ଦ୍ଦେଶକ ବିଶ୍ୱରଞ୍ଜନ ଦାଶଙ୍କ ସମେତ ଅନ୍ୟାନ୍ୟ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

## ଓଡ଼ିଶା ଶିଳ୍ପସଂଘରେ ହେବ ବିଆଇଏସ୍‌ର ଟେଷ୍ଟିଙ୍ଗ୍ ଲାବ୍




କଟକ,୨୦।୬(ସମିସ): କେନ୍ଦ୍ର ସରକାରଙ୍କ ଏମ୍‌ଏସଏମଇ ଡିଏଫ୍‌ଓ ବିଆଇଏସର ମିଳିତ ସହଯୋଗରେ ଗୁଣବତ୍ତା ସମ୍ପର୍କିତ ଏକ କର୍ମଶାଳା ଓଡ଼ିଶା ଶିଳ୍ପ ସଂଘ ସଭା ଗୃହରେ ଆୟୋଜିତ ହୋଇଯାଇଛି। ଶିଳ୍ପ ସଂଘର ଅଧ୍ୟକ୍ଷ ଅବନି କାନୁନଗୋ ଏଥିରେ ଅଧ୍ୟକ୍ଷତା କରିଥିଲେ। ଭରତ ସରକାରଙ୍କ ଏମ୍‌ଏସଏମଇ ଡିଏଫ୍‌ଓର ଓଡ଼ିଶା ଡିରେକ୍ଟର ପି କେ ଗୁପ୍ତା ମୁଖ୍ୟଅତିଥି ଭାବରେ ଯୋଗଦେଇ କ୍ଷୁଦ୍ର ଶିଳ୍ପରେ ଗୁଣବତ୍ତାର ମାନଙ୍କ ବଜାୟ ରଖିବାର ଆବଶ୍ୟକତା ସମ୍ପର୍କରେ ଆଲୋକପାତ କରିଥିଲେ। ସେଥିପାଇଁ ଆବଶ୍ୟକ ସମସ୍ତ ସହଯୋଗ ପ୍ରଦାନ କରିବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। ସିନିୟର୍ ଡାଇରେକ୍ଟର ସୁଦୀପ ବସୁ, ଡାଇରେକ୍ଟର ଅକ୍ଷୟ କୁମାର ପୁରୋହିତ ଜିନିଷର ଗୁଣବତ୍ତା ନିୟନ୍ତ୍ରଣ ରଖିବାରେ ସରକାରଙ୍କ ତରଫରୁ ସମସ୍ତ ସହଯୋଗ ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଥିଲେ। ଏହି ସଭାରେ ୫ ରୁ ଅଧିକ ଶିଳ୍ପଦ୍ୟୋଗୀ ଏବଂ କଟକସ୍ଥିତ ଅନ୍ୟ ଶିଳ୍ପ ସଂଘର କର୍ମକର୍ତ୍ତାମାନେ ଯୋଗ ଦେଇଥିଲେ। ଶିଳ୍ପ ସଂଘର ପୂର୍ବତନ ସମ୍ପାଦକ ଗୌର ଗୋପାଳ ସେନ୍ ମଞ୍ଚ ପରିଚାଳନା କରିଥିଲେ। ଓଡ଼ିଶା ଶିଳ୍ପ ସଂଘର ସଭାପତି ରାଜେଶ କାନୁନଗୋ ଧନ୍ୟବାଦ ଅର୍ପଣ କରିବା ସହିତ ଉତ୍ପାଦିତ ସାମଗ୍ରୀର ଉନ୍ନତ ଗୁଣବତ୍ତା ହିଁ ଭାରତକୁ ବିଶ୍ୱ ବଜାରରେ ଅଗ୍ରଣୀ କରିପାରିବ ବୋଲି କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଉପସଭାପତି ବିନୋଦ ଭୂତ୍, ସମ୍ପାଦକ ଦେବେନ୍ଦ୍ର ଶର୍ମା, ଶୁଭ୍ରକାନ୍ତ ପଣ୍ଡା, ଅଜୟ ପଣ୍ଡା, ଅଶୋକ ସାହୁ, ରମାବଲ୍ଲଭ ନାୟକ, ବିପିନ ଦଣ୍ଡପାଟ, ପ୍ରଶାନ୍ତ ମହାପାତ୍ର, ଅରୁଣ ବାଗେଡିଆ, ସୁଧାକର ସ୍ୱାଇଁ, ଶାଶ୍ୱତ ଜେନା, ଅକ୍ଷୟ ଜେନା, ପ୍ରିୟରଞ୍ଜନ ମହାନ୍ତି, ନିହାର କୁମାର ଭୂୟାଁ, ଅନିଲ ଜୈନ, ସୁଶାନ୍ତ କୁମାର ମଲ୍ଲିକ, ଅଭିଲାଷ ଦାସ ପ୍ରମୁଖ ଯୋଗ ଦେଇଥିଲେ।

**ଏମ୍‌ଏସ୍‌ଏମ୍‌ଇ ଡିଏଫ୍‌ଓ ଏବଂ ବିଆଇଏସ୍ ସହଯୋଗରେ ଗୁଣବତ୍ତା କର୍ମଶାଳା**

## କଟକ ସହରର ଜଳବନ୍ଦୀ ସମସ୍ୟା
## ଅପେକ୍ଷାରେ ୫୦୦ କୋଟି ଟଙ୍କାର ନୂତନ ଡ୍ରେନେଜ୍




କଟକ,୨୦।୬(ସମିସ): ଅସରାଏ ବଡ଼ ବର୍ଷା ହେଲେ କଟକ ସହର ଜଳମଗ୍ନ ହୋଇପଡୁଛି। ଏପରିକି ଗତକାଲିର ମାତ୍ର ଘଣ୍ଟାଏ ବର୍ଷାରେ ସହରର ୮୦ ଭାଗ ଅଞ୍ଚଳ ଜଳମଗ୍ନ ହୋଇପଡିବା ସହରର ବର୍ଷା ଜଳ ନିଷ୍କାସନ ବ୍ୟବସ୍ଥା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଛି। ମୋଟର ପମ୍ପ ଲଗାଯାଇ ଅସ୍ଥାୟୀ ବ୍ୟବସ୍ଥା ଦ୍ୱାରା ଏହାର ନିରାକରଣ ମଧ୍ୟ ସଠିକ ଢଙ୍ଗରେ କରାଯାଉନଥିବା କାରଣରୁ ଲୋକେ ନାହିଁନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସହରରେ ଉଦବୃତ୍ତ ବର୍ଷା ଜଳ ନିଷ୍କାସନ ପାଇଁ ଗତ ଦୁଇ ବର୍ଷ ପୂର୍ବରୁ କରାଯାଇଥିବା ମାଷ୍ଟରପ୍ଲାନ ବିଭିନ୍ନ ସମୟରେ ପରିବର୍ତ୍ତନ ହୋଇ ନିକଟରେ ଚୂଡାନ୍ତ ହୋଇସାରିଛି। ହାଇକୋର୍ଟ ଏହି ପ୍ରସଙ୍ଗକୁ ମଧ୍ୟ ଗୁରୁତ୍ୱର ସହ ଗ୍ରହଣ କରି ଶୁଣାଣି କରିଆସୁଛନ୍ତି। ଏପରିକି ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ସିଏମସି ପରିବର୍ତ୍ତେ ୱାଟକୋ ତଦାରଖରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବା ପାଇଁ ସ୍ଥିର ହୋଇଥିଲା। ଭୁବନେଶ୍ୱର ଆଇଆଇଟି ପକ୍ଷରୁ ଚୂଡାନ୍ତ ଡିପିଆର ପ୍ରସ୍ତୁତ କରାଯାଇ ୱାଟକୋକୁ ଦିଆଯାଇଛି। ପ୍ରଥମେ ୩୩୫କୋଟି ୪୨ଲକ୍ଷ ଟଙ୍କାରେ ୫ଗୋଟି ବିଏସଡବ୍ଲୁସି (ବ୍ରାଞ୍ଚ ଷ୍ଟର୍ମ ୱାଟର ଚାନେଲ) ପାଇଁ ଡିପିଆର ପ୍ରସ୍ତୁତ କରାଯିବ ବୋଲି କୁହାଯାଇଥିବା ବେଳେ ଏବେ ପ୍ରାୟ ୫୦୦କୋଟି ଟଙ୍କାରେ ଏହାର ଡିପିଆର ପ୍ରସ୍ତୁତ କରାଯାଇଥିବା ଜଣାପଡିଛି। ଏହି ୫ଟି ଶାଖା ଡ୍ରେନ ନିର୍ମାଣ କରାଗଲେ ଆଉ ଜଳବନ୍ଦୀ ସମସ୍ୟା ରହିବ ନାହିଁ ବୋଲି କୁହାଯାଉଛି। ମିଳିଥିବା ସୂଚନାନୁସାରେ, ମେହିନ୍ଦପିର ଠାରୁ ଖଟବିନ ସାହି ପର୍ଯ୍ୟନ୍ତ ୧୩୦୫ମିଟର ଦୀର୍ଘ ଡ୍ରେନ, ଫ୍ରେଣ୍ଡସକଲୋନୀରୁ ବଜ୍ରକବାଟୀ ରୋଡ ୭୧୬ମିଟର, କଟକ ଗ୍ରାମାଞ୍ଚଳ ଏସପି ଅଫିସରୁ ସେମିନାରୀ ଛକ-ରାଉସାପାଟଣା ପର୍ଯ୍ୟନ୍ତ ୨୯୦୦ମିଟର, ପୁରୀଘାଟର ତ୍ରିଶା ହସପିଟାଲରୁ ବଜ୍ରକବାଟୀ ପର୍ଯ୍ୟନ୍ତ ୨୪୨୨ମିଟର ଓ ମାତୃଭବନ ନିକଟରୁ ଖାନନଗର ପର୍ଯ୍ୟନ୍ତ ସଂଯୋଗ କରୁଥିବା ୧୩୦୦ମିଟର ଶାଖା ଡ୍ରେନ ନିର୍ମାଣରେ ଏହି ଅର୍ଥ ରାଶି ଖର୍ଚ୍ଚ କରାଯିବ। ଟେଣ୍ଡର ଆହ୍ୱାନ ସହ କାର୍ଯ୍ୟାଦେଶ ପ୍ରଦାନ କରାଗଲେ ପ୍ରକଳ୍ପ କାର୍ଯ୍ୟ ଆରମ୍ଭ ହୋଇପାରିବ ବୋଲି ବିଭାଗୀୟ ଅଧିକାରୀ କହିଛନ୍ତି। ବର୍ଷା ଜଳ ପାଇଁ ଅନେକ ସମୟରେ ସହର ଜଳବନ୍ଦୀ ହୋଇପଡିଥାଏ ଓ ଏହାର ପ୍ରତିକାର ପାଇଁ କୋଟି କୋଟି ଟଙ୍କା ଏଥିପାଇଁ ପ୍ରତିବର୍ଷ ଖର୍ଚ୍ଚ ହେଉଛି।

ପ୍ରକାଶଥାଉକି, ଗତ ୨୦୨୩ ଡିସେମ୍ବର ୭ରେ ଇଆଇସି ତଥା ନଗର ଉନ୍ନୟନ ବିଭାଗ ଅତିରିକ୍ତ ସଚିବଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକରେ ଉପରୋକ୍ତ ମାଷ୍ଟରପ୍ଲାନ ସମ୍ପର୍କରେ ସିଏମସି ନିକଟରୁ ଡିପିଆର ଆହ୍ୱାନ କରାଯାଇଥିଲା। ସିଏମସି ପକ୍ଷରୁ ଯେଉଁ ଡିପିଆର ଦିଆଯାଇଥିଲା ସେଥିରେ ତ୍ରୁଟିବିଚ୍ୟୁତି ଥିବା ପରିଲକ୍ଷିତ ହୋଇଥିଲା। ଏହା ଠିକ ଭାବେ ପ୍ରସ୍ତୁତ ହୋଇନଥିବା ତଥା ପ୍ରସ୍ତୁତକାରୀ ଅଧିକାରୀଙ୍କ ନାମ ନ ଥିବା ନେଇ ଏହାକୁ ବିଭାଗ ଫେରାଇ ଦେଇଥିଲା। ପରେ ଭିଜନ ଟେକ କନସଲଟାନ୍ସି ଲିମିଟେଡକୁ ଏହି ଡିପିଆର

### ୫ଟି ଶାଖା ଡ୍ରେନ୍‌ର ଡିଜାଇନ ପ୍ରସ୍ତୁତ କରିଛି ଆଇଆଇଟି

ପ୍ରସ୍ତୁତ ପାଇଁ ଦାୟିତ୍ୱ ଦିଆଯାଇଥିଲା। ହେଲେ ହାଇକୋର୍ଟଙ୍କ ହସ୍ତକ୍ଷେପ ପରେ ଏହାକୁ ଭୁବନେଶ୍ୱର ଆଇଆଇଟି ଦ୍ୱାରା ଅଧିକ ଅନୁଧ୍ୟାନ ସହ ସିଏମସି ବଦଳରେ ୱାଟକୋକୁ କାର୍ଯ୍ୟ ସମ୍ପାଦନ ଦାୟିତ୍ୱ ଦିଆଯାଇଥିଲା। ତେବେ ଏହି ସମସ୍ତ ପ୍ରକଳ୍ପ କାମ ପାଇଁ କେବେ ଅର୍ଥ ମଞ୍ଜୁର ହେବା ସହ ଟେଣ୍ଡର ଚୂଡାନ୍ତ ହୋଇ କାର୍ଯ୍ୟ ଆରମ୍ଭ ହେଉଛି ତାହା ଦେଖିବାକୁ ବାକି ରହିଛି।

## ନିଟ୍ ପରୀକ୍ଷା ପାଇଁ ଚୂଡ଼ାନ୍ତ ପ୍ରସ୍ତୁତି
## ସ୍ୱଚ୍ଛ ଓ ଶୃଙ୍ଖଳିତ ପରିଚାଳନା ପାଇଁ ପ୍ରଶାସନ ତୟାର୍



କଟକ,୨୦।୬(ସମିସ): ରାତି ପାହିଲେ ଦେଶ ତଥା ରାଜ୍ୟର ସବୁଠାରୁ ବଡ଼ ମେଡିକାଲ ପ୍ରବେଶିକା ପରୀକ୍ଷା 'ନୀଟ୍' (ଜାତୀୟ ଯୋଗ୍ୟତା ଭିତ୍ତିକ ପ୍ରବେଶିକା ପରୀକ୍ଷା) ଅନୁଷ୍ଠିତ ହେବ। ଜିଲ୍ଲାପାଳ ଦତ୍ତାତ୍ରୟ ଭାଉ ସାହେବ ଶିନ୍ଦେ ଉପସ୍ଥିତ ରହି ଯାଞ୍ଚ କରିଛନ୍ତି। ନୀଟ୍ ଗାଇଡ୍‌ଲାଇନ୍ ଅନୁଯାୟୀ, ପରୀକ୍ଷା ଦିନ ୨ଟାରୁ ଆରମ୍ଭ ହୋଇ ଅପରାହ୍ନ ୫ଟା ୧୫ ପର୍ଯ୍ୟନ୍ତ ଚାଲିବ। ତେବେ ପରୀକ୍ଷାର୍ଥୀଙ୍କ ଭିଡ଼ ଏବଂ କଡ଼ା ଯାଞ୍ଚ ପ୍ରକ୍ରିୟାକୁ ଦୃଷ୍ଟିରେ ରଖି ସକାଳ ୧୧ଟାରୁ କେନ୍ଦ୍ର ମଧ୍ୟକୁ ପ୍ରବେଶ ଅନୁମତି ମିଳିବ। ମଧ୍ୟାହ୍ନ ୧ଟା ୩୦ ମିନିଟ୍‌ରେ କେନ୍ଦ୍ରର ମୁଖ୍ୟ ଫାଟକ ବନ୍ଦ କରିଦିଆଯିବ ଏବଂ ଏହାପରେ କୌଣସି ପ୍ରାର୍ଥୀଙ୍କୁ ଭିତରକୁ ଛଡ଼ାଯିବ ନାହିଁ। ମୁଖ୍ୟ ଫାଟକ ନିକଟରେ କଡ଼ା ସୁରକ୍ଷା ଯାଞ୍ଚ ପରେ ପରୀକ୍ଷାର୍ଥୀମାନେ ବାୟୋମେଟ୍ରିକ୍ ମାଧ୍ୟମରେ ନିଜର ଉପସ୍ଥାପନ ଦେଇ ପରୀକ୍ଷା ହଲ୍‌କୁ ପ୍ରବେଶ କରିବେ। ପରୀକ୍ଷାରେ ସ୍ୱଚ୍ଛତା ବଜାୟ ରଖିବା ପାଇଁ ଏଥର ମଧ୍ୟ କଟକଣା ଅତ୍ୟନ୍ତ କଡ଼ାକଡ଼ି କରାଯାଇଛି। ପରୀକ୍ଷା କେନ୍ଦ୍ର ମଧ୍ୟକୁ କୌଣସି ବାହାର ଜିନିଷ, ବ୍ୟାଗ୍, ମୋବାଇଲ୍, ବେଲ୍ଟ, ଘଣ୍ଟା କିମ୍ବା ଇଲେକ୍ଟ୍ରୋନିକ୍ସ ସାମଗ୍ରୀ ନେବା ସମ୍ପୂର୍ଣ୍ଣ ନିଷେଧ। ପରୀକ୍ଷା ଲେଖିବା ପାଇଁ ଆବଶ୍ୟକୀୟ କଲମ କେନ୍ଦ୍ର ପକ୍ଷରୁ ହିଁ ଯୋଗାଇ ଦିଆଯିବ। ପରୀକ୍ଷା ଅବଧି ଶେଷ ନହେବା ପର୍ଯ୍ୟନ୍ତ କେନ୍ଦ୍ରର ମୁଖ୍ୟ ଫାଟକ ଭିତରକୁ ପରୀକ୍ଷାର୍ଥୀଙ୍କ ବ୍ୟତୀତ ଅନ୍ୟ କୌଣସି ବାହାର ବ୍ୟକ୍ତି କିମ୍ବା ଅଭିଭାବକଙ୍କୁ ପ୍ରବେଶ କରିବାକୁ ଦିଆଯିବ ନାହିଁ। ନୀଟ୍ ପରୀକ୍ଷାର ଡେପୁଟି କୋଡ଼ିନେଟର ଅଭିଜିତଚନ୍ଦ୍ର ମହନ୍ତ ସୂଚନା ଦେଇ କହିଛନ୍ତି ଯେ କଟକ ରେଲୱେ ଷ୍ଟେସନ୍ ଏବଂ ମୁଖ୍ୟ ବସ୍ ଟର୍ମିନାଲ୍‌ରୁ ପରୀକ୍ଷାର୍ଥୀମାନଙ୍କୁ ସେମାନଙ୍କ ନିର୍ଦ୍ଧାରିତ ପରୀକ୍ଷା କେନ୍ଦ୍ରକୁ ଆଣିବା ପାଇଁ ସ୍ୱତନ୍ତ୍ର ପରିବହନ ବ୍ୟବସ୍ଥା କରାଯାଇଛି। ସେହିଭଳି କଟକର ଅନ୍ୟତମ ପ୍ରମୁଖ ପରୀକ୍ଷା କେନ୍ଦ୍ର ସେକେଣ୍ଡାରୀ ବୋର୍ଡ ହାଇସ୍କୁଲରେ ମଧ୍ୟ ପ୍ରସ୍ତୁତି ଉଚ୍ଚକୋଟୀର ହୋଇଛି। ଏ ସମ୍ପର୍କରେ ସୂଚନା ଦେଇ ବୋର୍ଡ ହାଇସ୍କୁଲର ପ୍ରଧାନ ଶିକ୍ଷକ ଅଶୋକ କୁମାର ଶତପଥୀ କହିଛନ୍ତି, ବର୍ତ୍ତମାନର ଗ୍ରୀଷ୍ମ ପ୍ରବାହକୁ ଦୃଷ୍ଟିରେ ରଖି ପରୀକ୍ଷାର୍ଥୀଙ୍କ ସ୍ୱାସ୍ଥ୍ୟ ଏବଂ ସୁବିଧାକୁ ସର୍ବାଧିକ ପ୍ରାଥମିକତା ଦିଆଯାଇଛି। କେନ୍ଦ୍ରରେ ପର୍ଯ୍ୟାପ୍ତ ବିଶୁଦ୍ଧ ଥଣ୍ଡା ପିଇବା ପାଣିର ବ୍ୟବସ୍ଥା କରାଯାଇଛି। ଏହା ସହିତ ପରୀକ୍ଷା ଚାଲିଥିବା ସମୟରେ ଯଦି ବିଦ୍ୟୁତ ସରବରାହ ବିଚ୍ଛିନ୍ନ ହୁଏ, ପାୱାର ବ୍ୟାକଅପ୍ ଭାବେ ଡିଜି ସେଟ୍ ପ୍ରସ୍ତୁତ ରଖାଯାଇଛି।

- ➤ ଜିଲ୍ଲାପାଳ କଲେ ସମୀକ୍ଷା: କୌଣସି ତ୍ରୁଟିକୁ ପ୍ରଶ୍ରୟ ଦିଆଯିବନି
- ➤ ଷ୍ଟେସନ୍ ଓ ବସ୍ ଟର୍ମିନାଲରୁ ମିଳିବ ସ୍ୱତନ୍ତ୍ର ପରିବହନ ସେବା

## ବିଧାୟିକା ସୋଫିଆଙ୍କ ଉତ୍କଳ ସାହିତ୍ୟ ସମାଜ ପରିଦର୍ଶନ

କଟକ,୨୦।୬(ସମିସ): ବାରବାଟୀ-କଟକର ବିଧାୟିକା ସୋଫିଆ ଫିର୍ଦ୍ଦୌସ ଆଜି ଅପରାହ୍ଣରେ ଉତ୍କଳ ସାହିତ୍ୟ ସମାଜ ପରିଦର୍ଶନ କରିଥିଲେ। ଏହି ପରିଦର୍ଶନ ସମୟରେ ସେ ଏହି ଶତାୟୁ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସଂପର୍କରେ ଅବଗତ ହୋଇଥିଲେ ଏବଂ ଏହାର ସାମାଧାନ ପାଇଁ ବିଭାଗୀୟ କର୍ତ୍ତୃପକ୍ଷଙ୍କ ଦୃଷ୍ଟି ଆକର୍ଷଣ କରିବେ ବୋଲି କହିଥିଲେ। ବିଧାୟିକାଙ୍କୁ ଅନୁଷ୍ଠାନର କର୍ମକର୍ତ୍ତା ଏହି ଶତାୟୁ ଅନୁଷ୍ଠାନର ଗୌରବମୟ ଇତିହାସ ସଂପର୍କରେ ଅବଗତ କରାଇଥିଲେ। ଐତିହ୍ୟ ବାଣୀପୀଠ ଶ୍ରୀରାମଚନ୍ଦ୍ର ଭବନ ୧୦୦ ବର୍ଷ ପୂରଣ ହେଉଥିବା ବେଳେ ଏହାର ସୁରକ୍ଷା, ଶତାବ୍ଦୀ ଭବନର ମରାମତି ଓ ସଂସ୍କୃତି ବିଭାଗ ପକ୍ଷରୁ ଦିଆଯାଉଥିବା ଅନୁଦାନ ବିଷୟରେ ବିଧାୟିକା ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ବିଧାୟିକାଙ୍କ ସହ ଅନୁଷ୍ଠାନର ବିଭିନ୍ନ ସମସ୍ୟା ସଂପର୍କରେ ଆଲୋଚନା କରିଥିଲେ। ସଭାପତି ଡକ୍ଟର ଗୋବିନ୍ଦଚନ୍ଦ୍ର ଚାନ୍ଦ, ପୂର୍ବତନ ଉପସଭାପତି ସତ୍ୟ ରାୟ, ଉପସଭାପତି ବ୍ରହ୍ମାନନ୍ଦ ବିଶ୍ୱାଳ, ସାଧାରଣ ସଂପାଦକ ରାଜୀବ କୁମାର ଷଡ଼ଙ୍ଗୀ, ପାଠାଗାର ସଂପାଦକ ବ୍ରହ୍ମାନନ୍ଦ ମହାନ୍ତି, କୋଷାଧ୍ୟକ୍ଷ ଦିଲ୍ଲୀପ କୁମାର ଦାସ, କାର୍ଯ୍ୟ ନିର୍ବାହିକା ସମିତି ସଦସ୍ୟା ଡକ୍ଟର ବୈଜୟନ୍ତୀବାଳା ଶତପଥୀ ଆଲୋଚନା କରିଥିଲେ। ବିଧାୟିକା ଶ୍ରୀରାମଚନ୍ଦ୍ର ଭବନ, ଶତାବ୍ଦୀ ଭବନ, ଉତ୍କଳ ଗୌରବ ମଧୁସୂଦନ ଦାସ ପାଠାଗାର ବୁଲି ଦେଖିଥିଲେ।

## ପିଏମ୍ କିଷାନ କିସ୍ତି ଅର୍ଥ ପ୍ରଦାନ ଉତ୍ସବ \ ଜିଲ୍ଲାର ୧,୫୮,୪୦୦ ହିତାଧିକାରୀଙ୍କୁ ମିଳିଲା ୩୧.୬୮ କୋଟି ଟଙ୍କା

କଟକ,୨୦।୬(ସମିସ): ଆଜି ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ର ୨୩ତମ କିସ୍ତି ପ୍ରଦାନ କରାଯାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଯୋଗ୍ୟ କୃଷକଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ପ୍ରେରଣ କରାଯାଇଛି। କଟକ ଜିଲ୍ଲାର ୧,୫୮,୪୦୦ ଜଣ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ମୋଟ ୩୧ କୋଟି ୬୮ ଲକ୍ଷ ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। କଟକର କୃଷି ବିଭାଗର ମୁଖ୍ୟ କୃଷି ଅଧିକାରୀ କମଳାକାନ୍ତ ପାଣିଗ୍ରାହୀ, ସହକାରୀ କୃଷି ନିର୍ଦ୍ଦେଶକ ଅସୀମା ମିଶ୍ର, ସହକାରୀ କୃଷି ଅଧିକାରିଣୀ ଜ୍ୟୋତିର୍ମୟୀ ବେହେରା, ସହକାରୀ କୃଷି ଅଧିକାରୀ ଜ୍ୟୋତିଶେଖର ଦାସ କୃଷି ବିଜ୍ଞାନ କେନ୍ଦ୍ର ଓ ସଂଯୋଜିତ ବିଭାଗର ଅଧିକାରୀ ରଞ୍ଜନ କୁମାର ମହନ୍ତ, ଦିଲ୍ଲୀପ ଷଡ଼ଙ୍ଗୀ ଉପସ୍ଥିତ ଥିଲେ। ମାହଙ୍ଗା ବ୍ଲକର ସର୍ବାଧିକ ୨୧,୦୬୪ କୃଷକ ପରିବାର ଏହି କିସ୍ତିର ସୁବିଧା ପାଇଥିବା ବେଳେ ଆଠଗଡରେ ୧୦,୮୫୨, ବଡ଼ମ୍ବାରେ ୧୧,୯୮୨, ବାଙ୍କୀ ରେ ୮୫୯୧, ଡମପଡ଼ା ରେ ୫୪୦୭, ବାରଙ୍ଗରେ ୫୦୨୫, କଟକ ସଦରରେ ୧୦,୭୮୮, କଣ୍ଟାପଡ଼ାରେ ୮୫୪୧, ନରସିଂହପୁରରେ ୧୩,୫୯୫, ନିଆଳିରେ ୧୩,୦୦୭, ନିଶ୍ଚିନ୍ତକୋଇଲି ରେ ୧୮,୩୩୭, ସାଲେପୁରରେ ୧୬,୧୭୯, ଟାଙ୍ଗୀ ଚୌଦ୍ୱାରରେ ୯,୭୩୬, ତିଗିରିଆରେ ୫,୨୯୮ କୃଷକ ପରିବାରଙ୍କ ଖାତାକୁ ସହାୟତା ରାଶି ପହଞ୍ଚିଛି।

## ■ ମଧୁସୂଦନ ସେତୁ ତଳେ ଡକାୟତି ଯୋଜନା ମାମଲା
## ଫେରାର ଅଭିଯୁକ୍ତ ବାବୁ ଚୌରାସିଆ ଗିରଫ

କଟକ,୨୦।୬(ସମିସ): ସିଡିଏ ଫେଜ୍-୨ ଥାନା ପୁଲିସ ଏକ ବଡ଼ ଡକାୟତି ଯୋଜନା ମାମଲାରେ ଦୀର୍ଘ ଦିନ ଧରି ଫେରାର ଥିବା ଜଣେ ଦୁର୍ଦ୍ଦାନ୍ତ ଅଭିଯୁକ୍ତକୁ ଗିରଫ କରିବାରେ ସଫଳ ହୋଇଛି। ଗିରଫ ଅଭିଯୁକ୍ତ ଜଣକ ହେଲେ ଚୌଦ୍ୱାର ଥାନା ଅନ୍ତର୍ଗତ ମଙ୍ଗରାଜପୁର ଅଞ୍ଚଳର ବାବୁ ଚୌରାସିଆ (୩୦)। ଜାତୀୟ ରାଜପଥ-୫୫ରେ ଯାତାୟାତ କରୁଥିବା ଗାଡ଼ିଗୁଡ଼ିକୁ ଟାର୍ଗେଟ୍ କରି ଲୁଟପାଟ୍ କରିବା ପାଇଁ ଏହି ଗ୍ୟାଙ୍ଗ ଯୋଜନା କରୁଥିଲା। ଆଜି ପୁଲିସ ତାକୁ ଗିରଫ କରି କୋର୍ଟ ଚାଲାଣ କରିଛି।

ପୁଲିସର ସୂଚନା ଅନୁଯାୟୀ, ଗତ ମେ' ମାସ ୧୪ ତାରିଖ ବିଳମ୍ବିତ ରାତିରେ ସିଡିଏ ଫେଜ୍-୨ ଥାନାର ଏଏସଆଇ ମନୋରମା ଦାଶଙ୍କ ନେତୃତ୍ୱରେ ଏକ ପୁଲିସ ଟିମ୍ ପାଟ୍ରୋଲିଂ କରୁଥିଲା। ଏହି ସମୟରେ ମଧୁସୂଦନ ସେତୁ ବ୍ରିଜ୍ ତଳେ କିଛି ଦୁର୍ବୃତ୍ତ ମାରାତ୍ମକ ଅସ୍ତ୍ରଶସ୍ତ୍ର ସହ ଏକାଠି ହୋଇ କଟକ ସହରରେ ଏକ ବଡ଼ ଧରଣର ଡକାୟତି ପାଇଁ ଯୋଜନା କରୁଥିବା ବିଶ୍ୱସ୍ତ ସୂତ୍ରରୁ ଖବର ମିଳିଥିଲା। ପୁଲିସ ତତ୍କାଳ ଚଢ଼ଉ କରି ଘଟଣାସ୍ଥଳରୁ ଏକ କାର୍ ସହ ୪ ଜଣ ଅଭିଯୁକ୍ତଙ୍କୁ କାବୁ କରିଥିବା ବେଳେ ବାବୁ ଚୌରାସିଆ ସେଠାରୁ ଫେରାର ହୋଇଥିଲା। ଏନେଇ ଥାନାରେ ମାମଲା ରୁଜୁ ହୋଇ ପୁଲିସ ପକ୍ଷରୁ ସ୍ୱତନ୍ତ୍ର ରଣନୀତି ପ୍ରସ୍ତୁତ କରାଯାଇଥିଲା। ଟେକ୍ନିକାଲ୍ ସର୍ଭେଲାନ୍ସ, ଜିଓ-ଲୋକେସନ ଆନାଲିସିସ୍ ଏବଂ ଗୋପନ ସୂଚନା ଆଧାରରେ ଶେଷରେ ଆଜି ତାକୁ ଠାବ କରାଯାଇ ଗିରଫ କରାଯାଇଥିଲା। ବାବୁ ନିଜ ସଂପୃକ୍ତି ସହ ଡକାୟତି ପାଇଁ ରଚିଥିବା ସମସ୍ତ ଯୋଜନା ସମ୍ପର୍କରେ ପୁଲିସ ଆଗରେ ସ୍ୱୀକାର କରିଛି। ତା' ନିକଟରୁ ଗୋଟିଏ ମୋଟରସାଇକଲ ଏବଂ ଏକ ମୋବାଇଲ୍ ଫୋନ୍ ଜବତ କରାଯାଇଛି। ପୁଲିସ ଏହି ଗ୍ୟାଙ୍ଗର ପୂର୍ବରୁ ଗିରଫ ୪ ଅଭିଯୁକ୍ତଙ୍କ ନିକଟରୁ ବିଭିନ୍ନ ମାରଣାସ୍ତ୍ର ସାମଗ୍ରୀ ଜବତ କରିଥିଲା, ଯାହା ସେମାନଙ୍କ ଡକାୟତି ଯୋଜନାକୁ ସାମ୍ନାକୁ ଆଣିଥିଲା।

## ଷଣ୍ଢ ଆକ୍ରମଣରେ ଦୁଇ ମହିଳା ଗୁରୁତର ଆହତ

କଟକ,୨୦।୬(ସମିସ): ଚାଉଳିଆଗଞ୍ଜ ଅଞ୍ଚଳରେ ଷଣ୍ଢ ଆକ୍ରମଣରେ ଦୁଇ ଜଣ ମହିଳା ଗୁରୁତର ଆହତ ହୋଇଛନ୍ତି। ସ୍ଥାନୀୟ ଲୋକଙ୍କ ସହଯୋଗରେ ଉଭୟଙ୍କୁ ଉଦ୍ଧାର କରାଯାଇ ଏସ୍‌ସିବି ମେଡିକାଲରେ ଭର୍ତ୍ତି କରାଯାଇଛି। ଶନିବାର ଦ୍ୱିପ୍ରହର ସମୟରେ ଚାଉଳିଆଗଞ୍ଜ ଥାନା ଅଞ୍ଚଳର ଥାରି ସାହି ଛକ ନିକଟରେ ଦୁଇଟି ଷଣ୍ଢ ମୁହାଁମୁହିଁ ହୋଇ ଲଢେଇ କରୁଥିଲେ। ଏହି ଲଢେଇ ଯୋଗୁଁ ରାସ୍ତାରେ ଆତଙ୍କ ସୃଷ୍ଟି ହୋଇଥିଲା ଏବଂ କିଛି ସମୟ ପାଇଁ ଯାତାୟାତ ମଧ୍ୟ ବାଧାପ୍ରାପ୍ତ ହୋଇଥିଲା। ଏହି ସମୟରେ ସଞ୍ଜୁକ୍ତା ବେହେରା (୪୮) ଓ ମୀନାରାଣୀ ଲେଙ୍କା (୪୫) ଦୁର୍ଗା ମନ୍ଦିର ପଟୁ ତଳସାହି ରାଧାକୃଷ୍ଣ ଲେନ୍ ଆଡ଼କୁ ଯାଉଥିଲେ। ସେମାନେ ସତର୍କତାର ସହ ଯାଉଥିବା ବେଳେ ହଠାତ୍ ଆଉ ଏକ ଷଣ୍ଢ ସେଠାରେ ପହଞ୍ଚିଥିଲା। ପରେ ତିନୋଟି ଷଣ୍ଢ ପରସ୍ପରକୁ ଆକ୍ରମଣ କରି ଦୌଡ଼ାଦୌଡ଼ି କରିଥିଲେ। ଏହି ସମୟରେ ଦୁଇ ମହିଳା ଭୟଭୀତ ହୋଇ ତଳେ ପଡ଼ିଯାଇଥିଲେ। ଏହାପରେ ଷଣ୍ଢମାନେ ସେମାନଙ୍କ ଶିଙ୍ଗରେ ଆଘାତ କରିଥିଲେ। ସ୍ଥାନୀୟ ଲୋକଙ୍କ ସହଯୋଗରେ ଦୁଇ ମହିଳାଙ୍କ ଚିକିତ୍ସା କରାଯାଇଛି। ଉଲ୍ଲେଖଯୋଗ୍ୟ ଯେ ଚାଉଳିଆଗଞ୍ଜ ଅଞ୍ଚଳରେ ଗତ କିଛି ଦିନ ଧରି ବୁଲା ଷଣ୍ଢଙ୍କ ଉପଦ୍ରବ ବଢ଼ି ଚାଲିଛି। ଏନେଇ ସ୍ଥାନୀୟ ବାସିନ୍ଦାମାନେ ଅସନ୍ତୋଷ ପ୍ରକାଶ କରିଛନ୍ତି।

## ସାବରମତୀ ପ୍ରକଳ୍ପ ଢାଞ୍ଚାରେ ହେବ ମହାନଦୀ ପଠାର ସୌନ୍ଦର୍ଯ୍ୟକରଣ
## ୨୧୦ କୋଟି ଟଙ୍କା ଅନୁମୋଦନ



କଟକ,୨୦।୬(ସମିସ): ଯୋଜନାଠାରୁ ବହୁ ପଛରେ ଚାଲୁଥିବା ମହାନଦୀ ରିଭର ଫ୍ରଣ୍ଟ ଉନ୍ନୟନ ପ୍ରକଳ୍ପ କାର୍ଯ୍ୟର ପ୍ରାରମ୍ଭିକ କାର୍ଯ୍ୟ ଆରମ୍ଭ ହେବାକୁ ଯାଉଛି ଓ ମୁଖ୍ୟ କାମ ଆରମ୍ଭ ହେବା ପୂର୍ବରୁ ପ୍ରଥମେ ମହାନଦୀ ପଠାର ପଥର ପ୍ୟାକିଂ କାମ ଆରମ୍ଭ ହେବ। କ୍ୟାଣ୍ଟନମେଣ୍ଟ ରୋଡ୍ ନିକଟରୁ ସିସୋର୍ ପଠା ପ୍ରାୟ ଦେଢ଼ କିମି ମହାନଦୀ ପଠା ସିଟ୍ ପାଇଲିଂ କରାଯିବ। ଏଥିପାଇଁ ୫୨ କୋଟି ୫୭ ଲକ୍ଷ ଟଙ୍କାର ବ୍ୟୟବରାଦ କରାଯାଇଛି। ଯଦିଓ ଏହି ରିଭରଫ୍ରଣ୍ଟ କାର୍ଯ୍ୟ ସିଡିଏ ପକ୍ଷରୁ କରାଯାଉଛି କିନ୍ତୁ ଏହି ପଥର ପ୍ୟାକିଂ କାର୍ଯ୍ୟ ପାଇଁ ଜଳସମ୍ପଦ ବିଭାଗ ପକ୍ଷରୁ ଅର୍ଥ ଖର୍ଚ୍ଚ କରାଯିବ। ବର୍ଷା ପରେ ଏହି କାମ ଆରମ୍ଭ ହୋଇ ୨୦୨୭ ସୁଦ୍ଧା କାମ ଶେଷ ହେବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।

ମହାନଦୀର ରିଭର ଫ୍ରଣ୍ଟ ଯୋଜନାରେ ମହାନଦୀ ପଠାର ଉନ୍ନତୀକରଣ କରାଯିବ। ଲୋକଙ୍କୁ ଆକର୍ଷିତ କଲା ଭଳି ସୌନ୍ଦର୍ଯ୍ୟକରଣ କାର୍ଯ୍ୟ ହେବ। ଗୁଜୁରାଟର ସାବରମତୀ ରିଭରଫ୍ରଣ୍ଟ ପ୍ରକଳ୍ପ ଢାଞ୍ଚାରେ ଏହି ପ୍ରକଳ୍ପ କାର୍ଯ୍ୟକାରୀ କରାଯିବାକୁ ଯୋଜନା ହୋଇଛି। କଟକ ଉନ୍ନୟନ କର୍ତ୍ତୃପକ୍ଷ (ସିଡିଏ) ପକ୍ଷରୁ ଏହି କାମ ହାତକୁ ନିଆଯାଇଛି। କିନ୍ତୁ ଇତିମଧ୍ୟରେ ଦୁଇଥର ଟେଣ୍ଡର ଡକାଗଲା। ଦୁଇଥର ଯାକ ଟେଣ୍ଡର ଚୂଡ଼ାନ୍ତ ହେବା ପୂର୍ବରୁ ଏହାକୁ ବାତିଲ୍ କରାଯାଉଥିଲା। ଏହି ବାତିଲ୍ ପଛରେ କାରଣକୁ ନେଇ ଏବେ ବି କିଛି ସ୍ପଷ୍ଟ ହୋଇନି। ପୁଣିଥରେ ଟେଣ୍ଡର ଅନୁମୋଦନ ପାଇଁ ସରକାରଙ୍କ ନିକଟକୁ ପଠାଯାଇଥିଲା। ଇତିମଧ୍ୟରେ ମୁଖ୍ୟମନ୍ତ୍ରୀ ଏହି ପ୍ରକଳ୍ପ ଲାଗି ୨୧୦ କୋଟି ଟଙ୍କା ଅନୁମୋଦନ କରି ସାରିଛନ୍ତି।

ମହାନଦୀ କୂଳର ୪୨୬ ଏକର ଅଞ୍ଚଳକୁ ଏହି ପ୍ରକଳ୍ପ ଜରିଆରେ ବିକଶିତ କରାଯିବ। ନ୍ୟାସନାଲ ଗ୍ରୀନ୍ ଟ୍ରିବ୍ୟୁନାଲର ନିର୍ଦ୍ଦେଶାନୁଯାୟୀ ୨୮୪ ଏକର ଅଞ୍ଚଳରେ ସବୁଜ ବଳୟ ସୃଷ୍ଟି ହେବ। ଅବଶିଷ୍ଟ ୧୪୨ ଏକର ଅଞ୍ଚଳକୁ ପର୍ଯ୍ୟଟନ ଉପଯୋଗୀ କରାଯିବା ସହିତ ବିଭିନ୍ନ ଯାନିଯାତ୍ରା ପାଇଁ ମଧ୍ୟ ଉପଯୋଗୀ ହେବ। ଏଥିରେ ଚାଲିବା ସହ ସାଇକଲ୍ ଚଲାଇବା ପାଇଁ ରାସ୍ତା ତିଆରି କରାଯିବ। ଏଥିରେ ଓଡ଼ିଶା ହାଟ, ହେରିଟେଜ୍ ଭିଲେଜ, ଭୋଜି ସ୍ଥାନ, ବ୍ୟାଖ୍ୟାନ କେନ୍ଦ୍ର, ଫୁଡକାର୍ଟ, ଲନ୍, ବଗିଚା, ମହାନଦୀ କୂଳସ୍ଥିତ ବିଭିନ୍ନ ୱାଟରବଡି ସୌନ୍ଦର୍ଯ୍ୟକରଣ ଏବଂ ଅନ୍ୟାନ୍ୟ କାର୍ଯ୍ୟ କରାଯିବାକୁ ଯୋଜନା ରହିଛି। ମହାନଦୀ ଭିତରେ କ୍ରୁଜ୍ ଚଲାଯିବ। ଏହି କ୍ରୁଜ୍‌କୁ ଭଡ଼ାରେ ନେଇ ସେଥିରେ ବିଭିନ୍ନ ଭୋଜିର ଆୟୋଜନ ପାଇଁ ବ୍ୟବସ୍ଥା କରାଯିବ। ଏଥିପାଇଁ ଗୁଜରାଟର ସାବରମତୀ ଡିଜାଇନ୍‌କୁ ଅନୁଧ୍ୟାନ କରାଯାଉଛି।

## ପୋକ୍ସୋ ମାମଲାରେ ଫେରାର ଅଭିଯୁକ୍ତ ଗିରଫ



କଟକ,୨୦।୬(ସମିସ): କ୍ୟାଣ୍ଟନମେଣ୍ଟ ଥାନା ପୁଲିସ ଏକ ସଙ୍ଗୀନ ପୋକ୍ସୋ ମାମଲାରେ ଦୀର୍ଘ ଦିନ ଧରି ଫେରାର ଥିବା ଜଣେ ଅଭିଯୁକ୍ତକୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଜଣକ ହେଲା, ବାରଙ୍ଗ ଥାନା ଅନ୍ତର୍ଗତ ବଙ୍ଗାଳିସାହି ଅଞ୍ଚଳର ବଳରାମ ଦାସ (୨୭)। ବିଶେଷ ସୂତ୍ରରୁ ମିଳିଥିବା ସୂଚନା ଆଧାରରେ ପୁଲିସ ଚଢ଼ଉ କରି ଆଜି ତାକୁ ଗିରଫ କରିବା ସହ କୋର୍ଟ ଚାଲାଣ କରିଛି।

ଅଭିଯୁକ୍ତ ବଳରାମଙ୍କ ବିରୋଧରେ କ୍ୟାଣ୍ଟନମେଣ୍ଟ ଥାନାରେ କେସ୍ ନଂ-୨୪୩/୨୦୨, ଭାରତୀୟ ନ୍ୟାୟ ସଂହିତାର ଧାରା ୧୩୭(୨)/୮୭/୬୪(୨)(ମି) ଏବଂ ପୋକ୍ସୋ ଆଇନର ଧାରା-୬ ଅନୁଯାୟୀ ଏକ ମାମଲା ରୁଜୁ ହୋଇଥିଲା। ଘଟଣା ପରଠାରୁ ଗିରଫଦାରୀ ଏଡ଼ାଇବା ପାଇଁ ସେ ଦୀର୍ଘ ଦିନ ଧରି ଫେରାର ରହି ବିଭିନ୍ନ ସ୍ଥାନରେ ଆତ୍ମଗୋପନ କରିଥିଲା। ତେବେ ପୁଲିସ ପକ୍ଷରୁ ମାମଲାର ତଦନ୍ତ ଜାରି ରହିଥିବା ବେଳେ ଅଭିଯୁକ୍ତଙ୍କ ସଂପୃକ୍ତି ସମ୍ବନ୍ଧରେ ପର୍ଯ୍ୟାପ୍ତ ପ୍ରମାଣ ସଂଗ୍ରହ କରାଯାଇଥିଲା। ବଳରାମ ବାରଙ୍ଗ ଥାନା ଅଞ୍ଚଳରେ ଥିବା ନେଇ କ୍ୟାଣ୍ଟନମେଣ୍ଟ ପୁଲିସକୁ ଏକ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ଏହି ସୂଚନା ଆଧାରରେ ପୁଲିସ ଟିମ୍ ତତ୍କାଳ ଚଢ଼ଉ କରି ଅଭିଯୁକ୍ତକୁ ଠାବ କରିବା ସହ ଗିରଫ କରିବାରେ ସଫଳ ହୋଇଥିଲା। ଏହି ଘଟଣାରେ ଅନ୍ୟ କାହାର ସଂପୃକ୍ତି ରହିଛି କି ନାହିଁ, ସେନେଇ ପୁଲିସ ପକ୍ଷରୁ ଅଧିକ ତଦନ୍ତ ଜାରି ରହିଥିବା ସୂଚନା ମିଳିଛି।

# ନିର୍ଭୁଲ ପାଠ୍ୟପୁସ୍ତକ ତୁରନ୍ତ ଦିଅ: ଯୁବ-ଛାତ୍ର ବିଜେଡି

ଆଠଗଡ଼, ୨୦।୬ (ସମିସ)

ରାଜ୍ୟ ସରକାର ଙ୍କ ଗଣଶିକ୍ଷା ବିଭାଗ ପକ୍ଷରୁ ପ୍ରଥମରୁ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ଛାତ୍ରଛାତ୍ରୀଙ୍କ ପାଇଁ ପାଠ୍ୟପୁସ୍ତକରେ ୧୬୮୭ରୁ ଅଧିକ ତ୍ରୁଟି ଥିବା ପରିଲକ୍ଷିତ ହୋଇଛି। ଏହି ପାଠ୍ୟପୁସ୍ତକ ଗଣଶିକ୍ଷା ବିଭାଗଙ୍କ ତରଫରୁ ଓଡ଼ିଶାର ପ୍ରାଥମିକ ବିଦ୍ୟାଳୟରେ ବଣ୍ଟା ସରିଛି। ଅଷ୍ଟମ ଶ୍ରେଣୀ ବହିରେ ସର୍ବାଧିକ ୭୫୦ ଶହରୁ ଅଧିକ ତ୍ରୁଟିରହିଛି। ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ଛାତ୍ରଛାତ୍ରୀଙ୍କ ଭବିଷ୍ୟତ ଅନ୍ଧାର କରିବ। ଏହି ପାଠ୍ୟପୁସ୍ତକକୁ ପ୍ରତ୍ୟାହାର କରି ତୁରନ୍ତ ନିର୍ଭୁଲ ନୂତନ ପାଠ୍ୟ ପୁସ୍ତକ ଯୋଗାଇ ଦେବା ସହିତ ପ୍ରାୟ ୩ଶହ କୋଟି ଟଙ୍କା ରାଜସ୍ୱ ବରବାଦ କରି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକ ମୁଦ୍ରଣ କରିଥିବା ସମ୍ପାଦକୀୟ ମଣ୍ଡଳୀ ଓ ମୁଦ୍ରଣ




ଦାୟିତ୍ୱରେ ଥିବା ସଂସ୍ଥାଠାରୁ ଏହି ଅର୍ଥ ଆଦାୟ କରିବା ବାଦି କରି ଆଠଗଡ ବିଜୁ ଯୁବ-ଛାତ୍ର ଜନତା ଦଳ ପକ୍ଷରୁ ବ୍ଲକ ଶିକ୍ଷାଧିକାରୀଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରାଯିବା ସହିତ ଆଠଗଡ ଉପଜିଲ୍ଲାପାଳ ଜରିଆରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରାଯାଇଛି। ଆଠଗଡ ବ୍ଲକ ଯୁବ ବିଜେଡି ସଭାପତି ବିନୋଦ ମାଝି, ଛାତ୍ର ବିଜେଡ଼ି ସଭାପତି ସତ୍ୟ ପ୍ରିୟ ମହାନ୍ତି ଓ ଆଠଗଡ ଏନ୍ଏସି ଛାତ୍ର ବିଜେଡ଼ି ସଭାପତି ମହମ୍ମଦ ଖାଲିଦଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଭାରତୀୟ ସର୍ବୋଚ୍ଚ ନ୍ୟାୟାଳୟର ଅଧିବକ୍ତା ତଥା ଯୁବନେତା ଆଦିତ୍ୟ ପ୍ରତାପ ସ୍ୱାଇଁ ଯୋଗ ଦେଇଥିଲେ।

ଏହି ତ୍ରୁଟିପୂର୍ଣ୍ଣ ପାଠ୍ୟପୁସ୍ତକକୁ ତୁରନ୍ତ ପ୍ରତ୍ୟାହାର କରି କୋମଳମତି ଛାତ୍ରଛାତ୍ରୀଙ୍କ ବିକାଶ ପାଇଁ ତ୍ରୁଟିଶୂନ୍ୟ ପାଠ୍ୟପୁସ୍ତକ ଯୋଗାଇ ଦେବାପାଇଁ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ସ୍ମାରକପତ୍ର ପ୍ରଦାନ କରିଥିଲେ। ଆଠଗଡ ପ୍ରଶାସନ ପକ୍ଷରୁ ଡେପୁଟି ଜିଲ୍ଲାପାଳ ପ୍ରଭୁଦତ୍ତ ପ୍ରଧାନ ସ୍ମାରକପତ୍ର ଗ୍ରହଣ କରିଥିଲେ। ଛାତ୍ର ରିଙ୍କୁ ପତ୍ରୀ, ତୋପାନ ସାମଲ, ହିମାଂଶୁ ଶେଖର ସ୍ୱାଇଁ, ଯୁବନେତା ପ୍ରକାଶ ରାଉତ, ରାକେଶ ଦାସ, ଆଠଗଡ ଏନ୍ଏସି ସଭାପତି ଶିଶିର ପ୍ରସାଦ ମାନସିଂହ, ଯୁବ ସରପଞ୍ଚ ଶକ୍ତିକାନ୍ତ ସାହୁ ଓ ଅଜିତ୍ କୁମାର ଦାସ ସମେତ ଶତାଧିକ ଯୁବ ଛାତ୍ର ଯୋଗ ଦେଇଥିଲେ।

## ଗୋଡ଼ିଝରିଆ ଗାଁରେ ପଶିଲା ହାତୀ



ତିଗିରିଆ,୨୦।୬ (ସମିସ): ତିଗିରିଆ ବ୍ଲକ ଭିରୁଡ଼ା ପଞ୍ଚାୟତ ଗୋଡିଝରିଆ ଗ୍ରାମର ଉପରଗଡ଼ରେ ଶନିବାର ସକାଳେ ହାତୀ ଆତଙ୍କ ଦେଖିବାକୁ ମିଳିଛି। ଦୁଇଟି ହାତୀ ଢେଙ୍କାନାଳ ବନଖଣ୍ଡ ଅନ୍ତର୍ଗତ ସପ୍ତଶଯ୍ୟା ଜଙ୍ଗଲରୁ ଆସି ଗୋଡିଝରିଆ ଗ୍ରାମ ଉପରଗଡ଼ ସାହିରେ ଆଜି ସକାଳ ପ୍ରାୟ ସାଢ଼େ ୫ ଟା ସମୟରେ ବୁଲୁଥିବା ଦେଖିବାକୁ ମିଳିଥିଲା। ଏହି ସମୟରେ ହାତୀଟି ଗୋଟିଏ ମଟର ସାଇକେଲକୁ କ୍ଷତି ପହଞ୍ଚାଇଥିଲା। ଦୁଇଟି ହାତୀ ମଧ୍ୟରୁ ଗୋଟିଏ ନିକଟରେ ଥିବା ସୋରିଷ ପାଳ ସଂରକ୍ଷିତ ଜଙ୍ଗଲକୁ ଚାଲିଯାଇଥିବା ବେଳେ ଅନ୍ୟ ଗୋଟିଏ ହାତୀ ନିକଟରେ ଥିବା ଉତ୍ତରେଶ୍ୱର ମନ୍ଦିର ନିକଟରେ ରହିଯାଇଥିଲା। ହାତୀକୁ ଦେଖିବା ପାଇଁ ବହୁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଥିବା ବେଳେ କୌଣସି ପ୍ରକାର ଅଘଟଣ ଏଡ଼ାଇବା ପାଇଁ ବନବିଭାଗ ପକ୍ଷରୁ ହାତୀ ଉପରେ ନଜର ରଖାଯାଇଥିଲା। ସନ୍ଧ୍ୟା ସୁଦ୍ଧା ହାତୀଟି ଉକ୍ତ ମନ୍ଦିର ନିକଟରେ ଥିବା ସୂଚନା ମିଳିଛି।

## ବାହୁଡ଼ିଲେ ଦେବଦମ୍ପତି



କନ୍ଦରପୁର, ୨୦।୬ (ସମିସ): କଟକ ସଦର ଅନ୍ତର୍ଗତ ପ୍ରସିଦ୍ଧ ଶୈବ ପୀଠ ପରମହଂସନାଥଙ୍କ ମନ୍ଦିରରେ ପରମ୍ପରା ଓ ଲୋକାଚାର ଅନୁଯାୟୀ ଶୀତଳ ଷଷ୍ଠୀ ନିତିକାନ୍ତି ଅନୁଯାୟୀ ଦେବ ବିବାହ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା ବେଳେ ଆଜି ଶନିବାର ସନ୍ଧ୍ୟାରେ ମନ୍ଦିରକୁ ବର କନ୍ୟାଙ୍କ ବାହୁଡ଼ା ବିଜେ ଆଧାତ୍ମିକ ପରିବେଶ ଭିତରେ ଅନୁଷ୍ଠିତ ହୋଇଥିଲା। ଏଥିରେ କନ୍ୟା ପିତା ବିରେନ କୁମାର ଦାଶ, ବର ପିତା ଶୁଭାଶିଷ ପଣ୍ଡାଙ୍କ ସହିତ ବର ବାହୁଡ଼ା ଦେଖିବାକୁ ବହୁ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ଜଗନ୍ନାଥ ପଣ୍ଡା, ସନ୍ତୋଷ କୁମାର ରଥ, ସୁରେଶଚନ୍ଦ୍ର ସାହୁ, ଶରତ ରଥ, ପବିତ୍ର ମିଶ୍ର, ଲକ୍ଷ୍ମୀଧର ରାଉତଙ୍କ ସମେତ ସେବାୟତ ଓ ଶ୍ରଦ୍ଧାଳୁମାନେ ସହାୟତା କରିଥିଲେ।

### ବିଦ୍ୟୁତ୍ ବିଭାଗର ବେପରୁଆ ନୀତି

## ବିପଦସଙ୍କୁଳ ୧୧ କେଭି ତାର; ଆଶଙ୍କାରେ ଗ୍ରାମବାସୀ

ତ୍ରିଶୂଳିଆ, ୨୦।୬ (ସମିସ)

ବିଦ୍ୟୁତ୍ ବିଭାଗର ବେପରୁଆ ନୀତି ଯୋଗୁଁ ବାରଙ୍ଗ ଅଞ୍ଚଳର ଗୋଡିସାହି ବିଦ୍ୟୁତ୍ ବିଭାଗ ଅଧୀନ ଫକିରପଡା ଗ୍ରାମ ନିକଟରେ ଥିବା ବିଦ୍ୟୁତ୍ ଖୁଣ୍ଟ ଓ ୧୧ କେଭି ବିଦ୍ୟୁତ୍ ତାର ଦୀର୍ଘଦିନ ଧରି ବିପଦସଙ୍କୁଳ ଅବସ୍ଥାରେ ରହିଥିବାରୁ ସ୍ଥାନୀୟ ଲୋକଙ୍କ ମଧ୍ୟରେ ଚିନ୍ତା ବଢ଼ିଛି। ତ୍ରିଶୂଳିଆ–ବାଙ୍କୀ ମୁଖ୍ୟ ସଡ଼କ କଡ଼ରେ ଥିବା ଖେଳପଡ଼ିଆ ନିକଟରେ ବିଦ୍ୟୁତ୍ ତାର ଉପରେ ଗଛଲତା ମାଡ଼ି ଯାଇଥିବା ସହ ବିଭିନ୍ନ ଖୁଣ୍ଟ ଅବହେଳିତ ଅବସ୍ଥାରେ ରହିଛି। ପ୍ରତିଦିନ ଏହି ଖେଳପଡ଼ିଆକୁ ଅନେକ ଶିଶୁ ଖେଳିବାକୁ ଆସୁଥିବା



ବେଳେ ଗାଈଗୋରୁଙ୍କ ମଧ୍ୟ ଯାତାୟାତ ରହିଛି। ଏପରି ପରିସ୍ଥିତିରେ ଯେକୌଣସି ସମୟରେ ବଡ଼ଧରଣର ଅଘଟଣ ଘଟି ଧନଜୀବନ ହାନୀ ହେବାର ଆଶଙ୍କା ପ୍ରକାଶ ପାଇଛି।

ସ୍ଥାନୀୟ ଲୋକମାନେ ବାରମ୍ବାର ବିଦ୍ୟୁତ୍ ବିଭାଗକୁ ଅଭିଯୋଗ କରିଥିଲେ ମଧ୍ୟ ସମସ୍ୟାର ସମାଧାନ ହୋଇନାହିଁ। ବିଭାଗୀୟ ଯନ୍ତ୍ରୀଙ୍କ ସହ ଯୋଗାଯୋଗ ପାଇଁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାଙ୍କ ପକ୍ଷରୁ କୌଣସି ପ୍ରତିକ୍ରିୟା ମିଳି ନଥିବା ଜଣାପଡ଼ିଛି। ତେଣୁ ତୁରନ୍ତ ବିପଦସଙ୍କୁଳ ଅବସ୍ଥାରେ ଥିବା ବିଦ୍ୟୁତ୍ ଖୁଣ୍ଟ, ଟ୍ରାନ୍ସଫର୍ମର ଓ ତାର ଉପରେ ମାଡ଼ିଥିବା ଗଛଲତାକୁ କାଟି ସଫା କରିବା ସହ ଆବଶ୍ୟକ ମରାମତି କାର୍ଯ୍ୟ କରାଯିବାକୁ ସ୍ଥାନୀୟ ବୁଦ୍ଧିଜୀବୀ ଓ ଗ୍ରାମବାସୀ ଦାବି କରିଛନ୍ତି।

## ଚାଖଣା ଦୋକାନରେ ଗଣ୍ଡଗୋଳ; ଯୁବକ ଗୁରୁତର

ତ୍ରିଶୁଳିଆ/ବାରଙ୍ଗ,୨୦।୬(ସମିସ): ଗୋଡିସାହି ଫାଣ୍ଡି ଅନ୍ତର୍ଗତ ଷଣ୍ଢପୁର ଗ୍ରାମ ନିକଟରେ ଥିବା ମଦ ଦୋକାନ ସମ୍ମୁଖରେ ମଦ ବୋତଲ ମାଡ଼ରେ ଜଣେ ଯୁବକ ଗୁରୁତର ଆହତ ହୋଇଛନ୍ତି। ଆହତ ଯୁବକ ହେଲେ ରତାଗଡ଼ ଗ୍ରାମର ଶିବାନୀ ବେଦାର (୩୦)। ଶନିବାର ଅପରାହ୍ଣ ସମୟରେ ଷଣ୍ଢପୁର ମଦ ଦୋକାନ ନିକଟରେ ଥିବା ଏକ ଚାଖଣା ଦୋକାନରେ ଶିବାନୀ ବସିଥିଲେ। ଏହି ସମୟରେ ନରାଜ ଗ୍ରାମର ତୁତୁଲ ଦାସ, କାଠିଆ ଦାସ ଓ ବିଚି ସାହୁ ମଦ୍ୟପାନ କରି ସେହି ଚାଖଣା ଦୋକାନକୁ ଆସିଥିଲେ। ସେଠାରେ କୌଣସି କାରଣକୁ ନେଇ ଶିବାନୀଙ୍କ ସହ ସେମାନଙ୍କର ଯୁକ୍ତିତର୍କ ହୋଇଥିଲା। ଯୁକ୍ତିତର୍କ ଉଗ୍ରରୂପ ନେବାରୁ ଉତ୍ତ୍ୟକ୍ତ ହୋଇ ତିନି ମଦ୍ୟପ ଯୁବକ ଶିବାନୀଙ୍କୁ ମାରଧର କରିଥିଲେ। ଏହି ସମୟରେ ତୁତୁଲ ଏକ ମଦ ବୋତଲରେ ଶିବାନୀଙ୍କ ମୁଣ୍ଡକୁ ଆକ୍ରମଣ କରିଥିଲେ। ଫଳରେ ସେ ରକ୍ତାକ୍ତ ଅବସ୍ଥାରେ ଘଟଣାସ୍ଥଳରେ ଗୁରୁତର ଆହତ ହୋଇପଡ଼ିଥିଲେ। ଏହାପରେ ଅଭିଯୁକ୍ତ ତିନି ଜଣ ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଶିବାନୀଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ କଟକ ବଡ଼ ଡାକ୍ତରଖାନାକୁ ପଠାଇବା ସହ ପରିବାର ଲୋକଙ୍କୁ ଖବର ଦେଇଥିଲେ। ଏନେଇ ଆହତ ଶିବାନୀଙ୍କ ପତ୍ନୀ ପ୍ରଭାସିନୀଙ୍କ ଅଭିଯୋଗ ଆଧାରରେ ଗୋଡିସାହି ଫାଣ୍ଡି ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି।

## ପାରିବାରିକ କଳହରୁ ଯୁବତୀଙ୍କ ଆତ୍ମହତ୍ୟା

ତ୍ରିଶୂଳିଆ, ୨୦।୬ (ସମିସ): ବାରଙ୍ଗ ଥାନା ଅନ୍ତର୍ଗତ ଚଣ୍ଡୀପ୍ରସାଦ ଗ୍ରାମରେ ଜଣେ ଯୁବତୀ ଆତ୍ମହତ୍ୟା କରିଥିବା ଘଟଣା ସାମ୍ନାକୁ ଆସିଛି। ମୃତ ଯୁବତୀ ହେଲେ ଗ୍ରାମର କାହ୍ନୁଚରଣ ବେହେରାଙ୍କ ଝିଅ କସ୍ତୁରୀ ବେହେରା (୨୬)। କାହ୍ନୁଚରଣଙ୍କ ଅତ୍ୟଧିକ ମଦ୍ୟପାନକୁ ନେଇ ପରିବାରରେ ଦୀର୍ଘଦିନ ଧରି ଅଶାନ୍ତି ଲାଗି ରହିଥିଲା। ଏନେଇ ପରିବାର ପକ୍ଷରୁ ଦୁଇ ଦିନ ପୂର୍ବରୁ ବାରଙ୍ଗ ଥାନାରେ ଅଭିଯୋଗ ମଧ୍ୟ କରାଯାଇଥିଲା। ଶନିବାର ପୁଣିଥରେ ଘରେ ବିବାଦ ଓ ପାଟିତୁଣ୍ଡ ହେବା ପରେ କସ୍ତୁରୀ ନିଜ ଘରର କବାଟ ବନ୍ଦ କରି ରହିଥିଲେ। ଦୀର୍ଘ ସମୟ ଧରି କବାଟ ନ ଖୋଲିବାରୁ ପରିବାର ଲୋକଙ୍କ ସନ୍ଦେହ ହୋଇଥିଲା। ପରେ ସ୍ଥାନୀୟ ଲୋକଙ୍କ ସହାୟତାରେ କବାଟ ଭାଙ୍ଗି ଘର ଭିତରକୁ ପ୍ରବେଶ କରିବା ପରେ କସ୍ତୁରୀଙ୍କୁ ଫ୍ୟାନରେ ଓଢଣୀ ଲଗାଇ ଝୁଲୁଥିବା ଅବସ୍ଥାରେ ଦେଖିଥିଲେ। ତୁରନ୍ତ ତାଙ୍କୁ କଟକ ବଡ଼ ମେଡିକାଲକୁ ନିଆଯାଇଥିଲେ ମଧ୍ୟ ଡାକ୍ତର ସେଠାରେ ମୃତ ଘୋଷଣା କରିଥିଲେ। ଖବର ପାଇ ବାରଙ୍ଗ ପୁଲିସ ୨୪/୨୬ ନମ୍ବର ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ କରାଇଛି। ପ୍ରାଥମିକ ତଦନ୍ତରୁ ପାରିବାରିକ ଅଶାନ୍ତି ଘଟଣାର ଏକ କାରଣ ହୋଇଥାଇପାରେ ବୋଲି ପୁଲିସ ସନ୍ଦେହ କରୁଥିବା ବେଳେ ଅଧିକ ତଦନ୍ତ ଜାରି ରହିଛି।

## ଅଘୋଷିତ ବିଦ୍ୟୁତ୍ କାଟ୍ ବନ୍ଦ ଦାବି

ନିଶ୍ଚିନ୍ତକୋଇଲି, ୨୦।୬(ସମିସ): ନିଶ୍ଚିନ୍ତକୋଇଲି ବଜାରରେ ଦୈନନ୍ଦିନ ବାରମ୍ବାର ଅଘୋଷିତ ଭାବେ ବିଦ୍ୟୁତ୍ ବିଭ୍ରାଟ ହୋଇ ଚାଲିଛି। ବିନା ସୂଚନାରେ ଟିପିସିଓଡିଏଲ୍ କଂପାନୀର କର୍ମକର୍ତ୍ତାଙ୍କ ପକ୍ଷରୁ ପ୍ରତ୍ୟେକ ଦିନ ଦୀର୍ଘ ସମୟ ଧରି ବିଦ୍ୟୁତ ସରବରାହ ବନ୍ଦ୍ ରହୁଛି। ଫଳରେ ବଜାରର ବ୍ୟବସାୟୀମାନେ ସେମାନଙ୍କର ବ୍ୟବସାୟ କରିବାରେ ବ୍ୟାହାତ ସୃଷ୍ଟି ହେଉଥିବାରୁ ବହୁତ କ୍ଷତିର ଶିକାର ହେଉଛନ୍ତି। କିଛି ଦିନ ହେବ ଗ୍ରୀଷ୍ମର ପ୍ରବାହରେ ପ୍ରବଳମାତ୍ରାରେ ଖରା ଓ ଅସହ୍ୟ ଗୁଳୁଗୁଳି ହେଉଥିବା ସମୟରେ ମଧ୍ୟ ଅଘୋଷିତ ବିଦ୍ୟୁତକାଟ ବନ୍ଦ୍ କରାଯାଇ ନଥିଲା। ଏଭଳି ସ୍ଥିତିରେ ବ୍ୟବସାୟୀଙ୍କ ଅଭିଯୋଗକୁ ଭିତ୍ତିକରି ନିଶ୍ଚିନ୍ତକୋଇଲି ବଜାର ବ୍ୟବସାୟୀ ସଂଘ ପକ୍ଷରୁ ଏକ ବୈଠକ ଡକାଯାଇ ଉକ୍ତ ଘଟଣା ସଂପର୍କରେ ବିଦ୍ୟୁତ ବିଭାଗର ଉପଖଣ୍ଡ ଅଧିକାରୀଙ୍କୁ ଅବଗତ କରାଇବା ପାଇଁ ନିଷ୍ପତ୍ତି ନିଆଯାଇଥିଲା। ସଂଘର ସଭାପତି ପ୍ରମୋଦ କୁମାର ପଣ୍ଡା, ସଂପାଦକ ଜୀବନାନନ୍ଦ ଦାଶଙ୍କ ନେତୃତ୍ୱରେ ସମସ୍ତ କର୍ମକର୍ତ୍ତା ଶନିବାର ପୂର୍ବାହ୍ନରେ ବିଦ୍ୟୁତ ଉପଖଣ୍ଡ କାର୍ଯ୍ୟାଳୟକୁ ଯାଇ ବିଭାଗୀୟ ସହକାରୀ ଯନ୍ତ୍ରୀଙ୍କ ସହିତ ଆଲୋଚନା କରିଛନ୍ତି। ସାତ ଦିନ ମଧ୍ୟରେ ବଜାରରେ ଦେଖାଦେଇଥିବା ବିଦ୍ୟୁତ ବିଭ୍ରାଟ ଯଦି ବନ୍ଦ୍ କରା ନଯାଏ ତାହାହେଲେ ବ୍ୟବସାୟୀ ସଂଘ ଏବଂ ବ୍ୟବସାୟୀମାନେ ଗଣତାନ୍ତ୍ରିକ ପଦ୍ଧତିରେ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବେ ବୋଲି ଚରମ ଚେତାବନୀ ମଧ୍ୟ ଦେଇଛନ୍ତି।

## ଲୁଣା ସେତୁରେ ବାଲି ସଫେଇ ଓ ଆଲୋକୀକରଣ ଦାବି

ନିଶ୍ଚିନ୍ତକୋଇଲି, ୨୦।୬ (ସମିସ)

ନିଶ୍ଚିନ୍ତକୋଇଲି ବ୍ଲକ ବରପଡା ଓ ତିଳକଣାକୁ ସଂଯୋଗ କରୁଥିବା ଲୁଣା ସେତୁ ଉପରେ ଗଦା ହୋଇଥିବା ବାଲି ଓ ଅଳିଆ ଆବର୍ଜନା ସଫେଇ କରିବା ସହିତ ଏହି ସେତୁରେ ଆଲୋକୀକରଣ କରିବା ପାଇଁ ଦାବି ହେଉଛି। ପ୍ରତ୍ୟେକ ଦିନ ଏହି ସେତୁ ଦେଇ ଶହ ଶହ ସଂଖ୍ୟାରେ ଚୋରା ବାଲି ବୋଝେଇ ଟ୍ରାକ୍ଟର ଓ ଟ୍ରକ୍ ଯାତାୟାତ କରୁଥିବା ବେଳେ ସେଥିରୁ ଖସୁଥିବା ବାଲି ଏହି ପୋଲ ଉପରେ ଗଦା ଗଦା ହୋଇ ପଡି ରହିଛି। ଫଳରେ ଯାତାୟାତ ସମୟରେ ଅନେକ ସମୟରେ ଦୁର୍ଘଟଣାମାନ ଘଟୁଛି। ଏହାଛଡା ପୋଲ ଉପରୁ ବର୍ଷା ଜଳ ନିଷ୍କାସନ ପାଇଁ ରହିଥିବା କଣା ବାଲିଦ୍ୱାରା ବନ୍ଦ୍ ହୋଇଯିବାରୁ ବର୍ଷା ସମୟରେ ପୋଲ ଉପରେ ବର୍ଷାଜଳ ଭରପୁର ହୋଇ ରହୁଥିବାରୁ ଯାତାୟାତରେ ସମସ୍ୟା ଦେଖାଦେଇଛି। ପୋଲ ଉପରୁ ବାଲି ଓ ଅଳିଆ ଆବର୍ଜନା ସଫା କରାଯାଉନଥିବାରୁ କେତେକ ସ୍ଥାନରେ ଅନାବନା ଗଛ ମଧ୍ୟ ଉଠାଗଲାଣି। ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନଥିବାରୁ ସାଧାରଣରେ ତୀବ୍ର ଅସନ୍ତୋଷ ଦେଖାଦେଇଛି। ଏହାଛଡା ଏହି ପୋଲ ଦେଇ ନେମାଳ ମହାପୁରୁଷ ଅଚ୍ୟୁତାନନ୍ଦ ପୀଠ ସହ ବହୁ ତୀର୍ଥସ୍ଥାନକୁ ଦୈନିକ ହଜାର ହଜାର ସଂଖ୍ୟାରେ ଲୋକ ଯାତାୟାତ କରୁଥିବାରୁ ଏହା ଏକ ଜନଗହଳିପୂର୍ଣ୍ଣ ପୋଲ ଅଟେ। ରାତିରେ ମଧ୍ୟ ବହୁ ଲୋକ ଏହି ପୋଲ ଦେଇ ଯାତାୟାତ କରନ୍ତି। ଆସନ୍ତା ୨୯ ତାରିଖରେ ପ୍ରସିଦ୍ଧ ନେମାଳ ଜ୍ୟୋଷ୍ଠ ପୂର୍ଣ୍ଣିମା ଯାତ୍ରା ରହିଥିବାରୁ ଏହି ପୋଲ ଦେଇ ବହୁ ଯାତ୍ରୀ ଯାତାୟାତ କରିବେ। ଯାତ୍ରୀମାନଙ୍କର ସୁବିଧା ପାଇଁ ଉକ୍ତ ପୋଲକୁ ଆଲୋକୀକରଣ ବ୍ୟବସ୍ଥା କରିବାର ନିତ୍ୟାନ୍ତ ଜରୁରୀ ହୋଇପଡିଛି। ଏହି ଅଞ୍ଚଳଟି କଟକ ସଦର ଓ ମାହାଙ୍ଗା ଦୁଇ ଜଣ ବିଧାୟକ ଏବଂ କଟକ ଏବଂ କେନ୍ଦ୍ରାପଡା ଦୁଇ ଜଣ ସାଂସଦଙ୍କ ଅଧୀନରେ ଯାଉଥିବାରୁ ଏହାକୁ ଆଲୋକୀକରଣ କରିବା ପାଇଁ କାହାର ନଜର ପଡୁନାହିଁ। ଏହି ପୋଲକୁ ଆଲୋକୀକରଣ କରିବା ନିମନ୍ତେ ନିଶ୍ଚିନ୍ତକୋଇଲି ଅଞ୍ଚଳର ଯୁବ ଆଇନଜୀବୀ ପ୍ରମୋଦ କୁମାର ରାଉତ ବିଧାୟକ ଓ ସାଂସଦଙ୍କ ନିକଟରେ ଦାବି କରିଛନ୍ତି।

## ଜନସମ୍ପର୍କ ଓ ନାଗରିକ ଭାଗୀଦାରି ଅଭିଯାନ

ଚୌଦ୍ୱାର,୨୦।୬(ସମିସ)

ରାଜ୍ୟ ଗୃହ ନିର୍ମାଣ ଓ ନଗର ଉନ୍ନୟନ ବିଭାଗ ନିର୍ଦ୍ଦେଶକ୍ରମେ ଚୌଦ୍ୱାର ପୌରପାଳିକା ତରଫରୁ ଗତ ୧୦ତାରିଖରୁ ଆରମ୍ଭ ହୋଇଥିବା ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗୀଦାରି ଅଭିଯାନ କାର୍ଯ୍ୟକ୍ରମ ଶନିବାର ଉଦ୍ଯାପିତ ହୋଇଯାଇଛି। ୧୦ ନମ୍ବର ୱାର୍ଡସ୍ଥିତ ଯଯାତୀ କେଶରୀ କ୍ଲବ୍ ପରିସରରେ ଆୟୋଜିତ ଉଦ୍ଯାପନୀ ଉତ୍ସବରେ ପୌରପାଳିକାର ବିଭିନ୍ନ ବିଭାଗୀୟ ଅଧିକାରୀ ଓ ୱାର୍ଡ ନମ୍ବର ୧୭,୧୮ ଓ ୧୯ର ନାଗରିକ ମତ ବିନିମୟ କରିଥିଲେ। ପୌର ଉପାଧ୍ୟକ୍ଷ ଶୁଭେନ୍ଦୁ ସାମଲଙ୍କ ପୌରୋହିତ୍ୟରେ ତଥା ଆଖଣ୍ଡଳେଶ୍ୱର ମହାନ୍ତିଙ୍କ ପରିଚାଳନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କାଉନସିଲର ବିଜୟ କୁମର ମଲ୍ଲିକ, ଆଶୁତୋଷ ଦାସ, ବିଜୟ କୁମାର ସାହୁ, ନୋଡାଲ ଅଫିସର ଇଂ ସଂଜୟ କୁମାର ସାମଲ, ପରିମଳ ବିଶେଷଜ୍ଞ ପିୟୁଷ କୁମାର ସାହୁ, ଦେବାଶୀଷ ମହାପାତ୍ର, ବିମଳ କୁମାର ମହାନ୍ତି, ଅଜିତ୍ ମହାନ୍ତି, ନିର୍ମଳଚନ୍ଦ୍ର ଦାସ ପ୍ରମୁଖ ଆଲୋଚନାରେ ଅଂଶଗ୍ରହଣ କରିଥିଲେ। ତପନ କୁମାର ସାହୁ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ।

## ଓକିଲ ସଂଘ ପକ୍ଷରୁ ସିଜିଏମ୍‌ଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା

ନରସିଂହପୁର, ୨୦।୬ (ସମିସ): ନରସିଂହପୁର ଓକିଲ ସଂଘ ପକ୍ଷରୁ ସଭାଗୃହ ପରିସରରେ ଶୁକ୍ରବାର ଚିଫ୍ ଜୁଡ଼ିସିଆଲ ମାଜିଷ୍ଟ୍ରେଟ (ସିଜିଏମ) ଲୋପାମୁଦ୍ରା ମଲ୍ଲଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ସଂଘ ସଭାପତି ସୂର୍ଯ୍ୟ ନାରାୟଣ ପାତ୍ରଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପୂର୍ବତନ ସଭାପତି ସରୋଜ କୁମାର ସାହୁ ସିଜିଏମ ସୁଶ୍ରୀ ମଲ୍ଲଙ୍କୁ ସଂଘ ତରଫରୁ ସମ୍ବର୍ଦ୍ଧନା କରିଥିଲେ। କାର୍ଯ୍ୟକ୍ରମରେ ଅତିଥିଭାବେ ସିଭିଲ ଜର୍ଜ (ଏସଡ଼ି) କୋର୍ଟର ଜଜ ଡ.ନିହାର ରଞ୍ଜନ ସାହୁ ଏବଂ ଅନ୍ୟତମ ଅତିଥିଭାବେ ଜୁଡ଼ିସିଆଲ କୋର୍ଟର ମାଜିଷ୍ଟ୍ରେଟ ସତ୍ୟନାରାୟଣ ଦାଶ ଉପସ୍ଥିତ ଥିଲେ। ସଭାରେ ସଂଘର ଉପସଭାପତି ନରନାରାୟଣ ବାରିକ, ସମ୍ପାଦକ ଗୋଲଖ ବିହାରୀ ସାହୁ, ସହସମ୍ପାଦକ ଦେବଦତ୍ତ ମଳୟ କୁମାର ବରାଳ, ବରିଷ୍ଠ ଆଇନଜୀବୀ ପ୍ରଫୁଲ ପଣ୍ଡା, ଲଳିତ କେଶରୀ ବିଶ୍ୱାଳ, ରବୀନ୍ଦ୍ରନାଥ ସାହୁ, ପ୍ରକାଶଚନ୍ଦ୍ର ପ୍ରଧାନ, ଜ୍ଞାନରଞ୍ଜନ ନାୟକ, ଅଶୋକ ଶତପଥୀ, ସରୋଜ ମହାରଣା, ପୀତବାସ ମହାପାତ୍ର, ଅଞ୍ଜନପ୍ରସାଦ ପଣ୍ଡା, ପ୍ରକାଶ ପ୍ରଧାନ, ବୀରକିଶୋର ଦେହୁରୀ, ଭୂପେନ ଦାସ, ସମୀର ଦଳେଇ, ଭାରତଚନ୍ଦ୍ର ଦାସ, ବିନୋଦ ଖଟୁଆ, ରଞ୍ଜନ ପ୍ରଧାନ, ଉମାକାନ୍ତ ପାଣିଗ୍ରାହୀ, ଇନ୍ଦ୍ରାଣୀ ପ୍ରଧାନଙ୍କ ସମେତ ସମସ୍ତ ଆଇନଜୀବୀ ଉପସ୍ଥିତ ଥିଲେ।

## ଶିକ୍ଷାବିତ୍ ପ୍ରଫେସର ଦେବେନ୍ଦ୍ରନାଥ ସମ୍ବର୍ଦ୍ଧିତ

କିଶନନଗର,୨୦।୬(ସମିସ)

କଟକ ଜିଲ୍ଲା କିଶନନଗର ସାମନ୍ତରାପୁର ନିବାସୀ ତଥା ବାଲିକୁଦା ମହାବିଦ୍ୟାଳୟର ଅବସରପ୍ରାପ୍ତ ଅଧ୍ୟକ୍ଷ ବରିଷ୍ଠ ଶିକ୍ଷାବିତ୍ ପ୍ରଫେସର ଦେବେନ୍ଦ୍ର ନାଥ ବାରିକଙ୍କୁ ସାମାଜିକ ସଙ୍ଗଠନ ଦୟାନିଧି ପ୍ରତିଭା ବିକାଶ ପ୍ରତିଷ୍ଠାନ ୪୨ ମୌଜା ତରଫରୁ ମର୍ଯ୍ୟାଦାଜନକ ଦୟାନିଧି ଶିକ୍ଷା ରତ୍ନ ସମ୍ମାନ ପ୍ରଦାନ କରାଯାଇ ସମ୍ବର୍ଦ୍ଧିତ କରାଯାଇଛି। ସେ ଏକାଧାରରେ ଜଣେ ସଙ୍ଗୀତ ବିଶାରଦ, ବିଶିଷ୍ଟ ସାହିତ୍ୟିକ, ଶିକ୍ଷାବିତ୍, କ୍ରୀଡ଼ାବିତ୍, ସଙ୍ଗୀତଜ୍ଞ ସର୍ବୋପରି ଜଣେ ଉତ୍ତମ ମଣିଷ ଭାବେ ଖ୍ୟାତି ଅର୍ଜନ କରିଛନ୍ତି। ପ୍ରତିଷ୍ଠାନର



ସଭାପତି ଶିକ୍ଷାବିତ୍ ସରୋଜ ନଳିନୀ ପରିଜାଙ୍କ ନିର୍ଦ୍ଦେଶକ୍ରମେ ସଭ୍ୟମାନେ ଶ୍ରୀ ବାରିକଙ୍କ ବାସଭବନରେ ପହଞ୍ଚି ସମ୍ବର୍ଦ୍ଧିତ କରିଥିଲେ। ପ୍ରତିଷ୍ଠାନର ସମ୍ପାଦକ ବରିଷ୍ଠ ସଂଗ୍ରାହକ ତଥା ପରିବେଶବିତ ନାରାୟଣଚନ୍ଦ୍ର ମହାନ୍ତି, ବିଶିଷ୍ଟ କଣ୍ଠଶିଳ୍ପୀ ବିଶ୍ୱଜିତ୍ ସିଂ, ଆଦର୍ଶ ନାରୀ ପ୍ରତିଭା ପଦ୍ମିନୀ ମହାନ୍ତି, କବି ତଥା ସାମ୍ବାଦିକ ଖଗେଶ୍ୱର ଖଣ୍ଡୁଆଳ, ସମାଜସେବୀ ସୁକାନ୍ତ ସାହୁଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

## କିଡ୍‌ନୀ ପ୍ରତିରୋପଣ ପାଇଁ ଶରତଙ୍କୁ ସହାୟତା



ଟାଙ୍ଗୀ,୨୦।୬(ସମିସ): ମୋଦୀ ସରକାରଙ୍କ ୧୨ ବର୍ଷ ଏବଂ ମୋହନ ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ ଅବସରରେ ଟାଙ୍ଗୀ ଅଞ୍ଚଳରେ ଜନ ସମ୍ପର୍କ ଅଭିଯାନ ଶନିବାର ଅନୁଷ୍ଠିତ ହୋଇଯାଇଛି। କଟକ ଜିଲ୍ଲା ବିଜେପି ଗ୍ରାମୀଣ ଉପସଭାପତି ହିମାଂଶୁ ମହାନ୍ତିଙ୍କ ନେତୃତ୍ୱରେ ଟାଙ୍ଗୀ ଅଞ୍ଚଳର ବିଭିନ୍ନ ପଞ୍ଚାୟତ ବୁଲିବା ସହ କୋଟସାହି ପଞ୍ଚାୟତ କନ୍ଦରକଣା ଆଞ୍ଚଳିକ ପ୍ରାଥମିକ ଶିକ୍ଷକ ସଂଘର ପ୍ରାକ୍ତନ ଉପସଭାପତି ପ୍ରତିମା ବେହେରାଙ୍କ ଘରେ ପହଞ୍ଚି ଶିକ୍ଷାର ବିକାଶ ଉପରେ ଆଲୋଚନା କରିଥିଲେ। ଏହି ଅବସରରେ ଗରୁଡ଼ଗାଁ ପଞ୍ଚାୟତ ହଳଦୀବସନ୍ତ ଗ୍ରାମର ଦୁଇଟି କିଡନୀ ନଷ୍ଟ ହୋଇଥିବା ଶରତ ବାରିକଙ୍କ କିଡନୀ ପ୍ରତିରୋପଣ ପାଇଁ ଆର୍ଥିକ ସହାୟତା ପ୍ରଦାନ କରିଥିଲେ। କେନ୍ଦ୍ରାପଡ଼ା ସାଂସଦ ପାଣ୍ଠିରୁ ଆର୍ଥିକ ସହାୟତା ଯୋଗାଇ ଦେବାକୁ ପ୍ରତିଶ୍ରୁତି ଦେଇଛନ୍ତି। କାର୍ଯ୍ୟକ୍ରମରେ ପ୍ରାକ୍ତନ ସିଆରସିସି ସମରେନ୍ଦ୍ର ଷଡ଼ଙ୍ଗୀ, ଶଶୀକାନ୍ତ ମହାନ୍ତିଙ୍କ ସମେତ ବିଜେପି ସଂଗଠକ ଉପସ୍ଥିତ ଥିଲେ।

## କରଡ଼ାପଲ୍ଲୀ ଗୋଡ଼ିସାହି ବାସିନ୍ଦା ମୌଳିକ ସମସ୍ୟା ଘେରରେ

ତିଗିରିଆ,୨୦।୬ (ସମିସ)

ତିଗିରିଆ ବ୍ଲକ ଅନ୍ତର୍ଗତ ନିଜିଗଡ଼ ପଞ୍ଚାୟତସ୍ଥିତ କରଡ଼ାପଲ୍ଲୀ ଗ୍ରାମ ଗୋଡିସାହିର ବାସିନ୍ଦା ବିଭିନ୍ନ ମୌଳିକ ସୁବିଧାରୁ ବଞ୍ଚିତ ରହିଥିବା ଅଭିଯୋଗ କରିଛନ୍ତି। ସାହିରେ ପକ୍କା ରାସ୍ତା, ଡ୍ରେନ ବ୍ୟବସ୍ଥା ଓ ଷ୍ଟ୍ରିଟ ଲାଇଟ ନଥିବା ନେଇ ସାହି ବାସିନ୍ଦାଙ୍କ ତରଫରୁ ଦସ୍ତଖତ ସମ୍ବଳିତ ଏକ ଲିଖିତ ଦାବିପତ୍ର ବିଡ଼ିଓ ସଂଗ୍ରାମ କେଶରୀ ଭୋଳଙ୍କୁ ପ୍ରଦାନ କରାଯାଇଛି। ସମସ୍ତ ଅଭିଯୋଗଗୁଡିକର ଯଥାଶୀଘ୍ର ସମାଧାନ ନିମନ୍ତେ ଦାବି କରିଛନ୍ତି। ଗୋଡି ସାହିରେ ଥିବା ମୁଖ୍ୟରାସ୍ତା ଗତ ୨୦ ବର୍ଷ ମଧ୍ୟରେ ମରାମତି କିମ୍ବା ନୂତନ ଭାବେ ନିର୍ମାଣ କାର୍ଯ୍ୟ କରାଯାଇନାହିଁ। ଯାହାଫଳରେ ରାସ୍ତାଟି ସମ୍ପୂର୍ଣ୍ଣ ଭାବେ ଭାଙ୍ଗିରୁଜି ଯାଇଛି। ବର୍ଷା ଦିନେ ରାସ୍ତା ଉପରେ କାଦୁଅ ଓ ପାଣି ଜମିବା ଯୋଗୁ ଏହା ଉପରେ ଚଳପ୍ରଚଳ ଅତ୍ୟନ୍ତ କଷ୍ଟକର ହେଉଛି। ବିଶେଷ ଭାବେ ଛାତ୍ରଛାତ୍ରୀମାନେ ବିଦ୍ୟାଳୟକୁ ଯିବା କିମ୍ବା କୌଣସି ଜରୁରିକାଳୀନ ସେବା ଗାଡି ସାହି ମଧ୍ୟରେ ପ୍ରବେଶ ଅତ୍ୟନ୍ତ କଷ୍ଟକର ହୋଇଯାଉଛି। ସାହି ରାସ୍ତାରେ ଡ୍ରେନେଜ ବ୍ୟବସ୍ଥା ନଥିବାରୁ ଆବର୍ଜନା ଜଳ ରାସ୍ତା ଉପରେ ପ୍ରବାହିତ ହୋଇ ଦୂଷିତ ପରିବେଶ

### ବିଡିଓଙ୍କୁ ଫେରାଦ

ସୃଷ୍ଟି କରୁଛି। ଫଳରେ ସାହି ବାସିନ୍ଦା ବିଭିନ୍ନ ସମୟରେ ଡେଙ୍ଗୁ, ମ୍ୟାଲେରିଆ ଭଳି ରୋଗରେ ଆକ୍ରାନ୍ତ ହେଉଛନ୍ତି। ସାହିରେ



ଆଲୋକୀକରଣ ଯୋଜନାରେ ଷ୍ଟ୍ରିଟ ଲାଇଟ ଆଦୌ ଲାଗି ନଥିବାରୁ ସନ୍ଧ୍ୟା ହେଲେ ସମ୍ପୂର୍ଣ୍ଣ ସାହି ଅନ୍ଧକାର ରହୁଛି। ଫଳରେ ସନ୍ଧ୍ୟା ସମୟରେ ମହିଳା, ବୃଦ୍ଧ, ବୃଦ୍ଧା ତଥା ଶିଶୁ ମାନେ ଘରୁ ବାହାରିବା କଷ୍ଟ ହେବାସହ ଅନ୍ଧାରର ସୁଯୋଗ ନେଇ ଅସାମାଜିକ କାର୍ଯ୍ୟକଳାପ ବୃଦ୍ଧି ପାଉଥିବା ସାହି ବାସିନ୍ଦା ଉଦବେଗ ପ୍ରକାଶ କରିଛନ୍ତି। ଏହି ସମସ୍ତ ଅସୁବିଧାର ଯଥାଶୀଘ୍ର ସମାଧାନ ନିମନ୍ତେ ବିଡ଼ିଓଙ୍କୁ ଦାବି ଜଣାଇଛନ୍ତି।

# ମନ୍ଦିର ପ୍ରତିଷ୍ଠା ନିମନ୍ତେ କଳସ ଯାତ୍ରା



ଛତ୍ରପୁର,୨୦।୬(ସମିସ): ଛତ୍ରପୁର ବ୍ଲକ ଅନ୍ତର୍ଗତ ଚିକଲଖଣ୍ଡି ଗ୍ରାମର ଶ୍ରୀ ଶ୍ରୀ ଶ୍ରୀ ବୁଢ଼ି ଠାକୁରାଣୀ ଓ କାଳୀମୁଖୀ ମନ୍ଦିରରେ ବିଜେ ପ୍ରତିମା ଓ ପାର୍ଶ୍ୱ ଦେବତା ସହ ସିଂହଦ୍ୱାର ପ୍ରତିଷ୍ଠା ନିମନ୍ତେ ଆଜି କଳସ ଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଗ୍ରାମର ଶହଶହ ମହିଳା ପୁରୁଷ ହାତରେ କଳସି ଧରି ରୁଷିକୁଲ୍ୟା ନଦୀର ପାଣି ଧରି ଏକ ବିଶାଳ ଶୋଭାଯାତ୍ରାରେ ମନ୍ଦିରର ନିକଟରେ ପହଞ୍ଚିଥିଲେ। ଏହି ଉତ୍ସବ ଆଜିଠୁ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ବିଭିନ୍ନ ପୂଜା କାର୍ଯ୍ୟକ୍ରମ ଆୟୋଜିତ ହେବ। ଉତ୍ସବ ପ୍ରଚାରକ ପଣ୍ଡିତ ମନୋଜ କୁମାର ତ୍ରିପାଠୀ ଓ ମହନ୍ତ ମହାରାଜ ଶ୍ରୀପାଦ ଧନଞ୍ଜୟ ବ୍ରହ୍ମଚର୍ଯ୍ୟ ଓ ସାଥି ପୁରୋହିତଙ୍କ ଦ୍ୱାରା ଘୃତ ଯଜ୍ଞ, ଅନ୍ନଯଜ୍ଞ, ଚବିଶି ପ୍ରହର ନାମଯଜ୍ଞ, ଗୋ ଯଜ୍ଞ ଓ କଥା ବାଚକଙ୍କ ଜ୍ଞାନଯଜ୍ଞ ସମ୍ପାଦନ ହେବ।

# ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ



ପାତ୍ରପୁର,୨୦।୬(ସମିସ): ରାଜ୍ୟ ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ପାତ୍ରପୁର ବ୍ଲକ ପରିସରରେ ଶନିବାର ବ୍ଲକସ୍ତରୀୟ ବିକାଶର ଧାରା ଓଡିଶା ସାରା କାର୍ଯ୍ୟକ୍ରମ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ଲକ ପରିସରରେ ଏକ ପ୍ରବଳ ଭିଡ ପରିଲକ୍ଷିତ ହେଇଥିବା ଦେଖିବାକୁ ମିଳିଥିଲା। ବ୍ଲକ ଅଧ୍ୟକ୍ଷା ପ୍ରତିନିଧି ୱାଇ. ମୋହନ ରାଓ, ଉପାଧ୍ୟକ୍ଷ ଅନାଦି ଚରଣ ପଣ୍ଡିତ, ବିଡିଓ ଲକ୍ଷ୍ମଣ ଚରଣ ସୋରେନ, ତହସିଲଦାର ଅଶୋକ କୁମାର ପଟ୍ଟନାୟକ, ଭିଏସ ସସ୍ମିତା ପଣ୍ଡା ମଞ୍ଚାସିନ ଥିବା ହୋଇଥିବା ବେଳେ ସାମାଜିକ ସୁରକ୍ଷା ଅଧିକାରୀ ସ୍ନେହାଶିଷ ପଟ୍ଟନାୟକ ମଞ୍ଚ ପରିଚାଳନା କରିଥିଲେ। ଉକ୍ତ କାର୍ଯ୍ୟକ୍ରମରେ ଚିକିଟି ବିଧାୟକ ମନୋରଞ୍ଜନ ଦ୍ୟାନ ସାମନ୍ତରାଙ୍କ ଦ୍ୱାରା ୨୪୯ ଜଣ ଅଙ୍ଗନୱାଡ଼ି ଦିଦି ମାନଙ୍କୁ ସ୍ମାର୍ଟ ମୋବାଇଲ ପ୍ରଦାନ କରାଯାଇଥିଲା। ସେହିଭଳି ୫୦ ଜଣ ଯୋଗ୍ୟ ହିତାଧିକାରୀଙ୍କୁ ରାସନ କାର୍ଡ, ୩୩୭ ଜଣଙ୍କୁ ଭତ୍ତା ବଣ୍ଟନ, ଅନ୍ତୋଦୟ ଗୃହ ଯୋଜନାରେ ୩୯ ଜଣଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିଲା, ୧୧ ଜଣଙ୍କୁ କାମଧେନୁ ଯୋଜନାର ପରଚି ପ୍ରଦାନ କରାଯାଇଥିଲା, ୩ ଜଣଙ୍କୁ ଲେବର କାର୍ଡ ପ୍ରଦାନ କରାଯାଇଥିଲା, ୨ ମିଶନ ଶକ୍ତି ଏସଏସଜି ମହିଳା ସଙ୍ଘକୁ କୋଡ଼ିଏ ଲକ୍ଷ ଟଙ୍କାର ଋଣ ପ୍ରଦାନ କରାଯାଇଥିଲା, ୪୫ ବିଦ୍ୟାଳୟକୁ ପଟ୍ଟା ପ୍ରଦାନ କରାଯାଇଥିଲା, ସିଏମଆରଏଫ ଫଣ୍ଡରୁ ୧୦ ଜଣ ହିତାଧିକାରୀଙ୍କୁ ଚାରି ଲକ୍ଷ ଲେଖାଏଁ ରାଶି ମଧ୍ୟ ପ୍ରଦାନ କରାଯାଇଥିଲା। ବର୍ତ୍ତମାନ ସରକାରରେ ଯୋଗ୍ୟ ହିତାଧିକାରୀ ମାନେ ସରକାରଙ୍କ ଜନକଲ୍ୟାଣମୁଖୀ ଯୋଜନା ସାମିଲ ହେଉଛନ୍ତି। ଆଗକୁ ମଧ୍ୟ ଅଞ୍ଚଳର ଯୋଗ୍ୟ ମାନଙ୍କୁ ସାମିଲ କରାଯିବ ବୋଲି ଶ୍ରୀ ସାମନ୍ତରା ପ୍ରକାଶ କରିଥିଲେ। କାର୍ଯ୍ୟକ୍ରମରେ ବ୍ଲକର ସମସ୍ତ କର୍ମଚାରୀ ଉପସ୍ଥିତ ରହି ସହଯୋଗ କରିଥିଲେ।

# ନବନିଯୁକ୍ତ ୧୫ ଲକ୍ଷ ହିତାଧିକାରୀଙ୍କୁ ୨୪ ଶହ କୋଟି ପ୍ରଦାନ

ରଙ୍ଗେଇଲୁଣ୍ଡା, ୨୦।୬(ସମିସ): କନିସି ତହସିଲ ଅଧୀନସ୍ଥ ପାଲୁର ହିଲ ସ୍ଥିତ ନିଷ୍ଟ ବିଶ୍ୱ ବିଦ୍ୟାଳୟରେ ଇପିଅଫ କ୍ଷେତ୍ରୀୟ କାର୍ଯ୍ୟାଳୟ ବ୍ରହ୍ମପୁର ପକ୍ଷରୁ ପ୍ରଧାନମନ୍ତ୍ରୀ ଭାରତ ରୋଜଗାର ଯୋଜନା ପ୍ରୋତ୍ସାହନ ରାଶି ପ୍ରଦାନ ଓ ନିଯୁକ୍ତି ପତ୍ର ବଣ୍ଟନ କରାଯଇଥିଲା। ମୁଖ୍ୟ ଅତିଥି ବ୍ରହ୍ମପୁର ଯୁଗ୍ମ ଶ୍ରମ ଆୟୁକ୍ତ ସୁମିତ୍ରା ମାଝୀ, ସନମାନ ଅତିଥି ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ ଅଶ୍ୱିନୀ କୁମାର ବାରିକ, ଆଇଆରଇଏଲ ଜେନାରଲ ମେନେଜର ସିଭିଆର ମୂର୍ତ୍ତି, ଅନ୍ୟ ଅତିଥି ଟିପିସୋଡ଼ିଅଲ ମାନବ ସମ୍ବଳ ଅଧିକାରୀ ସଂଜୀବ କୌଶିକ, ନିଷ୍ଟ ବିଶ୍ୱବିଦ୍ୟାଳୟ ରେଜିଷ୍ଟ୍ରାର ଡ଼. ବିଷ୍ଣୁକର ନାୟକ ଓ ଅନ୍ୟ ମାନେ ଯୋଗ ଦେଇଥିଲେ। ବିତ୍ତ ଅଧିକାରୀ ପ୍ରଭାତ କୁମାର ମହାରଣା ସଭା ପରିଚାଳନା କରିବା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଶିଳ୍ପ କ୍ଷେତ୍ରରେ ରୋଜଗାର ଓ ନୂତନ ନିଯୁକ୍ତି ସୃଷ୍ଟି କରିବା ସହ ପ୍ରୋତ୍ସାହନ ହେବା ସହ ସାମାଜିକ ସୁରକ୍ଷା ପରିଧିକୁ ସୁଦୃଢ଼ କରିବା ପାଇଁ ଏହି ଯୋଜନା ଉଦେଶ୍ୟ ବୋଲି କୁହାଯାଇଥିଲା। ଏହି କାର୍ଯ୍ୟକ୍ରମ ଦେଶ ୨ ଶହ ସ୍ଥାନ ହୋଇଛି। କେନ୍ଦ୍ର ଶ୍ରମ ବିଭାଗ ପକ୍ଷରୁ ଆସନ୍ତା ୨ ବର୍ଷ ମଧ୍ୟ ୩. ୫ କୋଟି ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖିଛି। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରୁ ଜାତୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶ୍ରମମନ୍ତ୍ରୀ ଡ. ମନସୁଖ ମାଣ୍ଡଭିଆ, ଆଭାସୀ ମାଧ୍ୟମରେ ଯୋଗ ଦେଇଥିଲେ। ପ୍ରଧାନମନ୍ତ୍ରୀ ସୁଇଚ ଟିପି ୧୫ ଲକ୍ଷ ହିତାଧିକାରୀ ୨୪ ଶହ କୋଟି ଡ଼ିବିଟି ମାଧ୍ୟମରେ ସଂଯୁକ୍ତ ପ୍ରୋତ୍ସାହନ ରାଶି ହିତାଧିକାରି ମାନଂକୁ ପ୍ରଦାନ କରାଯାଇଥିଲା କ୍ଷ ଶେଷରେ ୧୦ ଜିଲା ୧୫୦ ଜଣଙ୍କୁ ନିଯୁକ୍ତି ପତ୍ର ବଣ୍ଟନ କାରାଯଇଥିଲା। ଗିରଜା ଶଙ୍କର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଏହି ଅବସରରେ ଗଞ୍ଜାମ ଚାମ୍ବର ଓ କୋମାର୍ସି ସଭାପତି ଇ ଶିବ ପ୍ରସାଦ ରାଓ, ସମ୍ପାଦକ ଭି ସନ୍ତୋଷ କୁମାର, ଡ଼ ପ୍ରୀତି ରଞ୍ଜନ ସାହୁ, ଉଦ୍ୟୋଗ ସଂସ୍ଥା ଅଧିକାରୀ, ହିତାଧିକାରୀ ଅନ୍ୟମାନେ ନବନିଯୁକ୍ତ ଉପସ୍ଥିତ ଥିଲେ।



## ଶେଷ ହୋଇପାରୁନି ପ୍ରଧାନମନ୍ତ୍ରୀ ସଡ଼କ

# ସାମାନ୍ୟ ବର୍ଷାରେ ଖୁଣ୍ଟିଆ ତୋଟା-ଷଣ୍ଢମୂଳ ରାସ୍ତା ବେହାଲ



ବେଗୁନିଆପଡ଼ା, ୨୦।୬(ସମିସ): ବେଗୁନିଆପଡା ବ୍ଲକ ଅନ୍ତର୍ଗତ ଷଣ୍ଢମୂଳ ଠାରୁ ଶାଳବଣ ପର୍ଯ୍ୟନ୍ତ ରାସ୍ତା କାମ ଦୀର୍ଘଦିନ ହେବ ଚାଲିଥିଲେ ସୁଦ୍ଧା ସରିପାରୁ ନାହିଁ, ଫଳରେ ଆଦିବାସୀଙ୍କ ମୌଳିକ ସୁବିଧା ପ୍ରତି ସାଧାରଣ ରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି। ଏହି ଭଳି ଏକ ଘଟଣା ଦେଖିବାକୁ ମିଳିଛି ବେଗୁନିଆପଡା ବ୍ଲକ ଷଣ୍ଢମୂଳ ପଞ୍ଚାୟତରେ। ପ୍ରଧାନମନ୍ତ୍ରୀ ସଡକ ଯୋଜନାରେ ଶାଳବଣ ଠାରୁ ତଳ ଖାସୁଆ ଦେଇ ଷଣ୍ଢମୂଳ ପର୍ଯ୍ୟନ୍ତ ରାସ୍ତାର ନିର୍ମାଣ ପାଇଁ ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୮ କିମି ୨୦୦ ମିଟର ରାସ୍ତା ନିର୍ମାଣ ହେବା ପାଇଁ ୩ କୋଟି ୮୮ ଲକ୍ଷ ଟଙ୍କା ଅନୁଦାନ ଆସିଥିବା ବେଳେ ଏହି କାର୍ଯ୍ୟ ୨୦୨୨ ମସିହା ଜୁଲାଇ ୧୪ ରେ ଆରମ୍ଭ ହୋଇ ୨୦୨୩ ମସିହା ଜୁନ ୧୩ ତାରିଖରେ ରେ ସରିବା ପାଇଁ ସୂଚନା ଫଳକରେ ଉଲ୍ଲେଖ ଥିଲା। ଏହା ସହିତ ଏହାର ୨୦୨୩ ରୁ ୨୦୨୮ ମସିହା ପର୍ଯ୍ୟନ୍ତ ରକ୍ଷଣା ବେକ୍ଷଣ ପାଇଁ ୩୨ ଲକ୍ଷ ୪୧ ହଜାର ଟଙ୍କା ଅନୁଦାନ ଥିଲା। ଏହି ରାସ୍ତା ନିର୍ମାଣ କାର୍ଯ୍ୟ ଫଳକ ଅନୁସାରେ ଦର୍ଶାଯାଇଥିବା ପ୍ରକାରେ ଆଜି ପର୍ଯ୍ୟନ୍ତ ଶେଷ ହୋଇ ନାହିଁ। ଖାଲି ସେତିକି ନୁହେଁ ଶାଳବଣ ଠାରୁ ଖୁଣ୍ଟିଆ ତୋଟା ପର୍ଯ୍ୟନ୍ତ କାମ ହୋଇଥିବା ବେଳେ ଖୁଣ୍ଟିଆ ତୋଟା ଠାରୁ ଷଣ୍ଢମୂଳ ପର୍ଯ୍ୟନ୍ତ ରାସ୍ତା ଅବସ୍ଥା ଦୟନୀୟ ଅବସ୍ଥା ରେ ରହିଛି। ତଳ ଖାସୁଆ ଓ ବାରିଆହତା ଆଦିବାସୀ ବସତି ଅଟେ, ସେମାନେ ବାରମ୍ବାର ଅଭିଯୋଗ କଲେ ମଧ୍ୟ କେହି ଶୁଣୁନଥିବା କଥା ଗ୍ରାମବାସୀ କହିଛନ୍ତି। ଏପରି କି ସ୍ଥାନୀୟ ସରପଞ୍ଚ ମଧ୍ୟ ଏହାକୁ ନେଇ ଅଭିଯୋଗ କରିଥିବା କଥା କହିଛନ୍ତି। ସମ୍ପୃକ୍ତ ବିଭାଗ ଏହା ଉପରେ ତଦନ୍ତ କରି ରାସ୍ତା କାମ ତୁରନ୍ତ ଆରମ୍ଭ କରିବା ସହ ରାସ୍ତା ମରାମତି କାର୍ଯ୍ୟ କରିବା ପାଇଁ ଜନସାଧାରଣ ଦାବୀ କରିଛନ୍ତି। ଏ ସମ୍ପର୍କରେ କନିଷ୍ଠ ଯନ୍ତ୍ରୀ ଦିଲ୍ଲୀପ କୁମାର ବେହେରା କହିଛନ୍ତି ଯେ ସେହି କାମ ସମୟରେ ସେ ନଥିଲେ କଣ ହୋଇଛି ସେ ତଦନ୍ତ କରିବେ ବୋଲି ପ୍ରକାଶ କରିଛନ୍ତି।

# ଗଞ୍ଜାମର ୧.୭ ଲକ୍ଷ ଲୋକଙ୍କୁ ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି ଟଙ୍କା



ଛତ୍ରପୁର,୨୦।୬(ସମିସ): ପ୍ରଧାନମନ୍ତ୍ରୀ କିଷାନ ସମ୍ମାନ ନିଧି (ପିଏମ୍-କିଷାନ)ର ୨୩ତମ କିସ୍ତି ପ୍ରଦାନ କରାଯାଇଛି। ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧ୍ୟମରେ ଯୋଗ୍ୟ କୃଷକ ପରିବାରମାନଙ୍କ ଖାତାକୁ ୨ ହଜାର ଟଙ୍କା ଲେଖାଏଁ ସିଧାସଳଖ ପ୍ରେରଣ କରାଯାଇଛି। ଗଞ୍ଜାମ ଜିଲ୍ଲାର ୧,୭୦,୨୯୫ ଜଣ ହିତାଧିକାରୀଙ୍କୁ ୨ ହଜାର ଟଙ୍କା ଲେଖାଏଁ ମୋଟ ୩୪ କୋଟି ୫ ଲକ୍ଷ ୯୦ ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଛି। ସେହିପରି ରାଜ୍ୟର ୩୪.୬ ଲକ୍ଷରୁ ଅଧିକ କୃଷକ ପରିବାରଙ୍କୁ ୬୯୩ କୋଟି ଟଙ୍କାର ଆର୍ଥିକ ସହାୟତା ମିଳିଛି। ଜିଲ୍ଲାର ସଦର ମହକୁମା ଛତ୍ରପୁରସ୍ଥିତ ଜିଲ୍ଲାପରିଷଦର ଋଷିକୂଲ୍ୟା ସମ୍ମିଳନୀ କକ୍ଷରେ ଆୟୋଜିତ ଜିଲ୍ଲାସ୍ତରୀୟ ପିଏମ କିଷାନ ଉତ୍ସବ ସମାରୋହରେ ପଶ୍ଚିମବଙ୍ଗର ତାରକେଶ୍ୱରରୁ ସିଧା ପ୍ରସାରଣ ଏଲଏଇଡି ପରଦା ମାଧ୍ୟମରେ ପ୍ରସାରିତ ହୋଇଥିଲା।

ଏହି ଅବସରରେ ଗଞ୍ଜାମର ଅତିରିକ୍ତ ଜିଲ୍ଲାପାଳ ସଚ୍ଚିଦାନନ୍ଦ ନାୟକ, କୃଷି ବିଭାଗ, କୃଷି ବିଜ୍ଞାନ କେନ୍ଦ୍ର ଓ ସଂଯୋଜିତ ବିଭାଗର ଅଧିକାରୀ ଯଥା ପ୍ରଶାନ୍ତ କୁମାର ନାଥ, ହେମନ୍ତ ଦାସ, ଶରତ କୁମାର ଦାସ, ସତ୍ୟବ୍ରତ ଦାସ, ହିମାଞ୍ଚଳ ସାହୁ, ଭରତ ଭୂଷଣ ସାହୁ, ଯୁଗ୍ମନ୍ଧୀ ମହାନ୍ତି, ଡକ୍ଟର ଏସ୍.କେ ନାୟକ, କୃଷକ ମୋର୍ଚ୍ଚାର ଜିଲ୍ଲା ସଭାପତି ସୂର୍ଯ୍ୟ ନାରାୟଣ ଦାଶ, ସମେତ କୃଷି ବିଭାଗର ଅଧିକାରୀ, ଜିଲ୍ଲାର ବିଭିନ୍ନ ବ୍ଲକରୁ ଆସିଥିବା କୃଷକ ଏବଂ ହିତାଧିକାରୀମାନେ ଉପସ୍ଥିତ ଥିଲେ। କୃଷି ବିଭାଗ ଓ କୃଷି ବିଜ୍ଞାନ କେନ୍ଦ୍ରର ମିଳିତ ସହଯୋଗରେ ସମଗ୍ର କାର୍ଯ୍ୟକ୍ରମ ସୁଚାରୁରୂପେ ପରିଚାଳିତ ହୋଇଥିଲା। ବ୍ଲକଭିତ୍ତିକ ହିତାଧିକାରୀଙ୍କ ମଧ୍ୟରେ ଦିଗପହଣ୍ଡି ବ୍ଲକର ସର୍ବାଧିକ ୧୪,୨୭୭ କୃଷକ ପରିବାର ଏହି କିସ୍ତିର ସୁବିଧା ପାଇଥିବା ବେଳେ ସାନଖେମୁଣ୍ଡିରେ ୧୧,୩୩୨, ଖଲ୍ଲିକୋଟରେ ୧୦,୨୨୬, ସେରଗଡ଼ରେ ୯,୯୬୭ ଏବଂ ଜଗନ୍ନାଥପ୍ରସାଦରେ ୮,୯୯୫ ଜଣ କୃଷକ ଉପକୃତ ହୋଇଛନ୍ତି। ସେହିପରି ପୋଲସରାରେ ୮,୭୪୦, ପୁରୁଷୋତ୍ତମପୁରରେ ୮,୬୪୦, ବେଗୁନିଆପଡ଼ାରେ ୮,୬୧୮, ସୁରଡ଼ାରେ ୮,୨୮୫ ଏବଂ ଆସିକାରେ ୮,୧୯୪ ଜଣ କୃଷକ ପରିବାରଙ୍କ ଖାତାକୁ ସହାୟତା ରାଶି ପହଞ୍ଚିଛି। ଜିଲ୍ଲାର ସମସ୍ତ ୨୨ଟି ବ୍ଲକର ଯୋଗ୍ୟ କୃଷକପରିବାରମାନେ ଏହି ଯୋଜନାର ସୁବିଧା ପାଇଛନ୍ତି।

# ଭୀଷ୍ମଗିରି କଲେଜରେ ଯୋଗ ଶିବିର

ଦିଗପହଣ୍ଡି,୨୦।୬(ସମିସ): ଦିଗପହଣ୍ଡି ବ୍ଲକ ଭୀଷ୍ମଗିରି ଗ୍ରାମସ୍ଥିତ ରାମଜୀ ଡିଗ୍ରୀ କଲେଜ ପରିସରରେ ଜାତୀୟ ସେବା ଯୋଜନା ୟୁନିଟ, ରେଡକ୍ରସ୍ ଏବଂ ଭାରତ ସ୍କାଉଟ ଏବଂ ଗାଇଡ ଶାଖା ପକ୍ଷରୁ ରବିବାର ହେବାକୁ ଥିବା "ଆନ୍ତର୍ଜାତୀୟ ଯୋଗ ଦିବସ' ଅବ୍ୟବହିତ ପୂର୍ବରୁ ଶନିବାର ଯୋଗ ଶିବିର ଓ ସଚେତନତା ସଭା ଅନୁଷ୍ଠିତ ହୋଇଯାଇଛି। କଲେଜ ଅଧ୍ୟକ୍ଷ ନିହାର ରଞ୍ଜନ କରଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ମୁଖ୍ୟ ଅତିଥି ରୂପେ ବ୍ରହ୍ମପୁର ସ୍ଥିତ ଡେକାନ କଲେଜ ଶାରୀରିକ ଶିକ୍ଷା ପ୍ରଶିକ୍ଷକ ମହାଦେବ ରଥ ଯୋଗଦେଇ ଉପସ୍ଥିତ ଛାତ୍ରଛାତ୍ରୀ ମାନଙ୍କୁ ଯୋଗ ଓ ପ୍ରାଣାୟାମର ମହତ୍ତ୍ୱ ସମ୍ପର୍କରେ ଉଦବୋଧନ ଦେଇଥିଲେ। ଯୋଗ, ପ୍ରାଣାୟାମ ଜୀବାତ୍ମାକୁ ପରମାତ୍ମାଙ୍କ ସହ ଯୋଗ କରିଥାଏ। ଯୋଗ ପ୍ରାଣାୟାମ ବ୍ୟକ୍ତିର ଶାରୀରିକ ଓ ମାନସିକ ସ୍ୱାସ୍ଥ୍ୟକୁ ସୁସ୍ଥ ଓ ସୁସଂଯତ ରଖିବାରେ ମୁଖ୍ୟ ଭୂମିକା ନେଇଥାଏ ବୋଲି ସେ କହିଥିଲେ। ଛାତ୍ରଛାତ୍ରୀ, ଅଧ୍ୟାପକ, ଅଧ୍ୟାପିକା ଓ ଅଣଶିକ୍ଷକ କର୍ମଚାରୀ ମାନଙ୍କୁ ସେ ବିଭିନ୍ନ ଯୋଗ,ଆସନ, ପ୍ରାଣାୟାମ ସମ୍ପର୍କରେ ତାଲିମ ପ୍ରଦାନ କରିଥିଲେ। ଜାତୀୟ ସେବା ଯୋଜନା ଅଧିକାରୀ ଅଧ୍ୟାପିକା ଇତିପ୍ରଭା, ଭାରତ ସ୍କାଉଟ ଏବଂ ଗାଇଡ୍ ପ୍ରଶିକ୍ଷିକା ଅଧ୍ୟାପିକା କୁମାରୀ ପ୍ରିୟଦର୍ଶିନୀ ପ୍ରଧାନ, ପ୍ରଶିକ୍ଷକ ଅଧ୍ୟାପକ ପ୍ରଶାନ୍ତ କୁମାର ପଣ୍ଡା, ଯୁବ ରେଡକ୍ରସ୍ ଉପଦେଷ୍ଟା ଅଧ୍ୟାପକ ରଞ୍ଜନ ଗୌଡ଼ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।



# ଜଗଦଳପୁରରେ ମକ୍ ଡ୍ରିଲ ମହାରାଜପୁରରେ ଫଟୋରେ ଶେଷ !

ଆସିକା,୨୦।୬(ସମିସ): ରାଜ୍ୟ ବିପର୍ଯ୍ୟୟ ପରିଚାଳନା କର୍ତ୍ତୃପକ୍ଷ ଗଞ୍ଜାମ ଜିଲ୍ଲା ପକ୍ଷରୁ ବାତ୍ୟା ଓ ବନ୍ୟା ଆଶ୍ରୟ ସ୍ଥଳୀ ସ୍ତରୀୟ ସାମୁହିକ ଅଭ୍ୟାସ କାର୍ଯ୍ୟକ୍ରମ ଆସିକା ବ୍ଲକର ଗୁଣ୍ଡପଡା ଗ୍ରାମ ପଞ୍ଚାୟତର ଜଗଦଳପୁର ଠାରେ ମକ ଡ୍ରିଲ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇ ଥିଲା। ବ୍ଲକରେ ସମସ୍ତ ଲାଇନ ବିଭାଗର ଅଧିକାରୀଙ୍କୁ ମାନଙ୍କୁ ନେଇ ଟେବୁଲ ଟକ ଏକ୍ସରସାଇଜ କରାଯିବ। ଦ୍ୱିତୀୟ ଦିନ ଆସିକା ବ୍ଲକର ମହାରାଜପୁର ଏବଂ ଜଗଦଳପୁରରେ ଥିବା ବନ୍ୟା, ବାତ୍ୟା ଆଶ୍ରୟ ସ୍ଥଳୀର ପରିଚାଳନା କମିଟି ଓ ଗ୍ରାମବାସୀଙ୍କୁ ସଚେତନତା କରାଯିବ ପାଇଁ ଏକ ସ୍ୱେଚ୍ଛାସେବୀ ସଂଗଠନ କୁ ଦାୟିତ୍ୱ ମଧ୍ୟ ଦିଆଯାଇଛି। ଜନସାଧାରଣଙ୍କ ସୁରକ୍ଷା ଏବଂ ଜରୁରୀକାଳୀନ ପ୍ରସ୍ତୁତି ବଜାୟ ରଖିବା ପାଇଁ ଓଡ଼ିଶା ନିୟମିତ ଭାବରେ ଏହି ମକ୍ ଡ୍ରିଲ୍ ଆୟୋଜନ ହୁଏ। ଚଳିତ ବର୍ଷା ଋତୁ ଆରମ୍ଭରୁ ଲୋକମାନଙ୍କୁ ସଜାଗ ରହିବା ପାଇଁ ଏହି ସଚେତନତା ବାର୍ତ୍ତା ପ୍ରଦାନ କରାଯାଏ। ଏହି କ୍ରମରେ ଚଳିତ ବର୍ଷ ଆସିକା ପଞ୍ଚାୟତ ସମିତିର ଦୁଇ ଗୋଟି ବନ୍ୟା ବାତ୍ୟା ଆଶ୍ରୟସ୍ଥଳୀରେ ମକ ଡ୍ରିଲ ପାଇଁ ଚିଠା ଆସିଥିଲା। ସେହିଭଳି ଦୁଇ ଗୋଟି ଆଶ୍ରୟ ସ୍ଥଳରେ ସମାନ କାର୍ଯ୍ୟକ୍ରମ ହେବା ବଦଳରେ ଜଗଦଳପୁର ସେଲଟରରେ ଏବିଡ଼ିଓ ସୁଶାନ୍ତ କୁମାର ବେହେରାଙ୍କ ସଂଯୋଜନାରେ ଅବଜର୍ଭର ଭାବେ ଉଦ୍ୟାନ ବିଭାଗର ସହ ନିର୍ଦ୍ଦେଶକ କନ୍ଧ ଜେନା ଓ ଅଗ୍ନିଶମ ବିଭାଗର ଅଧିକାରୀ କୈଳାସ ସାହୁ ଯୋଗ ଦେଇଥିଲେ।

# ଭଞ୍ଜନଗରରେ 'ବିକାଶର ଧାରା ଓଡ଼ିଶା ସାରା'

ଭଞ୍ଜନଗର,୨୦।୬ (ସମିସ): ଗଞ୍ଜାମ ଜିଲା ଭଞ୍ଜନଗର ବ୍ଲକ ସମ୍ମିଳନୀ କକ୍ଷରେ ଶନିବାର ଭାଜପା ସରକାରର ଦୁଇ ବର୍ଷ ପୂର୍ତ୍ତି ଅବସରରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ୧୬୩ ହିତାଧିକାରୀଙ୍କୁ ବିଭିନ୍ନ ଯୋଜନାରେ ଭତ୍ତା ପ୍ରଦାନ କରାଯାଇଥିଲା। ଭଞ୍ଜନଗର ବିଧାୟକ ପ୍ରଦ୍ୟୁମ୍ନ କୁମାର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ ତାହା ପ୍ରଦାନ କରିଥିଲେ। ଏଥିସହ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା କାର୍ଡ ଯୋଜନାରେ ୨୬୨ ଜଣଙ୍କୁ ରାଶନକାର୍ଡ, ଅଙ୍ଗନୱାଡି କର୍ମୀମାନଙ୍କୁ ମୋବାଇଲ ଏବଂ ନିର୍ମାଣ ଶ୍ରମିକମାନଙ୍କୁ ଶ୍ରମିକ କାର୍ଡ ବଣ୍ଟନ କରିଥିଲେ। ରାଜ୍ୟରେ ଭାଜପା ସରକାର ଆସିବା ପରେ ବିକାଶର ଧାରା ଓଡ଼ିଶା ସାରା ଚାଲିଛି ବୋଲି ବିଧାୟକ ତାଙ୍କ ଅଭିଭାଷଣରେ କହିଥିଲେ। ଭଞ୍ଜନଗର ନିର୍ବାଚନ ମଣ୍ଡଳୀରେ ମଧ୍ୟ ବିକାଶର ଧାରା ଚାଲିଛି ବୋଲି ବିଧାୟକ କହିଥିଲେ। ବୈଠକରେ ବିଡିଓ ଭାରତୀ ଦେବୀ ଅଧ୍ୟକ୍ଷତା କରିଥିଲେ। ଏବିଡିଓ ପୂର୍ଣ୍ଣଚନ୍ଦ୍ର ପାଢ଼ୀ ସଭାକୁ ସଂଯୋଜନା କରିଥିଲେ। ବ୍ଲକ ଅଧ୍ୟକ୍ଷ ନରିସଭା ନାୟକ, ଏମ୍ପି ପ୍ରତିନିଧି ଶିବ ଶଙ୍କର ପ୍ରଧାନ, ରବୀନ୍ଦ୍ର ଗୌଡ଼ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। କାର୍ଯ୍ୟକ୍ରମକୁ ପରିଚାଳନା କରିବାରେ ସହକାରୀ ନିର୍ବାହୀ ଯନ୍ତ୍ରୀ ନିତ୍ୟାନନ୍ଦ ପାତ୍ର, ସହକାରୀ ଯନ୍ତ୍ରୀ ରବୀନ୍ଦ୍ର କୁମାର ନାୟକ ପ୍ରମୁଖ ଉପସ୍ଥିତ ଥିଲେ।

# 'ବିକାଶ ଧାରା ଓଡ଼ିଶା ସାରା' ରେ ମହିଳା ସଚେତନତା



ଧରାକୋଟ,୨୦।୬(ସମିସ): ଓଡ଼ିଶା ସରକାରଙ୍କ କାର୍ଯ୍ୟକାଳର ଦୁଇ ବର୍ଷ ପୂର୍ତ୍ତି ଅବସରରେ ଧରାକୋଟ ବ୍ଲକ କାର୍ଯ୍ୟାଳୟ ପରିସରରେ ବିକାଶର ଧାରା ଓଡ଼ିଶା ସାରା ପଞ୍ଚାୟତ ସମିତି ସ୍ତରୀୟ କାର୍ଯ୍ୟକ୍ରମ ଜାରି ରହିଛି। କାର୍ଯ୍ୟକ୍ରମରେ ସମନ୍ୱିତ ଶିଶୁ ବିକାଶ ଓ ମିଶନ ଶକ୍ତି ଦ୍ୱାରା ନିଆଯାଉଥିବା ପଦକ୍ଷେପ ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। କାର୍ଯ୍ୟକ୍ରମରେ ଧରାକୋଟ ବିଡିଓ ତୃପ୍ତିମୟୀ ଜେନା, ତହସିଲଦାର ଲମ୍ବୋଦର ମାରାଣ୍ଡି, ଅତିରିକ୍ତ ବ୍ଲକ ଉନ୍ନୟନ ଅଧିକାରୀ ଭବାନୀ ଶଙ୍କର ପ୍ରଧାନ, ସିଡିପିଓ ସୁନିଲ ପ୍ରଭା ରଥ, ବିପିସି ସୁଶାନ୍ତ କୁମାର ନାୟକ, ଏସବିଆଇ କ୍ଷେତ୍ର ଅଧିକାରୀ ଦେବାଶିଷ ପଣ୍ଡା, ଓଜିବି ପରିଚାଳକ ଅଶେଷ କୁମାର ଦାସ, ଆଇଓବି ଜାହାଡା ଶାଖା ପରିଚାଳକ ରାଜ ପ୍ରତୀକ ଦାସ, ୟୁନିଅନ ବ୍ୟାଙ୍କ ଶାଖା ପରିଚାଳକ ପ୍ରଶାନ୍ତ କୁମାର ଜାନୀ ପ୍ରମୁଖ ଉପସ୍ଥିତ ରହିଥିଲେ। ଅମେସ ବେହେରା କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ମିଶନ ଶକ୍ତି ବିଭାଗର ଅଜୟ ସେମିଲି, ବ୍ଲକ ସଂଯୋଜକ ବନବାସ ବେହେରା, ସୁପରଭାଇଜର ରାଜଲକ୍ଷ୍ମୀ ପ୍ରଧାନ ପ୍ରମୁଖ ମହିଳାମାନଙ୍କ ସଶକ୍ତୀକରଣ ପାଇଁ ସରକାର ଦେଉଥିବା ବିଭିନ୍ନ ଯୋଜନା ଓ ଏହାର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏସବିଆଇ ଧରାକୋଟ ଶାଖା ତରଫରୁ ୨୨ଟି ସ୍ୱୟଂ ସହାୟକ ଗୋଷ୍ଠୀକୁ ଏକ କୋଟି ପନ୍ଦର ଲକ୍ଷ ଟଙ୍କାର ଋଣ ସହାୟତା ରାଶି, ୟୁନିଅନ ବ୍ୟାଙ୍କ ମୁଣ୍ଡ ମରାଇ ଶାଖା ତରଫରୁ ଏକ କୋଟି ସାତ ଲକ୍ଷ ଟଙ୍କା ଋଣ ସହାୟତା ରାଶି, ଆଇଓବି ଜାହାଡା ଶାଖା ତରଫରୁ ଏକ କୋଟି ଦଶ ଲକ୍ଷ ଟଙ୍କାର ଋଣ ସହାୟତା ରାଶି ଓ ଓଡ଼ିଶା ଗ୍ରାମ୍ୟ ବ୍ୟାଙ୍କ ଧରାକୋଟ ଶାଖା ତରଫରୁ ଦଶ ଲକ୍ଷ ଟଙ୍କାର ସହାୟତା ରାଶି ସ୍ୱୟଂ ସହାୟକ ଗୋଷ୍ଠୀର ମହିଳା ମାନଙ୍କୁ ପ୍ରଦାନ କରାଯାଇଥିଲା। ପ୍ରଚାର ଓ ପ୍ରସାର ପାଇଁ ପ୍ରଥମ ପର୍ଯ୍ୟାୟରେ ୧୫ ଜଣ ଅଙ୍ଗନୱାଡି କର୍ମୀଙ୍କୁ ମୋବାଇଲ ସେଟ ପ୍ରଦାନ କରାଯାଇଥିଲା। ମହିଳା ଓ ଶିଶୁ ବିକାଶ ବିଭାଗର ଭଗ୍ୟଲତା ମଣ୍ଡଳ, ସୁଶୀଳା ମଲିକ, ପଦ୍ମାବତୀ ମଲିକ, ଲକ୍ଷ୍ମୀ ଦଳେଇ, ସ୍ମୃତିରେଖା ରେଡ୍ଡୀ ଓ ବବୁଲୁ ଦାସ ପ୍ରମୁଖ ଏଥିରେ ସହଯୋଗ କରିଥିଲେ।

# ପାରମ୍ପରିକ ମତ୍ସ୍ୟଜୀବୀଙ୍କ ସମୀକ୍ଷା ଆଲୋଚନା



ରମ୍ଭା,୨୦।୬(ସମିସ): ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀଙ୍କ ବହୁବିଧ ସମସ୍ୟା ଚେନେଲ ମହାପଂଚାୟତ ପକ୍ଷରୁ ସରକାରଙ୍କ ପାଖକୁ ବାର୍ତ୍ତା ପଠାଯାଇଛି। ମଞ୍ଚାସୀନ ବ୍ୟକ୍ତିମାନଙ୍କ ମଧ୍ୟରେ ଖଲିକୋଟ ବିଧାୟକ ପୂର୍ଣ୍ଣଚନ୍ଦ୍ର ସେଠୀ ତଥା ଯୋଜନା ବୋର୍ଡ ଅଧ୍ୟକ୍ଷ ଗଞ୍ଜାମ, ସିଡିଏ ବୋର୍ଡ଼ ସଭ୍ୟ, ଦଳିତ ମତ୍ସ୍ୟଜୀବୀ ନେତା ଭୀମସେନ ବେହେରା, କଂଗ୍ରେସ ନେତା ମେଘନାଦ ଦଳାଇ, ପିଏଫସିଏସ ସଭାପତି ବନମାଳୀ ବାଲା। ପ୍ରଥମେ ଚିଲିକା ଚତୁର୍ପାସରୁ ଆସିଥିବା ନେତୃତ୍ୱ ମଣ୍ଡଳୀ ମାଳମାଳ ସମସ୍ୟା ଉପସ୍ଥାପନା କରିଥିଲେ। ସେଗୁଡିକ ମଧ୍ୟରୁ ୨୦୧୮ ମସିହା ଠାରୁ ବନ୍ଦ ଥିବା ଲିଜ ଏଗ୍ରିମେଣ୍ଟ ମତ୍ସ୍ୟ ସୈରାତ, ଅପାରଗ ଫିସିଫେଡ଼, ସାହେବ କେନାଲ ଋଷିକୂଲ୍ୟ ଓ ସାତପଡାପୁରୀ ରାମ ଭରତୀୟା ମୁହାଣ ଖନନ ଓ ଅବରୋଧ ହଟାଇବା, ପଙ୍କ ଉଦ୍ଧାର, ସରୁ ମଶାରୀ ଜାଲ ପ୍ରଚଳନ ବନ୍ଦ, ଚିଲିକା ଭିତରେ ମାଟି ମଶାରୀ ଜାଲ ଘେରି ବନ୍ଧ ଉଛେଦ, ୧୧୬୫ ବର୍ଗ କିଲୋମିଟର ୩ ଲକ୍ଷରୁ ଉର୍ଦ୍ଧ ମତ୍ସ୍ୟଜୀବୀ ୧୪୭ ଖଣ୍ଡ ଗ୍ରାମ ପୁରୀ, ଗଞ୍ଜାମ ଓ ଖୋର୍ଦ୍ଧା ସୁରକ୍ଷା ଦେଲେ ୭୦ ଭାଗ ଆଉ ଦାଦନ ଯିବେନାହିଁ, ୪୭୦୦୦ ଏକର ମତ୍ସ୍ୟ ଉତ୍ସ ସୁରକ୍ଷିତ ଯାହା ମାଛ ମରା ଉପକରଣ ଖନ୍ଦା, ତାଟ, ଜାଣ, ଉଠାପାଣି, ଡିଆଁଓ ଗଭୀର ଚିଲିକା ବାହାଣୀ ପ୍ରଭୃତି ପୁନର୍ଜୀବିତ, ଜବରଦଖଲ ମାଫିଆ ଅଣ ମତ୍ସ୍ୟଜୀବୀଙ୍କୁ ହଟାଇବା ଦ୍ୱାରା କୋଟି କୋଟି ଟଙ୍କା ସରକାର ତହବିଲକୁ ଯାଇପାରିବ।

ସରକାରଙ୍କ ମତ୍ସ୍ୟଜୀବୀ ଉନ୍ନୟନ ଯୋଜନା ଗୁଡିକ ସ୍ୱତନ୍ତ୍ର ଚିଲିକା ପାରମ୍ପରିକ ମତ୍ସ୍ୟଜୀବୀ ପୋର୍ଟାଲ ଗଠନ କରି ଉପଯୁକ୍ତ ହିତାଧିକାରୀଙ୍କୁ ଚୟନ କରିବା, ପ୍ରତ୍ୟେକ ମତ୍ସ୍ୟଜୀବୀ ଗ୍ରାମ ଚିଲିକା କୂଳେ ଜେଟି ନିର୍ମାଣ କରିବା, ଦିଘା ଠାରୁ ଗୋପାଳପୁର ଚିଲିକା ସମୁଦ୍ର କୂଳେ କୂଳେ ପକ୍କା ରାସ୍ତା ସମେତ ଜହ୍ନିକୁଦା ସାତପଡା ବ୍ରିଜ ନିର୍ମାଣ (ମତ୍ସ୍ୟଜୀବୀଙ୍କ ମତାମତ ଦ୍ୱାରା), ବାଲୁଗାଁ ଜୀବ ପ୍ରଯୁକ୍ତି ବିଭାଗ ଅଫିସରେ ଅନିୟମିତତା ତଦାରଖ କରିବା ପ୍ରମୁଖ ମୌଳିକ ସମସ୍ୟା ସମାଧାନ କରିବା ବିଷୟ ଆଲୋଚନା କରାଯାଇଥିଲା। ଏଥିରେ ଚିଲିକା ନେତୃତ୍ୱ ମଣ୍ଡଳୀ ଭାଗ ନେଇଥିବା ବାବାଜୀ ଟହଲ, ସେନାପତି ବେହେରା, ରଘୁନାଥ ବେହେରା, ଭୀମସେନ ଦାସ, ଭୀମସେନ ବେହେରା ସାବୁଲିଆ, ଚିତ୍ରସେନ ଦାସ, କନ୍ଧମଣି ବେହେରା, ମାଧବ ଦାସ, ମାଗତା ବେହେରା, ବିଜୟଲକ୍ଷ୍ମୀ ବାଲା, ଭ୍ରମର ଟହଲ, ପୁରସ୍ତମ ଜାଲି, ପଞ୍ଚାନନ ବେହେରା, ଗୌରାଙ୍ଗ ବାଲା, ଅଇଁଠା ଦାସ, ବନମାଳୀ ଜାଲି ପ୍ରମୁଖ ଶତାଧିକ ମତ୍ସ୍ୟଜୀବୀ ଉପସ୍ଥିତ ଥିଲେ. ବିଧାୟକ ମହୋଦୟ ସମସ୍ତ ସମସ୍ୟା ସରକାରଙ୍କୁ ଓ ଚିଲିକା ଉନ୍ନୟନ କତୃପକ୍ଷ, ମତ୍ସ୍ୟ ବିଭାଗ ମନ୍ତ୍ରୀ ଓ ଚଳିତ ବିଧାନସଭା ଅଧିବେଶନରେ ଉକ୍ତ ସମସ୍ୟାକୁ ଉପସ୍ଥାପନା କରିବେ ବୋଲି କହିଥିଲେ। ମତ୍ସ୍ୟଜୀବୀଙ୍କ ସମସ୍ୟା ସମାଧାନ ଅବହେଳା ହେଲେ ଆଇନ ହାତକୁ ନେବାକୁ ବାଧ୍ୟ ହେବେ ଓ ଠିକଣା ସମୟରେ ୩ଲକ୍ଷରୁ ଉର୍ଦ୍ଧ୍ୱ ମତ୍ସ୍ୟଜୀବୀ ଜବାବ ଦେବେ।

# ବ୍ଲକସ୍ତରୀୟ 'ବିକାଶର ଧାରା ଓଡ଼ିଶା ସାରା'

ରଙ୍ଗେଇଲୁଣ୍ଡା, ୨୦।୬(ସମିସ): ବିଜେପି ସରକାର ଦୁଇ ବର୍ଷରେ ଅବସରରେ ବିକାଶର ଧାରା ଓଡିଶା ସାରା ବ୍ଲକସ୍ତରୀୟ ବିଭିନ୍ନ ଯୋଜନା ହିତାଧିକାରୀ ସହାୟତା ପ୍ରଦାନ କାର୍ଯ୍ୟକ୍ରମ ରଙ୍ଗେଇଲୁଣ୍ଡା ବ୍ଲକରେ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମ ମୁଖ୍ୟଅତିଥି ଭାବେ ରଙ୍ଗେଇଲୁଣ୍ଡା ବିଡ଼ିଓ ବିଶ୍ୱଜିତ ରାୟ, ବିଇଓ ଦେବେନ୍ଦ୍ର ବେହେରା, କୋଲଥୀଗାଁ ସରପଞ୍ଚ ଜଗମୋହନ ପାତ୍ର, ରାଜ୍ୟ ଖଣି ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ପ୍ରତିନିଧି ବ୍ରଜମୋହନ ନାହାକ, ରାଜ୍ୟ ଖଣି ଇସ୍ପାତ ଓ ବାଣିଜ୍ୟ ପରିବହନ ମନ୍ତ୍ରୀ ଶିକ୍ଷା ପ୍ରତିନିଧି ଗଙ୍ଗାଧର ଶତପଥୀ, କୈଳାଶ ମହାନ୍ତି ଯୋଗଦେଇ ଶୁଭ ଆରମ୍ଭ କରିଥିଲେ। ବିପିଏମ ସୋନାଲି ପ୍ରିୟଦର୍ଶିନୀ ଅତିଥି ପରିଚୟ ପ୍ରଦାନ କରିବା ରାଜ୍ୟ ସରକାରଙ୍କ ଜନ କଲ୍ୟାଣ ସମ୍ପର୍କ କୁହାଯାଇଥିଲା ଓ ବ୍ଲକସ୍ତରୀୟ ଉନୟନ କାର୍ଯ୍ୟକ୍ରମ ଓ ଯୋଜନା ସମ୍ପର୍କ ଆଲୋକ ପାତ କରାଯଇଥିଲେ। ଲକ୍ଷପତି ଦିଦି ଯୋଜନାରେ ୬ ଜଣକୁ ଏକ ଲକ୍ଷ ଟଙ୍କା ବ୍ୟାଙ୍କ ଋଣ ମଞ୍ଜୁରୀରେ ଚେକ ପ୍ରଦାନ କରାଯଇଥିଲା। ଅନ୍ତୋଦୟ ଗୃହ ଯୋଜନାରେ ୪୮ ଜଣ ହିତାଧିକାରୀଙ୍କୁ କାର୍ଯ୍ୟଦେଶ ବଣ୍ଟନ, ମୁଖ୍ୟମନ୍ତ୍ରୀ ଅନ୍ନପୁର୍ଣ ଯୋଜନା ୯୦ ଜଣ ହିତାଧିକାରୀ ବଣ୍ଟନ, ଓ ବ୍ୟୟବନ୍ଦନ ଯୋଜନାରେ ୨୦୦ ହିତାଧିକାରୀଙ୍କୁ କାର୍ଡ ବଣ୍ଟନ, ଶ୍ରମ କାର୍ଡ ହିତାଧିକାରୀ ମଧ୍ୟ ବଣ୍ଟନ କରାଯଇଥିଲା। ଏହି କାର୍ଯ୍ୟକ୍ରମ ଜିପିଡ଼ିଓ ସନ୍ତୋଷ କୁମାର ବେହେରା, ରଙ୍ଗେଇଲୁଣ୍ଡା ସିଡ଼ିପିଓ ସଂଘମିତ୍ରା ମିଶ୍ର, ଏମଆଇ ଶକ୍ତି ପପ୍ରସାଦ ରାମ, ବ୍ଲକ ଓଏସଡ଼ି ପ୍ରତାପ ଚନ୍ଦ୍ର ପଟ୍ଟନାୟକ, ସନ୍ତୋଷ ଆଚାରି, ରାଜେନ୍ଦ୍ର ରେଡି, ଯଯାତି ପାତ୍ର, ଏମବିକେ ମିନତୀ ଦଳେଇ, ପୁଷ୍ପାଞ୍ଜଳି ପାତ୍ର,ଉଷା ରାଣୀ ରେଡି, ପଦ୍ମିନୀ ପ୍ରଧାନ, ଦେବି ପାତ୍ର ଓ ଅନ୍ୟମାନେ ଉପସ୍ଥିତ ଥିଲେ।

# ମୃତକଙ୍କ ନାଁରେ ରହିଛି ବିଇଏମ୍‌ସିର ଦୋକାନ ଗୃହ

ବ୍ରହ୍ମପୁର,୨୦।୬(ସମିସ):

- ଅବଧି ଶେଷ ହେଉ ଅଥବା ଭଡା ଦେୟରେ ଖିଲାପ ହେଲେ ବାତିଲ ହୋଇଥାଏ ଲିଜ
- କୌଣସି ମତେ ବିଇଏମ୍‌ସିର ଲିଜ ଦୋକାନ ଗୃହର ସବ ଲିଜ ମଧ୍ୟ ହୋଇପାରିବ ନାହିଁ
- ଦୋକାନ ଗୃହ ଆବଣ୍ଟନ ଓ ନିତିନିୟମ ପାଳନରେ ବିଇଏମସିର ପାତରଅନ୍ତର ଅଭିଯୋଗ




ଦୋକାନ ଗୃହ ଆବଣ୍ଟନ କ୍ଷେତ୍ରରେ ବିଇଏମସି କର୍ତ୍ତୃପକ୍ଷ କୌଣସି ନିର୍ଦ୍ଦିଷ୍ଟ ନିତିନିୟମ ପାଳନ କରୁନଥିବା ଅଭିଯୋଗ ହୋଇଛି। କେତେବେଳେ ହିତାଧିକାରୀଙ୍କର ତ ଆଉ କେତେବେଳେ ନିଜର ସୁବିଧାକୁ ଦେଖି ନିତିନିୟମ କାର୍ଯ୍ୟକାରୀ ହେଉଛି। ସହରରେ ବିଭିନ୍ନ ସ୍ଥାନରେ ଥିବା ଦୋକାନ ଗୃହରୁ ନିୟମିତ ଭଡା ଅସୁଲ ହେଉନଥିବା ଓ ଆବଣ୍ଟନରେ ଅନିୟମିତତା ହୋଇଥିବା ନେଇ ନିକଟରେ ହୋଇଥିବା ନିଗମର ଷ୍ଟାଣ୍ଡିଂକମିଟି ବୈଠକରେ ବିସ୍ତୃତ ଆଲୋଚନା ମଧ୍ୟ ହୋଇଥିଲା। ଦୋକନ ଭଡା ବାବଦରେ ରାଜସ୍ୱ ଆଦାୟ ହେଉନଥିବାରୁ ବିଇଏମସିକୁ କ୍ଷତି ସହିବାକୁ ପଡୁଥିବା ଜଣାପଡିଥିଲା। ଏହି ସମସ୍ୟାର ସମାଧାନ ପାଇଁ ଭଡା ଅସୁଲ ଓ ଆବଣ୍ଟନରେ ହୋଇଥିବା ଅନିୟମିତତା ଓ ମୃତ ବ୍ୟକ୍ତିଙ୍କ ନାମରେ ଥିବା ଅଥବା ସବ ଲିଜରେ ଥିବା ଦୋକାନ ଗୃହ ଗୁଡିକୁ ଚିହ୍ନଟ କରି ଆବଶ୍ୟକ ପଦକ୍ଷେପ ନେବାକୁ ବୈଠକରେ ନିଷ୍ପତ୍ତି ହୋଇଥିଲା। ତେବେ ସବୁଠାରୁ ବଡକଥା ହେଲା ସହରର ମଧ୍ୟ ଭାଗରେ ଏପରିକି ବିଇଏମସି କାର୍ଯ୍ୟାଳୟ ଠାରୁ ମାତ୍ର ଶହେ ମିଟର ଦୂରରେ ଥିବା ଏସଏନଟି ରୋଡ ସ୍ଥିତି ବିଇଏମସିର ମାର୍କେଟ କମ୍ପ୍ଲେକ୍ସ ଉପରେ ନିଗମ କର୍ତ୍ତୃପକ୍ଷଙ୍କ ନଜର ନପଡିବା ସମସ୍ତଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ମାର୍କେଟ କମ୍ପ୍ଲେକ୍ସର ଗୋଟିଏ କିମ୍ବା ଦୁଇଟି ଦୋକାନ ଗୃହକୁ ଆଇନଜୀବୀ ସ୍ୱର୍ଗତ ପିତବାସ ପଣ୍ଡା ନିଜ ଚାମ୍ବର ଭାବେ ବ୍ୟବହାର କରି ଆସୁଥିଲେ। ଯାହା ତାଙ୍କର ଅକାଳ ବିୟୋଗ ପରଠାରୁ ଦିର୍ଘ ମାସ ଧରି ବନ୍ଦ ରହିଛି। ଉକ୍ତ ଦୋକାନ ଗୃହକୁ ନେଇ ଏବେ ଉଠିଛି ପ୍ରଶ୍ନ। ଉକ୍ତ ଦୋକାନ ଗୃହ କାହା ନାମରେ ଆବଣ୍ଟନ ହୋଇଛି ଏବଂ ସେଠାରୁ ବିଇଏମସି ନିୟମିତ ଭଡା ଅର୍ଥ ପାଉଛି କି ନାହିଁ। ଆଇନଜୀବୀ ପିତବାସ ପଣ୍ଡାଙ୍କ ନାମରେ ଯଦି ଉକ୍ତ ଦୋକାନ ଗୃହ ରହିଛି ତେବେ ତାହା ନିୟମ ପ୍ରକାରେ ତୁରନ୍ତ ରଦ୍ଦ କରାଯିବା କଥା। କାରଣ ଜଣେ ମୃତବ୍ୟକ୍ତିଙ୍କ ନାମରେ କୌଣସି ଲିଜ ରହିବା ଅନୁଚିତ। ସେପଟେ ଉକ୍ତ ଲିଜକୁ ମଧ୍ୟ ସବ ଲିଜ କରାଯାଇପାରିବ ନାହିଁ। କାରଣ ପୂର୍ବରୁ ନିଗମର ବିଭିନ୍ନ ମାର୍କେଟ କମ୍ପ୍ଲେକ୍ସର ଆବଣ୍ଟନ କ୍ଷେତ୍ରରେ ନିଗମର ନିୟମକୁ କାର୍ଯ୍ୟକାରୀ କରିବା ବେଳେ ଏହା ନଜିର ରହିଛି। ସହରରେ ଉଠାଦୋକାନୀ ବା ଗରୀବ ବ୍ୟବସାୟୀଙ୍କ ପାଇଁ ଦୋକାନ ଗୃହର ଘୋର ଅଭାବ ରହିଥିବା ବେଳେ ମୃତ ବ୍ୟକ୍ତିଙ୍କ ନାମରେ ଥିବା ଦୋକାନ ଗୃହର ଲିଜକୁ ବାତିଲ କରି ଅନ୍ୟ କାହାକୁ ଲିଜ ଦେବାରେ ବିଇଏମସିର ସମସ୍ୟା କଣ ବୋଲି ସାଧାରଣରେ ପ୍ରଶ୍ନ କରାଯାଇଛି। ଏନେଇ ଅଭିଯୋଗ ପରେ ନିଗମ କର୍ତ୍ତୃପକ୍ଷ ଅଭିଯୋଗ ସମ୍ପର୍କରେ ଅନୁଧ୍ୟାନ କରି ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବେ ବୋଲି ଜଣାପଡିଛି।

# ଅପହରଣର ୮ ମାସ ପରେ ନାବାଳିକା ଛାତ୍ରୀ ଉଦ୍ଧାର

## ଅଭିଯୁକ୍ତଙ୍କୁ ଗିରଫ ଦାବିରେ ଏସ୍‌ପିଙ୍କୁ ଫେରାଦ

ବ୍ରହ୍ମପୁର, ୨୦।୬(ସମିସ): ନାବାଳିକା ଛାତ୍ରୀ ଅପହରଣ ଘଟଣାରେ ପୋଲିସ ୮ ମାସ ପରେ ନାବାଳିକାକୁ ଉଦ୍ଧାର କରିଛି। ହେଲେ ଏଯାବତ ଅଭିଯୁକ୍ତଙ୍କୁ ଗିରଫ ନ କରି ତାଙ୍କ ପରିବାରକୁ ଅନୁକମ୍ପା ଦେଖାଉଥିବା ଅଭିଯୋଗରେ ପରିବାର ଲୋକ ତାଙ୍କ ଓକିଲ ସୁରେନ୍ଦ୍ର ବେହେରା ଓ ପୱନ କୁମାରଙ୍କ ସହିତ ବ୍ରହ୍ମପୁର ଏସପିଙ୍କୁ ଫେରାଦ ହୋଇଛନ୍ତି। ଅଭିଯୁକ୍ତଙ୍କୁ ତୁରନ୍ତ ଗିରଫ ଦାବି କରିବାକୁ ସେମାନେ ଏସପିଙ୍କୁ ଅନୁରୋଧ କରିଛନ୍ତି। ପୀଡ଼ିତାଙ୍କ ପରିବାର ଲୋକଙ୍କ ସମସ୍ତ କଥା ଶୁଣିବା ପରେ ଘଟଣାର ଜଣେ ଡ଼ିଏସପି ତଦନ୍ତ କରିବେ ବୋଲି ସେ କହିଥିଲେ। ଘଟଣାରୁ ପ୍ରକାଶ ଯେ, ଜଣେ ୧୭ ବର୍ଷିଆ ନାବାଳିକା ତାଙ୍କ ମାମୁ ଘରେ ରହି ପାଠ ପଢୁଥିଲେ। ୨୦୨୫ ନଭେମ୍ବର ୨୩ ତାରିଖ ରାତ୍ର ଉକ୍ତ ନାବାଳିକା ନିଖୋଜ ହୋଇଯାଇଥିଲେ। ବହୁ ଖୋଜାଖୋଜି ପରେ ତାଙ୍କୁ ହାତୀଓଟ ଗ୍ରାମର ଜଣେ ଯୁବକ ଅପହରଣ କରିଥିବା ଜଣାପଡିଥିଲା। ଉକ୍ତ ନାବାଳିକାଙ୍କ ମାମୁ ଏନେଇ ଦିଗପହଣ୍ଡି ଥାନାରେ ଅଭିଯୋଗ କରିଥିଲେ। ପୋଲିସ ଏସଂକ୍ରାନ୍ତରେ ୪୨୭/୨୫ ରେ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ପୋଲିସ ଅଭିଯୁକ୍ତଙ୍କ ବାପାଙ୍କୁ ଥାନାକୁ ଆଣି ଜେରା କରିଥିଲା। ପରେ ଅଭିଯୁକ୍ତଙ୍କ ବାପା ଉକ୍ତ ନାବାଳିକାଙ୍କୁ ଆଣି ଥାନାରେ ଜିମା ଦେଇଥିଲା। ପୋଲିସ ଅପହୃତାଙ୍କୁ ସିଡବ୍ଲ୍ୟୁସି ରେ ହାଜର କରିଥିଲା। ପରେ ତାଙ୍କୁ ସଖୀ କେନ୍ଦ୍ରରେ ରଖାଯାଇଛି। ଅନ୍ୟପଟେ ପୋଲିସ ଅଭିଯୁକ୍ତଙ୍କୁ ଗିରଫ କରିବା ପରିବର୍ତ୍ତେ ଅଭିଯୋଗକାରୀଙ୍କୁ ଥାନାକୁ ଡାକି ହଇରାଣ କରୁଛି ବୋଲି ସେମାନେ ଆଜି ଏସପିଙ୍କୁ ଜଣାଇଛନ୍ତି।

# ନିଷ୍ଟ ବିଶ୍ୱବିଦ୍ୟାଳୟରେ ଯୋଗ ଦିବସ



ବ୍ରହ୍ମପୁର,୨୦।୬(ସମିସ): ନିଷ୍ଟ ବିଶ୍ୱବିଦ୍ୟାଳୟରେ ଅନ୍ତର୍ଜାତୀୟ ଯୋଗ ଦିବସ ପାଳିତ ହୋଇଯାଇଛି। ସାକ କୋର୍ଡିନେଟର ପ୍ରଫେସର ସରୋଜ କୁମାର ପାଢ଼ୀ ତତ୍ତ୍ୱାବଧାନରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ କୁଳସଚିବ ଡ. ବିଷ୍ଣୁଙ୍କର ନାୟକ ଯୋଗ ଦେଇ ଜୀବନରେ ଯୋଗର ଗୁରୁତ୍ୱ ଉପରେ ଆଲୋକପାତ କରିଥିଲେ। କାର୍ଯ୍ୟକ୍ରମରେ କ୍ରୀଡ଼ା ଅଧ୍ୟାପିକା ବାସନ୍ତୀ ପାତ୍ର ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବିଶ୍ୱବିଦ୍ୟାଳୟର ଡ. ବ୍ରଜକିଶୋର ମିଶ୍ର, ଡ. ସଂଦୀପନ ମଲ୍ଲିକ, ପ୍ରଫେସର ସୁମନ୍ତ ପଟନାୟକ, ଡ. ସୁଶାନ୍ତ ସାହୁ, ଡ. ପ୍ରବୀଣ ପାଢ଼ୀ, ପ୍ରଫେସର ଦୁର୍ଗା ମାଧବ ପାଢ଼ୀ ଓ ଡ. ପ୍ରୀତିରଞ୍ଜନ ସାହୁଙ୍କ ସମେତ ବହୁ ଛାତ୍ରଛାତ୍ରୀ ଯୋଗଦେଇ ଯୋଗଶିକ୍ଷା ଲାଭ କରିଥିଲେ।

# ପ୍ରଧାନମନ୍ତ୍ରୀ ଭାରତ ରୋଜଗାର ଯୋଜନା ପ୍ରୋତ୍ସାହନ ରାଶି ଓ ନିଯୁକ୍ତିପତ୍ର ବଣ୍ଟନ



ବ୍ରହ୍ମପୁର,୨୦।୬(ସମିସ): ନିଷ୍ଟ ବିଶ୍ୱ ବିଦ୍ୟାଳୟ ପରିସରରେ ବ୍ରହ୍ମପୁର ଇପିଏଫଓ କ୍ଷେତ୍ରୀୟ କାର୍ଯ୍ୟାଳୟ ପକ୍ଷରୁ ପ୍ରଧାନମନ୍ତ୍ରୀ ଭାରତ ରୋଜଗାର ଯୋଜନା ସଂଯୁକ୍ତ ପ୍ରୋତ୍ସାହନ ରାଶି ପ୍ରଦାନ ଓ ନିଯୁକ୍ତି ପତ୍ର ବଣ୍ଟନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ବ୍ରହ୍ମପୁର ଯୁଗ୍ମ ଶ୍ରମ ଆୟୁକ୍ତ ସୁମିତ୍ରା ମାଝୀ, ସମ୍ମାନିତ ଅତିଥି ଭାବେ ଆଞ୍ଚଳିକ ଭବିଷ୍ୟନିଧି ଆୟୁକ୍ତ ଅଶ୍ୱିନୀ ବାରିକ, ଆଇଆର୍‌ଇଏଲ୍ ଜେନାରଲ ମ୍ୟାନେଜର ସିଭିଆର ମୂର୍ତ୍ତି, ଅନ୍ୟତମ ଅତିଥି ଭାବେ ଟିପିଏସ୍‌ଓଡ଼ିଏଲ୍ ମାନବ ସମ୍ବଳ ଅଧିକାରୀ ସଞ୍ଜୀବ କୌଶିକ ଓ ନିଷ୍ଟ ବିଶ୍ୱବିଦ୍ୟାଳୟ କୁଳସଚିବ ଡ. ବିଷ୍ଣୁକର ନାୟକ ଉପସ୍ଥିତ ଥିଲେ। ନୂଆଦିଲ୍ଲୀସ୍ଥିତ ବିଜ୍ଞାନ ଭବନରୁ ଜାତୀୟ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି, କେନ୍ଦ୍ର ଶ୍ରମମନ୍ତ୍ରୀ ଡ. ମନସୁଖ ମାଣ୍ଡଭିଆ ଆଭାସୀ ମାଧ୍ୟମରେ ଯୋଗ ଦେଇ କାର୍ଯ୍ୟକ୍ରମର ସିଧା ପ୍ରସାରଣ ହୋଇଥିଲା। କାର୍ଯ୍ୟକ୍ରମକୁ ବିତ୍ତ ଅଧିକାରୀ ପ୍ରଭାତ ମହାରଣା ସଭା ପରିଚାଳନା କରିଥିଲେ। କେନ୍ଦ୍ର ଶ୍ରମ ବିଭାଗ ଆସନ୍ତା ୨ ବର୍ଷ ମଧ୍ୟରେ ୩.୫ କୋଟି ନିଯୁକ୍ତି ସୃଷ୍ଟି କରିବାର ଲକ୍ଷ୍ୟ ରଖିଥିବା କୁହାଯାଇଥିଲା। କର୍ମଚାରୀ ନିଯୁକ୍ତି ଦରମା ମୁତାବକ ଏକ ବର୍ଷ ମଧ୍ୟରେ ୫୦ଶତକଡା କରି ଦୁଇ ଥର ପ୍ରୋତ୍ସାହନ ରାଶି ପ୍ରଦାନ କରାଯିବ ଓ ନିଯୁକ୍ତି ସର୍ବାଧିକ ରାଶି ୧୫ ହଜାର ଟଙ୍କା ମିଳିବ। ଉଦ୍ୟୋଗି ନିଯୁକ୍ତି ଦାତାଙ୍କୁ ପ୍ରତି ନିଯୁକ୍ତି ସର୍ବାଧିକ ୩ହଜାର ଟଙ୍କା ମିଳିବ ବୋଲି ଅଧିକାରୀମାନେ କହିଥିଲେ। ବିଶ୍ୱବିଦ୍ୟାଳୟ ପରିସରରେ ୧୦ଟି ଜିଲ୍ଲାର ମୋଟ ୧୫୦ଜଣଙ୍କୁ ଅତିଥିମାନଙ୍କ ଦ୍ୱାରା ନିଯୁକ୍ତିପତ୍ର ବଣ୍ଟନ କରାଯାଇଥିଲା। ଶେଷରେ ଗିରଜା ଶଙ୍କର ଶତପଥୀ ଧନ୍ୟବାଦ ଅର୍ପଣ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗଞ୍ଜାମ ଚାମ୍ବର ଅଫ କମର୍ସ ସଭାପତି ଇପାରୀ ଶିବ ପ୍ରସାଦ ରାଓ, ସମ୍ପାଦକ ଭି. ସନ୍ତୋଷ କୁମାର, ଅଶୋକ ସାମନ୍ତରା, ଡ. ସ୍ୱାଧୀନ ମିଶ୍ର, ଡ. ପ୍ରୀତି ରଞ୍ଜନ ସାହୁ, ପିତାମ୍ବର ସାହୁ, ସନ୍ତୋଷ କୁମାର ନାୟକ, ପ୍ରତାପ ମହାନ୍ତି ଓ ସୁନୀଲ ରାୟଙ୍କ ସମେତ ବହୁ ଉଦ୍ୟୋଗ ସଂସ୍ଥା ଅଧିକାରୀ ଉପସ୍ଥିତ ଥିଲେ।

# କାର୍ଯ୍ୟରୁ ଛଟେଇ ନେଇ ସ୍ୱାସ୍ଥ୍ୟମିତ୍ରଙ୍କ ପ୍ରତିବାଦ



ବ୍ରହ୍ମପୁର,୨୦।୬(ସମିସ): ବହୁବର୍ଷ ଧରି ଜିଲ୍ଲା ସ୍ୱାସ୍ଥ୍ୟସେବାରେ କାର୍ଯ୍ୟରତ ସ୍ୱାସ୍ଥ୍ୟମିତ୍ର କର୍ମଚାରୀଙ୍କୁ ଛଟେଇ କରିବା ନେଇ ସ୍ୱାସ୍ଥ୍ୟ ବିଭାଗ ନିଷ୍ପତ୍ତି ହୋଇଛି। ଯାହାକୁ ନେଇ ରାଜ୍ୟ ସମେତ ଗଞ୍ଜାମ ଜିଲ୍ଲାରେ କାର୍ଯ୍ୟରତ ବହୁ ସ୍ୱାସ୍ଥ୍ୟମିତ୍ର ଛଟେଇ ଘଟଣାକୁ ନେଇ ପ୍ରତିବାଦ କରିଛନ୍ତି। ଗତମାସ ସ୍ୱାସ୍ଥ୍ୟବିଭାଗରୁ ଚିଠି ଜରିଆରେ ଜୁନ୍ ୩୦ତାରିଖରେ ସ୍ୱାସ୍ଥ୍ୟମିତ୍ରଙ୍କ ଅବଧି ଶେଷ ହେବ ଜାଣିବା ପରେ କାର୍ଯ୍ୟରତ କର୍ମଚାରୀ ମାନେ ଅସନ୍ତୋଷ ଜାହିର କରିଛନ୍ତି। ଜିଲ୍ଲାର ୯୦ରୁ ଅଧିକ କର୍ମଚାରୀ ଜିଲ୍ଲାମୁଖ୍ୟ ଚିକିତ୍ସାଳୟ ତଥା ସିଟି ହସ୍ପିଟାଲରେ ଥିବା ଜିଲ୍ଲା ସଂଯୋଜକଙ୍କୁ ଭେଟି ସମସ୍ୟା ବିଷୟରେ ଆଲୋଚନା ସହ ବିକ୍ଷୋଭ କରିବାକୁ ନିଷ୍ପତ୍ତି ନେଇଛନ୍ତି। ସେମାନଙ୍କୁ ସାମାଜିକ ସୁରକ୍ଷା ପ୍ରଦାନ ଓ ଛଟେଇକୁ ପ୍ରତ୍ୟାହାର କରିବାକୁ କର୍ମଚାରୀମାନେ ଦାବି କରିଛନ୍ତି। ନଚେତ ଆଗାମୀ ଦିନରେ ସରକାରଙ୍କ ଏଭଳି ନିଷ୍ପତିକୁ ନେଇ ସ୍ୱାସ୍ଥ୍ୟମିତ୍ରମାନେ ଆନ୍ଦୋଳନ କରିବେ ବୋଲି ଚେତାବନି ଦେଇଛନ୍ତି। ସୂଚନାଯୋଗ୍ୟ ଯେ, ୨୦୧୯ ମସିହାରୁ ତତ୍କାଳୀନ ସରକାର ତଥା ବିଜେଡ଼ି ସରକାରଙ୍କ ବିଜୁ ସ୍ୱାସ୍ଥ୍ୟ କଲ୍ୟାଣ ଯୋଜନା ଅଧିନରେ ସ୍ୱାସ୍ଥ୍ୟମିତ୍ର ମାନେ ଜିଲ୍ଲାର ବିଭିନ୍ନ ଘରୋଇ ଡାକ୍ତରଖାନାରେ ଆଉଟସୋର୍ସିଂ ଜରିଆରେ ହେଲ୍ପ ଡେସ୍କରେ କାର୍ଯ୍ୟରତ ଥିଲେ।

■ ପ୍ରବଳ ଗରମରୁ ମିଳିଲା ଆଶ୍ୱସ୍ତି

# ଟୁପୁରୁଟାପୁରୁ ବର୍ଷାରେ ଭିଜିଲା ବ୍ରହ୍ମପୁର



ବ୍ରହ୍ମପୁର,୨୦।୬(ସମିସ): ବ୍ରହ୍ମପୁର ସହର ସମେତ ଏହାର ଆଖପାଖ ଅଞ୍ଚଳରେ ଶନିବାର ଟୁପୁରୁ ଟାପୁରୁ ବର୍ଷା ଜାରି ରହିଥିଲା। ମଧ୍ୟାହ୍ନ ସମୟରୁ ଆରମ୍ଭ ହୋଇଥିବା ଏହି ବର୍ଷା ସନ୍ଧ୍ୟା ଓ ରାତି ପର୍ଯ୍ୟନ୍ତ ଲାଗି ରହିଥିଲା। ଦୀର୍ଘଦିନ ଧରି ଅସହ୍ୟ ଗରମ ଓ ଗୁଳୁଗୁଳି ପାଗରେ ଅସ୍ତବ୍ୟସ୍ତ ହୋଇପଡ଼ିଥିବା ସହରବାସୀଙ୍କୁ ଏହି ବର୍ଷା ବେଶ୍ ଆଶ୍ୱସ୍ତି ଦେଇଛି। ବର୍ଷା ସହ ପାଗ ଥଣ୍ଡା ହୋଇଥିବାରୁ ଲୋକମାନେ ଗରମରୁ କିଛିଟା ମୁକ୍ତି ପାଇଥିବା ଅନୁଭବ କରିଛନ୍ତି। ଶନିବାର ସକାଳୁ ଆକାଶ ମେଘାଚ୍ଛନ୍ନ ରହିଥିଲା। ସୂର୍ଯ୍ୟଙ୍କ ଦେଖା ମିଳିନଥିବାରୁ ତାପମାତ୍ରା ବୃଦ୍ଧି ପାଇନଥିଲେ ମଧ୍ୟ ଗୁଳୁଗୁଳି ଦେଖା ଦେଇଥିଲା। ମଧ୍ୟାହ୍ନ ପରେ କଳା ମେଘରେ ଆକାଶ ଢାଙ୍କି ହେବା ସହ ଟିପି ଟିପି ବର୍ଷା ଆରମ୍ଭ ହୋଇଥିଲା। ଯଦିଓ କୌଣସି ସ୍ଥାନରେ ପ୍ରବଳ ବର୍ଷା ହୋଇନଥିଲା, ତଥାପି ଲଗାତାର ଝିପିଝିପି ବର୍ଷା ଯୋଗୁଁ ପରିବେଶରେ ଶୀତଳତା ଆସିଥିଲା। ବ୍ରହ୍ମପୁର ସହର ସହିତ ଗୋପାଳପୁର, ଛତ୍ରପୁର, ରଙ୍ଗେଇଲୁଣ୍ଡା, ହିଞ୍ଜିଳିକାଟୁ ଓ ଅନ୍ୟାନ୍ୟ ନିକଟବର୍ତ୍ତୀ ଅଞ୍ଚଳରେ ମଧ୍ୟ ବର୍ଷାର ପ୍ରଭାବ ଦେଖିବାକୁ ମିଳିଥିଲା। ସନ୍ଧ୍ୟା ବେଳେ କିଛି ସ୍ଥାନରେ ଲୋକମାନେ ଛତା ଧରି ଯାତାୟାତ କରୁଥିବା ବେଳେ କେତେକ ଅଞ୍ଚଳରେ ରାସ୍ତାଘାଟ ଭିଜିଯାଇଥିଲା। ଅନ୍ୟପକ୍ଷରେ, ଚାଷୀମାନେ ଏହି ବର୍ଷାକୁ ସ୍ୱାଗତ କରିଛନ୍ତି। ଖରିଫ ଚାଷ ପାଇଁ ବର୍ଷାର ଆବଶ୍ୟକତା ଥିବାରୁ ଏଭଳି ପାଗ ଆଗାମୀ ଦିନରେ ଚାଷକାର୍ଯ୍ୟକୁ ସହାୟକ ହେବ ବୋଲି ସେମାନେ ଆଶା ପ୍ରକାଶ କରିଛନ୍ତି। ଯଦିଓ ଜିଲ୍ଲାର ବହୁ ଅଞ୍ଚଳରେ ଏପର୍ଯ୍ୟନ୍ତ ପର୍ଯ୍ୟାପ୍ତ ବର୍ଷା ହୋଇନାହିଁ, ତଥାପି ଶନିବାରର ଏହି ବର୍ଷା ମୌସୁମୀ ସକ୍ରିୟ ହେବାର ସଙ୍କେତ ବୋଲି ଅନେକେ ମତ ପ୍ରକାଶ କରିଛନ୍ତି। ପାଣିପାଗର ଏଭଳି ପରିବର୍ତ୍ତନ ଆଗାମୀ କିଛି ଦିନ ଯାଏଁ ଜାରି ରହିପାରେ ବୋଲି ଆଶା କରାଯାଉଥିବା ବେଳେ ବର୍ଷା ଜାରି ରହିଲେ ତାପମାତ୍ରା ଆହୁରି ହ୍ରାସ ପାଇବ ଏବଂ ଲୋକମାନେ ଗ୍ରୀଷ୍ମ ପ୍ରବାହରୁ ଅଧିକ ଆଶ୍ୱସ୍ତି ପାଇବେ ବୋଲି ଆଲୋଚନା ହେଉଛି।

# ଅଣ୍ଡର ୧୫ ସବ୍ ଜୁନିଅର ବକ୍ସିଂ ଦଳର ପଞ୍ଜାବ ଯାତ୍ରା



ବ୍ରହ୍ମପୁର,୨୦।୬(ସମିସ): ଚଳିତ ଜୁନ୍ ୨୨ରୁ ୨୮ ତାରିଖ ପର୍ଯ୍ୟନ୍ତ ପଞ୍ଜାବ ଜଳନ୍ଧରରେ ହେବାକୁ ଥିବା ୫ମ ଅଣ୍ଡର-୧୫ ସବ୍ ଜୁନିଅର ବାଳକ ଓ ବାଳିକା ଜାତୀୟ ବକ୍ସିଂ ପ୍ରତିଯୋଗିତାରେ ରାଜ୍ୟର ମୋଟ ୨୧ଜଣ ଖେଳାଳି ଅଂଶଗ୍ରହଣ କରିବେ। ସେଥି ମଧ୍ୟରେ ବାଳକ ୧୨ଜଣ ରହିଥିବା ବେଳେ ୯ଜଣ ବାଳିକା ସମେତ କୋଚ୍ ମ୍ୟାନେଜର ୩ଜଣ ଓ ଜଣେଲେଖାଏଁ ରେଫରୀ ଜଜ୍ ଏବଂ ଡିଟିଡି ରହିଛନ୍ତି। ଉକ୍ତ ପ୍ରତିଯୋଗିତା ପଞ୍ଜାବ ରାଜ୍ୟର ଜଳନ୍ଧର ସହର ସ୍ଥିତ ଲଭ୍ଲି ପ୍ରଫେସନାଲ ୟୁନିଭରସିଟି ଠାରେ ହେବାକୁ ଥିବା ବେଳେ ବକ୍ସିଂ ଫେଡରେସନ ଅଫ ଇଣ୍ଡିଆ ଓ ପଞ୍ଜାବ ଅମେଚ୍ୟୁର ବକ୍ସିଂ ଆସୋସିଏସନ୍‌ର ମିଳିତ ଆନୁକୁଲ୍ୟରେ ଅନୁଷ୍ଠିତ ହେବ। ଖେଳାଳିମାନେ ଜଳନ୍ଧର ସହର ଅଭିମୁଖେ ଯାତ୍ରା କରିଥିବା ରାଜ୍ୟ ବକ୍ସିଂ ସଂଘର ସମ୍ପାଦକ ଅନିଲ ବୋହିଦାର ସୂଚନା ଦେଇଛନ୍ତି। ଓଡ଼ିଶା ରାଜ୍ୟର ଅଣ୍ଡର-୧୫ ବାଳକ ବକ୍ସରରେ ଖେଳାଳି ଭାବେ ପ୍ରିନ୍ସ ନାୟକ, କିରଣ କୁମାର ବାରିକ, ଚନ୍ଦ୍ର ଶେଖର ବେହେରା, ବିମଳ ପ୍ରଧାନ, ସଂଗ୍ରାମ ପ୍ରଧାନ, ସୁକାନ୍ତ ବେହେରା, ସୁମିତ୍ ବେହେରା, ଆଲୋକ କୁମାର ସିଂ, ଅସୀମ ନାୟକ, ମଳୟ ସ୍ୱାଇଁ, ସୌର୍ଯ୍ୟଜୀତ ଦାଶ ଓ ଗଗନ ବେଣିଆ ଅଂଶଗ୍ରହଣ କରିବେ। ସେହିପରି ବାଳିକା ବକ୍ସର ଦଳରେ ୱାଇ. ତମନ୍ନା, ଅନୁଷ୍କା ନାୟକ, ଆସ୍ଥା କିରଣ ଭାରତୀ, ପ୍ରଜ୍ଞା ମହାରଣା, ମିକି ବେହେରା, ରୋଜାଲିନ ବିଶ୍ୱାଳ, ଦୋର୍ଥି ପୋରି ବେହେରା, ଶୁଭଶ୍ରୀ ବେହେରା ଓ ସ୍ନେହା ରାଣୀ ଗୌଡ଼ ଭାଗ ନେବେ। କୋଚ୍ ମ୍ୟାନେଜର ଭାବେ ରାଜେଶ ତିର୍କୀ, ଶ୍ୟାମା ମୁଖୀ, ବୁଲୁ ପାତ୍ର, ରୂପକ ପ୍ରସାଦ, ଜକ ବେନିଆ ଓ ଆନ୍ତର୍ଜାତୀୟ ବକ୍ସିଂ ଜଜ ଓ ରେଫରି ଶିଶିର କୁମାର ପାଣିଗ୍ରାହୀ ଏବଂ ଓଡ଼ିଶା ଆମେଚ୍ୟୁର ବକ୍ସିଂ ଆସୋସିଏସନର ସେକ୍ରେଟାରୀ ଅନିଲ ବୋହିଦାର୍ ଯାତ୍ରା କରିଛନ୍ତି। ଅନ୍ୟପକ୍ଷରେ ଦଳ ଭଲ ଖେଳ ପ୍ରଦର୍ଶନ କରିବେ ବୋଲି ଆଶିର୍ବାଦ ବେହେରା, ଅଭିଜିତ ପାଲ, ସଞ୍ଜୟ ବେହେରା, ଅଶୋକ କୁମାର ସାହୁ, ରାଜ୍ୟ ବକ୍ସିଂ ସଭାପତି ରଘୁନନ୍ଦନ ପାଢୀ, ରବିଶଙ୍କର ପ୍ରତିହାରି, ଧିରେନ୍ ପଲାଇ, ପ୍ରଭାତ ଭୋଳ, କେ. ପ୍ରଭାକର ରାଓ, ଅଞ୍ଜନ ଦାସ, ବିଜୟ ଦାସ, ବାବୁ ପାତ୍ର, ଶିବରାମ ପାତ୍ର, ଏସ.କେ ନାୟକ ଓ ମମତା ପଣ୍ଡାଙ୍କ ସମେତ ବହୁ ବକ୍ସର ଓ କ୍ରୀଡାବିତ ଆଶାପ୍ରକଟ କରିଛନ୍ତି।

# ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମରେ ରାଜନୈତିକ ଦଳର ପ୍ରତିନିଧି ସାମିଲ

ବ୍ରହ୍ମପୁର,୨୦।୬(ସମିସ): ବ୍ରହ୍ମପୁର ଉପଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ସମସ୍ତ ରାଜନୈତିକ ଦଳର ପ୍ରତିନିଧିମାନଙ୍କୁ ନେଇ ସ୍ୱତନ୍ତ୍ର ସଘନ ସଂଶୋଧନ ସମ୍ବନ୍ଧିତ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କାର୍ଯ୍ୟକ୍ରମରେ ଏଡିଏମ୍ ଦେବଦତ୍ତ ପଣ୍ଡା, ଡେପୁଟି କଲେକ୍ଟର ଅରୁଣ କୁମାର ଖଣ୍ଡା, ଅଲେଖ ରଞ୍ଜନ ମହାକୁଡ଼ ଏବଂ ବ୍ରହ୍ମପୁର ତହସିଲଦାର ରାକେଶ କୁମାର ପରିଡ଼ା ଯୋଗ ଦେଇ ସ୍ୱତନ୍ତ୍ର ସଘନ ସଂଶୋଧନ କାର୍ଯ୍ୟକ୍ରମର ଅଗ୍ରଗତି ସଂପର୍କରେ ସବିଶେଷ ତଥ୍ୟ ଉପସ୍ଥାପନ କରିଥିଲେ। ଏଡିଏମ୍

## ବିଏଲଓ ରମେଶ ମଲ୍ଲିକ ଜିଲ୍ଲାପାଳଙ୍କ ଦ୍ୱାରା ସମ୍ବର୍ଦ୍ଧିତ

ଉପସ୍ଥିତ ରାଜନୈତିକ ଦଳର ପ୍ରତିନିଧିମାନଙ୍କ ଦ୍ୱାରା ଉତ୍ଥାପିତ ବିଭିନ୍ନ ପ୍ରଶ୍ନର ଉତ୍ତର ରଖିଥିଲେ। ଭାରତ ନିର୍ବାଚନ ଆୟୁକ୍ତଙ୍କ ନିର୍ଦ୍ଦେଶ ତଥା ଅନୁମୋଦନ କ୍ରମେ ପ୍ରତ୍ୟେକ ବୁଥରେ ୧୨୦୦ ଭୋଟରଙ୍କୁ ସୀମିତ ରଖିବା ସଂପର୍କରେ ସୂଚନା ଦେଇଥିଲେ। ୧୨୦୦ ରୁ ଅଧିକ ଥିବା ଭୋଟରଙ୍କୁ ଡୋନର ବୁଥ୍ ମାଧ୍ୟମରେ ଆଡ଼ଜଷ୍ଟ କରିବା ବିଷୟରେ ସେ ଉଲ୍ଲେଖ କରିଥିଲେ। ଯେଉଁ ଭୋଟର ମୃତ ଅବା ସ୍ଥାୟୀ ଭାବେ ସ୍ଥାନାନ୍ତରିତ ସେମାନଙ୍କୁ ଉଭୟ ବିଏଲ୍‌ଓ ଏବଂ ବିଏଲ୍‌ଏ (ବୁଥ୍ ଲେଭଲ୍ ଏଜେଣ୍ଟ) ଙ୍କ ଦସ୍ତଖତ କ୍ରମେ ବାଦ୍ ଦେବାକୁ ସୂଚନା ମଧ୍ୟ ପ୍ରଦାନ କରିଥିଲେ। ଉକ୍ତ



ସମ୍ମିଳନୀ ପୂର୍ବରୁ ଗଞ୍ଜାମ ଜିଲ୍ଲାପାଳ ଭି. କୀର୍ତ୍ତି ଭାସନ ଏବଂ ବ୍ରହ୍ମପୁର ଉପଜିଲ୍ଲାପାଳ ଅବିନାଶ କୁମାର ପରିସରସ୍ଥ ଇଭିଏମ୍ ଗୋଦାମ ପରିଦର୍ଶନ କରିଥିଲେ। ଏଥି ସହିତ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ମତଦାତା ଗଣନା ଫର୍ମର ଶତ ପ୍ରତିଶତ ଡିଜିଟାଇଜେସନ କରିଥିବା ୧୨୭ ଭାଗର ବିଏଲ୍‌ଓ ରମେଶ ମଲ୍ଲିକଙ୍କୁ ଉତ୍ତରୀୟ ଏବଂ ପ୍ରଶସ୍ତି ସୂଚକ ମାନପତ୍ର ପ୍ରଦାନ କରି ତାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ୧୩୩-ବ୍ରହ୍ମପୁର ବିଧାନସଭା ନିର୍ବାଚନ ମଣ୍ଡଳୀର ଇ.ଆର୍.ଓ ଶ୍ରୀ ମଲ୍ଲିକଙ୍କ ଏତାଦୃଶ ସଫଳତାରେ ତାଙ୍କର ନିଷ୍ଠାପର ଉଦ୍ୟମ, ଉତ୍ସର୍ଗୀକୃତ ମନୋଭାବ, ପ୍ରତିବଦ୍ଧତା ତଥା କଠିନ ପରିଶ୍ରମର ଭୂୟସୀ ପ୍ରଶଂସା କରିଥିଲେ।

# ବିଜେପି ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ପିଏ ପରିଚୟରେ ବଟି ଆଦାୟ

ବ୍ରହ୍ମପୁର,୨୦।୬(ସମିସ):

ବିଜେପି ଜାତୀୟ ଅଧ୍ୟକ୍ଷ ନିତୀନ ନବୀନଙ୍କ ପିଏ(ବ୍ୟକ୍ତିଗତ ସହାୟକ) ବୋଲି ପରିଚୟ ଦେଇ ବିଜେପି କର୍ମୀଙ୍କୁ ଦାଦା ବଟି ମାଗୁଥିବା ଜଣେ ଯୁବକଙ୍କୁ ଟାଉନ ଥାନା ପୁଲିସ ଗିରଫ କରି କୋର୍ଟଚାଲାଣ କରିଛି। ସେ ହେଲେ ବ୍ରହ୍ମପୁର ନିକଟ ପଞ୍ଚମା ମହାନ୍ତି ସାହିର ଜଗନ୍ନାଥ ମଣ୍ଡଳ(୨୮)। ପୁଲିସ ତାଙ୍କ ନିକଟରୁ ଅପରାଧରେ ବ୍ୟବହୃତ ଏକ ମୋବାଇଲ ଜବତ କରିଛି। ସୂଚନାପ୍ରକାରେ, ବ୍ରହ୍ମପୁରର ବିଜେପି କର୍ମୀ ରାଜେଶ କୁମାର ପାତ୍ର(୩୩)ଙ୍କ ନିକଟକୁ ଏପ୍ରିଲ ୧ତାରିଖ ରାତି ୧୦ଟା ବେଳେ ଏକ ଅଜଣା ନମ୍ବରରୁ ୱାଟସଆପ କଲ୍ ଆସିଥିଲା। ଫୋନ କରିଥିବା ବ୍ୟକ୍ତି ଜଣଙ୍କ ନିଜକୁ ବିଜେପିର ରାଷ୍ଟ୍ରୀୟ ସଭାପତି ନୀତିନ ନବୀନଙ୍କ ବ୍ୟକ୍ତଗତ ସହାୟକ ବୋଲି ପରିଚୟ ଦେଇଥିଲା। ଦଳୀୟ କାମ ପାଇଁ ୫୦ହଜାର ଟଙ୍କା ଦେବାକୁ ପଡିବ ବୋଲି କହିଥିଲା। ଟଙ୍କା ନଦେଲେ ତାଙ୍କ ନାମରେ ଅଭିଯୋଗ

## ଯୁବକ ଗିରଫ

କରିବେ ବୋଲି ଧମକ ଦେଇଥିଲା। ରାଜେଶ ଏହି ଅଜଣା ନମ୍ବରକୁ ନିଜସ୍ତରରେ ଯାଞ୍ଚ କରିବା ପରେ ତାହା ନିତୀନ ନବୀନ ପିଏ ବୋଲି ଦର୍ଶାଇଥିଲା। ଏହାକୁ ନେଇ ରାଜେଶ ଓ ତାଙ୍କ ନେତା ଚିନ୍ତିତ ହୋଇ ପଡିଥିଲେ। ଘଟଣାକୁ ନେଇ ରାଜେଶ ଟାଉନ ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୨୭୯/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ସେହିପରି ଉକ୍ତ




ଦିନ ଚିକିଟି ବିଧାୟକଙ୍କ ସହଯୋଗୀ ଭାବେ କାର୍ଯ୍ୟ କରୁଥିବା ବିଜେପି କର୍ମୀ ଗଣେଶ ନାହାକ(୨୩)ଙ୍କ ନିକଟକୁ ମଧ୍ୟ ସମାନ ନମ୍ବରରୁ କଲ ଆସିଥିଲା। କଲ୍ କରିଥିବା ବ୍ୟକ୍ତି ନିଜକୁ ନିତୀନ ନବୀନଙ୍କ ପିଏ ବୋଲି ପରିଚୟ ଦେଇ ୫୦ ହଜାର ଟଙ୍କା ମାଗିଥିଲା। ପରିଚୟ ସମ୍ପର୍କରେ ପଚାରିବାରୁ ରାଷ୍ଟ୍ରୀୟ ଅଧ୍ୟକ୍ଷଙ୍କ ନିକଟରେ ମିଥ୍ୟା ଅଭିଯୋଗ କରିବାକୁ ଧମକ ଦେଇଥିଲା। ଏହାକୁ ନେଇ ଗଣେଷ ବଡବଜାର ଥାନାରେ ଅଭିଯୋଗ କରିବା ପରେ ପୁଲିସ ଏକ ମାମଲା(୪୩୩/୨୬) ରୁଜୁ କରି ତଦନ୍ତ ଚଳାଇଥିଲା। ଅଭିଯୁକ୍ତ ଜଗନ୍ନାଥ ମଣ୍ଡଳ ସୁରତ ଓ ବ୍ରହ୍ମପୁର ସହରରେ କିଛି ଦିନ ଲେଖାଏଁ ରହି ଠକେଇ, ଧମକ ଓ ଦାଦାବଟି ଆଦାୟ ଭଳି କାର୍ଯ୍ୟରେ ଲିପ୍ତ ରହୁଥିଲା। ସେ ରାଜନୈତିକ ନେତାଙ୍କ ନାଁ ନେଇ ବିଭିନ୍ନ ଲୋକଙ୍କୁ ଠକେଇ କରି ଆସୁଥିଲା। ୨୦୨୪ରେ ବଡ଼ବଜାର ଥାନାରେ ଅଭିଯୁକ୍ତ ମଣ୍ଡଳ ନାମରେ ଏକ ଅଭିଯୋଗ ରହିଥିବା ପୁଲିସ ପକ୍ଷରୁ କୁହାଯାଇଛି।

### ଚୁଲିକୁ ଗଲାଣି ଓଡ଼ିଆ ଅସ୍ମିତା: ହୋଡିଂରେ କଦର୍ଥ ଓଡ଼ିଆ

# ମୁଖ୍ୟମନ୍ତ୍ରୀ 'ମୋହନ' ବଦଳରେ 'ମହୋନ'

ଯାଜପୁର/ବିଞ୍ଝାରପୁର,୨୦।୬(ସମିସ)




ଚଳିତ ସରକାର ଓଡ଼ିଶାରେ ଓଡ଼ିଆ ଅସ୍ମିତାକୁ ପ୍ରସଙ୍ଗ କରି ନିର୍ବାଚନ ବୈତରଣୀ ପାରି ହୋଇଛି । କିନ୍ତୁ ସେହି ଅସ୍ମିତାର କଣ୍ଠା ଏବେ ରାଜ୍ୟ ସରକାରଙ୍କ ତଣ୍ଟିରେ ଲାଗିଥିବା ପରି ମନେ ହେଉଛି । ବିଭିନ୍ନ ସରକାରୀ କାର୍ଯ୍ୟକ୍ରମରେ ସେହି ଓଡ଼ିଆ ଅସ୍ମିତା ଏବେ ଚୁଲିକୁ ଯାଇଥିବା ପରି ମନେ ହେଉଛି । ବିଭିନ୍ନ ସ୍ଥାନରେ କଦର୍ଥ ଓଡ଼ିଆ ଭାଷାରେ ବ୍ୟବହାର ହେଉଛି । ଆଜି ବିଞ୍ଝାରପୁରରେ ଏହାର ପ୍ରତିଫଳନ ଦେଖିବାକୁ ମିଳିଛି । ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଉତ୍ସବ ଅବସରରେ ଲାଗିଥିବା ସରକାରୀ ବ୍ୟାନରରେ ରାଜ୍ୟର ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନାମକୁ ଭୁଲ ଭାବେ "ମହୋନ ମାଝୀ' ଲେଖାଯାଇଥିବା ଦେଖାଯାଇଛି । ଜନସାଧାରଣଙ୍କ ନଜରକୁ ଏହି ତ୍ରୁଟି ଆସିବା ପରେ ପ୍ରଶାସନର କାର୍ଯ୍ୟଶୈଳୀ ଓ ଦାୟିତ୍ୱବୋଧକୁ ନେଇ ପ୍ରଶ୍ନ ଉଠିଛି । କେବଳ ମୁଖ୍ୟମନ୍ତ୍ରୀଙ୍କ ନାଁ ନୁହେଁ "ମାନ୍ୟବର ଓ ବଦଳରେ 'ମନ୍ୟବର', ଗେଟ ବ୍ୟାନରରେ "ପ୍ରଦର୍ଶନୀ' ବଦଳରେ 'ପରଦର୍ଶନୀ' ଲେଖାଯାଇଛି । ଏମିତି ଅନେକ ଭୁଲ୍ ଥିବା ଦେଖାଯାଇଥିଲା । ଏହି କାର୍ଯ୍ୟକ୍ରମରେ ବିଡିଓ ଓ ତହସିଲଦାରଙ୍କ ଭଳି ଦୁଇଜଣ ଓଏଏସ୍ ଅଧିକାରୀ ଉପସ୍ଥିତ ଥିଲେ ସୁଦ୍ଧା ଭୁଲକୁ କିପରି ଦେଖିପାରିଲେ ନାହିଁ ତାହାକୁ ନେଇ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି । ରାଜ୍ୟର ସର୍ବୋଚ୍ଚ ପଦବୀରେ ଥିବା ବ୍ୟକ୍ତିଙ୍କ ନାମ ଭୁଲ ଲେଖାଯିବାକୁ ଅନେକ ଗୁରୁତର ଅବହେଳା ବୋଲି ମତ ପ୍ରକାଶ କରିଛନ୍ତି । ସ୍ଥାନୀୟ ଲୋକଙ୍କ ଦାବି, ଏପରି ତ୍ରୁଟି ପାଇଁ ଦାୟୀ ଅଧିକାରୀଙ୍କ ବିରୋଧରେ ଉଚିତ ପଦକ୍ଷେପ ନିଆଯାଉ ଏବଂ ଭବିଷ୍ୟତରେ ଏଭଳି ଭୁଲ୍ ନ ହେବା ପାଇଁ ସତର୍କତା ଅବଲମ୍ବନ କରାଯାଉ ।

ଅନ୍ୟପକ୍ଷରେ ବିଞ୍ଝାରପୁର ବ୍ଲକ ଅଧ୍ୟକ୍ଷା ରଞ୍ଜିତା କୁମାରୀ ଦାସ ଏହି ତ୍ରୁଟିକୁ ନେଇ ରାଜ୍ୟ ସରକାରଙ୍କୁ କଡ଼ା ସମାଲୋଚନା କରିଛନ୍ତି । ସେ କହିଛନ୍ତି ଯେ ଓଡ଼ିଆ ଅସ୍ମିତାର ପ୍ରଶ୍ନ ଉଠାଉଥିବା ସରକାର ଓଡ଼ିଆ ଜାତି ଓ ଭାଷାର ଗୌରବକୁ କ୍ଷୁଣ୍ଣ କରୁଛନ୍ତି । ପାଠ୍ୟପୁସ୍ତକରେ ହଜାର ହଜାର ଭୁଲ୍ ଭଳି ମୁଖ୍ୟମନ୍ତ୍ରୀଙ୍କ ନାଁରେ ମଧ୍ୟ ତ୍ରୁଟି ଦେଖିବାକୁ ମିଳିଲାଣି ବୋଲି ସେ ଅଭିଯୋଗ କରିଛନ୍ତି । ତାଙ୍କ କହିବା ଅନୁସାରେ, ଏଭଳି ବାରମ୍ବାର ଭାଷାଗତ ତ୍ରୁଟି ଓଡ଼ିଆ ଭାଷା ପ୍ରତି ଅବହେଳାକୁ ସୂଚିତ କରୁଛି ଏବଂ ସରକାର ଏହାକୁ ଗୁରୁତ୍ୱର ସହ ନେବା ଆବଶ୍ୟକ ରହିଛି ।

## ଶ୍ରୀବିରଜା ସେବା ସମିତିର ସାଧାରଣ ଅଧିବେଶନ

**ଯାଜପୁର,୨୦।୬(ସମିସ):** ଶ୍ରୀବିରଜା ସେବା ସମିତିର ୨୫ତମ ବାର୍ଷିକ ସାଧାରଣ ଅଧିବେଶନ ସଭାପତି ବିଶ୍ୱମ୍ଭର ମିଶ୍ରଙ୍କ ଅଧ୍ୟକ୍ଷତାରେ ମା'ବିରଜାଙ୍କ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି । ଆର୍ଥିକ ବର୍ଷ ୨୦୨୫-୨୬ର ଆୟ ବ୍ୟୟ ହିସାବ ଉପସଭାପତି ପ୍ରମୋଦ କୁମାର ଦ୍ୱିବେଦୀ ପ୍ରଦାନ କରିଥିବା ବେଳେ ସେବା ସମିତିର ପଞ୍ଜୀକରଣ ନବୀକରଣ ଦାୟିତ୍ୱ ସମ୍ପାଦକ ମିହିର ରଞ୍ଜନ ନାୟକଙ୍କୁ ପ୍ରଦାନ କରାଯାଇଥିଲା । ଆଗାମୀ ତିନିବର୍ଷ ପାଇଁ ନୂତନ କର୍ମକର୍ତ୍ତା ମନୋନୟନ କରାଯାଇଥିଲା । କାର୍ଯ୍ୟକାରିଣୀ ପରିଷଦରେ ବିଶ୍ୱମ୍ଭର ମିଶ୍ର ସଭାପତି, ପ୍ରମୋଦ କୁମାର ଦ୍ୱିବେଦୀ କାର୍ଯ୍ୟକାରୀ ଉପସଭାପତି ଓ ବିରେନ୍ଦ୍ର କୁମାର ମହାନ୍ତି ଉପ-ସଭାପତି, କ୍ଷୀରୋଦ ଚନ୍ଦ୍ର ପାଠୀ ସମ୍ପାଦକ, ବୃନ୍ଦାବନ ମିଶ୍ର ଓ ମିହିର ରଂଜନ ନାୟକ ଯୁଗ୍ମ ସମ୍ପାଦକ, ହରିହର ବେହେରା କୋଷାଧ୍ୟକ୍ଷ ମନୋନୀତ ହୋଇଥିବା ବେଳେ ଅନ୍ୟ ସଭ୍ୟ ଭାବେ ରମେଶ ଚନ୍ଦ୍ର ରାଉତ, ବନବିହାରୀ ମହାପାତ୍ର, ନୃସିଂହ ଚରଣ ମହାପାତ୍ର, ବ୍ରହ୍ମାନନ୍ଦ ସ୍ୱାଇଁ, ଗଦାଧର ରାଉତ, ଧନଞ୍ଜୟ କେଶରୀ ରାଉତରାୟ, ରବି ଶତପଥୀ, ନିର୍ମଳାବାଳା ମିଶ୍ର, ବ୍ରଜକିଶୋର ମହାନ୍ତି, ଭରତ କୁମାର ସାହୁ, କୃଷ୍ଣଚନ୍ଦ୍ର ମିଶ୍ର, ବିଷ୍ଣୁ ଚରଣ ଲେଙ୍କା, ନୃସିଂହ ଚରଣ ଜେନା, ଜଗତ ନାୟକ, ବିରଜାପ୍ରସାଦ କର, ଦେବୀ ପ୍ରସାଦ ପାଣି ପ୍ରମୁଖ ମନୋନୀତ ହୋଇଛନ୍ତି । ସେହିପରି ଉପଦେଷ୍ଟା ମଣ୍ଡଳୀରେ ଜଗଦାନନ୍ଦ ମିଶ୍ର, ମହେନ୍ଦ୍ର କୁମାର ଦାସ, ପ୍ରଫୁଲ୍ଲ କୁମାର ପଣ୍ଡା, ନିର୍ମଳ ଚନ୍ଦ୍ର ମହାନ୍ତି, କହ୍ନାଇ ଚରଣ ମହାନ୍ତି, ଆନନ୍ଦ ଚନ୍ଦ୍ର ସାହୁ, ସୁବାସ ଚନ୍ଦ୍ର ମହାପାତ୍ର, ନିଶିଥ୍ କୁମାର ଦାସ, ଗୋବିନ୍ଦ ଚନ୍ଦ୍ର ସ୍ୱାଇଁ, ଶିବପ୍ରସାଦ ବଳ, ସୁବାସ ଚନ୍ଦ୍ର ମହାନ୍ତି, ଶରତ ଚନ୍ଦ୍ର ମହାରଣା, ମଧୁସୂଦନ ମହାନ୍ତି, ହିମାଂଶୁଭୂଷଣ ନନ୍ଦ, ବିଜୟ କୁମାର ପଣ୍ଡା, ରାମକୃଷ୍ଣ ବେହୁରିଆ, ଶ୍ରୀନାଥ ମହାନ୍ତି, ସୂର୍ଯ୍ୟନାରାୟଣ ଦାଶ, ଚିତ୍ତରଞ୍ଜନ ରାଉତ, ଚିତ୍ତରଞ୍ଜନ ନାୟକ, ନିରୂପମା ମହାନ୍ତି, ଲକ୍ଷ୍ମୀନାରାୟଣ ପତି, ବିରଜାପ୍ରସାଦ ପାଣି ପ୍ରମୁଖଙ୍କୁ ଦାୟିତ୍ୱ ପ୍ରଦାନ କରାଯାଇଥିଲା । ନୂତନ ସଭ୍ୟ ଭାବେ ଚନ୍ଦ୍ରଶେଖର ରାୟ, ସରୋଜ କୁମାର ସାମଲ, ସସ୍ମିତାରାଣୀ ନାୟକ, ମେଘ୍ନା ନାୟକ, ନିର୍ମଳ ଚନ୍ଦ୍ର ଜେନା, ଆଦରମଣୀ ସାମଲ, ସଂଘମିତ୍ରା ଜେନା, ସବ୍ୟସାଚୀ ଜେନାଙ୍କୁ ସ୍ୱାଗତ କରାଯାଇଥିଲା । କାର୍ଯ୍ୟକ୍ରମ ଆଲୋଚନାରେ ଧିରେନ୍ଦ୍ର କୁମାର ପରିଡ଼ା, ପ୍ରେମାନନ୍ଦ ମିଶ୍ର, ଅଭୟ ଚନ୍ଦ୍ର ଖୁଣ୍ଟିଆ, ପ୍ରକାଶ ଚନ୍ଦ୍ର ବିଶ୍ୱାଳ, ନାରାୟଣ ସେଠୀ, ଧନଞ୍ଜୟ ପୃଷ୍ଟି, ସୁବାସ ଚନ୍ଦ୍ର ପାଣୀ, ସଂଜୟ କୁମାର ସାହୁ, ମଳୟ କୁମାର ପଣ୍ଡା, ସୁଧାରଂଜନ ପଣ୍ଡା, ପ୍ରମୋଦ ଚନ୍ଦ୍ର ପାଠୀ, ଆଲୋକ ରଂଜନ ଦାସ ପ୍ରମୁଖ ଅଂଶଗ୍ରହଣ କରିଥିଲେ । ବରିଷ୍ଠ ସଭ୍ୟ ନିର୍ମଳ ଚନ୍ଦ୍ର ମହାନ୍ତି ଧନ୍ୟବାଦ ଅର୍ପଣ କରିଥିଲେ ।

## ଷ୍ଟପ୍ ଡାଇରିଆ ଅଭିଯାନ ଶୁଭାରମ୍ଭ

**ଯାଜପୁର,୨୦।୬(ସମିସ):** ଆଜି ମଙ୍ଗଳପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧୀନସ୍ଥ ଦଶରଥପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ଯାଜପୁର ଜିଲ୍ଲାସ୍ତରୀୟ ଷ୍ଟପ୍ ଡାଇରିଆ ଅଭିଯାନ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ରଙ୍କ ଦ୍ୱାରା ଶୁଭାରମ୍ଭ ହୋଇଯାଇଅଛି । ଏହି ଅଭିଯାନର ଉଦ୍ଦେଶ୍ୟ ଡାଇରିଆ ରୋଗ କାରଣରୁ ହେଉଥିବା ଶିଶୁ ମୃତ୍ୟୁହାରକୁ ଶୂନ୍ୟ କରିବା । ଏହି ଅଭିଯାନକୁ ସଫଳ କରିବା ପାଇଁ ଆଶା ଦିଦି ମାନେ ପ୍ରତ୍ୟେକ ଘରେ ୨ ପ୍ୟାକେଟ୍ ଲେଖାଏଁ ଓଆର୍ଏସ ଯୋଗାଇଦେବେ । ଏହି ଷ୍ଟପ୍ ଡାଇରିଆ ଅଭିଯାନ ଜୁନ୍ ୧୬ ତାରିଖରୁ ଆରମ୍ଭ ହୋଇ ଜୁଲାଇ ୩୧ ତାରିଖ ପର୍ଯ୍ୟନ୍ତ ଚାଲୁରହିବ । "ଡାଇରିଆକୁ କିପରି ରୋକିବା ଜାଣ, ସ୍ୱଚ୍ଛତା ସହ ଓଆର୍ଏସ ଉପରେ ରଖିବା ଧ୍ୟାନ' ବାର୍ତ୍ତାକୁ ନେଇ ଏହି ଅଭିଯାନର ଶୁଭାରମ୍ଭ ହୋଇଥିଲା । ଉକ୍ତ କାର୍ଯ୍ୟକ୍ରମରେ ଏଡିପିଏଚସିଓ ସଂଯୁକ୍ତା ପଣ୍ଡା, ଡା. ରମେଶ ଚନ୍ଦ୍ର ମଲ୍ଲିକ, ଡା. ଅନୁସୟା ଜେନା, ସରପଞ୍ଚ ଦଶରଥପୁର ଧର୍ମରାଜ ଧୀର, ବନିତା ଦାସ, ଏମ୍ପିଏଚ୍ଏସଏମ୍ ଚନ୍ଦ୍ରଜିତ୍ ପତି, ବ୍ରହ୍ମାନନ୍ଦ ସାହୁ, ଅଶ୍ୱିନ ଖୁଣ୍ଟିଆ, ଜୟଜଗନ୍ନାଥ ଦତ୍ତ, ଲୋପାମୁଦ୍ରା ସାହୁ ପ୍ରମୁଖ ଯୋଗ ଦେଇଥିଲେ । ଏହି ସଭାର ଆୟୋଜନ ପିଏଚ୍ସିଓ ମଙ୍ଗଳପୁର ଡା. ବନିତା ଦାଶ ଏବଂ ଅଜୟ କର, ଏଡିପିଏଚ୍ସିଓ ସଂଯୁକ୍ତା ପଣ୍ଡାଙ୍କ ସହଯୋଗରେ ହୋଇଥିଲା । ଏହି ସଭାକୁ ଡା. ବନିତା ଦାଶ ପରିଚାଳନା କରିଥିବା ବେଳେ ଏଡିପିଏଚ୍ସିଓ ସଂଯୁକ୍ତା ପଣ୍ଡା ଧନ୍ୟବାଦ ଅର୍ପଣ କରିଥିଲେ ।

## ପିଏମ୍ କିଷାନର ୨୩ତମ କିସ୍ତି ପ୍ରଦାନ



**ଯାଜପୁର,୨୦।୬(ସମିସ):** ପଶ୍ଚିମବଙ୍ଗର ହୁଗୁଳି ଜିଲ୍ଲା ତାରକେଶ୍ୱରଠାରେ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରା ପିଏମ କିଷାନର ୨୩ତମ କିସ୍ତି ଲୋକାର୍ପଣ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏହି ଉତ୍ସବର ଜିଲ୍ଲାସ୍ତରୀୟ ସିଧା ପ୍ରସାରଣ କାର୍ଯ୍ୟକ୍ରମ ଜିଲ୍ଲା କୃଷି ଅଧିକାରୀ, ଧର୍ମଶାଳାଙ୍କ ଅଧ୍ୟକ୍ଷତାରେ କୃଷି ବିଜ୍ଞାନ କେନ୍ଦ୍ର, ସମ୍ମିଳନୀ କକ୍ଷ, ବଡ଼ଚଣାଠାରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲା ପରିଷଦର ଉପାଧ୍ୟକ୍ଷ ଗଣେଶ୍ୱର ବରାଳ ଏଥିରେ ମୁଖ୍ୟଅତିଥି ଭାବରେ ଯୋଗଦେଇ ଏହାକୁ ଉଦଘାଟନ କରିଥିଲେ । ସମ୍ମାନିତ ଅତିଥି ଭାବରେ ବଡ଼ଚଣା ଆତ୍ମା ଅଧ୍ୟକ୍ଷ ଜଗନ୍ନାଥ ଖଣ୍ଡେଇ ଏବଂ ଯାଜପୁର କୃଷକ ମୋର୍ଚ୍ଚା ସଭାପତି ସୀତାକାନ୍ତ ବଳ ସାମନ୍ତ ଯୋଗଦାନ କରିଥିଲେ । ଉକ୍ତ କାର୍ଯ୍ୟକ୍ରମରେ ବଡ଼ଚଣା ବିଡିଓ ରବୀନ୍ଦ୍ର ପ୍ରଧାନ ଉପସ୍ଥିତ ହିତାଧିକାରୀମାନଙ୍କୁ 'ବିକାଶ ଧାରା ଓଡ଼ିଶା ସାରା' ବିଷୟରେ ଅବଗତ କରାଇଥିଲେ । ଯାଜପୁର ଜିଲ୍ଲାର ମୋଟ ୧ ଲକ୍ଷ ୬୩ ହଜାର ୨୨୮ ଜଣ କୃଷକ ଏହି ୨୩ତମ କିସ୍ତିରେ ୨୦୦୦ ହିସାବରେ ପିଏମ କିଷାନ ସମ୍ମାନ ନିଧି ସହାୟତା ପ୍ରାପ୍ତ କରିଛନ୍ତି । ଉକ୍ତ ସଭାରେ ଭାରପ୍ରାପ୍ତ ବରିଷ୍ଠ ବୈଜ୍ଞାନିକ ଓ ମୁଖ୍ୟ, କୃଷି ବିଜ୍ଞାନ କେନ୍ଦ୍ର ବଡ଼ଚଣା ଲଳିତ କୁମାର ମହାନ୍ତି, ସମସ୍ତ ବୈଜ୍ଞାନିକ, ସମସ୍ତ ବ୍ଲକ୍ସ୍ତରୀୟ ଓ ଜିଲ୍ଲାସ୍ତରୀୟ କୃଷି ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ । କୃଷି ଜିଲ୍ଲା ଅଧିକାରୀ, ଯାଜପୁର ଡ. ପୀୟୁଷ ପଲ୍ଲଭ ପରିଡ଼ା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । ବ୍ଲକ୍ ଏବଂ ଗ୍ରାମ ପଞ୍ଚାୟତ ସ୍ତରରେ ମଧ୍ୟ ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣର ବ୍ୟବସ୍ଥା ହୋଇଥିଲା ।

## ପଥଚାରୀ ସହ ସ୍କୁଟି ଧକ୍କା, ଉଭୟେ ଆହତ

**ପାଣିକୋଇଲି,୨୦।୬(ସମିସ):** ପାଣିକୋଇଲି ଥାନା ଅନ୍ତର୍ଗତ ୧୬ ନମ୍ବର ଜାତୀୟ ରାଜପଥର ପୁରୁଣା ଟୋଲ୍ଗେଟ୍ ନିକଟସ୍ଥ ପଦ୍ମାବତୀ ହୋଟେଲ ସମ୍ମୁଖରେ ଆଜି ଏକ ସ୍କୁଟି ଜଣେ ପଥଚାରୀଙ୍କୁ ଧକ୍କା ଦେବା ଫଳରେ ଉଭୟେ ଆହତ ହୋଇଛନ୍ତି । ପ୍ରକାଶଯେ ବାଲେଶ୍ୱର କାଙ୍କଲିପଡା ଅଞ୍ଚଳର ବିନୋଦ ନାୟକଙ୍କ ଝିଅ ଆକାଂକ୍ଷା ନାୟକ(୨୧) ଏକ ସ୍କୁଟି (ଓଡି୨୨ଏଡି ୦୭୧୮) ଯୋଗେ ପୁରୀରୁ ବାଲେଶ୍ୱର ଫେରୁଥିଲେ । ପାଣିକୋଇଲି ପଦ୍ମାବତୀ ହୋଟେଲ ନିକଟରେ ଜଣେ ପଥଚାରୀ ସୁଜନପୁର ଅଞ୍ଚଳର ଅନିଲ କୁମାର ମହାନ୍ତିଙ୍କ ସହ ତାଙ୍କର ଧକ୍କା ହୋଇଥିଲା । ଫଳରେ ଉଭୟେ ଆହତ ହୋଇଥିଲେ । ଖବରପାଇ ରାଜପଥ ପାଟ୍ରୋଲିଂ ଗାଡି ପହଞ୍ଚି ସେମାନଙ୍କୁ ଉଦ୍ଧାର କରି ଏକ ଘରୋଇ ଚିକିତ୍ସାଳୟ ଚିକିତ୍ସା କରାଇଥିବା ସୂଚନା ମିଳିଛି ।

## କୁଡୁମୀ ମେଧାବୀ ସମ୍ବର୍ଦ୍ଧନା ସମାରୋହ

**ସୁକିନ୍ଦା,୨୦।୬(ସମିସ):** ଚଳିତ ବର୍ଷ ମାଟ୍ରିକ, ଯୁକ୍ତ ୨, ଯୁକ୍ତ ୩ ଆଦି ବିଭିନ୍ନ ବିଭାଗରେ କୃତିତ୍ୱ ଅର୍ଜନ କରିଥିବା କୁଡୁମୀ ଛାତ୍ରଛାତ୍ରୀଙ୍କୁ ଉତ୍ସାହିତ ତଥା ଦିଗଦର୍ଶନ ଦେବା ଉଦ୍ଦେଶ୍ୟରେ କୁଡୁମୀ ଶିକ୍ଷା ବିକାଶ ମଞ୍ଚ ପକ୍ଷରୁ ଏକ ସମ୍ବର୍ଦ୍ଧନା ସମାରୋହ ଅନୁଷ୍ଠିତ ହେଇଯାଇଛି । ସୁକିନ୍ଦା ବ୍ଲକ ଅନ୍ତର୍ଗତ ସିଆରିଆ ଗ୍ରାମରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ପ୍ରଥମେ କୁଡୁମୀ ସମାଜ ସଂସ୍କାରକ ତଥା ସମାଜସେବୀ ଶଙ୍କର୍ଷଣ ମହାନ୍ତଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କାରାଯାଇଥଲା । ସୁକିନ୍ଦା ନିର୍ବାଚନ ମଣ୍ଡଳ ଅନ୍ତର୍ଗତ ୩୦ଟି କୁଡୁମୀ ଗ୍ରାମର ୬୨ଜଣ ପ୍ରଥମ ଶ୍ରେଣୀରେ ପାସ କରିଥିବା ଛାତ୍ରଛାତ୍ରୀଙ୍କୁ କୁଡୁମୀ ଶିକ୍ଷା ବିକାଶ ମଞ୍ଚ ପକ୍ଷରୁ ସମ୍ବର୍ଦ୍ଧିତ କରାଯାଇଛି । ଏହି ସମାରୋହରେ ଶିଶୁ ବିଭାଗ ଡାକ୍ତର ମଞ୍ଜୁଲତା ମହାନ୍ତ ମୁଖ୍ୟଅତିଥି ଭାବେ ଯୋଗଦେଇ ଡାକ୍ତରୀ ପଢ଼ିବା ଓ ରୋଗୀ ସେବା ଯୋଗାଇଦେବା ଉପରେ ପିଲାମାନଙ୍କୁ ଗୁରୁମନ୍ତ୍ର ଦେଇଥିଲେ । ମୁଖ୍ୟବକ୍ତା ଭାବେ ଅଧ୍ୟାପିକା ସଞ୍ଚିତ ଅଭିଜିତା ଲକ୍ଷ୍ୟରଖି ସାଧନା କଲେ ସଫଳତା ମିଳିବ ବୋଲି ମତବ୍ୟକ୍ତ କରିଥିଲେ । ସିଟି, ବିଏଡ, ପିଜି ବିଷୟରେ ପିଲାମାନଙ୍କୁ ବୁଝାଇଥିଲେ । ସମ୍ମାନୀୟ ଅତିଥ ଭାବେ ଶିକ୍ଷକ ମନୋରଞ୍ଜନ ମହାନ୍ତ, ସାମ୍ବାଦିକ କପିଳେନ୍ଦ୍ର ମହାନ୍ତା, ବରିଷ୍ଠ ଆଇନଜୀବୀ ନରେନ୍ ମହାନ୍ତ, ଶିକ୍ଷକ ନୀଳକଣ୍ଠ ମହାନ୍ତ, ସହଦେବ ମହାନ୍ତ, ତୁଳସୀ ମହାନ୍ତ, ତ୍ରିନାଥ ମହାନ୍ତ, ପୂର୍ବତନ ବ୍ଲକ ଅଧ୍ୟକ୍ଷା ଭଗବତୀ ମହାନ୍ତ, ପୂର୍ବତନ ଜିଲ୍ଲା ପରିଷଦ ସଭ୍ୟା ରୋଦନ ମହାନ୍ତ, ଅଭିନେତା ଶ୍ରୀଧର ମହାନ୍ତ ପ୍ରମୁଖ ଯୋଗଦେଇଥିଲେ । ମଞ୍ଚ ପରିଚାଳନା କରିଥିଲେ ସଞ୍ଜୀବ ମହାନ୍ତ, ପଦ୍ମନାଭ ମହାନ୍ତା ଓ ପିଙ୍କୁଲ ମହାନ୍ତ । କୁଡୁମୀ ଶିକ୍ଷା ବିକାଶ ମଞ୍ଚର 'ସଦସ୍ୟ ବେଣୁଧର ମହାନ୍ତ, ହରେକୃଷ୍ଣ ମହାନ୍ତ, ପ୍ରଦୀପ ମହାନ୍ତ, ସଞ୍ଜୟ ପ୍ରକାଶ ମହାନ୍ତ, ଜଗଦିଶ ମହାନ୍ତ, ବିରଞ୍ଚି ମହାନ୍ତ, ଧନେଶ୍ୱର ମହାନ୍ତ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ ।

## ନନ୍ଦିପୁରରେ ମେଧା ସମ୍ମାନ ଓ ସମ୍ବର୍ଦ୍ଧନା ସମାରୋହ



**କୟାଁଗୋଲା,୨୦।୬(ସମିସ):** ଯାଜପୁର ଯୁବ ସାଂସ୍କୃତିକ ପରିଷଦ, ଚଣ୍ଡିଗୋଳ-ନନ୍ଦିପୁର ଆନୁକୂଲ୍ୟରେ ନନ୍ଦିପୁର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ମେଧା ସମ୍ମାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ତଟିନୀ ସେଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି ସ୍ୱାଗତ ଓ ସମ୍ବର୍ଦ୍ଧନା ସମାରୋହରେ ମେଧାବୀ ଛାତ୍ରଛାତ୍ରୀଙ୍କୁ ସମ୍ମାନିତ କରାଯାଇଛି । କାର୍ଯ୍ୟକ୍ରମରେ ନନ୍ଦିପୁର ଗ୍ରାମପଞ୍ଚାୟତର ପୂର୍ବତନ ସରପଞ୍ଚ ପ୍ରଦୀପ ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗ ଦେଇଥିଲେ । ନିଖିଳ ଉତ୍କଳ ମାଧ୍ୟମିକ ଶିକ୍ଷକ ସଙ୍ଘ ଦଶରଥପୁର ବ୍ଲକ ସଭାପତି ତଥା ଶିକ୍ଷାବିତ୍ ଶ୍ରୀକାନ୍ତ ସାହୁ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ । ବିଦ୍ୟାଳୟ ପରିଚାଳନା କମିଟିର ସଭାନେତ୍ରୀ ସଂଗୀତା ମହାନ୍ତି ଓ ସମାଜସେବୀ ଦେବେନ୍ଦ୍ର ନାୟକ ମଧ୍ୟ ଉପସ୍ଥିତ ଥିଲେ । ସଭାର ପ୍ରାରମ୍ଭରେ ଯୁବ ସାଂସ୍କୃତିକ ପରିଷଦର ପ୍ରତିଷ୍ଠାତା ଓ ଅଧ୍ୟକ୍ଷ ଶ୍ରୀଯୁକ୍ତ ମିହିର କୁମାର ପରିଡା ଅନୁଷ୍ଠାନର ଉଦ୍ଦେଶ୍ୟ ସମ୍ପର୍କରେ ବିବରଣୀ ଉପସ୍ଥାପନ କରିଥିଲେ । ମାଟ୍ରିକ ପରୀକ୍ଷାରେ ଜିଲ୍ଲାରେ ତୃତୀୟ ସ୍ଥାନ ଓ ଦଶରଥପୁର ବ୍ଲକରେ ପ୍ରଥମ ସ୍ଥାନ ଅଧିକାର କରିଥିବା ଡାହାଣହତା ଉଚ୍ଚ ବିଦ୍ୟାଳୟର ଛାତ୍ରୀ ସୃଷ୍ଟି ମହାନ୍ତି ଏବଂ ଯୁକ୍ତ ୨ ବିଜ୍ଞାନରେ ବିଞ୍ଝାରପୁର ବ୍ଲକରେ ସର୍ବାଧିକ ନମ୍ବର ରଖିଥିବା ଛାତ୍ରୀ ଅଭିଲିପ୍ସା ବିଶ୍ୱାଳଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା । ନନ୍ଦିପୁର ଉଚ୍ଚ ବିଦ୍ୟାଳୟର ସ୍ନେହ ଶତପଥୀ, ସ୍ନେହାଶିଷ ଦାସ ଓ ସୌମ୍ୟା ସାହୁଙ୍କୁ ଚଳିତ ମାଟ୍ରିକ ପରୀକ୍ଷାରେ ଶ୍ରେଷ୍ଠ ଛାତ୍ରଛାତ୍ରୀ ଭାବେ ମାନପତ୍ର, ପୁଷ୍ପଗୁଚ୍ଛ ଓ ସିଲ ପ୍ରଦାନ କରାଯାଇଥିଲା । ପରିଷଦର ବରିଷ୍ଠ କର୍ମକର୍ତ୍ତା ଦିଲ୍ଲୀପ ଦଳାଇ ଧନ୍ୟବାଦ ଅର୍ପଣ କରିଥିଲେ । କାର୍ଯ୍ୟକ୍ରମକୁ ବିଦ୍ୟାଳୟର ଶିକ୍ଷକ ଅନୁପ ଧଳ, ବିଶ୍ୱନାଥ ପରିଡା, ସୁଶାନ୍ତ ସାହୁ, ଶେଖ ହମିଦ ରାଜା, ପଲ୍ଲବ ପାତ୍ର, ସଂଘମିତ୍ରା ଦାସ ଓ କଳ୍ପନା ମହଲା ପ୍ରମୁଖ ସହଯୋଗ କରିଥିଲେ ।

## ଖରସ୍ରୋତା ପ୍ରେସ୍ କ୍ଲବ୍ର ରଜତ ଜୟନ୍ତୀ



**ପ୍ରୀତିପୁର,୨୦।୬(ସମିସ):** ବିଞ୍ଝାରପୁର ବ୍ଲକ ସିଂହପୁରଠାରେ ଖରସ୍ରୋତା ପ୍ରେସ୍ କ୍ଲବର ରଜତ ଜୟନ୍ତୀ ଉତ୍ସବ ଓ ଉତ୍କଳ ସାମ୍ବାଦିକ ସଙ୍ଘର ଯାଜପୁର ଜିଲ୍ଲା ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି । ଏହି ଉପଲକ୍ଷେ ଆୟୋଜିତ ଆଲୋଚନାଚକ୍ରରେ ଉତ୍କଳ ସାମ୍ବାଦିକ ସଙ୍ଘର ଜିଲ୍ଲା ସଭାପତି ହରିହର ସ୍ୱାଇଁ ସଭାପତିତ୍ୱ କରିଥିଲେ । ମୁଖ୍ୟ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଙ୍ଘର ରାଜ୍ୟ ସଭାପତି ବିଭୂତିଭୂଷଣ କର ଯୋଗଦେଇଥିଲେ । ମୁଖ୍ୟବକ୍ତା ଭାବରେ ସାମ୍ବାଦିକ ବିରୁପାକ୍ଷ ତ୍ରିପାଠୀ, ସମ୍ମାନିତ ଅତିଥି ଭାବରେ ଉତ୍କଳ ସାମ୍ବାଦିକ ସଙ୍ଘର କାର୍ଯ୍ୟକାରୀ ସଭାପତି ହାରାଧନ ବାନାର୍ଜୀ, ବିଜେପି ନେତ୍ରୀ ବବିତା ମଲିକ, ସମାଜସେବୀ ବିଜୟ କୁମାର ଧଳ, ସାମ୍ବାଦିକ ସଙ୍ଘର ରାଜ୍ୟ ସାଧାରଣ ସମ୍ପାଦକ ବେଣୁଧର ପଣ୍ଡା, ରାଜ୍ୟ ସମ୍ପାଦକ ବିଶ୍ୱଜିତ୍ ନାୟକ, ଜିଲ୍ଲା ସମ୍ପାଦକ ପବିତ୍ରରଞ୍ଜନ ମହାନ୍ତି ଓ ଭାଷା ଆନ୍ଦୋଳନ ପ୍ରବକ୍ତା ପବିତ୍ର ମହାରଥା, ଖରସ୍ରୋତା ପ୍ରେସ୍ କ୍ଲବର ଉପଦେଷ୍ଟା ସୁଶାନ୍ତ କୁମାର ନାୟକ, ସଇଫୁର ରହେମାନ ପ୍ରମୁଖ ଯୋଗଦେଇଥିଲେ । ଆବାହକ ରତନଲାଲ ଭୂୟାଁ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ । ଖରସ୍ରୋତା ପ୍ରେସ୍ କ୍ଲବର ସଭାପତି ରମାଲାଲ ଭୂୟାଁ ଅତିଥି ପରିଚୟ ପ୍ରଦାନ କରିଥିଲେ । ସମ୍ପାଦକ ବାର୍ଷିକ ବିବରଣୀ ପାଠ କରିଥିଲେ । ଏହି ଅବସରରେ ପ୍ରଫେସର ଅଜୟ ଓଝାଙ୍କ ରଚିତ 'ଖରସ୍ରୋତା ତୀରେ ତୀରେ ତୀର୍ଥ' ନାମକ ଏକ ପୁସ୍ତକ ଅତିଥିମାନଙ୍କ ଦ୍ୱାରା ଉନ୍ମୋଚିତ ହୋଇଥିଲା । ବିଭିନ୍ନ କ୍ଷେତ୍ରରେ ଉତ୍କର୍ଷତା ପ୍ରତିପାଦନ କରିଥିବା ସମାଜସେବୀ ବିଜୟ କୁମାର ଧଳ, ଅଞ୍ଜୁପ୍ରଭା ଧଳ, ଡା.ରଞ୍ଜନ କୁମାର ମିଶ୍ର, ଡା.ଅରୁଣ କୁମାର ସାହୁ, ଡା.ଜିତେନ୍ଦ୍ର କୁମାର ମଲ୍ଲିକ, ଡ.ପଦ୍ମଚରଣ ଧଳ, ଶିକ୍ଷାବିତ୍ ଟିକିଲତା ବେହେରା, ସମାଜସେବୀ ପଦ୍ମାକର ଗୁରୁ, ସାମ୍ବାଦିକ ଶରତ କୁମାର ପଥାଳ, ଶିକ୍ଷକ ନେତା ରବିନାରାୟଣ ମହାନ୍ତି, ସମାଜସେବୀ ପ୍ରତୀକ କୁମାର ମିଶ୍ର, ବରିଷ୍ଠ ନାଗରିକ ଶ୍ରୀବତ୍ସ ସାମଲ, ନାଟ୍ୟକାର ବାସୁଦେବ ଯେନା, କବି ସନ୍ତୋଷ କୁମାର ବେହୁରିଆ ପ୍ରମୁଖଙ୍କୁ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଥିଲା । ଏଥିରେ ସାମ୍ବାଦିକ କୈଳାସ ଚନ୍ଦ୍ର ରାଉତ, କଳ୍ପତରୁ ପଣ୍ଡା, ମନୋଜ କୁମାର ନାୟକ, କପିଳେନ୍ଦ୍ର ରାଉତ, ବାଞ୍ଛାନିଧି ସାହୁ, ପ୍ରଭାତ ମହାନ୍ତି, ସଂଜୟ ଚାନ୍ଦ, ସରୋଜ କୁମାର ସାହୁ, ଶୁଭାଶିଷ ଦାଶ, ଶାନ୍ତନୁ ଦାସ, ସେକ୍ ଅମିନ ଅଲ୍ଲୀ, ସୌର କର ପ୍ରମୁଖ ଯୋଗଦେଇଥିଲେ ।

## ମ୍ୟାଲେରିଆ ମାସ ପାଳନ ପାଇଁ ବୈଠକ



**ଯାଜପୁର,୨୦।୬(ସମିସ):** ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଜିଲ୍ଲାସ୍ତରୀୟ ମ୍ୟାଲେରିଆ ମାସ ପାଳନ ନିମନ୍ତେ ବୈଠକ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ହୋଇଯାଇଛି । ଜିଲ୍ଲାପାଳ ଅମ୍ବର କୁମାର କର ବୈଠକରେ ଅଧ୍ୟକ୍ଷତା କରି ଯଥାଶୀଘ୍ର ଜ୍ୱରରେ ପୀଡ଼ିତ ରୋଗୀଙ୍କ ମ୍ୟାଲେରିଆ ରକ୍ତ ପରୀକ୍ଷା କରି ସମ୍ପୂର୍ଣ୍ଣ ଚିକିତ୍ସା ଯୋଗାଇବା ପାଇଁ ସ୍ୱାସ୍ଥ୍ୟ ବିଭାଗର ଅଧିକାରୀ ଏବଂ କର୍ମଚାରୀମାନଙ୍କୁ ନିର୍ଦ୍ଦେଶ ଦେଇଛନ୍ତି । ଜିଲ୍ଲା କଲ୍ୟାଣ ବିଭାଗର ଅଧିକାରୀଙ୍କୁ ଆଗାମୀ ୨ ଦିନ ମଧ୍ୟରେ ସମସ୍ତ ଆବାସିକ ସ୍କୁଲରେ ମଶାରୀ ବ୍ୟବହାର ସମ୍ପର୍କରେ ସଚେତନ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ଆଗାମୀ ସପ୍ତାହରେ ହେବାକୁ ଥିବା ଫାଇଲେରିଆ ରୋଗୀ ଚିହ୍ନଟ କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଆଭାସୀ ମାଧ୍ୟମରେ ସମସ୍ତ ପଞ୍ଚାୟତର ସରପଞ୍ଚମାନଙ୍କୁ ସଚେତନ କରାଯିବ । ଏହାସହ ଆଗାମୀ ତିନି ମାସ ପାଇଁ ଭେକ୍ଟର ବାହିତ ରୋଗ ସମ୍ପର୍କରେ ସରପଞ୍ଚମାନଙ୍କୁ ସଚେତନ କରାଯିବ । ସଭା ଆରମ୍ଭରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡା. ବିଜୟ କୁମାର ମିଶ୍ର ସ୍ୱାଗତ ଭାଷଣ ସହ ବୈଠକର ଉଦ୍ଦେଶ୍ୟ ସମ୍ପର୍କରେ କହିଥିଲେ । ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ (ଭିବିଡି) ଡ. ରଶ୍ମୀ ରଞ୍ଜନ ସାହୁ ଏବଂ ଭେକ୍ଟର ବାହିତ ରୋଗ ପରାମର୍ଶଦାତା ବୈଷୟିକ ତଥ୍ୟ ଉପସ୍ଥାପନ କରିଥିଲେ । ଏହି କାର୍ଯ୍ୟକ୍ରମରେ ଜିଲ୍ଲା ସ୍ତରୀୟ ଅଧିକାରୀ, ବିଶ୍ୱ ସ୍ୱାସ୍ଥ୍ୟ ସଂଗଠନର ଡା. ନିଶିଥ କୁମାର ଦାଶ, ରାଜ୍ୟ ସ୍ୱାସ୍ଥ୍ୟ ନିର୍ଦ୍ଦେଶାଳୟର ଅନୁପ କୁମାର ମିଶ୍ର, ମହାରାଜା ଯଯାତି କେଶରୀ ଭେଷଜ ମହାବିଦ୍ୟାଳୟର ଅଧ୍ୟକ୍ଷା ଡା. ମନୋରମା ସ୍ୱାଇଁ, ସ୍ୱାସ୍ଥ୍ୟ ବିଭାଗର କର୍ମଚାରୀ ଓ ପରାମର୍ଶଦାତା, ଶିଳ୍ପ ପ୍ରତିଷ୍ଠାନର କର୍ମକର୍ତ୍ତା ଏବଂ ଅନ୍ୟାନ୍ୟ ସହଯୋଗୀ ଅନୁଷ୍ଠାନର ସଦସ୍ୟ ଉପସ୍ଥିତ ଥିଲେ ।

## ଲୋକନାଥ ମନ୍ଦିରରେ ଶୀତଳ ଷଷ୍ଠୀ



**ବ୍ୟାସନଗର,୨୦।୬(ସମିସ):** ବ୍ୟାସନଗର ନିକଟ ପହଙ୍ଗା ପଞ୍ଚାୟତର ରାଉତରାପୁର ଗ୍ରାମରେ ଥିବା ଲୋକନାଥ ମନ୍ଦିରରେ ଶୀତଳ ଷଷ୍ଠୀ ଯାତ୍ରା ପାଳିତ ହୋଇଯାଇଛି । ଚଳିତ ବର୍ଷ ୨୦ ବର୍ଷରେ ପହଞ୍ଚିଥିବା ଏହି ଯାତ୍ରା ଅବସରରେ ଆଜି ସକାଳୁ ପାରମ୍ପରିକ ରୀତିନୀତି ଅନୁସାରେ ପୂଜାର୍ଚ୍ଚନା କରାଯିବା ସହ ଶିବବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ପୂର୍ବାହ୍ନରେ ମହାରୁଦ୍ରାଭିଷେକ, ହୋମଯଜ୍ଞ ଅନୁଷ୍ଠିତ ହେବା ପରେ ସନ୍ଧ୍ୟାରେ ପାରମ୍ପରିକ ରୀତିରେ ବିବାହ ଉତ୍ସବ ପାଇଁ ସମଗ୍ର ଅଞ୍ଚଳ ଚଳଚଞ୍ଚଳ ହୋଇଥଲା । କନ୍ୟାପିତା ଗିରିଧାରୀ ପ୍ରଧାନ ହୋଇଥିବା ବେଳେ ରଙ୍ଗାଧର ବ୍ରହ୍ମ ବରପିତା ଭାବେ ଯୋଗଦେଇ ଏହି ବିବାହ କାର୍ଯ୍ୟ ସମ୍ପନ୍ନ କରିଥିଲେ । ବାଦ୍ୟ, ରୋଷଣୀ, ଘଣ୍ଟ ଓ ମନ୍ତ୍ରଧ୍ୱନୀରେ ସମଗ୍ର ପରିବେଶ ପ୍ରକମ୍ପିତ ହୋଇ ଉଠିଥିଲା । ଏନେଇ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ ଲାଗି ରହିଥିଲା । ଭକ୍ତମାନେ ମହାଦେବଙ୍କୁ ଦର୍ଶନ କରିବା ସହ ବରଯାତ୍ରୀ ଯୋଗଦେଇ ବିବାହ ଉତ୍ସବରେ ସାମିଲ ହୋଇଥିଲେ । ପ୍ରମୋଦ ସାହୁ, କୁନ ସାହୁ, ଭାସ୍କରଘଡାଇ, ଅଜିତ ଘଡ଼ାଇ, ସୌମ୍ୟରଞ୍ଜନ ବ୍ରହ୍ମ, ବିଜୟ ସାହୁ, ଆଶିଷ ରାଉତ, ବାଦଲ ସାହୁ ପ୍ରମୁଖ ଦାୟିତ୍ୱ ନିର୍ବାହ କରିଥିଲେ ।

## ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ

**ବ୍ୟାସନଗର,୨୦।୬(ସମିସ):** ପୌରାଞ୍ଚଳ ନଟପଦା ଗ୍ରାମରେ ହନୁମାନ ମନ୍ଦିର ପ୍ରତିଷ୍ଠା ଉତ୍ସବ ଅନୁଷ୍ଠିତ ହୋଇଯାଇଛି । ଏନେଇ ଶୁକ୍ରବାର ରୀତିନୀତି ଅନୁସାରେ ଅଙ୍କୁର ରୋପଣ, ଦେବତା ଅଧିବାସ ଅନୁଷ୍ଠିତ ହୋଇଥିବା ବେଳେ ଶନିବାର ସକାଳେ ଶତାଧିକ ମହିଳା କଳସ ଯାତ୍ରାରେ ସାମିଲ ହୋଇ ଗ୍ରାମ ପରିକ୍ରମା କରି ଆମ୍ବୁଆ ପୋଖରୀରୁ ଜଳ ଧାରଣ କରି ମନ୍ଦିର ନିକଟରେ ପହଞ୍ଚିଥିଲେ । ରବିବାର ସୂର୍ଯ୍ୟପୂଜା, ଗୋ ପୂଜା, ଯଜ୍ଞ ମଣ୍ଡପ ପୂଜା, ଦେବତା ସ୍ନାନ ସହ ପ୍ରଭୁଙ୍କ ନଗର ପରିକ୍ରମା ଅନୁଷ୍ଠିତ ହେବା ସହିତ ସୋମବାର ରୀତିନୀତି ପୂଜା ସହ ଦେବତା ପ୍ରତିଷ୍ଠା ଓ ମନ୍ଦିରରେ ବିଗ୍ରହ ପ୍ରବେଶ ସହ ପୂର୍ଣ୍ଣାହୁତି କାର୍ଯ୍ୟକ୍ରମ ସମାପନ ହେବ । ଶନିବାର କାର୍ଯ୍ୟକ୍ରମରେ ବରିଷ୍ଠ କଂଗ୍ରେସ ନେତା ଜୟଦେବ ଜେନା, ନିରଞ୍ଜନ ପଟ୍ଟନାୟକ, କୋରେଇ କଂଗ୍ରେସ ନେତ୍ରୀ ବନ୍ଦିତା ପରିଡ଼ାଙ୍କ ସମେତ ଅନେକ ଆଗଧାଡିର ରାଜନେତା ଉପସ୍ଥିତ ରହି ପ୍ରଭୁଙ୍କ ଆଶୀର୍ବାଦ ଭିକ୍ଷା କରିଥିଲେ । ରବିବାର ବାବାଜୀ ସତ୍ୟାନନ୍ଦ ଦାସଙ୍କ ପ୍ରବଚନ କାର୍ଯ୍ୟକ୍ରମ ରହିଥିବା ବେଳେ ସୋମବାର ଭଜନ ସନ୍ଧ୍ୟାର ଆୟୋଜନ କରାଯାଇଛି । ଏହି ପୂଜା ମହୋତ୍ସବରେ କର୍ତ୍ତା ଭାବେ ସମୀର ପରିଡ଼ା ଓ ତାଙ୍କ ସହଧର୍ମିଣୀ ସିପ୍ରାରାଣୀ ପରିଡ଼ା ପୂଜା କର୍ମରେ ଥିବାବେଳେ ଜଗତସିଂହପୁର ସାରଳା ମଣ୍ଡଳର ପୂଜକ ବିଶ୍ୱଜିତ ପଣ୍ଡାଙ୍କ ନେତୃତ୍ୱରେ ବେଦଜ୍ଞ ବ୍ରାହ୍ମଣମାନେ ପୂଜା କାର୍ଯ୍ୟ ତୁଲାଇଥିବା ବେଳେ ନଟପଦା ଗ୍ରାମବାସୀ ଓ ଶୁଭେଚ୍ଛୁମାନଙ୍କ ସହଯୋଗରେ ହନୁମାନ ମନ୍ଦିର ପ୍ରତିଷ୍ଠା ଦିବସ ପାଳନ ହେଉଛି ।

## ପୂର୍ବତନ ଜିଲ୍ଲାପରିଷଦ ସଭ୍ୟଙ୍କ ପରଲୋକ



**କବାଟବନ୍ଧ, ୨୦।୬(ସମିସ):** ଜେନାପୁର ଥାନା ତାଳଜଙ୍ଗ ପଞ୍ଚାୟତର ରାମପୁର କଇଥା ଗ୍ରାମର ଦିଲ୍ଲୀପ କୁମାର ରାଉତ (୫୯)ଙ୍କ ପରଲୋକ ଘଟିଛି । ସ୍ୱର୍ଗତ ରାଉତ ଜଣେ ବରିଷ୍ଠ ରାଜନେତା ଭାବେ ସ୍ଥାନୀୟ ଅଞ୍ଚଳରେ ଜଣାଶୁଣା ଥିଲେ । ଛାତ୍ର ଜୀବନରୁ ସେ ରାଜନୀତି ଆରମ୍ଭ କରି ପରବର୍ତ୍ତୀ ସମୟରେ ଜିଲ୍ଲା ପରିଷଦ ସଭ୍ୟ ଭାବେ ନିର୍ବାଚିତ ହୋଇ ଲୋକମାନଙ୍କ ପାଇଁ ସେବା କରି ଆସୁଥିଲେ । ଛାତ୍ର ଜୀବନରେ ସେ ନରସିଂହ ଚୌଧୁରୀ ମହାବିଦ୍ୟାଳୟରେ ଯୁକ୍ତ ଦୁଇ ପଢୁଥିବା ବେଳେ ସାଧାରଣ ସମ୍ପାଦକ ଭାବେ ନିର୍ବାଚିତ ହୋଇଥିଲେ । ପରବର୍ତ୍ତୀ ସମୟରେ ୨୦୦୦ରୁ ୨୦୦୫ ମସିହା ପର୍ଯ୍ୟନ୍ତ ସୁକିନ୍ଦା ନିର୍ବାଚନ ମଣ୍ଡଳୀ (ବର୍ତ୍ତମାନ ଧର୍ମଶାଳା ନିର୍ବାଚନ ମଣ୍ଡଳୀରେ) ୧୧ ନମ୍ବର ଜୋନ ଜିଲ୍ଲା ପରିଷଦ ସଭ୍ୟ ଭାବେ ଜନତା ଦଳରୁ ପ୍ରାର୍ଥୀ ଭାବେ ନିର୍ବାଚିତ ହୋଇଥିଲେ । ତାଙ୍କ ଉଦ୍ୟମରେ ସ୍ଥାନୀୟ ଅଞ୍ଚଳରେ ଅନେକ ଉନ୍ନତି ମୂଳକ କାର୍ଯ୍ୟ ହୋଇଥିଲା । କନ୍ତପଡ଼ା ଠାରୁ ବଳରାମପୁର ତାଳଜଙ୍ଗକୁ ନୂତନ ରାସ୍ତା, ଅମୃତମଣୋହି ହାଇସ୍କୁଲ, ସମେତ ବିଭିନ୍ନ କାର୍ଯ୍ୟ ହୋଇଥିଲା । ମୁକୁନ୍ଦପାତ୍ର ଡିଗ୍ରୀ ମହାବିଦ୍ୟାଳୟର ଉପଦେଷ୍ଟାମଣ୍ଡଳୀ ସଭ୍ୟ ଭାବେ ୨୦୧୭ ରୁ ୨୦୨୦ ମସିହା ପର୍ଯ୍ୟନ୍ତ କାର୍ଯ୍ୟ କରିଥିଲେ । ପ୍ରାୟ ୧୮ ଦିନ ପୂର୍ବରୁ ତାଙ୍କର ବ୍ରେନ୍ ଷ୍ଟ୍ରୋକ ହୋଇଥିଲା । ଗୁରୁତର ଅବସ୍ଥାରେ ତାଙ୍କୁ କଟକର ଏକ ଘରୋଇ ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା । ଶନିବାର ପୂର୍ବାହ୍ନ ୮.୪୫ ମିନିଟରେ ତାଙ୍କର ଦେହାନ୍ତ ହୋଇଥିଲା । ତାଙ୍କ ମର ଶରୀରକୁ ପୁରୀ ସ୍ୱର୍ଗଦ୍ୱାରରେ ଶେଷକୃତ୍ୟ କରାଯାଇଥିଲା । ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳି ଯାଇଛି । ବହୁ ମାନ୍ୟଗଣ୍ୟ ବ୍ୟକ୍ତି ତାଙ୍କ ଶେଷ ଦର୍ଶନ କରିବା ସହିତ ବିଧାୟକ ହିମାଂଶୁ ଶେଖର ସାହୁ, ପୂର୍ବତନ ମନ୍ତ୍ରୀ ପ୍ରଫୁଲ୍ଲ ଘଡ଼ାଇ, କଂଗ୍ରେସ ନେତା ସନ୍ତୋଷ ନନ୍ଦ, ସମାଜସେବୀ ପ୍ରଶାନ୍ତ ସ୍ୱାଇଁ, ଅନୀଲ ପଣ୍ଡା, ସାମ୍ବାଦିକ ବସନ୍ତ କୁମାର ମଲ୍ଲିକ, ହୃଷିକେଶ ମହାରଣା, ଧ୍ରୁବାନନ୍ଦ ରାଉତ, ଅଜୟ ସାହୁ, ପୂର୍ବତନ ସମିତି ସଭ୍ୟ ଗଙ୍ଗାଧର ମଲ୍ଲିକ, ରକ୍ତବନ୍ଧୁ ଯାଜପୁରର ସଦସ୍ୟଙ୍କ ସମେତ ସ୍ଥାନୀୟ ଅଞ୍ଚଳର ସରପଞ୍ଚ ସମିତିସଭ୍ୟ ଏବଂ ବହୁ ବିଶେଷ ବ୍ୟକ୍ତି ଶୋକ ପ୍ରକାଶ କରିଛନ୍ତି ।

## ପ୍ରସ୍ତାବିତ ଜେଲ୍ ନିର୍ମାଣକୁ ନେଇ ବିଧାୟକଙ୍କ ସାମ୍ବାଦିକ ସମ୍ମିଳନୀ

# ପ୍ରକଳ୍ପ ବାତିଲ୍ ନ ହେଲେ ଆନ୍ଦୋଳନ ଚେତାବନୀ

ଯାଜପୁର,୨୦।୬(ସମିସ)

ଯାଜପୁର ବ୍ଲକ ଅନ୍ତର୍ଗତ ତଥା ବରୀ ନିର୍ବାଚନ ମଣ୍ଡଳୀ ଏରବାଙ୍କ ପଞ୍ଚାୟତର ଛତରିଆ ପଡ଼ିଆରେ ପ୍ରସ୍ତାବିତ ମଡେଲ ଜେଲ ନିର୍ମାଣକୁ ବିରୋଧ ଜାରି ରହିଛି। ଗତ ୭ ଦିନ ହେଲା ସ୍ଥାନୀୟ ଅଞ୍ଚଳବାସୀ ଏହି ଜେଲ ନିର୍ମାଣକୁ ବିରୋଧ କରୁଛନ୍ତି। ତୁରନ୍ତ ଏହି ପ୍ରକଳ୍ପକୁ ବନ୍ଦ କରାନଗଲେ ଆଗାମୀ ଦିନରେ ଆନ୍ଦୋଳନକୁ ଆହୁରି ତିବ୍ରତର କରିବାକୁ ସାମ୍ବାଦିକ ସମ୍ମିଳନୀରେ ଘୋଷଣା କରାଯାଇଛି। ଆଜି ଛତରିଆ ପଡ଼ିଆ ସୁରକ୍ଷା ମଞ୍ଚ ପକ୍ଷରୁ ଆହୁତ ସାମ୍ବାଦିକ ସମ୍ମିଳନୀରେ ବରୀ ବିଧାୟକ ବିଶ୍ୱରଞ୍ଜନ ମଲ୍ଲିକ ଯୋଗ ଦେଇ ଜନ ବିରୋଧି ଯୋଜନା ନ କରିବାକୁ ଜିଲ୍ଲା ପୁଲିସ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଏରବାଙ୍କ ପଞ୍ଚାୟତର ପ୍ରାୟ ୫୦୦ରୁ ଊର୍ଦ୍ଧ୍ୱ ପୁରୁଷ ଓ ମହିଳା ମାନେ ଉପସ୍ଥିତ ଥିଲେ। ଏରବାଙ୍କ ତଥା ଆଖ ପାଖ ଅଞ୍ଚଳରେ ବସବାସ କରୁଥିବା ଲୋକଙ୍କ ମଧ୍ୟରୁ ଶତକଡା ୮୦ ପ୍ରତିଶତ କୃଷକ। ଛତରିଆ ପଡ଼ିଆ ଗୋଚର ଜମିରେ ଆଖ ପାଖ ଅଞ୍ଚଳର ଗାଈ ଗୋରୁ, ଛେଳି ମେଣ୍ଢା ଆଦି ପଶୁ ମାନଙ୍କର ଚାରଣ ଭୂମି ଭାବେ ବ୍ୟବହାର କରାଯାଏ। ଏହା ବ୍ୟତୀତ କୋମଳମତି ଶିଶୁ ତଥା ବିଦ୍ୟାଳୟର ଛାତ୍ରଛାତ୍ରୀ ଏହାକୁ ଖେଳପଡିଆ ଭାବେ ବ୍ୟବହାର କରୁଥିବାବେଳେ ବିଭିନ୍ନ ପର୍ବପର୍ବାଣୀରେ ଏହି ପଡ଼ିଆରେ ଜାଗଯଜ୍ଞ, ଦୋଳ ମେଲଣ ପାଇଁ ଏକମାତ୍ର ପଡ଼ିଆ। ରାଜ୍ୟ ସରକାର ଏହି ପଡିଆକୁ ଅତି ଅନ୍ୟାୟ ଭାବେ ଏକ ମଡେଲ ଜେଲ ନିର୍ମାଣ କରି କୁଖ୍ୟାତ ଅପରାଧୀ ମାନଙ୍କ ପାଇଁ ବାସସ୍ଥାନ ଭାବେ ବ୍ୟବହାର କରିବାକୁ ଦିଆଯିବ ନାହିଁ ବୋଲି ରୋକ୍‌ଠୋକ୍ ଭାବେ ବିଧାୟକ ପ୍ରଶାସନକୁ ଚେତାବନୀ ଦେଇଛନ୍ତି। ରାଜ୍ୟରେ ଶାସନ କରୁଥିବା ଲୋକଙ୍କ ସରକାର ଯଦି ଏହାର ପୁନର୍ବିଚାର ନକରନ୍ତି ତେବେ ସମଗ୍ର ବରୀ ଅଞ୍ଚଳବାସୀ ଆନ୍ଦୋଳନାତ୍ମକ କାର୍ଯ୍ୟପନ୍ଥା ଗ୍ରହଣ କରିବେ ବୋଲି କହିଛନ୍ତି। ଏହି ସାମ୍ବାଦିକ ସମ୍ମିଳନୀରେ ଅନ୍ୟମାନଙ୍କ ମଧ୍ୟରେ ବରୀ ବ୍ଲକ ବିଜୁ ଜନତା ଦଳର ସଭାପତି କେଦାର ନାଥ ସାମଲ, ଜିଲ୍ଲା ପରିଷଦ ସଦସ୍ୟ ଦିଲ୍ଲୀପ ମହାନ୍ତି, ଅଶୋକ ସାମଲଙ୍କ ବ୍ୟତୀତ ଦଳଗତ ନିର୍ବିଶେଷରେ ଆଖ ପାଖ ଅଞ୍ଚଳର ବହୁ ବୁଦ୍ଧିଜୀବୀ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା।



## ବାସୁଦେବପୁର ପୌରପାଳିକାର ବିକାଶ ପାଇଁ ସହରାଞ୍ଚଳ ଜନସମ୍ପର୍କ ଭାଗିଦାରୀ କାର୍ଯ୍ୟକ୍ରମ

# ସ୍ମାର୍ଟ ପାର୍କ ଓ ବାଇପାସ୍ ରାସ୍ତା ନିର୍ମାଣ ଆବଶ୍ୟକ





ବାସୁଦେବପୁର,୨୦।୬(ସମିସ): ବାସୁଦେବପୁର ପୌରପାଳିକା ସଭାଗୃହ ପରିସରରେ ସହରାଞ୍ଚଳ ଜନସମ୍ପର୍କ ଓ ନାଗରିକ ଭାଗିଦାରୀ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ପୌରପାଳିକାର ଅଧ୍ୟକ୍ଷ ନିବେଦିତା ବେହେରା, କାର୍ଯ୍ୟନିର୍ବାହୀ ଅଧିକାରୀ ସୁଧାଂଶୁ ମୋହନ ସ୍ୱାଇଁ, ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ଯୋଗଦେଇ କାର୍ଯ୍ୟକ୍ରମ ସମ୍ପର୍କରେ ଆଲୋଚନା କରିଥିଲେ। ବାସୁଦେବପୁର ବୁଦ୍ଧିଜୀବୀ ଦୁଃଶାସନ ରାଉତ ଯୋଗଦେଇ କହିଥିଲେ ଦିନକୁ ଦିନ ଜନସଂଖ୍ୟା ବୃଦ୍ଧି ପାଉଥିବାରୁ ଗାଡ଼ିମୋଟର ଚଳାଚଳ ବୃଦ୍ଧି ପାଉଛି। ସହରାଞ୍ଚଳ ଟ୍ରାଫିକ୍ ଜାମ୍ ହେଉଥିବାରୁ ସାଧାରଣ ଜନତା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏଥିପାଇଁ ବାଇପାସ୍ ରୋଡ୍‌ର ଆବଶ୍ୟକତା ରହିଛି। ରାସ୍ତାର ଦୁଇ ପାଶ୍ୱର୍ର ତଝୁପୁଡ଼ି ପଟି ଦୋକାନ ଉଚ୍ଛେଦ କରିବା, ବାସୁଦେବପୁରକୁ ସବ୍‌ଡିଭିଜନ ମାନ୍ୟତା ପ୍ରଦାନ, ପାର୍କ, ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବା, ବାସୁଦେବପୁର ସହରର ସୌନ୍ଦର୍ଯ୍ୟ ବୃଦ୍ଧି କରିବାକୁ ହେଲେ ବିଭିନ୍ନ ସ୍ଥାନରେ ଅବରୋଧ ସରକାରୀ ଜମିକୁ ହଟାଇ ମାର୍କେଟ କମ୍ପ୍ଲେକ୍ସ କିମ୍ବା ପ୍ରକଳ୍ପ କରିବାକୁ ପ୍ରସ୍ତାବ ଦେଇଥିଲେ। ଧାନ ମିଲ୍‌ରୁ ନିର୍ଗତ ଦୂଷିତ ପାଣି ନାଳରେ ଆସିବାରୁ ଆଖପାଖ ଅଞ୍ଚଳ ଦୁର୍ଗନ୍ଧରେ ନାକ ଫାଟି ପଡୁଛି। ରାଇସ୍ ମିଲ୍‌ର ପାଉଁଶ ଉଡୁଥିବାରୁ ଯାତାୟାତ କଷ୍ଟକର ହୋଇପଡୁଛି ବୋଲି ଗଗନ ବିହାରୀ କଳା ଅଭିଯୋଗ ଆଣିଥିଲେ।

ସେହିପରି ବୁଲା ଗୋରୁଗାଈଙ୍କ ସମସ୍ୟାର ସମାଧାନ ଦାବି କରାଯାଇଛି। ନଚେତ୍ ଦୁର୍ଘଟଣାର ଶିକାର ହେଉଛନ୍ତି। ଏଥିସହ ଚାଚେରୀ ଛକରେ ମାର୍କେଟ କମ୍ପ୍ଲେକ୍ସ ନିର୍ମାଣ କରିବାକୁ ବିଷ୍ଣୁ ଦାସ ଦାବି କରିଥିଲେ। ଜାଗା ଚିହ୍ନଟ ହୋଇ ନ ପାରିବାରୁ ମିଶନ ଶକ୍ତିର ଘର, ଅଙ୍ଗନବାଡ଼ି କେନ୍ଦ୍ର ନିର୍ମାଣ ହୋଇପାରୁନାହିଁ। ସରକାରୀ ଜାଗା ବାହାର କରି ବିକାଶମୂଳକ କାର୍ଯ୍ୟରେ ଲଗାଇବାକୁ ରତ୍ନାକର ମଲ୍ଲିକ କହିଥିଲେ। ବାସୁଦେବପୁର ବଡ଼ ବଡ଼ ସଭାସମିତି ପାଇଁ ଏକମାତ୍ର ଯାଦବ ପଡ଼ିଆରେ ଜଳ ନିଷ୍କାସନ ମୁଖ୍ୟ ସମସ୍ୟା ହୋଇ ଉଭା ହୋଇଛି। ବର୍ଷ ବର୍ଷ ଧରି କାମ ନ ହେଉଛି ସ୍ମାର୍ଟ ପାର୍କ ପଡ଼ି ରହିଛି। ଫଳରେ ପୌରପାଳିକାର ଜନସାଧାରଣ ଚିତ୍ତବିନୋଦନ ସୁବିଧାରୁ ବଞ୍ଚିତ ହେଉଛନ୍ତି ବୋଲି ଭାଗିରଥି ପଲାଇ କହିଥିଲେ। ବାସୁଦେବପୁର ପୌରପାଳିକାର ଜନସାଧାରଣ ମୌଳିକ ସୁବିଧା ସୁଯୋଗରୁ ବଞ୍ଚିତ ହେଉଛନ୍ତି ବୋଲି ଉପସ୍ଥିତ ବୁଦ୍ଧିଜୀବୀମାନେ ମତବ୍ୟକ୍ତ କରିଥିଲେ। ଉପାଧ୍ୟକ୍ଷ ଉତ୍ତମ କୁମାର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।

# ଦୁର୍ନୀତି ଅଭିଯୋଗ ନେଇ ବିଡିଓଙ୍କ ନିକଟରେ ଫେରାଦ



**ତଦନ୍ତ ସହ କାର୍ଯ୍ୟାନୁଷ୍ଠାନ ଦାବି**

**ଧାମନଗର,୨୦।୬(ସମିସ):** ଧାମନଗର ବ୍ଲକ୍ ଅନ୍ତର୍ଗତ ବୟାଙ୍ଗଡିହି ପଞ୍ଚାୟତରେ ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟରେ ଅନିୟମିତତା ହୋଇଥିବା ଅଭିଯୋଗ ନେଇ ଗ୍ରାମବାସୀମାନେ ଧାମନଗର ବିଡିଓଙ୍କ ନିକଟରେ ଅଭିଯୋଗ କରିଛନ୍ତି। ଘଟଣାର ନିରପେକ୍ଷ ତଦନ୍ତ ସହ ଠିକାଦାର ତଥା ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଛି।

ଖବର ଅନୁଯାୟୀ, ନୂଆଗାଁ ଖଗେଶ୍ୱର ମହାପାତ୍ରଙ୍କ ବାଡ଼ିଠାରୁ ଖେଳ ପଡ଼ିଆ ପର୍ଯ୍ୟନ୍ତ ରାସ୍ତାରେ ମାଟି କାମ ହୋଇ ନ ଥିବାବେଳେ ପ୍ରାୟ ୧ ଲକ୍ଷ ୪୦ ହଜାର ଟଙ୍କାର ବିଲ୍ କରାଯାଇଥିବା ଅଭିଯୋଗରେ ଦର୍ଶାଯାଇଛି। ସେହିପରି ନୂଆହାଟଠାରୁ ବିଷ୍ଣୁ ମହାନ୍ତିଙ୍କ ଘର ପର୍ଯ୍ୟନ୍ତ ନାଳ ଖନନ କାର୍ଯ୍ୟରେ ମଧ୍ୟ ଅନିୟମିତତା ହୋଇଥିବା ଅଭିଯୋଗ ହୋଇଛି। କିଛି ବ୍ୟକ୍ତିଗତ ଜମିରେ କାମ କରାଯାଇ ପ୍ରାୟ ୭ ଲକ୍ଷ ଟଙ୍କାର ବିଲ୍ କରିବାକୁ ଉଦ୍ୟମ ହେଉଥିବା ମଧ୍ୟ ଅଭିଯୋଗପତ୍ରରେ ଉଲ୍ଲେଖ ରହିଛି। ଶୁକ୍ରବାର ବିଜେଡି ଜିଲ୍ଲା ପରିଷଦ ସଭ୍ୟା ଟୁନିବାଳା ବିଶ୍ୱାଳ, ବ୍ଲକ୍ ସଭାପତି ପ୍ରତାପ ସାମଲଙ୍କ ସମେତ ଅନେକ ଗ୍ରାମବାସୀ ବିଡିଓଙ୍କୁ ଭେଟି ଲିଖିତ ଅଭିଯୋଗ ଦେଇଥିଲେ। ଅଭିଯୋଗ ପାଇବା ପରେ ଘଟଣାର ତଦନ୍ତ କରାଯାଇ ଆବଶ୍ୟକ ପଦକ୍ଷେପ ନିଆଯିବ ବୋଲି ବିଡିଓ ବନ ବିହାରୀ ଦିବା କହିଛନ୍ତି। ତେବେ ଶୀଘ୍ର କାର୍ଯ୍ୟାନୁଷ୍ଠାନ ନ ହେଲେ ଆନ୍ଦୋଳନକୁ ତୀବ୍ର କରାଯିବ ବୋଲି ଅଭିଯୋଗକାରୀମାନେ ଚେତାବନୀ ଦେଇଛନ୍ତି। ଏନେଇ ଧାମନଗର ବ୍ଲକ୍‌ର କନିଷ୍ଠ ଯନ୍ତ୍ରୀ ପ୍ରଭାତ ବେହେରା କହିଛନ୍ତି ଯେ, ଉକ୍ତ କାର୍ଯ୍ୟ ଏ ପର୍ଯ୍ୟନ୍ତ ସମ୍ପୂର୍ଣ୍ଣ ହୋଇନାହିଁ ଏବଂ କୌଣସି ଅର୍ଥ ଉଠାଯାଇନାହିଁ। ମଷ୍ଟରରୋଲ୍ ପାଇଁ ଡିମାଣ୍ଡ ହୋଇଥିବାରୁ ସିଷ୍ଟମ୍‌ରେ ଲେବର କଷ୍ଟ ଦେଖାଯାଉଛି। କାମ ଶେଷ ହେବା ପରେ ଜିଓ-ଟ୍ୟାଗ୍ ଫଟୋ ଓ ଅନ୍ୟାନ୍ୟ ତଥ୍ୟ ଅପଲୋଡ୍ କରାଯିବା ପରେ ହିଁ ମଜୁରି ପ୍ରଦାନ କରାଯିବ ବୋଲି ସେ ସ୍ପଷ୍ଟ ସୂଚନା ଦେଇଛନ୍ତି। ବିଡିଓଙ୍କ ଏହି ଅଭିଯୋଗ ପ୍ରଦାନ ସମୟରେ ଗ୍ରାମବାସୀଙ୍କ ସହ ସ୍ଥାନୀୟ ଜିଲ୍ଲା ପରିଷଦ, ବିଜେଡି ବ୍ଲକ୍ ସଭାପତି ଓ ଅନ୍ୟ ନେତୃମଣ୍ଡଳୀ ଉପସ୍ଥିତ ଥିଲେ।

# ବ୍ଲକ୍‌ସ୍ତରୀୟ ହିତାଧିକାରୀ ସମାବେଶ



**ଦୋଳସାହି,୨୦।୬(ସମିସ):** ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତି ଉପଲକ୍ଷେ 'ବିକାଶର ଧାରା ଓଡ଼ିଶା ସାରା' କାର୍ଯ୍ୟକ୍ରମର ଚତୁର୍ଥ ଦିନ ଶନିବାର ପୂର୍ବାହ୍ନରେ ତିହିଡ଼ି ବ୍ଲକ୍ କାର୍ଯ୍ୟାଳୟ ପକ୍ଷରୁ ନୀଳମଣି ସଭାଗୃହରେ ହିତାଧିକାରୀ ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ବ୍ଲକ୍ ସାମାଜିକ ସୁରକ୍ଷା ଅଧିକାରୀ ନିହାର ରଞ୍ଜନ ରାଉତଙ୍କ ସଞ୍ଚାଳନରେ ଏକ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ବିଡିଓ ନିରଞ୍ଜନ ବାରିକ ସୂଚନା ଦେଇ କହିଥିଲେ ଯେ, ୧୭୦ ଜଣ ନୂତନ ହିତାଧିକାରୀଙ୍କୁ ଭିନ୍ନକ୍ଷମ ଭତ୍ତା, ୫୦ହଜାର ୫୮୮ ପରିବାରକୁ ଅନ୍ନପୂର୍ଣ୍ଣା ଯୋଜନାରେ ଚାଉଳ, ୯୬ଜଣଙ୍କୁ ଅନ୍ତ୍ୟୋଦୟ ଗୃହ, ଖାଦ୍ୟ ସୁରକ୍ଷା ଯୋଜନାରେ ୩୩୫ ଜଣଙ୍କୁ ରାସନ କାର୍ଡ ଏବଂ ୨୦୦ ନୂତନ ହିତାଧିକାରୀଙ୍କୁ ଶ୍ରମକାର୍ଡ ବଣ୍ଟନ କରାଯିବ ବୋଲି ସୂଚନା ଦେଇଥିଲେ। ତେବେ ଅନ୍ତ୍ୟୋଦୟ ଗୃହ ଯୋଜନାରେ ୪ମାସ ମଧ୍ୟରେ ଗୃହ ନିର୍ମାଣ ସମ୍ପୂର୍ଣ୍ଣ କଲେ ୨୦ହଜାର ଟଙ୍କା ବୋନସ୍ ସହିତ ଭିବିଜି ରାମ୍‌ଜୀରେ ୨୪ହଜାର ଟଙ୍କା ହିତାଧିକାରୀଙ୍କୁ ପ୍ରଦାନ କରାଯିବ। ସରକାରଙ୍କ ନିର୍ଦ୍ଧାରିତ ସମୟ ମଧ୍ୟରେ ସହାୟତା ରାଶି ବିନିଯୋଗ କରି ଯୋଜନାର ସୁଫଳ ପାଇବାକୁ ସେ ପରାମର୍ଶ ଦେଇଥିଲେ। ବରେଣ୍ୟ ଅତିଥିଭାବେ ସାଂସଦଙ୍କ ପ୍ରତିନିଧି ସୀତାକାନ୍ତ ନାୟକ, ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ପ୍ରତିନିଧି ରଘୁନାଥ ପାତ୍ର, ବ୍ଲକ୍ ଅଧ୍ୟକ୍ଷା ଅବନ୍ତୀ ଦାସ, ଏବିଡିଓ ମୀନକେତନ ବାରିକ ଯୋଗଦେଇ କେନ୍ଦ୍ର ସରକାରଙ୍କ ୧୨ ବର୍ଷ ଓ ରାଜ୍ୟ ସରକାରଙ୍କ ୨ବର୍ଷ ପୂର୍ତ୍ତିରେ ସରକାରଙ୍କ ଯୋଜନାଗୁଡ଼ିକ ଉପରେ ଆଲୋକପାତ କରିଥିଲେ। ପରେ ହିତାଧିକାରୀମାନଙ୍କୁ କାର୍ଯ୍ୟାଦେଶ ଓ କାର୍ଡ ବଣ୍ଟନ କରାଯାଇଥିଲା। ଏହି ସମାବେଶରେ ବ୍ଲକ୍ ସହ ଶ୍ରମ ଅଧିକାରୀ ଲୋକନାଥ ଦାସ, ସରପଞ୍ଚ ପୁଷ୍ପାଞ୍ଜଳି ଲେଙ୍କା, କୁନ୍ତଳା ମଲ୍ଲିକ, ସୁପ୍ରଭା ପାଣି, ନିହାରିକା ବିଶ୍ୱାଳ, ଚକ୍ରଧର ଦାସ, ସମିତିସଭ୍ୟ ଦେବେନ୍ଦ୍ର ଦାସ, ଅଜୟ ରାଉତ ପ୍ରମୁଖ ଉପସ୍ଥିତ ଥିଲେ। ବିପିସି କୌଶିକ ଗିରି କାର୍ଯ୍ୟକ୍ରମ ପରିଚାଳନାରେ ସହଯୋଗ କରିଥିଲେ।

## ସିମେଣ୍ଟ କାରଖାନାରେ ଡ୍ରାଇଭରଙ୍କ ସନ୍ଦେହଜନକ ମୃତ୍ୟୁ

**ଧର୍ମଶାଳା,୨୦।୬(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ହରିଦାସପୁର ସ୍ଥିତ ରାମକୋ ସିମେଣ୍ଟ କାରଖାନାରେ ଜଣେ ଡ୍ରାଇଭରଙ୍କ ସନ୍ଦେହ ଜନକ ଭାବେ ମୃତ୍ୟୁ ହୋଇଥିବା ଜଣାପଡିଛି। ମୃତ ଡ୍ରାଇଭର ଭଦ୍ରକ ଜିଲ୍ଲା ଅଗରପଡା ଥାନା ଜୟସିଂପୁର ଗ୍ରାମର ମାୟାଧର ସାମଲଙ୍କ ପୁଅ ଶିଶିର ସାମଲ (୪୮) ବୋଲି ଜଣାପଡିଛି। ସୂଚନା ମୁତାବକ ରାମକୋ ସିମେଣ୍ଟ କାରଖାନାରୁ ସିମେଣ୍ଟ ବୋଝେଇ କରିବା ଲାଗି ଗାଡି ଉପରେ ଚଢି ଥିବା ସମୟରେ ସେଠାରେ ଥିବା ୧୧କେଭି ବିଦ୍ୟୁତ ତାର ସଂସ୍ପର୍ଶରେ ଆସି ମୃତ୍ୟୁବରଣ କରିଥିବା ଜଣାଯାଇଛି। ରାମକୋ ସିମେଣ୍ଟ କାରଖାନାରେ କାର୍ଯ୍ୟରତ ଅନ୍ୟ କର୍ମଚାରୀମାନେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଡାକ୍ତରଖାନାରେ ଭର୍ତ୍ତି କରିଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ଧର୍ମଶାଳା ଥାନା ପୁଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ମୃତଦେହକୁ ଜବତ କରି ବ୍ୟବଚ୍ଛେଦ ଲାଗି ଯାଜପୁର ମୁଖ୍ୟ ଚିକିତ୍ସାଳୟକୁ ପଠାଇ ଘଟଣାର ତଦନ୍ତ ଚଳାଇଛି।

## ଛାତ୍ରୀଙ୍କୁ ଅସଦାଚରଣ ଅଭିଯୋଗ

**ସୁକିନ୍ଦା,୨୦।୬(ସମିସ):** ସୁକିନ୍ଦା ସଦର ମହକୁମାର ଜଣେ କଲେଜ ଛାତ୍ରୀଙ୍କୁ ସେହି ଗ୍ରାମର ଅଶ୍ୱିନୀ ଦାସ (ବୁନିଆ, ୫୫) ନାମକ ବ୍ୟକ୍ତି ଲିଫ୍ଟ ଦେବା ବାହାନାରେ ଅସଦାଚରଣ କରିଥିବା ସୁକିନ୍ଦା ଥାନାରେ ଅଭିଯୋଗ ହୋଇଛି। ସୂଚନା ଅନୁଯାୟୀ ସୁକିନ୍ଦା ତ୍ରିଲୋଚନ ମହାରଣାଙ୍କ ଝିଅ ଗତ ଶୁକ୍ରବାର କଲେଜରୁ ଘରକୁ ଏକାକି ଫେରୁଥିବା ସମୟରେ ବୁନିଆ ସ୍କୁଟି ଅଟକାଇ ଛାତ୍ରୀଙ୍କୁ ଘରେ ଛାଡ଼ି ଦେବାକୁ କହି ଲିଫ୍ଟ ଦେଇଥିଲା। ପରେ ସ୍କୁଟି ଶିଖାଇ ଦେବାକୁ କହି ଗ୍ରାମରୁ କିଛି ଦୂରକୁ ନେଇଯାଇଥିଲେ। ସଂପୃକ୍ତ ବ୍ୟକ୍ତି ନିଛାଟିଆ ସ୍ଥାନରେ ଅସଦାଚରଣ କରିଥିବା ନେଇ ଛାତ୍ରୀ ଫେରିବା ପରେ ପରିବାର ନିକଟରେ କହିଥିଲେ। ପରିବାର ଲୋକେ ଘଟଣା ସମ୍ପର୍କରେ ଅବଗତ ହେବାକୁ ସଂପୃକ୍ତ ବୁନିଆ ଘରକୁ ଯିବାବେଳେ ପରିବାର ଲୋକେ ସେମାନଙ୍କୁ ଅସଭ୍ୟ ଗାଳିଗୁଲଜ କରିଥିବା ଅଭିଯୋଗ ହୋଇଛି। ଘଟଣାକୁ ନେଇ ଛାତ୍ରୀଙ୍କ ପକ୍ଷରୁ ସୁକିନ୍ଦା ଥାନାରେ ଲିଖିତ ଅଭିଯୋଗ ହେବା ପରେ ପୁଲିସ ୧୨୫/୨୦୨୬ରେ ଏକ ମାମଲା ରୁଜୁ କରି ଘଟଣାର ତଦନ୍ତ ଜାରି ରଖିଛି।

## ନିଶା ନିବାରଣ କେନ୍ଦ୍ରରେ ମୃତ୍ୟୁ ଘଟଣା

# ଥାନାରେ ୨୦ ଜଣ ଅଟକ

**ଧର୍ମଶାଳା,୨୦।୬(ସମିସ):** ଧର୍ମଶାଳା ଥାନା ଅନ୍ତର୍ଗତ ଜାରକାସ୍ଥିତ ଏକ ନିଶା ନିବାରଣ କେନ୍ଦ୍ରରେ ଗତକାଲି ଜଣେ ଯୁବକଙ୍କ ସନ୍ଦେହ ଜନକ ମୃତ୍ୟୁ ଘଟଣାରେ ପୁଲିସ ୨୦ ଜଣଙ୍କୁ ଥାନାକୁ ଆଣି ପଚରା ଉଚରା କରୁଥିବା ଜଣାଯାଇଛି। ସୂଚନା ମୁତାବକ ଏହି ଥାନା ଭଗବାନପୁର ଅଞ୍ଚଳର ରାଜୀବ ବାରିକ (୩୮)ଙ୍କୁ ଚୁଟିକାଟିବା ଲାଗି ନିଶାନିବାରଣ କେନ୍ଦ୍ରର କର୍ମଚାରୀମାନେ ଫୋନ୍ କରି ଡକାଇଥିଲେ। ତେବେ ଚୁଟି କାଟିବା ପରେ ପାଇସା ନେଣ ଦେଣକୁ ନେଇ କର୍ମଚାରୀ ଓ ରାଜୀବଙ୍କ ମଧ୍ୟରେ ପାଟିଗୋଳ ହୋଇଥିଲା। ପରେ ତାଙ୍କୁ ଗୁରୁତର ଅବସ୍ଥାରେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରାଯାଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ଏନେଇ ପରିବାର ଲୋକେ ଖବର ପାଇ ଡାକ୍ତରଖାନାରେ ରାଜୀବର ମୃତଦେହ ପଡିଥିବା ଦେଖି ନିଶା ନିବାରଣ କେନ୍ଦ୍ର କର୍ମଚାରୀମାନେ ତାଙ୍କୁ ମାରିଦେଇଥିବା ସନ୍ଦେହ କରିଥିଲେ। ରାଜୀବଙ୍କ ଏଭଳି ସନ୍ଦେହଜନକ ମୃତ୍ୟୁ ପାଇଁ ନିଶା ନିବାରଣ କେନ୍ଦ୍ରର କର୍ମଚାରୀମାନଙ୍କୁ ଦାୟୀ କରି ତାଙ୍କ ପତ୍ନୀ ତୁଳସୀ ବାରିକ ଥାନାରେ ଅଭିଯୋଗ କରିଥିଲେ। ଅଭିଯୋଗ ପାଇ ଧର୍ମଶାଳା ପୁଲିସ ୨୫୦/୨୬ରେ ଏକ ମାମଲା ରୁଜୁ କରିବା ସହିତ ନିଶା ନିବାରଣ କେନ୍ଦ୍ରରେ ଲାଗିଥିବା ସିସିଟିଭି ଫୁଟେଜକୁ ଯାଞ୍ଚ କରି ୨୦ଜଣଙ୍କୁ ସନ୍ଦେହରେ ଥାନାକୁ ଆଣି ପଚରା ଉଚରା କରୁଛି ବୋଲି ପୁଲିସ ସୂଚନା ଦେଇଛି।

## ନାବାଳିକାକୁ ଅପହରଣ; ୨ ଗିରଫ

**ବନ୍ତ/ଆଗରପଡ଼ା,୨୦।୬(ସମିସ):** ଜନୈକା ନାବାଳିକାକୁ ଅପହରଣ କରିବାର କିଛି ଘଣ୍ଟା ନ ପୂରୁଣୁ ଆଗରପଡ଼ା ଥାନାଧିକାରୀ ରାଜେଶ ସେଠୀ ଅପହର୍ତ୍ତା ଓ ତାଙ୍କ ସହଯୋଗୀଙ୍କୁ ଠାବ କରି ଗିରଫ କରିବାରେ ସମର୍ଥ ହେବା ସହ ଅପହୃତାଙ୍କୁ ଉଦ୍ଧାର କରିଛନ୍ତି। ଆଗରପଡ଼ା ଥାନା ଅନ୍ତର୍ଗତ ଏକ ଗ୍ରାମର ଜନୈକା ନାବାଳିକାକୁ କେହି ଅପହରଣ କରି ନେଇଥିବାର ଅଭିଯୋଗ ଥାନାରେ ହୋଇଥିଲା। ଥାନା କେସ୍ ନଂ ୧୪୨/୨୬ରେ ଏକ ମାମଲା ରୁଜୁ କରି ଥାନାଧିକାରୀ ତୁରନ୍ତ ଅନୁସନ୍ଧାନ ଆରମ୍ଭ କରିଥିଲେ। ସ୍ଥାନୀୟ ତ୍ରିସାଳିଆ ଗ୍ରାମରେ ନାବାଳିକାକୁ ଆଣି ଅପହର୍ତ୍ତା ତାଙ୍କ ସମ୍ପର୍କୀୟଙ୍କ ଘରେ ରଖିଛନ୍ତି ବୋଲି ଥାନାଧିକାରୀ ଖବର ପାଇ ଚଢ଼ଉ କରି ଅପହର୍ତ୍ତା ଭଦ୍ରକ ଗ୍ରାମାଞ୍ଚଳ ଥାନା ମିଟୁଆଣି ଗ୍ରାମର ରାମଚନ୍ଦ୍ର ବେହେରା ଓ ସେହି ଗ୍ରାମର ସୁରେଶ ବେହେରାଙ୍କୁ ଗିରଫ କରିବା ସହ ଅପହୃତାଙ୍କୁ ଉଦ୍ଧାର କରିଥିଲେ।

## ବ୍ୟବସାୟୀଙ୍କଠାରୁ ୫ ଲକ୍ଷ ୨୪ ହଜାର ଲୁଟ୍

**କୁଆଖିଆ,୨୦।୬(ସମିସ):** ବଡ଼କଇଁଚି ଗୋପିନାଥପୁର ଗ୍ରାମର ଦୈତାରୀ ସାହୁଙ୍କ ପୁଅ ରମେଶ ଚନ୍ଦ୍ର ସାହୁ ପ୍ରତିଦିନ ପରି କୁଆଖିଆ- ଯାବରା ରୋଡ୍ କୋଳଥଳ ଛକ ନିକଟରେ ଥିବା ଗୋଦାମରୁ ନିଜର ବ୍ୟବସାୟ ଟଙ୍କା ପଇସା ଧରି ଘରକୁ ଫେରୁଥିଲେ। ଘର ନିକଟରେ ପହଞ୍ଚି ଗାଡିକୁ ଘରକୁ ନେବା ସମୟରେ ଦୁଇଜଣ ଯୁବକ ଏକ କଳା ପଲସରରେ ଆସି ବାଇକ୍‌ରେ ଆଗପଟୁ ଆଡ଼ା ପକେଇ ବ୍ୟବସାୟୀ ରମେଶ ସହିତ ଜୁଲମ କରି ଟଙ୍କା ଛଡ଼େଇବା ପାଇଁ ଉଦ୍ୟମ କରିଥିଲେ। ରମେଶ ସେମାନଙ୍କୁ ପ୍ରତିରୋଧ କରିବାରୁ ଦୁର୍ବୃତ୍ତମାନେ ଏକ କଟୁରିରେ ରମେଶଙ୍କହାତକୁ ହାଣି ତାଙ୍କ ନିକଟରେ ଥିବା ୫ ଲକ୍ଷ ୨୪ ହଜାର ଟଙ୍କା ଛଡ଼େଇ ନେଇ ଫେରାର ହୋଇଯାଇଥିଲେ। ଘଟଣା ସମ୍ପର୍କରେ ରମେଶ କୁଆଖିଆ ଥାନାରେ ଅଭିଯୋଗ କରିଥିବା ଜଣାପଡିଛି।

## ପ୍ରଧାନଶିକ୍ଷକ ନରେନ୍ଦ୍ର ପରିଡ଼ାଙ୍କ ପରଲୋକ



**କାଳିଆପାଣି,୨୦।୬(ସମିସ):** ସୁକିନ୍ଦା ବ୍ଲକ ଅନ୍ତର୍ଗତ କୁହିକା ପଞ୍ଚାୟତର ବାମ୍ବିଲୋ ଭାସ୍କର ନୋଡାଲ ଉପ୍ରା ବିଦ୍ୟାଳୟର ପ୍ରଧାନ ଶିକ୍ଷକ ନରେନ୍ଦ୍ର କୁମାର ପରିଡା (୫୯)ଙ୍କର ଗତକାଲି ଭୁବନେଶ୍ୱରର ଏକ ଘରୋଇ ହସ୍ପିଟାଲରେ ପରଲୋକ ଘଟିଛି। ତାଙ୍କ ଅକାଳ ବିୟୋଗ ଖବର ପ୍ରଚାରିତ ହେବା ପରେ ସମଗ୍ର ସୁକିନ୍ଦା ଅଞ୍ଚଳରେ ଶୋକର ଛାୟା ଖେଳିଯାଇଥିଲା। ମୃତ୍ୟୁ ସମୟରେ ତାଙ୍କ ନିକଟରେ ପରିବାରବର୍ଗ ଓ ଆତ୍ମୀୟସ୍ୱଜନ ଉପସ୍ଥିତ ଥିଲେ। ପରେ ତାଙ୍କ ପାର୍ଥିବ ଶରୀରକୁ ନିଜ ଗାଁକୁ ଅଣାଯାଇଥିଲା। ଗାଁରେ ଖୋଳ-କୀର୍ତ୍ତନ ସହ ପାର୍ଥିବ ଶରୀରକୁ ପରିକ୍ରମା କରାଯାଇଥିଲା। ଶେଷ ଦର୍ଶନ ପାଇଁ ଶିକ୍ଷକ, ଛାତ୍ରଛାତ୍ରୀ, ଅଭିଭାବକ, ସହକର୍ମୀ ଏବଂ ଅଞ୍ଚଳବାସୀଙ୍କ ଭିଡ଼ ଜମିଥିଲା।ତାଙ୍କ ମୃତ୍ୟୁ ଖବର ପାଇ ପୂର୍ବତନ ମନ୍ତ୍ରୀ ଇଂ. ପ୍ରୀତିରଞ୍ଜନ ଘଡ଼ାଇ, ଏବିଓ ଗୋବର୍ଦ୍ଧନ ପ୍ରଧାନ, ଜେମଦେଇପୁରର ପ୍ରଧାନ ଶିକ୍ଷକ ବିବେକାନନ୍ଦ ନାୟକ, ସୁକିନ୍ଦା ବ୍ଲକ ଶିକ୍ଷକ ସଂଘ ସମେତ ଆଖପାଖ ଅଞ୍ଚଳର ବହୁ ଶିକ୍ଷାବିତ୍, ସମାଜସେବୀ ଓ ପ୍ରଭାବଶାଳୀ ବ୍ୟକ୍ତି ଗଭୀର ଶୋକ ପ୍ରକାଶ କରିଥିଲେ।

## ପ୍ରସ୍ତାବିତ ମଦ ଦୋକାନକୁ ନେଇ ବିବାଦ

# ଗ୍ରାମବାସୀଙ୍କ ଅବକାରୀ କାର୍ଯ୍ୟାଳୟ ଘେରାଉ



ଯାଜପୁର,୨୦।୬(ସମିସ): ଯାଜପୁର ବ୍ଲକ ପଣସା ପଞ୍ଚାୟତ ଆଙ୍କୁଲା ମୌଜାରେ ପ୍ରସ୍ତାବିତ ବିଦେଶୀ ମଦ ଦୋକାନକୁ କେନ୍ଦ୍ର କରି ବିରୋଧ ଜାରି ରହିଛି। ଏହି ଅଞ୍ଚଳରେ ସ୍କୁଲ, କଲେଜ୍, ମେଡିକାଲ ଥିବା ବେଳେ ଏଠାରେ ମଦ ଦୋକାନ ଖୋଲିବା ନିଷ୍ପତିକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏଠାରେ ଏକ ମଦ ଦେକାନ ଖୋଲିବା ପାଇଁ ଲଟେରି ଉଠାଣ ସରିଥିବା ବେଳେ ମଦ ଦୋକାନକୁ ବିରୋଧ କରିଛନ୍ତି ଗ୍ରାମବାସୀ। ଏହାକୁ କୌଣସି ପରିସ୍ଥିତିରେ କରିବାକୁ ଦିଆଯିବ ନାହିଁ ବୋଲି ଅଭିଯୋଗ କରି ଜିଲ୍ଲାପାଳଙ୍କ ଦ୍ୱାରସ୍ଥ ହେବା ପରେ ଏହାର ତଦନ୍ତ ପାଇଁ ଆଜି ପ୍ରଶାସନିକ ଅଧିକାରୀ ମାନେ ଘଟଣାସ୍ଥଳକୁ ଯାଇଥିଲେ। ସେଠାରେ ପୂର୍ବରୁ ଉପସ୍ଥିତ ରହିଥିବା ଗ୍ରାମବାସୀ ଏହି ମଦ ଦୋକାନ ବିରୋଧରେ ନାରାବାଜି କରିଥିଲେ। ମଦ ଦୋକାନ ହେଲେ ଏଠାରେ ଆଇନ ଶୃଙ୍ଖଳା ପରିସ୍ଥିତି ସୃଷ୍ଟି ହେବା ସହିତ ସାମାଜିକ ବିଶୃଙ୍ଖଳା ଦେଖାଦେବାର ଆଶଙ୍କା ଦେଖାଦେଇଛି। ସ୍ଥାନୀୟ ଗ୍ରାମବାସୀଙ୍କ ଏଭଳି ହୋ ହାଲ୍ଲା ଫଳରେ ପ୍ରଶାସନିକ ଅଧିକାରୀ ମାନେ କୌଣସି ତଦନ୍ତ କରିପାରିନଥିଲେ। ପରେ ଗ୍ରାମବାସୀ ମାନେ ଅବକାରୀ ଅଧିକ୍ଷକଙ୍କ କାର୍ଯ୍ୟାଳୟ ଘେରାଉ କରି ସେଠାରେ ତୁରନ୍ତ ମଦ ଦେକାନ ବନ୍ଦ କରିବାକୁ ଦାବି କରିଥିଲେ। ନ ହେଲେ ଆଗାମୀ ଦିନରେ ଆନ୍ଦୋଳନ ତୀବ୍ରତର ହେବ ବୋଲି ଗ୍ରାମବାସୀ ଚେତାବନୀ ଦେଇଛନ୍ତି।

## ବୈତରଣୀ ନଦୀବନ୍ଧ ସୁଦୃଢ଼ୀକରଣ ନାମରେ ବ୍ୟାପକ ହରିଲୁଟ୍

# ୩ କୋଟି ଟଙ୍କା ହଡ଼ପ ଲକ୍ଷ୍ୟରେ ଜଳ ସମ୍ପଦ ବିଭାଗ ଓ ଠିକାଦାର

ଅସୁରାଳି,୨୦।୬(ସମିସ)

ଆଖୁଆପଦା ଜଳ ସମ୍ପଦ ବିଭାଗର କିଛି ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ ଠିକାଦାରଙ୍କ ସଲାସୁତରା ଯୋଗୁଁ ନଦୀବନ୍ଧ ସୁଦୃଢ଼ୀକରଣ କାର୍ଯ୍ୟ ଏବେ ଦୁର୍ନୀତିର ପେଣ୍ଠସ୍ଥଳୀ ପାଲଟିଛି। ଆଖୁଆପଦା ଜଳ ସମ୍ପଦ ବିଭାଗ ଅଧୀନ ବୈତରଣୀ ନଦୀର ବାମ ପାର୍ଶ୍ୱ ନଦୀବନ୍ଧ ସୁଦୃଢ଼ୀକରଣ ନାମରେ ବ୍ୟାପକ ଅନିୟମିତତା ହୋଇଥିବା ନେଇ ସ୍ଥାନୀୟ ଅଞ୍ଚଳରେ ପ୍ରବଳ ଜନଅସନ୍ତୋଷ ପ୍ରକାଶ ପାଇଛି। ସରକାରୀ ଅର୍ଥକୁ ପାଣି ଭଳି ବୁହାଇ ଠିକାଦାର ଓ ଯନ୍ତ୍ରୀ ମାଲାମାଲ୍ ହେଉଥିବାବେଳେ ବନ୍ଧ ସୁରକ୍ଷା ଏବେ ବିପନ୍ନ ହେବାକୁ ବସିଛି। ସୂଚନା ମୁତାବକ, ବୈତରଣୀ ନଦୀର ବାମ ପାଶ୍ୱର୍ରେ ଥିବା ପାଳସାହି ପଞ୍ଚାୟତର ତେଲିପାଟଣାଠାରୁ ଆରମ୍ଭ କରି ସୁନ୍ଦରପୁର ଦୋହରା ପର୍ଯ୍ୟନ୍ତ ନଦୀବନ୍ଧର ସୁଦୃଢ଼ୀକରଣ ପାଇଁ ପ୍ରାୟ ୩ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ମାତ୍ର ଅଭିଯୋଗ ଅନୁଯାୟୀ, କାର୍ଯ୍ୟକ୍ଷେତ୍ରରେ କୌଣସି ନିୟମ ଓ ଗୁଣବତ୍ତା ରକ୍ଷା କରାଯାଉନାହିଁ। ନିମ୍ନମାନର ସାମଗ୍ରୀ ବ୍ୟବହାର କରି କେବଳ ଲୋକଦେଖାଣିଆ ଭାବେ କାମ ସାରିଦେଇ ସମ୍ପୂର୍ଣ୍ଣ ୩ କୋଟି ଟଙ୍କା ହରିଲୁଟ୍ କରିବାକୁ ଜଳ ସମ୍ପଦ ବିଭାଗ ଏବଂ ସମ୍ପୃକ୍ତ ଠିକାଦାର ଯୋଜନା କରିଥିବା ଅଭିଯୋଗ ହୋଇଛି। ଆଗକୁ ବର୍ଷା ଋତୁ ଆସୁଥିବାବେଳେ ଏଭଳି ଦୁର୍ବଳ କାର୍ଯ୍ୟ ଯୋଗୁଁ ନଦୀବନ୍ଧ ଭାଙ୍ଗିବା ଏବଂ ଅଞ୍ଚଳବାସୀ ଜଳବନ୍ଦୀ ହେବାର ଆଶଙ୍କା ଦ୍ୱିଗୁଣିତ ହୋଇଯାଇଛି।



**ଭିଜିଲାନ୍ସ ତଦନ୍ତ ଦାବି କଲେ ସ୍ଥାନୀୟ ବାସିନ୍ଦା**

ଏହି ମହାଦୁର୍ନୀତି ବିରୋଧରେ ଅଞ୍ଚଳର ବହୁ ବିଶିଷ୍ଟ ବ୍ୟକ୍ତି ଓ ସଂଗଠକ ଏବେ ସ୍ୱର ଉତ୍ତୋଳନ କରିଛନ୍ତି। ବ୍ଲକ୍ କଂଗ୍ରେସର ପୂର୍ବତନ ସଭାପତି ତଥା ଆଇନଜୀବୀ ରମେଶ ଚନ୍ଦ୍ର ବେହେରା ଏବଂ ବରିଷ୍ଠ ସଂଗଠକ ତଥା ସମାଜସେବୀ ନିରାକାର ଦାସଙ୍କ ନେତୃତ୍ୱରେ ଏକ ପ୍ରତିନିଧି ଦଳ ଏହି କାର୍ଯ୍ୟର ତୀବ୍ର ନିନ୍ଦା କରିଛନ୍ତି। ଏହି ଦୁର୍ନୀତିର ପର୍ଦ୍ଦାଫାଶ୍ କରିବା ପାଇଁ ସେମାନେ ତୁରନ୍ତ ଭିଜିଲାନ୍ସ ତଦନ୍ତ କରିବାକୁ ଦୃଢ଼ ଦାବି କରିଛନ୍ତି। ଏହି ଦାବି ସପକ୍ଷରେ ଅଞ୍ଚଳର ଅନ୍ୟାନ୍ୟ ମାନ୍ୟଗଣ୍ୟ ବ୍ୟକ୍ତି ତଥା ମାର୍କଣ୍ଡ କୁମାର ଜେନା, ସୁରେନ୍ଦ୍ର କୁମାର ମଳିକ, ଗଜାନନ ମିଶ୍ର, ମୃତ୍ୟୁଞ୍ଜୟ ଦାସ, ଦୟାନିଧି ମଳିକ, ସୁଜିତ୍ କୁମାର ସାହୁ, ସୁରେଶ ଚନ୍ଦ୍ର ଜେନା ଏବଂ ମନୋଜ କୁମାର ଜେନାଙ୍କ ସମେତ ଶତାଧିକ ସ୍ଥାନୀୟ ବାସିନ୍ଦା ସାମିଲ୍ ହୋଇଛନ୍ତି। ସ୍ଥାନୀୟ ବାସିନ୍ଦାଙ୍କ କହିବା ଅନୁଯାୟୀ, ଜନସାଧାରଣଙ୍କ ସୁରକ୍ଷା ପାଇଁ ଆସିଥିବା ସରକାରୀ ପାଣ୍ଠିକୁ କିଛି ଅସାଧୁ ଅଧିକାରୀ ଓ ଠିକାଦାର ନିଜ ପକେଟ୍ ଗରମ କରିବାରେ ବ୍ୟବହାର କରୁଛନ୍ତି। ଯଦି ଏହି କାର୍ଯ୍ୟର ଉଚ୍ଚସ୍ତରୀୟ ତଦନ୍ତ କରାଯାଇ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରା ନ ଯାଏ, ତେବେ ଆଗାମୀ ଦିନରେ ଅଞ୍ଚଳବାସୀ ରାଜପଥକୁ ଓହ୍ଲାଇବା ସହ ବ୍ୟାପକ ଆନ୍ଦୋଳନ ହେବ। ଦୁର୍ନୀତିର ଗନ୍ଧ ଏତେ ପ୍ରଖର ଯେ ସରକାରୀସ୍ତରରେ ତୁରନ୍ତ ହସ୍ତକ୍ଷେପ ନ ହେଲେ ବୈତରଣୀ କୂଳବର୍ତ୍ତୀ ହଜାର ହଜାର ଲୋକଙ୍କ ଜୀବନ ଜୀବିକା ବିପଦରେ ପଡ଼ିବା ନିଶ୍ଚିତ ବୋଲି ଆଲୋଚନା ହେଉଛି। ତେବେ ଏ ସମ୍ପର୍କରେ ଜଳସମ୍ପଦ ବିଭାଗର ଯନ୍ତ୍ରୀ ବିମଳ ବେହେରାଙ୍କୁ ପଚାରିବାରୁ ସେ ସମସ୍ତ ଅଭିଯୋଗକୁ ଏଡ଼ାଇଯାଇ କହିଛନ୍ତି ଯେ, "କାମ ଚାଲିଛି, କାମ ସରିନାହିଁ। ଯାହା ଯେପରି ହେବା କଥା ନିୟମାନୁସାରେ ସେପରି ହିଁ କରାଯିବ।' ଯନ୍ତ୍ରୀଙ୍କ ଏଭଳି ହାଲୁକା ପ୍ରତିକ୍ରିୟା ସ୍ଥାନୀୟ ଲୋକଙ୍କ ଅସନ୍ତୋଷକୁ ଆହୁରି ବଢ଼ାଇ ଦେଇଛି। ସରକାର ଏହି ସମ୍ବେଦନଶୀଳ ପ୍ରସଙ୍ଗ ପ୍ରତି ଦୃଷ୍ଟି ଦେଇ ତୁରନ୍ତ ନିରପେକ୍ଷ ତଦନ୍ତ କରାଇବାକୁ ସାଧାରଣରେ ଦାବି ହେଉଛି।

## ବରଯାତ୍ରୀ ହୋଇ ଆସିଥିଲେ, ଶବ ହୋଇ ଫେରିଲେ

ଜଟଣୀ, ୨୦।୬ (ସମିସ): ଖୋର୍ଦ୍ଧା ଜିଲ୍ଲା ଜଟଣୀ ଥାନା ଅନ୍ତର୍ଗତ ବୁଢାପଡ଼ା ଗ୍ରାମରେ ଏକ ବିବାହ ବରଯାତ୍ରୀରେ ଆସି ଜଣେ ବ୍ୟକ୍ତି ଶବ ହୋଇ ଫେରିଥିବା ଦୁଃଖଦ ଘଟଣା ସମସ୍ତଙ୍କୁ ଆଚମ୍ବିତ କରିଛି। ବରଯାତ୍ରୀରେ ଆସି କୂଅରେ ପଡ଼ି ଯୁବକଙ୍କ ମୃତ୍ୟୁ ଘଟିଛି। ଶୁକ୍ରବାର ରାତିରେ ଏକ ବରଯାତ୍ରୀ ଦଳ ସହ କେନ୍ଦ୍ରାପଡ଼ା ମହାକାଳପଡ଼ା ସୁବଳ ଅଞ୍ଚଳର ଜଣେ ଯୁବକ ଅର୍ଜୁନ ସ୍ୱାଇଁ ବିବାହ ଉତ୍ସବରେ ଯୋଗଦେବା ପାଇଁ ବୁଢାପଡ଼ା ଗ୍ରାମକୁ ଆସିଥିଲେ। ଆଜି ସକାଳେ ରାସ୍ତା ପାର୍ଶ୍ୱରେ ଥିବା ଏକ କୂଅରେ ଏକ ମୃତ ଦେହ ଭାସୁଥିବା ଦେଖି ସ୍ଥାନୀୟ ଲୋକ ମାନେ ପୁଲିସକୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ତାଙ୍କୁ ଉଦ୍ଧାର କରି ଚିକିତ୍ସା ପାଇଁ ହସ୍ପିଟାଲକୁ ନେଇଥିବା ବେଳେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିବା ଜଣାପଡ଼ିଛି। ମୃତ୍ୟୁର ପ୍ରକୃତ କାରଣ ସ୍ପଷ୍ଟ ହୋଇ ନଥିବା ବେଳେ ଜଟଣୀ ପୁଲିସ ଶବ ଜବତ କରିବା ସହ ବ୍ୟବଚ୍ଛେଦ ପାଇଁ ପଠାଇବା ସହ ଅଧିକ ଖୋଳତାଡ଼ କରୁଛି।

## ନାଟକ ସୁପ୍ତ ପ୍ରତିଭାକୁ ବିକଶିତ କରିବାରେ ସହାୟକ ହୋଇଥାଏ



ବେଗୁନିଆ, ୨୦।୬ (ସମିସ): ବେଗୁନିଆ ବ୍ଲକ ସିମୋର ପଞ୍ଚାୟତ ଅନ୍ତର୍ଗତ ଗଁପୁର ଗ୍ରାମ ସ୍ଥିତ ସ୍ଥିତ ଶ୍ରୀ ଶ୍ରୀ ସୋମନାଥ ଦେବଙ୍କ ପୀଠରେ ତିନି ଦିନ ଧରି ଚାଲିଥିବା 'ଆମ ଗାଁ ରଜ ପରବ' ଅବସରରେ 'ଭବାନୀ ଶଙ୍କର ନାଟ୍ୟ ସଂସଦ' ପକ୍ଷରୁ ମୁକ୍ତମଞ୍ଚ ନାଟକ ଉଦଯାପିତ ହୋଇଛି। ଏଥିରେ ଗ୍ରାମ୍ୟ କମିଟି ସଭାପତି ନୀଳମଣି ମାଝୀଙ୍କ ଅଧ୍ୟକ୍ଷତା ଓ ସମ୍ପାଦକ ଦିବ୍ୟସିଂହ ରଣାଙ୍କ ସଂଯୋଜନାରେ ପୂର୍ବତନ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ରାଜେନ୍ଦ୍ର କୁମାର ସାହୁ ମୁଖ୍ୟବକ୍ତା, ଶିକ୍ଷାବିତ୍ ହରିବନ୍ଧୁ ପଣ୍ଡା, ଜିଲ୍ଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ, ସରପଞ୍ଚ ହାଡୁବନ୍ଧୁ ମହାପାତ୍ର, ଲାବଣ୍ୟ ଜୟସିଂହ, ସମିତି ସଭ୍ୟା ନଳିନୀ ଦେବୀ, ନବନିତା ମହାନ୍ତି, ଗ୍ରାମ୍ୟ କମିଟି ଉପସଭାପତି ଶରତ ଚନ୍ଦ୍ର ବେହେରା, ଯାତ୍ରା କମିଟି ସଭାପତି ପ୍ରତାପ ବେହେରା, ଉପସଭାପତି ରଞ୍ଜନ କୁମାର ସାହୁ ଓ ସମାଜସେବୀ ଶିଶିର କୁମାର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ନାଟକ ସୁପ୍ତ ପ୍ରତିଭା ବିକଶିତ କରିବାରେ ସହାୟକ ହୋଇଥାଏ ବୋଲି ଅତିଥି ମାନେ ମତ ପ୍ରକାଶ କରିଥିଲେ। ପରେ ନିହାର ରଞ୍ଜନ ପଣ୍ଡାଙ୍କ ନିର୍ଦ୍ଦେଶନାରେ ଅତିଥି କଳାକାର ସହ ନାଟ୍ୟ ସଂସଦର କଳାକାର ମାନଙ୍କ ଦ୍ୱାରା ନାଟକ 'କିଏ ପୋଛି ଦେବ ଆଖିର ଲୁହ' ଜନ ସାଧାରଣଙ୍କ ମଧ୍ୟରେ ପ୍ରଶଂସା ସାଉଁଟିବାକୁ ସକ୍ଷମ ହୋଇ ପାରିଥିଲା।

## ନୂତନ ଶିକ୍ଷକଶିକ୍ଷୟିତ୍ରୀଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ନିରାକାରପୁର, ୨୦।୬(ସମିସ): ଖୋର୍ଦ୍ଧା ଜିଲ୍ଲା ରାମେଶ୍ୱର ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନୂତନ ଭାବେ ଯୋଗଦାନ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ଏବଂ ଶିକ୍ଷକ ଶିକ୍ଷୟିତ୍ରୀମାନଙ୍କୁ ଏକ ଆନୁଷ୍ଠାନିକ ସଭାରେ ସ୍ୱାଗତ ସମ୍ବର୍ଦ୍ଧନା ଜ୍ଞାପନ କରାଯାଇଛି। ବିଦ୍ୟାଳୟରେ ନୂତନ ଭାବେ କାର୍ଯ୍ୟଭାର ଗ୍ରହଣ କରିଥିବା ପ୍ରଧାନ ଶିକ୍ଷୟିତ୍ରୀ ସ୍ମରଣିକା ଦାସ, ସହକର୍ମୀ ସଚିକାନ୍ତ ବେହେରା, ଚିନ୍ତାମଣି ଦେବତା, ସୁକେଶ କୁମାର ବିଶ୍ୱାଳ ଏବଂ ସୁନୀତା ନାୟକଙ୍କୁ ବିଦ୍ୟାଳୟ ପରିସରରେ ଭବ୍ୟ ସ୍ୱାଗତ କରାଯାଇଥିଲା। ଏହି ଉପଲକ୍ଷେ ଆୟୋଜିତ ସଭାରେ ବରିଷ୍ଠ ଶିକ୍ଷୟିତ୍ରୀ ଶକ୍ତିପ୍ରିୟା ସାହୁ ସଭାର ଉଦ୍ଦେଶ୍ୟ ଉପସ୍ଥାପନ କରିବା ସହ ବିଦ୍ୟାଳୟର ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏହି ସମ୍ବର୍ଦ୍ଧନା ସଭାରେ ବିଦ୍ୟାଳୟର ଛାତ୍ରଛାତ୍ରୀଙ୍କ ସମେତ ଶିକ୍ଷୟିତ୍ରୀ ବିଜୟତା ବାନାର୍ଜୀ, ସ୍ୱାଗତିକା ରଣା ଓ ଶିକ୍ଷକ ଆରତ କୁମାର ବେହେରା ପ୍ରମୁଖ ଉପସ୍ଥିତ ଥିଲେ।

# ଓଭରବ୍ରିଜ୍ କାନ୍ଥରେ ଉଠିଲାଣି ଗଛ; ହେଉନି ନିରୀକ୍ଷଣ

### ଗଛ କଟା ସହ ମରାମତି ଦାବି

ଖୋର୍ଦ୍ଧା, ୨୦।୬(ସମିସ)

ବୋଲଗଡ଼ଠାରେ ୫୭ନଂ ଜାତୀୟରାଜପଥ ର ଓଭରବ୍ରିଜ୍ କାନ୍ଥ ଯୋଡ଼େଇ ସ୍ଥାନରେ ଉଠିଲାଣି ବର ଓସ୍ତ ଗଛ। ଓଭରବ୍ରିଜ କାନ୍ଥ ଯୋଡ଼େଇ ସ୍ଥାନ ରେ ଏହି ଗଛଗୁଡ଼ିକ ଶାଖା ପ୍ରଶାଖା ମେଲି ଅନାୟାସରେ ବଢ଼ି ଚାଲିଛି। ଓଭର ବ୍ରିଜ କାନ୍ଥର ସୁରକ୍ଷାକୁ ଦୃଷ୍ଟିରେ ରଖି ଅନ୍ତତଃ ଏ ଦିଗରେ ନୀରିକ୍ଷଣ କରି ଭାରତୀୟ ଜାତୀୟ ରାଜପଥ ପ୍ରାଧିକରଣ (ଏନ୍‌ଏଚ୍‌ଏଆଇ) ଏ ଦିଗରେ ଆବଶ୍ୟକ ପଦକ୍ଷେପ ନେବାକୁ ଦାବୀ ହେଉଛି।

ଓଭରବ୍ରିଜର ଯୋଡ଼େଇ ସ୍ଥାନରେ ଏପରି ଗଛ ଉଠିବା ଫଳରେ ବ୍ରିଜର କାନ୍ଥକୁ ସମୟକ୍ରମେ ଦୁର୍ବଳ କରିବା ସମ୍ଭାବନାକୁ ଏଡାଇଦେଇହେବ ନାହିଁ। ଏଥିପାଇଁ ବ୍ରିଜ ନିର୍ମାଣ ପରେ ରକ୍ଷଣାବେକ୍ଷଣ ନେଇ ଯେତିକି ଗୁରୁତ୍ୱ ଦେବା କଥା ତାହା ଦିଆଯାଉନାହିଁ ବୋଲି ସାଧାରଣରେ ଅଭିଯୋଗ ହେଉଛି। ଓଭରବ୍ରିଜ୍ ଯୋଡ଼େଇ ସ୍ଥାନ ଏବଂ କାନ୍ଥ ନିର୍ଦ୍ଦିଷ୍ଟ ଆକାରର କଂକ୍ରିଟ ସ୍ଲାବ ଜରିଆରେ ଯୋଡ଼େଇ କରାଯାଇଥିବାବେଳେ କେତକ ଯୋଡେଇ ସ୍ଥଳରେ ବର, ଓସ୍ତ ଓ ଅନାବନା ଗଛ ସଂଖ୍ୟା ବଢ଼ି ଚାଲିଛି। ମୁଖ୍ୟତଃ ପକ୍ଷୀମାନେ ଓସ୍ତ ଓ ବର ଫଳ ଖାଉଥିବାବେଳେ ଓଭରବ୍ରିଜ ଉପରେ ବସି ମଳତ୍ୟାଗ କରିବା ଫଳରେ ସେହି ସ୍ଥାନ ମାନଙ୍କରେ ଏପରି ଗଛ ଗୁଡିକ ସୃଷ୍ଟି ହୋଇଥାଏ ବୋଲି କୁହାଯାଏ। ପରେ ଉକ୍ତ ଗଛ ଗୁଡ଼ିକ ସେହି ସ୍ଥାନ ଗୁଡିକରେ ଶାଖା ପ୍ରଶାଖା ମେଲିବା ସହିତ ଚେର ବ୍ରିଜର କାନ୍ଥ ଭିତରକୁ ପ୍ରବେଶ କରିବ। ଗଛଗୁଡ଼ିକ ବାହାରକୁ ଝୁଲି ଶାଖା ମେଲିବା ସହିତ ଯୋଡେଇ ସ୍ଥାନର ଫାଙ୍କ ଦେଇ ଚେର ମଧ୍ୟ ବଢ଼ିବାକୁ ଲାଗେ। ବ୍ରିଜ କାନ୍ଥର ସୁରକ୍ଷା ପାଇଁ ଉକ୍ତ ଗଛ ଗୁଡିକୁ ସେହି ସ୍ଥାନରୁ ଯଥେଷ୍ଟ ସମୟ ପୂର୍ବରୁ ବାହାର ନକଲେ ସେଠାରେ ଚେର ସହିତ ଗଛର ମୋଟେଇ କ୍ରମେ କ୍ରମେ ବଢ଼ିଚାଲେ। ଫଳରେ ଏହା ଓଭରବ୍ରିଜ କାନ୍ଥକୁ ଫଟାଇବାର ଯଥେଷ୍ଟ ସମ୍ଭାବନା ସୃଷ୍ଟି କରି ଦିଏ। ଏହା ଫଳରେ ସୃଷ୍ଟି ହେଉଥିବା ଛୋଟଛୋଟ ଫାଟ ହିଁ ଓଭରବ୍ରିଜକୁ ଯେ ଦୁର୍ବଳ କରିନଦେବ ତାହା କହିହେବ ନାହିଁ। ତେଣୁ ବେଳହୁଁ ସାବଧାନ ହେବା ସହିତ କର୍ତ୍ତୃପକ୍ଷ ଏ ଦିଗରେ ଧ୍ୟାନ ଦେବା ଉଚିତ୍। ରକ୍ଷଣାବେକ୍ଷଣ ପାଇଁ ବ୍ୟବସ୍ଥା ଥିବାରୁ ଗଛର ଚେର ଅଧିକ ମୋଟା ହେବା ପୂର୍ବରୁ ଏଗୁଡ଼ିକୁ କାଟି ମେଲି ଯାଉଥିବା ଫାଙ୍କା ସ୍ଥାନକୁ ପୁନଃ ମରାମତି କରାଯିବା ଆବଶ୍ୟକତା ରହିଛି ବୋଲି ସଚେତନ ବ୍ୟକ୍ତି ବିଶେଷମାନେ ମତପ୍ରକାଶ କରୁଛନ୍ତି। ଏଥିପାଇଁ ନିୟମିତ ନୀରିକ୍ଷଣର ଆବଶ୍ୟକତା ରହିଛି ବୋଲି କେତକ ବୁଦ୍ଧିଜୀବୀ ବ୍ୟକ୍ତି ବିଶେଷମାନେ କହୁଛନ୍ତି।



## ଯୁବକଙ୍କୁ ପ୍ରାଣାନ୍ତକ ଆକ୍ରମଣ, ଜଣେ ଗିରଫ

ନିରାକାରପୁର, ୨୦।୬(ସମିସ): ପରକୀୟା ପ୍ରୀତିକୁ କେନ୍ଦ୍ର କରି ଜଣେ ଯୁବକଙ୍କୁ ମରଣାନ୍ତକ ଆକ୍ରମଣ କରାଯାଇଛି। ଏହି ମାମଲାରେ ନିରାକାରପୁର ପୁଲିସ୍ ତତ୍ପରତା ଦେଖାଇ ଆକ୍ରମଣକାରୀ ମହିଳାଙ୍କ ବାପାଙ୍କୁ ଗିରଫ କରିବା ସହ ଆଜି କୋର୍ଟ ଚାଲାଣ କରିଛି। ଅନ୍ୟତମ ଅଭିଯୁକ୍ତ ତଥା ମହିଳାଙ୍କ ବଡ଼ ଭିଣୋଇ ଫେରାର ଥିବା ପୁଲିସ କହିଛି। ଗୁରୁତର ଯୁବକଙ୍କୁ ପୁଲିସ୍ ଉଦ୍ଧାର କରି ଚିକିତ୍ସା ପାଇଁ ଭୁବନେଶ୍ୱର ପଠାଇଛି। ଘଟଣାସ୍ଥଳରୁ ଏକ ପୋଡ଼ା ବାଇକ୍ ଏବଂ ଭଙ୍ଗା ମୋବାଇଲ୍ ଜବତ କରାଯାଇଛି। ନିରାକାରପୁର ଥାନା ଅଧିକାରୀ ବିଶ୍ୱଜିତ ରାଉତରାୟ ଘଟଣାର ତଦନ୍ତ ଜାରି ରହିଥିବା ସୂଚନା ଦେଇଛନ୍ତି। ପୁଲିସ୍ ସୂଚନା ମୁତାବକ, ନିରାକାରପୁର ଥାନା ଅଞ୍ଚଳର ଜଣେ ମହିଳା ପ୍ରାୟ ୪ ବର୍ଷ ତଳେ ପୁରୀ ଜିଲ୍ଲା କୁମ୍ଭାରପଡ଼ା ଥାନା ଅଞ୍ଚଳରେ ବିବାହ କରିଥିଲେ। ତାଙ୍କର ଏକ ୪ ବର୍ଷର କନ୍ୟା ସନ୍ତାନ ମଧ୍ୟ ରହିଛି। ତେବେ ସ୍ୱାମୀଙ୍କ ସହ ମନୋମାଳିନ୍ୟ ଯୋଗୁଁ ମହିଳା ଜଣକ ପ୍ରାୟତଃ ନିଜ ବାପଘରକୁ ଯିବା ଆସିବା କରୁଥିଲେ। ଏହି ସମୟ ମଧ୍ୟରେ ପୁରୀ ନରେନ୍ଦ୍ର କୋଣାସାହି ଅଞ୍ଚଳର ନାରାୟଣଙ୍କ ସହ ତାଙ୍କର ପ୍ରେମ ସମ୍ପର୍କ ଗଢ଼ି ଉଠିଥିଲା। ପ୍ରାୟ ମାସେ ତଳେ ମହିଳା ଜଣକ ନାରାୟଣଙ୍କ ସହ ଫେରାର ହୋଇଯାଇଥିଲେ। ଏ ନେଇ ମହିଳାଙ୍କ ପରିବାର ଓ ଶ୍ୱଶୁର ଘର ପକ୍ଷରୁ କୁମ୍ଭାରପଡ଼ା ଥାନାରେ ଅଭିଯୋଗ ହୋଇଥିଲା। ଗତ ୧୭ ତାରିଖରେ ପୁଲିସ୍ ଉଭୟଙ୍କୁ ଧରିବାରେ ସଫଳ ହୋଇଥିଲା। ନାରାୟଣଙ୍କୁ ଉଚିତ୍ ଶିକ୍ଷା ଦେବା ଉଦ୍ଦେଶ୍ୟରେ ମହିଳାଙ୍କ ବାପା ଏବଂ କୋଣାର୍କ ଥାନା ଅଞ୍ଚଳର ବଡ଼ ଭିଣୋଇ ଏକ ଯୋଜନା କରି ତାଙ୍କୁ ଡାକିଥିଲେ। ଗୁରୁବାର ରାତିରେ ନାରାୟଣ ମହିଳାଙ୍କ ବାପଘରେ ପହଞ୍ଚିବା ମାତ୍ରେ ବାପା ଓ ଭିଣୋଇ ଉତକ୍ଷିପ୍ତ ହୋଇ ତାଙ୍କୁ ପ୍ରାଣାନ୍ତକ ଆକ୍ରମଣ କରିଥିଲେ। ଆକ୍ରମଣରୁ ଜୀବନ ବିକଳରେ ନାରାୟଣ ନିକଟସ୍ଥ ଜଙ୍ଗଲକୁ ପଳାଇ ଯାଇଥିଲେ। ଉଭୟ ତାଙ୍କୁ ଖୋଜାଖୋଜି କରି ନ ପାଇବାରୁ ନାରାୟଣ ଆଣିଥିବା ବାଇକ୍‌କୁ ନିଆଁ ଲଗାଇ ଜାଳି ଦେଇଥିବା ସହ ତାଙ୍କ ମୋବାଇଲ୍‌କୁ ମଧ୍ୟ ଭାଙ୍ଗି ଦେଇଥିଲେ। ଶୁକ୍ରବାର ସକାଳେ ଖବର ପାଇ ନିରାକାରପୁର ପୁଲିସ୍ ଘଟଣାସ୍ଥଳରେ ପହଞ୍ଚି ପୋଡ଼ା ବାଇକ୍ ସହ ଭଙ୍ଗା ମୋବାଇଲ୍ ଜବତ କରିବା ସହ ଅଭିଯୁକ୍ତ ବାପାଙ୍କୁ ଗିରଫ କରିଥିଲା। ଆଜି ଆବଶ୍ୟକୀୟ କାଗଜପତ୍ର ସହ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇଛି। ଆକ୍ରମଣ ପରେ ଫେରାର ହୋଇଯାଇଥିବା ଅନ୍ୟତମ ସହଯୋଗୀ ବଡ଼ ଭିଣୋଇଙ୍କୁ ଧରିବା ପାଇଁ ପୁଲିସ୍ ବିଭିନ୍ନ ସ୍ଥାନରେ ଚଢ଼ଉ ଜାରି ରଖିଛି। ବର୍ତ୍ତମାନ ଆହତ ନାରାୟଣ କଟକ ଏକ ହସ୍ପିଟାଲରେ ଚିକିତ୍ସିତ ହେଉଥିବା ଜଣାପଡ଼ିଛି। ପୁଲିସ ଏକ ମାମଲା ରୁଜୁ କରି ତଦନ୍ତ ଚଳାଇଛି।

## ଖୋର୍ଦ୍ଧା ଜିଲ୍ଲା ପେନ୍‌ସନର୍ସ ଆସୋସିଏସନ୍‌ର କାର୍ଯ୍ୟକାରିଣୀ ବୈଠକ



ଖୋର୍ଦ୍ଧା, ୨୦।୬(ସମିସ): ଆଜି ଖୋର୍ଦ୍ଧା ଜିଲ୍ଲା ପେନ୍‌ସନରସ୍‌ଆସୋସିଏସନ୍‌କାର୍ଯ୍ୟକାରିଣୀ ବୈଠକ ପ୍ରସାର ଭାରତୀ ସଭାଗୃହରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସଭାପତି ଭୀମସେନ ପ୍ରଧାନ ସଭାପତିତ୍ୱ କରିଥିଲେ। ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ସଂଗଠନର ପଞ୍ଜିକରଣକୁ ନବୀକରଣ କରିବା ପାଇଁ ଗତ ମେ ମାସ ୨୦ ତାରିଖ ଶେଷ ଦିନ ହିସାବରେ ଧାର୍ଯ୍ୟ କରିଥିଲେ। ଯାହା ହେଉ ସମ୍ପାଦକଙ୍କ ପ୍ରଚେଷ୍ଟାରେ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ତାହାର ନବୀକରଣ କରାଯାଇପାରିଛି। ସଭାଗୃହ କିମ୍ବା ଯାଗା ଯୋଗାଇବା ଉପରେ ମଧ୍ୟ ବୈଠକରେ ବିସ୍ତୃତ ଆଲୋଚନା କରାଯାଇଥିଲା। ଖୋର୍ଦ୍ଧା ବିଧାୟକଙ୍କୁ ପୁନଶ୍ଚ ଅବଗତ କରାଇବା ପାଇଁ ବୈଠକରେ ନିଷ୍ପତି ନିଆଗଲା। ବୈଠକରେ ଦୋଳ ଗୋବିନ୍ଦ ମହାପାତ୍ର, ମାୟାଧର ମହାଳିକ, ଦେବପ୍ରସାଦ ମଜୁମଦାର, କୃଷ୍ଣଚନ୍ଦ୍ର ହରିଚନ୍ଦନ, ପ୍ରଫୁଲ୍ଲ କୁମାର ସାମନ୍ତରାୟ, ବୈକୁଣ୍ଠନାଥ ମହାପାତ୍ର, ସତ୍ୟବାଦୀ ବଳଆରସିଂହ, ଶତ୍ରୁଘ୍ନ ବିଶୋଇ, ବ୍ରଜେଶ ପତି, ବାଇଧର ମିଶ୍ର, ବିମଳ ଚନ୍ଦ୍ର ଷଡ଼ଙ୍ଗୀ ଓ ସେକ୍ ସନାଉଲ୍ଲା ପ୍ରମୁଖ ଯୋଗଦେଇଥିଲେ।

## ଶାଳିଆ ନଈରୁ ନାବାଳକର ମୃତଦେହ ଉଦ୍ଧାର

● ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକେ

ବାଣପୁର, ୨୦।୬(ସମିସ): ବାଣପୁର ଥାନା ଅଞ୍ଚଳର ଜଣେ ନାବାଳକ ଶୁକ୍ରବାର ଠାରୁ ନିଖୋଜ ଥିବା ବେଳେ ଶନିବାର ସକାଳେ ଶାଳିଆ ନଈରୁ ଉକ୍ତ ନାବାଳକର ମୃତ ଦେହ ଉଦ୍ଧାର ହୋଇଛି। ମୃତ ନାବାଳକ ଜଣକ ହେଲେ ବାଣପୁର ଥାନା ଅନ୍ତର୍ଗତ ସାଲୁଣି ଗ୍ରାମର ଦିଲ୍ଲୀପ କୁମାର ପ୍ରଧାନଙ୍କ ପୁଅ ଚନ୍ଦନ ପ୍ରଧାନ (୧୪)। ମୃତଦେହ ଉଦ୍ଧାର ପରେ ଚନ୍ଦନର ପରିବାର ପକ୍ଷରୁ ପୁଅକୁ ମାରିଦେଇ ଥିବା ନେଇ ହତ୍ୟା ଅଭିଯୋଗ ଆଣିଛନ୍ତି। ଅଭିଯୋଗ ଆଧାରରେ ପୁଲିସ ଚନ୍ଦନଙ୍କ ଜଣେ ସାଙ୍ଗ ଓ ସାଙ୍ଗର ବଡ ଭାଇକୁ ଥାନାରେ ଅଟକ ରଖି ଘଟଣାର ତଦନ୍ତ ଜାରି ରଖିଛି। ଅଭିଯୋଗ ମୁତାବକ, ସାଲୁଣି ଗ୍ରାମର ଦିଲ୍ଲୀପ କୁମାର ପ୍ରଧାନଙ୍କ ପରିବାର କିଛି ବର୍ଷ ହେବ ଗ୍ରାମରୁ ଆସି ବାଣପୁର ବାଲୁଗାଁ ମୁଖ୍ୟ ରାସ୍ତାର ଅନ୍ତରକିଆରୀ ଛକସ୍ଥିତ ଏକ ଘରକୁ ଭଡାରେ ନେଇ ରହି ଆସୁଛନ୍ତି। ତେବେ ଶୁକ୍ରବାର ଦିନ ଗ୍ରାମର ଜଣେ ସାଙ୍ଗ ସହିତ ଚନ୍ଦନ ବୁଲିବାକୁ ଯାଇଥିବା ବେଳେ ସନ୍ଧ୍ୟା ପରେ ମଧ୍ୟ ଘରକୁ ଫେରି ନଥିଲେ। ପରିବାର ଲୋକେ ଚନ୍ଦନକୁ ବହୁ ଖୋଜା ଖୋଜି କରି ନପାଇବାରେ ଶେଷରେ ପରିବାର ପକ୍ଷରୁ ଏନେଇ ବାଣପୁର ଥାନାରେ ନିଖୋଜ ଅଭିଯୋଗ ହୋଇଥିଲା। ଅଭିଯୋଗ ପାଇ ପୁଲିସ ଏକ ନିଖୋଜ ମାମାଲା ରୁଜୁ କରି ତଦନ୍ତ ଆରମ୍ଭ କରି ଚନ୍ଦନ ସହିତ ଯାଇଥିବା ଗ୍ରାମର ଜଣେ ନାବାଳକକୁ ପୁଲିସ ପଚରା ଉଚରା କରିଥିଲା। ତେବେ ଶୁକ୍ରବାର ଅପରାହ୍ଣରେ ସାଙ୍ଗ ସହିତ ଚନ୍ଦନ ଶାଳିଆ ନଈର ଗୁରେଇ ବନ୍ଧକୁ ଗାଧୋଇବାକୁ ଯାଇଥିବା ସମ୍ପର୍କରେ ତଦନ୍ତ ବେଳେ ଜଣା ପଡ଼ିଥିଲା। ଗୁରେଇ ବନ୍ଧରେ ଚନ୍ଦନ ବୁଡ଼ି ଯାଇ ଥିବା ସନ୍ଦେହ କରି ପୁଲିସ ଅଗ୍ନିଶମ ବାହିନୀ ସହାୟତାରେ ଖୋଜା ଖୋଜି କରିଥିବା ବେଳେ ଶନିବାର ସକାଳେ ଉକ୍ତ ଗୁରେଇ ବନ୍ଧରୁ ଚନ୍ଦନର ମୃତଦେହ ଉଦ୍ଧାର ହୋଇଥିବା ବେଳେ ପୁଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ପଠାଇ ତଦନ୍ତ ଅବ୍ୟାହତ ରଖିଛି। ଏପରିସ୍ଥଳେ ଚନ୍ଦନର ମୃତ ଦେହ ଉଦ୍ଧାର ହେବା ପରେ ପରିବାର ଲୋକେ ପୁଅକୁ ହତ୍ୟା କରାଯାଇ ଥିବା ନେଇ ଥାନାରେ ଅଭିଯୋଗ କରିଥିଲେ। ଉଭୟଙ୍କ ମଧ୍ୟରେ ପୂର୍ବରୁ ଗଣ୍ଡଗୋଳ ହୋଇଥିବାରୁ ରାଗ ରଖି ପୁଅକୁ ମଦ ପିଆଇ ସାଙ୍ଗ ମାରି ଦେଇଥିବା ନେଇ ଚନ୍ଦନଙ୍କ ପରିବାର ପକ୍ଷରୁ ଅଭିଯୋଗ ହୋଇଛି। ବ୍ୟବଚ୍ଛେଦ ପରେ ପୁଲିସ ମୃତଦେହ ପରିବାର ଲୋକଙ୍କୁ ହସ୍ତାନ୍ତର କରିଥିବା ସହ ଚନ୍ଦନଙ୍କ ସାଙ୍ଗ ଓ ତାର ଭାଇକୁ ଥାନାରେ ଅଟକ ରଖି ଅଧିକ ପଚାର ଉଚରା ଚଳାଇଛି। ମୃତଦେହ ଆସିବା ପରେ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଥିବା ବେଳେ ବ୍ୟବଚ୍ଛେଦ ରିର୍ପୋଟ ଆସିଲେ ମୃତ୍ୟୁର ସଠିକ୍ କାରଣ ଜଣାପଡ଼ିବ ବୋଲି ବାଣପୁର ଥାନା ଅଧିକାରୀ ଜୟପ୍ରକାଶ ପରିଡ଼ା କହିଛନ୍ତି।

# ବିଭିନ୍ନ ଶୈବପୀଠରେ ଦେବ ଦମ୍ପତିଙ୍କ ବିବାହ ସମ୍ପନ୍ନ







ବାଣପୁର, ୨୦।୬(ସମିସ)

ପବିତ୍ର ଶୀତଳ ଷଷ୍ଠୀ ଉତ୍ସବରେ ଦେବ ଦମ୍ପତି ତଥା ଦେବ ଦେବ ମହାଦେବ ଶିବ ଓ ଦେବୀ ପାର୍ବତୀଙ୍କ ବିବାହ ଉତ୍ସବ ସମ୍ପନ୍ନ ହୋଇ ଯାଇଛି। ବର୍ଷାର ଆଗମନ ହୋଇ ଧରାପୃଷ୍ଠ ଶୀତଳ ହେବା, ଯାହାକି ଶୀତଳ ଷଷ୍ଠୀରେ ପରିବେଶ ଶୀତଳ ହେବା ନେଇ ଜନ ମାନସରେ ବିଶ୍ୱାସ ରହିଛି। ଏହି ପରିପ୍ରେକ୍ଷୀରେ ବାଲୁଗାଁ ଓ ବାଣପୁର ଅଞ୍ଚଳର ବିଭିନ୍ନ ଗ୍ରାମରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଓ ଶୀତଳ ଷଷ୍ଠୀ ପର୍ବ ଧୁମ୍‌ଧାମରେ ପାଳିତ ହୋଇ ଯାଇଛି। ବାଣପୁର ନିକଟସ୍ଥ ମଙ୍ଗରାଜପୁର, ବାଲୁଗାଁ ନିକଟସ୍ଥ ନିମିକ୍ଷେତା, ଚିଲିକା ବ୍ଲକ ନିକଟସ୍ଥ ଛୋଟରାୟପୁର ଶାସନ ଓ ନିକଟସ୍ଥ ଗବପଦରର ଶ୍ରୀ ବାଙ୍କନିଧି ଦେବ ଆଦି ଶୈବ ପୀଠ ମାନଙ୍କରେ ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଓ ଶୀତଳ ଷଷ୍ଠୀ ପର୍ବ ରୀତି ନୀତ ଅନୁଯାଇ ମହାଆଡ଼ମ୍ବର ସହକାରେ ପାଳିତ ହୋଇଯାଇଛି। ଗୁରୁବାର ସନ୍ଧ୍ୟାରେ ଠାକୁର ମାନେ ମନ୍ଦିରରୁ ବାହାରି ପାଟପଟୁଆର ସହ ବରଯାତ୍ରୀଙ୍କୁ ନେଇ ପାର୍ବତୀଙ୍କ ମନ୍ଦିରକୁ ଆଗମନ କରିବା ପରେ ବିଳମ୍ବିତ ରାତ୍ରିରେ ଶିବ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହ କାର୍ଯ୍ୟ ସମ୍ପର୍ଣ୍ଣ ହେବା ପରେ ଶୁକ୍ରବାର ସନ୍ଧ୍ୟାରେ ପାଟପଟୁଆର ରେ ଶିବ ପାର୍ବତୀଙ୍କ ବିଗ୍ରହକୁ ବୃଷଭ ବିମାନରେ ବିଜେ କରାଇ ବାଜା, ବାଣ, ରୋଷାଣୀ ସହ ବିଭିନ୍ନ ପାରମ୍ପରିକ ସାଜସଜ୍ଜାରେ ଶୋଭାଯାତ୍ରାରେ ଗ୍ରାମ ପରିଭ୍ରମଣ କରାଯାଇ ଶିବ ପାର୍ବତୀଙ୍କ ବିଗ୍ରହଙ୍କୁ ମନ୍ଦିରରେ ସ୍ଥାପନ କରାଯାଇ ରାତ୍ରତମାମ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଦୁଇଦିନ ଧରି ଶୀତଳ ଷଷ୍ଠୀ ପର୍ବ ସମ୍ପାଦନା ହେବା ପରେ ଶୁକ୍ରବାର ରାତ୍ରରେ ଠାକୁର ନିଜସ୍ୱ ମନ୍ଦିର ପ୍ରତ୍ୟାବର୍ତ୍ତନ କରିଛନ୍ତି। ଶୀତଳ ଷଷ୍ଠୀ ପର୍ବ ସମାପନ ହେବା ପରେ ଶନିବାର ଠାରୁ ଯଥା ରୀତିନୀତିରେ ମନ୍ଦିରରେ ପୂଜାର୍ଚ୍ଚନା ଚାଲିଥିବା ବେଳେ ବହୁ ଭକ୍ତଙ୍କ ସମାଗମ ହୋଇଛି। ଏହି ଉତ୍ସବ ଉପଲକ୍ଷେ ସୋମବାର ବାଣପୁର ର ମଙ୍ଗରାଜପୁର ଗ୍ରାମରେ ଏ ମନ କାଶୀ ବୃନ୍ଦାବନ ସାମାଜିକ ନାଟକ ଗ୍ରାମର କଳାକାର ମାନଙ୍କ ଦ୍ୱାରା ପରିବେଷଣ କରାଯିବ।

**ବାଲୁଗାଁ:** ବଡ଼କୁଳର ଆରାଧ୍ୟ ଠାକୁର ଶ୍ରୀଗାଦିଶ୍ୱର ଦେବ ଦମ୍ପତିଙ୍କ ବିବାହ ଉତ୍ସବ ଅବସରରେ ବୁଧବାର ନିକଟସ୍ଥ ସମସ୍ତ ଦେବା ଦେବୀଙ୍କୁ ନିମନ୍ତ୍ରଣ କାର୍ଯ୍ୟକ୍ରମ ତଥା ଗୁଆଗୁଣ୍ଡା ପର୍ବ ସମ୍ପନ୍ନ ହୋଇଥିଲା। ଗୁରୁବାର ସକାଳୁ ଠାକୁରଙ୍କ ମାଘ ସ୍ନାନ କରାଯିବା ପରେ ବର ନିମନ୍ତ୍ରଣ କରାଯାଇ ବିଭିନ୍ନ ପାରମ୍ପରିକ ପୂଜାନୀତି ସମ୍ପାଦନ କରାଯାଇଥିଲା। ବଡ଼କୁଳର ଆରାଧ୍ୟ ଠାକୁର ଶ୍ରୀଗାଦିଶ୍ୱର ଦେବ ଗୁରୁବାର ସନ୍ଧ୍ୟାରେ ପୂଜାର୍ଚ୍ଚନା ପରେ ମହାଦେବଙ୍କୁ ବର ବେଶରେ ସୁସଜ୍ଜିତ କରି ବରଯାତ୍ରୀଙ୍କ ଗହଣରେ ବାଜାବାଣ ରୋଷାଣୀରେ ଶ୍ରୀଗାଦିଶ୍ୱର ମହାଦେବ ପାଟପଟୁଆର ସହ ମନ୍ଦିରରୁ ବାହାରି ବରଯାତ୍ରୀଙ୍କୁ ନେଇ ଶୋଭାଯାତ୍ରାରେ ଗ୍ରାମ ପରିକ୍ରମା କରି ପାର୍ବତୀଙ୍କ ମନ୍ଦିରକୁ ଆଗମନ କରିଥିଲେ। ବୈଦିକ ରୀତିନୀତିରେ ଶୁଭଲଗ୍ନ ବିଳମ୍ବିତ ରାତ୍ରରେ ଶିବ ଓ ପାର୍ବତୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଥିଲା। ବିବାହ ଉତ୍ସବରେ କନ୍ୟାପିତା ଭାବେ ଯୋଗେନ୍ଦ୍ର ଦାଶ, ବରପିତା ଭାବେ ପୁରୋ।ହିତ ସୁକାନ୍ତ ମିଶ୍ର ବିବାହ କାର୍ଯ୍ୟ ସମ୍ପାଦନା କରିଥିଲେ। ବିବାହ କାର୍ଯ୍ୟ ସମ୍ପାଦନା ହେବା ପରେ ଶୁକ୍ରବାର ବିଭିନ୍ନ ପାରମ୍ପରିକ ସାଜସଜ୍ଜାରେ ଗ୍ରାମ ପରିଭ୍ରମଣ କରାଯାଇ ଶିବ ପାର୍ବତୀଙ୍କ ବିଗ୍ରହଙ୍କୁ ରାତ୍ରରେ ମନ୍ଦିରରେ ସ୍ଥାପନ କରାଯାଇଥିଲା। ଏହି ବିବାହ ଉତ୍ସବକୁ ଗ୍ରାମ ସଭାପତି ବଳଭଦ୍ର ବିଶୋଇ, ରମେଶ ବେହେରା, ଗୋପବନ୍ଧୁ ପାଇକରାୟ, ଅଜୟ ପାଇକରାୟ, ଭ୍ରମର ବିଶୋଇ, ରମେଶ ଦଳବେହେରା ଓ ଭ୍ରମର ପାଇକରାୟଙ୍କ ସମେତ ବଡ଼କୁଳ ଗ୍ରାମବାସୀ ପରିଚାଳନାରେ ସହଯୋଗ କରିଥିଲେ।

**ଟାଙ୍ଗୀ:** କୁହୁଡି ଛ'ଗଡ଼ର ଆରାଧ୍ୟ ଶ୍ରୀଚଣ୍ଡେଶ୍ୱର ଦେବଙ୍କ ବିବାହ ଓ ଶୀତଳଷଷ୍ଠୀ ପର୍ବ କେଶରକ୍ଷେତ୍ରରେ ଉତ୍ସାହ ଉଦ୍ଦୀପନାର ସହ ପାଳିତ ହୋଇଯାଇଛି। ପବିତ୍ର ଜ୍ୟେଷ୍ଠ ଶୁକ୍ଳ ପଞ୍ଚମ ତିଥିରେ ଶ୍ରୀଚଣ୍ଡେଶ୍ୱର ଦେବଙ୍କ ଅର୍ଚ୍ଚା ବିଗ୍ରହ ଶ୍ରୀଚନ୍ଦ୍ରଶେଖରଙ୍କୁ ପୁରୁଷ ସୂକ୍ତ ମନ୍ତ୍ରରେ ବାଡୁଅ ପାଣି ସ୍ନାନ କରାଯିବା ପରେ ବରବେଶରେ ସଜ୍ଜିତ କରି ବୃଷଭାରୁଢ ହେବା ପରେ ବରଯାତ୍ରୀ ଭାବରେ ଗରୁଡ଼ରେ ଶ୍ରୀଲକ୍ଷ୍ମୀନାରାୟଣ ଏବଂ ସୁସଜିତ ବିମାନମାନଙ୍କରେ ଶ୍ରୀରଘୁନାଥ ଦେବ, ଶ୍ରୀରାଧାକୃଷ୍ଣ, ଶ୍ରୀକାଳୀହର ଓ ସିଂହ ଆରୋହଣ କରି ଶ୍ରୀକନକଦୁର୍ଗା ବାଜା ବାଣ ରୋଷଣୀରେ ଘଣ୍ଟ, ଖୋଳ, ପାଖଉଜ, କାହାଳି ଆଦି ସହିତ ପାରମ୍ପରିକ ରୀତିକାନ୍ତି ଅନୁସାରେ ଚଣ୍ଡେଶ୍ୱରର ସମସ୍ତ ସାହି ପରିକ୍ରମା କରି ମୁଖ୍ୟ ମନ୍ଦିରର ଦକ୍ଷିଣ ଦ୍ୱାର ନିକଟରେ ପହଞ୍ଚିଥିଲେ। ବାଟବରଣ ପରେ ବୈଦିକ ରୀତି ଅନୁସାରେ ଶ୍ରୀଶିବପାର୍ବତୀଙ୍କର ବିବାହ ନୀତି ସମ୍ପନ୍ନ କରାଯାଇଥିଲା। ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡ଼ଃ ଚନ୍ଦ୍ରଶେଖର ଦାଶ ବରପିତା ଭୂମିକା ତୁଲାଇଥିବା ବେଳେ ହୃଦାନନ୍ଦ ରଣା କନ୍ୟା ପିତା ଭୂମିକା ତୁଲାଇଥିଲେ। ମନୋରଞ୍ଜନ ମହାପାତ୍ର, ଯଦୁମଣି ଜେନା, ଦୀନବନ୍ଧୁ ସାହୁ, ହରିବନ୍ଧୁ ପାତ୍ର, ନାରାୟଣ ମହାପାତ୍ର, ରଞ୍ଜିତ ରଣା, ପତିତପାବନ ସାହୁ, ସର୍ବେଶ୍ୱର ପ୍ରଧାନ, ଜିତେନ୍ଦ୍ର ରଣା ପ୍ରମୁଖ ସାହାଯ୍ୟ କରିଥିବା ବେଳେ ଗ୍ରାମବାସଙ୍କର ଅକୁଣ୍ଠ ସହଯୋଗରେ ପ୍ରସିଦ୍ଧ ଶୈବକ୍ଷେତ୍ରରେ ପବିତ୍ର ଶୀତଳ ଷଷ୍ଠୀ ପର୍ବ ବର୍ଣ୍ଣାଢ୍ୟ ଭାବରେ ପାଳିତ ହୋଇଯାଇଛି।

**ବୋଲଗଡ଼:** ବୋଲଗଡ଼ ବ୍ଲକ ବାଙ୍କୋଇ ସ୍ଥିତ ପ୍ରସିଦ୍ଧ ଶୈବ ପୀଠ ରେ ଆରାଧ୍ୟ ଠାକୁର ଶ୍ରୀ ଶ୍ରୀ ତାରେଶ୍ୱର ଦେବ ମହାଦେବ ଏବଂ ମା' ତାରିଣୀ ଠାକୁରାଣୀଙ୍କ ବିବାହ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଉକ୍ତ ଉତ୍ସବରେ ବର ପିତାଙ୍କ ପ୍ରତିନିଧି ଭାବେ ମନ୍ଦିରର ପୂଜାପଣ୍ଡା ବରିଷ୍ଠ ସେବାୟତ ପଣ୍ଡିତ ଚକ୍ରଧର ମହାପାତ୍ର ଏବଂ କନ୍ୟା ପିତାଙ୍କ ପ୍ରତିନିଧି ଭାବେ ପୁରାଣ ପଣ୍ଡା ସେବାୟତ ପଣ୍ଡିତ ମନୋରଞ୍ଜନ ମିଶ୍ର ଦାୟିତ୍ୱ ନିର୍ବାହ କରିଥିଲେ। ବିବାହ କାର୍ଯ୍ୟରେ ଆଚାର୍ଯ୍ୟ ଭାବେ ପୁରାଣପଣ୍ଡା ସେବାୟତ ପଣ୍ଡିତ ଭବାନୀ ଶଙ୍କର ମିଶ୍ର ଏବଂ ପୁରୋହିତ ଭାବେ ପଣ୍ଡିତ ସରୋଜ କୁମର ରାୟଗୁରୁ ରାୟଗୁରୁ ବୈଦିକ ରୀତି ନୀତି ଅନୁସାରେ ବେଦମନ୍ତ୍ର ପାଠ କରି ଦେବ ଦମ୍ପତି ଙ୍କ ବିଭାହ କାର୍ଯ୍ୟ ପାଳନ କରାଇଥିଲେ। ମନ୍ଦିରର ଟ୍ରଷ୍ଟିଙ୍କ ପରିବାର ପକ୍ଷରୁ ଜନ୍ମେଜୟ ପଟନାୟକ, ସୁବାସିନୀ ପଟନାୟକ, ଅବିନାଶ ପଟନାୟକ, ଦୁର୍ଗାଶିଷ ପଟନାୟକ, ଦୁର୍ଗେସ ପଟନାୟକ, ସିପ୍ରା ପଟନାୟକ ଉପସ୍ଥିତ ରହି ଏହି ଉତ୍ସବର ତତ୍ୱାବଧାନ ଓ ଆନୁସଙ୍ଗିକ ସହଯୋଗ କରିଥିଲେ। ରୀତି ନୀତି ପରମ୍ପରା ଅନୁସାରେ ବିବାହ ଉତ୍ସବ ସମ୍ପନ୍ନ ପରେ ସମସ୍ତେ ବିବାହ ଭୋଜି ରୂପେ ସମୂହ ପ୍ରସାଦ ସେବନ କରିଥିଲେ। ଏହି ଅବସରରେ ସଂକୀର୍ତ୍ତନ ପରିବେଷଣ କରାଯାଇଥିଲା।

## ଚିକିତ୍ସାଧୀନ ଅବସ୍ଥାରେ ଗୁରୁତର ମହିଳାଙ୍କ ମୃତ୍ୟୁ

● ହତ୍ୟା ଅଭିଯୋଗ ଆଣିଲେ ଝିଅ

ଖୋର୍ଦ୍ଧା, ୨୦।୬(ସମିସ): ପାରିବାରିକ କଳହରେ ଆହତ ହୋଇ ଚିକିତ୍ସାଧିନ ଅବସ୍ଥାରେ ଗୁରୁତର ମହିଳାଙ୍କ ମୃତ୍ୟୁ ହୋଇଛି। ମୃତା ହେଲେ ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ହଳଦିଆ ହାଟଛକ ଠାରେ ରହୁଥିବା ସନ୍ତୋଷ କୁମାର ସାହୁଙ୍କ ପତ୍ନୀ ସରସ୍ୱତୀ ସାହୁ (୩୯)। ତେବେ ସରସ୍ୱତୀଙ୍କୁ ନିଆଁ ଲଗାଇ ମାରି ଦିଆଯାଇଥିବା ତାଙ୍କ ନାବାଳିକା ଝିଅ ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ଉପରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରି ଅଭିଯୁକ୍ତ ସ୍ୱାମୀ ଓ ଶାଶୁଙ୍କୁ ଗିରଫ କରିଛି। ଗିରଫ ଦ୍ୱୟ ହେଲେ ସ୍ୱାମୀ ସନ୍ତୋଷ ସାହୁ (୪୩) ଏବଂ ଶାଶୁ ଲତା ସାହୁ (୬୧)।

ସନ୍ତୋଷ ନିକଟସ୍ଥ କୁଣ୍ଡିଲୋ ଗ୍ରାମର ସରସ୍ୱତୀଙ୍କୁ ବିବାହ କରିଥିଲେ। ସନ୍ତୋଷ ପରିବାର ସହ ଦିଲ୍ଲୀରେ ରହି ପାଇପ ମିସ୍ତ୍ରି ଭାବେ କାର୍ଯ୍ୟ କରୁଥିଲେ। କିଛିଦିନ ହେବ କର୍କଟ ରୋଗରେ ଆକ୍ରାନ୍ତ ହେବା ପରେ ସେ ପରିବାର ସହ ଗାଁ କୁ ଆସି ରହୁଥିଲେ। ଉଭୟଙ୍କର ଗୋଟିଏ ଝିଅ ଓ ଗୋଟିଏ ପୁଅ ରହିଛନ୍ତି। ଝିଅ +୨ରେ ପାଠ ପଢୁଥିବାବେଳେ ପୁଅକୁ ୧୧ବର୍ଷ ହେବ। ତେବେ ସ୍ୱାମୀ ଓ ସ୍ତ୍ରୀ ମଧ୍ୟରେ ଅଧିକାଂଶ ସମୟ କଳି ଲାଗୁଥିବା ଝିଅ ଅଭିଯୋଗରେ ଦର୍ଶାଇଛନ୍ତି। ଏହି ଭଳି ଗତ ୧୦ଦିନ ତଳେ ସ୍ୱାମୀ ଓ ସ୍ତ୍ରୀ କୌଣସି କାରଣକୁ ନେଇ କଳହ ହୋଇଥିଲା। ଏଥିରେ ସନ୍ତୋଷ ଉତକ୍ଷିପ୍ତ ହୋଇ ଟେବୁଲ ଉପରେ ଥୁଆ ହୋଇଥିବା ରାସାୟନିକ ତରଳ ପଦାର୍ଥକୁ ସରସ୍ୱତୀଙ୍କ ଉପରକୁ ଫୋପାଡି ନିଆଁ ଲଗାଇଥିଲେ। ଗୁରୁତର ଆହତ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ଭୁବନେଶ୍ୱରର ଏକ ମେଡିକାଲ ରେ ଭର୍ତି କରାଯାଇଥିଲା। ତେବେ ସେଠାରେ ଚିକିତ୍ସାଧିନ ଅବସ୍ଥାରେ ସରସ୍ୱତୀଙ୍କର ଗତକାଲି ବିଳମ୍ବିତ ରାତିରେ ମୃତ୍ୟୁ ହୋଇଥିବା ପୁଲିସ ପ୍ରକାଶ କରିଛି। ତାଙ୍କ ନାବାଳିକା ଝିଅ ର ଅଭିଯୋଗ କ୍ରମେ ଏକ ହତ୍ୟା ମାମଲା ରୁଜୁ କରାଯାଇ ଅଭିଯୁକ୍ତ ସ୍ୱାମୀ ଓ ଶାଶୂଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି ବୋଲି ଥାନା ଅଧିକାରୀ ଉମେଶ ସାହୁ ପ୍ରକାଶ କରିଛନ୍ତି।

## ପ୍ରଧାନଶିକ୍ଷୟିତ୍ରୀଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା

ବେଗୁନିଆ, ୨୦।୬(ସମିସ): ବେଗୁନିଆ ବ୍ଲକ ଅନ୍ତର୍ଗତ ବଡ଼ବେରେଣା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ପ୍ରଧାନଶିକ୍ଷୟିତ୍ରୀ ନଳିନୀପ୍ରଭା ଦେବୀଙ୍କ ଅବସରକାଳୀନ ସମ୍ବର୍ଦ୍ଧନା ଉତ୍ସବ ଅନୁଷ୍ଠିତ ହୋଇଛି। ଏଥିରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ପ୍ରଭାତ କୁମାର ପଣ୍ଡାଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ଅଖିଳେଶ ମହାପାତ୍ରଙ୍କ ସଂଯୋଜନାରେ ବିଧାୟକ ପ୍ରଦୀପ କୁମାର ସାହୁ ମୁଖ୍ୟଅତିଥି, ବ୍ଲକ ଅଧ୍ୟକ୍ଷ ଲକ୍ଷ୍ମୀଧର ସୁବୁଦ୍ଧି ମୁଖ୍ୟବକ୍ତା, ଗୋଷ୍ଠୀ ଶିକ୍ଷା ଅଧିକାରୀ ଅର୍ଣ୍ଣବ କୁମାର ବେଉରା ସ୍ୱତନ୍ତ୍ର ଅତିଥି, ଶିକ୍ଷାବିତ ରାଜକିଶୋର ପାଣିଗ୍ରାହୀ, ପୂର୍ବତନ ସରପଞ୍ଚ ପୁରୁଷୋତ୍ତମ ମହାପାତ୍ର, ସରପଞ୍ଚ ଅସିତ ତ୍ରିପାଠୀ, ଶିକ୍ଷାବିତ୍ ତଥା ସାମ୍ବାଦିକ ଭଗବାନ ପଣ୍ଡା, ପ୍ରବଚକ ପ୍ରଫୁଲ୍ଲ କୁମାର ଦାଶ ଓ ଡିକେଏସଏନ ବିଦ୍ୟାପୀଠ ପ୍ରଧାନଶିକ୍ଷୟିତ୍ରୀ ସଂଯୁକ୍ତା ଶତପଥି ପ୍ରମୁଖ ଉପସ୍ଥିତ ରହି ବିଦାୟୀ ପ୍ରଧାନଶିକ୍ଷୟିତ୍ରୀଙ୍କ ଗୁଣଗାନ କରିଥିଲେ। ସଭାର ପ୍ରାରମ୍ଭରେ ଶିକ୍ଷକ ପୁଲକ କୁମାର ସାହୁ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ଶିକ୍ଷୟିତ୍ରୀ ବିସ୍ମିତା କର ଅତିଥି ପରିଚୟ ପ୍ରଦାନ କରିଥିଲେ।

୨୦/୬/୨୦୨୬ (ଶନିବାର) ଶ୍ରୀଜଗନ୍ନାଥଙ୍କ ହୁଣ୍ଡିରେ ସମର୍ପଣ
ଟ. ୬,୦୩,୮୬୪/- ସୁନା:୦୪.୭୫୦ ଗ୍ରାମ୍ ରୁପା: ୦୭.୬୦୦ ଗ୍ରାମ୍





## ଶୃଙ୍ଖଳିତ ରଥଯାତ୍ରାକୁ ଗୁରୁତ୍ୱ

# ଦଇତାପତି-ଚୂନରା ବିବାଦର ସମାଧାନ

ପୁରୀ,୨୦।୬(ସମିସ)



ଆସନ୍ତା ଜୁଲାଇ ୧୬ ତାରିଖରେ ଅନୁଷ୍ଠିତ ହେବାକୁ ଥିବା ମହାପ୍ରଭୁଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରାକୁ ଶୃଙ୍ଖଳିତ କରିବା ପାଇଁ ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ପ୍ରସ୍ତୁତି ତ୍ୱରାନ୍ୱିତ କରାଯାଉଛି। ଶନିବାର ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ଅଧ୍ୟକ୍ଷତାରେ ଗୁରୁତ୍ୱପୂର୍ଣ୍ଣ ବୈଠକ ଅନୁଷ୍ଠିତ ହୋଇଯାଇଛି। ଦଇତାପତି ନିଯୋଗ ଏବଂ ଚୂନରା ସେବାୟତ ନିଯୋଗ ମଧ୍ୟରେ ପ୍ରାପ୍ୟ ପାଉଣାକୁ ନେଇ ପୂର୍ବରୁ ବିବାଦ ରହିଥିଲା। ରଥଯାତ୍ରା ପୂର୍ବରୁ ଏହି ବିବାଦର ସମାଧାନକୁ ଗୁରୁତ୍ୱ ଦେଇଥିଲା ପ୍ରଶାସନ। ଏଥିପାଇଁ ଶନିବାର ଏକ ବୈଠକ ଜିଲ୍ଲାପାଳ ଶ୍ରୀ ପରିଡ଼ାଙ୍କ ଅଧ୍ୟକ୍ଷତାରେ ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଅନୁଷ୍ଠିତ ହୋଇଯାଇଛି। ଉଭୟ ନିଯୋଗ ମଧ୍ୟରେ ପାଉଣାକୁ ନେଇ ଥିବା ମତଭେଦ ଦୂର ହୋଇଛି ବୋଲି ଜିଲ୍ଲାପାଳ ସୂଚନା ଦେଇଛନ୍ତି। ଆଗାମୀ ରଥଯାତ୍ରାରେ ଏହି ଦୁଇ ସେବାୟତ ନିଯୋଗ ପରସ୍ପର ମଧ୍ୟରେ ସମନ୍ୱୟ ରଖି ମହାପ୍ରଭୁଙ୍କ ସମସ୍ତ ସେବାପୂଜା ଏବଂ ନୀତିକାନ୍ତି ସୂଚାରୁ ରୂପେ କରିବେ ବୋଲି ନିଷ୍ପତ୍ତି ହୋଇଛି।

ସେହିପରି ଆଗାମୀ ରଥଯାତ୍ରାରେ ଶୃଙ୍ଖଳିତ ଦର୍ଶନ ଏବଂ ନୀତିକାନ୍ତିକୁ ନେଇ ବୈଠକରେ ବିସ୍ତୃତ ଭାବେ ଆଲୋଚନା ହୋଇଥିଲା। ଜିଲ୍ଲାପାଳଙ୍କ ସୂଚନା ଅନୁସାରେ, ଶୃଙ୍ଖଳିତ ଦର୍ଶନ ପାଇଁ ବ୍ୟାପକ ବ୍ୟବସ୍ଥା ଗ୍ରହଣ କରାଯାଉଛି। ମହାପ୍ରଭୁଙ୍କ ଦୈନନ୍ଦିନ ନୀତିକାନ୍ତି ସହ ପହୁଡ଼ ନୀତି ଏବଂ କେତେବେଳେ ଦର୍ଶନ ହୋଇପାରିବ ସେ ନେଇ ସବିଶେଷ ସୂଚନା ପ୍ରତି ମୁହୂର୍ତ୍ତରେ ମାଇକ୍ ଯୋଗେ ସୂଚନା ଦିଆଯିବ। ବିଭିନ୍ନ ସ୍ଥାନରେ ବଡ଼ ବଡ଼ ଏଲ୍ଇଡି ସ୍କ୍ରିନ୍ ଲଗାଯାଇ ସୂଚନା ପ୍ରଦାନ ମଧ୍ୟ କରାଯିବ। ସେପଟେ ପଞ୍ଚକୋଶୀରୁ ଆସୁଥିବା ହଜାର ହଜାର ଲୋକଙ୍କ ପାଇଁ ମନ୍ଦିର ଅଫିସ, ସୂଚନା କେନ୍ଦ୍ର,

### ପହୁଡ଼ ନୀତିର ଆଗୁଆ ଘୋଷଣା ହେବ

ସର୍କିଟ୍ ହାଉସ୍, ଭକ୍ତ ନିବାସ ଇତ୍ୟାଦିରେ ଟିକଟ୍ ବ୍ୟବସ୍ଥା କରିବାକୁ ପ୍ରସ୍ତାବ ଦେଇଛି ଦଇତାପତି ନିଯୋଗ। ଫଳରେ ଗୁଣ୍ଡିଚା ମନ୍ଦିର ଭିତରେ ଦୁଇଟି ଲାଇନ୍‌ରେ ବ୍ୟବସ୍ଥିତ ଭାବରେ ଦର୍ଶନ ସହ ଉଭୟ ଟିକଟ୍ ଓ ସାଧାରଣ ଦର୍ଶନକୁ ସହଜ ହେବ ବୋଲି ଦଇତାପତି ନିଯୋଗ ସମ୍ପାଦକ କହିଛନ୍ତି। ସେହିପରି ନୀତି ସମନ୍ୱୟ ସହ ଶୃଙ୍ଖଳିତ ଦର୍ଶନକୁ ଗୁରୁତ୍ୱ ଦିଆଯାଇଛି। ସେପଟେ ଆସନ୍ତା ୨୩ ତାରିଖରେ ସମନ୍ୱୟ ବୈଠକ ହେବ। ଚଳିତବର୍ଷ ରଥଯାତ୍ରାକୁ ଶାନ୍ତିଶୃଙ୍ଖଳାର ସହ ସମାପନ କରିବା ପାଇଁ ଦଇତାପତି ନିଯୋଗ ପୁଲିସ ପ୍ରଶାସନ ସହିତ ସମନ୍ୱୟ ରଖି ସମସ୍ତ କାର୍ଯ୍ୟରେ ସହଯୋଗ କରିବ ବୋଲି ଦଇତାପତି ନିଯୋଗ ସମ୍ପାଦକ ସୂଚନା ଦେଇଛନ୍ତି। ସୂଚନାଥାଉ କି, ଜୁଲାଇ ୧୬ ତାରିଖରେ ରଥଯାତ୍ରା ଅନୁଷ୍ଠିତ ହେବ। ହାତରେ ବହୁତ କମ୍ ସମୟ ଥିବାରୁ ପ୍ରଶାସନ ପକ୍ଷରୁ ବିଭିନ୍ନ ବିଭାଗ ଏବଂ ସେବାୟତ ନିଯୋଗ ସହ ଏକାଧିକ ବୈଠକ କରାଯାଇ ଆଗାମୀ ଦିନରେ କିଭଳି ମହାପ୍ରଭୁଙ୍କ ରଥଯାତ୍ରା ଶାନ୍ତିଶୃଙ୍ଖଳାର ସହ ଶେଷ ହେବ ସେ ନେଇ ଗୁରୁତ୍ୱ ଦିଆଯାଇଛି। ଏହି ବୈଠକରେ ଜିଲ୍ଲାପାଳଙ୍କ ସମେତ ଜିଲ୍ଲା ପ୍ରଶାସନର ବରିଷ୍ଠ ଅଧିକାରୀ ଏବଂ ବିଭିନ୍ନ ନିଯୋଗର ସେବାୟତମାନେ ଉପସ୍ଥିତ ଥିଲେ।

## ରଥଖଳାରୁ... ଆରମ୍ଭ ହେଲା ଦୁଆର ବେଢ଼ା ନିର୍ମାଣ କାର୍ଯ୍ୟ

ପୁରୀ,୨୦।୬(ସମିସ): ରଥଯାତ୍ରା ପାଇଁ ରଥଖଳାରେ ମହାପ୍ରଭୁଙ୍କ ତିନିରଥ ନିର୍ମାଣ ଚାଲିଛି। ଶନିବାର ତିନିରଥର ଦୁଆର ବେଢ଼ା ନିର୍ମାଣ ଆରମ୍ଭ ହୋଇଛି। ତିନିରଥର ୧୨ଟି ଦୁଆର ବେଢ଼ା ମଧ୍ୟରୁ ପ୍ରତ୍ୟେକ ରଥର ଦୁଇଟି ଲେଖାଏଁ ଦୁଆର ବେଢ଼ା ଶେଷ ହୋଇଛି। ଶେଷ ପର୍ଯ୍ୟାୟରେ ବେଦୀ ଚାରିପାଶ୍ୱର୍ର ପଟାବାଡ଼ିଆ କାର୍ଯ୍ୟ ପହଞ୍ଚିଛି। ତିନିରଥର ଚାରି କୋଣକୁ ଛାଡ଼ି ବେଦୀ ଚାରି ପାଶ୍ୱର୍ରେ ପଟା ବାଡ଼ିଆ କାର୍ଯ୍ୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ଏଥିସହ ତିନିରଥର ବଡ଼ କଳସ ପେଣ୍ଡି ସହ ଶେଷ ହୋଇଛି ୩୨ଟି ପାଖୁଡ଼ାର ନିର୍ମାଣ କାର୍ଯ୍ୟ। ରୂପକାର ସେବକମାନେ ତିନିରଥର ୨୪ଟି ନାଟ ଗୋଡ଼ରୁ ୧୨ଟିରେ କନ୍ଦର୍ପ ରୂପ



ଖୋଦେଇ ଶେଷ କରିବା ପରେ ବାକି ୧୨ଟି ନାଟ ଗୋଡ଼ରେ ରୂପ ଖୋଦେଇ ଜାରି ରଖିବା ସହ ଶେଷ ହୋଇଥିବା କନ୍ଦର୍ପ ରୂପ ଖୋଦେଇ ରୂପରେ ଅଳଙ୍କାର ପକା କାର୍ଯ୍ୟ ସହ ପଲିସ୍ କାର୍ଯ୍ୟ ଜାରି ରଖିଛନ୍ତି। ଦୋଳବେଦୀ ଅସ୍ଥାୟୀ କମାରଶାଳରେ କମାର ସେବକମାନେ ତିନିରଥର ପୋଟଳ କଣ୍ଟା ଯୋଗାଇବା ପରେ ତିନିରଥର କଳସ କଣ୍ଟା, ଦୁଆରବେଢ଼ା ପାଇଁ କଣ୍ଟା ନିର୍ମାଣ ସହ ତିନିରଥର ଜଏଣ୍ଟ ସ୍ଥାନରେ ଏଲ୍ କ୍ଲାମ୍ପ୍, ୟୁ କ୍ଲାମ୍ପ୍ ବାଡ଼ିଆ କାର୍ଯ୍ୟ ଜାରି ରଖିଛନ୍ତି। ଚିତ୍ରକାରମାନେ ତିନିରଥର ପୋଟଳ ପାରାଭାଡ଼ିରେ ରଙ୍ଗ କାର୍ଯ୍ୟ ଶେଷ କରିବା ସହ ତିନି ରଥର ପାଶ୍ୱର୍ ଦେବଦେବୀଙ୍କ ପ୍ରତିମାରେ ରଙ୍ଗ କାର୍ଯ୍ୟ ସହ ତିନିରଥର ହଂସ ପଟା, ଶିଖର ଡମ୍ବରୁ, ଅଁଳା, ଓଲଟ ଶୁଆ ଏବଂ ନାଟ ଗୋଡ଼ରେ ରଙ୍ଗ କାର୍ଯ୍ୟ ସହ ତିନିରଥର ବାହ୍ୟ ରଙ୍ଗ କାର୍ଯ୍ୟ ଜାରି ରଖିଛନ୍ତି। ଏଥିସହ ତିନିରଥର ସମ୍ମୁଖ ଭାଗ ଚକଗୁଡ଼ିକର ସୁରକ୍ଷା ପାଇଁ ଉଭୟ ପାଶ୍ୱର୍ ପଇ ସଂଯୋଗ ସ୍ଥାନରେ ଲୁହା ପ୍ଲେଟ୍‌ମାନ ନଟ୍‌ବୋଲ୍ଟ ଦେଇ ମହାରଣା ସେବକମାନେ ଫିଟିଙ୍ଗ୍ କରୁଛନ୍ତି।

## ଦୁଇ ବେପାରୀଙ୍କ ମଧ୍ୟରେ ମାର୍‌ପିଟ୍

ପୁରୀ,୨୦।୬(ସମିସ): ଶନିବାର ଶ୍ରୀମନ୍ଦିର ଉତ୍ତର ଦ୍ୱାର ବାହାର ପରିକ୍ରମା ସମ୍ମୁଖରେ ଜଣେ ଫଟୋ ବିକ୍ରେତା ଏବଂ ଜଣେ ନିର୍ମାଲ୍ୟ ବିକ୍ରେତାଙ୍କ ମଧ୍ୟରେ କଥା କଟାକଟି ଘଟିଥିଲା। ପରବର୍ତ୍ତୀ ସମୟରେ ଏହି କଥା କଟାକଟି ଝଗଡ଼ାର ରୂପ ନେଇଥିଲା। ଅଭିଯୋଗ ଅନୁସାରେ, ନିର୍ମାଲ୍ୟ ବିକ୍ରେତା ନାରାୟଣ ପୃଷ୍ଟି ଫଟୋ ବିକ୍ରେତା ନିଖିଲ ଦାସ (୩୫)ଙ୍କୁ ଧକ୍କା ମାରିଥିଲେ। ଫଳରେ ନିଖିଲ ଦାସ ପଡ଼ିଯାଇ ଆହତ ହୋଇଥିଲେ। ତତ୍‌କ୍ଷଣାତ୍ ଚିକିତ୍ସା ପାଇଁ ମେଡିକାଲକୁ ପଠାଯାଇଛି। ବର୍ତ୍ତମାନ ତାଙ୍କ ସ୍ୱାସ୍ଥ୍ୟାବସ୍ଥା ସ୍ଥିର ରହିଛି। ଘଟଣା ସମ୍ପର୍କରେ ଅଭିଯୁକ୍ତ ନାରାୟଣ ପୃଷ୍ଟିଙ୍କୁ ସିଂହଦ୍ୱାର ଥାନାରେ ଅଟକ ରଖାଯାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଥିବାବେଳେ ଆଇନ ଅନୁସାରେ ଆବଶ୍ୟକୀୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉଛି।

## କଇଁଚିରେ ଯୁବକଙ୍କୁ ଆକ୍ରମଣ; ୪ ଗିରଫ

ପୁରୀ,୨୦।୬(ସମିସ): ବାଲିଅପଣ୍ଡା ଥାନା ଅନ୍ତର୍ଗତ ଗୌଡ଼ବାଡ଼ସାହି ଅଞ୍ଚଳରେ ପାଟିତୁଣ୍ଡ ପରେ କଇଁଚିରେ ଆକ୍ରମଣ କରି ଜଣେ ଯୁବକଙ୍କୁ ଗୁରୁତର କରିଥିବା ଅଭିଯୋଗରେ ୪ ଜଣଙ୍କୁ ପୁଲିସ ଗିରଫ କରିଛି। ସେମାନେ ହେଲେ ଗଉଡ଼ବାଡ଼ସାହି ବିଧବା ଆଶ୍ରମ ଛକ ଅଞ୍ଚଳର ବାବୁଲ ପ୍ରଧାନ (୨୦), ଅଭିମନ୍ୟୁ ପ୍ରଧାନ (୨୦), ବାଦଲ ସରକାର (୧୯) ଓ ସୁରେନ୍ଦ୍ର ରଜକ (୨୭)। ଅଭିଯୋଗ ଅନୁଯାୟୀ, ଶୁକ୍ରବାର ଅପରାହ୍ଣ ସାଢ଼େ ୫ଟାରେ ଗଉଡ଼ବାଡ଼ସାହି ବିଧବା ଆଶ୍ରମ ଛକର ବିକାଶ ଦେବନାଥ ସାରା ଫ୍ୟାକ୍ଟ୍ରି ଆଡ଼କୁ ଯାଉଥିବାବେଳେ ଅଭିଯୁକ୍ତମାନେ ତାଙ୍କୁ ଅଟକାଇଥିଲେ। କୌଣସି ସାମାନ୍ୟ କଥାକୁ ନେଇ ସେମାନଙ୍କ ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ଏହା ହିଂସାର ରୂପ ନେଇଥିଲା। ଅଭିଯୁକ୍ତମାନେ କଇଁଚି ସାହାଯ୍ୟରେ ଆକ୍ରମଣ କରିଥିଲେ। ଫଳରେ ବିକାଶଙ୍କ ଶରୀରରେ ଅନେକ ଜାଗାରେ ଆଘାତ ଲାଗିଥିଲା। ଘଟଣା ପରେ ଅଭିଯୁକ୍ତମାନେ ଫେରାର୍ ହୋଇଯାଇଥିଲେ। ସ୍ଥାନୀୟ ଲୋକେ ଆହତଙ୍କୁ ଉଦ୍ଧାର କରି ପ୍ରଥମେ ପୁରୀ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରିଥିଲେ। ଅବସ୍ଥା ଗୁରୁତର ଥିବାରୁ ପରେ ତାଙ୍କୁ ଉନ୍ନତ ଚିକିତ୍ସା ପାଇଁ ଭୁବନେଶ୍ୱର ଏମ୍ସକୁ ସ୍ଥାନାନ୍ତର କରାଯାଇଥିଲା। ଥାନା ଆଇଆଇସି ସୁନୀଲ ଯାଦବଙ୍କ ନେତୃତ୍ୱରେ ତଦନ୍ତ କରି ପୁଲିସ୍ ଶନିବାର ୪ ଜଣଙ୍କୁ ଗିରଫ କରିଛି। ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ଅଧିକ ତଦନ୍ତ ଚାଲିଛି ବୋଲି ଥାନା ପକ୍ଷରୁ ସୂଚନା ଦିଆଯାଇଛି।

## ନରେନ୍ଦ୍ରରୁ ଯୁବକଙ୍କ ମୃତଦେହ ଉଦ୍ଧାର

ପୁରୀ,୨୦।୬(ସମିସ): ନରେନ୍ଦ୍ର ପୁଷ୍କରିଣୀରୁ ଯୁବକଙ୍କ ମୃତଦେହକୁ ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି। ମୃତ ଯୁବକ ହେଉଛନ୍ତି ସଦର ଥାନା ଅନ୍ତର୍ଗତ ଖଡ଼ିପଦା ଅଞ୍ଚଳର ୧୯ ବର୍ଷୀୟ ଜଗନ୍ନାଥ ପରିଡ଼ା। ଶୁକ୍ରବାର ସ୍ୱର୍ଗଦ୍ୱାରରୁ ଶବଦାହ କରି ଆସି ନରେନ୍ଦ୍ରରେ ସ୍ନାନ କରୁଥିବା ସମୟରେ ଗୋଡ଼ ଖସି ବୁଡ଼ିଯାଇଥିଲେ। ଶନିବାର ନରେନ୍ଦ୍ରରେ ଜଣେ ଯୁବକଙ୍କ ମୃତଦେହ ଭାସୁଥିବା ଖବର ପାଇ ଅଗ୍ନିଶମ ବାହିନୀ ଉଦ୍ଧାର କରିଛନ୍ତି। ଘଟଣାସ୍ଥଳରେ କୁମ୍ଭାରପଡ଼ା ଥାନା ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି।

## ପୁରୀବାସୀଙ୍କ ସହଜ ପ୍ରବେଶ ଓ ଦର୍ଶନ ପାଇଁ ଜିଲ୍ଲାପାଳଙ୍କ ସହ ଆଲୋଚନା

ପୁରୀ,୨୦।୬(ସମିସ): ପୁରୀବାସୀଙ୍କ ଶ୍ରୀମନ୍ଦିରରେ ସହଜ ପ୍ରବେଶ ଓ ଦର୍ଶନର ତୁରନ୍ତ ବ୍ୟବସ୍ଥା କରିବା ପାଇଁ ସ୍ୱତନ୍ତ୍ର ଶ୍ରୀମନ୍ଦିର ପ୍ରବେଶ ଅଭିଯାନ ମଞ୍ଚ ଶନିବାର ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ାଙ୍କ ସହ ପୁନର୍ବାର ଆଲୋଚନା କରିଛି। କିଛିବର୍ଷ ହେବ ପୁରୀବାସୀ



ମହାପ୍ରଭୁଙ୍କ ଦର୍ଶନ ପାଇଁ ଭୋଗୁଥିବା ଯନ୍ତ୍ରଣା ବିଷୟରେ ଅଭିଯାନ ମଞ୍ଚ ଗତ ଡିସେମ୍ବର ୧୦ରେ ମୁଖ୍ୟମନ୍ତ୍ରୀ ଓ ଡିସେମ୍ବର ୧୮ରେ ଆଇନମନ୍ତ୍ରୀ, ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ, ଜିଲ୍ଲାପାଳ ଓ ଏସ୍‌ପିଙ୍କ ସହ ମିଳିତ ଆଲୋଚନା କରିଥିଲା। ଚଳିତବର୍ଷ ଜାନୁଆରୀ ମାସରୁ ସହରବାସୀଙ୍କ ସହଜ ପ୍ରବେଶ ବ୍ୟବସ୍ଥା କରାଯିବ ବୋଲି ସରକାର ଘୋଷଣା କରିଥିଲେ। ଏହା ମଧ୍ୟରେ ଘୋଷଣାର ୬ ମାସ ବିତିଯାଇଥିଲେ ମଧ୍ୟ ଏହା ଲାଗୁ ନ ହେବାରୁ ଶନିବାର ଅଭିଯାନ ମଞ୍ଚ ପ୍ରଶାସନ ସହ ସକାରାତ୍ମକ ଆଲୋଚନା କରିଛି। ଜିଲ୍ଲାପାଳଙ୍କ ସହ ମଞ୍ଚ ପକ୍ଷରୁ ଡ. ବଦ୍ରି ମିଶ୍ର, ମନୋଜ ରଥ, ମଧୁସୂଦନ ମିଶ୍ର, ହେକ୍ଟର ମିଶ୍ର, ରାଜେଶ ମହାନ୍ତି, ବିଜୟକୃଷ୍ଣ ବ୍ରହ୍ମା, ଡ. ବିଶ୍ୱନାଥ ମିଶ୍ର ଓ ଭବାନୀ ଶଙ୍କର ସାହୁ ତୁରନ୍ତ ସ୍ୱତନ୍ତ୍ର ବ୍ୟବସ୍ଥା ପାଇଁ ଆଲୋଚନା କରିଥିଲେ। ପୁରୀବାସୀଙ୍କ ସହଜ ଶ୍ରୀମନ୍ଦିର ପ୍ରବେଶ ଉପରେ ଜିଲ୍ଲା ପ୍ରଶାସନ ବିଧିବଦ୍ଧ ସକାରାତ୍ମକ ଚିନ୍ତନ କରୁଛି ବୋଲି ମଞ୍ଚ ପକ୍ଷରୁ କୁହାଯାଇଛି।

### ■ ସୋଫା ଗୋଦାମରେ ଅଗ୍ନିକାଣ୍ଡ

## ଲକ୍ଷାଧିକ ଟଙ୍କାର ତୁଳା ପୋଡ଼ିଗଲା

ପୁରୀ,୨୦।୬(ସମିସ): ସଦର ଥାନା ଅଞ୍ଚଳରେ ଶୁକ୍ରବାର ବିଳମ୍ବିତ ରାତିରେ ଏକ ସୋଫା ତିଆରି ଗୋଦାମରେ ଅଗ୍ନିକାଣ୍ଡ ଘଟିଛି। ଏଥିରେ ଲକ୍ଷାଧିକ ଟଙ୍କାର ତୁଳା ପୋଡ଼ି ଯାଇଛି। ତେବେ ଅଗ୍ନିକାଣ୍ଡରେ କୌଣସି ଜୀବନହାନୀ ଘଟି ନାହିଁ। ଶୁକ୍ରବାର ରାତି ୩ଟାରେ ଗୋଦାମରୁ ହୁତୁହୁତୁ ନିଆଁ ବାହାରୁଥିବା ସ୍ଥାନୀୟ ଲୋକେ ଦେଖିଥିଲେ। କିନ୍ତୁ କ'ଣ ପାଇଁ ନିଆଁ ଲାଗିଲା କେହି କିଛି ବୁଝିପାରି ନ ଥିଲେ। ମାତ୍ର ଶୀତଳ ଷଷ୍ଠୀ ପାଇଁ ଗୋଦାମରେ ଗଚ୍ଛିତ ରଖାଯାଇଥିବା ବାଣ ବିସ୍ଫୋରଣ ଯୋଗୁଁ ନିଆଁ ଲାଗିଥିବା ସନ୍ଦେହ କରାଯାଉଛି। ଗୋଦାମ ଭିତରେ ପ୍ରାୟ ୨ ଟ୍ରିପ୍ ତୁଳା ମହଜୁଦ ଥିବାରୁ ନିଆଁ ଖୁବ୍‌ଶୀଘ୍ର ବ୍ୟାପି ଯାଇଥିଲା। ଖବର ପାଇ ଅଗ୍ନିଶମ ବିଭାଗର ୩ଟି ଦମକଳ ଗାଡ଼ି ଘଟଣାସ୍ଥଳରେ ପହଞ୍ଚି ନିଆଁ ଲିଭାଇଥିଲେ। ଗୋଦାମ କର୍ମଚାରୀମାନେ ଛାତ ଉପରୁ ଟିଣ ବାହାର କରି ପାଣି ପକାଇ ନିଆଁକୁ ଆୟତ୍ତ କରିବାରେ ସହଯୋଗ କରିଥିଲେ। ଘଟଣାସ୍ଥଳରେ ପୁଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ବାଣ ବିସ୍ଫୋରଣ ହିଁ ଅଗ୍ନିକାଣ୍ଡର ପ୍ରକୃତ କାରଣ କି ନାହିଁ, ତାହା ତଦନ୍ତ ପରେ ସ୍ପଷ୍ଟ ହେବ।

### ପୁଲିସର ଉଦ୍ୟମ ସଫଳ

## ସାମାଜିକ ବାସନ୍ଦରୁ ମୁକୁଳିଲା ପରିବାର

ପୁରୀ,୨୦।୬(ସମିସ)



ଚନ୍ଦନପୁର ପୁଲିସର ଉଦ୍ୟମ ଯୋଗୁଁ ଗୋଟିଏ ପରିବାର ସାମାଜିକ ବାସନ୍ଦରୁ ମୁକୁଳି ପାରିଛନ୍ତି। ଚନ୍ଦନପୁର ଥାନା ଗୌଡ଼କେରା ପଞ୍ଚାୟତ ଅଧୀନ ଯତିପୁର ଗ୍ରାମର ଏହି ବାସନ୍ଦ ପରିବାର ମୁହଁରେ ହସ ଫେରିଛି। ଦୀର୍ଘ ଦିନ ଧରି ସମ୍ପୃକ୍ତ ପରିବାର ଗ୍ରାମରେ ସାମାଜିକ ବାସନ୍ଦର ଶିକାର ହୋଇଆସୁଥିଲା। ଗାଁର ବିଭିନ୍ନ ସାମାଜିକ କାର୍ଯ୍ୟକ୍ରମରୁ ସେମାନଙ୍କୁ ବାଦ୍ ଦିଆଯାଉଥିଲା। ଫଳରେ ସାମାଜିକ, ମାନସିକ ଓ ଆର୍ଥିକ କ୍ଷେତ୍ରରେ ସେମାନେ ବହୁ ଅସୁବିଧାର ସମ୍ମୁଖୀନ ହୋଇ ଦୁର୍ବିସହ ଜୀବନ ଜିଉଁଥିଲେ। ଖବର ପାଇବା ପରେ ଚନ୍ଦନପୁର ପୁଲିସ ତୁରନ୍ତ ହସ୍ତକ୍ଷେପ କରିଥିଲା। ପୁଲିସ ଟିମ୍ ଗାଁକୁ ଯାଇ ତଦନ୍ତ କରିବା ସହ ଗାଁର ମୁରବୀ, ସମ୍ପ୍ରଦାୟ ନେତା, ଶାନ୍ତି କମିଟି ସଦସ୍ୟ ଏବଂ ଗ୍ରାମବାସୀଙ୍କ ସହ ବାରମ୍ବାର ଆଲୋଚନା କରିଥିଲା। ସମ୍ବିଧାନ ମୂଲ୍ୟବୋଧ, ମାନବ ମର୍ଯ୍ୟାଦା ଓ ସାମାଜିକ ସମନ୍ୱୟର ଗୁରୁତ୍ୱ ବୁଝାଇ ଭ୍ରମ ଦୂର କରି ସମସ୍ୟାର ସୌହାର୍ଦ୍ଦପୂର୍ଣ୍ଣ ସମାଧାନ ପାଇଁ ଉଦ୍ୟମ କରିଥିଲା।

ପୁଲିସର ନିରନ୍ତର ପ୍ରୟାସର ପରିଣାମସ୍ୱରୂପ, ଗ୍ରାମବାସୀ ସାମାଜିକ ବାସନ୍ଦ ପ୍ରତ୍ୟାହାର କରି ପ୍ରଭାବିତ ପରିବାରକୁ ପୁନର୍ବାର ସମାଜର ମୁଖ୍ୟ ସ୍ରୋତରେ ସ୍ୱୀକାର କରିବାକୁ ସହମତ ହୋଇଥିଲେ। ଏହାପରେ ଗ୍ରାମରେ ଏକ ସମନ୍ୱୟ ବୈଠକ ଆୟୋଜିତ ହୋଇଥିଲା, ଯେଉଁଥିରେ ସମୁଦାୟ ସଦସ୍ୟମାନେ ଭବିଷ୍ୟତରେ ଉକ୍ତ ପରିବାର ପ୍ରତି ସହଯୋଗ, ଶାନ୍ତିପୂର୍ଣ୍ଣ ସହାବସ୍ଥାନ ଏବଂ କୌଣସି ପ୍ରକାର ଭେଦଭାବ ନ କରିବାକୁ ପ୍ରତିଶ୍ରୁତି ଦେଇଛନ୍ତି। ପୁରୀ ପୁଲିସ ପୁଣି ସ୍ପଷ୍ଟ କରିଛି, ଆଗକୁ କୌଣସି ବ୍ୟକ୍ତି ବା ପରିବାରକୁ ସାମାଜିକ ବହିଷ୍କାର, ଭେଦଭାବ ବା ଅନ୍ୟାୟର ଶିକାର ହେବାକୁ ଦିଆଯିବ ନାହିଁ। ସ୍ଥାନୀୟ ସମ୍ପ୍ରଦାୟ ସହ ମିଶି ସାମାଜିକ ସମନ୍ୱୟ ଓ ସମ୍ପ୍ରୀତିକୁ ଦୃଢ଼ କରାଯିବ।

## ୩୦ରେ ଗୋପ ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି

ପୁରୀ,୨୦।୬(ସମିସ): ଆସନ୍ତା ୩୦ ତାରିଖ ପୂର୍ବାହ୍ଣ ୧୦ଟାରେ ଗୋପ ବ୍ଲକ୍ ସମ୍ମିଳନୀ ଗୃହରେ ଜିଲ୍ଲାସ୍ତରୀୟ ଯୁଗ୍ମ ଅଭିଯୋଗ ଶୁଣାଣି ଅନୁଷ୍ଠିତ ହେବ ବୋଲି ଜିଲ୍ଲା ଅଭିଯୋଗ ଶୁଣାଣି ଅଧିକାରୀ ବିବେକାନନ୍ଦ ସାହୁ ସୂଚନା ଦେଇଛନ୍ତି। ପୂର୍ବରୁ ଏହି ଶିବିର ୨୯ ତାରିଖ ପାଇଁ ଧାର୍ଯ୍ୟ ଥିଲା। ତେବେ ୨୯ ତାରିଖ ଦେବସ୍ନାନ ପୂର୍ଣ୍ଣିମା ପଡୁଥିବାରୁ ଓ ସମସ୍ତ ଅଧିକାରୀ ସେଥିରେ ବ୍ୟସ୍ତ ରହିବେ। ତେଣୁ ଏହା ୩୦ ତାରିଖରେ ଅନୁଷ୍ଠିତ ହେବ ବୋଲି ଶ୍ରୀ ସାହୁ ଅବଗତ କରାଇଛନ୍ତି। ସେହିପରି ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁସାରେ ଚଳିତ ମାସ ୨୨ ତାରିଖରେ ଡେଲାଙ୍ଗ ବ୍ଲକ୍‌ରେ ଯୁଗ୍ମ ଅଭିଯୋଗ ଶୁଣାଣି ପୂର୍ବାହ୍ଣ ୧୦ଟାରେ ଅନୁଷ୍ଠିତ ହେବ।

### ● ଦର୍ଶନ କରାଇଦେବାକୁ କହି ଟଙ୍କା ଆଦାୟ

## ପୁଣି ୨ ଯାତ୍ରୀ ଗୁମାସ୍ତା ଗିରଫ

ପୁରୀ,୨୦।୬(ସମିସ): ଶ୍ରୀମନ୍ଦିର ଆଖପାଖରେ ଶ୍ରଦ୍ଧାଳୁଙ୍କଠାରୁ ଜୋର୍ ଜବରଦସ୍ତ ଟଙ୍କା ଆଦାୟ କରୁଥିବା ନକଲି ଯାତ୍ରୀ ଗୁମାସ୍ତାଙ୍କ ବିରୋଧରେ ପୁଲିସ କଡ଼ା କାର୍ଯ୍ୟାନୁଷ୍ଠାନ ଜାରି ରଖିଛି। ଗତ ୫ ଦିନ ମଧ୍ୟରେ ପୁଲିସ ମୋଟ୍ ୧୧ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲେ ମଧ୍ୟ ସହଜରେ ଟଙ୍କା ଆଦାୟ ନିଶାରେ ଥିବା କିଛି ବ୍ୟକ୍ତି ଏଥିରୁ ନିବୃତ୍ତ ରହିପାରୁ ନାହାନ୍ତି। ଫଳରେ ଶନିବାର ଭକ୍ତଙ୍କୁ ଦର୍ଶନ କରାଇଦେବା ନାଁରେ ଟଙ୍କା ଆଦାୟ ଓ ଦୁର୍ବ୍ୟବହାର କରୁଥିବା ଅଭିଯୋଗରେ ସିଂହଦ୍ୱାରା ଥାନା ପୁଲିସ ପୁଣି ୨ ଜଣଙ୍କୁ ଗିରଫ କରିଛି। ଏ ନେଇ ଥାନାରେ ଏକ ମାମଲା (ନଂ.୧୫୩/୨୬) ରୁଜୁ ହୋଇଛି। ଅଭିଯୋଗ ଅନୁଯାୟୀ, ଶନିବାର ପୂର୍ବାହ୍ଣ ପ୍ରାୟ ୧୧ଟା ୧୦ରେ ସିଂହଦ୍ୱାର ଥାନାର ଏକ ସ୍ୱତନ୍ତ୍ର ଦଳ ବଡ଼ଦାଣ୍ଡ ଓ ଶ୍ରୀମନ୍ଦିର ଅଞ୍ଚଳରେ ଦିନ ପାଟ୍ରୋଲିଂ କରୁଥିଲେ। ଦୋଳବେଦୀକୋଣ ନିକଟରେ ଥିବାବେଳେ ସୂଚନା ପାଇଥିଲେ ଯେ, ୨ ଜଣ ଲୋକ ଭକ୍ତଙ୍କୁ ଜୋର୍‌ଜବରଦସ୍ତ ଦର୍ଶନ କରାଇଦେବାକୁ କହି ଟଙ୍କା ମାଗୁଛନ୍ତି। ରାଜି ନ ହେଲେ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରି ଧମକ ଦେଉଛନ୍ତି। ଖବର ପାଇ ଉତ୍ତର ଦ୍ୱାର ପାଣିଟାଙ୍କି ନିକଟରେ ପୁଲିସ ପହଞ୍ଚିଲାବେଳେ ଅଭିଯୁକ୍ତ ଦ୍ୱୟ ଭକ୍ତଙ୍କୁ ଗାଳି କରି ଟଙ୍କା ମାଗୁଥିବା ଦେଖିଥିଲେ। ପୁଲିସକୁ ଦେଖି ସେମାନେ ଫେରାର୍ ହେବାକୁ ଉଦ୍ୟମବେଳେ ପୁଲିସ ସେମାନଙ୍କୁ କାବୁ କରିଥିଲା। ଗିରଫ ଅଭିଯୁକ୍ତମାନେ ହେଲେ ଖୋର୍ଦ୍ଧା ବେଗୁନିଆ ଥାନା ନାରାୟଣୀପଡ଼ାର ଦେବାଶିଷ ବିଶ୍ୱାଳ (୨୪), ଗଡ଼ିଶାଗୋଡା ଥାନା କରମଳା ଗ୍ରାମର ବ୍ରହ୍ମଦତ୍ତ ସୁବୁଦ୍ଧି। ଅଭିଯୁକ୍ତ ଦେବାଶିଷଙ୍କଠାରୁ ୫୦୦ ଟଙ୍କା ଓ ବ୍ରହ୍ମଦତ୍ତଙ୍କଠାରୁ ୩୦୦ ଟଙ୍କା ଜବତ କରାଯାଇଛି। ପଚରାଉଚରାବେଳେ ସେମାନେ ଭକ୍ତଙ୍କୁ ଟଙ୍କା ନେଇ ଦର୍ଶନ କରାଇଦେବା କଥା ସ୍ୱୀକାର କରିଛନ୍ତି। ଭାରତୀୟ ନ୍ୟାୟ ସଂହିତ (ବିଏନ୍‌ଏସ୍) ଧାରା ୩୦୮(୪)/୨୯୬/୩୫୧(୨)/୩(୫) ଅନୁଯାୟୀ ମାମଲା ରୁଜୁ ହୋଇଛି। ଉଭୟଙ୍କୁ ଗିରଫ କରି କୋର୍ଟରେ ହାଜର କରାଯାଇଛି।

## ଶ୍ରୀମନ୍ଦିରରେ ଶୀତଳ ଷଷ୍ଠୀ

ପୁରୀ,୨୦।୬(ସମିସ): ଜ୍ୟେଷ୍ଠ ଶୁକ୍ଳପକ୍ଷ ଷଷ୍ଠୀ ତିଥିରେ ଶ୍ରୀମନ୍ଦିରରେ ଶନିବାର ଶୀତଳ ଷଷ୍ଠୀ ପର୍ବ ପାଳିତ ହୋଇଯାଇଛି। ଏହି ଦିନ ସ୍ୱତନ୍ତ୍ର ନୀତିମାନ ଅନୁଷ୍ଠିତ ହୋଇଥିଲା। ମହାପ୍ରଭୁଙ୍କ ସନ୍ଧ୍ୟାଧୂପ ପରେ ଦୋଳଗୋବିନ୍ଦ ଶ୍ରୀଅଙ୍ଗରୁ ଆଜ୍ଞାମାଳ ପାଇ ଖଟଶେଯ ଘରେ ବିଜେ ହୋଇଥିଲେ। ଏହାପରେ ଭିତରେ ମଇଲମ, ଆଲଟଲାଗି, ପଣାଲାଗି, ଚନ୍ଦନଲାଗି ଓ ବଡ଼ସିଂହାର ଭୋଗ ଶେଷ ହୋଇଥିଲା। ପଞ୍ଚମହାଦେବ (ଶ୍ରୀଯମେଶ୍ୱର, ଶ୍ରୀଲୋକନାଥ, ଶ୍ରୀମାର୍କଣ୍ଡେଶ୍ୱର, ଶ୍ରୀକପାଳମୋଚନ ଓ ଶ୍ରୀନୀଳକଣ୍ଠେଶ୍ୱର) ଆଜ୍ଞାମାଳ ପାଇ ନ ଥିବାରୁ ମହାପ୍ରଭୁଙ୍କ ପହୁଡ଼ ହୋଇ ନ ଥିଲା। ପଞ୍ଚମହାଦେବ ଆସି ଜଗମୋହନରେ ବିଜେ କରିଥିଲେ। ଏହି ସମୟରେ ପୂଜାପଣ୍ଡା ଶ୍ରୀଅଙ୍ଗରୁ ଆଜ୍ଞାମାଳ ଆଣି ସେମାନଙ୍କୁ ପ୍ରଦାନ କରିଥିଲେ। ପଞ୍ଚମହାଦେବ ମହାଲକ୍ଷ୍ମୀଙ୍କ ମନ୍ଦିରକୁ ଯିବା ପରେ ରୁନ୍ଧା ଫିଟିଥିଲା। ମହାଲକ୍ଷ୍ମୀଙ୍କ ଜଗମୋହନରେ ପଡ଼ିଥିବା ଖଟଶେଯ ଉପରେ ସେମାନେ ବିଜେ କରିଥିଲେ। ପୂର୍ବରୁ ଖଟଶେଯ ଘରେ ଥିବା ଦୋଳଗୋବିନ୍ଦଙ୍କୁ ପଞ୍ଚମହାଦେବଙ୍କ ନିକଟରେ ବିଜେ କରାଯାଇଥିଲା। ଏହାପରେ ସେଠାରେ ପାଣିପଡ଼ି ପୂଜା ଠା ହୋଇ ସରଘରୁ ଶୀତଳ ଭୋଗ ଛେକ ଆସିଥିଲା। ପ୍ରସାଦ ଲାଗି ହେବା ପରେ ସେଠାରେ ପଞ୍ଚୋପଚାର ବିଧିରେ ୧୧ ପନ୍ତି ଭୋଗ ମଣୋହୀ କରାଯାଇଥିଲା। ବନ୍ଦାପନା ହୋଇ ଦୋଳଗୋବିନ୍ଦ ଦକ୍ଷିଣୀ ଘରକୁ ବାହୁଡ଼ା ବିଜେ କରିଥିଲେ। ଏହାକୁ ପଞ୍ଚମହାଦେବଙ୍କ ଶ୍ରୀମନ୍ଦିରରେ ପଞ୍ଚୁଗ୍ରାସୀ କୁହାଯାଏ। ହରିହର ଉପାସନାର ଏହା ଏକ ଅନନ୍ୟ ଉଦାହରଣ। ଏଥିସହ ଶୀତଳଷଷ୍ଠୀ ଅବସରରେ ଶନିବାର ମହାପ୍ରଭୁଙ୍କ ଜଳକ୍ରୀଡ଼ା ନୀତି ମଧ୍ୟ ଅନୁଷ୍ଠିତ ହୋଇଛି।

ଜଳକ୍ରୀଡ଼ା କଲେ ମହାପ୍ରଭୁ

## ବ୍ୟାଙ୍କ ଅଫ୍ ବରୋଦାରେ ଜମାହେଲା ଶ୍ରୀମନ୍ଦିରର ୩୭.୬୭ କୋଟି

ପୁରୀ,୨୦।୬(ସମିସ)

ଚଳିତ ମାସରେ ଶ୍ରୀମନ୍ଦିର ଫଣ୍ଡର ୩୭ କୋଟି ୬୭ ଲକ୍ଷ ଟଙ୍କାକୁ ବ୍ୟାଙ୍କ ଅଫ୍ ବରୋଦାରେ ଜମା କରାଯାଇଛି। ୭.୬୫ ପ୍ରତିଶତ ସୁଧ ହାରରେ ଏହି ଅର୍ଥରାଶି ଜମା କରିଛି ଶ୍ରୀମନ୍ଦିର ପ୍ରଶାସନ। ଚଳିତ ମାସରେ ମାଚ୍ୟୁରିଟି ହୋଇଥିବା ପୂର୍ବ ଜମା ରାଶି ସହ ଏ ମାସର ଆୟକୁ ମିଶାଇ ଏହି ଅର୍ଥ ରାଶି ଜମା କରାଯାଇଛି। ଶ୍ରୀମନ୍ଦିର ଉନ୍ନୟନ ପ୍ରଶାସକ ଓ ଚାର୍ଟାର୍ଡ ଆକାଉଣ୍ଟାଣ୍ଟଙ୍କ ଉପସ୍ଥିତିରେ ବିଡିଂ ପ୍ରକ୍ରିୟା ମାଧ୍ୟମରେ ବ୍ୟାଙ୍କ ଅଫ୍ ବରୋଦାକୁ ଏହି ଟଙ୍କା ଦିଆଯାଇଛି। ଶ୍ରୀମନ୍ଦିର ପ୍ରଶାସନ ପାଖରେ ମୋଟ୍ ୩ଟି ଫଣ୍ଡ ରହିଛି- କର୍ପସ୍ ଫଣ୍ଡ, ଶ୍ରୀମନ୍ଦିର ଫଣ୍ଡ ଓ ଫାଉଣ୍ଡେସନ ଫଣ୍ଡ। ହୁଣ୍ଡି ଆୟ, ଭକ୍ତ ନିବାସ ଆୟ ପ୍ରଭୃତି ଶ୍ରୀମନ୍ଦିର ଫଣ୍ଡ ଅନ୍ତର୍ଭୁକ୍ତ ହୋଇଥାଏ। ବିଭିନ୍ନ ଫଣ୍ଡର ସୁବିନିଯୋଗ ଓ ସୁରକ୍ଷା ଉପରେ ପ୍ରଶାସନ ଗୁରୁତ୍ୱ ଦେଉଛି। ଚଳିତ ମାସରେ ହୁଣ୍ଡି ଆୟ ଆଶାନୁରୂପ ଭାବେ ବଢ଼ିଛି। ଗତ ସପ୍ତାହର ତଥ୍ୟ ଅନୁଯାୟୀ, ଜୁନ୍ ୧୨ ତାରିଖଠାରୁ ୫୩ ଲକ୍ଷ ୪୭ ହଜାର ୯୭୬ ଟଙ୍କା ଆଦାୟ ହୋଇଛି। ସେଥିମଧ୍ୟରୁ କେବଳ ଜୁନ୍ ୧୨ ତାରିଖ ଦିନ ହିଁ ୧୨ ଲକ୍ଷ ୬୫ ହଜାର ୭୬୯ ଟଙ୍କା ହୁଣ୍ଡିରୁ ମିଳିଥିଲା।

# ଚାମେଲୀଙ୍କ ସମର୍ଥନରେ ପୁରୀ ଜିଲ୍ଲା ସରପଞ୍ଚ ସଂଘ

ପୁରୀ,୨୦।୬(ସମିସ)

କେନ୍ଦ୍ରାପଡ଼ା ଜିଲ୍ଲା ମହାକାଳପଡ଼ା ବ୍ଲକ୍ ତିଖିରୀ ପଞ୍ଚାୟତର ଚର୍ଚ୍ଚିତ ସରପଞ୍ଚ ଚାମେଲୀ ଓଝାଙ୍କ ସମର୍ଥନରେ ବାହାରିଛନ୍ତି ପୁରୀ ଜିଲ୍ଲା ସରପଞ୍ଚ ସଂଘ। ଚାମେଲୀଙ୍କୁ ନ୍ୟାୟ ପ୍ରଦାନ ଦାବିରେ ଶନିବାର ପୁରୀରେ ସଂଘ ପକ୍ଷରୁ ପଦଯାତ୍ରା କରାଯିବା ସହ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଜିଲ୍ଲାପାଳଙ୍କୁ ଦାବିପତ୍ର ପ୍ରଦାନ କରାଯାଇଛି। ନ୍ୟାୟ ପଦଯାତ୍ରାରେ ନିଜେ ସାମିଲ୍ ରହିଥିଲେ ଚାମେଲୀ। ବିଡିଓଙ୍କ ମିଛ କେସ୍ ଓ ପୁଲିସର ମାଡ଼ ବିରୋଧରେ ଦାବିପତ୍ର ପ୍ରଦାନ କରାଯାଇଛି ବୋଲି କହିଛନ୍ତି ଚାମେଲୀ। ସୁସ୍ଥ ହେବା ପରେ ମହାପ୍ରଭୁଙ୍କ ଦର୍ଶନ ଉଦ୍ଦେଶ୍ୟରେ ପୁରୀ ଆସିଥିଲି। ଦର୍ଶନ ପରେ ସରପଞ୍ଚ ଭାଇ-ଭଉଣୀଙ୍କ ଦାବିପତ୍ର ପ୍ରଦାନ ଶୋଭାଯାତ୍ରାରେ ସାମିଲ୍ ହେଲି। ଆଗକୁ ନ୍ୟାୟ ପାଇଁ ଲଢ଼େଇ ଜାରି ରହିବ ବୋଲି ପ୍ରତିକ୍ରିୟା ରଖିଛନ୍ତି ଚାମେଲୀ।

### ଚାମେଲୀଙ୍କୁ ନ୍ୟାୟ ପ୍ରଦାନ ଲାଗି ଦାବିପତ୍ର ପ୍ରଦାନ

### ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ଚାମେଲୀଙ୍କୁ ସ୍ୱାଗତ



ଅନ୍ୟପକ୍ଷରେ ନିଖିଳ ଉତ୍କଳ ବିଶ୍ୱକର୍ମା ସମିତି ପକ୍ଷରୁ ଚାମେଲୀଙ୍କୁ ପୁରୀରେ ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରାଯାଇଛି। ଚାମେଲି ଓଝା ମହାରଣା ସମ୍ପ୍ରଦାୟର। ସମିତି ପକ୍ଷରୁ ରାଜ୍ୟ ସଭାପତି ସୂର୍ଯ୍ୟନାରାୟଣ ମହାରଣା ଓ ରାଜ୍ୟ ସମ୍ପାଦକ ମନୋରଞ୍ଜନ ମହାରଣା ଗୋଏଙ୍କା ଧର୍ମଶାଳାଠାରେ ତାଙ୍କ ପ୍ରତି ହୋଇଥିବା ଅନ୍ୟାୟ ସମ୍ପର୍କରେ ପଚାରି ବୁଝିଥିଲେ। ଯଦି ତାଙ୍କୁ ନ୍ୟାୟ ନ ମିଳେ ତେବେ ସମିତି ତାଙ୍କ ସହିତ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣାରେ ବସିବ। ରାଜ୍ୟର ୨୦ ଲକ୍ଷରୁ ଊର୍ଦ୍ଧ୍ୱ ବିଶ୍ୱକର୍ମା ପରିବାର ସାମିଲ୍ ହୋଇ ଆଗାମୀ ନିର୍ବାଚନରେ ତା'ର ଜବାବ ଦେବେ ବୋଲି କହିଥିଲେ। ଏହି ଆଲୋଚନାରେ ସମିତିର ଗଞ୍ଜାମ ଜିଲ୍ଲା ସଭାପତି ଧିରେନ ମହାରଣା, କଟକ ଜିଲ୍ଲା ସଭାପତି ଯୁଧିଷ୍ଠିର ମହାରଣା, ଢେଙ୍କାନାଳ ଜିଲ୍ଲା ସଭାପତି ଭୋଳେଶ୍ୱର ମହାରଣା, କଟକ ନଗର ସମ୍ପାଦକ ସୁଶାନ୍ତ ମହାରଣା, ପୁରୀ ନଗର ସଭାପତି ହୃଷୀକେଶ ମହାରଣା ଓ ରମେଶ ମହାରଣା, ରାଜ୍ୟ ଯୁଗ୍ମ ସମ୍ପାଦକ ପ୍ରମୋଦ ମହାରଣା, କୋଷାଧ୍ୟକ୍ଷ ଗୁରୁ ସୁତାର, ସଂଗଠନ ସମ୍ପାଦକ ଗୋବର୍ଦ୍ଧନ ମହାରଣା, କାର୍ଯ୍ୟକାରିଣୀ ସଭ୍ୟ ବିଶ୍ୱନାଥ ମହାରଣା, ଗଙ୍ଗାଧର ମହାରଣା, ସୁଦର୍ଶନ ମହାରଣାଙ୍କ ସମେତ ୩୦ରୁ ଅଧିକ କାର୍ଯ୍ୟକର୍ତ୍ତା ଉପସ୍ଥିତ ଥିଲେ।

### ଚେଙ୍ଗୁଆବାସୀଙ୍କ ଦୁଃଖ ବାଘୁଆ ନାଳ

# ବାଉଁଶ ପୋଲ ଭରସା, ସ୍ଥାୟୀ ପୋଲ ନିର୍ମାଣ ଦାବି

ବଡ଼ସାହି, ୨୦।୬(ସମିସ): ବଡ଼ସାହି ବ୍ଲକ ଅଧୀନ ଭୀମଦା ପଞ୍ଚାୟତର ଚେଙ୍ଗୁଆ ଗ୍ରାମ ଆଦିବାସୀ ସାହି ନିକଟରେ ଥିବା ବାଘୁଆ ନାଳ ଗ୍ରାମବାସୀଙ୍କ ଦୁଃଖ ପାଲଟିଛି। ଦୀର୍ଘଦିନର ଦାବି ପରେ ମଧ୍ୟ ଏଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ ହୋଇପାରିନାହିଁ। ଫଳରେ ପ୍ରତିବର୍ଷ ଏହି ନାଳ ପାର ହେବାକୁ ଅସ୍ଥାୟୀ ବାଉଁଶ ପୋଲ ହିଁ ଭରସା ପାଲଟିଛି। ବାରମ୍ବାର ପଞ୍ଚାୟତରୁ ଚିଠି ହେବା, ପଞ୍ଚାୟତ ସମିତି ବୈଠକରେ ଏହି ସମସ୍ୟାର ସମାଧାନ ପାଇଁ ଆଲୋଚନା ହେବା ପରେ ବିଡିଓମାନେ ସ୍ଥାନ ପରିଦର୍ଶନ କରି ଗ୍ରାମବାସୀଙ୍କ ସହିତ ଆଲୋଚନା କରିଥିଲେ। ଏପରିକି ଗ୍ରାମବାସୀ ପକ୍ଷରୁ ବିଧାୟକଙ୍କ ଦୃଷ୍ଟି ଆକର୍ଷଣ ମଧ୍ୟ କରାଯାଇଛି। ମାତ୍ର ଫଳ ଶୂନ। ସେମାନଙ୍କର ପ୍ରତିଶ୍ରୁତି ଅଦ୍ୟାବଧି କେବଳ ପ୍ରତିଶ୍ରୁତିରେ ଅଟକି ରହିଛି। ଗ୍ରାମବାସୀ ବିଶେଷକରି ଚାଷୀ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଦୀର୍ଘଦିନରୁ ଏହି ନାଳରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଗ୍ରାମବାସୀ ବିଧାୟକ, ଜିଲ୍ଲାପାଳ ଓ ପ୍ରଶାସନର ଦ୍ୱାରସ୍ଥ ହୋଇ ଗୁହାରୀ ଜଣାଇଥିଲେ ହେଁ ଏଯାବତ ଉକ୍ତ ସ୍ଥାନରେ ସ୍ଥାୟୀ ପୋଲ ନିର୍ମାଣ ପାଇଁ କୌଣସି ଆଶା ସଞ୍ଚାର ହୋଇନାହିଁ। ଯାହାକୁ ନେଇ ଗ୍ରାମର ପାଖାପାଖି ୫୦ରୁ ୬୦ ଆଦିବାସୀ ପରିବାର ପରିବା ଓ ଧାନଚାଷ ପାଇଁ ବିପଦଜନକ ଭାବେ ଉକ୍ତ ନାଳ ପାର ହୋଇ ଅପରପାର୍ଶ୍ୱରେ ଥିବା କେରକୁଲିରେ ନିଜ ଚାଷଜମିକୁ ଦୈନିକ ଯିବା ଆସିବା କରିବା ସହିତ ଗୋରୁ ଗାଈଙ୍କ ପାଇଁ ଘାସ ସଂଗ୍ରହ କରିଥା'ନ୍ତି।



ଉକ୍ତ ନାଳ ପାର ହେବା ପାଇଁ ସେମାନେ ନିଜ ଖର୍ଚ୍ଚରେ ପ୍ରତିବର୍ଷ ଏକ ବାଉଁଶ ପୋଲ ନିର୍ମାଣ କରିଥା'ନ୍ତି। ମାତ୍ର ପ୍ରତିବର୍ଷ ବର୍ଷାଦିନେ ବନ୍ୟା ପାଣିରେ ଉକ୍ତ ପୋଲ ଭାସିଯାଉଛି। ଫଳରେ ଚାଷୀ ନିଜ ନିଜ ଜୀବନକୁ ବାଜି ଲଗାଇ ଭରା ନଦୀ ପାଣିରେ ପହଁରି ପହଁରି ଚାଷ କାର୍ଯ୍ୟ ପାଇଁ ଆରପାରିକୁ ଯାଇଥା'ନ୍ତି। ଚାଷୀଙ୍କ ଦୁଃଖ ବୁଝିବାକୁ ପ୍ରଶାସନ ଓ ବିଧାୟକଠାରୁ ନିରାଶ ହେବା ପରେ ଚେଙ୍ଗୁଆ ଗ୍ରାମର ଚାଷୀ ଗଣମାଧ୍ୟମର ଦୃଷ୍ଟି ଆକର୍ଷଣ କରିଛନ୍ତି। ଉକ୍ତ ସମସ୍ୟାକୁ ଦୃଷ୍ଟିରେ ରଖି ଆଗାମୀ ଦିନରେ ସେଠାରେ ଏକ ସ୍ଥାୟୀ ପୋଲ ନିର୍ମାଣ ପାଇଁ ଗ୍ରାମର ହରିଶ୍ଚନ୍ଦ୍ର ସାମଲ, ଗିରିଶ ଚନ୍ଦ୍ର ପ୍ରଧାନ, ଲକ୍ଷ୍ମୀଧର ପାତ୍ର, ଗୁଣାକର ସାମଲ, ଅନନ୍ତ ପ୍ରଧାନ, ସନ୍ତୋଷ ପ୍ରଧାନ, ସୁରେନ୍ଦ୍ର ପାତ୍ର, ଶତ୍ରୁଘନ ପଲେଇ, ଧୀରେନ୍ଦ୍ର ମାଟିଆ, ନିରାକାର ସାମଲ, ନିରଞ୍ଜନ ଗାୟ, ୱାର୍ଡମେମ୍ବର ଦିଲ୍ଲୀପ କୁମାର ପ୍ରଧାନ, ଜଟେଲ ସିଂ ପ୍ରମୁଖ ଦାବି କରିଛନ୍ତି।

## ପ୍ରାକୃତିକ ବିପର୍ଯ୍ୟୟ ମୁକାବିଲା ମକ୍‌ଡ୍ରିଲ୍

ଉଦଳା, ୨୦।୬(ସମିସ): ଓଡ଼ିଶା ରାଜ୍ୟ ବିପର୍ଯ୍ୟୟ ପରିଚାଳନା ପ୍ରାଧିକରଣ ଓ ମୟୂରଭଞ୍ଜ ଜିଲ୍ଲା ବିପର୍ଯ୍ୟୟ ପରିଚାଳନା ନିର୍ଦ୍ଦେଶକ୍ରମେ ଉଦଳା ବ୍ଲକ ସମ୍ମିଳନୀ କକ୍ଷରେ ବ୍ଲକସ୍ତରୀୟ ବିପର୍ଯ୍ୟୟ ମୁକାବିଲା, ପ୍ରସ୍ତୁତି ଓ ପରିଚାଳନା ନିମନ୍ତେ ବାତ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ମଞ୍ଜୁଲତା ବିଶ୍ୱାଳ, ଉପାଧ୍ୟକ୍ଷ ରଜନୀ ଦାସ ଯୋଗ ଦେଇଥିବାବେଳେ ପର୍ଯ୍ୟବେକ୍ଷକ ଭାବେ ଉଦଳା ଉପଖଣ୍ଡର ଡେପୁଟି କଲେକ୍ଟର ଦିଲ୍ଲୀପ ନାୟକ, ବିଡିଓ ସମରଜିତ କର, ଏବିଡିଓ ଶରତ ମହାନ୍ତିଙ୍କ ସହିତ ସମସ୍ତ ବିଭାଗର ଅଧିକାରୀ ଓ ଉଦଳା ବ୍ଲକ ଅନ୍ତର୍ଗତ ସମସ୍ତ ପଞ୍ଚାୟତର ସରପଞ୍ଚ, ସମିତି ସଭ୍ୟସଭ୍ୟା ଉପସ୍ଥିତ ଥିଲେ। ଉକ୍ତ କାର୍ଯ୍ୟକ୍ରମକୁ ଉଦଳା ବ୍ଲକର ଭାରପ୍ରାପ୍ତ ସାମାଜିକ ସୁରକ୍ଷା ଅଧିକାରୀ ଭାଗ୍ୟଶ୍ରୀ ନାୟକ ପରିଚାଳନା କରିଥିଲେ।

## ୨୨ରେ କପ୍ତିପଦା ଉପଖଣ୍ଡ ପାଇଁ ଜନଶୁଣାଣି ଶିବିର

ଉଦଳା, ୨୦।୬(ସମିସ): ମୟୂରଭଞ୍ଜ ଜିଲ୍ଲା କାର୍ଯ୍ୟାଳୟ ଦ୍ୱାରା ନିର୍ଦ୍ଧାରିତ କାର୍ଯ୍ୟସୂଚୀ ଅନୁଯାୟୀ ଚଳିତ ମାସ ଚତୁର୍ଥ ସୋମବାର ୨୨ ତାରିଖ ଦିନ କପ୍ତିପଦା ଉପଖଣ୍ଡ ପାଇଁ ଜିଲ୍ଲାପାଳ ଓ ଆରକ୍ଷୀ ଅଧୀକ୍ଷକଙ୍କ ମିଳିତ ଜନଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହେବ। ଉପଜିଲ୍ଲାପାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ତାଙ୍କ ସମ୍ମିଳନୀ କକ୍ଷରେ ଆୟୋଜିତ ହେବାକୁ ଥିବା ଏହି ଶୁଣାଣି କାର୍ଯ୍ୟ ପୂର୍ବାହ୍ନ ୧୦ ଘଟିକା ସମୟରେ ଅନୁଷ୍ଠିତ ହେବ। ଏହି ଶିବିରରେ ଉପଖଣ୍ଡ ତଥା ବ୍ଲକସ୍ତରୀୟ ସମସ୍ତ ବିଭାଗୀୟ ଅଧିକାରୀଙ୍କ ଉପସ୍ଥିତିରେ ଶୁଣାଣି କରାଯାଇ ଉତ୍ଥାପିତ ଅଭିଯୋଗର ଯଥାସମ୍ଭବ ସମାଧାନ ପାଇଁ ନିର୍ଦ୍ଦେଶ ଦିଆଯାଇଥାଏ। ସରକାରୀ ଯୋଜନାର କାର୍ଯ୍ୟକାରିତା, ଦୁର୍ନୀତି, ଜନକଲ୍ୟାଣ, ସାମାଜିକ ସୁରକ୍ଷା ଆଦି ସମ୍ବଳିତ ବ୍ୟକ୍ତିଗତ ଓ ସାମୂହିକ ସମସ୍ୟା ନେଇ ନିର୍ଦ୍ଧାରିତ ସମୟ ପୂର୍ବରୁ ପହଞ୍ଚି ନିଜ ଦରଖାସ୍ତକୁ ପଞ୍ଜିକୃତ କରାଇବାକୁ ଅନୁରୋଧ କରାଯାଇଛି।

## କର୍କଟ ପୀଡ଼ିତଙ୍କୁ ପ୍ଲେଟଲେଟ୍ ଦାନକଲେ ସମାଜସେବୀ



ବାରିପଦା, ୨୦।୬(ସମିସ): ବାରିପଦାର ବିଶିଷ୍ଟ ସମାଜସେବୀ ତଥା ନିୟମିତ ରକ୍ତଦାତା ଡଃ ନିରୋଜ କୁମାର ପୋଥାଳ ପୁଣିଥରେ ଜଣେ କର୍କଟ ପୀଡ଼ିତ ରୋଗୀଙ୍କ ଜୀବନ ରକ୍ଷା ପାଇଁ ଦେବଦୂତ ସାଜି ଆଗେଇ ଆସିଛନ୍ତି। ସେ କଟକସ୍ଥ ଏସ୍‌ସିବି ମେଡିକାଲ କଲେଜ ଓ ହସ୍ପିଟାଲରେ ଚିକିତ୍ସାଧୀନ ଜଣେ କର୍କଟ ରୋଗୀଙ୍କ ପାଇଁ ନିଜର ମୂଲ୍ୟବାନ ପ୍ଲେଟଲେଟ୍ ଦାନ କରିଛନ୍ତି। ଏସ୍‌ସିବି ମେଡିକାଲ କଲେଜ ବ୍ଲଡ୍ ବ୍ୟାଙ୍କର ପ୍ରତିଷ୍ଠିତ ଚିକିତ୍ସକ ଡାକ୍ତର ରାଜନାରାୟଣ ସ୍ୱାଇଁଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏହି ପ୍ଲେଟଲେଟ୍ ସଂଗ୍ରହ କରାଯାଇଥିଲା। ଏ ଅବସରରେ ବିଶିଷ୍ଟ ସମାଜସେବୀ ମୋହନ ମହାରଣା, ଡ. ଗଜେନ୍ଦ୍ର ସେନାପତି, ସରୋଜିନୀ ସାହୁ ଓ ସନ୍ଧ୍ୟାରାଣୀ ଲେଙ୍କା ପ୍ରମୁଖ ଉପସ୍ଥିତ ରହି ଡଃ ନିରୋଜଙ୍କୁ ଏସଡିପି (ପ୍ଲେଟଲେଟ) ଦାନ ପାଇଁ ଉତ୍ସାହିତ କରିଥିଲେ।

ସୂଚନା ମୁତାବକ, ଡଃ ନିରୋଜ କୁମାର ପୋଥାଳ ଏହା ପୂର୍ବରୁ ମଧ୍ୟ ଅନେକ ଥର ଜରୁରିକାଳୀନ ସ୍ଥିତିରେ ନିଜ ଖର୍ଚ୍ଚରେ ବାରିପଦାରୁ କଟକ ଓ ଭୁବନେଶ୍ୱରକୁ ଦୌଡ଼ି ଆସି ଅସହାୟ ରୋଗୀଙ୍କ ଜୀବନ ବଞ୍ଚାଇଛନ୍ତି। ବିଶେଷକରି ଡେଙ୍ଗୁ, କ୍ୟାନ୍ସର ଓ ବୋନମେରୋ ଚିକିତ୍ସାଧୀନ ରୋଗୀଙ୍କୁ ସେ ସ୍ୱଇଚ୍ଛାରେ ପ୍ଲେଟଲେଟ୍ ଦାନ କରି ମାନବିକତାର ଅନନ୍ୟ ଦୃଷ୍ଟାନ୍ତ ସୃଷ୍ଟି କରିଛନ୍ତି। ମାନବ ସେବାକୁ ଶ୍ରେଷ୍ଠ ସେବା ଭାବେ ଗ୍ରହଣ କରିଥିବା ଡଃ ନିରୋଜ ଆଜି ପର୍ଯ୍ୟନ୍ତ ୨୬ ଥର ପ୍ଲେଟଲେଟ୍ ଦାନ ସହ ସର୍ବମୋଟ ୧୩୭ ଥର ସ୍ୱେଚ୍ଛାକୃତ ରକ୍ତଦାନ କରି ବିରଳ ରେକର୍ଡ ସୃଷ୍ଟି କରିଛନ୍ତି। ତାଙ୍କର ଏହି ନିସ୍ୱାର୍ଥପର ସେବା ପାଇଁ ସେ ରାଜ୍ୟ ଓ ଜାତୀୟ ସ୍ତରରେ ଅନେକ ସମ୍ମାନ ଓ ପୁରସ୍କାରରେ ସମ୍ମାନିତ ହୋଇଛନ୍ତି। କେବଳ ନିଜେ ରକ୍ତଦାନ କରିବାରେ ସୀମିତ ନ ରହି ଡଃ ନିରୋଜ ଦେଶର ବିଭିନ୍ନ ପ୍ରାନ୍ତରେ ରକ୍ତଦାନ ସଚେତନତା ଅଭିଯାନ ଚଳାଇ ଯୁବପିଢ଼ିଙ୍କୁ ସ୍ୱେଚ୍ଛାକୃତ ରକ୍ତଦାନ ପାଇଁ ପ୍ରେରିତ କରୁଛନ୍ତି। ତାଙ୍କର ଏହି ମହତ୍ କାର୍ଯ୍ୟ ଓ ନିରନ୍ତର ପ୍ରୟାସ ଆଜି ଅନେକ ଯୁବକଙ୍କ ପାଇଁ ପ୍ରେରଣାର ଉତ୍ସ ପାଲଟିଛି ବୋଲି ବିଭିନ୍ନ ମହଲରୁ ମତପ୍ରକାଶ ପାଇଛି।

## ୫୪ ଲିଟର ମଦ ଜବତ, ୪ ଗିରଫ

କୁଆମରା, ୨୦।୬(ସମିସ): ବେଆଇନ ମଦ କାରବାର ଅଭିଯୋଗରେ ଖୁଣ୍ଟା ଅବକାରୀ ଥାନା ପକ୍ଷରୁ ବିଭିନ୍ନ ସ୍ଥାନରେ ଚଢ଼ଉ କରାଯାଇ ୨ ମହିଳାଙ୍କ ସମେତ ୪ ଅଭିଯୁକ୍ତଙ୍କୁ ଗିରଫ କରାଯାଇଛି ଓ ସେମାନଙ୍କଠାରୁ ୫୪ ଲିଟର ମଦ ଜବତ ହୋଇଛି। ଏହି ଥାନା ଅନ୍ତର୍ଗତ କରକଟିଆ ଗ୍ରାମର ବୁଧୁରାମ ସିଂଙ୍କଠାରୁ ୨୦ ଲିଟର, ବଣକାଟି ଗ୍ରାମର ସାରଥୀ ମୁର୍ମୁ ଓ ସୁନୀତା ଟୁଡୁଙ୍କଠାରୁ ୧୨ ଲିଟର ଲେଖାଏଁ, ଘଣ୍ଟଶିଳା ଗ୍ରାମର ମାଳତୀ ମୁର୍ମୁଙ୍କଠାରୁ ୧୦ ଲିଟର ଦେଶୀମଦ ଜବତ ହୋଇଛି। ସେମାନଙ୍କ ବିରୋଧରେ ପୃଥକ ମାମଲା ରୁଜୁ ହୋଇଛି। ଏଏସ୍‌ଆଇ କୃଷ୍ଣସୁନ୍ଦର ସେଠୀ, କିଶୋର ସୋରେନ, ନିରଞ୍ଜନ ମହାନ୍ତ, ପାର୍ବତୀ ମାରାଣ୍ଡି ପ୍ରମୁଖ ଚଢ଼ଉରେ ସାମିଲ ଥିଲେ।

### କେବେ ହେବ କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ

# ୧୦ ବର୍ଷ ଧରି ପୁରୁଣା ପଞ୍ଚାୟତ କାର୍ଯ୍ୟାଳୟରେ ଚାଲିଛି କାମ

ବେତନଟୀ, ୨୦।୬(ସମିସ): ମୟୂରଭଞ୍ଜ ଜିଲ୍ଲା ବେତନଟୀ ବ୍ଲକ ଅଧୀନ କେନ୍ଦୁଆ ପଞ୍ଚାୟତର ନିଜସ୍ୱ କାର୍ଯ୍ୟାଳୟ ନିର୍ମାଣ ପାଇଁ ୧୦ ବର୍ଷ ଧରି ଚାଲିଛି ଟଣାଓଟରା। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ତୀବ୍ର ଅସନ୍ତୋଷ ସୃଷ୍ଟି ହେଲାଣି। ପ୍ରଶାସନିକ ଓ ରାଜନୈତିକ ସ୍ତରରେ ଏକାଧିକ ପ୍ରସ୍ତାବ ପାରିତ ହୋଇଥିଲେ ମଧ୍ୟ କାର୍ଯ୍ୟ ଆଗେଇ ପାରୁନାହିଁ। ଫଳରେ ପୁରୁଣା ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟରେ କାମ ଚାଲିଛି। କେନ୍ଦୁଆ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ କରାଯିବାକୁ ଦାବି ହେଉଛି।

୨୦୧୭ ତ୍ରିସ୍ତରୀୟ ପଞ୍ଚାୟତ ନିର୍ବାଚନ ପୂର୍ବରୁ ବୈଶିଙ୍ଗା ପଞ୍ଚାୟତରୁ ବିଭକ୍ତ ହୋଇ କେନ୍ଦୁଆ ପଞ୍ଚାୟତ ଗଠନ ହୋଇଥିଲା। ପ୍ରଥମ ମହିଳା ସରପଞ୍ଚ ସ୍ନିଗ୍ଧା ରାଣୀ ହାଁସଦାଙ୍କ ନେତୃତ୍ୱରେ ପଞ୍ଚାୟତ କାର୍ଯ୍ୟ ଆରମ୍ଭ ହୋଇଥିଲା। କିନ୍ତୁ ନିଜସ୍ୱ କାର୍ଯ୍ୟାଳୟ ନ ଥିବାରୁ ଏ ପର୍ଯ୍ୟନ୍ତ ବୈଶିଙ୍ଗା ପଞ୍ଚାୟତର ପୁରୁଣା କାର୍ଯ୍ୟାଳୟରେ କେନ୍ଦୁଆ ପଞ୍ଚାୟତର କାର୍ଯ୍ୟ ଚାଲିଆସୁଛି। ସରକାରୀ ଅର୍ଥ ମଞ୍ଜୁର ପରେ ବେତନଟୀ ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କ ପତ୍ର ସଂଖ୍ୟା ୫୧୮/୧୩।୨।୨୦ ଅନୁଯାୟୀ ଉପଜିଲ୍ଲାପାଳ ବାରିପଦାଙ୍କ ସହଯୋଗରେ ଯୁଗ୍ମ କମିଟି ଗଠନ କରାଯାଇ ମୋହନପୁର ଗ୍ରାମର ଖାତା ନମ୍ବର ୧୩୦, ପ୍ଲଟ ନମ୍ବର ୨୭୫ରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ନିଷ୍ପତ୍ତି ହୋଇଥିଲା। ଉକ୍ତ ଜମି ଜଙ୍ଗଲ କିସମ ଥିବାରୁ ୩୦।୭।୨୦ରେ ପଲ୍ଲିସଭା ଓ ପରବର୍ତ୍ତୀ ସମୟରେ ଗ୍ରାମସଭାରେ ଏହି ପ୍ଲଟକୁ ଗ୍ରାମ୍ୟ ଜଙ୍ଗଲ କିସମରୁ ଘରବାରି କିସମକୁ ପରିବର୍ତ୍ତନ ପାଇଁ ପ୍ରସ୍ତାବ ପାରିତ ହୋଇଥିଲା। ମାତ୍ର କେତେକ ରାଜନୈତିକ ବଡ଼ପଣ୍ଡାଙ୍କ ଦ୍ୱାରା ପତିଆରା ବିସ୍ତାର ପାଇଁ ରାଜନୈତିକ ବିରୋଧ ଓ ଗ୍ରାମବାସୀଙ୍କ ମଧ୍ୟରେ ଦ୍ୱନ୍ଦ୍ୱ ଯୋଗୁଁ ପ୍ରକଳ୍ପ ଆଗେଇ ପାରିଲାନାହିଁ। ୨୦୨୧ ନଭେମ୍ବରରେ ତତ୍କାଳୀନ ସରପଞ୍ଚ ସ୍ନିଗ୍ଧାରାଣୀ ହାଁସଦା ଜିଲ୍ଲାପାଳଙ୍କୁ ଦାବିପତ୍ର ଦେଇଥିଲେ। ପରେ ଆଉଥରେ ସ୍ଥାନ ନିରୂପଣ ପାଇଁ କମିଟି ଗଠନ ହୋଇଥିଲେ ମଧ୍ୟ ୨୦୨୨ ପଞ୍ଚାୟତ ନିର୍ବାଚନ ପରେ କୌଣସି କାମ ହୋଇ ନ ଥିଲା। ୨୦୨୪ ନଭେମ୍ବର ୨୨ ତାରିଖରେ ବିଧାୟକ ସନାତନ ବିଜୁଳି ବୈଶିଙ୍ଗା ପଞ୍ଚାୟତ କାର୍ଯ୍ୟାଳୟ ପରିସରରେ ନୂତନ କାର୍ଯ୍ୟାଳୟ ନିର୍ମାଣ ପାଇଁ ଭୂମିପୂଜା କରିଥିଲେ। ଏହାକୁ ବିରୋଧ କରି କେନ୍ଦୁଆ ପଞ୍ଚାୟତର ୯ଟି ୱାର୍ଡର ୱାର୍ଡ ସଭ୍ୟ ଓ ଶତାଧିକ ଗ୍ରାମବାସୀ ପୂର୍ବ ନିର୍ଦ୍ଧାରିତ ସ୍ଥାନ ମୋହନପୁରରେ କାର୍ଯ୍ୟାଳୟ ନିର୍ମାଣ ପାଇଁ ପ୍ରସ୍ତାବ ଗ୍ରହଣ କରିଛନ୍ତି। ସେମାନେ ଅଭିଯୋଗ କରିଛନ୍ତି ଯେ ନୂତନ ସ୍ଥାନଟି ଗ୍ରାମର ମୁଖ୍ୟ ଅଞ୍ଚଳଠାରୁ ୫/୬ କିଲୋମିଟର ଦୂରରେ ଥିବାରୁ ରାସନ, ବାର୍ଦ୍ଧକ୍ୟ ଭତ୍ତା ଆଦି ଆଣିବାକୁ ଯିବା ଓ ଅନ୍ୟାନ୍ୟ କାମରେ ଗ୍ରାମ ପଞ୍ଚାୟତକୁ ଯିବା ପାଇଁ ଗ୍ରାମବାସୀଙ୍କୁ ଅଧିକ କଷ୍ଟ ହେବ। ନୂତନ ବ୍ଲକ ଉନ୍ନୟନ ଅଧିକାରୀ ଏହି ସମସ୍ୟାର ଶୀଘ୍ର ସମାଧାନ କରିବେ ବୋଲି ଆଶ୍ୱାସନା ଦେଇଥିଲେ। ତଥାପି ୧୦ ବର୍ଷ ବିତିଯାଇଥିବା ସତ୍ତ୍ୱେ ପଞ୍ଚାୟତ କାର୍ଯ୍ୟାଳୟ ନିର୍ମାଣ ନ ହେବା ସ୍ଥାନୀୟ ଗ୍ରାମବାସୀଙ୍କ ପାଇଁ ଦୁଃଖର ବିଷୟ ହୋଇପଡ଼ିଛି। ପ୍ରଶାସନିକ ସ୍ତରରେ ଶୀଘ୍ର ହସ୍ତକ୍ଷେପ କରି ଗ୍ରାମବାସୀଙ୍କ ସହମତି କ୍ରମେ ଉପଯୁକ୍ତ ସ୍ଥାନରେ କାର୍ଯ୍ୟାଳୟ ନିର୍ମାଣ କରାଯିବା ଆବଶ୍ୟକ। ଏହାଦ୍ୱାରା ପଞ୍ଚାୟତର ପ୍ରଶାସନିକ କାର୍ଯ୍ୟ ସହଜ ହେବ ଓ ସ୍ଥାନୀୟ ଉନ୍ନୟନ ପ୍ରକ୍ରିୟା ତ୍ୱରାନ୍ୱିତ ହୋଇପାରିବ ବୋଲି ବୁଦ୍ଧିଜୀବୀ ମତବ୍ୟକ୍ତ କରିଛନ୍ତି।

## ବଜ୍ରପାତରେ ୪ ଛେଳି ମୃତ



ବିଶୋଇ, ୨୦।୬ (ସମିସ): କାଳବୈଶାଖୀଜନିତ ବଜ୍ରପାତରେ ବିଶୋଇ ବ୍ଲକ ଏନବି ପୋଖରିଆ ପଞ୍ଚାୟତର ଦାନ୍ତୁଣି ଗ୍ରାମରେ ୪ଟି ଛେଳିର ମୃତ୍ୟୁ ଘଟିଛି। ଗତକାଲି ଅପରାହ୍ନରେ ବିଶୋଇ ଅଞ୍ଚଳରେ କାଳବୈଶାଖୀ ବର୍ଷା ଆରମ୍ଭ ହେବା ସମୟରେ ଦାନ୍ତୁଣି ଗ୍ରାମର କାହ୍ନୁଚରଣ ବଦରାଙ୍କ ତିନୋଟି ମାଈ ଓ ଗୋଟିଏ ଅଣ୍ଡିରା ଛେଳି ଅନ୍ୟ ଛେଳି ସହିତ ଏକ ତେନ୍ତୁଳି ଗଛ ତଳେ ଆଶ୍ରୟ ନେଇଥିଲେ। ଏହି ସମୟରେ ଉକ୍ତ ସ୍ଥାନରେ ବଜ୍ରପାତ ଘଟି ଉକ୍ତ ୪ଟି ଛେଳିର ମୃତ୍ୟୁ ଘଟିଥିଲା। ଖବରପାଇ ଖଡ଼ମବେଡା ରାଜସ୍ୱ ନିରୀକ୍ଷକ ଲକ୍ଷ୍ମୀଶ୍ୱର ସେଠୀ ଘଟଣାସ୍ଥଳରେ ପହଞ୍ଚି ଘଟଣାର ପ୍ରାଥମିକ ତଦନ୍ତ କରି କ୍ଷତି ଆକଳନ କରିବା ସହିତ ବିଶୋଇ ପ୍ରାଣୀ ଚିକିତ୍ସା ଅଧିକାରୀ ମୃତ ସମସ୍ତ ଛେଳିକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ଚିକିତ୍ସାଳୟକୁ ଆଣିଥିଲେ। ମୃତ ସମସ୍ତ ଛେଳି ବାବଦକୁ ଯଥାଶୀଘ୍ର କ୍ଷତିପୂରଣ ଯୋଗାଇଦେବାକୁ ଛେଳି ମାଲିକ କାହ୍ନୁଚରଣ ଦାବି କରିଛନ୍ତି।

**● ଓଡ଼ିଶା ଡମ ସମାଜ ବିକାଶ ଟ୍ରଷ୍ଟ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ଦ୍ୱାରସ୍ଥ**

## ମୟୂରଭଞ୍ଜରେ ସାଂସ୍କୃତିକ ଭବନ ନିର୍ମାଣ ଦାବି

ବାରିପଦା, ୨୦।୬(ସମିସ): ମୟୂରଭଞ୍ଜ ଜିଲ୍ଲାର ଅନୁସୂଚିତ ଜାତି ଡମ ସମାଜର ବିକାଶ ପାଇଁ ସାଂସ୍କୃତିକ କେନ୍ଦ୍ର ନିର୍ମାଣ କରିବାକୁ ଓଡ଼ିଶା ଡମ ସମାଜ ବିକାଶ ଟ୍ରଷ୍ଟ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କୁ ଅନୁରୋଧ କରିଛି। ଟ୍ରଷ୍ଟର ସଭାପତି କରମ ଚନ୍ଦ୍ର କାଳନ୍ଦି ଏକ ପତ୍ର ମାଧ୍ୟମରେ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କୁ ଅବଗତ କରାଇଛନ୍ତି। ମୟୂରଭଞ୍ଜ ଜିଲ୍ଲାର ବିଭିନ୍ନ ଗ୍ରାମରେ ଡମ ସମାଜର ଲୋକେ ବସବାସ କରୁଛନ୍ତି। ସେମାନେ ବାଉଁଶରୁ କୁଲା, ପଛିଆ, ଡାଲା ଆଦି ପାରମ୍ପରିକ ସାମଗ୍ରୀ ତିଆରି କରି ଜୀବିକା ନିର୍ବାହ କରନ୍ତି। କିନ୍ତୁ ସେମାନଙ୍କର ପାରମ୍ପରିକ ସଂସ୍କୃତି ଓ ସମ୍ପତ୍ତି ସୁରକ୍ଷିତ ରଖିବା ପାଇଁ କୌଣସି ସ୍ଥାନ ନ ଥିବାରୁ ଖରା, ବର୍ଷା ଓ ଶୀତ ଋତୁରେ ବହୁତ କଷ୍ଟ ସହିବାକୁ ପଡୁଛି। ପତ୍ରରେ ଉଲ୍ଲେଖ କରାଯାଇଛି ଯେ, ଫେବୃଆରୀ ୪ ତାରିଖରେ ରାଷ୍ଟ୍ରପତିଙ୍କୁ ପୂର୍ବରୁ ଅଭିଯୋଗ କରାଯାଇଥିଲା। ତେବେ ଆଦିବାସୀ ଭବନ ପ୍ରଦାନ କରାଯାଇଥିବାବେଳେ ଡମ ସମାଜ ପାଇଁ କୌଣସି ଭବନ ମିଳି ନ ଥିବାରୁ ସମ୍ପ୍ରଦାୟର ଲୋକଙ୍କ ମଧ୍ୟରେ ଦୁଃଖ ଓ ଅସନ୍ତୋଷ ରହିଛି। ଜିଲ୍ଲା ସଦର ଓ ବ୍ଲକ ସ୍ତରରେ ଡମ ସମାଜର ସାଂସ୍କୃତିକ ଭବନ ନିର୍ମାଣ ପାଇଁ ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ହସ୍ତକ୍ଷେପ କାମନା କରିଛନ୍ତି ଟ୍ରଷ୍ଟ ସଭାପତି କରମ୍ ଚାନ୍ଦ। ତାଙ୍କ ସହିତ ସଚିବ ବିଶ୍ୱରଞ୍ଜନ ବାଗ ଓ ଅଧ୍ୟକ୍ଷ ଲକ୍ଷ୍ମଣ କୁଆଁରଙ୍କ ସହଯୋଗରେ ଏହି ଆବେଦନ କରାଯାଇଛି। ଏହି ପତ୍ର ମୟୂରଭଞ୍ଜ ଜିଲ୍ଲାରେ ରାଷ୍ଟ୍ରପତିଙ୍କ ପରିଦର୍ଶନ ସମୟରେ ଦିଆଯାଇଥିବା ଜଣାପଡ଼ିଛି। ଡମ ସମାଜର ସାଂସ୍କୃତିକ ସଂରକ୍ଷଣ ଓ ବିକାଶ ପାଇଁ ପ୍ରଶାସନିକ ସ୍ତରରେ ଯଥାଶୀଘ୍ର ପଦକ୍ଷେପ ନେବାକୁ ଦାବି ଉଠିଛି।



## କୃଷି ବିଜ୍ଞାନ କେନ୍ଦ୍ର ପକ୍ଷରୁ ପିଏମ କିଷାନ ସମ୍ମାନ ନିଧି ଦିବସ



ବାରିପଦା, ୨୦।୬(ସମିସ): ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଜି ଦେଶର ୨୩ତମ ପିଏମ କିଷାନ ସମ୍ମାନ ନିଧି ବିତରଣ ଉତ୍ସବ ଅବସରରେ ରାଷ୍ଟ୍ରୀୟ ସ୍ତରରେ ତାରକେଶ୍ୱର, ପଶ୍ଚିମବଙ୍ଗରେ ଆୟୋଜିତ କାର୍ଯ୍ୟକ୍ରମ ମାଧ୍ୟମରେ ଚାଷୀଙ୍କୁ ୨୦୦୦ ଟଙ୍କାର ପ୍ରୋତ୍ସାହନ ରାଶି ପ୍ରଦାନ କରିଛନ୍ତି। ଏହି କାର୍ଯ୍ୟକ୍ରମର ସିଧା ପ୍ରସାରଣକୁ ଶାମାଖୁଣ୍ଟା କୃଷି ବିଜ୍ଞାନ କେନ୍ଦ୍ର, ମୟୂରଭଞ୍ଜ-୧ ପରିସରରେ ୧୦୭ ଜଣ କୃଷକ ଓ କୃଷି ମହିଳାଙ୍କୁ ନେଇ ପାଳନ କରିଛି। ଏ ପରିପ୍ରେକ୍ଷୀରେ କେନ୍ଦ୍ରର ବୈଜ୍ଞାନିକ ଓ କୃଷି ବିଭାଗ ଅଧିକାରୀ ଯୋଗଦେଇ ଚାଷୀ ଭାଇଭଉଣୀଙ୍କୁ ବିଭିନ୍ନ ଜ୍ଞାନକୌଶଳର ଦିଗ୍‌ଦର୍ଶନ ଦେଇଥିଲେ। କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ସମସ୍ତ କର୍ମଚାରୀ ସହଯୋଗ କରିଥିଲେ।

## ଯୁବ କଂଗ୍ରେସ ସଭାପତି ଥାନାରେ ଅଟକ

ମୋରଡ଼ା, ୨୦।୬(ସମିସ): ବିଭିନ୍ନ ସମୟରେ ରାଜନୈତିକ କାର୍ଯ୍ୟକ୍ରମ କିମ୍ବା ଆନ୍ଦୋଳନ ସମୟରେ କଂଗ୍ରେସ କର୍ମୀଙ୍କୁ ପୁଲିସ ଅଟକ ରଖିବା ଘଟଣା ସାମ୍ନାକୁ ଆସିଥାଏ। ଅଧିକାଂଶ ସମୟରେ ଆଇନଶୃଙ୍ଖଳା ରକ୍ଷା କିମ୍ବା ମୁଖ୍ୟମନ୍ତ୍ରୀ, ପ୍ରଧାନମନ୍ତ୍ରୀଙ୍କ ଗସ୍ତ ଭଳି ସମ୍ବେଦନଶୀଳ ସ୍ଥିତିରେ ପୂର୍ବରୁ ସୁରକ୍ଷା ଦୃଷ୍ଟିରୁ ପୁଲିସ ପକ୍ଷରୁ ପଦକ୍ଷେପ ନିଆଯାଇଥାଏ। ତେବେ ଏ ପରିପ୍ରେକ୍ଷୀରେ ଶନିବାର ରାଷ୍ଟ୍ରପତି ଓ ପ୍ରଧାନମନ୍ତ୍ରୀଙ୍କ ରାଇରଙ୍ଗପୁର ଗସ୍ତ ଥିବାବେଳେ ଶୁକ୍ରବାର ରାତି ୯ଟା ସମୟରେ ମୋରଡ଼ା ପୁଲିସ ମୋରଡା ନିର୍ବାଚନମଣ୍ଡଳୀର ଯୁବ କଂଗ୍ରେସ ସଭାପତି ତାପସ ରଞ୍ଜନ ରାଉତଙ୍କୁ ଥାନାକୁ ଉଠାଇ ଆଣିଥିବା ଦେଖିବାକୁ ମିଳିଛି। ତାପସ କହିଛନ୍ତି, ପୁଲିସ ଏଭଳି କାର୍ଯ୍ୟ କଲେ କେବେ ବି ଯୁବ ଓ ଛାତ୍ର କଂଗ୍ରେସର ସ୍ୱରକୁ ଦମନ କରିପାରିବନାହିଁ। ତେବେ ମୁଖ୍ୟ ବିରୋଧୀ ଦଳ ବିଜେଡି ଥିବାବେଳେ ଏକାକୀ ତାପସଙ୍କୁ ଉଠାଇ ଆଣି ପୁଲିସ ଥାନାରେ ବସାଇବା ଏହା ହୀନ ରାଜନୀତିର ପରିଚୟ ଦେଉଥିବା ଆଲୋଚନା ହେଉଛି। ତେବେ ମୋରଡା ନିର୍ବାଚନମଣ୍ଡଳୀରେ ତାପସଙ୍କ ମାତ୍ରାଧିକ ଦବଦବା ଥିବାରୁ ପୁଲିସ ଭୟରେ ଏଭଳି କରିଛି।



### ସିମ ନଦୀ ପୋଲ ନିର୍ମାଣ କାମରେ ଅନିୟମିତତା ଅଭିଯୋଗ

# ଲାଗୁଛି ନିମ୍ନମାନର ସାମଗ୍ରୀ; ସ୍ଥାୟିତ୍ୱ ନେଇ ସନ୍ଦେହ

ମହୁଲଡିହା, ୨୦।୬(ସମିସ): ମୟୂରଭଞ୍ଜ ଜିଲ୍ଲା ଠାକୁରମୁଣ୍ଡା ବ୍ଲକ ହାତୀଗୋଡା ପଞ୍ଚାୟତର ଅଖାପଲାଣ ଗ୍ରାମଠାରୁ କାଦପାଣି ରାସ୍ତାର ପ୍ରାୟ ଏକ କିଲୋମିଟର ଦୂରରେ ଥିବା ସିମ ନଦୀରେ ନିର୍ମାଣ ହେଉଛି ସୁଉଚ୍ଚ ପୋଲ। ଏହି ପୋଲ ମାଟି ମିଶା ବାଲିରେ ନିର୍ମାଣ ହେଉଥିବା ଗ୍ରାମବାସୀ ଅଭିଯୋଗ କରିଛନ୍ତି। ଫଳରେ ଏହାର ସ୍ଥାୟିତ୍ୱ ନେଇ ସନ୍ଦେହ ସୃଷ୍ଟି କରିଛି। ଏଥିପ୍ରତି ବିଭାଗୀୟ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେବାକୁ ଦାବି ହେଉଛି।

ରାଜ୍ୟ ସରକାରଙ୍କ ପକ୍ଷରୁ ୫ କୋଟି ୮୩ ଲକ୍ଷ ୭୩ ହଜାର ୧୬୬ ଟଙ୍କା ବ୍ୟୟରେ ନିର୍ମିତ ଏହି ପୋଲ ଗ୍ରାମ ଉନ୍ନୟନ ବିଭାଗ କରଞ୍ଜିଆ ଅଧୀନରେ ଚାଲିଛି। କୋଟି କୋଟି ଟଙ୍କା ବ୍ୟୟରେ ନିର୍ମାଣାଧୀନ ଏହି ପୋଲରେ ସେହି ନଦୀରୁ ଉତ୍ତୋଳିତ ମାଟି ମିଶା ବାଲିରେ କାମ କରାଯାଉଛି। ବୈତରଣୀ ବାଲି ଲିଜ୍ ନେଇ ସ୍ଥାନୀୟ ବାଲି ବ୍ୟବହାର କରିବା ଠିକାଦାର ଓ ଯନ୍ତ୍ରୀଙ୍କ ମଧୁଚନ୍ଦ୍ରିକାର ଏହା ଅଂଶବିଶେଷ। ନାଳି ବାଲି ବ୍ୟବହାର ନେଇ ଗ୍ରାମବାସୀ ଆପତ୍ତି ଉଠାଇବା ପରେ ଆମ ପ୍ରତିନିଧି କନିଷ୍ଠ ଯନ୍ତ୍ରୀ ଜେନା ନାଏକଙ୍କୁ ପଚାରିଥିଲେ। ମୁଁ ତଦାରଖ କରିବି ବୋଲି ସେ କହିଛନ୍ତି। ଏଥିରୁ ଜଣାପଡୁଛି କାମ କେହି ତଦାରଖ କରୁନାହାନ୍ତି। ପରେ ପୁନଶ୍ଚ ଯୋଗାଯୋଗ କରିବା ପରେ ପାଟଣା ଅଞ୍ଚଳରୁ ବୈତରଣୀରୁ ବାଲି ଆଣିଛନ୍ତି ବୋଲି ସଫେଇ ଦେଉଛନ୍ତି। ଏବେ ସହକାରୀ ଯନ୍ତ୍ରୀ ଅଛନ୍ତି ସୀତାରାମ ତିଉ। ସୀତାରାମଙ୍କ ଘର ନିର୍ମାଣାଧୀନ ପୋଲ ନିକଟରୁ ମାତ୍ର ୨ କିଲୋମିଟର ଦୂର ହାତୀଗୋଡା ଗ୍ରାମରେ। ଏହି ପୋଲର ସେ ନିଜେ ମଧ୍ୟ ଜଣେ ହିତାଧିକାରୀ ହେବେ। ତା ସତ୍ତ୍ୱେ ନିମ୍ନମାନର ବାଲି ବ୍ୟବହାରକୁ ସେ ଆଖିବୁଜି ଦେଇଛନ୍ତି। ତାଙ୍କୁ ପଚାରିବାରୁ ମୁଁ ଜଣଙ୍କୁ ତଦାରଖ ପାଇଁ ରଖିଛି ବୋଲି କହିଛନ୍ତି। କେବଳ ବାଲି ନିମ୍ନମାନର ସେକଥା ନୁହେଁ, ଚିପ୍ସ ମଧ୍ୟ ନିମ୍ନମାନର। ଗୁଣ୍ଡି ମିଶା ଚିପ୍ସ ବ୍ୟବହାର ହେଉଛି। କାମ ଖୁବ ଚତୁରତାର ସହ କରାଯାଉଛି। ୩୦୦ ମିଟର ଦୂରରେ ସାମଗ୍ରୀ ରଖାଯାଇଛି। ସେଠାରୁ ମିକ୍ସ କରି ଗାଡ଼ିରେ ଆଣି କାମ କରାଯାଉଛି। କେହି କାମ ନିକଟକୁ ଗଲେ କିଛି ଟେର ପାଇବେ ନାହିଁ। ନିର୍ମାଣକାରୀ ସଂସ୍ଥା ରାଇରଙ୍ଗପୁରର ଏମ/ଏସ ଅନୁପ ବିଲର୍ଡ୍ସ। ଗ୍ରାମ୍ୟ ନିର୍ମାଣ ବିଭାଜନ, କରଞ୍ଜିଆ ଆନୁକୂଲ୍ୟରେ ନିର୍ମାଣାଧୀନ ଏହି ସୁଉଚ୍ଚ ପୋଲ କାର୍ଯ୍ୟ ଉନ୍ନତମାନର ହେଉ ବୋଲି ଗ୍ରାମବାସୀ ଦାବି କରିଛନ୍ତି।



# ଅଲେଖ ବାବାଙ୍କୁ ହତ୍ୟା ଘଟଣାରେ ଅଭିଯୁକ୍ତ ଗିରଫ

କେନ୍ଦୁଝର, ୨୦।୬(ସମିସ): କେନ୍ଦୁଝର ଜିଲ୍ଲା ସଦର ଥାନା ଆମୁଣି ଗାଁରେ ଗତ ୧୯ ତାରିଖ ଜଣେ ଅଲେଖ ମହିମା ଅନୁଗାମୀ ଶ୍ରୀକାନ୍ତ ମହାକୁଡ(୬୦)ଙ୍କୁ ବୀଭତ୍ସ ଭାବେ ହତ୍ୟା କରାଯାଇଥିଲା। ଏହି ଘଟଣାରେ ପୁଲିସ ଏକ ହତ୍ୟା ମାମଲା ରୁଜୁ କରିଥିଲା। ଅଭିଯୁକ୍ତକୁ ପୁଲିସ ଗିରଫ କରିଛି। ଆମୁଣି ଗ୍ରାମର ଅଭିଯୁକ୍ତ ପାଟେଶ୍ୱର ବାରିକ (୨୬)କୁ ଗିରଫ କରି ପୁଲିସ କୋର୍ଟ ଚାଲାଣ କରିଥିବା ସୂଚନା ଦେଇଛି। ଅଁରା ଗ୍ରାମର ଅଲେଖ ଦୀକ୍ଷା ଗ୍ରହଣ କରିଥିବା ବାବା ଶ୍ରୀକାନ୍ତ ମହାକୁଡ ୧୯ ତାରିଖ ଭୋର ୫ଟା ବେଳେ ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ତାଙ୍କୁ ଏକୁଟିଆ ପାଇ କେହି ହତ୍ୟା କରି ଫେରାର ହୋଇଯାଇଥିଲା। ଗିରଫ ପରେ ଅଭିଯୁକ୍ତ ପାଟେଶ୍ୱଣ କିପରି ହତ୍ୟା କରିଥିଲା ତାର ଏକ ଡେମୋ ପୁଲିସକୁ ପ୍ରଦର୍ଶନ କରିଥିଲା ବୋଲି ସଦର ଥାନାଧିକାରୀ ଅମିତ କୁମାର ଭୂୟାଁ ପ୍ରକାଶ କରିଛନ୍ତି। ପୁଲିସ ହତ୍ୟାରେ ବ୍ୟବହୃତ ଇଟାକୁ ବିନିଦା ରାସ୍ତାର ଏକ ଲଟି ବୁଦାରୁ ଜବତ କରିଛି। ଜମିଜମା ବିବାଦକୁ ନେଇ ବାବାଙ୍କୁ ହତ୍ୟା କରିଥିବା ପୁଲିସ ନିକଟରେ ପାଟେଶ୍ୱର ସ୍ୱୀକାର କରିଛି। ଶ୍ରୀକାନ୍ତ ମହାକୁଡ ଗାଁ ପାଖରେ ଥିବା ବିନିଦା ଅଲେଖ ମହିମା ମଠରେ ପୂଜାପାଠ କରନ୍ତି। ପ୍ରତିଦିନ ପରି ଶୁକ୍ରବାର ମଧ ତାଙ୍କ ଘରଠାରୁ କିଛି ଦୂରରେ ଥିବା ପୋଖରୀକୁ ଗାଧୋଇବାକୁ ଯାଇଥିବାବେଳେ ତାଙ୍କ ମୁଣ୍ଡକୁ ଛେଚି ହତ୍ୟା କରାଯାଇଥିଲା। ସଦର ଥାନା ପୁଲିସ ଏହି ହତ୍ୟାକାଣ୍ଡର ତଦନ୍ତ ତ୍ୱରାନ୍ୱିତ କରି ଅଭିଯୁକ୍ତକୁ ଧରିବାରେ ସକ୍ଷମ ହୋଇଛି।

# ଘର ଛାତରୁ ପ୍ଲାଷ୍ଟର ଖସି ଦମ୍ପତି ଗୁରୁତର

ବାଲିବନ୍ଧ, ୨୦।୬ (ସମିସ):





ଝୁମ୍ପୁରା ବ୍ଲକ ଅନ୍ତର୍ଗତ ଖୁଣ୍ଟାପଡା ପଞ୍ଚାୟତ ଅଶୁକୀ ଗ୍ରାମ ପାତ୍ରସାହିରେ ଘଟିଛି ଏକ ଅଭାବନୀୟ ଘଟଣା। ଶୁକ୍ରବାର ବିଳମ୍ବିତ ରାତିରେ ଘର ଛାତରୁ ପ୍ଲାଷ୍ଟର ଖସିବାରୁ ଦମ୍ପତି ଗୁରୁତର ହୋଇ କେନ୍ଦୁଝରଗଡ଼ ମୁଖ୍ୟଡାକ୍ତରଖାନାରେ ଚିକିତ୍ସିତ ହେଉଛନ୍ତି। ଗୁରୁତର ଦମ୍ପତି ହେଲେ ସେହି ଗ୍ରାମର ତ୍ରିଲୋଚନ ପାତ୍ର (୬୮) ଏବଂ ସ୍ତ୍ରୀ ଉଜ୍ଜ୍ୱଳା ପାତ୍ର (୬୬)। ସୂଚନା ଅନୁଯାୟୀ ସରକାରଙ୍କ ତରଫରୁ ଉଜ୍ଜ୍ୱଳାଙ୍କ ନାମରେ ଅନ୍ତ୍ୟୋଦୟ ଆବାସ ଯୋଜନାରେ ଏକ ଘର ମିଳିଥିଲା। ଘର ସମ୍ପୂର୍ଣ୍ଣ ହେବା ପରେ ସ୍ୱାମୀ ତ୍ରିଲୋଚନ ଏବଂ ସ୍ତ୍ରୀ ଉଜ୍ଜ୍ୱଳା ସେହି ଘରେ ରହୁଥିଲେ। ଶୁକ୍ରବାର ରାତି ଖାଇପିଇ ସାରି ସ୍ୱାମୀ-ସ୍ତ୍ରୀ ସେହି ଘରେ ଶୋଇଥିଲେ। ବିଳମ୍ବିତ ରାତିରେ ହଠାତ ଘର ଛାତର ପ୍ଲାଷ୍ଟର ସ୍ୱାମୀ ତ୍ରିଲୋଚନ ଏବଂ ସ୍ତ୍ରୀ ଉଜ୍ଜ୍ୱଳା ଉପରେ ଖସି ପଡ଼ିଲା। ତ୍ରିଲୋଚନଙ୍କ ଅଣ୍ଟା ଏବଂ ଉଜ୍ଜ୍ୱଳାଙ୍କ ଗୋଡ଼ରେ ମାଡ଼ ହୋଇଥିଲା। ସେମାନେ ଚିତ୍କାର କରିବାରୁ ପରିବାର ଲୋକେ ଦୌଡ଼ି ଆସି ଉଭୟଙ୍କୁ ଝୁମ୍ପୁରା ମେଡିକାଲକୁ ଆଣିଥିଲେ। ସେଠାରେ ଡାକ୍ତର ଯାଞ୍ଚ କଲା ପରେ ଉଜ୍ଜ୍ୱଳାଙ୍କ ବାମ ଗୋଡ଼ ଭାଙ୍ଗିବା ସହ ତ୍ରିଲୋଚନଙ୍କ ଅଣ୍ଟାରେ ଜୋର ମାଡ଼ ହୋଇଥିଲା। ଗୋଡ଼ ଉଠାଇବା କଷ୍ଟକର ହେଉଥିଲା। ସେମାନଙ୍କ ଅବସ୍ଥା ଅଧିକ ଜଟିଳ ହେବାରୁ କେନ୍ଦୁଝରଗଡ଼ ମୁଖ୍ୟ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଛି। ଏନେଇ ଝୁମ୍ପୁରା ତହସିଲଦାର ରୋହିତ ବାଗ କହିଲେ, ତାଙ୍କ ପାଖକୁ ଖବର ଆସିନାହିଁ। ସ୍ଥାନୀୟ ଆରଆଇଙ୍କୁ ତଦନ୍ତ ପାଇଁ ସେ କହିବେ ବୋଲି ପ୍ରକାଶ କରିଛନ୍ତି।

# ଗୋଠଛଡ଼ା ହାତୀ ଆକ୍ରମଣରେ ମହିଳା ମୃତ

ବାଲିବନ୍ଧ, ୨୦।୬(ସମିସ): ଚମ୍ପୁଆ ରେଞ୍ଜ ବାଲିବନ୍ଧ ବନାଞ୍ଚଳ ଚିପିଣ୍ଡା ବିଟ ଅଞ୍ଚଳରେ ୧୨ ଟିକିଆ ହାତୀ ପଲ ଦୀର୍ଘଦିନ ହେଲା ରହି ଆସୁଥିଲେ। ଗତକାଲି ବିଳମ୍ବିତ ରାତିରେ ହାତୀ ଦଳରୁ ଗୋଟାଏ ହାତୀ ବାହାରି ଆସି କୁଟୁଗାଁ ସାନଯୋଡା ସାହିକୁ ପଶି ଆସିଥିଲା। ହାତୀଟି ଗ୍ରାମର ସନ୍ତୋଷ ବେହେରାଙ୍କ ଘର ବାଡ଼ିରେ ରହିଥିବା ଆମ୍ବ ଗଛର ପାଚିଲା ଆମ୍ବ ଖାଉଥିଲା। ଆମ୍ବ ଗଛ ମୂଳରେ ରହି ହାତୀ ଶବ୍ଦ କରିବାରୁ କିଏ ବାଡ଼ିରେ ପଶିଛି ବୋଲି ସନ୍ତୋଷ ବେହେରାଙ୍କ ସ୍ତ୍ରୀ ସୁମିତା ବେହେରା (୩୭) ଘରର ଅଗଣାକୁ ବାହାରି ଆସି ଟର୍ଚ୍ଚ ଲାଇଟ ହାତୀ ଉପରକୁ ପକାଇଥିଲେ। ହାତୀ ଆଲୁଅ ଦେଖି ସିଧା ଚାଲିଆସି ସୁମିତାକୁ ଆକ୍ରମଣ କରିଥିଲା। ଫଳରେ ସୁମିତା ଆହତ ହୋଇଥିଲେ। ପରିବାର ଲୋକ ସଙ୍ଗେ ସଙ୍ଗେ ସୁମିତାଙ୍କୁ ଚିକିତ୍ସା କରିବା ପାଇଁ ଝୁମ୍ପୁରା ମେଡିକାଲ ଏବଂ ପରେ ପରେ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ସେଠାରେ ଚିକିତ୍ସା ଚାଲିଥିବା ବେଳେ ସୁମିତାଙ୍କ ମୃତ୍ୟୁ ହୋଇଯାଇଛି। ବାଲିବନ୍ଧ ବନପାଳ ରାଜେନ୍ଦ୍ର ଜେନା ଖବର ପାଇ ଡାକ୍ତରଖାନାରେ ପହଞ୍ଚି ଶବକୁ ବ୍ୟବଚ୍ଛେଦ କରାଯିବା ସହ କୁଟୁଗାଁ ନିକଟରେ ରହିଥିବା ଅନ୍ୟ ହାତୀଙ୍କ ଗତିବିଧିକୁ ଲକ୍ଷ୍ୟ ରଖିଛନ୍ତି ବୋଲି ବାଲିବନ୍ଧ ବନପାଳ ଶ୍ରୀ ଜେନା ସୂଚନା ପ୍ରଦାନ କରିଛନ୍ତି। କ୍ଷତିଗ୍ରସ୍ତ ପରିବାର ବର୍ଗଙ୍କୁ ଶୁଦ୍ଧିକ୍ରିୟା ନିମନ୍ତେ ୧ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ ଏବଂ ନିୟମ ଅନୁଯାୟୀ କ୍ଷତିପୂରଣ ସରକାରଙ୍କ ତରଫରୁ ପ୍ରଦାନ କରାଯିବ ବୋଲି ବନପାଳ ଶ୍ରୀ ଜେନା ସୂଚନା ଦେଇଛନ୍ତି।

● ଖାଲଖମା ଜାତୀୟ ରାଜପଥ-୨୦

# ଜଳମଗ୍ନ ସଡ଼କ, ଯାତାୟାତ ବ୍ୟାହତ

ଚମ୍ପୁଆ, ୨୦।୬(ସମିସ): କେନ୍ଦୁଝର ଜିଲ୍ଲା ଚମ୍ପୁଆ ନିକଟସ୍ଥ ରଜିଆରୁ କଞ୍ଚନପୁର ପର୍ଯ୍ୟନ୍ତ ଜାତୀୟ ରାଜପଥ-୨୦ରେ ବର୍ଷା ପାଣି ଜମିଛି। ଆଣ୍ଠୁଏ ଗଭୀରର କୃତ୍ରିମ ପୋଖରୀ ସୃଷ୍ଟି ହୋଇଛି। ଫଳରେ ମୋଟରସାଇକଲ ଚାଳକ, ବଡ଼ ବଡ଼ ଯାନବାହନ ଓ ସାଧାରଣ ବାଟୋଇ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତା ଖାଲ ଓ ପାଣି ଆଣ୍ଠୁଏ ପାଣି ଥିବା ଭଳି ଦେଖାଯାଉଥିବାରୁ ଯାତାୟାତ ବିପଦସଙ୍କୁଳ ହୋଇପଡ଼ିଛି। ସ୍ଥାନୀୟ ଲୋକେ ବାରମ୍ବାର ଅଭିଯୋଗ କରିଥିଲେ ମଧ ସମ୍ପୃକ୍ତ ବିଭାଗ ଦର୍ଶକ ସାଜିଥିବା ଅଭିଯୋଗ ହେଉଛି। ତୁରନ୍ତ ରାସ୍ତା ମରାମତି ପାଇଁ ସ୍ଥାନୀୟ ବାସିନ୍ଦା ଦାବି କରିଛନ୍ତି।



# ବାଲ୍ୟବିବାହ ବନ୍ଦକଲା ଚମ୍ପୁଆ ପୁଲିସ

ଚମ୍ପୁଆ, ୨୦।୬(ସମିସ): ଚମ୍ପୁଆ ଥାନା ଅନ୍ତର୍ଗତ ବି-କରଞ୍ଜିଆ ଅଞ୍ଚଳରେ ଏକ ବାଲ୍ୟବିବାହ ଖବର ପାଇ ଚମ୍ପୁଆ ପୁଲିସ ସମୟୋପଯୁକ୍ତ ପଦକ୍ଷେପ ନେଇ ବନ୍ଦ କରିଛି। ଏହି ଘଟଣା ସମ୍ପର୍କରେ ପୂର୍ବତନ ସରପଞ୍ଚ ସୁପ୍ରିୟା ମୁଣ୍ଡା ଏବଂ ଜଣେ ଅଙ୍ଗନବାଡ଼ି କର୍ମୀ ପୁଲିସକୁ ସୂଚନା ଦେଇଥିଲେ। ଆଇଆଇସି ସ୍ୱରୂପ ରଂଜନ ନାୟଙ୍କ ନିର୍ଦ୍ଦେଶକ୍ରମେ ଏଏସଆଇ ରେବତୀ ବୁଡ ସଦଳବଳେ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚି ବିବାହକୁ ବନ୍ଦ କରିଥିଲେ। ନାବାଳିକା ଝିଅକୁ ସୁରକ୍ଷା ଦୃଷ୍ଟିରୁ ଶିଶୁ ମଙ୍ଗଳ କେନ୍ଦ୍ରକୁ ପହଞ୍ଚାଇ ଦିଆଯାଇଛି। ତେବେ ଘଟଣା ସମ୍ପର୍କରେ ସୂଚନା ଦିଆଯାଇଥିଲେ ମଧ ଶିଶୁ ମଙ୍ଗଳ କେନ୍ଦ୍ରର କର୍ତ୍ତୃପକ୍ଷ ଘଟଣାସ୍ଥଳକୁ ପହଞ୍ଚିନଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି। ପୁଲିସ ଘଟଣାର ତଦନ୍ତ ଜାରି ରଖିଛି ଏବଂ ଆବଶ୍ୟକ ଆଇନଗତ ପଦକ୍ଷେପ ଗ୍ରହଣ କରୁଛି।



# ପଞ୍ଚୁଗୋଛିଆରେ ଶିବ-ପାର୍ବତୀଙ୍କ ରୋଶଣି ପର୍ବ



ଆନନ୍ଦପୁର, ୨୦।୬(ସମିସ): ପଞ୍ଚୁଗୋଛିଆ ଗ୍ରାମରେ ଶିବ-ପାର୍ବତୀଙ୍କ ରୋଶଣି ପର୍ବ ତିନିଦିନ ଧରି ଆନନ୍ଦ ଉଲ୍ଲାସରେ ପାଳିତ ହୋଇଛି। କାର୍ଯ୍ୟକ୍ରମରେ ପ୍ରଥମ ଦିନ ମଙ୍ଗୁଳା କଳସ ବୁଡ଼ା ଯାଇଥିଲା। ଦ୍ୱିତୀୟ ଦିନ ବରଯାତ୍ରୀଙ୍କ ସହ ଶ୍ରୀ ମହେଶଙ୍କୁ ଖୋଳ କୀର୍ତ୍ତନରେ ରୋଶଣି ବେଶ ଆନନ୍ଦଦାୟକ ହୋଇଥିଲା। ତୃତୀୟ ଦିନରେ ଗ୍ରାମବାସୀ ମାତା ପାର୍ବତୀ ଓ ଶିବଙ୍କୁ ରୋଶଣି ଦେବାର ପ୍ରଥା ରହିଛି। ଆନନ୍ଦପୁର ବ୍ଲକ ପଞ୍ଚୁଗୋଛିଆ ପଞ୍ଚାୟତ ମୁଗୁପୁରୁ ଉତ୍ତରେଶ୍ୱର ଶିବ ମନ୍ଦିରରେ ମହାଦେବ ଶିବ ଓ ମାତା ପାର୍ବତୀଙ୍କ ବିବାହ ଉତ୍ସବ ବହୁ ଆଡ଼ମ୍ବରରେ ପାଳନ କରାଯାଇଛି। କନ୍ୟା ପିତା କାଳିଆ ପଣ୍ଡା ଓ ବର ପିତା ଭାବେ ରବିନ୍ଦ୍ର ପଣ୍ଡା ଦାୟିତ୍ୱ ତୁଲାଇଥିବା ବେଳେ ପୂଜକ ନରହରି ପଣ୍ଡାଙ୍କ ଦ୍ୱାରା ପାଲିଙ୍କିରେ ମହାଦେବ ଠାକୁରଙ୍କୁ ଘଣ୍ଟ କୀର୍ତ୍ତନ କରି ଗ୍ରାମ ପରି ଭ୍ରମଣ କରି ବାଜା ବାଣ ରୋଶଣିରେ ଗ୍ରାମ ପରିକ୍ରମା କରି ଏହି ଶିବ ବିବାହ ଉତ୍ସବକୁ ରୀତିନୀତି ଅନୁଯାୟୀ ପାଳନ କରିବା ସହ ହଜାର ହଜାର ଭକ୍ତଙ୍କ ପାଇଁ ପ୍ରସାଦ ସେବନ ବ୍ୟବସ୍ଥା କରାଯାଇଥିଲା। ସଭାପତି ସୁକାନ୍ତ କୁମାର ରାଉତଙ୍କ ତତ୍ତ୍ୱାବଧାନରେ ସମ୍ପାଦକ ଶରତଚନ୍ଦ୍ର ଜେନା, କୋଷାଧକ୍ଷ ସୁମନ୍ତ କୁମାର ଦାସ, ଶ୍ରୀଧର ସାହୁ, ନରେନ୍ଦ୍ର ନାହକ, ମାନସ ଓଝା, ସୁରେନ୍ଦ୍ର ସାହୁ, ଅରୁଣ ସାହୁ, ଗୌରାଙ୍ଗ ଓଝା, ମାନସ ରଣା, ହରେକୃଷ୍ଣ ସାହୁ, ଅଭିମନ୍ୟୁ ବିଶ୍ୱାଳଙ୍କ ସମେତ ସମସ୍ତ ଗ୍ରାମବାସୀ ପରିଚାଳନା କରିଥିଲେ।

● ପେଟ୍ରୋଲର ଗୁଣବତ୍ତାକୁ ନେଇ ବଢୁଛି ଅସନ୍ତୋଷ

# ହଟହଟା ହେଉଛନ୍ତି ବାଇକ୍ ଓ କାର୍ ଚାଳକ

ତୁରୁମୁଙ୍ଗା, ୨୦।୬(ସମିସ): ଟଙ୍କା ଦେଇ ପମ୍ପରେ ପେଟ୍ରୋଲ ପକାଇବା ପରେ ମଧ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି ହଜାର ହଜାର ଗାଡ଼ି ଚାଳକ। ବିଶେଷକରି ବାଇକ୍ ଓ ପେଟ୍ରୋଲ ଚାଳିତ ଚାରିଚକିଆ ଗାଡ଼ିରେ ଷ୍ଟାର୍ଟିଂ ସମସ୍ୟା, ଇଞ୍ଜିନର ପିକ୍-ଅପ୍ କମିଯିବା ଏବଂ ମାଇଲେଜ ହ୍ରାସ ପାଇବା ଭଳି ଅଭିଯୋଗ ବଢ଼ିଚାଲିଛି। ଫଳରେ ଗାଡ଼ି ଚାଳକମାନେ ଚିନ୍ତାରେ ପଡ଼ିଥିବା ବେଳେ ପେଟ୍ରୋଲର ଗୁଣବତ୍ତାକୁ ନେଇ ପ୍ରଶ୍ନ ଉଠୁଛି। ଅଭିଯୋଗ ଅନୁଯାୟୀ, ସକାଳେ ଗାଡ଼ି ଷ୍ଟାର୍ଟ କରିବା ସମୟରେ ଅନେକ ବାଇକ୍ ସହଜରେ ଷ୍ଟାର୍ଟ ହେଉନାହିଁ। ଇଞ୍ଜିନ ସ୍ପିଡ଼୍ ନେବାରେ ମଧ ସମସ୍ୟା ଦେଖାଦେଉଛି। ଫଳରେ ଜରୁରୀ କାମରେ ବାହାରୁଥିବା ଲୋକେ ଅସୁବିଧାରେ ପଡୁଛନ୍ତି। କେବଳ ସେତିକି ନୁହେଁ, ପୂର୍ବରୁ ଲିଟର ପିଛା ୫୦ରୁ ୬୦ କିଲୋମିଟର ମାଇଲେଜ ଦେଉଥିବା ବାଇକ୍ ବର୍ତ୍ତମାନ ୩୦ରୁ ୪୦ କିଲୋମିଟର ମଧ୍ୟରେ ସୀମିତ ହୋଇଯାଇଥିବା ଚାଳକ ଅଭିଯୋଗ କରିଛନ୍ତି। ଏହାଦ୍ୱାରା ଇନ୍ଧନ ଖର୍ଚ୍ଚ ବଢ଼ିଯାଉଥିବାରୁ ଚାଳକମାନଙ୍କ ଉପରେ ଅତିରିକ୍ତ ଆର୍ଥିକ ବୋଝ ପଡୁଛି। ସ୍ଥାନୀୟ ଗାଡ଼ି ମେକାନିକମାନଙ୍କ କହିବା ଅନୁଯାୟୀ, ଇନ୍ଧନର ଗୁଣବତ୍ତା ଖରାପ ହେଲେ ଏଭଳି ସମସ୍ୟା ଦେଖାଦେଇପାରେ। ଦୀର୍ଘଦିନ ଧରି ଏପରି ଇନ୍ଧନ ବ୍ୟବହାର କଲେ ଇଞ୍ଜିନ, ଫ୍ୟୁଏଲ ଇଞ୍ଜେକ୍ଟର ଓ ଅନ୍ୟାନ୍ୟ ଯନ୍ତ୍ରାଂଶ କ୍ଷତିଗ୍ରସ୍ତ ହେବାର ଆଶଙ୍କା ରହିଥାଏ। ଗତ କିଛି ମାସ ଧରି ଏଭଳି ସମସ୍ୟା ବିଭିନ୍ନ ଅଞ୍ଚଳରେ ଦେଖାଦେଉଥିବା ଅଭିଯୋଗ ହେଉଛି। ବାଇକ୍ ବ୍ୟତୀତ ପେଟ୍ରୋଲ ଚାଳିତ କାର୍ ମାଲିକମାନେ ମଧ ସମାନ ସମସ୍ୟାର ସମ୍ମୁଖୀନ ହେଉଥିବା କହିଛନ୍ତି। ଗାଡ଼ି ଷ୍ଟାର୍ଟ ହେବାରେ ବିଳମ୍ବ, ପିକ୍-ଅପ୍ କମିଯିବା ଏବଂ ମାଇଲେଜ ହ୍ରାସ ପାଇବା ଭଳି ସମସ୍ୟା ଦେଖାଦେଉଥିବାରୁ ଚାଳକମାନଙ୍କ ମଧ୍ୟରେ ଅସନ୍ତୋଷ ବଢୁଛି। ଏହି ପରିସ୍ଥିତିରେ ପେଟ୍ରୋଲର ଗୁଣବତ୍ତା ସମ୍ପର୍କରେ ସମ୍ପୃକ୍ତ ବିଭାଗ ତଦନ୍ତ କରିବା ସହ ଗ୍ରାହକମାନଙ୍କ ସମସ୍ୟାର ସମାଧାନ ପାଇଁ ପଦକ୍ଷେପ ନେବାକୁ ଦାବି ହେଉଛି।

■ ଛାତ୍ରୀ ନିବାସର ହସ୍ତାନ୍ତର ଦାବିକଲେ ସଭାପତି

# ପ୍ରକଳ୍ପ ନିର୍ଦ୍ଦେଶକଙ୍କୁ ଦେଲେ ଦାବିପତ୍ର

ଚମ୍ପୁଆ, ୨୦।୬(ସମିସ): କେନ୍ଦୁଝର ଜିଲ୍ଲାର ଚମ୍ପୁଆସ୍ଥିତ ୧୯୪୮ରେ ନିର୍ମିତ ତଥା ବର୍ତ୍ତମାନର ପିଏମ୍ଶ୍ରୀ ମାନ୍ୟତାପ୍ରାପ୍ତ ମହତାବ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ନିର୍ମିତ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀନିବାସକୁ ଶୀଘ୍ର ବିଦ୍ୟାଳୟ ପ୍ରଶାସନକୁ ହସ୍ତାନ୍ତର କରିବା ପାଇଁ ଦାବି ହୋଇଛି। ପଞ୍ଚସଖା ଶିକ୍ଷାସେତୁ ସଂଗଠନର ସଭାପତି ପ୍ରଦୀପ କୁମାର ରାଜ ଏନେଇ ସମନ୍ୱିତ ଆଦିବାସୀ ଉନ୍ନୟନ ବିଭାଗ ପ୍ରକଳ୍ପ ଅଧିକାରୀ ରାମକୃଷ୍ଣ ଗଣ୍ଡଙ୍କୁ ଏକ ଦାବିପତ୍ର ଦେଇଛନ୍ତି। ଦାବିପତ୍ରରେ କୁହାଯାଇଛି ଯେ ନିର୍ମାଣ ସମ୍ପୂର୍ଣ୍ଣ ହୋଇଥିଲେ ମଧ ଦିର୍ଘଦିନ ହେବ ଛାତ୍ରୀ ନିବାସଟିକୁ ଅନ୍ୱେଷା ଛାତ୍ରାବାସ ଭାବେ ବ୍ୟବହାର କରାଯାଉଥିଲା। ବାରମ୍ବାର ଦାବି ସତ୍ତ୍ୱେ ଏପର୍ଯ୍ୟନ୍ତ ବିଦ୍ୟାଳୟ ପ୍ରଶାସନକୁ ହସ୍ତାନ୍ତର କରାଯାଇନାହିଁ। ଫଳରେ ଅନେକ ଅନୁସୂଚିତ ଜାତି ଓ ଜନଜାତି ଛାତ୍ରୀ ରହିବା ସୁବିଧାରୁ ବଞ୍ଚିତ ହେଉଛନ୍ତି। ଏହାସହିତ ବହୁ ଛାତ୍ରୀଙ୍କୁ ପ୍ରତିଦିନ ପ୍ରାୟ ୧ କିଲୋମିଟର ଦୂର ଯାତାୟାତ କରି ବ୍ୟସ୍ତ ରାଜପଥ ଅତିକ୍ରମ କରି ବିଦ୍ୟାଳୟକୁ ଆସିବାକୁ ପଡୁଥିବାରୁ ସେମାନଙ୍କ ସୁରକ୍ଷା ପ୍ରତି ଗୁରୁତର ଆଶଙ୍କା ସୃଷ୍ଟି ହୋଇଛି। ତେଣୁ ଛାତ୍ରୀମାନଙ୍କ ଶିକ୍ଷା ଓ ସୁରକ୍ଷାକୁ ଦୃଷ୍ଟିରେ ରଖି ଉକ୍ତ ଛାତ୍ରୀନିବାସକୁ ଶୀଘ୍ର ବିଦ୍ୟାଳୟ ପ୍ରଶାସନକୁ ହସ୍ତାନ୍ତର କରିବାକୁ ଦାବି କରାଯାଇଛି। ତୁରନ୍ତ ପଦକ୍ଷେପ ଗ୍ରହଣ କରାଯିବ ବୋଲି ଶ୍ରୀ ଗଣ୍ଡ ପ୍ରତିଶ୍ରୁତି ଦେଇଥିବା ଶ୍ରୀ ରାଜ ସୂଚନା ଦେଇଛନ୍ତି।



# ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦର ଚକ୍ଷୁ ଚିକିତ୍ସା ଶିବିର

ଆନନ୍ଦପୁର, ୨୦।୬)ସମିସ): ଆନନ୍ଦପୁର ବରିଷ୍ଠ ନାଗରିକ ପରିଷଦ ଆନୁକୂଲ୍ୟରେ ଭୂମିକା ଚକ୍ଷୁ ଚିକିତ୍ସାଳୟ ଦ୍ୱାରା ଏକ ଚକ୍ଷୁ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଯାଇଛି। ଆନନ୍ଦପୁର ବଡଦାଣ୍ଡସ୍ଥିତ ଆନନ୍ଦ ଭବନରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟାରେ ଜନସାଧାରଣ ସେମାନଙ୍କ ଆଖି ପରୀକ୍ଷା କରାଇବା ସହିତ ଆବଶ୍ୟକ ପରାମର୍ଶ ଗ୍ରହଣ କରିଥିଲେ। ଏହି ଶିବରରେ ଭୂମିକା ପକ୍ଷରୁ ଗୌର ଗୋପାଳ ପଣ୍ଡା, ପଦ୍ମାଳୟା ରାଉତ, ରାନୁପ୍ରଭା ଦଳେଇ, ଦେବସ୍ମିତା ବେହେରା ପ୍ରମୁଖ ଯୋଗ ଦେଇଥିଲେ। ସେମାନଙ୍କୁ ବିଷ୍ଣୁପ୍ରସାଦ ବାରିକ, ଅନାମ ଚରଣ ମଲ୍ଲିକ ଓ ସଚିନ ହେମ୍ବ୍ରମ ସହାୟତା କରିଥିଲେ। ବରିଷ୍ଠ ନାଗରିକ ପରିଷଦ ପକ୍ଷରୁ ସଭାପତି ରମାକାନ୍ତ ନାୟକ, ସାଧାରଣ ସମ୍ପାଦକ ଅଶୋକ କୁମାର ସାହୁ,ଉପସଭାପତି ସୁଦର୍ଶନ ବଳ, ବରିଷ୍ଠ ଉପଦେଷ୍ଟା ରଘୁନାଥ ପଣ୍ଡିତ, ନିରାକାର ଦଳେଇ, ରାମଚନ୍ଦ୍ର ଜେନା ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।



# ତେଲକୋଇ ଗ୍ରାମପଞ୍ଚାୟତର ହିତାଧିକାରୀ ସମ୍ମିଳନୀ

ତେଲକୋଇ, ୨୦।୬(ସମିସ): ରାଜ୍ୟରେ ବିଜେପି ସରକାରଙ୍କ ଦୁଇ ବର୍ଷ ପୂର୍ତ୍ତି ଅବସରରେ ତେଲକୋଇ ବ୍ଲକ ସଭାଗୃହଠାରେ ଆଜି ତେଲକୋଇ ଗ୍ରାମପଞ୍ଚାୟତର ହିତାଧିକାରୀଙ୍କ ସମ୍ମିଳନୀ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ବିଧାୟକ ପ୍ରତିନିଧି ପଦ୍ମଲୋଚନ ସାହୁ, ସମ୍ମାନିତ ଅତିଥି ଭାବେ ବିଡିଓ ପୂର୍ଣ୍ଣଚନ୍ଦ୍ର ନାଏକ, ଏବିଡିଓ ବିଶ୍ୱନାଥ ମଲ୍ଲିକ, ବ୍ଲକ ଯୋଗାଣ ଅଧିକାରୀ ପିଣ୍ଟୁ ବେହେରା, ତେଲକୋଇ ପଞ୍ଚାୟତ ନିର୍ବାହୀ ଅଧିକାରୀ ବ୍ରହ୍ମାନନ୍ଦ ବାରିକ, ନାଏବ ସରପଞ୍ଚ ଅନ୍ତର୍ଯ୍ୟାମୀ ପାତ୍ର ପ୍ରମୁଖ ଉପସ୍ଥିତ ଥିଲେ। ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା ଓ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାରେ ଆଉ ୫କିଲୋ ନୁହେଁ, ଅପ୍ରେଲ ୨୦୨୬ରୁ ମୁଣ୍ଡ ପିଛା ୧୦କିଲୋ ଚାଉଳ ସମ୍ପୂର୍ଣ୍ଣ ମାଗଣାରେ ସବୁ ହିତାଧିକାରୀ ପାଇବେ ବୋଲି ଅତିଥିମାନେ ମତ ବ୍ୟକ୍ତ କରିଥିଲେ। ଏହି ଅବସରରେ ପଞ୍ଚାୟତରୁ ୨୦୦ଜଣରୁ ଊର୍ଦ୍ଧ୍ୱ ହିତାଧିକାରୀଙ୍କୁ ଅତିଥି ମାନେ ମୁଖ୍ୟମନ୍ତ୍ରୀ ଅନ୍ନପୂର୍ଣ୍ଣା ଯୋଜନାର କାର୍ଡ ବଣ୍ଟନ କରିଥିଲେ। ବ୍ଲକର କିଶୋରଚନ୍ଦ୍ର ଦାସ ଓ କିଶୋର କଟେଇ ପରିଚାଳନା କରିଥିଲେ। ଏଥିରେ ତେଲକୋଇ ପଞ୍ଚାୟତର ବହୁ ହିତାଧିକାରୀ ସାମିଲ ହୋଇଥିଲେ।



# ଚମ୍ପୁଆ ଓକିଲ ସଂଘ କାର୍ଯ୍ୟାଳୟର ନୂତନ ସେଡ୍ ଶୁଭ ଉଦ୍‌ଘାଟିତ

ଚମ୍ପୁଆ, ୨୦।୬(ସମିସ): ଚମ୍ପୁଆ ଓକିଲ ସଂଘର ସଦସ୍ୟମାନଙ୍କ ବହୁଦିନର ସ୍ୱପ୍ନ ପୂରଣ ହେବାକୁ ଯାଉଛି। ସୁରୁଖୁରୁରେ ବସି ଆଇନ୍ ସେବା କରିବା ପାଇଁ ସେମାନଙ୍କ ପାଇଁ ଉଦ୍ଦିଷ୍ଟ ଏକ ସେଡ୍‌କୁ ଆନୁଷ୍ଠାନିକ ଭାବେ ଉଦଘାଟନ କରାଯାଇଛି। ଦେୱାନୀ ଓ ଫୌଜଦାରୀ ଓକିଲ ସଂଘର କାର୍ଯ୍ୟକାରିଣୀ ସଦସ୍ୟ ତାପସ କୁମାର ମିଶ୍ର ପୂଜାପାଠ କରିଥିବା ବେଳେ ଓ ସଂଘର ସଭାପତି ଡଃ ହରେକୃଷ୍ଣ ମିଶ୍ର ଏହାକୁ ଉଦଘାଟନ କରିଥିଲେ। ସଂଘର ସମସ୍ତ ସଦସ୍ୟମାନେ ଉପସ୍ଥିତ ଥିଲେ। ଓକିଲ ସଂଘର ଅନେକ ସଦସ୍ୟ ସ୍ଥାନାଭାବରୁ ଉପଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଖରା, ବର୍ଷା ଓ ଥଣ୍ଡାରେ ଗଛମୂଳେ ବସି ଆଇନ୍ ବ୍ୟବସାୟ କରି ଆସୁଥିଲେ। ଏବେ ସେମାନଙ୍କ ଏହି ଦୁର୍ଦ୍ଦଶାର ଅନ୍ତ ଘଟିବାକୁ ଯାଉଛି। ଓକିଲ ସଂଘର ସଭାପତି ଡଃ ମିଶ୍ରଙ୍କ ନିରନ୍ତର ଉଦ୍ୟମ ଫଳରେ ଉକ୍ତ ସେଡ୍ ନିର୍ମାଣ କାର୍ଯ୍ୟ ସମ୍ଭବ ହୋଇପାରିଛି। ଫଳରେ ଆଇନ୍‌ଜୀବୀମାନେ ବିଭିନ୍ନ ଋତୁର ପ୍ରଭାବରୁ ରକ୍ଷା ପାଇବା ସହିତ ଉତ୍ତମ ପରିବେଶରେ କାର୍ଯ୍ୟ ସମ୍ପାଦନ କରିବାକୁ ସମର୍ଥ ହୋଇପାରିବେ ବୋଲି ଡଃ ମିଶ୍ର ପ୍ରକାଶ କରିଥିଲେ।



# ବିପର୍ଯ୍ୟୟ ପ୍ରଶମନ ଦିଗରେ ପ୍ରଶାସନିକ ପଦକ୍ଷେପ





କେନ୍ଦୁଝର/ହାଟଡିହି/ତୁରୁମୁଙ୍ଗା, ୨୦।୬(ସମିସ):

ହାଟଡ଼ିହି ବ୍ଲକର କରଗୋଳା, ରତକଣା ଓ ହାବେଳେଶ୍ୱର ଏବଂ ଘଷିପୁରା ବ୍ଲକର ଅଡା ବନ୍ୟା ଆଶ୍ରୟସ୍ଥଳୀରେ ବିପର୍ଯ୍ୟୟ ମୁକାବିଲା ପାଇଁ ମକଡ୍ରିଲ୍ ମାଧ୍ୟମରେ ସ୍ଥାନୀୟ ବାସିନ୍ଦାଙ୍କୁ ସଚେତନ କରାଯାଇଛି। ଉକ୍ତ ବନ୍ୟା ଆଶ୍ରୟସ୍ଥଳୀଗୁଡ଼ିକରେ ଏକ ମକଡ୍ରିଲ୍ ସହିତ କିପରି ଏହାକୁ କାର୍ଯ୍ୟରେ ଉପଯୋଗ କରାଯିବ, ତାହା ରେସ୍କ୍ୟୁ ଅପରେସନ୍ ଟିମ୍ ଦ୍ୱାରା ପ୍ରଦର୍ଶିତ କରାଯାଇଥିଲା। ବିପର୍ଯ୍ୟୟ ପୂର୍ବରୁ ସ୍ଥାନୀୟ ଲୋକଙ୍କୁ ସଚେତନ କରିବା ସହ ସୁରକ୍ଷିତ ସ୍ଥାନକୁ ସ୍ଥାନାନ୍ତରିତ କରିବା ପାଇଁ କୁହାଯାଇଥିଲା। ବିଶେଷକରି ଶିଶୁ, ବୃଦ୍ଧ, ଅସହାୟ ମହିଳା, ଭିନ୍ନକ୍ଷମ ଓ ଗର୍ଭବତୀ ମହିଳାଙ୍କୁ ଗୁରୁତର ଭାବେ ସୁରକ୍ଷିତ ରଖିବା ସହ ସେମାନଙ୍କ ପାଇଁ ଖାଦ୍ୟ ଓ ପାନୀୟ ଜଳ ମହଜୁଦ ରଖିବା ପାଇଁ ପରାମର୍ଶ ଦିଆଯାଇଥିଲା। ସେହିପରି ବିପର୍ଯ୍ୟୟ ପରେ କିପରି ସ୍ୱଚ୍ଛତା ଅବଲମ୍ବନ କରାଯିବ ଓ ଏହି ଅସହାୟ ଲୋକଙ୍କୁ ପ୍ରାଥମିକତା ଦିଆଯିବ, ସେ ସମ୍ପର୍କରେ ଉପସ୍ଥିତ ଅଧିକାରୀମାନେ ମତବ୍ୟକ୍ତ କରିଥିଲେ। କାର୍ଯ୍ୟକ୍ରମରେ ବିଭିନ୍ନ ବିଭାଗର ଅଧିକାରୀ, ଅଗ୍ନିଶମ ବିଭାଗ କର୍ମଚାରୀ, ସ୍ୱେଚ୍ଛାସେବୀ ବାହିନୀର ସଦସ୍ୟ, ସ୍ଥାନୀୟ ଜନପ୍ରତିନିଧି, ମହିଳା ଗୋଷ୍ଠୀର ସଦସ୍ୟ ଓ ଯୁବ ଗୋଷ୍ଠୀ ସାମିଲ ହୋଇଥିଲେ।

ସେହିପରି ପାଟଣା ବ୍ଲକ କାର୍ଯ୍ୟାଳୟ ସଭା ଗୃହଠାରେ ବିଡ଼ିଓ ମାନସ କୁମାର ଦଣ୍ଡପାଟଙ୍କ ସଭାପତିତ୍ୱରେ ପ୍ରାକୃତିକ ବିପର୍ଯ୍ୟୟ ପରିଚାଳନା ବୈଠକ ଅନୁଷ୍ଠିତ ହୋଇଯାଇଛି। ସାଂସଦ ପ୍ରତିନିଧି ପ୍ରହ୍ଲାଦ ପଲେଇ ଓ ବିଧାୟକ ପ୍ରତିନିଧି କମଳାକାନ୍ତ ଦାଶଙ୍କ ସହ ତହସିଲଦାର ଅଶ୍ୱିନୀ କୁମାର ନାଏକ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଅଧକ୍ଷ ଡାକ୍ତର ଶୁଭେନ୍ଦୁ ସାଗର କୁମାର ନାଏକ, ଅଗ୍ନିଶମ କେନ୍ଦ୍ରାଧିକାରୀ ଗୌର ମୋହନ ହେମ୍ବ୍ରମ, କୃଷି, ଉଦ୍ୟାନ ,ପ୍ରାଣୀ ଚିକିତ୍ସା, ସମନ୍ୱିତ ଶିଶୁ ବିକାଶ ବିଭାଗ, ବନ ବିଭାଗ, ବିଦ୍ୟୁତ ବିଭାଗ ଆଦି ଅନ୍ୟାନ୍ୟ ଲାଇନ ବିଭାଗର ଅଧିକାରୀ ଯୋଗ ଦେଇଥିଲେ। ବନ୍ୟା, ବାତ୍ୟା, ଅଗ୍ନିକାଣ୍ଡ ଆଦି ପ୍ରାକୃତିକ ବିପର୍ଯ୍ୟୟ ସମୟରେ ଉଦ୍ଧାର, ପ୍ରାଥମିକ ଚିକିତ୍ସା, ଥଇଥାନ ଆଦି ସମ୍ଭାବ୍ୟ ବିପଦର ପ୍ରତିକାର ସମ୍ପର୍କରେ ଆଲୋଚନା କରାଯାଇଥିଲା। ଅଗ୍ନିଶମ ବିଭାଗ ପକ୍ଷରୁ କେନ୍ଦ୍ରାଧିକାରୀ ଗୌରମୋହନ ହେମ୍ବ୍ରମଙ୍କ ଟିମ ଦ୍ୱାରା ବନ୍ୟା, ବାତ୍ୟା ଓ ଅଗ୍ନିକାଣ୍ଡ ସମୟରେ ସଚେତନତା ଉପରେ ମକଡ୍ରିଲ ପ୍ରଦର୍ଶନ କରାଯାଇଥିଲା।

# ନେଟୱର୍କ ସମସ୍ୟାରେ ଘାଣ୍ଟି ହେଉଛନ୍ତି ଜନତା

ତୁରୁମୁଙ୍ଗା, ୨୦।୬(ସମିସ): ଡିଜିଟାଲ ଯୁଗରେ ଇଣ୍ଟରନେଟ ଓ ମୋବାଇଲ ନେଟୱର୍କ ଏବେ ଲୋକଙ୍କ ଦୈନନ୍ଦିନ ଜୀବନର ଅବିଚ୍ଛେଦ୍ୟ ଅଂଶ ପାଲଟିଥିବା ବେଳେ ତୁରୁମୁଙ୍ଗା ସମେତ ପାଟଣା, ଜ୍ୟୋତିପୁର, ସଡ଼ଙ୍ଗୀ ଏବଂ ଆଖପାଖ ଅଞ୍ଚଳରେ ଦେଖାଦେଇଥିବା ନେଟୱର୍କ ସମସ୍ୟା ଉପଭୋକ୍ତାଙ୍କ ପାଇଁ ମୁଣ୍ଡବ୍ୟଥାର କାରଣ ପାଲଟିଛି। ଦୁର୍ବଳ ନେଟୱର୍କ ଯୋଗୁଁ ସାଧାରଣ ଲୋକଙ୍କଠାରୁ ଆରମ୍ଭ କରି ସରକାରୀ କର୍ମଚାରୀ ପର୍ଯ୍ୟନ୍ତ ସମସ୍ତେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସ୍ଥାନୀୟ ଲୋକଙ୍କ ଅଭିଯୋଗ ଅନୁଯାୟୀ, ମୋବାଇଲରେ ଠିକ୍ ଭାବରେ ଟାୱାର ନ ଆସିବା ଏବଂ ଇଣ୍ଟରନେଟ ସେବା ବାରମ୍ବାର ବିଚ୍ଛିନ୍ନ ହେବା ଯୋଗୁଁ ଫୋନ୍‌ରେ କଥାବାର୍ତ୍ତା କରିବା ମଧ କଷ୍ଟକର ହୋଇପଡ଼ିଛି। ଅନଲାଇନ ଆଧାରିତ ବିଭିନ୍ନ କାର୍ଯ୍ୟ ଠିକ୍ ସମୟରେ ସମ୍ପନ୍ନ ହୋଇପାରୁ ନଥିବାରୁ ଲୋକେ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବାକୁ ବାଧ ହେଉଛନ୍ତି। ନେଟୱର୍କ ସମସ୍ୟାର ସବୁଠାରୁ ଅଧିକ ପ୍ରଭାବ ଜନସେବା କେନ୍ଦ୍ର ଓ ସରକାରୀ କାର୍ଯ୍ୟ ଉପରେ ପଡୁଛି। ବିଭିନ୍ନ ସରକାରୀ ସେବା ପାଇବାକୁ ଆସୁଥିବା ଲୋକେ ଦୀର୍ଘ ସମୟ ଧରି ଜନସେବା କେନ୍ଦ୍ରରେ ଅପେକ୍ଷା କରୁଥିବା ବେଳେ କାର୍ଯ୍ୟ ସଠିକ୍ ଭାବେ ଆଗକୁ ବଢ଼ିପାରୁନାହିଁ। ବର୍ତ୍ତମାନ ଚାଲିଥିବା ବିଭିନ୍ନ ସରକାରୀ ସର୍ଭେ ଓ ଅନଲାଇନ ତଥ୍ୟ ସଂଗ୍ରହ କାର୍ଯ୍ୟରେ ମଧ ଏହା ବଡ଼ ବାଧକ ସାଜିଛି। ବିଶେଷକରି ବିଏଲଓମାନେ ନେଟୱର୍କ ନ ମିଳିବାରୁ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିବା ସହ ଭଲ ସିଗ୍ନାଲ ଥିବା ସ୍ଥାନ ଖୋଜି କାର୍ଯ୍ୟ କରୁଥିବା ଜଣାପଡ଼ିଛି। ସେହିପରି ଅଙ୍ଗନବାଡି କର୍ମୀମାନେ ମଧ ନେଟୱାର୍କ ସମସ୍ୟା ଯୋଗୁଁ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରସୂତି ଓ ଗର୍ଭବତୀ ମହିଳାଙ୍କ ତଥ୍ୟ ଅପଲୋଡ଼୍ ଓ ଫେସ୍ କ୍ୟାପଚର ପ୍ରକ୍ରିୟା ସମୟରେ ଇଣ୍ଟରନେଟ ସଂଯୋଗ ନ ମିଳିବାରୁ ସେମାନଙ୍କୁ ଗଛମୂଳ, ରାସ୍ତାକଡ଼ କିମ୍ବା ଉଚ୍ଚ ସ୍ଥାନରେ ଯାଇ ନେଟୱର୍କ ଖୋଜିବାକୁ ପଡୁଛି। ଫଳରେ ସରକାରଙ୍କ ନିର୍ଦ୍ଧାରିତ ସମୟ ମଧ୍ୟରେ କାର୍ଯ୍ୟ ସମ୍ପନ୍ନ କରିବା କଷ୍ଟସାଧ ହୋଇପଡୁଛି। ଅନ୍ୟପକ୍ଷରେ, ଉପଭୋକ୍ତାମାନେ ହଜାର ହଜାର ଟଙ୍କା ଖର୍ଚ୍ଚ କରି ୪ଜି ଓ ୫ଜି ଡାଟା ପ୍ୟାକ୍ ରିଚାର୍ଜ କରୁଥିଲେ ମଧ ସେହି ଅନୁଯାୟୀ ସେବା ପାଉନଥିବା ଅଭିଯୋଗ କରିଛନ୍ତି। ନେଟୱର୍କ ପ୍ରଦାନକାରୀ କମ୍ପାନୀଗୁଡ଼ିକ ଗ୍ରାହକଙ୍କୁ ଗୁଣାତ୍ମକ ସେବା ଯୋଗାଇବା ସହ ଅଞ୍ଚଳରେ ଟାୱାର ଓ ନେଟୱର୍କ ବ୍ୟବସ୍ଥାର ଉନ୍ନତି ପାଇଁ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହେଉଛି।

ସରକାରୀ କାର୍ଯ୍ୟ ବଧାପ୍ରାପ୍ତ

# ଶିଳ୍ପଶୂନ୍ୟ ହୋଇଗଲା ବରଗଡ଼

ବରଗଡ,୨୦।୬(ସମିସ):

ଦିନେ ପଶ୍ଚିମ ଓଡ଼ିଶାର ଶିଳ୍ପ ନଗରୀ ଭାବେ ପରିଚିତ ବରଗଡ଼ ଆଜି ନିଜର ଶିଳ୍ପ ଐତିହ୍ୟକୁ ହରାଇବାର ଦୁଃଖଦ ଅବସ୍ଥାରେ ପହଞ୍ଚିଛି। କୃଷି ଓ ଶିଳ୍ପର ସମନ୍ୱୟରେ ଯେଉଁ ଜିଲ୍ଲା ଦିନେ ସମୃଦ୍ଧିର ନୂଆ ଅଧ୍ୟାୟ ଲେଖିଥିଲା ଆଜି ସେହି ଜିଲ୍ଲା ଶିଳ୍ପ କ୍ଷେତ୍ରରେ ପ୍ରାୟ ଶୂନ୍ୟରେ ପରିଣତ ହୋଇଯାଇଛି। ସାର କାରଖାନା ବନ୍ଦ ହେଲା। ଚିନି ମିଲ୍ ବନ୍ଦ ହେଲା। ସୂତା କଳ ବନ୍ଦ ହେଲା। ପାୱାର ହ୍ୟାଣ୍ଡଲୁମ ବନ୍ଦ ହେଲା। ଏବେ ଶେଷ ଆଶା ଭାବେ ରହିଥିବା ବରଗଡ଼ର ପ୍ରସିଦ୍ଧ ଏସିସି ସିମେଣ୍ଟ କାରଖାନା ମଧ୍ୟ ଅଗଷ୍ଟ ୧୯ରୁ ସମ୍ପୂର୍ଣ୍ଣ ବନ୍ଦ ହେବାକୁ ଯାଉଛି। ଚୂନପଥର ଭଣ୍ଡାରର ଅଭାବ, ବୃଦ୍ଧି ପାଉଥିବା ଉତ୍ପାଦନ ଖର୍ଚ୍ଚ ଏବଂ ପୁରୁଣା ଯନ୍ତ୍ରପାତି ଏହାର କାରଣ ବୋଲି କୁହାଯାଉଛି। ଆଜି ହଜାର ହଜାର ଯୁବକ ନିଜ ମାଟି ଛାଡ଼ି ରୋଜଗାର ଖୋଜିବା ପାଇଁ ବାହାର ରାଜ୍ୟକୁ ଯାଉଛନ୍ତି। ଯେଉଁ ଜିଲ୍ଲା ଦିନେ ଶିଳ୍ପ ମାଧ୍ୟମରେ ରୋଜଗାର ସୃଷ୍ଟି କରୁଥିଲା ଆଜି ସେହି ଜିଲ୍ଲାର ଯୁବପିଢ଼ି ନିଜ ଭବିଷ୍ୟତ ପାଇଁ ଅନ୍ୟ ରାଜ୍ୟ ଉପରେ ନିର୍ଭରଶୀଳ। ତେବେ ବରଗଡ଼ରେ ଏକ ନୂତନ ଏଥାନଲ ପ୍ଲାଣ୍ଟ ସ୍ଥାପନ ହେଉଛି। ନିଶ୍ଚିତ ଭାବେ ଏହା କିଛି ରୋଜଗାରର ସୁଯୋଗ ସୃଷ୍ଟି କରିବ; କିନ୍ତୁ ବରଗଡ଼ ଏକ କୃଷି ପ୍ରଧାନ ଜିଲ୍ଲା ହୋଇଥିବାରୁ ଏହାର ଜଳ ବ୍ୟବହାର ନେଇ ଗମ୍ଭୀର ପ୍ରଶ୍ନ ଉଠୁଛି। ଏଥାନଲ ଉତ୍ପାଦନ ପାଇଁ ବହୁ ପରିମାଣର ଜଳ ଆବଶ୍ୟକ ହୁଏ। ଯେଉଁ ଜିଲ୍ଲାର ଅର୍ଥନୀତି ଚାଷ ଉପରେ ନିର୍ଭର କରେ ସେଠାରେ ଜଳ ସମ୍ପଦର ସୁରକ୍ଷା ସର୍ବାଧିକ ଗୁରୁତ୍ୱପୂର୍ଣ୍ଣ। ବରଗଡ଼କୁ କେବଳ ଗୋଟିଏ କିମ୍ବା ଦୁଇଟି ବଡ଼ ଶିଳ୍ପ ନୁହେଁ; ବରଂ କୃଷି ଭିତ୍ତିକ ଖାଦ୍ୟ ପ୍ରକ୍ରିୟାକରଣ ଶିଳ୍ପ, ବସ୍ତ୍ର ଶିଳ୍ପ, ହସ୍ତତନ୍ତ ଶିଳ୍ପ, କୃଷି ଯନ୍ତ୍ରାଂଶ ନିର୍ମାଣ କାରଖାନା, କ୍ଷୁଦ୍ର ଓ ମଧ୍ୟମ ଉଦ୍ୟୋଗ, କୋଲ୍ଡ ଷ୍ଟୋରେଜ୍ ଏବଂ କୃଷକଙ୍କ ଉତ୍ପାଦର ମୂଲ୍ୟବୃଦ୍ଧି କରୁଥିବା ଶିଳ୍ପର ଆବଶ୍ୟକତା ରହିଛି। ଏବେ ଠୁଁ ବରଗଡ଼ର ଭବିଷ୍ୟତକୁ ନେଇ ଗମ୍ଭୀର ଚିନ୍ତା କରିବାର। ଯଦି ନୂତନ ଶିଳ୍ପ ନୀତି, ନୂତନ ନିବେଶ ଓ ସ୍ଥାନୀୟ ରୋଜଗାର ସୃଷ୍ଟି ପାଇଁ ପଦକ୍ଷେପ ନିଆ ନ ଯାଏ ତେବେ ଆଗାମୀ ପିଢ଼ି ବରଗଡ଼ର ଶିଳ୍ପ ଐତିହ୍ୟକୁ କେବଳ ଇତିହାସ ପୁସ୍ତକରେ ପଢ଼ିବ। ବରଗଡ଼ କେବଳ ଧାନର ଭଣ୍ଡାର ନୁହେଁ; ଏହା ଶିଳ୍ପ ଓ ରୋଜଗାରର ମଧ୍ୟ ଏକ କେନ୍ଦ୍ର ହେବାର କ୍ଷମତା ରଖେ। ଆବଶ୍ୟକ କେବଳ ଠିକ୍ ଦୃଷ୍ଟିଭଙ୍ଗୀ, ଦୂରଦର୍ଶୀ ଯୋଜନା ଏବଂ ଜନସ୍ୱାର୍ଥକୁ ପ୍ରାଥମିକତା ଦେଇଥିବା ବିକାଶ ମଡେଲ। ବରଗଡ଼ ଜିଲ୍ଲାର ସମସ୍ତ ଜନପ୍ରତିନିଧି, ସାଂସଦ, ବିଧାୟକ ଓ ରାଜ୍ୟ-କେନ୍ଦ୍ର ସରକାରଙ୍କ ନିକଟରେ ବରଗଡ଼ ଜିଲ୍ଲାର ଭୌଗୋଳିକ ସ୍ଥିତି, କୃଷିଭିତ୍ତିକ ଅର୍ଥନୀତି, ଜଳ ସମ୍ପଦ ଓ ଯୁବପିଢ଼ିର ରୋଜଗାର ଆବଶ୍ୟକତାକୁ ଦୃଷ୍ଟିରେ ରଖି ଏକ ସମୟଉପଯୋଗୀ ଓ ଦୂରଦର୍ଶୀ ଶିଳ୍ପ ନୀତି ପ୍ରସ୍ତୁତ କରନ୍ତୁ। ବନ୍ଦ ହୋଇଯାଇଥିବା ଶିଳ୍ପଗୁଡ଼ିକର ବିକଳ୍ପ ଭାବେ ନୂତନ ଶିଳ୍ପ ସ୍ଥାପନ, କୃଷିଭିତ୍ତିକ ପ୍ରକ୍ରିୟାକରଣ ୟୁନିଟ୍, ଖାଦ୍ୟ ପ୍ରକ୍ରିୟାକରଣ, ବସ୍ତ୍ର ଶିଳ୍ପ ଓ କ୍ଷୁଦ୍ର-ମଧ୍ୟମ ଉଦ୍ୟୋଗର ବିକାଶ ପାଇଁ ପଦକ୍ଷେପ ନିଆଯାଉ। ବରଗଡ଼ର ଯୁବପିଢ଼ି ଚାକିରି ପାଇଁ ନିଜ ମାଟି ଛାଡ଼ି ନ ଯାଆନ୍ତୁ; ବରଂ ନିଜ ଜିଲ୍ଲାରେ ସମ୍ମାନଜନକ ରୋଜଗାର ପାଆନ୍ତୁ ବୋଲି ବୁଦ୍ଧିଜୀବୀ ମହଲରେ ମତ ପ୍ରକାଶ ପାଇଛି।

- **ଅତୀତରେ ସାର କାରଖାନା, ଚିନି ମିଲ୍, ସୂତା କଳ, ପାୱାର ହ୍ୟାଣ୍ଡଲୁମ୍ ବନ୍ଦ ହୋଇଛି**
- **ଶେଷ ଆଶା ଥିବା ଏସିସି ସିମେଣ୍ଟ କାରଖାନା ମଧ୍ୟ ଅଗଷ୍ଟ ୧୯ ରୁ ସମ୍ପୂର୍ଣ୍ଣ ବନ୍ଦ ହେବ**

## ଚାମେଲିଙ୍କ ପାଇଁ ଗର୍ଜିଲା ବରଗଡ଼ ଜିଲ୍ଲା ସରପଞ୍ଚ ସଂଘ



ବରଗଡ,୨୦।୬(ସମିସ): କେନ୍ଦ୍ରାପଡ଼ା ଜିଲ୍ଲା ତିଖିରି ସରପଞ୍ଚ ଚାମେଲି ଓଝାଙ୍କୁ ନ୍ୟାୟ ପ୍ରଦାନ ଦାବିରେ ବରଗଡ଼ ଜିଲ୍ଲା ସରପଞ୍ଚ ସଂଘ ବିକ୍ଷୋଭ ପ୍ରଦର୍ଶନ କରିଛି। ନାରାବାଜି କରି ତାଙ୍କୁ ଉଚିତ୍ ନ୍ୟାୟପ୍ରଦାନ କରାଯାଉ ବୋଲି ଦାବି କରିଛି। ନାରୀଙ୍କୁ ସୁରକ୍ଷା କଥା କହୁଥିବା ସରକାର ଚାମେଲିଙ୍କ ପ୍ରତି କିଭଳି ସୁରକ୍ଷା ଦେଇଛି ବୋଲି ସରପଞ୍ଚ ସଂଘ ପ୍ରଶ୍ନ କରିଛି। ଚାମେଲିଙ୍କୁ ନ୍ୟାୟପ୍ରଦାନ କରିବାରେ ଅବହେଳା ହେଲେ ସରପଞ୍ଚ ସଂଘ ଆନ୍ଦୋଳନ କରିବା ସହ ରାସ୍ତାକୁ ଓହ୍ଲାଇବ ବୋଲି ଚେତାବନୀ ଦେଇଛି। ପ୍ରଥମେ ବରଗଡ଼ ଗାନ୍ଧୀ ଛକସ୍ଥିତ ମହାତ୍ମା ଗାନ୍ଧୀଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପ ମାଲ୍ୟ ଅର୍ପଣ କରାଯାଇଥିଲା। ବିଶାଳ ଶୋଭାଯାତ୍ରାରେ ସମସ୍ତେ ବରଗଡ଼ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲେ। ସେଠାରେ ସାଧାରଣ ସଭା ଅନୁଷ୍ଠିତ ହୋଇଥିଲା। ପରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବରଗଡ଼ ଜିଲ୍ଲାପାଳଙ୍କ ଜରିଆରେ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ବରଗଡ଼ ଜିଲ୍ଲା ସରପଞ୍ଚ ସଂଘର ସଭାପତି ଗୋବିନ୍ଦ ପ୍ରଧାନ, ଗୋବିନ୍ଦପୁର ସରପଞ୍ଚ ପ୍ରଫୁଲ୍ଲ ନାୟକ, ସଂପାଦକ ଆନନ୍ଦ ବେହେରା, ଉପ-ସଭାନେତ୍ରୀ ଅର୍ପିତା ପଣ୍ଡା, ଉପ-ସଭାନେତ୍ରୀ ସବିତା ସାହୁ, ସହ-ସଂପାଦକ ଲୋକେସ କୁମାର ସାହୁ, କୋଷାଧ୍ୟକ୍ଷ ଭାଗବତିଆ ସିଂ, କାର୍ଯ୍ୟକାରୀ ସଦସ୍ୟ ଚନାବୁଟୁ ବଞ୍ଜାରା, ବେଲାର ମେହେର, ହୀରାଧର ସାହୁ, ଅଧିକାରୀ ବାରିକ, ପ୍ରତାପ ହୋତା, ଆର୍ତ୍ତତ୍ରାଣ ସାହୁ, ସୁଷମା ଆଚାର୍ଯ୍ୟଙ୍କ ସମେତ ଜିଲ୍ଲାର ସମସ୍ତ ସରପଞ୍ଚଙ୍କ ଉପସ୍ଥିତରେ ବରଗଡ଼ ଏଡିଏମ୍ ମଧୁଚନ୍ଦା ସାହୁଙ୍କୁ ଦାବିପତ୍ର ଦେଇଥିଲେ।

## ରାଜ୍ୟ ସରକାରଙ୍କ ୨ ବର୍ଷର ସଫଳତା ନେଇ ଆଲୋଚନା



ଝାରବନ୍ଧ,୨୦।୬(ସମିସ): ଝାରବନ୍ଧ ବ୍ଲକ୍ ସଭାଗୃହରେ ଶନିବାର ସରକାରଙ୍କ ୨ ବର୍ଷ ପୂର୍ତ୍ତି ପାଳନ କାର୍ଯ୍ୟକ୍ରମ ଉଦ୍‌ଘାଟିତ ହୋଇଛି। ୪ ଦିନିଆ ବ୍ଲକ୍‌ସ୍ତରୀୟ କାର୍ଯ୍ୟକ୍ରମରେ ପ୍ରଥମ ଦିବସରେ ଅନୁସୂଚୀତ ଜନଜାତି ଅନୁସୂଚିତ ଜାତିର ବିକାଶ ଉପରେ ଏକ ସ୍ୱତନ୍ତ୍ର ଆଲୋଚନା ଓ ପ୍ରସ୍ତାବ ଆଗତ କରାଯାଇଥିଲା। ପ୍ରଥମ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ବରଗଡ ଜିଲ୍ଲା ସ୍ୱତନ୍ତ୍ର ଉନ୍ନୟନ ପରିଷଦର ଅଧ୍ୟକ୍ଷ ଗୋବର୍ଦ୍ଧନ ଭୋଇ ଉପସ୍ଥିତ ଥିବା ବେଳେ ସମ୍ମାନୀତ ଅତିଥି ଭାବରେ ସାଂସଦ ପ୍ରତିନିଧି ଦୁର୍ଗା ପ୍ରସାଦ ଅଗ୍ରୱାଲ, ବିଡ଼ିଓ ପର୍ଶୁରାମ ପଣ୍ଡା, ଏଡିଡବ୍ଲୁଓ ସଞ୍ଜୟ ଲେଙ୍କା, ପୂର୍ବତନ ବ୍ଲକ ଅଧ୍ୟକ୍ଷ ହୃଷିକେଷ ବରିହା, ବ୍ଲକ କୃଷି ଅଧିକାରୀ ନୀତା ଶବର, ଅବସରପ୍ରାପ୍ତ ଶିକ୍ଷକ ସନତ ବରିହା ଯୋଗ ଦେଇଥିଲେ। ଦ୍ୱିତୀୟ ଅଧିବେଶନରେ ମୁଖ୍ୟ ଅତିଥି ଭାବେ ଗୋବର୍ଦ୍ଧନ ଭୁଏ, ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ଦୁର୍ଗାପ୍ରସାଦ ଅଗ୍ରୱାଲ, ବିଡ଼ିଓ ପର୍ଶୁରାମ ପଣ୍ଡା, ଖଟିଖିଆ ସଂଗଠନର ସଭାପତି ଭୋଜରାଜ ବାଘ, ଏଇଇ ନାଗାର୍ଜୁନ ପ୍ରଧାନ, ଜିଲ୍ଲା ପରିଷଦ ସଭ୍ୟ ସନ୍ତୋଷ ବେହେରା, ବିନୋଦ ବିହାରୀ ବାଘ ପ୍ରମୁଖ ଯୋଗ ଦେଇ ସରକାରୀ ଯୋଜନା ଗୁଡ଼ିକର ସଫଳ ରୂପାୟନ, ଶିକ୍ଷାର ଗୁରୁତ୍ୱ, ଆଦିବାସୀଙ୍କ ପାଇଁ ଥିବା ସ୍ୱତନ୍ତ୍ର ଯୋଜନା ଗୁଡ଼ିକ ଉପରେ ଗୁରୁତ୍ୱ ଆରୋପ କରିଥିଲେ। ଏହି ଅବସରରେ ସହୀଦ ମାଧୋ ସିଂ ହାତ ଖର୍ଚ୍ଚ ପାଇଁ ୫ ଜଣ ଛାତ୍ରଛାତ୍ରୀଙ୍କୁ ପ୍ରତି ଛାତ୍ରଙ୍କୁ ୫୦୦୦ ଟଙ୍କାର ଚେକ୍ ପ୍ରଦାନ କରାଯାଇଥିଲା। ସେହିପରି, ମାଟ୍ରିକ୍ ପରୀକ୍ଷାରେ ବ୍ଲକ୍‌ସ୍ତରୀୟ ଟପ୍ପର ଓ ଆଦର୍ଶ ଶିକ୍ଷୟିତ୍ରୀ, ଆଙ୍ଗନବାଡି କର୍ମୀ, ଆଶାକର୍ମୀ, କଳାକାର, ସମାଜସେବୀ, ଓଡିଶା ଜୀବିକା ମିଶନର ସିଆରପିଙ୍କୁ ଉଲ୍ଲେଖନୀୟ ଅବଦାନ ପାଇଁ ସମ୍ବର୍ଦ୍ଧିତ କରାଯାଇଥିଲା। ବିପିଏମ୍ ସତ୍ୟ କୁମ୍ଭାର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଶିକ୍ଷକମାନଙ୍କୁ ନେଇ ୩ ଦିନିଆ କାର୍ଯ୍ୟକ୍ରମ

ବରଗଡ଼,୨୦।୬(ସମିସ): ପଞ୍ଚାୟତ ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପୋଷ୍ଟ ଗ୍ରାଜୁଏଟ୍ ଶିକ୍ଷକମାନଙ୍କ ପାଇଁ ତିନି ଦିନିଆ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଅଧ୍ୟକ୍ଷ ଡ. ନକୁଳ ସେଠ ସଭାପତିତ୍ୱ କରିଥିଲେ। ସୋନାଲି ସ୍ୱାଇଁ, ହୃଦାନନ୍ଦ ଭୁଏଁ, ବସନ୍ତୀ ଓରାମ, ସମୀର ସେଠ, ସ୍ମିତା ପାଣିଗ୍ରାହୀ, ଝରଣା ବିଶ୍ୱାଳ, ପୁଷ୍ପିତା ବେହେରା, ରାଜଶ୍ରୀ ଭଞ୍ଜ, ପ୍ରଫେସର ମନଭଞ୍ଜନ ପାଣିଗ୍ରାହୀ, ଅନିରୁଦ୍ଧ ରୋହିଦାସ ପ୍ରମୁଖ ଯୋଗଦେଇ ବିଭିନ୍ନ ବିଷୟରେ ଆଲୋଚନା କରିଥିଲେ।

## ସିପିଆର୍ ସେବା ତାଲିମ ଶିବିର



ବରଗଡ଼,୨୦।୬(ସମିସ): ଜିଲ୍ଲା ବରିଷ୍ଠ ନାଗରିକ ସଂଘ ସମ୍ମିଳନୀ କକ୍ଷରେ ସିପିଆର ତାଲିମ ଶିବିର ଅନୁଷ୍ଠିତ ହୋଇଯାଇଛି। କିଶୋରୀ ନର୍ସିଂହୋମର ଆଇସିୟୁ ବିଶାରଦ ଡା ସୌରଭ ପାଣିଗ୍ରାହୀଙ୍କ ତତ୍ତ୍ୱାବଧାନରେ କାର୍ଯକ୍ରମ ପରିଚାଳିତ ହୋଇଥିଲା। ସଂଘ ସଭାପତି କେଦାର ମିଶ୍ର ଉଦ୍ଦେଶ୍ୟ ଜ୍ଞାପନ କରିଥିଲେ। ସଂଘ ସମ୍ପାଦକ ଗୋବିନ୍ଦ ଦାଶ ଯୋଗଦେଇ ହୃଦ୍‌ଘାତ ସମୟରେ ସିପିଆର୍‌ର ଗୁରୁତ୍ୱ ଓ ଏହି ଜୀବନ ବଞ୍ଚାଇବା କଳା ଶିଖିବା ଶିଖିବା ଉପରେ ଆଲୋକପାତ କରିଥିଲେ। ସହ ସମ୍ପାଦକ ଆନନ୍ଦ ପ୍ରଧାନ ଅତିଥି ପରିଚୟ ଦେଇଥିଲେ। ନର୍ସିଂହୋମର ପରିଚାଳନା ପ୍ରମୁଖ ହିମାଂଶୁ ଶେଖର ବେହେରା, ସଂଘ ଉପଦେଷ୍ଟା ଗୌରଚନ୍ଦ୍ର କର, ବରଗଡ଼ ବ୍ଲକ ସଂଘ ସଭାପତି ଚନ୍ଦ୍ରଶେଖର ସାହୁ, ଭାରତ ଭୂଷଣ ଦାଶ, ପ୍ରୀତମ ସିଂ, ସୌକିଲାଲ ତ୍ରିପାଠୀ, ନିର୍ମଳ କର, ଦେବୀ ପଟ୍ଟନାୟକ, ପ୍ରସନ୍ନ ପ୍ରଧାନ, ତୁଳସୀ ଚରଣ ଦାଶ, ପ୍ରଦୀପ ସାହୁ, ଲୋକନାଥ ଆଚାର୍ଯ୍ୟ, ସତ୍ୟ ପଣ୍ଡା, ରବୀନ୍ଦ୍ର ପାଣିଗ୍ରାହୀ ପ୍ରମୁଖ ଯୋଗ ଦେଇଥିଲେ। ସଂଘର ସଂଗଠନ ସମ୍ପାଦକ ଯୋଗେଶ ଦାଶ ଧନ୍ୟବାଦ ଅର୍ପଣ କରିଥିଲେ।

## ମହିଳା ଓ ଶିଶୁ ବିକାଶ କମିଶନରଙ୍କ ଅଙ୍ଗନବାଡ଼ି କେନ୍ଦ୍ର ପରିଦର୍ଶନ



ବରଗଡ଼,୨୦।୬(ସମିସ): ମହିଳା ଓ ଶିଶୁ ବିକାଶ ବିଭାଗର କମିଶନର ତଥା ଶାସନ ସଚିବ ଡ. ମୃଣାଳିନୀ ଦସ୍ୱରାଲ ବରଗଡ ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ମହିଳା ଓ ଶିଶୁ ବିକାଶ କାର୍ଯ୍ୟକ୍ରମର ସମୀକ୍ଷା କରିଛନ୍ତି। ଅତାବିରା ଆଇସିଡିଏସ୍ ପ୍ରକଳ୍ପ ଅଧୀନ ଗୋଡ଼ଭଗା କ୍ୟାମ୍ପ ଅଙ୍ଗନବାଡ଼ି କେନ୍ଦ୍ର-୧ ଏବଂ ବରପାଲି ଆଇସିଡିଏସ୍ ପ୍ରକଳ୍ପ ଅଧୀନ ଅଇଁଠାପାଲି ଅଙ୍ଗନବାଡ଼ି କେନ୍ଦ୍ର-୧ ଓ ୨ ପରିଦର୍ଶନ କରିଥିଲେ। ଅଙ୍ଗନବାଡ଼ି କର୍ମୀ, ହେଲପର, କିଶୋରୀ ବାଳିକା, ଲେଡି ସୁପରଭାଇଜର, ସିଡିପିଓ ଏବଂ ବ୍ଲକ ଉନ୍ନୟନ ଅଧିକାରୀଙ୍କ ସହ ବିଭିନ୍ନ ଯୋଜନାର କାର୍ଯ୍ୟାନ୍ୱୟନ, ସେବା ପ୍ରଦାନ ବ୍ୟବସ୍ଥା ଓ ଭିତ୍ତିଭୂମି ସୁବିଧାର ସମୀକ୍ଷା କରିଥିଲେ। କର୍ମଚାରୀମାନେ ସମ୍ମୁଖୀନ ହେଉଥିବା ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ବରପାଲିସ୍ଥିତ ପଦ୍ମାଳୟା ସ୍ୱୟଂ ସହାୟକ ଗୋଷ୍ଠୀ ଦ୍ୱାରା ପରିଚାଳିତ ଟେକ୍-ହୋମ୍ ରେସନ (ଟିଏଚଆର୍) ଛତୁଆ ଉତ୍ପାଦନ କେନ୍ଦ୍ର ପରିଦର୍ଶନ କରି ଆଲୋଚନା କରିଥିଲେ। ଛତୁଆ ପ୍ରସ୍ତୁତି ପାଇଁ ବ୍ୟବହୃତ କଞ୍ଚାମାଲ ଓ ଉତ୍ପାଦନ ପ୍ରକ୍ରିୟାର ମାନ ଯାଞ୍ଚ କରିଥିଲେ। ବରପାଲିସ୍ଥିତ ସଖୀ ଇଣ୍ଟିଗ୍ରେଟେଡ୍ ୱିମେନ୍ସ ସେଣ୍ଟର (ଏସଆଇଡବ୍ଲୁସି) ପରିଦର୍ଶନ କରି ଚାଲିଥିବା ନିର୍ମାଣ କାର୍ଯ୍ୟ, ତାଲିମ କାର୍ଯ୍ୟକ୍ରମ ଓ ପରିଚାଳନା ବ୍ୟବସ୍ଥାର ସମୀକ୍ଷା କରିଥିଲେ। ଶକ୍ତି ସଦନ, ସଖୀ ୱାନ୍ ଷ୍ଟପ୍ ସେଣ୍ଟର ଏବଂ ବରଗଡ଼ସ୍ଥିତ ପୋଷଣ ପୁନର୍ବାସ କେନ୍ଦ୍ର (ଏନଆରସି) ପରିଦର୍ଶନ କରି ସେଠାରେ ରହୁଥିବା ଅନ୍ତେବାସୀ ଓ ସେବାଭୋଗଙ୍କ ସମସ୍ୟା ଶୁଣିଥିଲେ। ଉପଲବ୍ଧ ସୁବିଧା ଓ ସହାୟତା ମୂଳକ ସେବାର ସମୀକ୍ଷା କରିଥିଲେ। ଶେଷରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏକ ଜିଲ୍ଲାସ୍ତରୀୟ ସମୀକ୍ଷା ବୈଠକରେ ଜିଲ୍ଲାରେ ଚାଲିଥିବା ମହିଳା ଓ ଶିଶୁ କଲ୍ୟାଣ କାର୍ଯ୍ୟକ୍ରମର ଅଗ୍ରଗତି, ଆନ୍ତଃବିଭାଗୀୟ ସମନ୍ୱୟ ଓ ସେବା ପ୍ରଦାନ ବ୍ୟବସ୍ଥାର ଉନ୍ନତି ସମ୍ପର୍କରେ ସମୀକ୍ଷା କରଥିଲେ। ସରକାରୀ ଯୋଜନା ଗୁଡ଼ିକର ଫଳପ୍ରଦ କାର୍ଯ୍ୟାନ୍ୱୟନ, ସମୟୋପଯୋଗୀ ସେବା ପ୍ରଦାନ ଏବଂ ମହିଳା ଓ ଶିଶୁମାନଙ୍କ ପୋଷଣ, ସୁରକ୍ଷା ଓ ସଶକ୍ତୀକରଣ ଦିଗରେ ନିରନ୍ତର ପ୍ରୟାସ ଜାରି ରଖିବାକୁ ଗୁରୁତ୍ୱାରୋପ କରିଥିଲେ। ଏହି ଅବସରରେ ଜିଲ୍ଲାପାଳ ଆଦିତ୍ୟ ଗୋୟଲଙ୍କ ସମେତ ଜିଲ୍ଲାପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ଲଲାଟ ଲୁହା, ଜିଲ୍ଲା ସମାଜ ମଙ୍ଗଳ ଅଧିକାରୀ ସନ୍ଧ୍ୟାରାଣୀ ନେପାକ ଏବଂ ବିଭିନ୍ନ ବିଭାଗର ଅଧିକାରୀ ଉପସ୍ଥିତ ଥିଲେ।

## ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ

ଅମ୍ବାଭୋନା,୨୦।୬(ସମିସ): ବରଗଡ଼ ଜିଲ୍ଲାର ଅମ୍ବାଭୋନା ବ୍ଲକ ସଭାଗୃହରେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମର ତୃତୀୟ ଦିବସ ଅବସରରେ ସ୍ୱାବଲମ୍ବୀ ଯୁବ ସମୃଦ୍ଧ ଓଡ଼ିଶା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଡ. ଲଳିତ ବାଗଙ୍କ ଅଧ୍ୟକ୍ଷତାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଯୁବକ ଓ ଯୁବତୀଙ୍କୁ ସ୍ୱାବଲମ୍ବୀ ହେବା ଦିଗରେ ପ୍ରେରିତ କରାଯାଇଥିଲା। କାର୍ଯ୍ୟକ୍ରମରେ ଅମ୍ବାଭୋନା ତହସିଲଦାର ରଘୁନାଥ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ଅତିରିକ୍ତ ଗୋଷ୍ଠୀ ଉନ୍ନୟନ ଅଧିକାରୀ ସରୋଜ ପ୍ରଧାନ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ଲାଲମୋହନ ସିଂହ ଓ ସିଡିପିଓ ମାଳତୀ ନାଏକ ମଞ୍ଚାସୀନ ଥିଲେ। ଭୁକ୍ତା ଡିଗ୍ରୀ କଲେଜର ଅଧ୍ୟାପକ ଶରତ ଚନ୍ଦ୍ର ଦେହେରୀ ସଭା ପରିଚାଳନା କରିଥିଲେ। ଏସ୍‌ବିଆଇ ରୁଚିଦା ଶାଖାର ବ୍ୟାଙ୍କ ପ୍ରବନ୍ଧକ ସୌଭାଗ୍ୟ ହୋତା



ଯୁବ ଉଦ୍ୟୋଗୀଙ୍କ ପାଇଁ ବ୍ୟାଙ୍କ ମାଧ୍ୟମରେ କମ୍ ସୁଧରେ ଋଣ ପ୍ରଦାନ ବ୍ୟବସ୍ଥା ଓ ବିଭିନ୍ନ ସରକାରୀ ଯୋଜନା ସମ୍ପର୍କରେ ଆଲୋଚନା କରିଥିଲେ। ଜିଲ୍ଲା କର୍ମନିଯୋଜନ ଅଧିକାରୀ ଶାଶ୍ୱତ ପଣ୍ଡା ଯୁବକ ଯୁବତୀଙ୍କୁ ନିଜ ଦକ୍ଷତା ଅନୁଯାୟୀ କର୍ମନିଯୋଜନ କାର୍ଯ୍ୟାଳୟ ସହ ଯୋଗାଯୋଗ କରି ରୋଜଗାରର ସୁଯୋଗ ସୃଷ୍ଟି କରିବାକୁ ପରାମର୍ଶ ଦେଇଥିଲେ। ଶିକ୍ଷକ ମନୋହର ସାହୁ ପିପିଟି ମାଧ୍ୟମରେ ବିଭିନ୍ନ ଦକ୍ଷତା ବିକାଶ କାର୍ଯ୍ୟକ୍ରମ ଓ ବୈଷୟିକ ଶିକ୍ଷାର ସମ୍ଭାବନା ବିଷୟରେ ଉପସ୍ଥିତ ଯୁବପିଢ଼ୀଙ୍କୁ ଅବଗତ କରାଇଥିଲେ। ଏହି ଅବସରରେ ସରକାରଙ୍କ ବିଭିନ୍ନ ଯୁବ କଲ୍ୟାଣ ଓ ସ୍ୱରୋଜଗାର ଯୋଜନା ସମ୍ପର୍କରେ ଏକ ସଚେତନତାମୂଳକ ଭିଡିଓ ପ୍ରଦର୍ଶନ କରାଯାଇଥିଲା। ଯୁବକ ଯୁବତୀମାନଙ୍କୁ ସରକାରୀ ସୁବିଧା ଓ ସୁଯୋଗର ସଦୁପଯୋଗ କରି ସ୍ୱାବଲମ୍ବୀ ହେବାକୁ ଆହ୍ୱାନ କରାଯାଇଥିଲା। କାର୍ଯ୍ୟକ୍ରମ ସଫଳ ପରିଚାଳନାରେ ବ୍ଲକ୍ ଯୋଗାଣ ଅଧିକାରୀ ପ୍ରଭାତ ପ୍ରଦୀପ୍ତ, ମଙ୍ଗଳ ସମ୍ପ୍ରସାରଣ ଅଧିକାରୀ ଲୋକନାଥ ଚେରକିଆ ଏବଂ ବ୍ଲକର ଅନ୍ୟାନ୍ୟ କର୍ମଚାରୀ ସହଯୋଗ କରିଥିଲେ। ପଞ୍ଚାୟତ ଉନ୍ନୟନ ଅଧିକାରୀ ରୂପେଶ ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ପୂର୍ବତନ ଅବକାରୀ ନିରୀକ୍ଷକଙ୍କୁ ୩ ବର୍ଷ ଜେଲ୍

ବରଗଡ଼, ୨୦।୬(ସମିସ): ବରଗଡ଼ର ପୂର୍ବତନ ଅବକାରୀ ନିରୀକ୍ଷକ ଇନ୍ଦ୍ରଜିତ ସାହୁଙ୍କୁ ଏକ ଲାଞ୍ଚ ମାମଲାରେ ବରଗଡ଼ ଭିଜିଲାନ୍ସ ସ୍ୱତନ୍ତ୍ର ଅଦାଲତ ଦୋଷୀ ସାବ୍ୟସ୍ତ କରିଛନ୍ତି। ଶନିବାର ବିଚାରପତି ଏହି ମାମଲାର ଶୁଣାଣି କରିଥିଲେ। ଅଦାଲତ ତାଙ୍କୁ ୩ ବର୍ଷ ସଶ୍ରମ କାରାଦଣ୍ଡ ସହ ୧୦ ହଜାର ଟଙ୍କା ଜରିମାନା ଦଣ୍ଡାଦେଶ ଶୁଣାଇଛନ୍ତି। ଇନ୍ଦ୍ରଜିତ ସାହୁ ଅବକାରୀ ନିରୀକ୍ଷକ ଭାବେ କାର୍ଯ୍ୟରତ ଥିବା ସମୟରେ ଜଣେ ଅଭିଯୋଗକାରୀଙ୍କଠାରୁ ଲାଞ୍ଚ ଦାବି କରିଥିଲେ। ଅଭିଯୋଗକାରୀ ନିଜ ତେଜରାତି ଦୋକାନରେ ବିନା ଲାଇସେନ୍ସରେ ମହୁଲ ଫୁଲ ବିକ୍ରି କରୁଥିବା ଅଭିଯୋଗରେ ତାଙ୍କ ବିରୋଧରେ ଅବକାରୀ ମାମଲା ରୁଜୁ ନ କରିବା ପାଇଁ ଶ୍ରୀ ସାହୁ ଲାଞ୍ଚ ମାଗିଥିଲେ ଏବଂ ଗ୍ରହଣ ମଧ୍ୟ କରିଥିଲେ। ଏହି ଘଟଣା ସମ୍ପର୍କରେ ଓଡ଼ିଶା ଭିଜିଲାନ୍ସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଥିଲା। ତଦନ୍ତରେ ଅଭିଯୋଗ ସତ୍ୟ ପ୍ରମାଣିତ ହେବା ପରେ ତାଙ୍କ ବିରୋଧରେ ଚାର୍ଜସିଟ୍ ଦାଖଲ କରାଯାଇଥିଲା। ଦୀର୍ଘ ଶୁଣାଣି ପରେ ଅଦାଲତ ତାଙ୍କୁ ଦୋଷୀ ସାବ୍ୟସ୍ତ କରି ଜେଲ ଦଣ୍ଡ ଓ ଜରିମାନା ଆଦେଶ ଦେଇଛନ୍ତି। ଭିଜିଲାନ୍ସ ବିଭାଗ ପକ୍ଷରୁ ସୂଚନା ଦିଆଯାଇଛି ଯେ, ଦୋଷୀ ସାବ୍ୟସ୍ତ ହେବା ପରେ ଇନ୍ଦ୍ରଜିତଙ୍କ ପେନ୍‌ସନ ବନ୍ଦ କରିବା ପାଇଁ ସମ୍ପୃକ୍ତ କର୍ତ୍ତୃପକ୍ଷଙ୍କ ନିକଟରେ ଆବଶ୍ୟକ ପଦକ୍ଷେପ ଗ୍ରହଣ କରାଯିବ।




## ୨୬ ୟୁନିଟ୍ ରକ୍ତ ସଂଗ୍ରହ

ବରଗଡ,୨୦।୬(ସମିସ): ଜେକେ ଲକ୍ଷ୍ମୀ ସିମେଣ୍ଟର ପ୍ରତିଷ୍ଠାତା ସ୍ୱର୍ଗତ ହରିଶଙ୍କର ସିଂଘାନିଆଙ୍କ ୯୩ତମ ଜନ୍ମଦିନ ଉପଲକ୍ଷେ ବରଗଡ଼ ଭଟଲି ଛକସ୍ଥିତ ବିକାଶ ସେଲ୍ସଠାରେରେ ଏକ ରକ୍ତଦାନ ଶିବିର ଆୟୋଜିତ ହୋଇଥିଲା। ୨୬ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ବରଗଡ଼ ରକ୍ତ ଭଣ୍ଡାରର କର୍ମଚାରୀ ଶିବିରରେ ଉପସ୍ଥିତ ରହି ରକ୍ତ ସଂଗ୍ରହ କରିଥିଲେ। ବିଷ୍ଣୁ ଅଗ୍ରୱାଲଙ୍କ ସହଯୋଗ କ୍ରମେ ସତିଶୁ ନିକାଣ୍ଡି ଓ ଇଂ. ପ୍ରଦୀପ ବେହେରା ଉପସ୍ଥିତ ଥିଲେ।



ବରଗଡ଼ ଜିଲ୍ଲା ଗାଇସଲେଟ ବ୍ଲକ୍ ଡାଙ୍ଗବାହାଲରେ ଖେତ୍ ବଚାଓ ଅଭିଯାନ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଚାଷୀ।

## ସରାକାରୀ ଯୋଜନା ବିଷୟରେ ସଚେତନ ହେଲେ ଚାଷୀ

ପଦ୍ମପୁର,୨୦।୬(ସମିସ):

ରାଜ୍ୟ ସରକାରଙ୍କ ୨ ବର୍ଷ ପୂର୍ତ୍ତି ଅବସରରେ 'ବିକାଶର ଧାରା, ଓଡ଼ିଶା ସାରା' କାର୍ଯ୍ୟକ୍ରମ ଅଧୀନ ରାଜବୋଡ଼ାସମ୍ବର ବ୍ଲକ କାର୍ଯ୍ୟାଳୟ ପରିସରରେ ଦ୍ୱିତୀୟ ଦିନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୃଷି ଓ କୃଷକ ସଶକ୍ତୀକରଣ ବିଭାଗ ଆନୁକୂଲ୍ୟରେ ଆୟୋଜିତ ଏହି କର୍ମଶାଳାରେ ବିଭିନ୍ନ ବିଭାଗର ଅଧିକାରୀ ଯୋଗଦେଇ ସରକାରଙ୍କ ଜନକଲ୍ୟାଣକାରୀ ଯୋଜନା ସମ୍ପର୍କରେ ଚାଷୀଙ୍କୁ ସଚେତନ କରିଥିଲେ। ବ୍ଲକ୍ ଉନ୍ନୟନ ଅଧିକାରୀ ମନୋଜ ଦେବତା ରୂପେ ପରିଚାଳନା କରିଥିଲେ। ମୁଖ୍ୟ ଅତିଥି ଭାବେ ପଦ୍ମପୁର ଅତିରିକ୍ତ ଜିଲ୍ଲାପାଳ ସରୋଜିନୀ ପ୍ରସନ୍ନ





କୁଲୁ ଯୋଗଦେଇ ମତ୍ସ୍ୟ ପୋଖରୀ ଯୋଜନାର ହିତାଧିକାରୀଙ୍କୁ କାର୍ଯ୍ୟାଦେଶ ପ୍ରଦାନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାଂସଦ ପ୍ରତିନିଧି ନିରାକାର ବରିହା, ଜିଲ୍ଲା ପରିଷଦ ସଦସ୍ୟ ସରସ୍ୱତୀ ସାହୁ ଓ ଶ୍ରୀ ମକରଧ୍ୱଜ ବାଗାର ଯୋଗ ଦେଇଥିଲେ। କର୍ମଶାଳାରେ ଉଦ୍ୟାନ କୃଷି, ପ୍ରାଣୀ ସମ୍ପଦ, ମୃତ୍ତିକା ସଂରକ୍ଷଣ ଓ ମତ୍ସ୍ୟ ବିଭାଗର ଅଧିକାରୀ ନିଜ ନିଜ ବିଭାଗୀୟ ଯୋଜନାର ସଫଳତା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଣୀ ସମ୍ପଦ ସମୃଦ୍ଧି ଯୋଜନା, ପ୍ରଧାନମନ୍ତ୍ରୀ କୃଷି ସିଞ୍ଚାଇ ଯୋଜନା ଏବଂ ମତ୍ସ୍ୟ ପୋଖରୀ ଯୋଜନା ମାଧ୍ୟମରେ ଚାଷୀ କିପରି ଉପକୃତ ହୋଇପାରିବେ ସେ ସମ୍ପର୍କରେ ଗୁରୁତ୍ୱାରୋପ କରାଯାଇଥିଲା। ପଦ୍ମପୁର ବ୍ଲକ କୃଷି ଅଧିକାରୀ ପ୍ରଶାନ୍ତ ବାଗ ଚାଷୀଙ୍କୁ ଚାଷୀ ପଞ୍ଜୀକରଣର ଗୁରୁତ୍ୱ ବୁଝାଇଥିଲେ। ଠିକ୍ ପଞ୍ଜୀକରଣ କଲେ ଚାଷୀ ସରକାରୀ ସବସିଡି ଓ ସହାୟତା ପାଇବାରେ କୌଣସି ଅସୁବିଧାର ସମ୍ମୁଖୀନ ହେବେ ନାହିଁ। ନୂତନ ଭାବେ କୃଷି ଉଦ୍ୟୋଗ ଆରମ୍ଭ କରୁଥିବା ଯୁବ ଚାଷୀ ମୁଖ୍ୟମନ୍ତ୍ରୀ କୃଷି ଉଦ୍ୟୋଗ ଯୋଜନାରୁ କିପରି ସବସିଡି ପାଇପାରିବେ ସେ ସମ୍ପର୍କରେ ମଧ୍ୟ ବିସ୍ତୃତ ସୂଚନା ଦିଆଯାଇଥିଲା।

## ସୋମବାରଠାରୁ ସକାଳୁଆ ସ୍କୁଲ ପାଇଁ ଦାବି

ବରଗଡ଼,୨୦।୬(ସମିସ): ରାଜ୍ୟରେ ଗ୍ରୀଷ୍ମ ପ୍ରବାହ ଏବଂ ଅସ୍ୱାଭାବିକ ଗରମ ଜାରି ରହିଛି; ହେଲେ ଆସନ୍ତା ସୋମବାରଠାରୁ ସ୍କୁଲ ଖୋଲିବ। ଏଣୁ ଛାତ୍ରଛାତ୍ରୀଙ୍କ ସ୍ୱାସ୍ଥ୍ୟ ଓ ସୁରକ୍ଷାକୁ ନେଇ ଅଭିଭାବକ ମହଲରେ ଚିନ୍ତା ପ୍ରକାଶ ପାଇଛି। ଦିନରେ ତାପମାତ୍ରା ୪୦ ଡିଗ୍ରୀ ସେଲସିଅସ୍‌ରୁ ଅଧିକ ରହୁଥିବାରୁ ସକାଳୁଆ ପାଠପଢା ବ୍ୟବସ୍ଥା ଲାଗୁ କରିବାକୁ ବିଭିନ୍ନ ମହଲରୁ ଦାବି ଉଠିଛି। ଅଭିଭାବକ, ଶିକ୍ଷାବିତ୍ ଓ ସାମାଜିକ ସଂଗଠନଗୁଡ଼ିକ ମତରେ ସକାଳ ୧୦ଟା ପରେ ଗରମ ବଢ଼ିଯାଉଛି। ଅପରାହ୍ନରେ ଶ୍ରେଣୀଗୃହରେ ବସି ପାଠ ପଢିବା ଛାତ୍ରଛାତ୍ରୀଙ୍କ ପାଇଁ କଷ୍ଟସାଧ୍ୟ ହୋଇପଡୁଛି। ବିଶେଷକରି ଗ୍ରାମାଞ୍ଚଳର ଅନେକ ସ୍କୁଲରେ ପର୍ଯ୍ୟାପ୍ତ ପାନୀୟ ଜଳ, ପଙ୍ଖା ଓ ଅନ୍ୟାନ୍ୟ ମୌଳିକ ସୁବିଧାର ଅଭାବ ଥିବାରୁ ପିଲାମାନେ କଲବଲ ହେବେ। ସକାଳ ୬ଟାରୁ ୧୦ଟା କିମ୍ବା ୧୧ଟା ପର୍ଯ୍ୟନ୍ତ କ୍ଲାସ୍ କରାଗଲେ ପିଲାମାନେ ସୁରକ୍ଷିତ ଭାବେ ପାଠ ପଢି ପାରିବେ। ଦିନର ପ୍ରଖର ଖରାରେ ସ୍କୁଲରୁ ଘରକୁ ଫେରିବା ମଧ୍ୟ ଛାତ୍ରଛାତ୍ରୀଙ୍କ ପାଇଁ ସମସ୍ୟା ହେବ।

# ସରିଲା ନଗର ପରିକ୍ରମା: ସ୍ୱଗୃହକୁ ଫେରିଲେ ଦେବଦମ୍ପତି





ସମ୍ବଲପୁର, ୨୦।୬(ସମିସ)

ବିଶ୍ୱ ପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ଦେବଦମ୍ପତିଙ୍କ ମନ୍ଦିର ପ୍ରବେଶ ସହ ଶେଷହୋଇଛି ଚଳିତବର୍ଷର ବିଶ୍ୱ ପ୍ରସିଦ୍ଧ ସମ୍ବଲପୁର ଶୀତଳଷଷ୍ଠୀ ଯାତ୍ରା। ବିବାହ ପରେ ଦେବଦମ୍ପତି ଗୁରୁବାର ବିଳମ୍ବିତ ରାତିରେ ଭକ୍ତ ଓ ଶ୍ରଦ୍ଧାଳୁଙ୍କୁ ଦର୍ଶନ ଦେବା ପାଇଁ ନଗର ପରିକ୍ରମାରେ ବାହାରିଥିଲେ। ଯୁଗଳଦର୍ଶନ ଶୋଭାଯାତ୍ରା ପୂର୍ବରୁ ମହାଆଳତୀ କରାଯାଇଥିଲା। ଗତକାଲି ରାତିତମାମ ଏହି ଶୋଭାଯାତ୍ରା ଚାଲିବା ପରେ ଆଜି ଭୋର୍‌ରୁ ବିଭିନ୍ନ ସ୍ଥାନରେ ତାହା ଅଟକି ରହିଥିଲା। ପୁଣି ପ୍ରାୟ ୧୧ଟା ସମୟରେ ଏହି ଶୋଭାଯାତ୍ରା ଆରମ୍ଭ ହୋଇଥିଲା। ସମ୍ବଲପୁର ସହର ଜନସମୁଦ୍ର ପାଲଟି ଯାଇଥିଲା। ରାଜ୍ୟ ତଥା ରାଜ୍ୟ ବାହାରୁ ହଜାର ହଜାର ସଂଖ୍ୟାରେ ଶ୍ରଦ୍ଧାଳୁ, ପର୍ଯ୍ୟଟକ ଓ ଗବେଷକମାନେ ଏହି ଲୌକିକ ବିବାହରେ ସାମିଲ ହେବାପରେ ଦେବଦମ୍ପତିଙ୍କୁ ଦର୍ଶନ କରିଥିଲେ। ବିଶ୍ୱାସ ରହିଛି, ଶୀତଳଷଷ୍ଠୀ ଶୋଭାଯାତ୍ରାରେ ଗଣ୍ଡୁଆଳରେ ଦେବଦମ୍ପତିଙ୍କୁ ଦର୍ଶନ କଲେ କୋଟି ଜନ୍ମର ପୁଣ୍ୟ ମିଳିଥାଏ। ବାଜାଗଜା ଓ ପ୍ରଜ୍ଞାନ ମେଢ଼ ମଧ୍ୟରେ ଦେବଦମ୍ପତି ପ୍ରଭୁ ହନୁମାନ ଓ ଅନ୍ୟ ଦେବାଦେବୀଙ୍କ ସହ ନଗର ପରିକ୍ରମା କରି ଆଜି ଅପରାହ୍ନରେ ମନ୍ଦିର ପ୍ରବେଶ କରିଛନ୍ତି। ମନ୍ଦିର ମାନଙ୍କରେ ମଙ୍ଗଳ ଆଳତୀ ପରେ ଦେବଦମ୍ପତିଙ୍କୁ ମନ୍ତ୍ର ଉଚ୍ଚାରଣ ମଧ୍ୟରେ ମନ୍ଦିର ପ୍ରବେଶ କରିଛନ୍ତି। ନନ୍ଦପଡ଼ାର ବମବରାଡ ବାଲୁଙ୍କେଶ୍ୱର ବାବା, ଝାଡୁଆପଡ଼ାର ଶ୍ରୀ ଲୋକନାଥ ବାବା, ମୁଦିପଡ଼ାର ଶ୍ରୀ ଜାଗେଶ୍ୱର ବାବା, ବଡ଼ବଜାରର ଶ୍ରୀ ଶୀତଳେଶ୍ୱର ବାବା ଓ ଠାକୁରପଡ଼ାର ଶ୍ରୀ ଗୁପ୍ତେଶ୍ୱର ବାବା ଜଗଜ୍ଜନନୀ ମାତା ପାର୍ବତୀଙ୍କ ସହ ଯୁଗଳ ଦର୍ଶନ ଦେବାପରେ ଶିବାଳୟକୁ ରୀତିନୀତି ମଧ୍ୟରେ ପ୍ରତ୍ୟାବର୍ତ୍ତନ କରିଛନ୍ତି।



## ଦିନ ରାତି ମାନିଲେନି, ସହର ସାରା ଲୋକ

ଦିନ ରାତି ମାନିଲେନି। କନିଷ୍ଠରୁ ବରିଷ୍ଠ ରାତି ତମାମ ବୁଲିଲେ। ସହର ସାରା ଲୋକାରଣ୍ୟ ପାଲଟିଗଲା। ବିଭିନ୍ନ ପଡ଼ାରୁ କମିଟି ଗୁଡ଼ିକ ଦେବଦମ୍ପତିଙ୍କୁ ଧରି ଗୁରୁବାର ରାତିରେ ଶୋଭାଯାତ୍ରାରେ ବାହାରିଥିଲେ। ରାତି ସାରା ଶୋଭାଯାତ୍ରା ଜାରି ରହିଥିଲା। ଭୋର ସକାଳୁ ଶୋଭାଯାତ୍ରା ବନ୍ଦ ହୋଇ ପୁଣି ୧୨ଟା ବେଳେ ଆରମ୍ଭ ହୋଇଥିଲା। ଶେଷରେ ସନ୍ଧ୍ୟାରେ ମନ୍ଦିରଙ୍କୁ ଦେବଦମ୍ପତି ପ୍ରବେଶ କରିଥିଲେ। ହେଲେ ଗତକାଲି ରାତି ଓ ଆଜି ଦିନ ସାରା ଲୋକେ ଯୁଗଳ ଦର୍ଶନ ପାଇଁ ଚାତକ ଭଳି ରାସ୍ତାରେ ଅପେକ୍ଷା କରିଥିଲେ। ଯୁଗଳ ଦର୍ଶନ କରି ଆଶିଷ ଲାଭ କରିଥିଲେ। ଆଜି ଦିନରେ ତାପମାତ୍ରା ବୃଦ୍ଧି ହୋଇଥିଲେ ମଧ୍ୟ ଶ୍ରଦ୍ଧାଳୁଙ୍କ ମନ ଫିକା କରିପାରିନଥିଲା।

## ଭିଡ଼ ଉପରେ ଚୋରଙ୍କ ନଜର

ଶୀତଳଷଷ୍ଠୀ ଯାତ୍ରା ସମ୍ପନ୍ନ ହୋଇଛି। ଯୁଗଳ ଦର୍ଶନ ପାଇଁ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ହେଲେ ଏହି ଭିଡ଼ ଉପରେ ଚୋରଙ୍କ ଲଲୁପ ଦୃଷ୍ଟି ରହିଥିଲା। ଗତକାଲି ଶୋଭାଯାତ୍ରା ବେଳେ ଟାଉନଥାନା ଅଞ୍ଚଳରେ ପ୍ରାୟ ୨୦ରୁ ଅଧିକ ମୋବାଇଲ ଚୋରି ହୋଇଛି। ବିଭିନ୍ନ ଥାନା ଅଞ୍ଚଳରେ ଗାଡ଼ି, ସୁନା ଚୋରି ହୋଇଥିବା ଅଭିଯୋଗ ହୋଇଛି। କିଛି କିଛି ଥାନାରେ ଅଭିଯୋଗ ହୋଇନଥିବା ସୂଚନା ମିଳିଛି।

# ଜିଲ୍ଲା ଜରୁରିକାଳୀନ ବିଭାଗର ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ



**ସମ୍ବଲପୁର, ୨୦।୬(ସମିସ):** ବାର୍ଷିକ ବିପର୍ଯ୍ୟୟ ପରିଚାଳନା ଅଭ୍ୟାସ-୨୦୨୬ ଅନ୍ତର୍ଗତ ସମ୍ଭାବ୍ୟ ବିପର୍ଯ୍ୟୟର ସଫଳ ମୁକାବିଲା ପାଇଁ ଗତ ୧୮ ତାରିଖ ଦିନ ଜିଲ୍ଲା ଜରୁରୀକାଳୀନ କାର୍ଯ୍ୟାଳୟ ପକ୍ଷରୁ ଏକ ଟେବୁଲ୍ ଟପ୍ ଏକ୍ସରସାଇଜ୍ ଆୟୋଜିତ ହୋଇଥିଲା। ଗୁରୁବାର ଜିଲ୍ଲାର ସମସ୍ତ ବନ୍ୟା ଆଶ୍ରୟସ୍ଥଳୀରେ ମକ୍‌ଡ୍ରିଲ୍ ଅନୁଷ୍ଠିତ ହୋଇଥିଲା। ଏହି ମକ୍‌ଡ୍ରିଲ୍‌ରେ ଏନ୍‌ଡିଆରଏଫ୍ ଟିମ୍, ଅଗ୍ନିଶମ ବିଭାଗ, ସ୍ଥାନୀୟ ସ୍ୱେଚ୍ଛାସେବୀ ଅନୁଷ୍ଠାନ, ବନ୍ୟା ଆଶ୍ରୟସ୍ଥଳୀର ସଭାପତି ଓ ସମ୍ପାଦକମାନଙ୍କ ସହଯୋଗ ରହିଥିଲା। ଏନ୍‌ଡିଆରଏଫ୍‌ର ଇନ୍ସପେକ୍ଟର ଆର୍.ଏସ୍. ରାଣାଙ୍କ ନେତୃତ୍ୱରେ ବନ୍ୟା ପରିସ୍ଥିତିରେ ନିଜକୁ କିପରି ସୁରକ୍ଷିତ ରଖିବେ, ବଜ୍ରପାତରୁ ସୁରକ୍ଷା, ସର୍ପଦଂଶର ପ୍ରାଥମିକ ଚିକିତ୍ସା ଏବଂ ସିପିଆର୍ ସମ୍ପର୍କିତ ପ୍ରଶିକ୍ଷଣ ପ୍ରଦାନ କରାଯାଇଥିଲା। ସମଲେଶ୍ୱରୀ ବହୁମୁଖୀ ବନ୍ୟା ଆଶ୍ରୟସ୍ଥଳୀରେ ଏନ୍‌ଡିଆରଏଫ୍ ଟିମ୍ ଦଉଡ଼ି ବ୍ୟବହାର କରି କୌଣସି ବ୍ୟକ୍ତି ଯଦି ଗୃହ ଭିତରେ ଫସି ଯାଇଥାନ୍ତି, ତେବେ ତାଙ୍କୁ କିପରି ଉଦ୍ଧାର କରାଯାଇପାରିବ, ତାହାର ପ୍ରଦର୍ଶନ କରିଥିଲେ। ଏହି କାର୍ଯ୍ୟକ୍ରମରେ ମହିଳାମାନଙ୍କର ସକ୍ରିୟ ଅଂଶଗ୍ରହଣ ବିଶେଷ ଭାବେ ଦେଖିବାକୁ ମିଳିଥିଲା। ଅତିରିକ୍ତ ଜିଲ୍ଲାପାଳ ସୁଧାଂଶୁ ଭୋଇଙ୍କ ତତ୍ତ୍ୱାବଧାନରେ ଜିଲ୍ଲା ଜରୁରୀକାଳୀନ ଅଧିକାରୀ ଯୋଗେଶପ୍ରିୟ ବଡେଇ ଏବଂ ଡିପିଓ (ଇମର୍ଜେନ୍ସି) ଗୀତାଞ୍ଜଳି ସାଙ୍କ ଦ୍ୱାରା ଆୟୋଜନ କରାଯାଇଥିଲା।

# ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ



**ସମ୍ବଲପୁର, ୨୦।୬(ସମିସ):** ଜିଲ୍ଲାସ୍ତରୀୟ ପିଏମ୍ କିଷାନ ଉତ୍ସବ ଦିବସ ଚିପିଲିମା ଉଦ୍ୟାନ କୃଷି ମହାବିଦ୍ୟାଳୟର ସମ୍ମିଳନୀ କକ୍ଷରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ପକ୍ଷରୁ ଜିଲ୍ଲା ମୁଖ୍ୟ କୃଷି ଅଧିକାରୀ ସତ୍ୟବାନ ସୋରେନଙ୍କ ଅଧକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃଷି ଓ ଉଦ୍ୟାନ କୃଷି ମହାବିଦ୍ୟାଳୟର ଚିପିଲିମାର ଅଧକ୍ଷ ପ୍ରଫେସର ରଞ୍ଜନ କୁମାର ତରାଇ, ପାନୀୟ ଜଳ ଯୋଗାଣ ପ୍ରକଳ୍ପ ନିର୍ଦ୍ଦେଶକ ରବିନାରାୟଣ ପଣ୍ଡା, ସମ୍ବଲପୁର କୃଷି ବିଜ୍ଞାନ କେନ୍ଦ୍ର ମୁଖ୍ୟ ସ୍ୱାଗତିକା ଶ୍ରୀଚନ୍ଦନ ପ୍ରମୁଖ ଅତିଥି ଭାବରେ ଉପସ୍ଥିତ ରହି କୃଷକମାନଙ୍କୁ କୀଟନାଶକ, ସାର ପ୍ରୟୋଗ ଓ ମୃତ୍ତିକା ଉର୍ବରତା ଏବଂ କୃଷିପୋଜୋଗି ତଥ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ପଶ୍ଚିମ ବଙ୍ଗ, ହୁଗୁଳି, ତାରକେଶ୍ୱର୍ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ କୃଷକ ମାନଙ୍କୁ ପିଏମ କିସାନର ୨୩ ତମ କିସ୍ତି ଅର୍ଥ ପ୍ରତ୍ୟକ୍ଷ ଲାଭ ହସ୍ତାନ୍ତର (ଡିବିଟି) ମାଧମରେ ପ୍ରଦାନ କରିଛନ୍ତି। ଭାରତର ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆଭାସୀ ମାଧମରେ ଯୋଡି ହୋଇ କୃଷକ ମାନଙ୍କୁ ପିଏମ କିସାନ ଯୋଜନାରେ କେନ୍ଦ୍ର ସରକାର ପ୍ରତ୍ୟେକ କୃଷକକୁ ବାର୍ଷିକ ୬୦୦୦ ଟଙ୍କା ତିନୋଟି କିସ୍ତିରେ ପ୍ରଦାନ କରିଥାନ୍ତି। କୃଷକ ମାନଙ୍କୁ ସସକ୍ତ କରିବା ବିହନ, ସାର, କୀଟନାଶକଏବଂ ଅନ୍ୟାନ୍ୟ କୃଷି ଉପକରଣ କିଣିବାରେ ଆର୍ଥିକ ସହାୟତା ଯୋଗାଇବା ଲକ୍ଷ୍ୟରେ ଏହା ପ୍ରଦାନ କରାଯାଇଥିବା କହିଥିଲେ। ଏହି କାର୍ଯ୍ୟକ୍ରମରେ ଓଡ଼ିଶାର ୩୪.୬ ଲକ୍ଷରୁ ଉକ୍ଷରୁ ଲଭାର୍ଥି ଲାଭବାନ ହୋଇପାରିଛନ୍ତି। ସମ୍ବଲପୁର ଜିଲ୍ଲାରେ ମଧ୍ୟ ୬୦୫୪୮ ଜଣ କୃଷକଙ୍କ ଏକାଉଣ୍ଟ୍‌ରେ ସିଧାସଳଖ ଏହି ଅର୍ଥ ପ୍ରଦାନ କରାଯାଇଛି। କୃଷକର ବିକାଶ ଓ ଦାରିଦ୍ର୍ୟ ହ୍ରାସ ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବା ଲକ୍ଷ୍ୟରେ କେନ୍ଦ୍ର ସରକାର ୨୦୧୯ ମସିହାରୁ ଏହି ଯୋଜନାକୁ କାର୍ଯ୍ୟକାରୀ କରିଥିଲେ। ପି ଏମ କିସାନ୍ ଯୋଜନା କେନ୍ଦ୍ର ସରକାରଙ୍କ ଦ୍ୱାରା ପ୍ରବର୍ତ୍ତିତ ଏକ କୃଷକ କଲ୍ୟାଣକାରୀ ପ୍ରଗତିଶୀଳ ତଥା କୃଷକମାନଙ୍କୁ ମୁଖ୍ୟସ୍ରୋତରେ ସାମିଲ କରିବା ଭଳି ଏକ ଯୋଜନା ଅଟେ। ଏହି କାର୍ଯ୍ୟକ୍ରମରେ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଏବଂ ସମସ୍ତ ବିଭାଗୀୟ ଅଧିକାରୀ ଉପସ୍ଥିତ ଥିଲେ।

# କଡ଼ା ସୁରକ୍ଷାରେ ଶୀତଳଷଷ୍ଠୀ ସମ୍ପନ୍ନ

**ସମ୍ବଲପୁର, ୨୦।୬(ସମିସ):** ସମ୍ବଲପୁର ସହରରେ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ ହେଲା ବିଶ୍ୱପ୍ରସିଦ୍ଧ ଶୀତଳଷଷ୍ଠୀ ଯାତ୍ରା। ଜିଲ୍ଲା ପୁଲିସର ବ୍ୟାପକ ସୁରକ୍ଷା ବ୍ୟବସ୍ଥା ଓ ପ୍ରସ୍ତୁତିକୁ ନେଇ ସବୁଠି ପ୍ରଶଂସା କରାଯାଉଛି। ବିଗତ ବର୍ଷ ତୁଳନାରେ ଏଥର ସହରରେ ଭିଡ଼ ନିୟନ୍ତ୍ରଣ କରିବାରେ ପୁଲିସ ସଫଳ ହୋଇଛି। ଯାତ୍ରା ପୂର୍ବରୁ ବିଭିନ୍ନ ସ୍ଥାନରେ ନାକା ବନ୍ଦି କରି ଗାଡ଼ି ଚେକିଂ ଜାରି ରଖିଥିଲା। ଅପରାଧ ରୋକିବାକୁ ବ୍ୟାପକ ପ୍ରସ୍ତୁତି କରିଥିଲା। ଦେବଦମ୍ପତିଙ୍କ ବୁଧବାର ବିବାହ ସମ୍ପନ୍ନ ପରେ ଗୁରୁବାର ବିଳମ୍ବିତ ରାତିରେ ଶୋଭାଯାତ୍ରା ଆରମ୍ଭ ହୋଇଥିଲେ। ସହର ଭିତରେ ଲକ୍ଷାଧିକ ଶ୍ରଦ୍ଧାଳୁ, କଳାକାରଙ୍କ ସମାଗମ ହୋଇଥିଲା। ତେଣୁ ଏହାକୁ ନଜରରେ ରଖି ଗୁରୁବାର ସନ୍ଧ୍ୟାରୁ ସହର ଭିତରୁ କୌଣସି ଗାଡ଼ି ଛଡା ଯାଇନଥିଲା। ଦେବଦେବ ମହାଦେବ ଓ ଜଗତଜନନୀ ମାତା ପାର୍ବତୀଙ୍କର ଏହି ପବିତ୍ର ବିବାହ ମହୋତ୍ସବରେ ଲକ୍ଷାଧିକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିବା ବେଳେ, ସମ୍ବଲପୁର ଜିଲ୍ଲା ପୁଲିସ ପକ୍ଷରୁ କରାଯାଇଥିବା ଅଭୁତପୂର୍ବ ସୁରକ୍ଷା ଓ ଭିଡ଼ ନିୟନ୍ତ୍ରଣ ବ୍ୟବସ୍ଥା ଯୋଗୁଁ କୌଣସି ଅପ୍ରୀତିକର ପରିସ୍ଥିତି ସୃଷ୍ଟି ହୋଇନାହିଁ। ଯାତ୍ରା ସମୟରେ ସହରର ସୁରକ୍ଷାକୁ ସୁଦୃଢ଼ କରିବା ପାଇଁ ସମ୍ବଲପୁର ପୁଲିସ ପକ୍ଷରୁ ବିଭିନ୍ନ ସୀମାନ୍ତ ଏବଂ ପ୍ରବେଶ ପଥରେ କଡ଼ା ଚେକିଂ କରାଯାଇଥିଲା। ସନ୍ଦିଗ୍ଧ ବ୍ୟକ୍ତି ଓ ଯାନବାହନଗୁଡ଼ିକ ଉପରେ ତୀକ୍ଷ୍ଣ ନଜର ରଖାଯିବା ସହ ବ୍ୟାପକ ନାକାବନ୍ଦୀ କରାଯାଇ ସହର ମଧ୍ୟକୁ ପ୍ରବେଶ କରୁଥିବା ପ୍ରତ୍ୟେକ ଗାଡ଼ିର ଯାଞ୍ଚ କରାଯାଇଥିଲା। ଏହା ଦ୍ୱାରା ଅପରାଧୀ ଓ ଅସାମାଜିକ ତତ୍ତ୍ୱଙ୍କ ଉପରେ ଅଙ୍କୁଶ ଲଗାଯାଇପାରିଛି।ଶୀତଳଷଷ୍ଠୀ ଯାତ୍ରାର ଶୋଭାଯାତ୍ରା ଦେଖିବା ପାଇଁ ରାଜ୍ୟ ତଥା ରାଜ୍ୟ ବାହାରୁ ଆସିଥିବା ଲକ୍ଷ ଲକ୍ଷ ଭକ୍ତଙ୍କ ଭିଡ଼କୁ ସମ୍ଭାଳିବା ଏକ ବଡ଼ ଆହ୍ୱାନ ଥିଲା। ମାତ୍ର ପୁଲିସ ବିଭାଗର ବ୍ଲୁ-ପ୍ରିଣ୍ଟ ଏବଂ ସଠିକ୍ ଯୋଜନା ଯୋଗୁଁ ଭିଡ଼ ନିୟନ୍ତ୍ରଣ ଅତ୍ୟନ୍ତ ସହଜ ହୋଇଥିଲା। ସହର ମଧ୍ୟରେ ଯେପରି କୌଣସି ସ୍ଥାନରେ ଟ୍ରାଫିକ୍ ଜାମ୍ ନହେବ, ସେଥିପାଇଁ ବିଭିନ୍ନ ରୁଟ୍ ଡାଇଭର୍ସନ କରାଯିବା ସହ ସ୍ୱତନ୍ତ୍ର ପାର୍କିଂ ସ୍ଥଳର ବ୍ୟବସ୍ଥା କରାଯାଇଥିଲା। ବିଶେଷ ଭାବେ ପାର୍କିଂ ପଏଣ୍ଟରୁ ସହର ଭିତରକୁ ଫ୍ରି ବସ ସେବାର ଆୟୋଜନ କରାଯାଇଥିଲା। ସହରର ଗଳିକନ୍ଦିରେ ବ୍ୟାପକ ସୁରକ୍ଷା ବଳ ମୁତୟନ, ଜରୁରୀକାଳୀନ ସେବା ପାଇଁ ଆମ୍ବୁଲାନ୍ସ ଏବଂ ମେଡିକାଲ ଟିମ୍ ସହ ସମନ୍ୱୟ ଏବଂ ଶୋଭାଯାତ୍ରା ସମୟରେ ବିଦ୍ୟୁତ ଓ ଅନ୍ୟାନ୍ୟ ଯାନ୍ତ୍ରିକ ତ୍ରୁଟି ଉପରେ ନଜର ରଖାଯାଇଥିଲା। ୱାଟକୋ ସମେତ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପାନୀୟଜଳ ବଣ୍ଟନ କରାଯାଇଥିଲା।

**ବ୍ୟାପକ ପ୍ରସ୍ତୁତି ପାଇଁ ଜିଲ୍ଲା ପୁଲିସକୁ ପ୍ରଶଂସା**

**କାମରେ ଲାଗିଲା ଫ୍ରି ବସ୍ ସେବା**

**ଜାମ ପରିସ୍ଥିତ ଏଡ଼ାଇବା ପାଇଁ ସହରକୁ ଗାଡ଼ି ନୋ-ଏଣ୍ଟ୍ରି**









ଶୀତଳ ଷଷ୍ଠୀ ଅବସରରେ କିଛି ଝଲକ

# କୁଚିଣ୍ଡାରେ ବ୍ଲକସ୍ତରୀୟ କୃଷକ ସମ୍ବାଦ କାର୍ଯ୍ୟକ୍ରମ

**କୁଚିଣ୍ଡା, ୨୦।୬(ସମିସ):** ରାଜ୍ୟ ସରକାରଙ୍କ ଦୁଇବର୍ଷ ପୂର୍ତ୍ତି ଉପଲକ୍ଷେ ବିକାଶର ଧାରା ଓଡ଼ିଶା ସାରା କାର୍ଯ୍ୟକ୍ରମ ଅଧୀନ କୁଚିଣ୍ଡା ବହୁମୁଖୀ କଲ୍ୟାଣ ମଣ୍ଡପଠାରେ ବ୍ଲକସ୍ତରୀୟ କୃଷକ ସମ୍ବାଦ ଓ କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କୃଷକମାନଙ୍କୁ ପ୍ରାକୃତିକ ଓ ପ୍ରଗତିଶୀଳ କୃଷି ପଦ୍ଧତି, ଜୈବିକ ଚାଷ ଏବଂ ରାସାୟନିକ ସାର ଓ କୀଟନାଶକର ସନ୍ତୁଳିତ ବ୍ୟବହାର ସମ୍ପର୍କରେ ସଚେତନ କରାଯାଇଥିଲା। କାର୍ଯ୍ୟକ୍ରମରେ (ଏମଏଲଏ )ପ୍ରତିନିଧି ବିଭୂତି କଲ୍ୟାଣ ପଟେଲ, ସମ୍ବଲପୁର ସାଂସଦଙ୍କ ପ୍ରତିନିଧି ରୁଦ୍ରପ୍ରତାପ ଦେଓ, ଜିଲ୍ଲା ପରିଷଦ ସଦସ୍ୟ ଦିବ୍ୟରାଜ କିସାନଙ୍କ ସହ କୁଚିଣ୍ଡା କୃଷି ଜିଲ୍ଲା ଅଧିକାରୀ ପ୍ରସନ୍ନ କୁମାର ସ୍ୱାଇଁ, ସହକାରୀ ଉଦ୍ୟାନ କୃଷି ନିର୍ଦ୍ଦେଶିକା ସତ୍ୟଭାମା ଧାନ, ସହକାରୀ ମତ୍ସ୍ୟ ଅଧିକାରୀ କୌଶଲ୍ୟା ରୋହିଦାସ, ଉପଖଣ୍ଡ ପ୍ରାଣୀ ଚିକିତ୍ସା ଅଧିକାରୀ ଡା. ପ୍ରସନ୍ନ କୁମାର ସାମନ୍ତ ଏବଂ ବ୍ଲକ କୃଷି ଅଧିକାରୀ ସୁସ୍ମିତା କିର ପ୍ରମୁଖ ଉପସ୍ଥିତ ଥିଲେ। ଅତିଥିମାନେ କୃଷକମାନଙ୍କୁ ପାରମ୍ପରିକ ଓ ପ୍ରାକୃତିକ ଚାଷ ପ୍ରତି ଆକୃଷ୍ଟ ହେବାକୁ ଆହ୍ୱାନ କରିଥିଲେ। ପ୍ରାକୃତିକ ଚାଷ ଦ୍ୱାରା ମାଟିର ଉର୍ବରତା ବୃଦ୍ଧି, ଚାଷ ଖର୍ଚ୍ଚ ହ୍ରାସ ଓ ଗୁଣାତ୍ମକ ଉତ୍ପାଦନ ସମ୍ଭବ ବୋଲି ଆଲୋଚନା କରାଯାଇଥିଲା।



# ଶୀତଳ ଷଷ୍ଠୀରେ ବିଜେଡି ପକ୍ଷରୁ ଥଣ୍ଡା ପାନୀୟ ବଣ୍ଟନ

ସମ୍ବଲପୁର, ୨୦।୬(ସମିସ)

ବିଶ୍ୱପ୍ରସିଦ୍ଧ ଶୀତଳ ଷଷ୍ଠୀ ଯାତ୍ରା ଅବସରରେ ବିଜୁ ଜନତା ଦଳ ସମ୍ବଲପୁର ଏବଂ ପୂର୍ବତନମନ୍ତ୍ରୀ ତଥା ସମ୍ବଲପୁର ଜିଲ୍ଲା ବିଜେଡି ସଭାପତି ଇଂ ରୋହିତ ପୂଜାରୀଙ୍କ ତତ୍ତ୍ୱାବଧାନରେ ଏକସେବା କାର୍ଯ୍ୟକ୍ରମ ଆୟୋଜନ କରାଯାଇଥିଲା। ଏହି ଅବସରରେ ଶୀତଳ ଷଷ୍ଠୀ ଯାତ୍ରା ତଥା ଦେବ ଦମ୍ପତିଙ୍କ ଯୁଗଳ ଦର୍ଶନରେ ସାମିଲ ହୋଇଥିବା ହଜାର ହଜାର ଭକ୍ତ ଏବଂ ଜନସାଧାରଣଙ୍କ ପାଇଁ ଥଣ୍ଡାପାନୀୟ ଓ ଦହି ସରବତ ବଣ୍ଟନ କରାଯାଇଥିଲା। ଅତିଥି ଭାବରେ ରେଙ୍ଗାଲି ବିଧାୟକ ସୁଦର୍ଶନ ହରିପାଲ ଏବଂ ଜିଲ୍ଲା ପରିଷଦ ଅଧକ୍ଷା କୁମୁଦିନୀ ନାୟକ ଯୋଗଦାନ କରିଥିଲେ। ଶୀତଳଷଷ୍ଠୀ ସମ୍ବଲପୁରର ସାମାଜିକ, ସାଂସ୍କୃତିକ ଓ ଧାର୍ମିକ ପରମ୍ପରାର ଏକ ଅନନ୍ୟ ପର୍ବ ହୋଇଥିବା ବେଳେ ଏହି ପର୍ବରେ ଲକ୍ଷାଧିକ ଶ୍ରଦ୍ଧାଳୁ ଓ ପର୍ଯ୍ୟଟକ ସମ୍ବଲପୁରକୁ ଆସିଥାନ୍ତି। ପ୍ରବଳ ଖରା ଓ ଗ୍ରୀଷ୍ମ ପ୍ରବାହ ମଧ୍ୟରେ ଭକ୍ତମାନଙ୍କ ସୁବିଧା ଓ ସେବାକୁ ଦୃଷ୍ଟିରେ ରଖି ବିଜୁ ଜନତା ଦଳ ପକ୍ଷରୁ ଏହି ଥଣ୍ଡା ପାନୀୟ ଓ ଦହି ସରବତ ବଣ୍ଟନ କରାଯାଇଥିଲା। ଏହି ପବିତ୍ର ଅବସରରେ ଜନସେବା କରିବା ଏକ ସୌଭାଗ୍ୟର ବିଷୟ। ସମାଜର ପ୍ରତ୍ୟେକ ବର୍ଗର ଲୋକଙ୍କ ସୁଖ-ଦୁଃଖରେ ସାମିଲ ହେବା ଏବଂ ସେବା ମନୋଭାବକୁ ଆଗକୁ ବଢ଼ାଇବା ବିଜୁ ଜନତା ଦଳର ମୂଳ ଆଦର୍ଶ ବୋଲି ସେ ପ୍ରକାଶ କରିଥିଲେ। ସମସ୍ତ ଜିଲ୍ଲାବାସୀଙ୍କୁ ଶୀତଳ ଷଷ୍ଠୀର ହାର୍ଦ୍ଦିକ ଶୁଭେଚ୍ଛା ଜଣାଇବା ସହିତ ପ୍ରଭୁ ହର-ପାର୍ବତୀଙ୍କ ଆଶୀର୍ବାଦରେ ସମ୍ବଲପୁର ଓ ରାଜ୍ୟର ସମସ୍ତଙ୍କ ଜୀବନରେ ସୁଖ, ଶାନ୍ତି, ସମୃଦ୍ଧି ଏବଂ ଭାଇଚାରା ଅତୁଟ ରହୁ ବୋଲି କାମନା କରିଥିଲେ। ବିଜୁ ଜନତା ଦଳର ବରିଷ୍ଠ ନେତା ସତ୍ୟେନ୍ଦ୍ର ଦାସଙ୍କ ସଂଯୋଜନାରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ ଦଳର ବରିଷ୍ଠ ନେତା ବସନ୍ତ ମିଶ୍ର, ସୁରୁବାବୁ ମେହେର, ଏମ୍ ଡି ସନାଉଲା, ଗୋକୁଳ ମେହେର, ଅଶୋକ ପଟେଲ, ସୁବାସ ଜେନା, ପ୍ରକାଶ ପ୍ରଧାନ, ଧର୍ମରାଜ୍ ମରେଇ, ପ୍ରଶାନ୍ତ ଥାପା, ଦେବାଶିଷ ପରିଡ଼ା, ପ୍ରଦୋଷ ମହାନ୍ତି, ଲକ୍ଷ୍ମୀ ପ୍ରସାଦ ମହାପାତ୍ର, ସୂର୍ଯ୍ୟକାନ୍ତ ପ୍ରଧାନ, ଶୁଭ୍ରାଂଶୁ ପାଢ଼ୀ, ଅନ୍ମୋଲ୍ ଦାସ, ପ୍ରଶାନ୍ତ ନାୟକ, ପ୍ରହ୍ଲାଦ ଗୁରୁ, ତପନ ମେହେର, ସୁକେଶ୍ ସିଂ, ବିକ୍ରମାଦିତ୍ୟ ପଣ୍ଡା, ରିଙ୍କୁ ମିଶ୍ର, ଓଁକାର ପ୍ରସାଦ ନାୟକ, ଏମ୍ ଡି ଇଶାକ, ପ୍ରବୀଣ ସୂପକାର, ଶୁଭେନ୍ଦୁ ସାହୁ, କିଶୋର ମୁଣ୍ଡା, ବିଜୁ ମହିଳା ଜନତା ଦଳର ସଂଯୁକ୍ତା ମେହେର, ସସ୍ମିତା ଦୀପ, ଲିଳୀମା ମଲ୍ଲିକ, ସ୍ୱେତା ନାୟକ, ବିଜୟନ୍ତି ପାଢ଼ୀ, ପାର୍ବତୀ ସାହା, ହସିନା ବେଗମ, ପୂଜା ଦେବୀ, ବେବି ବାରିକ, ବିଜୟଲକ୍ଷ୍ମୀ ଯାଦବ, ପୁଷ୍ପା ପଣ୍ଡା ପ୍ରମୁଖ ଉପସ୍ଥିତ ଥିଲେ।



### ୧୧ତମ ମାଲାଙ୍ଗଟୋଲି ରଜ ମହୋତ୍ସବ

# ଦୁଇ ଜିଲ୍ଲା ମିଶି ଗୋଟିଏ ସ୍ଥାନରେ ପାଳିଲେ ରଜ



**ନିଆରା ପରମ୍ପରା**

କୋଇଡ଼ା,୨୦।୬(ସମିସ): ଓଡ଼ିଶାର ପ୍ରସିଦ୍ଧ ଗଣପର୍ବ ରଜପର୍ବ ପୁର ଠୁଁ ସବୁଠି ରଜ ମଉଜର ଆସର ଜମିଥାଏ। ବର୍ତ୍ତମାନ ପରିସ୍ଥିତିରେ ବଡ଼ ବଡ଼ ସହରରେ ଦାମୀ ହୋଟେଲ କିମ୍ବା ରିସର୍ଟମାନଙ୍କରେ ମଧ୍ୟ ରଜପର୍ବ ପାଳନ ହେଉଥିବାବେଳେ ଗାଁରେ ମଧ୍ୟ ପିଠା ପଣା ଓ ଦୋଳି ଖେଳ ଆଦିରେ ରଜ ମଉଜ କରିଥାନ୍ତି । ହେଲେ ରଜ ଗଣପର୍ବ ପାଳନର ଏକ ନିଆରା ଦୃଶ୍ୟ ଦେଖିବାକୁ ମିଳେ ମାଲାଙ୍ଗଟୋଲି ରଜ ମହୋତ୍ସବ ଠାରେ। ଯେଉଁଠି ଦୁଇ ଜିଲ୍ଲାର ଲୋକ ଏକତ୍ରିତ ହୋଇ ୫ ଦିନ ଧରି ପାଳନ କରିଥାଆନ୍ତି ରଜ ମହୋତ୍ସବ। ଦୀର୍ଘ ୧୧ ବର୍ଷ ଧରି ସୁନ୍ଦରଗଡ ଓ କେନ୍ଦୁଝର ଜିଲ୍ଲାର କୋଇଡା, ବାଂଶପାଳ ଓ ଯୋଡା ତିନିଗୋଟି ବ୍ଲକ୍ ପକ୍ଷରୁ ଆୟୋଜିତ ହୋଇଆସୁଛି ମାଲାଙ୍ଗଟୋଲି ରଜ ମହୋତ୍ସବ। ବାବା ସ୍ୱପ୍ନେଶ୍ୱର ଭିଲେଜ୍ ଚାମ୍ପିଅନ୍ ଟ୍ରଷ୍ଟ ପକ୍ଷରୁ ଆୟୋଜିତ ଏହି ମହୋତ୍ସବଟି ଦୁଇ ଜିଲ୍ଲାର ଠିକ୍ ସୀମାନ୍ତ ମାଲାଙ୍ଗଟୋଲି ଠାରେ ଆୟୋଜିତ ହୋଇଥାଏ, ଯେଉଁଠି ହଜାର ହଜାର ସଂଖ୍ୟାରେ ଭିଡ ଜମି ବଡ଼ ବଡ଼ କାଠ ଦୋଳି ସହ ମୀନା ବଜାର, ସାଂସ୍କୃତିକ କାର୍ଯ୍ୟକ୍ରମ ସହ ଦୁଇ ଜିଲ୍ଲାର ମହିଳା ଓ ପୁରୁଷ ଗୋଷ୍ଠୀଙ୍କ ମଧ୍ୟରେ ବିଭିନ୍ନ ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଏ। ଏଥିସହ ଝିଅମାନଙ୍କ ପାଇଁ ନୃତ୍ୟ ଗାନ, ପରିଧାନ, ସାଜସଜ୍ଜା , ଝୋଟି , ରଙ୍ଗୋଲି ଆଦି ପ୍ରତିଯୋଗିତା କରାଯାଇ ପୁରସ୍କୃତ କରାଯାଇଥାଏ। ଚଳିତବର୍ଷ ରଜମହୋତ୍ସବ ଶେଷ ଦିବସରେ ମୁଖ୍ୟ ଅତିଥିଭାବେ ମୁଖ୍ୟମନ୍ତ୍ରୀଙ୍କ ପ୍ରତିନିଧି ଗଣେଶ୍ୱର ମହାନ୍ତ, ସମାଜସେବୀ କୁଶ ଆପଟ, ଜିଲ୍ଲା ପରିଷଦ ସଦସ୍ୟ କୋଇଡା ଅଶୋକ ନାଏକ, ଡ. ବାଦଲ ବାରିକ, ଦିବାକର ନାଏକ, ସରପଞ୍ଚ ଅବିନାଶ ସୁମନ ବାଗେ, କୋଇଡା ରେଞ୍ଜର ପ୍ରସନ୍ନ ପ୍ରଧାନ, ଟାଟାଷ୍ଟିଲ ଖଣି ପ୍ରବନ୍ଧକ ପଙ୍କଜ କୁମାର ପ୍ରମୁଖ ଯୋଗଦେଇ ଥିଲେ।

### ତୋଫାନ ବିନ୍ଧାଣୀ ହତ୍ୟା ଘଟଣା

# ୫ ଗିରଫ; ୭ ଫେରାର

ରାଉରକେଲା,୨୦।୬(ସମିସ)





ରାଉରକେଲାର ବହୁଚର୍ଚ୍ଚିତ ତୋଫାନ ବିନ୍ଧାଣୀ ହତ୍ୟାକାଣ୍ଡରେ ପୁଲିସ ଆଜି ୫ ଜଣଙ୍କୁ ଗିରଫ କରିଥିବାବେଳେ ୩ଜଣଙ୍କୁ କୋର୍ଟ ଚାଲାଣ କରିଛି । ତେବେ ଏହି ବର୍ବରୋଚିତ ହତ୍ୟାକାଣ୍ଡରେ ସମ୍ପୃକ୍ତ ଆହୁରି ୭ ଜଣ ଅଭିଯୁକ୍ତ ଏବେ ବି ଫେରର ହୋଇ ଯାଇଛନ୍ତି। ହତ୍ୟାକାଣ୍ଡର ମୁଖ୍ୟ ଆସାମୀ ସୁଶାନ୍ତ ନାୟକ ଓରଫ ଲଣ୍ଡା ବାବୁ(୩୦)କୁ ଆଜି ପୁଲିସ ଝିରପାଣି ଥାନା ଅଧୀନ ଝିରପାଣି ନଦୀଟୋଲାରେ ଏନ୍‌କାଉଣ୍ଟର କରିଛି । ତାର ଡାହାଣ ଗୋଡ଼ ଆଣ୍ଠୁରେ ଗୁଳି ବାଜିଛି । ସେହିପରି ତାର ଅନ୍ୟ ଜଣେ ସହଯୋଗୀ ଚିନୁ ହରିପ୍ପା (୨୩)କୁ ମଧ୍ୟ ଆଜି ପ୍ରତ୍ୟୁଷରେ ପୁଲିସ ଝିରପାଣି ନଦୀଟୋଲା ନିକଟରେ ଏନ୍‌କାଉଣ୍ଟର କରିଥିଲା। ତାର ମଧ୍ୟ ଆଣ୍ଠୁରେ ଗଳି ବାଜିଥିଲା। ଉଭୟଙ୍କୁ ରାଉରକେଲା ସରକାରୀ ଡାକ୍ତରଖାନାରେ ଚିକିତ୍ସା କରାଯାଉଛି। ତେବେ ହତ୍ୟାକାଣ୍ଡରେ ସମ୍ପୃକ୍ତ ଅନ୍ୟ ଅଭିଯୁକ୍ତ ରୋହିତ ମୁଖି (୩୨) ଓ ରୋହିତ ହରିପ୍ପା(୨୩)ଙ୍କୁ ଝିରପାଣି ଅଞ୍ଚଳରୁ ପୁଲିସ ଗିରଫ କରିଥିଲା । ଅନ୍ୟତମ ଗିରଫ ଅଭିଯୁକ୍ତ ଜନସନ୍ ନାଗ(୩୬)କୁ ପୁଲିସ ବେଦବ୍ୟାସ ଅଞ୍ଚଳରୁ ଗିରଫ କରିଥିଲା । ହତ୍ୟାକାଣ୍ଡର ମୁଖ୍ୟ ଅଭିଯୁକ୍ତ କାଳିଆ ନାମକ ଦୁର୍ବୃତ୍ତ ଫେରାର ରହିଛି । ସେ ଭୁଜାଲିରେ ତୋଫାନକୁ ଆକ୍ରମଣ କରିଥିଲା। ଗିରଫ ପରେ ସେ ଲୁଚାଇଥିବା ଭୁଜାଲିକୁ ଜବତ କରାଯିବ ବୋଲି ପୁଲିସ କହିଛି। ତେବେ ହତ୍ୟାକାଣ୍ଡର ପ୍ରକୃତ କାରଣ ଏବେ ବି ଅସ୍ପଷ୍ଟ ରହିଛି । ନାରାୟଣ ପଲ୍ଲୀରେ ଅଭିଯୁକ୍ତମାନେ ଏକତ୍ରୀତ ହୋଇ ମେଳି କରିବା, ମଦ, ଗଞ୍ଜେଇ ତଥା ବ୍ରାଉନସୁଗର ପରି ନିଶା ବ୍ୟବହାର କରିବା ଏବଂ ବସ୍ତିର ଝିଅ, ବୋହୂଙ୍କ ଅଶାଳୀନ ମନ୍ତବ୍ୟ ଦେବା ଘଟଣାକୁ ବିରୋଧ କରିବାରୁ ସୁଶାନ୍ତ ନାଏକ ଓରଫ ଲଣ୍ଡା, ଚିନୁ ହରିପ୍ପା, ରୋହିତ ମୁଖି, ରୋହିତ ହରିପ୍ପା, କାଳିଆ ନାୟକ, ଛୋଟୁ ନାୟକଙ୍କ ସମେତ ୧୨ ଜଣ ମିଶି ତୋଫାନକୁ ସଂଘବଦ୍ଧ ଆକ୍ରମଣ କରିଥିଲେ। ଯାହାଫଳରେ ତୋଫାନଙ୍କର ମୃତ୍ୟୁ ହୋଇଥିଲା ବୋଲି ତାଙ୍କ ପରିବାର ପକ୍ଷରୁ ଅଭିଯୋଗ କରାଯାଇଥିଲା ବେଳେ ପୁଲିସ ତରଫରୁ ଏହାକୁ ଅସ୍ୱୀକାର କରାଯାଇଛି । ପୂର୍ବରୁ ବସ୍ତି ମଧ୍ୟରେ ଘଟିଥିବା ଛୋଟ ଛୋଟ ଘଟଣାକୁ ନେଇ ଦୁଇ ଗୋଷ୍ଠୀଙ୍କ ମଧ୍ୟରେ ଶତ୍ରୁତା ରହିଥିଲା। ପୂର୍ବ ଶତ୍ରୁତାକୁ କେନ୍ଦ୍ରକରି ତୋଫାନକୁ ହତ୍ୟା କରାଯାଇଛି ବୋଲି ପ୍ରାରମ୍ଭିକ ତଦନ୍ତରୁ ସୂଚନା ମିଳିଛି । ତେବେ ଏଠାରେ ପ୍ରଶ୍ନ ଉଠିଛି ଯେ ଏପରି କ'ଣ ଏମିତି ପୂର୍ବ ଶତ୍ରୁତା ରହିଥିଲା ଯେ ତୋଫାନ ବିନ୍ଧାଣୀଙ୍କୁ ଏପରି ବର୍ବରୋଚିତ ଭାବେ ହତ୍ୟା କରାଗଲା। ଏହାର ପ୍ରକୃତ କାରଣ ଲୋକଲୋଚନକୁ ଆସିବା ଉଚିତ ବୋଲି ମତ ପ୍ରକାଶ ପାଇଛି । ଉଲ୍ଲେଖଯୋଗ୍ୟ ଯେ ହତ୍ୟାକାରୀମାନଙ୍କୁ ଗିରଫ କରିବା ପାଇଁ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ୪ଟି ପୁଲିସ ଟିମ୍ ଗଠିତ ହୋଇଥିଲା। ଯାହାର ନେତୃତ୍ୱ ଜୋନ୍ ୧-ଏସ୍‌ଡିପିଓ ମନୋରଞ୍ଜନ ପ୍ରଧାନ ନେଇଥିଲେ । ସେପଟ ଆଜିର ଏନ୍‌କାଉଣ୍ଟର ପରେ ଗୋଲଘର, ରାମେଶ୍ୱରପାଲି ଏବଂ ନାରାୟଣପାଲ୍ଲୀରେ ଚାପା ଉତ୍ତେଜନା ଦେଖାଦେଇଛି । ଏହାପରେ ପରିସ୍ଥିତି ଆହୁରି ଉଗ୍ର ରୂପ ଧାରଣ କରିବାର ଆଶଙ୍କା ଦେଖାଦେଇଛି । ଉକ୍ତ ତିନିଟି ବସ୍ତିର ଲୋକମାନେ ଭୟ ଏବଂ ଆତଙ୍କରେ ରହିଥିବା ଦେଖିବାକୁ ମିଳିଛି ।

- **ହତ୍ୟାକାଣ୍ଡରେ ବ୍ୟବହୃତ ଭୁଜାଲି ଏବେ ବି ହୋଇନି ଜବତ**
- **ହତ୍ୟା କରିଥିଲେ ଦୁଇ; ସହାୟତା କରିଥିଲେ ୧୦ ଜଣ**




### ନବମ ସର୍ବଭାରତୀୟ ଆଦିବାସୀ ନାଟକ ଓ ନୃତ୍ୟ ମହୋତ୍ସବ

# ନାଟକ 'ମୋବାଇଲ ଯୁଗ' ଓ 'ଉଲଗୁଲାନ' ମଞ୍ଚସ୍ଥ



ରାଉରକେଲା, ୨୦।୬(ସମିସ): ସ୍ଥାନୀୟ ସିଭିକ ସେଣ୍ଟର ଠାରେ 'ସ୍ପନ୍ଦନ' ପକ୍ଷରୁ ଆୟୋଜିତ ନବମ ସର୍ବଭାରତୀୟ ଆଦିବାସୀ ନାଟକ ଓ ନୃତ୍ୟ ମହୋତ୍ସବର ଦ୍ୱିତୀୟ ସନ୍ଧ୍ୟାରେ ହୋ ଭାଷାର ଦୁଇଟି ନାଟକ ମଞ୍ଚସ୍ଥ ହୋଇଥିଲା। ପ୍ରଥମେ କ୍ରେଫଡା ଯଶିପୁରର କଳାକାରମାନେ ମଞ୍ଚସ୍ଥ କରିଥିଲେ ହୋ ଭାଷାର ନାଟକ 'ମୋବାଇଲ ଯୁଗ'। ବିଜୟ ହୋନାଗାଙ୍କ ରଚିତ ଏବଂ ମେଘରାଏ ସୋରେନଙ୍କ ନିର୍ଦ୍ଦେଶିତ ନାଟକଟି ସମ୍ପ୍ରତି ଯୁବପିଢ଼ିଙ୍କ ଦ୍ୱାରା ମୋବାଇଲର ଅପବ୍ୟବହାର କରାଯାଉଥିବା ଉପରେ ପ୍ରସ୍ତୁତ ହୋଇଥିଲା। ମୋବାଇଲ ମାଧ୍ୟମରେ ପରସ୍ପରମଧ୍ୟରେ ସମ୍ପର୍କ ସ୍ଥାପନକରି ଯୁବକ ଯୁବତୀମାନେ ପ୍ରେମ ବିବାହ ଫାସରେ ବାନ୍ଧି ହୋଇ କିପରି ନିଜର ଜୀବନକୁ ସନ୍ତୁଳିତ କରନ୍ତି ତାହା ଦର୍ଶାଇବା ସହିତ ସମାଜରେ ଏହାର ଅପବ୍ୟବହାର ଦ୍ୱାରା କିପରି ପରକିୟା ପ୍ରୀତିରେ ପଡ଼ି ଯୁବ ଗୋଷ୍ଠୀ ନିଜ ସମ୍ପ୍ରଦାୟକୁ ଛାଡି ଭିନ୍ନ ସମ୍ପ୍ରଦାୟର ପିଲାକୁ ଜୀବନ ସାଥୀ କରି ପିତାମାତା ତଥା ଶାଶୁ ଶ୍ୱଶୁରଙ୍କ ମନରେ କଷ୍ଟ ଦେଇଥାନ୍ତି, ତାର ଏକ ନିଖୁଣ ରୂପ ଏହି ନାଟକ ଜରିଆରେ ପ୍ରତିଫଳିତ ହୋଇଥିଲା। ଏହି ସନ୍ଧ୍ୟାର ଦ୍ୱିତୀୟ ନାଟକ 'ଉଲଗୁଲାନ' ହୋ ଭାଷାରେ ମଞ୍ଚସ୍ଥ କରିଥିଲେ ଝାଡଖଣ୍ଡର ଜାମସେଦପୁର ଅଖରା କୋଲହାନ କଳା କେନ୍ଦ୍ର, ଚାଇଁବାସାର କଳାକାରମାନେ। ଉଷା ମିଶ୍ରଙ୍କ ନିର୍ଦ୍ଦେଶିତ ଏହି ନାଟକଟି ସ୍ୱାଧୀନତା ସଂଗ୍ରାମୀ ବିର୍ସାମୁଣ୍ଡାଙ୍କ ସଂଘର୍ଷମୟ ଜୀବନୀ ତଥା ବିଚାରଧାରା ଉପରେ ପର୍ଯ୍ୟବେକ୍ଷିତ ଥିଲା। ମାତ୍ର ୨୫ ବର୍ଷ ବୟସରେ ବିର୍ସାମୁଣ୍ଡା ଯେଉଁ ଐତିହାସିକ ପରିବର୍ତ୍ତନ ଆଣିଥିଲେ, ଇଂରେଜମାନଙ୍କ ବିରୁଦ୍ଧରେ ଗରିଲା ଆକ୍ରମଣ କରି ପ୍ରଭାବ ବିସ୍ତାର କରିଥିଲେ ତାର ସୁନ୍ଦର ଆଲେଖ୍ୟ ହୋଇଥିଲା ଏହି ନାଟକରେ। ପାୟଲ ଓ ଖୁରସିଦ ଆଲାମ ଆଲୋକ ସମ୍ପାତ ଏବଂ ଉଷା ଓ ଶଶୀ ସଂଗୀତା ସଂଯୋଜନା କରିଥିଲେ। ଏହି କାର୍ଯ୍ୟକ୍ରମକୁ ଝିଲିମା ମହାନ୍ତି, କ୍ଷୀରୋଦ କୁମାର ବାଡ଼ତ୍ୟା, ଶିଶିର ମୁଦାଲି, ରମେଶ ଚନ୍ଦ୍ର ଗୌଡ଼, ମିହିର ପରିଜା, ଅମୂଲ୍ୟ ବେହେରା, ସୁଦୀଶ ମିଶ୍ର ପ୍ରମୁଖ ପରିଚାଳନା କରିଥିଲେ।



## ଭିନ୍ନକ୍ଷମ ନାବାଳିକାକୁ ଗର୍ଭବତୀ କରିବା ମାମଲା; ଅଭିଯୁକ୍ତ କୋର୍ଟ ଚାଲାଣ

ଲହୁଣୀପଡ଼ା,୨୦।୬(ସମିସ): ଲହୁଣୀପଡ଼ା ଥାନା ଅଧୀନରେ ଜଣେ ଭିନ୍ନକ୍ଷମ ନାବାଳିକାଙ୍କୁ ଗର୍ଭବତୀ କରାଯାଇଥିବା ଏକ ଲଜ୍ଜାଜନକ ଘଟଣା ସାମ୍ନାକୁ ଆସିଛି। ଅଭିଯୋଗ ଅନୁସାରେ, ପଡ଼ୋଶୀ ଜଣେ ବିବାହିତ ଯୁବକ ପ୍ରଲୋଭନ ଦେଖାଇ ନାବାଳିକାଙ୍କ ସହ ଶାରୀରିକ ସମ୍ପର୍କ ରଖି ତାଙ୍କୁ ଗର୍ଭବତୀ କରିଥିବା ଜଣାପଡ଼ିଛି। ଏହି ଘଟଣାରେ ଅଭିଯୁକ୍ତ ହେଲେ କେବଲାଙ୍ଗ ଥାନା ଅଧୀନ କୁଞ୍ଜପାଣୀ ଗ୍ରାମର ହେରମାନ ମୁଣ୍ଡା (୩୮)। ସୂଚନାଅନୁଯାୟୀ, ଗତ ୧୫ ତାରିଖରେ ଶିଶୁ କଲ୍ୟାଣ କମିଟିର ଅଧିକାରୀମାନେ କୌଣସି ସୂତ୍ରରୁ ଖବର ପାଇ ଭିନ୍ନକ୍ଷମ ନାବାଳିକା ଗର୍ଭବତୀ ଥିବା ଜାଣିବାକୁ ପାଇଥିଲେ। ପରେ ନାବାଳିକାଙ୍କୁ ଉଦ୍ଧାର କରି ସୁନ୍ଦରଗଡ଼କୁ ନେଇ ଏକ ଲିଖିତ ଅଭିଯୋଗ ଦାଖଲ କରାଯାଇଥିଲା। ଅଭିଯୋଗକୁ ଆଧାର କରି ଲହୁଣୀପଡ଼ା ପୁଲିସ ଚଢ଼ଉ କରି ଅଭିଯୁକ୍ତ ହେରମାନ ମୁଣ୍ଡାଙ୍କୁ ଅଟକ ରଖି ପଚରାଉଚରା କରିଥିଲା। ପଚରାଉଚରା ବେଳେ ଅଭିଯୁକ୍ତ ଘଟଣା ସମ୍ପର୍କରେ ସତ୍ୟ ସ୍ୱୀକାର କରିଥିବା ସୂଚନା ମିଳିଛି। ପୁଲିସ ପକ୍ଷରୁ ଅଭିଯୁକ୍ତଙ୍କର ଡାକ୍ତରୀ ପରୀକ୍ଷା କରାଯାଇଥିବାବେଳେ ସୁନ୍ଦରଗଡ଼ରେ ନାବାଳିକାଙ୍କ ଅଭିଭାବିକାଙ୍କ ବୟାନ ମଧ୍ୟ ରେକର୍ଡ କରାଯାଇଛି। ତେବେ ଘଟଣାକୁ ଚାରି ଦିନ ବିତିଯାଇଥିଲେ ମଧ୍ୟ ଏପର୍ଯ୍ୟନ୍ତ ଅଭିଯୁକ୍ତଙ୍କୁ କୋର୍ଟ ଚାଲାଣ କରାଯାଇ ନ ଥିବାରୁ ସ୍ଥାନୀୟ ଅଞ୍ଚଳରେ ଅସନ୍ତୋଷ ପ୍ରକାଶ ପାଇଛି।

## ୯ କେଜି ଗଞ୍ଜେଇ ଜବତ; ୨ ଗିରଫ



ରାଉରକେଲା,୨୦।୬(ସମିସ): ସ୍ଥାନୀୟ ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଇଦଗାହ ପଡ଼ିଆ ନିକଟରୁ ପାଟ୍ରୋଲିଂ ପୁଲିସ ୨ ଜଣ ସନ୍ଦିଗ୍ଧ ଯୁବକଙ୍କୁ ଗିରଫ କରିବା ସହ ସେମାନଙ୍କ ନିକଟରୁ ୯ କେଜି ଗଞ୍ଜେଇ ଜବତ କରିଛି। ଗିରଫ ଯୁବକ ଦ୍ୱୟ ହେଉଛନ୍ତି ପ୍ଲାଣ୍ଟସାଇଟ୍ ଥାନା ଅଧୀନ ଜନତା ନିବାସ ଗଳିର ଲକ୍ଷ୍ମଣ କୁମାର ଭୋଇ(୪୯) ଏବଂ ସେହି ଗଳିର ସରସ୍ୱତୀ ନାୟକ (୪୫)। ଅଭିଯୁକ୍ତ ଲକ୍ଷ୍ମଣ କୁମାର ଭୋଇ ଏବଂ ସରସ୍ୱତୀ ନାଏକ ଏକ ବାଇକ୍‌ରେ ଗଞ୍ଜେଇ ଚାଲାଣ କରୁଥିବା ନେଇ ସୂଚନା ପାଇ ଏସ୍‌ପି ନିତେଶ ୱାଧୱାନୀଙ୍କ ନିର୍ଦ୍ଦେଶ କ୍ରମେ ପୁଲିସର ରାତ୍ରୀକାଳିନ ପାଟ୍ରୋଲିଂ ଟିମ୍ ଚଢ଼ଉ କରିଥିଲା। ଜବତ ଗଞ୍ଜେଇର ମୂଲ୍ୟ ଲକ୍ଷାଧିକ ଟଙ୍କା ହେବବୋଲି ସୂଚନା ମିଳିଛି।

# ଡିକାର୍ବନାଇଜେସନ୍ ଅଭିଯାନକୁ ସୁଦୃଢ଼ କରିବା ପାଇଁ ଅଙ୍ଗାରକାମ୍ଳ ଡାସ୍‌ବୋର୍ଡ

ରାଉରକେଲା,୨୦।୬(ସମିସ): ସ୍ଥାୟୀ ଇସ୍ପାତ ନିର୍ମାଣ ଓ ଡିଜିଟାଲ୍ ପରିବେଶ ପରିଚାଳନା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ନେଇ ରାଉରକେଲା ଇସ୍ପାତ କାରଖାନାର ଅଙ୍ଗାରକାମ୍ଳ ଡାସବୋର୍ଡ ଶୁଭାରମ୍ଭ ହୋଇଛି। ଯାହା ଶତ ପ୍ରତିଶତ ଇଆରପି-ସାପ୍ ଆଧାରିତ ତଥ୍ୟ ଏକୀକରଣ ସହିତ ଏକ ଅନନ୍ୟ ଡିଜିଟାଲ ପ୍ଲାଟଫର୍ମ। ଇସ୍ପାତ ନିର୍ମାଣ ମୂଲ୍ୟ ଶୃଙ୍ଖଳାରେ ସମଗ୍ର କାର୍ବନ ନିର୍ଗମନକୁ ନୀରିକ୍ଷଣ ଓ ପରିଚାଳନା ଲକ୍ଷ୍ୟରେ ବିକଶିତ ଏହି ଡାସବୋର୍ଡକୁ ଆର୍‌ଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଅଲୋକ ବର୍ମା ଜୁନ୍ ୧୭ ତାରିଖରେ ମନ୍ଥନ ସମ୍ମେଳନ କକ୍ଷରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ବିଧିବଦ୍ଧ ଭାବେ ଗୋ-ଲାଇଭ୍ କରିଥିଲେ। ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ଇଏମଡି) ଦେବବ୍ରତ ଦତ୍ତ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ, ସିଜିଏମ୍ ରାଜେଶ ଦାସଗୁପ୍ତଙ୍କ ସହିତ କାରଖାନାର ଅନେକ ସିଜିଏମ୍ ଓ ଏଚ୍‌ଓଡି, ଇଏମ୍‌ଡି କୋଲକାତାର ବରିଷ୍ଠ ଅଧିକାରୀ ଏବଂ ବେଙ୍ଗାଲୁରୁର ମେସର୍ସ ସେନ୍ଥା ୱାର୍ଲ୍ଡର ଅଧିକାରୀମାନେ ଉପସ୍ଥିତ ଥିଲେ। ଉପସ୍ଥିତ ସମସ୍ତଙ୍କୁ ସମ୍ବୋଧିତ କରି ଅଲୋକ ବର୍ମା, ସ୍ଥାୟୀତ୍ୱ ଲକ୍ଷ୍ୟ ହାସଲ କରିବାରେ ଡିଜିଟାଲ ଉପକରଣଗୁଡ଼ିକର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ସେ କହିଥିଲେ ଯେ ଏହି ଡାସବୋର୍ଡ ପରିବେଶ କାର୍ଯ୍ୟଦକ୍ଷତାକୁ ବୃଦ୍ଧି କରିବାରେ ଏବଂ ଆର୍‌ଏସ୍‌ପିର ଲୋ-କାର୍ବନ ଇସ୍ପାତ ଉତ୍ପାଦନ ଆଡ଼କୁ ଯାତ୍ରାକୁ ମାର୍ଗଦର୍ଶନ କରିବାରେ ଏକ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିବ। ଦେବବ୍ରତ ଦତ୍ତ ଡାସବୋର୍ଡର ମୁଖ୍ୟ ବିଶେଷତାଗୁଡ଼ିକ ବିଷୟରେ ବୁଝାଇଥିଲେ। ତରୁଣ ମିଶ୍ର ଏହି ପ୍ରୟାସର ପ୍ରଶଂସା କରି କହିଥିଲେ ଯେ ପ୍ରତ୍ୟେକ ବରିଷ୍ଠ ଅଧିକାରୀ ନିର୍ଗମନ ଉପରେ ଦୃଷ୍ଟି ରଖିବା ଉଚିତ। ଶ୍ରୀ ପାଲେଇ ତାଙ୍କ ସମ୍ବୋଧନରେ ଦକ୍ଷତା ବୃଦ୍ଧି ପାଇଁ ଅନଲାଇନ ନୀରିକ୍ଷଣର ଆବଶ୍ୟକତା ବିଷୟରେ କହିଥିଲେ, ଅପରପକ୍ଷେ ଶ୍ରୀ ପାଲ ଚୌଧୁରୀ ସଠିକତା ସୁନିଶ୍ଚିତ କରିବା ଏବଂ ରଣନୀତି ନିର୍ମାଣ ପାଇଁ ଡିଜିଟାଲାଇଜେସନର ମହତ୍ତ୍ୱ ଉପରେ ଗୁରୁତ୍ୱ ଦେଇଥିଲେ। ଏହି ଡାସବୋର୍ଡକୁ ବେଙ୍ଗାଲୁରୁର ମେସର୍ସ ସେନ୍ଥା ୱାର୍ଲ୍ଡ, ଆରଏସପିର ପ୍ରାଦ୍ୟୋଗିକ ଦଳ ସହିତ ମିଶି, ୮୫ ଦିନର ଏକ ରେକର୍ଡ ସମୟରେ ବିକଶିତ କରିଥିଲେ। ଏହି ଦଳରେ ଭିଭିଆର୍. ମୂର୍ତ୍ତି, ଏସ୍. ନାରାୟଣ ରାଓ, ମୟଙ୍କ କୁମାର ସିଂ, , ଅମୂଲ୍ୟ ନାୟକ, ପ୍ରୀତି ପଦ୍ମା ଦାସ, ହିମାଂଶୁ ମିଶ୍ର, ସିନିୟର ମ୍ୟାନେଜର ଉପସ୍ଥିତ ଥିଲେ। ଭି.ଭି.ଆର୍. ମୂର୍ତ୍ତି ଉପସ୍ଥିତ ସମସ୍ତଙ୍କୁ ଡାସବୋର୍ଡର ବିକାଶ ବିଷୟରେ ସୂଚନା ଦେଇଥିଲେ। କେ.କେ ସେନଗୁପ୍ତ ଧନ୍ୟବାଦ ଜ୍ଞାପନ କରିଥିଲେ।

## ବ୍ଲକ୍‌ସ୍ତରୀୟ ଜୈବିକ କୃଷି କର୍ମଶାଳା

ଲହୁଣୀପଡ଼ା,୨୦।୬(ସମିସ): ଲହୁଣୀପଡ଼ା ବ୍ଲକ୍ କୃଷି ବିଭାଗ ସଭାଗୃହରେ ବିଭାଗ ତରଫରୁ ଜୈବିକ କୃଷି କର୍ମଶାଳା ଶନିବାର ଅନୁଷ୍ଠିତ ହୋଇଯାଇଛି। ବ୍ଲକ୍ କୃଷି ଅଧିକାରୀ କରୁଣାକାନ୍ତି ଟେଟେଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ କେଭିକେ ବୈଜ୍ଞାନିକ ସମରେନ୍ଦ୍ର ବରାଳ ସମ୍ମାନିତ ଅତିଥିଭାବେ କୃଷକ ମୋର୍ଚ୍ଚା ସଭାପତି ଅନିଲ ମାହାନ୍ତ, ଏଫ୍‌ଆଇଏସି ଚେୟାରମ୍ୟାନ୍ ନମିତା ମାହାନ୍ତ, ଅତିରିକ୍ତ କୃଷି ଅଧିକାରୀ, ଅତିରିକ୍ତ ହର୍ଟିକଲ୍‌ଚର ଅଧିକାରୀ ରୋଜାଲିନ ଏସ୍ ଡୁଙ୍ଗଡୁଙ୍ଗ ମଞ୍ଚାସୀନ ରହିଥିବାବେଳେ ଅତିରିକ୍ତ କୃଷି ଅଧିକାରୀ ଖୁଟୁଗାଁ ସରୋଜା ନାୟକ ମଞ୍ଚ ପରିଚାଳନାରେ ଜୈବିକ କୃଷି କର୍ମଶାଳା ଅନୁଷ୍ଠିତ ହୋଇଥିଲା। ଏଟିଏମ ରାଜ କିଶୋର ମାହାନ୍ତ ଧନ୍ୟବାଦ ଅର୍ପଣ କରିଥିଲେ। ଲହୁଣୀପଡ଼ା କୃଷି ବିଭାଗର ସମସ୍ତ କର୍ମଚାରୀଙ୍କ ତତ୍ତ୍ୱବଧାନରେ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ



ରାଉରକେଲା,୨୦।୬(ସମିସ): ରାଉରକେଲା ଇସ୍ପାତ କାରଖାନାର ରାଜଭାଷା କାର୍ଯ୍ୟାନ୍ୱୟନ ସମିତି ବୈଠକ ଅନୁଷ୍ଠିତ ହୋଇଯାଇଛି। ଆରଏସ୍‌ପିର ଭାରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଏହି ବୈଠକରେ ସଭାପତିତ୍ୱ କରି କହିଲେ ଦୈନନ୍ଦିନ ସରକାରୀ କାର୍ଯ୍ୟ, ଦସ୍ତାବିଜ୍ ଏବଂ ଯୋଗାଯୋଗରେ ରାଜଭାଷାର ପ୍ରୟୋଗ କରାଯିବା ଉଚିତ୍ ବୋଲି କହିଥିଲେ। ଅଧିକରୁ ଅଧିକ ସରକାରୀ ଯୋଗାଯୋଗରେ ରାଜଭାଷାର ବ୍ୟବହାର ବୃଦ୍ଧି କରିବା ନେଇ ଉପସ୍ଥିତ ଅନ୍ୟ ନିର୍ବାହୀ ନିର୍ଦ୍ଦେଶକମାନେ ପରାମର୍ଶ ଦେଇଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ (ମାନବ ସମ୍ବଳ) ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ଏବଂ ମୁଖ୍ୟ ମହାପ୍ରବନ୍ଧକ (ବିତ୍ତ ଓ ଲେଖା) ରାଜେଶ ଦାସଗୁପ୍ତା ଉପସ୍ଥିତ ଥିଲେ। ଏହି ବୈଠକରେ କାରଖାନାର ଅନେକ ମୁଖ୍ୟ ମହାପ୍ରବନ୍ଧକ ଏବଂ ବିଭାଗୀୟମୁଖ୍ୟମାନେ ଯୋଗଦେଇଥିଲେ। ଏହି ଅଧିବେଶନରେ ରାଜଭାଷା ବିଭାଗର କାର୍ଯ୍ୟକଳାପ ଉପରେ ସହକାରୀ ମହାପ୍ରବନ୍ଧକ ଲୋଲାଟି ଟପ୍ପୋ ଏକ ସଂକ୍ଷିପ୍ତ ଆଲେଖ୍ୟ ଉପସ୍ଥାପନା କରିଥିଲା ବେଳେ ମହାପ୍ରବନ୍ଧକ ତଥା ସଂଚାର ମୁଖ୍ୟ ଏବଂ ରାଜଭାଷା କାର୍ଯ୍ୟାନ୍ୱୟନ ସମିତିର ସଦସ୍ୟ ସଚିବ ଅର୍ଚ୍ଚନା ଶତପଥୀ ରାଜଭାଷା କାର୍ଯ୍ୟାନ୍ୱୟନ ସମ୍ପର୍କିତ ବିଭିନ୍ନ ଯାଞ୍ଚ୍ ବିନ୍ଦୁ ଗୁଡ଼ିକ ବିଷୟରେ ଆଲୋକପାତ କରିଥିଲେ।

# ଇନ୍‌ହାଉସ୍ ପ୍ରୋକ୍ୟୁରମେଣ୍ଟ ଅଟୋମେସନ୍ ଆପ୍ଲିକେସନ୍ ଆରମ୍ଭ

ରାଉରକେଲା,୨୦।୬(ସମିସ)

ଡିଜିଟାଲ୍ ରୂପାନ୍ତରଣ ଏବଂ ପ୍ରକ୍ରିୟା ଉତ୍କର୍ଷତା ଦିଗରେ ଏକ ଗୁରୁତ୍ୱପୂର୍ଣ୍ଣ ପଦକ୍ଷେପ ସ୍ୱରୂପ ରାଉରକେଲା ଇସ୍ପାତ କାରଖାନାର ସାମଗ୍ରୀ ପରିଚାଳନା ବିଭାଗ ଏକ ଇନ୍‌ହାଉସ୍ ବିକଶିତ କ୍ରୟ ଅଟୋମେସନ୍ ଆପ୍ଲିକେସନ୍ 'ଜିଇଏ୍‌ଆଇଇ' (ଜିଇଏମ୍ ଏନ୍‌ହାନ୍ସଡ୍ ନେଟୱାର୍କ ଇଣ୍ଟେଲିଜେନ୍ସ ଇଞ୍ଜିନ୍) ଶୁଭାରମ୍ଭ କରିଛି। ଆର୍‌ଏସ୍‌ପି ଡିଆଇସି ସଚିବାଳୟର ମନ୍ଥନ ସମ୍ମିଳନୀ ହଲରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଏହି ଆପ୍ଲିକେସନ୍‌କୁ କାରଖାନାର ଭରପ୍ରାପ୍ତ ନିର୍ଦ୍ଦେଶକ ଆଲୋକ ବର୍ମା ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ନିର୍ବାହୀ ନିର୍ଦ୍ଦେଶକ ତରୁଣ ମିଶ୍ର, ନିର୍ବାହୀ ନିର୍ଦ୍ଦେଶକ (କାର୍ଯ୍ୟ) ବିଶ୍ୱରଞ୍ଜନ ପଲାଇ, ନିର୍ବାହୀ ନିର୍ଦ୍ଦେଶକ (ସାମଗ୍ରୀ ପରିଚାଳନା) ଅନିଲ କୁମାର, ନିର୍ବାହୀ ନିର୍ଦ୍ଦେଶକ (ପ୍ରକଳ୍ପ) ସୁଦୀପ ପାଲ ଚୌଧୁରୀ ଏବଂ କାରଖାନାର ଅନେକ ସିଜିଏମ ଏବଂ ଏଚଓଡି ଉପସ୍ଥିତ ଥିଲେ। ଉଲ୍ଲେଖନୀୟ ଯେ, ଏହି ଆପ୍ଲିକେସନ୍ ସମ୍ପୂର୍ଣ୍ଣ ଭାବରେ ଶୂନ୍ୟ ଲାଇସେନ୍ସିଂ ମୂଲ୍ୟରେ ଏଜିଏମ, ଏମ୍‌ଏମ୍-ପରଚେଜ୍ ବିପିନ୍ ନାରାୟଣଙ୍କ ଦ୍ୱାରା ବିକଶିତ କରାଯାଇଛି। ସରକାରୀ ଇ-ମାର୍କେଟପ୍ଲେସ୍ (ଜିଇଏମ୍) ପ୍ଲାଟଫର୍ମରେ ଆଦ୍ୟରୁ ଶେଷ ପର୍ଯ୍ୟନ୍ତ କ୍ରୟ ପ୍ରକ୍ରିୟାକୁ ସୁଗମ କରିବା ପାଇଁ 'ଜିଇଏନ୍‌ଆଇଇ' ଡିଜାଇନ୍ କରାଯାଇଛି। ଏହି ଆପ୍ଲିକେସନ୍ କ୍ରୟ ଦାବି ପ୍ରକ୍ରିୟାକରଣ ଠାରୁ ଆରମ୍ଭ କରି ଚୁକ୍ତିନାମା ଯାଞ୍ଚ ପର୍ଯ୍ୟନ୍ତ ପ୍ରମୁଖ କାର୍ଯ୍ୟକଳାପକୁ ସ୍ୱୟଂଚାଳିତ କରିଥାଏ, ଯାହା ଦ୍ୱାରା ମାନୁଆଲ୍ ପ୍ରୟାସକୁ ଉଲ୍ଲେଖନୀୟ ଭାବରେ ହ୍ରାସ କରିଥାଏ, କାର୍ଯ୍ୟ ଦକ୍ଷତା ଉନ୍ନତ କରିଥାଏ ଏବଂ କ୍ରୟ ଅଧିକାରୀମାନଙ୍କ ପାଇଁ କ୍ରୟକାର୍ଯ୍ୟ ଅବଧିକୁ ତ୍ୱରାନ୍ୱିତ କରିଥାଏ। ଉଦ୍‌ଘାଟନ ପରେ, ବିଭାଗର ସମସ୍ତ କ୍ରୟ ଅଧିକାରୀମାନଙ୍କୁ ଏହି ଆପ୍ଲିକେସନ୍ ସହିତ ପରିଚିତ କରାଇବା ଏବଂ ଦୈନନ୍ଦିନ କ୍ରୟ କାର୍ଯ୍ୟରେ ଏହାର ପ୍ରଭାବଶାଳୀ କାର୍ଯ୍ୟାନ୍ୱୟନକୁ ସହଜ କରିବା ପାଇଁ ଏକ ପ୍ରଦର୍ଶନ ଏବଂ ତାଲିମ ଅଧିବେଶନର ଆୟୋଜନ କରାଯାଇଥିଲା। ଅନିଲ କୁମାର ତାଲିମ ଅଧିବେଶନରେ ଅଧ୍ୟକ୍ଷତା କରିଥିଲେ।

